ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ମାସିକ ଓଡ଼ିଆ ସାହିତ୍ୟ ଇ-ପତ୍ରିକା

ଶତକ ସଂସ୍କରଣ

# ଆହ୍ୱାନ

କଥା ଓ କାହାଣୀ

ପଦ୍ୟ ଓ କବିତା

ହାସ୍ୟ ଓ ବ୍ୟଙ୍ଗ

ଇତିହାସ ଓ ପ୍ରବଂଧ

ଅନୁବାଦ ସାହିତ୍ୟ

ସମ୍ବଲପୁରୀ ଲେଖା

ଶିଶୁ କଥା

ଏବଂ

ଆହୁରି ଅନେକ



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା ଓ ସଂପାଦକ, ଆହ୍ୱାନ ଇ-ପତ୍ରିକା

Download Magazine from www.aahwaan.com

ଆହ୍ୱାନ ଶତକ ସଂସ୍କରଣ

# ଆହ୍ୱାନ

ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆ ମାସିକ ସାହିତ୍ୟ ଇ-ପତ୍ରିକା



ଆସ ଓଡ଼ିଆରେ ଲେଖିବା, ପଢ଼ିବା ଓ ପଢ଼ାଇବା

ପ୍ରତିଷ୍ଠାତା - ସମ୍ପାଦକ

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଏମ୍.ବି.ବି.ଏସ୍., ପି.ଜି.ଡି.ଏମ୍.ସି.ଏଚ୍., ପି.ଜି.ଡି.ଏଚ୍.ଏମ୍


ବୀମା ନଗର, ଦ୍ୱିତୀୟ ଗଳି, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଭ୍ରାମ୍ୟଭାଷ / ହ୍ୱାଟ୍ସଆପ୍ : ୭୦୦୮୫୬୭୦୮୫ | ଇମେଲ୍ : aahwaan@gmail.com

Download Magazine from www.aahwaan.com

'ଆହ୍ୱାନ' ଇ-ପତ୍ରିକାରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖା ଗୁଡ଼ିକ ହିଁ ଲେଖାର ମାନ ଏବଂ ଭାଷା ତଥା ଉପାଦେୟତା ଆଧାରରେ ଚୟନ କରାଯାଇଥାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ । ଲେଖାରେ ଦିଆଯାଇଥିବା ସମସ୍ତ ତଥ୍ୟ ଏବଂ ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତି ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ପ୍ରତ୍ୟେକ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବାପରେ ହିଁ ପ୍ରକାଶନ ହେତୁ ନିର୍ବାଚନ କରାଯାଇଥାଏ । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଅପରାଧ ବୋଲି ଧରିନିଆଯିବ । ପ୍ରତ୍ୟେକ ଲେଖା ଉପରେ ସମ୍ପୂର୍ଣ୍ଣ ଅଧିକାର ଲେଖକଙ୍କର ରହିବ, ସେ ଚାହିଁଲେ ତାହାକୁ ଫେସବୁକ ଏବଂ ଟ୍ୱିଟର ଆଦି ଗଣମାଧ୍ୟମରେ କିମ୍ବା ଅନ୍ୟ ମାଧ୍ୟମରେ ପ୍ରକାଶିତ କରିପାରିବେ ।




**ଆହ୍ୱାନର ଶତକ ସଂସ୍କରଣ ଆପଣଙ୍କୁ ଉପହାର ଦେଉଥିବା ସମୟରେ ପବିତ୍ର ରଥଯାତ୍ରାର ସମୟ, ବର୍ଷାସ୍ନାତ ଧରିତ୍ରୀରେ ନୂତନ ଅଙ୍କୁରୋଦଗମର ସମୟ, ଏହି ସମୟରେ ବଗିଚାରେ ନିଆଯାଇଥିବା ଏହି ଛବି ଚଳିତ ସଂସ୍କରଣରେ ପ୍ରଚ୍ଛଦ ଦିଆଯାଇଛି ।**

Download Magazine from www.aahwaan.com

# ଲେଖକ ମାନଙ୍କ ପାଇଁ ସୂଚନା

ଯେଉଁ ବନ୍ଧୁମାନେ ଏହି ପତ୍ରିକା ପାଇଁ ଲେଖା ପଠାଉଛନ୍ତି ସେମାନଙ୍କୁ ବିନୀତ ଅନୁରୋଧ, ସେମାନେ ଧୈର୍ଯ୍ୟର ସହ ପତ୍ରିକାର ପ୍ରକାଶନକୁ ଅପେକ୍ଷା କରନ୍ତୁ । ପତ୍ରିକା ପ୍ରକାଶିତ ହେବାପରେ ପରେ ଯେଉଁ ବନ୍ଧୁମାନେ ଇମେଲ୍ ମାଧ୍ୟମରେ ଲେଖା ପଠାଇଥିବେ ସେମାନଙ୍କୁ ତୁରନ୍ତ ଇମେଲ ଦ୍ୱାରା ପତ୍ରିକାର ପ୍ରକାଶନ ସମ୍ବନ୍ଧୀୟ ସୂଚନା ପ୍ରେରଣ କରାଯିବ ।

ଆପଣମାନେ ଜାଣନ୍ତି ଏହି ପତ୍ରିକା କୌଣସି ବ୍ୟବସାୟିକ ବା ଲାଭଜନକ ପତ୍ରିକା ନୁହେଁ, ତେଣୁ ଏହାକୁ ଧାର୍ଯ୍ୟ ସମୟ ମଧ୍ୟରେ ପ୍ରକାଶନ କରିବା, କାର୍ଯ୍ୟବ୍ୟସ୍ତତା ଭିତରେ ସମ୍ଭବ ହେଉନାହିଁ, ତେଣୁ ପ୍ରାୟତଃ ପ୍ରତ୍ୟେକ ମାସରେ କିଛି ଦିନ ବିଳମ୍ବ ହେଉଛି । ଏଥିପାଇଁ ମୁଁ ବ୍ୟକ୍ତିଗତ ଭାବରେ କ୍ଷମାପ୍ରାର୍ଥୀ ।

ବାରମ୍ବାର ଅନୁରୋଧ ସତ୍ତ୍ୱେ ଅନେକ ବନ୍ଧୁ ଲେଖାଗୁଡ଼ିକୁ ଟାଇପ୍ କରି ପଠାଉ ନାହାନ୍ତି, ଆଉ ଯଦି ସେମାନଙ୍କୁ ଅଧିକ ବାଧ୍ୟ କରାଯାଏ, ଊଣାଅଧିକେ ଲେଖା ପଠାଉଥିବା ନବେ ପ୍ରତିଶତ ଲେଖକ ଲେଖା ପଠାଇବା ବନ୍ଦ କରିଦେବେ, କାରଣ ସେମାନଙ୍କୁ ଓଡ଼ିଆରେ ଟାଇପ୍ କରି ଆସେନି । ତେଣୁ ଯେମିତି ବି ହେଉ ଏହି ପତ୍ରିକାକୁ ପ୍ରତ୍ୟେକ ମାସରେ ପ୍ରକାଶନ କରିବା ମୋର ଲକ୍ଷ୍ୟ । ତେଣୁ ମୋର ବ୍ୟସ୍ତବହୁଳ ଜୀବନଚର୍ଯ୍ୟାରେ ସୀମିତ ସମୟର ସଦୁପଯୋଗ କରିବା ଉଦ୍ଦେଶ୍ୟରେ ଏହି ପତ୍ରିକାକୁ ପ୍ରକାଶିତ କରୁଛି ଏବଂ କରୁଥିବି ମଧ୍ୟ । ଆପଣ ମାନଙ୍କ ସହଯୋଗ ପାଇଁ ମୁଁ ଆପଣଙ୍କ ନିକଟରେ ଋଣୀ ।

**ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ, ସମ୍ପାଦକ**

Download Magazine from www.aahwaan.com

ଆହ୍ୱାନ ଶତକ ସଂସ୍କରଣ

# ସୂଚୀପତ୍ର


| | | |
|---|---|---|
| ସମ୍ପାଦକୀୟ | *ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ* | ୧୨ |
| ଗଳ୍ପବିଭାଗ | | ୨୬ |
| ଶନିବାର | *ଅନସୂୟା ପଣ୍ଡା* | ୨୭ |
| ଅସହାୟ ବାର୍ଦ୍ଧକ୍ୟ | *ନୃସିଂହ ଚରଣ ବେହେରା* | ୩୭ |
| ବଢ଼ାଇଦେଲେ ପଯ୍ୟର | *ପ୍ରମୋଦ କୁମାର ପଣ୍ଡା* | ୪୮ |
| ଟଙ୍କାକିଆ କଏନ୍ | *ସୁବଳ ମହାପାତ୍ର* | ୫୬ |
| ସୁନେଲୀ ସିଂହ | *ଅଶୋକ ବିଶ୍ୱାଳ* | ୬୯ |
| ନୂଆ କାହାଣୀ | *ସୁଧାଂଶୁ ଶେଖର ଦ୍ୱିବେଦୀ* | ୭୫ |
| ବର୍ଷା | *ଜିତେନ୍ଦ୍ର କୁମାର କହଁର* | ୮୨ |
| ପିଲାବେଳ କଥା | *ସତୀଶ ଚନ୍ଦ୍ର ସିଂହ* | ୯୨ |
| ଅହେତୁକ | *ରାଧାକାନ୍ତ ଦାଶ* | ୯୬ |
| ଗାଈର ଆତ୍ମକାହାଣୀ | *ଅଶୋକ କୁମାର ସେଠୀ* | ୧୦୮ |
| ସୋହାଗ ସିନ୍ଦୁର | *ପ୍ରତିଭା ପ୍ରିୟଦର୍ଶିନୀ* | ୧୧୩ |
| ମୋ ଝିଅ ଗରିବ ନୁହେଁ | *ପଲ୍ଲବୀ ପୂଜାପଣ୍ଡା* | ୧୨୦ |
| ତ୍ରାଣକର୍ତ୍ତା | *ସୁଷମା ପରିଜା* | ୧୨୩ |
| ଅନ୍ତିମ ଦୃଶ୍ୟ | *ପ୍ରକାଶରଞ୍ଜନ ପରିଡ଼ା* | ୧୩୭ |
| ମୋର ଗାଁ | *ଭାରତ ମେହେର* | ୧୪୭ |

| | | |
|---|---|---|
| ଲିପ୍‌ଷ୍ଟିକ୍ | *ବିସ୍ମିତାରାଣୀ ସାହୁ* | ୧୪୮ |
| ଗୋଟେ କଥା କହିବି | *ବିଷ୍ଣୁପ୍ରିୟାଙ୍କରସୁଧା ପଟ୍ଟନାୟକ* | ୧୫୩ |
| ସୁନନ୍ଦା | *ଅନିଲ୍ ସାହୁ* | ୧୬୪ |
| କାନ୍ଦିବ କିଏ ? | *ଜ୍ୟୋତି ରଞ୍ଜନ ସାହୁ* | ୧୬୮ |
| ଜହ୍ନ, ଗୋଲାପ ଓ ଭଅଁର | *ଅନୁପମ ବେହେରା* | ୧୭୫ |
| ମାୟାବିନୀ | *ସୀମାରେଖା* | ୧୭୮ |
| ଅନ୍ତର୍ଦହନ | *ଆର୍ଯ୍ୟକୁମାରୀ ପ୍ରଜ୍ଞାପରମିତା* | ୧୮୦ |
| ଆଗାମୀ ଦିନ | *ଶ୍ରୀମତି ଅର୍ଚ୍ଚନା ପଟ୍ଟନାୟକ* | ୧୮୭ |
| କୁକୁର ଜୀବନ | *ସମ୍ମିତ ସତ୍ୟପ୍ରକାଶ ମିଶ୍ର* | ୧୯୧ |
| ଅପ୍ରାୟଶ୍ଚିତ ଅପରାଧ | *ଶିରିଶ କୁମାର* | ୧୯୮ |
| ଭଲରେ ଥା’ କାଳିଆ | *ଡା ସୌମ୍ୟରଞ୍ଜନ ମିଶ୍ର* | ୨୦୫ |
| ଅନୁଭବୀ ପ୍ରିୟା | *ରୁଖସାର୍ ବେଗମ୍* | ୨୦୭ |
| ଚନ୍ଦ୍ରର ଜ୍ୟୋତ୍ସ୍ନାକୁ ନିବେଦନ | *ଆର୍ତ୍ତତ୍ରାଣ ଖୁର୍ଦ୍ଦିଆ* | ୨୦୮ |
| ଭବିଷ୍ୟତର ପୃଥିବୀ | *ନରସିଂହ ମହାରଣା* | ୨୧୨ |
| କର୍ମର ଫଳ | *ବିଷ୍ଣୁପ୍ରିୟା ପୂଜାରୀ* | ୨୨୧ |
| କବିତା ବିଭାଗ | | ୨୨୩ |
| ଭାବନା ଆଜିର | *ଡା ମେଜର ଗୌରୀପ୍ରସାଦ ମହାପାତ୍ର* | ୨୨୪ |
| ବୟସର ବାତ୍ୟା ବହିଗଲା ପରେ | *ଶିଶିର କୁମାର ଚୌଧୁରୀ* | ୨୨୫ |
| ଏବେ ବି ରେବତୀ | *ଡ଼ ସଂଜୀବ କୁମାର ପାଣିଗ୍ରାହୀ* | ୨୨୯ |

Download Magazine from www.aahwaan.com


| | | |
|---|---|---|
| ଘୋଷଯାତ୍ରା | *ସସ୍ମିତା ମହାନ୍ତି* | ୨୩୨ |
| ତୁମେ ଆଉ ମୁଁ | *ପ୍ରବୀଣ କୁମାର କବି* | ୨୩୩ |
| ଆହ୍ୱାନ | *ତୁଷାରକାନ୍ତ ପ୍ରସାଦ* | ୨୩୪ |
| ଚିନ୍ତା | *ବିନୟ ମହାପାତ୍ର* | ୨୩୬ |
| ପତି | *ଶ୍ରୀମତି ଅର୍ଚ୍ଚନା ପଟ୍ଟନାୟକ* | ୨୩୮ |
| ମୋ ମାଆ | *ଅଙ୍କିତା ପାଢ଼ୀ* | ୨୩୯ |
| ଆଖିର ଲୁହ | *ଜୟନ୍ତ କୁମାର ସାହୁ* | ୨୪୨ |
| କାହାଣୀ ଏକ ସାଧାକାଗଜର | *କାର୍ତ୍ତିକ ପାଣିଗ୍ରାହୀ* | ୨୪୩ |
| ଭିକ୍ଷା ନୁହେଁ ଶିକ୍ଷା | *ଏମ. ବିଜୟ କୁମାର* | ୨୪୬ |
| ତୁମେ ଆସୁଥିଲ | *ଅଶୋକ ପ୍ରଧାନ* | ୨୪୯ |
| କୃଷକ ଭାଇ | *ଭାଗିରଥୀ ଯାନୀ* | ୨୫୧ |
| ଖାସ୍ ତୁମରି ପାଇଁ | *ହୃଷିକେଶ ପାଢ଼ୀ* | ୨୫୩ |
| ଏବେର ରଜ | *ଅନାମ ଚରଣ ସାହୁ* | ୨୫୪ |
| ନିରୀହ ସସ୍ମିତା | *ମହେନ୍ଦ୍ରପ୍ରତାପ ସ୍ୱାଇଁ* | ୨୫୫ |
| ମତେ ମରଣ ହେଉ | *କାହ୍ନୁଚରଣ ସାହୁ* | ୨୫୭ |
| ମୃତ୍ୟୁ | *ପ୍ରକାଶ ଚନ୍ଦ୍ର ପଣ୍ଡା* | ୨୫୯ |
| ଚିଗୁଲିଆ ବର୍ଷା | *ରିଭୁ ଆଭୁଷଣ ପଣ୍ଡା* | ୨୬୧ |
| ଆତ୍ମତୃପ୍ତି | *ସ୍ୱାତୀବନ୍ଦନା କର* | ୨୬୩ |
| ମାଆ : ଦୁଇଟି କବିତା | *ମହେଶ୍ୱର ସାହୁ* | ୨୬୫ |

Download Magazine from www.aahwaan.com


| | | |
|---|---|---|
| ମୁଁ ଖୋଜୁଛି | *ଦୀପକ ଷଡ଼ଙ୍ଗୀ* | ୨୬୮ |
| ଅଣସର ଘରେ ରହି | *ହିମାଂଶୁ ଶେଖର ବାରିକ* | ୨୭୦ |
| ସାହିତ୍ୟ ହିତ ସହ ବର୍ତ୍ତମାନ | *ଶ୍ରୀ ରମା କାନ୍ତ ମିଶ୍ର* | ୨୭୨ |
| ଶାଶୁ ବୋହୁର ସମ୍ପର୍କ | *ରାଜେନ୍ଦ୍ର ନାରାୟଣ ସେନାପତି* | ୨୭୪ |
| ପରୀପାଇଁ କଥାଟିଏ | *ତପନ କୁମାର ସ୍ୱାଇଁ* | ୨୭୭ |
| ବରଷା ରାତି | *ତପନ କୁମାର ସ୍ୱାଇଁ* | ୨୭୯ |
| ଝରା ପତ୍ର | *ଅଶୋକ ବିଶ୍ୱାଳ* | ୨୮୧ |
| ମୁଁ ଓ ଇଶ୍ୱର | *ସୌମ୍ୟଜିତ ପଣ୍ଡା* | ୨୮୪ |
| ରଜ ମଉଜ | *ସନ୍ତୋଷ ପଟ୍ଟନାୟକ* | ୨୮୭ |
| ଯତି ବଚନ | *ଶ୍ରୀ ଲକ୍ଷ୍ମଣ କୁମାର ବେହେରା* | ୨୯୦ |
| ମୁଁ ତୁମର ହେବାକୁ ଚାହେଁ | *ନିରଞ୍ଜନ ପଣ୍ଡା* | ୨୯୪ |
| ସପନରେ ତୁ | *ଗଙ୍ଗାସୁନନ୍ଦିନୀ ରୁପମା ଗୁରୁ* | ୨୯୬ |
| ଆମେ ଓ ସମୟ | *ଲୀନା ଧଳ* | ୨୯୮ |
| ଆମେ ସବୁ ଟିକି ଶିଶୁ | *କବିତା ମହାନ୍ତି* | ୩୦୦ |
| ହାଏରେ ବିଧାତା | *ଅନିରୁଦ୍ଧ ସାହୁ* | ୩୦୨ |
| ମୁଁ କର୍ଣ୍ଣ | *ଅନୁସୂୟା ମିଶ୍ର* | ୩୦୩ |
| ହେ ଭକ୍ତପ୍ରିୟ ହେ ରଙ୍ଗାଧର | *ଚିତ୍ତରଞ୍ଜନ ସାହୁ* | ୩୦୬ |
| ସହିଦ୍ ପୁତ୍ର | *ସୀମାରେଖା* | ୩୦୮ |
| ଅଳଙ୍କାର | *ସନାତନ ମହାକୁଡ଼* | ୩୦୯ |

| | | |
|---|---|---|
| ମୌସୁମୀ | *ପ୍ରକାଶ ଚନ୍ଦ୍ର ପଣ୍ଡା* | ୩୧୦ |
| ଶେଷ ଯାତରା | *ଲୀନା ମହାନ୍ତି* | ୩୧୧ |
| ବିବେକର କଥା | *ରୋଜା ପଣ୍ଡା* | ୩୧୩ |
| ଅଭୁଲା ପ୍ରେମ | *କ୍ଷମାନିଧି ସାହୁ* | ୩୧୫ |
| ପ୍ରେମ | *ପ୍ରିୟଙ୍କା ସାହୁ* | ୩୧୭ |
| ଶ୍ରେଷ୍ଠ ମୋ ବାପା | *ସୁଦର୍ଶନ ସାହୁ* | ୩୧୯ |
| ଛାଡ଼ିଗଲା ପ୍ରେମଲୀଳା | *ଶିଶିର କୁମାର ପଣ୍ଡା* | ୩୨୦ |
| ସ୍ମୃତି | *ନିବେଦିତା ମିଶ୍ର* | ୩୨୨ |
| ହଜିଲା ଠିକଣା | *ଲାବଣ୍ୟ ନାୟକ* | ୩୨୪ |
| କ୍ଲାନ୍ତରେ ମୁଁ ଲେଖୁଛି କବିତା | *କେଶରୀ ପ୍ରସାଦ ମହାନ୍ତି* | ୩୨୬ |
| ପ୍ରଭୁପ୍ରେମ | *ସୁଶାନ୍ତ କୁମାର ଧଳ* | ୩୨୭ |
| ଶାଳିନୀ ତୁମେ କେମିତି ଅଛି ? | *ଅରୁଣ କୁମାର ପାତ୍ର* | ୩୨୯ |
| ଯେଉଁଠି ଥାଅ ଭଲରେ ଥାଅ | *ଡା ନୀଳମାଧବ କର* | ୩୩୨ |
| ଅବୁଝା ଏ ମନ | *ସିଦ୍ଧେଶ୍ୱର ତ୍ରିପାଠୀ* | ୩୩୪ |
| ସକାଳର ଅନୁଭୂତି | *ସୁଦାମ ଲେଙ୍କା* | ୩୩୬ |
| ଦୁନିଆର ଖେଳ | *ଶୁଭମ କୁମାର ଧଳ* | ୩୩୮ |
| ଏଇ ତ ନାରୀ ଜୀବନ | *ପ୍ରିୟଙ୍କାପ୍ରିୟଦର୍ଶିନୀ ପାଢ଼ୀ* | ୩୩୯ |
| ନାରୀ... ସ୍ନେହର ପ୍ରତୀକ | *ପ୍ରମୋଦ କୁମାର ପ୍ରଧାନ* | ୩୪୧ |
| କବି, ନାୟକ ଓ ପ୍ରେମିକ | *ରାମ କଲତା* | ୩୪୪ |

Download Magazine from www.aahwaan.com


| | | |
|---|---|---|
| ପୁଣି ! କାହିଁକି ? | *ଚନ୍ଦ୍ରକାନ୍ତ ପାହି* | ୩୪୬ |
| ପ୍ରଥମ ପ୍ରେମ | *ରାଜେଶ ପୂଜାରୀ* | ୩୪୯ |
| ପଥ | *ରାଜେଶ ପୂଜାରୀ* | ୩୫୧ |
| ସପନ | *ସୌମ୍ୟରଞ୍ଜନ ପାଲ* | ୩୫୩ |
| ଧୂମ୍ରାଭ ଦିଗନ୍ତ | *ଇଂ ଶେଷନାଗ ପ୍ରଧାନ* | ୩୫୪ |
| ଅବଲୁପ୍ତ ବ୍ୟକ୍ତିତ୍ୱ | *ଆର୍ଯ୍ୟକୁମାରୀ ପ୍ରଜ୍ଞା ପାରମିତା* | ୩୫୬ |
| ମନେପଡ଼ ତୁମେ | *ସୌମ୍ୟଶ୍ରୀ ସୌମ୍ୟରଞ୍ଜନ ରଥ* | ୩୫୮ |
| ଆଜି | *ଦେବଦତ୍ତ ମିଶ୍ର* | ୩୫୯ |
| ପ୍ରତିବିମ୍ବ | *ପବିତ୍ର ଦାସ* | ୩୬୨ |
| ସାଥି | *ଅନିଲ୍ ସାହୁ* | ୩୬୪ |
| ଦୁଇଟା ପରାନ୍ ଗୁଟେ | *ଆଶୁତୋଷ ମେହେର* | ୩୬୬ |
| ମୁନୁଷ ଜୀବନ୍ | *କାହ୍ନୁଚରଣ ସାହୁ* | ୩୬୭ |
| ଉଞ୍ଚା ଗୁଟେ ପରିଚୟ | *ଫିରୋଜ କୁମାର ପଟେଲ* | ୩୬୯ |
| ଲାଗେ ଆପଣାର ଆପଣାର | *ଜିତେନ୍ଦ୍ର କୁମାର କହଁର* | ୩୭୧ |
| ହ୍ୱାଟସାପ୍, ଫେସବୁକ୍ | *ଆର୍ତ୍ତତ୍ରାଣ ଖୁର୍ଡ଼ିଆ* | ୩୭୩ |
| ମୁଁ ନାରୀଟିଏ କହୁଛି | *ସୁଶ୍ରୀ ମିନତିରାଣୀ ମେଣ୍ଡିଲି* | ୩୭୫ |
| କହେ ନିଧିସାହୁ-୨ | *ଶଙ୍ଖସିନ୍ଧୁ ପୁରୋହିତ* | ୩୭୭ |
| ବର୍ଷାରାଣୀ | *ଶ୍ରୀରାଜଶେଖର 'ଚିମା'* | ୩୮୦ |
| ତୋ ଚରଣେ ସମର୍ପିତ | *ପୂର୍ଣ୍ଣଚନ୍ଦ୍ର ରଣା* | ୩୮୨ |

Download Magazine from www.aahwaan.com


| | | |
|---|---|---|
| ଭାଇର ଶାଳୀ | *ପୂର୍ଣ୍ଣଚନ୍ଦ୍ର ରଣା* | ୩୮୩ |
| ପ୍ରେମ | *ସତ୍ୟବ୍ରତ ବାରିକ* | ୩୮୫ |
| ମେଘସବାରୀରେ ବର୍ଷା ଆସୁଛି | *ଶରତ କୁମାର ଦାସ* | ୩୮୬ |
| ତୁମେ | *ଦେବଦତ୍ତ କର* | ୩୮୯ |
| ପ୍ରେମିକାର ପ୍ରେମଜାଲ | *ବିରେନ୍ଦ୍ର କୁମାର ପ୍ରଧାନ* | ୩୯୪ |
| ଆସ ପ୍ରିୟତମା | *ସୁଧାକର ଚିଦା* | ୩୯୬ |
| ଜାଗ ଯୁବବନ୍ଧୁ ଜାଗରେ | *ଚନ୍ଦ୍ରକାନ୍ତ ଜେନା* | ୩୯୮ |
| ପ୍ରବନ୍ଧ ବିଭାଗ | | ୪୦୨ |
| ପୂର୍ଣ୍ୟତୋୟା ପ୍ରାଚୀ | *ଅନାମ ଚରଣ ସାହୁ* | ୪୦୩ |
| ଚିତ୍ରତୀର୍ଥଯାତ୍ରାର ପଥିକ | *ମୀନକେତନ ପଟ୍ଟନାୟକ* | ୪୦୯ |
| ଜିଭରେ ହାଡ଼ | *କୁଳମଣୀ ସାହୁ* | ୪୧୫ |
| ମୋ ଦୃଷ୍ଟିରେ ଆମ ନନା | *ଶ୍ରୀ ରମା କାନ୍ତ ମିଶ୍ର* | ୪୨୦ |
| ଚନ୍ଦ୍ରଭାଗା : ବ୍ଲୁ ଫ୍ଲାଗ୍ ସି ବିଚ୍ | *ଅଶୋକ କୁମାର ସେଠୀ* | ୪୩୫ |
| ବ୍ରହ୍ମଚର୍ଯ୍ୟ | *ପ୍ରବୀଣ କୁମାର କବି* | ୪୪୨ |
| ଉଦ୍‌ଗମକ | *ପ୍ରଭାତ କାନ୍ତ ଦାଶ* | ୪୪୬ |
| ବିଶେଷ ସୂଚନା | | ୪୫୦ |


**ଆଗାମୀ ସଂସ୍କରଣ ନିମନ୍ତେ ଆପଣଙ୍କ ଲେଖା ଅଗଷ୍ଟ ୩ ତାରିଖ ସୁଦ୍ଧା ପହଞ୍ଚିବା ଦରକାର ।**

# ସମ୍ପାଦକଙ୍କ କଲମରୁ...

ନମସ୍କାର

ଆଜି ପବିତ୍ର ଘୋଷଯାତ୍ରାର ଦିନ । ମହାପ୍ରଭୁ ଶ୍ରୀ ଜଗନ୍ନାଥ ଭାଇ ବଳଭଦ୍ର ଓ ଭଗ୍ନୀ ସୁଭଦ୍ରା ଦେବୀଙ୍କ ସହ ମିଶି ତିନିରଥରେ ବସି ମାଉସୀ ଗୁଣ୍ଡିଚା ଦେବୀଙ୍କ ଗୃହକୁ ଯାତ୍ରା କରିବାର ଦିନ । ଏହାର ଅନେକ ତାତ୍ପର୍ଯ୍ୟ ରହିଛି ଏବଂ ସେ ବିଷୟରେ ଅନେକ ଚର୍ଚ୍ଚା ଆମ ଆହ୍ୱାନ ଇ-ପତ୍ରିକାର ଅନେକ ପୁରୁଣା ସଂସ୍କରଣରେ ଆପଣ ପଢ଼ିବାକୁ ପାଇ ପାରିବେ ।

ଜଗତରେ ଥିବା ଯେତେକ ଦେବତା ସେମାନଙ୍କ ମଧ୍ୟରେ ଜଗନ୍ନାଥଙ୍କ ସ୍ଥାନ ଅଦ୍ୱିତୀୟ । ଓଡ଼ିଶାର ଲୋକ ବେଳହୁଁ ଖାଦ୍ୟପ୍ରିୟ ଓ ଆଳସ୍ୟ ପ୍ରିୟ ହୋଇଥିବାରୁ ଆମ ଦେବତା ମଧ୍ୟ ଠିକ୍ ସେହିଭଳି ହିଁ ହୋଇଥାନ୍ତି । କିନ୍ତୁ ଅନ୍ୟ ସମସ୍ତ ଦେବାଦେବୀଙ୍କ ତୁଳନାରେ ସାମାନ୍ୟ ନର ସଦୃଶ ଲୀଳା କରିବାରେ ଜଗନ୍ନାଥଙ୍କ ପଟାନ୍ତର ନାହିଁ । ସାମାନ୍ୟ ମନୁଷ୍ୟମାନଙ୍କ ପରି ଖାଦ୍ୟ ଗ୍ରହଣ କରିବା, ବାର ମାସରେ ତେର ପ୍ରକାରର ପର୍ବ ପାଳନ କରିବା, ଗରମ ହେଲେ ଯାଇ ପୋଖରୀରେ ନୌକା ବିହାର କରିବା, ଅତ୍ୟଧିକ ଜଳରେ ସ୍ନାନ କରି ଜ୍ୱର ରୋଗରେ ଆକ୍ରାନ୍ତ ହେବା ଇତ୍ୟାଦି ଅନେକ ଉଦାହରଣ ଦେଇ ପାରିବେ ଯାହା



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ମହାପ୍ରଭୁ ଜଗନ୍ନାଥଙ୍କୁ ଅନ୍ୟ ମାଣଙ୍କ ଠାରୁ ଭିନ୍ନ ବୋଲି ପ୍ରମାଣ କରିଥାଏ । ଜଗନ୍ନାଥଙ୍କ ଯାତ୍ରା ମାନଙ୍କ ମଧ୍ୟରେ ବିଶେଷ ମହତ୍ତ୍ୱ ରଖେ ରଥ ଯାତ୍ରା ବା ଘୋଷଯାତ୍ରା ।

ପୌରାଣିକ କଥାବସ୍ତୁ ଅନୁଯାୟୀ ଯେତେବେଳେ ଶ୍ରୀ ଜଗନ୍ନାଥ ମନ୍ଦିର ସ୍ଥାପନା କରାଯାଇଥିଲା ସେତେବେଳେ ମହାପ୍ରଭୁ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ଉପରେ ସନ୍ତୁଷ୍ଟ ହୋଇ ବର ମାଗିବା ପାଇଁ ନିର୍ଦ୍ଦେଶ ଦେଇଥିଲେ, କିନ୍ତୁ ଉତ୍କଳୀୟ ସମ୍ରାଟ ନିଜର ବଦାନ୍ୟତା ଦର୍ଶାଇ କୌଣସି ବର ନ ନେଇ ବରଂ ନିଜକୁ ଅପୁତ୍ରିକ କରିବାପାଇଁ ନିବେଦନ କରିଥିଲେ । ସେ ମତ ଦେଇଥିଲେ, ସେମାନଙ୍କ ପୁତ୍ର ମନ୍ଦିରକୁ ନିଜର ସମ୍ପତ୍ତି ବୋଲି ମନେ କରିବେ ଏବଂ ଏହାଦ୍ୱାରା ସେ ଅର୍ଜିତ ସମସ୍ତ ଧର୍ମ କ୍ଷୟ ହେବ । ମହାପ୍ରଭୁ ଅତି ପ୍ରସନ୍ନର ସହିତ ତଥାସ୍ତୁ କହିଥିଲେ ଏବଂ ଏହା ମଧ୍ୟ କହିଥିଲେ ଯେ ଯେହେତୁ ମହାରାଣୀ ଗୁଣ୍ଡିଚା ଦେବୀ ଆଜନ୍ମ ନିଃସନ୍ତାନ କଷ୍ଟ ଭୋଗିବେ ତେଣୁ ପ୍ରତିବର୍ଷ ନିର୍ଦ୍ଦିଷ୍ଟ ସମୟରେ ତିନି ଦେବତା ରଥାରୂଢ଼ ହୋଇ ତାଙ୍କ ମନ୍ଦିରକୁ ଯାଇ ସମୟ ଯାପନ କରିବେ । ଏହାହିଁ ପରବର୍ତ୍ତୀ ସମୟରେ ରଥଯାତ୍ରାରୂପେ ସ୍ଥାପିତ ହୋଇଥିଲା ।

ଅନ୍ୟ ଏକ ମତବାଦ ଅନୁଯାୟୀ ଜଗନ୍ନାଥ ଗ୍ରୀଷ୍ମର ନିଦାଘରେ କଷ୍ଟ ସହିନପାରି ସ୍ନାନମଣ୍ଡପରେ ଅତ୍ୟଧିକ ସ୍ନାନ କରିବାପରେ ଜ୍ୱର ରୋଗାକ୍ରାନ୍ତ ହୋଇ ପଡ଼ନ୍ତି ଏବଂ ସେଥିପାଇଁ ତାଙ୍କୁ ଅଣସର ଘରେ ରହିବାକୁ ପଡ଼େ । ସେ ଅଣସର ଘରୁ ବାହାରିବା ପରେ ମାଉସୀଙ୍କ ଠାରୁ

Download Magazine from www.aahwaan.com

ସ୍ନେହ ଓ ସୁସ୍ୱାଦୁକର ଖାଦ୍ୟ ପାଇବା ଆଶାରେ ଯାତ୍ରା କରନ୍ତି । ଅନ୍ୟ ଏକ ମତରେ ମନ୍ଦିର ଭିତରକୁ ପ୍ରବେଶ ଅନୁମତି ପାଇନଥିବା ଭକ୍ତଙ୍କୁ ଦର୍ଶନ ଦେବାପାଇଁ ଜଗନ୍ନାଥ ରଥରେ ବସି ଆସନ୍ତି ।

ଅନେକ ବ୍ୟକ୍ତି ଅନେକ ମତ ଦିଅନ୍ତି । ସେ ଯା ହେଉ ବିଶ୍ୱର ଏକ ବିଶାଳ ଆୟୋଜନ ପ୍ରତିବର୍ଷ ଓଡ଼ିଶାର ପୁରୀ ସମେତ ବିଶ୍ୱର ପ୍ରାୟ ସମସ୍ତ ଜଗନ୍ନାଥ ମନ୍ଦିର ମାନଙ୍କରେ ହୁଏ । ଲକ୍ଷାଧିକ ଭକ୍ତ ଜଗନ୍ନାଥଙ୍କ ରଥ ଉପରେ ଦର୍ଶନ କରି ପୂନର୍ଜନ୍ମର ଚକ୍ରରୁ ନିସ୍ତାର ପାଇଥାନ୍ତି । 'ରଥେତୁ ବାମନଂ ଦୃଷ୍ଟ୍ୱା, ପୁନର୍ଜନ୍ମଂ ନ ଲଭତେ' ବୋଲି କୁହାଯାଇଛି ।

ଆଜିପରି ଏକ ବିଶେଷ ଦିନରେ ଆପଣ ମାନଙ୍କୁ ଆହ୍ୱାନ ଇ-ପତ୍ରିକାର ଶହେତମ ସଂସ୍କରଣ ଉପହାର ଦେଉଥିବା ବେଳେ ମୁଁ ନିଜକୁ ଗୌରବାନ୍ୱିତ ମନେ କରୁଛି । ଏହି ସଫଳତା ଆପଣଙ୍କ ପରି ପାଠକ, ଲେଖକ, ଲେଖିକା ଓ ଆଲୋଚକ ମାନଙ୍କ ପାଇଁ ହିଁ ସମ୍ଭବ ହୋଇପାରିଛି । ଏହି ସଂସ୍କରଣ ପାଇଁ ସ୍ୱେଚ୍ଛାକୃତ ଭାବରେ ଶତାଧିକ ଆଲେଖ୍ୟ ଆମର ହସ୍ତଗତ ହୋଇଛି ଏବଂ ଆମେ ଚେଷ୍ଟା କରୁଛୁ ସବୁ ଆଲେଖ୍ୟକୁ ସ୍ଥାନ ଦେବାପାଇଁ । ଯଦି କାହାର ଆଲେଖ୍ୟ ରହିଯାଇଥାଏ ତେବେ ଦୁଃଖ କରିବେ ନାହିଁ, କାରଣ ଆହ୍ୱାନ ପ୍ରତ୍ୟେକ ମାସରେ ପ୍ରକାଶିତ ହୁଏ । ପୁଣିଥରେ ଆଗାମୀ ସଂସ୍କରଣ ନିମନ୍ତେ ତାହା ପ୍ରେରଣ କରିବେ ।

ପତ୍ରିକାରେ ପ୍ରବେଶ କରିବା ପୁର୍ବରୁ ଆସନ୍ତୁ ଦେଖିବା ବିଗତ

Download Magazine from www.aahwaan.com

ମାସରେ ଘଟିଥିବା କିଛି ପ୍ରମୁଖ ସମ୍ବାଦ । ପ୍ରଥମରେ ଶ୍ରୀ ଜଗନ୍ନାଥଙ୍କ ମନ୍ଦିରକୁ ନେଇ ଉଠିଥିବା ବିବାଦ;

## ୧. ଶ୍ରୀମନ୍ଦିରରେ ଅଣହିନ୍ଦୁଙ୍କ ପ୍ରବେଶାଧିକାର

ଭାରତର ସର୍ବୋଚ୍ଚ ନ୍ୟାୟାଳୟ ମତ ଦେଇଛନ୍ତି ଯେ ଶ୍ରୀମନ୍ଦିରରେ ଅଣହିନ୍ଦୁଙ୍କୁ ପ୍ରବେଶାଧିକାର ଦିଆଯିବା ଉଚିତ । ଏହାକୁ ନେଇ ଅନେକ ଆଲୋଚନା, ସମାଲୋଚନା, ଶୋଭାଯାତ୍ରା ଓ ବିକ୍ଷୋଭମାନ ଆୟୋଜିତ ହୋଇଗଲାଣି । ଶ୍ରୀଜଗନ୍ନାଥ ସେନା ତରଫରୁ ଏହାର ବିରୋଧ କରାଯାଇଥିବା ବେଳେ ବୁଦ୍ଧିଜୀବି ମାନଙ୍କ ମଧ୍ୟରେ ଏହାକୁ ନେଇ ମିଶ୍ରିତ ପ୍ରତିକ୍ରିୟା ଦେଖିବାକୁ ମିଳୁଛି ।

କିଛି ବୁଦ୍ଧିଜୀବି ସାଂପ୍ରତିକ ସମୟରେ ମନ୍ଦିରରେ ଅଣହିନ୍ଦୁଙ୍କ ପ୍ରବେଶକୁ ଯୁକ୍ତିଯୁକ୍ତ ବୋଲି ଦର୍ଶାଉଥିବା ବେଳେ ଶଙ୍କରାଚାର୍ଯ୍ୟ ଏବଂ ଅନେକ ବ୍ୟକ୍ତି ଏହାକୁ ବିରୋଧ କରୁଛନ୍ତି । ଭାରତରେ ଅନେକ ମନ୍ଦିର ଅଛି, ଯେଉଁଠି ଭକ୍ତଙ୍କ ଅବାଧ ପ୍ରବେଶାଧିକାର ଦିଆଯାଇଛି । ଦାକ୍ଷିଣାତ୍ୟର ଅନେକ ମନ୍ଦିରରେ ଏମିତି କୌଣସି ନିୟମ ନଥିବା ବେଳେ ଶ୍ରୀମନ୍ଦିରରେ ଅଣହିନ୍ଦୁଙ୍କ ପ୍ରବେଶ ଉପରେ ଅଙ୍କୁଶ ଲାଗିଛି । ଏହାର କାରଣ କଣ ଏବଂ ଏହା କିଏ ଏବଂ କେବେ କରିଥିଲେ ତାହା ଜାଣିବା ନିତାନ୍ତ ଆବଶ୍ୟକ ।

ହିନ୍ଦୁ ମାନଙ୍କ ପ୍ରମୁଖ ଚାରିଟି ତୀର୍ଥସ୍ଥଳ ମଧ୍ୟରେ ଶ୍ରୀକ୍ଷେତ୍ର ଅନ୍ୟତମ ତେଣୁ ଏହା ସନାତନ ହିନ୍ଦୁ ଧର୍ମର ଲୋକମାନଙ୍କ ପାଇଁ ବିଶେଷ

ଧାର୍ମିକ ଆସ୍ଥାର ବିଷୟ । ତେଣୁ ସେମାନଙ୍କ ଆସ୍ଥାକୁ ଆହତ ନ କରିବା ପାଇଁ ଅନେକ ମତ ଦିଅନ୍ତି । କେହି କେହି ମତ ଦିଅନ୍ତି ଯେ ଶ୍ରୀମନ୍ଦିର ଠାରୁ ପୁରୁଣା ମକ୍କାମଦିନାର ମସଜିଦ ମାନଙ୍କରେ ଯଦି ହିନ୍ଦୁମାନଙ୍କ ପ୍ରବେଶାଧିକାର ନାହିଁ, ତା ହେଲେ ଶ୍ରୀମନ୍ଦିରରେ ଅଣହିନ୍ଦୁଙ୍କ ପ୍ରବେଶ ପାଇଁ ଏତେ ତତ୍ପରତା କାହିଁକି ?

ଆମେ ବ୍ୟକ୍ତିଗତ ଭାବରେ ଭାବୁ ଯେ ଏହା ଦ୍ୱାରା କୌଣସି ବିଶେଷ ଲାଭ ହେବନାହିଁ । ଇସଲାମ୍ ଧର୍ମରେ ମୂର୍ତ୍ତିପୂଜାକୁ ବିରୋଧ କରାଯାଏ, ସେଇଥିପାଇଁ ଆଫଗାନିସ୍ଥାନ ସମେତ ବିଶ୍ୱର ଅନେକ ସ୍ଥାନରେ ପ୍ରତିଷ୍ଠିତ ମନ୍ଦିର ମାନଙ୍କୁ ମୁସଲମାନ ଆକ୍ରମଣକାରୀଙ୍କ ଦ୍ୱାରା ଧ୍ୱସ୍ତବିଧ୍ୱସ୍ତ କରି ଦିଆଯାଇଛି । ତେଣୁ ଶ୍ରୀମନ୍ଦିରରେ ମୁସଲମାନ ମାନଙ୍କ ଅବାଧ ପ୍ରବେଶକୁ ଅନୁମତି ଦେଲେ ମଧ୍ୟ ସେମାନେ ଏହି ମନ୍ଦିରରେ ପ୍ରବେଶ କରିବାକୁ ଉଚିତ ମଣିବେ ନାହିଁ, ଯଦି ବା କେହି ପ୍ରବେଶ କରେ ସେ କେବଳ ପର୍ଯ୍ୟଟନ ପାଇଁ ହିଁ ଆସିବ ସିନା, ତାଙ୍କ ମନରେ ଭକ୍ତିର ଭାବନା ରହିବ ନାହିଁ । ତେଣୁ ସେମାନଙ୍କ ପ୍ରବେଶାଧିକାର ପାଇଁ ଓକିଲାତି କରୁଥିବା ଲୋକମାନେ ଏହା ଜାଣିବା ଉଚିତ ହେବ । ଠିକ୍ ସେହିଭଳି ଖ୍ରୀଷ୍ଟିୟାନ୍ ମାନେ ମଧ୍ୟ ମନ୍ଦିରକୁ ଭକ୍ତିଭାବରେ ଆସିବେ ନାହିଁ । ହୁଏତ ଏହି ବ୍ୟବସ୍ଥାଦ୍ୱାରା ମନ୍ଦିରର ଆୟ ବୃଦ୍ଧି ହୋଇପାରେ କିନ୍ତୁ ଧାର୍ମିକ ଆସ୍ଥା ବୃଦ୍ଧିପାଇବ ନାହିଁ, ବରଂ ମନ୍ଦିରର ନୀତିକ୍ରାନ୍ତିରେ ଅନେକ ଅସୁବିଧା ପରିଲକ୍ଷିତ ହେବ ।

Download Magazine from www.aahwaan.com

କିଛି ବନ୍ଧୁ ମତ ଦେଇଛନ୍ତି ଭକ୍ତ ସାଲବେଗ ଭଳି କୌଣସି ମୁସଲମାନ ମଧ୍ୟ ଜଗନ୍ନାଥ ଭକ୍ତ ହୋଇପାରନ୍ତି, ତାଙ୍କୁ ଅନ୍ତତଃ ଦର୍ଶନ ଦେବା ଉଚିତ ହେବ । ଆମ ମତରେ ସାଲବେଗ ଥିଲେ କୋଟିଏରେ ଗୋଟିଏ ଏବଂ ଯଦି ବା କେହି ସେହିଭଳି ଥିବ ତ ସେ ହେବ ଦଶ କିମ୍ବା ଶହେ କୋଟିରେ ଗୋଟିଏ । ଏହିଭଳି ବିରଳ ବ୍ୟକ୍ତିଙ୍କ ପାଇଁ ଜଗନ୍ନାଥ ରଥାରୂଢ଼ ହେଉଛନ୍ତି ଏବଂ ଦର୍ଶନ ଦେଉଛନ୍ତି । ସେମାନେ ଦେଖିପାରିବେ । ମନ୍ଦିରକୁ ଧାର୍ମିକ ଆସ୍ଥାର ସ୍ଥଳ ହୋଇ ରହିବାକୁ ଦିଆଯାଉ, ଏହାକୁ ବ୍ୟବସାୟିକ ସ୍ଥଳୀରେ ପରିଣତ କରିବା ସପକ୍ଷରେ ଆମେ କଦାପି ନୋହୁଁ ।

## ୨. ନିର୍ଭୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଫାଶୀଦଣ୍ଡ ଦିଆଯିବ

୨୦୧୨ ମସିହା ଡିସେମ୍ବର ମାସରେ ଦେଶର ରାଜଧାନୀ ନୂଆଦିଲ୍ଲୀରେ ଏକ ଚଳନ୍ତା ସ୍କୁଲ ବସରେ ଜଣେ ପାରାମେଡ଼ିକାଲ ଛାତ୍ରୀଙ୍କ ସହ ହୋଇଥିବା ଗଣଦୁଷ୍କର୍ମ ସମୁଦାୟ ଦେଶକୁ ଦୋହଲାଇ ଦେଇଥିଲା । ଏଥିରେ ସମ୍ପୃକ୍ତ ଛଅଜଣ ଅପରାଧିଙ୍କୁ ଗିରଫ କରାଯାଇଥିଲା । ସେଥିମଧ୍ୟରୁ କନିଷ୍ଠ ଅପରାଧିକୁ ବାଳସୁଧାର ଗୃହରେ ତିନିବର୍ଷ ରଖାଯିବା ପରେ ମୁକ୍ତ କରାଯାଇଥିବା ବେଳେ ଅନ୍ୟ ଜଣେ ଅପରାଧି ଜେଲରେ ହିଁ ଆତ୍ମହତ୍ୟା କରିଥିଲା । ବାକି ଚାରିଜଣଙ୍କୁ ସର୍ବୋଚ୍ଚ ନ୍ୟାୟାଳୟ ମୃତ୍ୟୁଦଣ୍ଡ ଦେଇଥିଲେ ଏବଂ ସେଥିମଧ୍ୟରୁ ତିନିଜଣ ପୁନଃ ବିଚାରଣା ପାଇଁ ଆବେଦନ କରିଥିଲେ ଯାହାକୁ ସୁପ୍ରିମ୍ କୋର୍ଟ୍

Download Magazine from www.aahwaan.com

ଅଗ୍ରାହ୍ୟ କରି ସେମାନଙ୍କ ଦଣ୍ଡକୁ ଠିକ୍ ବୋଲି ଦର୍ଶାଇଛନ୍ତି । ସୂଚନାଯୋଗ୍ୟ ଯେ ଦିଲ୍ଲୀରେ ସର୍ବାଧିକ ଯୌନ ଅପରାଧ ସଂଘଟିତ ହେଉଥିବା ବେଳେ ଦୃଷ୍ଟାନ୍ତମୂଳକ ଦଣ୍ଡାଦେଶ ହେଉନଥିବାରୁ ଏହି ସବୁ ଅପରାଧ ଦିନକୁ ଦିନ ବୃଦ୍ଧି ପାଉଛି ବୋଲି ଅନେକ ବୁଦ୍ଧିଜୀବି ମତ ଦେଇଛନ୍ତି ।

## ୩. ସଞ୍ଜୟ ଦତ୍ତଙ୍କୁ ଭଦ୍ର କରିଦେଉଛି ସଞ୍ଜୁ ଚଳଚ୍ଚିତ୍ର

ବିଗତ ମାସରେ ମୁକ୍ତିଲାଭ କରିଥିବା ଏକ ଚଳଚ୍ଚିତ୍ର ସଞ୍ଜୁ, ଅନେକ ଅପରାଧରେ ସଂପୃକ୍ତ ତଥା ଦଣ୍ଡ ପାଇଥିବା ଅଭିନେତା ସଞ୍ଜୟ ଦତ୍ତଙ୍କ ଜୀବନି ଉପରେ ଆଧାରିତ ହୋଇଥିବା ବେଳେ ଏହା ଦ୍ୱାରା ସେ ନିଜ ପ୍ରତି ହୋଇଥିବା ଦଣ୍ଡାଦେଶ ଅନ୍ୟାୟ ଏବଂ ସାମ୍ବାଦିକ ମାନେ ହିଁ ତାଙ୍କୁ ଦୋଷୀ ବୋଲି କହିଥିବା ଦର୍ଶାଇଛନ୍ତି । ସର୍ବୋପରି ସେ ଏହି ଚଳଚ୍ଚିତ୍ର ମାଧ୍ୟମରେ ଜଣାଇବାକୁ ଚାହିଁଛନ୍ତି ଯେ ସେ ଦୋଷୀ ନୁହନ୍ତି । ଅବଶ୍ୟ ଏହି ଚଳଚ୍ଚିତ୍ରରେ ଦତ୍ତଙ୍କ ଜୀବନର ଅନେକ ବିଷୟକୁ ସ୍ଥାନ ଦିଆଯାଇନାହିଁ, ଯେମିତି କି ସେ ନିଜ ପ୍ରଥମ ବିବାହ, କନ୍ୟା ଆଦିଙ୍କ ବିଷୟରେ କିଛି ଜଣାଇ ନାହାନ୍ତି । ନିଜର ନିଶା ସେବନ କରିବାକୁ ବିଭିନ୍ନ ଘଟଣା ସହ ସଂପୃକ୍ତ କରାଇ ଯଥାର୍ଥ ବୋଲି ଦର୍ଶାଇଛନ୍ତି । ଚଳଚ୍ଚିତ୍ରରେ ସେ ସାଢ଼େ ତିନିଶହରୁ ଉର୍ଦ୍ଧ୍ୱ ମହିଳାଙ୍କ ସହ ରାତ୍ରୀଯାପନ କରିଛନ୍ତି ବୋଲି କହୁଛନ୍ତି । ଏହି ଭଳି ଚଳଚ୍ଚିତ୍ର ନିର୍ମାଣ କରି ଦତ୍ତଙ୍କ ଭଳି ଚରିତ୍ରର ମହିମାମଣ୍ଡନ କାହିଁକି କରାଯାଇଛି ତାହା ସମସ୍ତେ ବୁଝିପାରୁଛନ୍ତି ।

Download Magazine from www.aahwaan.com

ଏହିଭଳି ଚଳଚ୍ଚିତ୍ର କୋମଳମତି ଯୁବକଯୁବତୀଙ୍କ ଉପରେ କେଉଁଭଳି ଭାବରେ ପ୍ରଭାବ ପକାଇବ ତାହା ସହଜରେ ଅନୁମେୟ ।

ଯେଉଁ ଦେଶରେ ଜଣେ ପ୍ରତିଷ୍ଠିତ ଅଭିନେତା ନିଜ ଜୀବନୀ ଉପରେ ଆଧାରିତ ଚଳଚ୍ଚିତ୍ରରେ ଗର୍ବର ସହ ସାଢ଼େ ତିନିଶହ ମହିଳାଙ୍କ ସହ ରାତ୍ରୀଯାପନ କଥା କହିପାରୁଛନ୍ତି ଏବଂ ଏହି ସଂଳାପ ଶୁଣି ପ୍ରେକ୍ଷାଗୃହରେ କରତାଳି ବାଜୁଛି, ସେହି ଦେଶରେ ମହିଳାଙ୍କୁ ସମ୍ମାନ ମିଳିବ ନା କେବଳ ଏକ ପଣ୍ୟ ଭାବରେ ପରିଗଣିତ କରାଯିବ ତାହା ବୁଦ୍ଧିଜୀବି ମାନେ ମତ ଦେବେ ।

ଏହି ଭଳି ଚଳଚ୍ଚିତ୍ର ବି ବିଶେଷ ବ୍ୟବସାୟ କରୁଛି, ଏଥିରୁ ଦର୍ଶାଉଛି ଯେ ଆମର ଜନମାନସ ଅପରାଧୀଙ୍କୁ ମଧ୍ୟ ମହିମାମଣ୍ଡନ କରିବାରେ ଉପେକ୍ଷା କରୁନାହାନ୍ତି ।

## ୪. ମିସନାରୀଜ୍ ଅଫ୍ ଚାରିଟିରେ ଅପରାଧ

ବିହାର ରାଜଧାନୀ ପାଟନାରେ ଥିବା ମିସନାରୀଜ୍ ଅଫ୍ ଚାରିଟି କାର୍ଯ୍ୟାଳୟରେ ଜନୈକ ଗର୍ଭବତୀ କନ୍ୟାର ଶିଶୁକୁ ବିକ୍ରୀ କରାଯାଇଥିବା ଅଭିଯୋଗ ସୋସିଆଲ୍ ମେଡ଼ିଆରେ ବ୍ୟାପିବା ପରେ ସମୁଦାୟ ଦେଶକୁ ଦୋହଲାଇ ଦେଇଥିଲା । ଏକଦା ସେବାକାର୍ଯ୍ୟ ପାଇଁ ନୋବେଲ୍ ପୁରସ୍କାର ଏବଂ ଭାଟିକାନ୍ ଦ୍ୱାରା ସନ୍ଥ ଉପାଧି ପାଇଥିବା ମଦର ତେରେସାଙ୍କ ଦ୍ୱାରା ସ୍ଥାପିତ ମିସନାରିଜ୍ ଅଫ୍ ଚାରିଟିରେ ଏହିଭଳି ଏକାଧିକ ଘଟଣା ଘଟିଥିବା କଥା ଏବ ଧରାପଡ଼ିଛି । ମିଳିଥିବା ସୂଚନା

Download Magazine from www.aahwaan.com

ଅନୁଯାୟୀ ଅବିବାହିତା କନ୍ୟାମାନଙ୍କୁ ଗର୍ଭବତୀ କରାଇ ସେମାନଙ୍କ ସଦ୍ୟ ଜନ୍ମିତ ସନ୍ତାନକୁ ବିକ୍ରୀ କରିଦିଆ ଯାଉଥିଲା । ଅବଶ୍ୟ ଏହା ବର୍ତ୍ତମାନ ତଦନ୍ତ ଚାଲୁଛି, ଏଥିରେ କେତେ ସତ୍ୟ ଅଛି ତାହା ଦେଖିବାକୁ ରହିଲା । କିନ୍ତୁ ଏହିଭଳି ଏକ ଘୃଣ୍ୟ ଅପରାଧ ଯେ ଏହିଭଳି ଏକ ସ୍ଥାନରେ ହେଉଥିବ, ଏହା ଅବିଶ୍ୱସନୀୟ ।

## ୫. ପିଲାଚୋର ଖବର ନେଉଛି ଜୀବନ

ବିଗତ ଦିନରେ ହ୍ୱାଟସ୍ଆପରେ ଓଡ଼ିଶାର କୋରାପୁଟ୍ ଜିଲ୍ଲାରେ ପିଲାଚୋରୀ ହେଉଥିବା ଖବର ବ୍ୟାପିଥିଲା । ଏହାପରେ ସମୁଦାୟ ଜିଲ୍ଲା ସମେତ ରାଜ୍ୟରେ କୋକୁଆ ଭୟ ଖେଳି ଯାଇଥିଲା । ଧିରେ ଧିରେ ଏହା ଅନ୍ୟ ଜିଲ୍ଲାରେ ବି ହେଉଛି ବୋଲି ଦର୍ଶାଇ ଅନେକ ମେସେଜ୍ ଆସୁଥିଲା । ଲୋକମାନେ ଏତେ ମାତ୍ରାରେ ବିଚଳିତ ହୋଇଥିଲେ ଯେ ସେମାନେ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଆକ୍ରମଣ କରିବାକୁ ପଛାଇଲେ ନାହିଁ ।

ଏହିଭଳି ଖବର ଦେଶ ସାରା ବ୍ୟାପୀବା ପରେ ଅନେକ ରାଜ୍ୟରେ ନିରୀହ ଲୋକମାନେ ସମବେତ ଜନତାଙ୍କ ଆକ୍ରୋଶର ଶୀକାର ହୋଇ ମୃତ୍ୟୁବରଣ କରିଥିବା କଥା ଜଣାପଡୁଛି । ଅନ୍ୟୁନ ପଚିଶି ଜଣ ବ୍ୟକ୍ତି ଏଥିପାଇଁ ମୃତ୍ୟୁବରଣ କରିଛନ୍ତି ।

ସାମାଜିକ ମାଧ୍ୟମ ଯେ କେତେ ଶକ୍ତିଶାଳୀ ତାହା ଏଥିରୁ ଜାଣି ହେଉଛି । ଆପଣଙ୍କୁ ମିଳୁଥିବା ସମସ୍ତ ଖବର ସତ୍ୟ ନ ହୋଇପାରେ । ନିଜର ବୁଦ୍ଧି ବ୍ୟବହାର କରନ୍ତୁ । କୌଣସି ପଦକ୍ଷେପ ନେବାପୂର୍ବରୁ

Download Magazine from www.aahwaan.com

ଆହ୍ୱାନ ଶତକ ସଂସ୍କରଣ

ସ୍ଥାନୀୟ ପ୍ରଶାସନ ଏବଂ ଗୁଗୁଲ ବ୍ୟବହାର କରନ୍ତୁ ।

## ୬. ଶଶୀ ଥରୁର କହିଲେ ହିନ୍ଦୁ ପାକିସ୍ଥାନ କଥା

କଂଗ୍ରେସ ଦଳର ଜନୈକ ପ୍ରମୁଖ ସଦସ୍ୟ ଶଶୀ ଥରୁର ବିଗତ ଦିନରେ ମନ୍ତବ୍ୟ ଦେଇ କହିଲେ ଯେ ଯଦି ଭାରତୀୟ ଜନତା ପାର୍ଟି ୨୦୧୯ ମସିହାର ନିର୍ବାଚନରେ ବିଜୟୀ ହେଉଛି ତା ହେଲେ ସେମାନେ ଦେଶକୁ ହିନ୍ଦୁ ପାକିସ୍ଥାନରେ ପରିଣତ କରିଦେବେ ।

ସୂଚନାଯୋଗ୍ୟ ଯେ ବିଗତ ଦିନମାନଙ୍କରେ ବିରୋଧି ଦଳମାନେ ହିନ୍ଦୁ ମୁସଲମାନ ଫାଟ ସୃଷ୍ଟି କରି ରାଜନୀତି କରିଛନ୍ତି । ଶୁଣାଯାଉଛି, କଂଗ୍ରେସ ଦଳ ପ୍ରମୁଖ ରାହୁଳ ଗାନ୍ଧୀ ମୁସଲମାନ ନେତା ମାନଙ୍କୁ ଏକାନ୍ତରେ ଭେଟି ୨୦୧୯ ନିର୍ବାଚନରେ କଂଗ୍ରେସକୁ ଭୋଟ୍ ଦେବାପାଇଁ ନିବେଦନ କରିଛନ୍ତି । ଏକ ପ୍ରମୁଖ ଉର୍ଦ୍ଧୁ ସମାଚାର ପତ୍ରରେ ପ୍ରକାଶିତ ଖବର ଅନୁଯାୟୀ ଶ୍ରୀ ଗାନ୍ଧୀ ଉକ୍ତ ସଭାରେ ବକ୍ତବ୍ୟ ଦେଇଛନ୍ତି ଯେ କଂଗ୍ରେସ ମୂଳତଃ ମୁସଲମାନ୍ ମାନଙ୍କ ପାର୍ଟି । ଏବଂ ଏହି ଭେଟଘାଟ ପରେ ପରେ ଶଶୀ ଥରୁର ଉକ୍ତ ମନ୍ତବ୍ୟ ଦେଇଛନ୍ତି ।

ଏହାକୁ ନେଇ ରାଜନୈତିକ ଉଷ୍ଣତା ବୃଦ୍ଧି ପାଇଛି । କିଛି ବୁଦ୍ଧିଜୀବିଙ୍କ ମତରେ ଯଦି ୧୯୪୭ ମସିହାରେ ଭାରତକୁ ଧାର୍ମିକ ଆଧାରରେ ଦୁଇଭାଗରେ ବିଭକ୍ତ କରାଯାଇ ପାକିସ୍ତାନକୁ ମୁସଲମାନ୍ ରାଷ୍ଟ୍ର ବୋଲି ଘୋଷଣା କରାଯାଇଥିଲେ ତାହେଲେ ଭାରତକୁ ହିନ୍ଦୁ ରାଷ୍ଟ୍ର ବୋଲି ଘୋଷଣା କରାଯିବା ଉଚିତ ଥିଲା । ଏବଂ ଏବେ ମଧ୍ୟ ଏହି

Download Magazine from www.aahwaan.com

ଦେଶରେ ହିନ୍ଦୁ ସଂଖ୍ୟାଗରିଷ୍ଠତା ଥିବା ହେତୁ ଏହାକୁ ହିନ୍ଦୁ ରାଷ୍ଟ୍ର ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ ।

ସୂଚନାଯୋଗ୍ୟ ଯେ ନିଜ ପତ୍ନୀ ସୁନନ୍ଦା ଥରୁରଙ୍କ ହତ୍ୟାକାଣ୍ଡରେ ସଂପୃକ୍ତି ଥିବା କଥା ତଦନ୍ତ ହେବ ବୋଲି ଶୁଣିବାପରେ ସେ କୋର୍ଟରୁ ଆଣ୍ଟିସିପାଟୋରି ବେଲ୍ ଆବେଦନ କରିଛନ୍ତି ।

## ୭. ଦେଶରେ ସ୍ଥାପନ କରିବାକୁ ଚାହୁଁଛନ୍ତି ଶରିଆ ଅଦାଲତ

ବିଗତ ସପ୍ତାହରେ ଯେଉଁ ଖବର ସର୍ବାଧିକ ଗଣମାଧ୍ୟମରେ ପ୍ରକାଶିତ ହୋଇଥିଲା ତାହା ଥିଲା ଅଲ୍ ଇଣ୍ଡିଆ ମୁସଲିମ୍ ସଂଗଠନ ଦ୍ୱାରା ଦେଶର ପ୍ରତ୍ୟେକ ଜିଲ୍ଲାରେ  ଶରିଆ ଅଦାଲତ ସ୍ଥାପନର ପ୍ରସ୍ତାବ । ଏକ ସୂଚନା ମୁତାବକ, ଜୁଲାଇ ମାସ ପନ୍ଦର ତାରିଖରେ ହାଇଦ୍ରାବାଦରେ ହେବାକୁ ଥିବା ସର୍ବଭାରତୀୟ ସଭାରେ କିଛି ମୁସଲିମ୍ ବୁଦ୍ଧିଜୀବି ପ୍ରତ୍ୟେକ ଜିଲ୍ଲାରେ ଶରିଆ ଅଦାଲତ ସ୍ଥାପନ ପାଇଁ ପ୍ରସ୍ତାବ ରଖିବେ ବୋଲି କୌଣସି ସୂତ୍ରରୁ ଖବର ପାଇବା ପରେ ଏହାକୁ ନେଇ ତୁମ୍ବିତୋଫାନ ସୃଷ୍ଟି ହୋଇଛି । ଭାରତ ସରକାର ତିନି ତଲାଖ ମାମଲାରେ ହସ୍ତକ୍ଷେପ କରି ଏହାକୁ ଅଗଣତାନ୍ତ୍ରିକ ବୋଲି ଘୋଷଣା କରିବା ପରେ ଏବେ ନିକାହେ-ହଲାଲା ବ୍ୟବସ୍ଥାକୁ ମଧ୍ୟ ବନ୍ଦ କରିବାକୁ ଚେଷ୍ଟା କରୁଛନ୍ତି ବୋଲି ଅଭିଯୋଗ କରି ମୁସଲମାନ ମାନେ ନିଜର ସମସ୍ତ ପାରିବାରିକ ସମସ୍ୟାକୁ ଏହି ଶରିଆ ଅଦାଲତ ମାଧ୍ୟମରେ ତୁଟାଇବେ ବୋଲି କୁହାଯାଉଛି ।

Download Magazine from www.aahwaan.com

ଶରିଆ ଆଇନ୍ ଅନୁଯାୟୀ ଅଦାଲତ ମାନ ବିଶ୍ୱର ଅନେକ ଦେଶରେ ରହିଛି ଏବଂ ଏହି ଅଦାଲତରେ ଅତି କଠୋର ଦଣ୍ଡ ଦିଆଯାଏ । ସାମାନ୍ୟ ଅପରାଧ ପାଇଁ କଠୋରତମ ଦଣ୍ଡାଦେଶ ଏହି ଅଦାଲତ ମାନଙ୍କ ବିଶେଷତ୍ୱ । ବଳାତ୍କାର ପାଇଁ ସର୍ବସମ୍ମୁଖରେ ହତ୍ୟା କରାଯିବା, ଚୋରୀ କଲେ ହାତ କାଟିଦେବା, ମୁଣ୍ଡ କାଟିଦେବା ଇତ୍ୟାଦି ସେ ସବୁମଧ୍ୟରେ ଅନ୍ତର୍ଭୁକ୍ତ । ଭାରତରେ ମଧ୍ୟ ଏହି ଭଳି ବ୍ୟବସ୍ଥା ଲାଗୁହେବକି ବୋଲି ବୁଦ୍ଧିଜୀବି ମାନେ ପ୍ରଶ୍ନ କରିଛନ୍ତି ।

ଯେତେବେଳେ ଏହି ନିଷ୍ପତ୍ତି ବିରୋଧରେ ଜନଆକ୍ରୋଶ ବୃଦ୍ଧିପାଇଲା ସେତେବେଳେ କାଶ୍ମୀର ଜଣେ ମୁଫ୍ତି ଘୋଷଣା କରି କହିଲେ ଯେ ଯଦି ଆମକୁ ଅଲଗା ଅଦାଲତ ବ୍ୟବସ୍ଥା କରି ଦେଉନାହଁ ତେବେ ଆମକୁ ଅଲଗା ଦେଶ ଦେଇଦିଅ ।

ଏହା ସବୁ ଯୋଜନାବଦ୍ଧ ଭାବରେ ଦେଶକୁ ଅସ୍ଥିର କରିବାପାଇଁ କରାଯାଉଛି ବୋଲି ଅଧିକାଂଶ ମତ ଦେଇଛନ୍ତି । ମୋଦୀ ସରକାରଙ୍କୁ ୨୦୧୯ରେ ଯେକୌଣସି ଭାବରେ ବି ହରାଇବା ପାଇଁ ବିରୋଧିମାନେ ଯେ କୌଣସି ପଦକ୍ଷେପ ନେବାପାଇଁ ରାଜି ହେଉଛନ୍ତି । ଓଡ଼ିଆରେ କଥାଟିଏ ଅଛି, 'ଘଇତା ପଛେ ମରୁ, ସଉତୁଣୀ ରାଣ୍ଡ ହେଉ', ଏହି ନ୍ୟାୟରେ ଏହି ଲୋକମାନେ ମୋଦୀଙ୍କୁ ହରାଇବାର ଷଡ଼ଯନ୍ତ୍ର କରୁ କରୁ ଦେଶକୁ ନଷ୍ଟ କରିବାକୁ ପଛାଉନାହାନ୍ତି । ଏହିଭଳି ଚିନ୍ତାଧାରାକୁ ଆମେ ଘୃଣା କରୁ । ଏବଂ ଏହିଭଳି ମତ ରଖୁଥିବା ବ୍ୟକ୍ତିଙ୍କୁ ତୁରନ୍ତ ଗିରଫ କରାଯାଇ ଦେଶ

Download Magazine from www.aahwaan.com

ବିରୋଧୀ କାର୍ଯ୍ୟକଳାପ ପାଇଁ ଅଦାଲତରେ ଉପସ୍ଥିତ କରାଯାଉ ।

## ୮. ଅନ୍ଧାର ଗୁମ୍ଫାରେ କୋମଳ ଜୀବନ

ଥାଇଲାଣ୍ଡର ଗୋଟିଏ ସ୍କୁଲର ଫୁଟବଲ ଖେଳାଳୀ ଦଳ ଫୁଟବଲ ଖେଳି ଜିତିବା ପରେ ଆନନ୍ଦ ପାଳିବାପାଇଁ ଗୋଟିଏ ଗୁମ୍ଫା ଦର୍ଶନ କରିବାକୁ ଯାଇଥିବା ବେଳେ ହଠାତ୍ ପାଣି ଆସିଯିବାପରେ ସେମାନେ ଗୁମ୍ଫାର ଭିତରକୁ ଚାଲିଯାଇଥିଲେ । ଏବଂ ପରେ ପାଣିସ୍ତର ବୃଦ୍ଧିପାଇବା ପରେ ଏଗାର ଜଣ ଶିଶୁ ଓ ଜଣେ ଶିକ୍ଷିକା ସେହି ଗୁମ୍ଫା ଭିତରେ ବନ୍ଦୀ ହୋଇ ରହିଗଲେ । ସେମାନଙ୍କୁ ଖୋଜି ଖୋଜି ଆଠଦିନ ପରେ ଗୁମ୍ଫା ଭିତରେ ଠାବ କରାଯାଇଥିଲା ଏବଂ ବିଭିନ୍ନ ଦେଶର ଉନ୍ନତ ସୈନ୍ୟବାହିନୀର ସୁଦକ୍ଷ ସଦସ୍ୟଙ୍କୁ ନେଇ ଗଠିତ ଏହ ଦଳର ପ୍ରୟାସରେ ପାହାଡ଼ ଗୁମ୍ଫାର ପାଞ୍ଚ କିଲୋମିଟର ଭିତରେ ଫସି ଯାଇଥିବା ପିଲାମାନଙ୍କୁ ବହୁ କଠିନ ପରିଶ୍ରମ କରି ବଞ୍ଚାଇ ଦିଆଯାଇଛି । ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ ଭାବରେ ଆଠଦିନ ଧରି କିଛି ନ ଖାଇ ନ ପିଇ ଏହି ଫୁଟବଲ ଦଳର ସଦସ୍ୟମାନେ କେମିତି ଗୁମ୍ଫା ଭିତରେ ରହିଥିଲେ ଭାବିଲେ ଶ୍ୱାସ ଅଟକି ଯାଉଛି । ଏଗାର ବର୍ଷରୁ ଚଉଦ ବର୍ଷ ବୟସର ଶିଶୁମାନେ ଏତେ ଧୈର୍ଯ୍ୟ ଓ ସାହାସ ଦେଖାଇବା ଅତ୍ୟନ୍ତ ଉତ୍ସାହର କଥା ।

ସୂଚନାଯୋଗ୍ୟ ଯେ ଦଳର କୌଣସି ସଦସ୍ୟ ପହଁରା ଜାଣିନଥିଲେ ଏବଂ ସେମାନଙ୍କୁ ରକ୍ଷା କରିବା କାମରେ ନିଯୁକ୍ତ ଜଣେ ଦକ୍ଷ ପହଁରାଳୀ

Download Magazine from www.aahwaan.com

ଆହ୍ୱାନ ଶତକ ସଂସ୍କରଣ

ସେହି ଗୁମ୍ଫା ପାଣିରେ ବୁଡ଼ି ପ୍ରାଣ ହରାଇବା ପରେ ପିଲାମାନଙ୍କୁ ବଞ୍ଚାଇବା ବସ୍ତୁତଃ ଅସମ୍ଭବ ବୋଲି କୁହାଯାଉଥିଲା । ପ୍ରବଳ ବର୍ଷା ହେତୁ ଗୁମ୍ଫାରେ ଅଧିକ ପାଣି ପ୍ରବେଶ କରିବାପରେ ପିଲାମାନେ ଅନ୍ୟୁନ ଚାରିମାସ ପରେ ଗୁମ୍ଫାରୁ ବାହାରିବେ ବୋଲି କୁହାଯାଉଥିଲା କିନ୍ତୁ ତ୍ୱରିତ ପ୍ରତିକ୍ରିୟା ବଳଙ୍କ ସୁଦକ୍ଷ ପରିଚାଳନାରେ ମାତ୍ର ଦୁଇଦିନରେ ସମସ୍ତ ସଦସ୍ୟଙ୍କୁ ଗୁମ୍ଫାରୁ ସକୁଶଳ ବଞ୍ଚାଇ ଅଣାଯାଇ ପାରିଲା ।

ଏହାକୁ ହିଁ କୁହନ୍ତି, ଯାହାକୁ ରଖିବେ ଅନନ୍ତ, କେ କରିପାରେ ବଳବନ୍ତ ।

ଆଶା କରୁଛି ବିଗତ ଅନେଶତ ସଂସ୍କରଣ ଭଳି ଆହ୍ୱାନ ଇ-ପତ୍ରିକାର ଏହି ଶହେତମ ସଂସ୍କରଣ ମଧ୍ୟ ଆପଣମାନଙ୍କୁ ଆମୋଦିତ କରିବ । ଏହି ପତ୍ରିକା ପ୍ରକାଶନ ବେଳେ ଏଥିରେ ସଂପୃକ୍ତ ସମସ୍ତ ବ୍ୟକ୍ତିବିଶେଷଙ୍କୁ ମୁଁ ହୃଦୟରୁ ଧନ୍ୟବାଦ ଦେଉଛି ।

ଜୟ ଓଡ଼ିଆ, ଜୟ ଓଡ଼ିଶା, ଜୟ ଜଗନ୍ନାଥ ।

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା-ସମ୍ପାଦକ,

ଆହ୍ୱାନ ଇ-ପତ୍ରିକା

# ଗଳ୍ପ ବିଭାଗ

Download Magazine from www.aahwaan.com

# ଶନିବାର

ସେଦିନ ବି ଶନିବାର ଥିଲା, ଆଜି ବି ଶନିବାର । ଏହି ଦିନଟିକୁ କେଜାଣି କାହିଁକି ସେ ଭାରି ଭଲ ପାଏ । ପିଲାଦିନେ ଶନିବାର ଦିନ ସକାଳୁଆ ସ୍କୁଲ, ଶୀଘ୍ର ଛୁଟି ହୋଇଯାଏ । ସ୍କୁଲରୁ ଫେରି ବହିବସ୍ତାନି ପକାଇଦେଇ ନାଳକୁ ଗାଧୋଇଯିବା ବାହାନାରେ, ପାଣିରେ ବୁଡ଼ି ବୁଡ଼ି ପହଁରି ମାଛ ଧରେ । ହାଲିଆ ହେବା ପର୍ଯ୍ୟନ୍ତ ପାଣିରେ ମାଛ ମାନଙ୍କ ସହ ଲୁଚକାଳି ଖେଳେ । ସାଙ୍ଗମାନଙ୍କ ସହ ପହଁରା ପ୍ରତିଯୋଗୀତାରେ ଖୁବ୍ ଶୀଘ୍ର ଅନ୍ୟ କୂଳକୁ ଚାଲିଯାଏ । ଖରାବେଳେ ଘରେ ଖାଇବା ବେଳେ ଆଖିରୁ ନାକରୁ ପାଣି ଗଡୁଥାଏ, ଆଖି ସବୁ କୁମ୍ଭାଟୁଆ ଭଳି ନାଲି ପଡ଼ି ଯାଇଥାଏ । ବୋଉ ତାଗିଦ କରେ ଖାଇସାରି ଚୁପଚାପ୍ ଯାଇ ଶୋଇଯିବୁ, ନହେଲେ ସନ୍ଧ୍ୟାରେ ବାପାଙ୍କୁ କହି ମାଡ଼ ଖୁଆଇବି । ନିରବରେ ଶୋଇବାପାଇଁ ଖଟ ଉପରକୁ ଉଠିଯାଏ ସତ ମାତ୍ର କିଛି ସମୟ ପରେ ବୋଉ କାମରେ ବ୍ୟସ୍ତ ହୋଇ ଆଡୁଆଳ ହୋଇଗଲେ, ବାଡ଼ି କବାଟ ପଟେ ପୁଣି ବାହାରିଯାଏ । ସାରା ଖରାବେଳଟା ତାର ଭଇଁଚ କୋଳି, ବେତ କୋଳି ତୋଳା, ଗୋଡ଼ି ଖେଳ, କିତି କିତି ଖେଳରେ ସରିଯାଏ । ସଞ୍ଜ ମାଡ଼ିଆସେ । ବାପା ବାହାରୁ ଆସିବା ପୂର୍ବରୁ ଗଣ୍ଡେ ଖାଇଦେଇ ବହି ଧରି ବସିପଡ଼େ । ହେଲେ ଦିନସାରାର ଏତେ ପରିଶ୍ରମ, ତା ଆଖି ମାଡ଼ି ହୋଇପଡ଼େ । ଥରକୁ ଥର ବହି ଉପରେ ମୁଣ୍ଡ ଘୁମେଇ ଘୁମେଇ



ଅନସୂୟା ପଣ୍ଡା

ଆହ୍ୱାନ
ଶତକ
ସଂସ୍କରଣ


Download Magazine from www.aahwaan.com

ଲାଗିଯାଏ । "ଆରେ ଖାଇକି ଶୋ, ଖାଲି ପେଟରେ ଶୁଅ'ନା ।" ବୋଉ ରୋଷେଇ କରୁ କରୁ କହୁଥାଏ । ଖାଇସାରି ଶୋଇଲା ବେଳକୁ ଭାବେ ଆସନ୍ତା କାଲି ରବିବାର । ପୁଣି ମଜା ହେବ । ରବିବାରଟି ମଧ୍ୟ ତା'ର ଏମିତି ପାଣିରେ ବୁଡ଼ା, ଗଛରେ ଚଢ଼ାରେ କଟିଯାଇ କେମିତି କେଜାଣି ଦିନ ନଇଁ ସଞ୍ଜ ମାଡ଼ି ଆସେ । ବୋଉ ଚଉରା ମୂଳେ ଭାଗବତ ପଢ଼ିବା ଆରମ୍ଭ କରିବା ଦେଖି ସୋମବାର ସ୍କୁଲ ପାଠ ପଢ଼ା ପାଇଁ ଛନକା ପଶିଯାଏ ।

ଏମିତି ଏକ ଶନିବାର ଦିନ ସେ ଶୁଣିଥିଲା ତାଙ୍କ ଗାଁ ସ୍କୁଲରୁ ସେ ଏକା ଫାଷ୍ଟ ଡିଭିଜନ୍ ପାଇ, ଜାତୀୟ ମେଧାବୃତ୍ତି ପାଇଛି ବୋଲି । ଯେଉଁଦିନ ସେ ଉତ୍କଳ ବିଶ୍ୱବିଦ୍ୟାଳୟର ସ୍ନାତକ ଗଣିତ ବିଭାଗରେ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇ ଗୋଲ୍ଡ ମେଡ଼ାଲ୍ ପାଇବ ବୋଲି ଶୁଣିଥିଲା, ସେଦିନ ବି ଶନିବାର ହିଁ ଥିଲା । ଆଉ ସେମିତି ଏକ ଶନିବାର ଦିନ ସେ ଶୁଣିଥିଲା ଓଡ଼ିଶାରୁ ସେ ଏକମାତ୍ର ଝିଅ ବମ୍ବେରେ ଏମ୍‌ଟେକ୍ କରିବାକୁ ଯିବ ବୋଲି । ତା ଜୀବନର ଯେତକ ଖୁସି ଖବର ସେ ଶନିବାର ହିଁ ପାଇଛି ।

ଏବେ କିନ୍ତୁ ଶନିବାରଟା ତା'ର ପରମଶତ୍ରୁ ପାଲଟି ଯାଇଛି । ଶନିବାର ପରେ ପୁଣି ରବିବାର । ପିଲାଦିନ ପରି ଏ ଦିନ ସବୁ ତାକୁ ଖୁସି ଦେଉନି । କେମିତି ଅଣନିଃଶ୍ୱାସୀ ହୋଇଯାଉଛି ସେ ଏଇ ଦିନ ସବୁରେ । ବେଶୀ ଚିନ୍ତା କଣ ସେ ଉତ୍ତର ଦେବ, କେମିତି ଭୁଲାଇବ ଅଙ୍କିତାକୁ ।

'ଅଙ୍କିତା' ତା ଝିଅ, ଚାରି ପୁରି ପାଞ୍ଚ ଚାଲୁଛି । ତାଙ୍କ କଲୋନୀର ସବୁ ଶିଶୁଙ୍କ ପରି ସେ ବି ଚାହୁଁଛି ତା'ର ପାପା, ମାମାଙ୍କ ସହ ଛୁଟି ଦିନକୁ

Download Magazine from www.aahwaan.com

ସମ୍ପୂର୍ଣ୍ଣ ଉପଭୋଗ କରିବ । କାର୍ଟୁନ ଫିଲ୍ମ ଦେଖିବ, ସି ବିଚରେ ବୁଲିବ ପୁଣି କେଉଁ ରେସ୍ତୋରାଁରେ ସନ୍ଧ୍ୟା ଭୋଜନ କରି ଫେରିବ । ବାପା ମା ଉଭୟଙ୍କ  ସ୍ନେହରେ ତାକୁ ବୁଡ଼ାଇବାକୁ ଯାଇ, ଥକି ପଡ଼େ ବିଜ୍ଞାନୀ, ହାରିଯାଏ ତାର ଅଛିଣ୍ଡା ଅବୋଧ ପ୍ରଶ୍ନରେ । "ଲୋନୀ'ର ଡାଡି ତାକୁ ସ୍କୁଲରେ ଛାଡ଼ି ଦେଉଛନ୍ତି, ବୁଲେଇ ନେଉଛନ୍ତି, ଚକୋଲେଟ୍, କଣ୍ଢେଇ ଆଣି ଦେଉଛନ୍ତି ହେଲେ ମୋ ଡାଡି କାହାନ୍ତି ଯେ ?" ମୁଁ ପରା ତୋତେ କାରରେ ସ୍କୁଲ୍ ଛାଡ଼ି ଦେଉଛି, ବୁଲେଇ ନେଉଛି, ତୋତେ ଏତେ ଚକୋଲେଟ୍ ଆଣି ଦେଉଛି, କଣ୍ଢେଇ କିଣି ଦେଉଛି, ହେଲେ ନା ସେ ଅବୁଝା ବୁଝେନା । କେମିତି ତାକୁ ସେ ବୁଝାଇବ । ତା ନିଷ୍ପାପ ମନରେ ଆଙ୍କିଦେବ ତା ଡାଡି ସେମାନଙ୍କୁ ଛାଡ଼ି ଦେଇଛନ୍ତି । ତା ଡାଡି ଏବେ ଆଉ କାହାର ପ୍ରିୟ ପିରା ହୋଇ ସାରିଥିବେ ।

ଆଜି ଶନିବାର । ଏ ଇଣ୍ଟରନ୍ୟାସନାଲ୍ ସ୍କୁଲ ସବୁ ଶନିବାର, ରବିବାର ଦିନ ଛୁଟି । ଜିଦ୍ଦି କରି ସେ ଲୋନୀର ଡାଡି ମମିଙ୍କ ସହ ଜ୍ୱାକିଂ ୱିଥ୍ ଡାଇନୋସର୍ ମୁଭିର ଥ୍ରୀ ଡି ଭର୍ସନ ଦେଖିବାକୁ ଯାଇଛି । ମିଷ୍ଟର ମହାନ୍ତି, ଲୋନୀର ଡାଡି, ତାକୁ ମଧ୍ୟ ନିମନ୍ତ୍ରଣ କରୁଥିଲେ, ହେଲେ ସେ ମନା କରିଦେଲା ଅସୁସ୍ଥତାର ଆଳ ଦେଖାଇ । ଫ୍ୟାନଟା ବୁଲେଇ ଦେଇ ଗଡ଼ିଗଲା ଖଟରେ, ଆଖିବୁଜି ଶୋଇବାକୁ ଚେଷ୍ଟା କରିଲା, ନିଦ ହେଲାନି । ଏଇ ତ ଆଉ ପିଲାଦିନ ନୁହେଁ ଯେ ସାରା ଖରାବେଳଟା ବେତ କୋଳି, ଭଇଁଚ କୋଳି ତୋଳା, କିତି କିତି ଖେଳରେ କଟିଯିବ ।

ଗତ ସପ୍ତାହରେ ଚିତ୍ରା ସାଙ୍ଗରେ ବସଷ୍ଟାଣ୍ଡରେ ଦେଖା ହୋଇଥିଲା ।

Download Magazine from www.aahwaan.com

କହୁଥିଲା କେଉଁ ଏକ କଲେଜରେ ଅଛି । ବାହା ହୋଇନି କି ହେବନି । ଖୁବ୍ ଖୁସିରେ ଅଛି ଏମିତି । ଦୁଇ ସାଙ୍ଗ ଫେରି ଯାଇଥିଲେ କେଇ ମୁହୂର୍ତ୍ତ ବାଣୀବିହାର ହଷ୍ଟେଲ୍ ଜୀବନର ଦିନ ସବୁକୁ । ଚିତ୍ରା କହୁଥିଲା, "ଜାଣିଛୁ, ବିଜ୍ଞାନୀ ହଷ୍ଟେଲରେ ତୋ ଶାଗ, ବାଇଗଣ ଭଜା, ବଡ଼ି ଆଳୁ ପାଗ ମୋର ଏବେ ବି ମନେ ପଡ଼େ । ଆଉ ଖୁବ୍ ଖୁସିରେ ଥିବ ଏବେ । ତୋ ହିରୋ ତ ତୋର ବହୁତ ଯତ୍ନ ନେଉଥିବ ।" କେବଳ ହସିଦେଲା ସେ, ନିଜ ଘରର ଠିକଣା ଦେଇ ନିମନ୍ତ୍ରଣ କରି ଫେରିଲା ସେଦିନ ।

ନିଃସଙ୍ଗତା ତାକୁ ଯେମିତି ଖାଇ ଗୋଡ଼ାଉଛି ଆଜି, ପୁରୁଣା ସ୍ମୃତି ସବୁ ବେତାଳ ହୋଇ ଓହଳି ଯାଉଛନ୍ତି ତା କାନ୍ଧରେ । ସବୁବେଳେ ତ ଜୀବନ ଦୁଃଖପୂର୍ଣ୍ଣ, ଅବାସ୍ତବ, ଏକ ନିଷ୍ଫଳ ସ୍ୱପ୍ନ ନୁହେଁ । ଯଦି ମନ ଭିତରେ ଅତୀତର ସ୍ମୃତି ନଥାନ୍ତା । ଭବିଷ୍ୟତର ସ୍ୱପ୍ନ ନଥାନ୍ତା ତେବେ ବର୍ତ୍ତମାନ ତ ଆମର ମୃତ ପ୍ରାୟ ହୋଇଥାନ୍ତା । କାରଣ ଏ ଦୁଇଟିରୁ ହିଁ ତ ବର୍ତ୍ତମାନର ଲଢ଼େଇ ପାଇଁ ଶକ୍ତି ମିଳିଯାଏ । ମଣିଷ ଉପାୟଶୂନ୍ୟ ଓ ଅସହାୟ ହୋଇଗଲେ କେତେ ସରଳ, ନରମ ଜଣାପଡ଼େ ତାହା ତାର ମୁହଁ ହିଁ ପ୍ରକାଶ କରେ ।

ଚିତ୍ରା ବୋଧେ ଜାଣେନି ପାର୍ଥ ଶତପଥୀ, ବିଜ୍ଞାନୀ ପଟ୍ଟନାୟକକୁ କେବଳ ଏକ ଚ୍ୟାଲେଞ୍ଜରେ ସାଙ୍ଗମାନଙ୍କ କଥାରେ ଜୀବନସାଥୀ କରିବାକୁ ବାହାରି ଆସିଥିଲେ । ବଡ଼ ସ୍ୱାଭିମାନୀ ଥିଲା ବିଜ୍ଞାନୀ । ଏକ ନିମ୍ନ ମଧ୍ୟବିତ୍ତ ପରିବାରରୁ ସେ ବାହାରି ଆସିଥିଲା । ତା'ର ମନୋବଳ ଓ ମେଧା ଶକ୍ତି ନେଇ । ଗେଟ୍ ପାଇ ଯେତେବେଳେ ସେ ବମ୍ବେ ଯାଇଥିଲା

Download Magazine from www.aahwaan.com

ଉଚ୍ଚ ଶିକ୍ଷାପାଇଁ ସେତେବେଳେ ନଥିଲା ପାଖରେ ତା'ର ଧନ ବଳ ବା ଚିହ୍ନାଜଣା । ଫିକା ରଙ୍ଗର ଡ୍ରେସ୍ ଓ ହଳଦୀଆ ରଙ୍ଗର ସାଇକେଲ ଖଣ୍ଡିକ ଧରି ସେ ଯେତେବେଳେ କ୍ଲାସକୁ ବାହାରେ ସେତେବେଳେ ପୁଅମାନଙ୍କର ନାହିଁ ନଥିବା କମେଣ୍ଟ । ପାର୍ଥ ଶତପଥୀ ଓଡ଼ିଶାର ତା'ର ଉପର ବ୍ୟାଚ୍ । ସାଙ୍ଗ ମାନଙ୍କା ଆଗରେ ଶପଥ କରିଥିଲେ, "ଏ ବର୍ଷ ଓଡ଼ିଶାରୁ ଯେଉଁ ଝିଅ ଆସିବ, ଏଠି ଏମ୍‌ଟେକ୍ କରିବାକୁ ମୁଁ ତାକୁ ହିଁ ବାହା ହେବି ।" ବିଜ୍ଞାନୀ ଦେଖିବାକୁ କଳା, ଧେଡ଼ିଆ, ତା'ର ପୁଣି ଯେଉଁ ରଙ୍ଗକୁ ନ ମାନିଲା ପରି ଫିକା ରଙ୍ଗର ଡ୍ରେସ୍ ଦେଖି ପାର୍ଥଙ୍କ ମୁହଁ ଆମ୍ବିଳା ହୋଇଗଲା । ସାଙ୍ଗମାନେ ଏ ସୁଯୋଗର ଫାଇଦା ନେଇ ପାର୍ଥକୁ ନିତି ଚିଡ଼ାନ୍ତି, ବାଧ୍ୟ କରନ୍ତି, ଶପଥ କଥା ମନେ ପକାଇ ଦିଅନ୍ତି । ସାଙ୍ଗମେଳରେ ପାର୍ଥ ସିନା ଶପଥ କରି ଦେଇଥିଲେ, ହେଲେ ସେ କଣ ଜାଣିଥିଲେ, ବିଜ୍ଞାନୀ ପରି କାଳୀ ଝିଅ ହିଁ ଆସିବ, ଶେଷକୁ ଯେଉଁଠି ମଲ୍‌ଟି ଚଏସ୍ ହିଁ ନଥିବ !!!

ଏମିତି ଏକ ଶନିବାରେ ପାର୍ଥ ପ୍ରଥମ ଥର ତା ସହିତ ମିଶିବାକୁ ଆସିଥିଲେ, କଲେଜର ଘାସ ଲନ ଉପରେ ପାର୍ଥ ଓ ସେ ବସିଥିଲେ । ସୌମ୍ୟଦର୍ଶୀ ପାର୍ଥଙ୍କ ସହ ବସିଲା ବେଳେ ବିଜ୍ଞାନୀ ସଙ୍କୁଚିତ ମନେ କରୁଥିଲା । କିଛି ସମୟ କଥାବାର୍ତ୍ତା ପରେ ଗମ୍ଭୀର ପାର୍ଥ ସହଜ ଲାଗିଲେ ତାକୁ । ପ୍ରଥମ ଚିହ୍ନାରେ ପ୍ରଥମ କଥାରେ ବିଜ୍ଞାନୀ ନରମ ହୋଇ ଯାଇଥିଲା । ଧିରେ ଧିରେ ସେ ପାର୍ଥଙ୍କର ନିକଟ ହେବାକୁ ଲାଗିଲା । ସେ ବନ୍ଧୁତ୍ୱର ସମ୍ପର୍କ ବିଜ୍ଞାନୀ ମନରେ ପ୍ରେମର ବୀଜ ବୁଣିବାରେ ଲାଗିଲା । ମାତ୍ର ମେଧାବୀ, ସୌମ୍ୟଦର୍ଶୀ, ଧନୀ ଘରର ପୁଅ ପାର୍ଥ ତାକୁ ପସନ୍ଦ

Download Magazine from www.aahwaan.com

କରନ୍ତି କି ? ବିଜ୍ଞାନୀର ସବୁ ସଂଶୟକୁ ଅବସାନ କରି ଏକ ଶନିବାର ଦିନ ପାର୍ଥ ତାକୁ ପ୍ରେମ ନିବେଦନ କରିଥିଲେ ଓ ବିବାହର ପ୍ରତିଶୃତି ଦେଇଥିଲେ । ପରେ ଅବଶ୍ୟ ବିଜ୍ଞାନୀ ପାର୍ଥ ତାଙ୍କ ସାଙ୍ଗ ମାନଙ୍କ ପାଖରେ କରିଥିବା ଶପଥ ବିଷୟରେ ଜାଣିଥିଲା । ଏମିତି ତ ଟେକନିକାଲ୍ ପିଲାମାନେ ବହୁତ ଚ୍ୟାଲେଞ୍ଜ୍ ଖେଳ ଖେଳରେ ସାଙ୍ଗମାନଙ୍କ ଆଗରେ କରନ୍ତି ମାତ୍ର ଏ ସତରେ କଣ ବାସ୍ତବ ରୂପ ନିଏ ?

ପାର୍ଥଙ୍କର କ୍ୟାମ୍ପସ ସିଲେକ୍ସନରେ ଏକ ନାମୀ ବିଦେଶୀ କମ୍ପାନିରେ ଆକର୍ଷଣୀୟ ଦରମାରେ ଚାକିରୀ ହୋଇ ଯାଇଥିଲା । ଏ ଖୁସିର ମୁହୂର୍ତ୍ତକୁ ଦୁଇଗୁଣିତ ପାଇଁ ତାଙ୍କ ସାଙ୍ଗମାନେ ତାଙ୍କଠୁ ପ୍ରଥମ ଟ୍ରିଟ୍ ମାଗିଥିଲେ, ସେମାନଙ୍କ ବାହାଘର । କେତେଜଣ ଘନିଷ୍ଟ ବନ୍ଧୁମାନଙ୍କ ଉପସ୍ଥିତିରେ ସେମାନଙ୍କ ବାହାଘର ଏକ ମନ୍ଦିରରେ ହୋଇଥିଲା । ବାହାଘର ପରି ଏକ ବିରାଟ ସାମାଜିକ ଅନୁଷ୍ଠାନ କଣ ଏମିତି ହୁଏ ? ମାତ୍ର ଅବାସ୍ତବ ଲାଗୁଥିଲେ ବି ଏମିତି ହୋଇଥିଲା । ବିଜ୍ଞାନୀ ପାର୍ଥକୁ ସମ୍ପୂର୍ଣ୍ଣ ଭାବେ ବିଶ୍ୱାସ କରୁଥିଲା, ସମ୍ମାନ ଦେଉଥିଲା । କଥା ହେଲା ପାର୍ଥଙ୍କ ଫାଇନାଲ୍ ପରିକ୍ଷା ପରେ ସେ ତାଙ୍କ ଘରେ ଏ କଥା କହି ବାହାଘର ବିଧିବଦ୍ଧ ଭାବେ ହେବ । ବିଜ୍ଞାନୀ ଏତେ ବଡ଼ କଥା ନିଜ ଘରକୁ ମଧ୍ୟ ଜଣାଇ ନଥିଲା । ପାର୍ଥ ତାଙ୍କ କଥା ନିଶ୍ଚେ ରଖିବେ, ସମାଜ ଆଗରେ ତାକୁ ସମ୍ମାନର ସହ ପତ୍ନୀ ରୂପେ ସ୍ୱୀକାର କରିବେ, ଏଥିରେ କୌଣସି ସନ୍ଦେହ ନଥିଲା । କଣ୍ଟେଇର ବାହାଘର ପରି ଏ ଲାଗୁଥିଲେ ବି ବିଜ୍ଞାନୀ ଏହାକୁ ପବିତ୍ର ମନରେ ଗ୍ରହଣ କରୁଥିଲା । ବାହାଘର ପରେ ବିଜ୍ଞାନୀ ହଷ୍ଟେଲ୍

ଆହ୍ୱାନ ଶତକ ସଂସ୍କରଣ



Download Magazine from www.aahwaan.com

ଛାଡ଼ିଦେଲା । ସେମାନେ ଏକାଠି ଭଡ଼ାଘରେ ରହିଲେ । "ଏବେ ତ ପ୍ରେମିକ ପ୍ରେମିକାମାନେ ମଧ୍ୟ ବିବାହ ପୂର୍ବରୁ ଏକାଠି ରହୁଛନ୍ତି । ସେମାନେ ତ ମନ୍ଦିରରେ ଠାକୁରଙ୍କ ସାମନାରେ, ଘନିଷ୍ଟ ବନ୍ଧୁମାନଙ୍କୁ ସାକ୍ଷୀ ରଖି ବାହା ହୋଇଛନ୍ତି । ଏଥିରେ ଏକାଠି ରହିଲେ ପାପ କାହିଁକି ହେବ ?" ଏମିତି ନିଜକୁ ନିଜେ ବୋଧ ଦିଏ ବିଜ୍ଞାନୀ । ନୂଆ ନୂଆ ପ୍ରେମ ଓ ଗାନ୍ଧର୍ବ ରୀତିରେ ବିବାହ ବିଜ୍ଞାନୀକୁ ଖୁବ୍ ପୁଲକିତ କରୁଥିଲା । ଆର୍ଥଙ୍କ ସହ ଜୀବନ ଖୁବ୍ ସୁଖମୟ ଲାଗୁଥିଲା । ବିଜ୍ଞାନୀ ତାର ପାଠ ପଢ଼ାରେ ମଧ୍ୟ ଧ୍ୟାନ ଦେଉଥିଲା, ପାର୍ଥ ମଧ୍ୟ ତାକୁ ଏଥିରେ ସାହାଯ୍ୟ କରୁଥିଲେ । ଏ ଭିତରେ ପାର୍ଥଙ୍କର ଫାଇନାଲ୍ ପରୀକ୍ଷା ସରି ଯାଇଥାଏ । ପାର୍ଥ ଖୁବ୍ ଖୁସିଥିଲେ, କିଛିଟା କୋର୍ସ୍ କରିବାରେ ମନୋନିବେଶ କରୁଥିଲେ । ବିଦେଶୀ କମ୍ପାନୀରେ ନିଜ ପାରଦର୍ଶିତାର ପ୍ରମାଣ କରାଇବା ନିହାତି ଜରୂରୀ ।

'ଶନିବାର'ର ଏକ ଶୀତୁଆ ସକାଳରେ ପାର୍ଥ ସୁନ୍ଦରଗଡ଼ ବାହାରିଲେ । ତାଙ୍କ ଭାଇଙ୍କ ପୁଅର ବ୍ରତଘର । ବ୍ରତଘର ପରେ, ଘରେ ଆମ ମାନଙ୍କ ବିଷୟରେ କହି ବିଧିବଦ୍ଧ ଭାବରେ ବାହାଘର ହୋଇ ବିଜ୍ଞାନୀକୁ ତାଙ୍କ ଘରକୁ ନେବାର ପ୍ରତିଶୃତି ଦେଇ ସେ ଗଲେ ଯେ ଗଲେ... । ତାଙ୍କ ଫୋନକୁ ଫୋନ କଲେ ନା ଉତ୍ତର ଥିଲା ନା କିଛି ମେଲ୍ ବା ଚିଠି । ବଡ଼ ବ୍ୟସ୍ତତା ଭିତରେ ଦିନ ସବୁ ଯାଉଥିଲା । ପ୍ରାୟ ଦୁଇମାସ ପରେ ପାର୍ଥଙ୍କର ମେଲ୍ ପାଇଲା । ଖୁବ୍ ଲମ୍ବା ଇମେଲ୍ । ତା'ର ସାରମର୍ମ ଏମିତି ଥିଲା । "ମୋତେ କ୍ଷମା କରିଦେବ ବିଜ୍ଞାନୀ, ଆମ ବାହାଘର ପାଇଁ

Download Magazine from www.aahwaan.com
ଆହ୍ୱାନ ଶତକ ସଂସ୍କରଣ

ଆମ ଘରେ କେହି ରାଜି ହେଲେନି । ବାପାଙ୍କ ଆଗରେ ତ ମୁଁ ଏ ପ୍ରସ୍ତାବ କରିବାକୁ ସାହାସ କରି ପାରିଲିନି, ବୋଉକୁ ଯେତେ ମନେଇଲେ ବି ସେ ମାନିଲାନି । ତାକୁ ସୁନ୍ଦରୀ, ବ୍ରାହ୍ମଣ ଜାତିର, ମୋଟା ଅଙ୍କର ଯୌତୁକ ଆଣି ପାରୁଥିବା ବୋହୁ ଦରକାର । ସେମାନେ ଆଗରୁ ଝିଅ ଠିକ୍ କରି ରଖିଥିଲେ । ମୁଁ ବାହା ହେବାକୁ ମନା କରିବାରୁ, ବୋଉ ଆତ୍ମହତ୍ୟା କରିବ ବୋଲି ଜିଦ୍ ଧରିଲା ।" ଅର୍ଥାତ ପାର୍ଥ, ସୁନ୍ଦରୀ ବ୍ରାହ୍ମଣ ଧନୀ ଝିଅକୁ ବାହା ହୋଇ ସାରିଛନ୍ତି, ଭାଇ ପୁଅର ବ୍ରତଘର ତ ଏକ ବାହାନା ଥିଲା । ନିଜ ହୃଦୟ ଗଢ଼ିଥିବା ପ୍ରେମର ସଂସାରଟି ବାଲିଘର ପରି ନିମିଷକରେ ଚୁନ୍ ଚୁନ୍ ହୋଇଗଲା । କଣ ବା କାହାକୁ ଉତ୍ତର ଦେବ । କେତେ ସହଜ ଲୋକମାନଙ୍କ ପାଇଁ ଏ ସବୁ, ପୋଷାକ ବଦଳାଇବା ପରି ବଦଳି ଯାଆନ୍ତି । ମାତ୍ର ପାର୍ଥଙ୍କ ପରି ଦୃଢ଼ ପ୍ରତିଜ୍ଞ ବ୍ୟକ୍ତି ଯେ ଏତେ କାପୁରୁଷ ହୋଇପାରେ ବିଜ୍ଞାନୀ ବିଶ୍ୱାସ କରି ପାରୁନଥିଲା ।

ପଢ଼ାସାରି ସେ ଫେରିଥିଲା, ରାଉରକେଲା ଆର୍‌ଇସିରେ ଅଧ୍ୟାପିକା ପାଇଁ ନିଯୁକ୍ତି ପତ୍ର ପାଇ । ଘରକୁ ଫେରିବାର ଆଉ କୌଣସି ରାସ୍ତା ନଥିଲା, ତା ପାଖରେ । ସେ ପାର୍ଥଙ୍କ ସନ୍ତାନର ଜନନୀ ହେବାକୁ ଯାଉଥିଲା । ସେ ଭାବି ପାରୁନଥିଲା, କଣ ପରିଚୟ ଦେବ ସମାଜକୁ ସେ ନିଷ୍ପାପ ଆଗନ୍ତୁକର ?

ସମସ୍ତଙ୍କୁ ନିଜର କର ମାତ୍ର କାହାର ହୋଇଯାଅନି, ଏହା ବୋଧେ ଏ ସୃଷ୍ଟିର ନିୟମ । ସେ ତ ଚାହିଁନଥିଲା ପାର୍ଥଙ୍କୁ, କଣ ପାଇଁ ତେବେ ପାର୍ଥ ଖେଳିବସିଲେ ତା ସହ । କେଉଁଟା ତାଙ୍କ ପାଖରେ ବଡ଼ ହୋଇଗଲା, ରୂପ,

Download Magazine from www.aahwaan.com


ଜାତି, ଯୌତୁକ ଏ ସବୁ । ମାନବିକତା, ମୂଲ୍ୟବୋଧ ଏ ସବୁର କିଛି ମହତ୍ତ୍ୱ ନାହିଁ । ତା ସହ ବିତାଇଥିବା ସମୟ କଣ ଏକ ଅଭିନୟ ଥିଲା ? ସାଙ୍ଗମାନଙ୍କୁ ସନ୍ତୁଷ୍ଟ କରିବାପାଇଁ ବାହାନା ? କେବେ ବି କଣ ଗୋଟିଏ ମୁହୂର୍ତ୍ତ ତାର କୌଣସି ଗୁଣ ପାର୍ଥଙ୍କୁ ଭଲ ଲାଗିନଥିଲା ? କେବେ କଣ ପାର୍ଥ ତାକୁ ଭଲ ପାଇନଥିଲେ ? ସବୁବେଳେ ଏକ ଡ୍ରାମା ପରି କିଛି ସମୟ ପାଇଁ ମଞ୍ଚସ୍ଥ ହୋଇଥିଲା ? ସେ ତ ଆଉ ପଣ୍ୟଦ୍ରବ୍ୟ କି କଣ୍ଢେଇ ନଥିଲା । ଝିଅମାନଙ୍କର କଣ ନିଜର ଇଚ୍ଛା, ମାନସମ୍ମାନ ବୋଲି କିଛି ନାହିଁ ?

ବେଳେ ବେଳେ ଜୀବନର ମୋଡ଼ ଏମିତି ହୋଇଯାଏ ଯେ ମଣିଷ ଦୁଃଖ ସହ ସାଲିସ କରିବାକୁ ପଡ଼େ । ଅପମାନକୁ ମଥାପାତି ସହିନେବାକୁ ହୁଏ । ଆଉ ଗୋଟେ ମୁହୂର୍ତ୍ତରେ ତାକୁ ଏମିତି ଟାଣ ହୋଇଯିବାକୁ ହୁଏ ଯେ ତା ପାଇଁ ଦୁନିଆର ସବୁ ରାସ୍ତା ଫିଟିଯାଏ । ସେ ଦୁର୍ବଳ ମାନଙ୍କ ପରି ଆତ୍ମହତ୍ୟା କରିନଥିଲା, ସେ ଜାଣିଥିଲା ପୃଥିବୀ ସେଇମାନଙ୍କର ଯେଉଁମାନେ ବଞ୍ଚିଛନ୍ତି । ସେ ବଞ୍ଚିଥିଲା ଆଗାମୀ କାଲିର ଅଙ୍କିତାକୁ ଅପେକ୍ଷା କରି । ପରେ ଅବଶ୍ୟ ସେ ଶୁଣିଥିଲା ପାର୍ଥ ତାଙ୍କ ପତ୍ନୀଙ୍କ ଠାରୁ ବିବାହ ବିଚ୍ଛେଦ କରିଛନ୍ତି ବୋଲି । ଧନୀ ସୁନ୍ଦରୀ ରାଜକୁମାରୀ ଅନ୍ୟ ପ୍ରେମିକର ପ୍ରେମକୁ ବାହାଘର ପରେ ମଧ୍ୟ ଭୁଲିପାରିଲେନି । ମୋଟା ଅଙ୍କର ତାଙ୍କ ବାପା କିଣିଥିବା ନାମୀ ଦାମୀ ଯୋଗ୍ୟ ବରକୁ ସବୁବେଳେ ଅଧିନରେ ରଖିବାକୁ ଚାହୁଁଥିଲେ, ଯାହା କି ସ୍ୱାଭିମାନୀ ପାର୍ଥ ସହିପାରି ନଥିବେ । ବୁଝିପାରେନି, ବିଜ୍ଞାନୀ ମଣିଷ ବାହାଘର ନିଜ ପାଇଁ, ନିଜ ଇଚ୍ଛାରେ ହୁଏ, ନା ଘର ପାଇଁ, ନିଜ ବାପାମାଙ୍କ ପାଇଁ, ତାଙ୍କ ଇଚ୍ଛାରେ

Download Magazine from www.aahwaan.com

ହୁଏ ?

ବାହାରେ କାହାର ଡାକିବା ଶବ୍ଦରେ ସମ୍ବିତ ଫେରି ପାଇଲା ବିଜ୍ଞାନୀ । ସାତଟା ବାଜିଲାଣି, ଝିଅଟା ଏ ଯାଏ ଫେରିଲାନି ? ବାହାର କବାଟ ଖୋଲି ସେ ଏ କଣ ଦେଖୁଛି, ପାର୍ଥଙ୍କ କାଖରେ ଅଙ୍କିତା, ପାଖରେ ମିଷ୍ଟର୍ ମହାନ୍ତି । ମୋସହ ପାର୍ଥଙ୍କୁ ପରିଚିତ କରାଇ କହୁଛନ୍ତି, "ମ୍ୟାଡମ୍ ଏ ପାର୍ଥ ଶତପଥୀ, ମେକାନିକାଲ୍ ଇଞ୍ଜିନିୟରିଂ ବିଭାଗରେ ଏବେ ଜଏନ୍ କରିଛନ୍ତି ଆମ କଲେଜରେ । ଅଙ୍କିତା କଥାରେ ଏମିତି ମେଲ୍ଟ୍ ହୋଇଗଲେ ଯେ ନ ଆସି ରହିପାରିଲେନି ।" ଅଙ୍କିତା କହୁଥାଏ, "ମାମା, ଅଙ୍କଲ୍ କେତେ ଭଲ । ମୋତେ ଝିଅ କରିବେ ବୋଲି କହୁଛନ୍ତି । ଆମେ ତାଙ୍କୁ ପାଖରେ ରଖିବା ?" ଅଙ୍କିତା ଏତିକି କହି ପାର୍ଥଙ୍କୁ ଟିକେ ଗେଲ କରିଦେଲା ।

ପାର୍ଥ କହୁଥାନ୍ତି, "ମୋତେ କ୍ଷମା କର ବିଜ୍ଞାନୀ, ମୁଁ ବାଟ ଭୁଲିଯାଇଥିଲି ।" ମିଷ୍ଟର ମହାନ୍ତି ଆଶ୍ଚର୍ଯ୍ୟ ହୋଇ ଅନାଇଥାନ୍ତି । ଆଉ ବିଜ୍ଞାନୀ ତ ବୋକା ପାଲଟି ଯାଇଥିଲା, ଭାବୁଥିଲା ଆଜି ଶନିବାର ତ ।

Download Magazine from www.aahwaan.com

ଆହ୍ୱାନ ଶତକ ସଂସ୍କରଣ

# ଅସହାୟ ବାର୍ଦ୍ଧକ୍ୟ

ଅସହାୟ ବାର୍ଦ୍ଧକ୍ୟ ଆଉ ଭଙ୍ଗା ସପନ

ଜୀବନ... ଏଇ ତ ଜୀବନ, ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ସେହି କ୍ଷୁଦ୍ର ଶରୀରରୁ ବୃଦ୍ଧ ଶରୀର ପର୍ଯ୍ୟନ୍ତ ଯାହା ସବୁ ଘଟି ଯାଏ, ସେସବୁ କଥା.., ସବୁ କିଛି ମନେ ରହେ ନାହିଁ । ତଥାପି କିଛିଟା କଥା... ମନରେ ଅଲିଭା ଛାପ ଛାଡିଯାଏ ଯାହା ସମୟର ତାଳେ ତାଳେ ଧୂମିଳ ହୋଇଯାଏ ସିନା, ହେଲେ ଭୁଲି ହୁଏନା । ସମୟେ ସମୟେ ତାହା ଚଳଚ୍ଚିତ୍ରର ଦୃଶ୍ୟପଟ୍ଟ ପରି ଆଖି ଆଗରେ ନାଚି ଉଠେ । ସେମିତି କିଛି ଘଟଣାରୁ ଏଇଟା ଗୋଟିଏ ଘଟଣା ଯାହା ଆଜି ବି ମୋର ମନେ ଅଛି ।

ସେଦିନ ଥିଲା ସୋମବାର । ସପ୍ତାହର ପ୍ରଥମ ଦିବସ । ପୁରା ସହର ଚଳ ଚଞ୍ଚଳ । କାହିଁକିନା ରବିବାର ଛୁଟି ପରେ ଆଜି ପୁଣି କର୍ମମୟ ଜୀବନର ଆରମ୍ଭ । ସେଥିପାଇଁ ସମସ୍ତଙ୍କ ମନରେ ନବଉନ୍ମାଦ । ହେଲେ ମୋ ଭଳି ବ୍ୟାଙ୍କ କର୍ମଚାରୀ ପାଇଁ ମନଖୁସି ହେବାର ଆଉ ଗୋଟିଏ କାରଣ ହେଲା, ବୁଧବାରଠୁ ପୂଜାଛୁଟି ପାଇଁ ବ୍ୟାଙ୍କ ବନ୍ଦ ରହିବ ପୁରା ପାଞ୍ଚଦିନ । ବ୍ୟାଙ୍କ ଚାକିରୀରେ ଏହି ପୂଜା ଛୁଟି ହେଉଛି ସବୁଠୁ ବଡ । ସେଥିପାଇଁ ଆଜି ପ୍ରବଳ ଭିଡ । ଲୋକମାନେ ପୂଜା ପାଇଁ କିଣା କିଣି କରିବେ ବୋଲି ଟଙ୍କା ଉଠେଇବାରେ ବ୍ୟସ୍ତ । କାରଣ, ପୂଜାରେ



ନୃସିଂହ ଚରଣ ବେହେରା

Download Magazine from www.aahwaan.com

ପରିବାରର ସମସ୍ତଙ୍କ ପାଇଁ ନୂଆ ଲୁଗାପଟା ତ କିଣା ହେବ, ଆଉ ତା' ସହିତ ପୂଜା ସାମଗ୍ରୀ ମଧ୍ୟ । ସେଥିପାଇଁ ବ୍ୟାଙ୍କ କର୍ମଚାରୀଙ୍କଠୁ ଆରମ୍ଭ କରି ସବୁ କଷ୍ଟମର ସମସ୍ତେ ବ୍ୟସ୍ତ । ଏହି ପୂଜା ଛୁଟି ହିଁ ଏକମାତ୍ର ମାଧ୍ୟମ ଯେତେବେଳେ ସବୁ ବନ୍ଧୁ ପରିଜନଙ୍କ ସହିତ ଭେଟ ହୁଏ । ଦୂର ଜାଗାରେ ରହୁଥିବା ବନ୍ଧୁ ପରିଜନ ଏହି ପୂଜା ଛୁଟିରେ ହିଁ ଘରକୁ ଫେରନ୍ତି । ନହେଲେ ବର୍ଷ ସାରା କାହାର ଦେଖା ମିଳିବା ବହୁତ କଷ୍ଟ । ଆଉ ଯେତେବେଳେ ସବୁ କୁଣିଆ ମଇତ୍ର ଏକାଠି ହେବେ ସେତେବେଳେ ହସ ଖୁସି ସହିତ ପିଠାର ଆଉ ଅନ୍ୟାନ୍ୟ ବ୍ୟଞ୍ଜନର ଆସରରେ ପୂଜାର ପରିବେଶ ବେଶ ଜମିବ । କେମିତି ଯେ ଦିନ ସବୁ ବିତିଯିବ ଜଣା ପଡିବନି ଜମାରୁ । ତେଣୁ ମୋ ସହିତ ବ୍ୟାଙ୍କର ଅନ୍ୟ କର୍ମଚାରୀମାନେ କାମରେ ବ୍ୟସ୍ତ । ସମସ୍ତଙ୍କର କେବଳ ଗୋଟିଏ ଲକ୍ଷ୍ୟ କିପରି ଛୁଟି ପୂର୍ବରୁ ସବୁକାମ ଠିକରେ ଶେଷ ହେବ ।

ସମୟ ଦିନ ଗୋଟାଏ ପାଖାପାଖି ହେବ ଆସି ପହଞ୍ଚିଲେ ଜଣେ ବୃଦ୍ଧ ଦମ୍ପତ୍ତି ମୋ ପାଖରେ । ବୃଦ୍ଧ ଜଣକ ଠିକରେ ଚାଲି ପାରୁନଥାନ୍ତି । ବୃଦ୍ଧାଙ୍କ କାନ୍ଦରେ ଭରା ଦେଇ ଚାଲୁଥାନ୍ତି ସେ । ସେମାନଙ୍କୁ ସାମ୍ନାରେ ଥିବା ଚୌକିରେ ବସିବାକୁ କହି ତାଙ୍କର ଆସିବାର କାରଣ ପଚାରିଲି । ମୋର ପ୍ରଶ୍ନ ଶୁଣି ବୃଦ୍ଧା ଜଣକ ବୃଦ୍ଧଙ୍କ ଆଡକୁ ଇସାରା କରି କହିଲେ, ଇଏ ହେଉଛନ୍ତି ମୋ ସ୍ୱାମୀ, ଆପଣଙ୍କ ବ୍ୟାଙ୍କରୁ ପ୍ରତିମାସରେ ସେ ପେନସନ୍ ଟଙ୍କା ନେବାକୁ ଆସନ୍ତି । ସବୁ ମାସରେ ଆମେ ଦୁହେଁ ଏକାଠି

Download Magazine from www.aahwaan.com

ଆସୁ ଆଉ ଟଙ୍କା ଉଠେଇ ଘରକୁ ଫେରୁ । ଏବେ ତାଙ୍କ ବୟସ ହୋଇଗଲାଣି । ଦେଖୁଛନ୍ତି ତ ତାଙ୍କ ହାତ ଥରୁଛି । ସେଇଥିପାଇଁ ସେ ଦସ୍ତଖତ ମଧ୍ୟ କରିପାରୁନାହାନ୍ତି ଭଲରେ । ଆଉ ସେ ଠିକରେ ଦସ୍ତଖତ ନକରି ପାରିବାରୁ କାଉଣ୍ଟରରେ ଆମକୁ ଟଙ୍କା ଦେବାକୁ ମନା କଲେ । କହିଲେ କ'ଣ ନା.. ୟାଙ୍କର ଦସ୍ତଖତ ମ୍ୟାଚ୍ କରୁନି ବୋଲି । ଆମେ କ'ଣ ଯେ କରିବୁ କିଛି ଜାଣି ପାରୁନୁ । ସେଥିପାଇଁ ଆପଣଙ୍କ ପାଖକୁ ସାହାଯ୍ୟ ଆଶାରେ ଆସିଛୁ ।

ତା'ପରେ ବୃଦ୍ଧା ଜଣକ ଟିକିଏ ଅଟକି ଯାଇ ଦୀର୍ଘ ନିଃଶ୍ୱାସ ମାରି କହିଲେ, ବର୍ଷେ ହେଲାଣି ୟାଙ୍କର ଦେହ ଖରାପ ହେଲାଣି । ବହୁତ କଷ୍ଟରେ ଟିକିଏ ଉଠା ବସା କରୁଛନ୍ତି । ଚାଲାବୁଲା କରିବା ପ୍ରାୟ ନାହିଁ କହିଲେ ଚଳେ । ଭଗବାନ ହିଁ ଜାଣନ୍ତି ୟାଙ୍କ ଦେହ କେବେ ଭଲ ହେବ ? ୟାଙ୍କ ଅବସ୍ଥା ତ ଦେଖୁଛନ୍ତି, କେତେ ବେଳେ ଯେ କ'ଣ ହେବ କିଏ କହିବ ? ତା'ପରେ ସେ ମୋ ହାତକୁ ଧରି ପକାଇ କହିଲେ, ପୁଅ ଆମେ ବହୁତ କଷ୍ଟ ପାଇଲୁଣି । ଆମକୁ ଟିକିଏ ସାହାଯ୍ୟ କର !

ତାଙ୍କ କଥା ଶୁଣି ମନ ମୋର ଟିକିଏ ଦୁଃଖୀ ହୋଇଗଲା । ତେଣୁ ପରିସ୍ଥିତି ସାମାନ୍ୟ କରିବାକୁ ଯାଇ ତାଙ୍କ ଘରେ ଆଉ କିଏ ସବୁ ଅଛନ୍ତି ବୋଲି ପଚାରିବାରୁ ସେ ଟିକେ କାନ୍ଦି ପକାଇଲେ । ସେମାନଙ୍କ ଆଖିରୁ ଧାର ଧାର ଲୁହ ବୋହି ଯାଉଥାଏ । ମୁଁ ବି ନିଜକୁ ଆଉ ସମ୍ଭାଳି ପାରିଲି ନାହିଁ । ଅପରାଧୀଟିଏ ପରି ଲାଗୁଥାଏ ନିଜକୁ । କାହିଁକି ଯେ ସେମାନଙ୍କୁ

Download Magazine from www.aahwaan.com

ମୁଁ ଏ ପ୍ରଶ୍ନ ପଚାରିଲି, ଏହା ଭାବି ନିଜକୁ ଧିକ୍କାରୁ ଥାଏ । କିଛି ସମୟ ପରେ ସେମାନେ ଟିକିଏ ଶାନ୍ତ ହେଲେ । ତା'ପରେ ବୃଦ୍ଧା ଜଣକ ଟିକିଏ ଦୀର୍ଘ ନିଃଶ୍ୱାସ ମାରି କହିଲେ, ପୁଅ ମଉସା ମୋତେ ଥରେ ଗୋଟିଏ ବହିରୁ ପଢି ଶୁଣେଇଥିଲେ, କି ଜର୍ମାନୀର ଜଣେ ଦାର୍ଶନିକ କହିଥିଲେ, "ଜୀବନରେ ସବୁବେଳେ ପିତା ଔଷଧକୁ ନ ଚୋବେଇ ଗିଳିଦେବା କଥା । ମାନେ ଜୀବନର ସବୁ ଅପମାନ, ଦୁଃଖକୁ ପିତା ଔଷଧ ଭାବି ଗିଳିଦେବା କଥା ନ ହେଲେ ଯଦି ଆମେ ତାକୁ ମନେ ପକାଇବା ତା'ହେଲେ ଆମ ଜୀବନ ମଧ୍ୟ ପିତା ହୋଇଯିବ ।" ମୋ କଥା ଶୁଣି ତୁମେ ନିଶ୍ଚୟ ଭାବୁଥିବ ମାଉସୀ ପାଗଳ ହୋଇଗଲେଣି ନା କ'ଣ ? ମୁଁ ତାଙ୍କୁ କ'ଣ ପଚାରୁଛି ଆଉ ସେ ମୋତେ କ'ଣ ଉତ୍ତର ଦେଉଛନ୍ତି । ତା'ପରେ ଟିକିଏ ଚୁପ୍ ହୋଇଯାଇ ସେ ପୁଣି କହିଲେ, ମୋର ପୁଅ, ଝିଅ, ବନ୍ଧୁକୁଟୁମ୍ବ ସମସ୍ତେ ଅଛନ୍ତି । ହେଲେ, ସମସ୍ତେ ଥାଇ ମଧ୍ୟ ନଥିଲା ପରି । ଛାଡ ପୁଅ... ଏହା ତ ଆମ ଭାଗ୍ୟର ଫଳ । କୂଳକୁଟୁମ୍ବ କଥା... କାହାକୁ ବା ଦୋଷ ଦେବୁ । ଆମର ତିନି ପୁଅରେ ଗୋଟିଏ ଝିଅ । ଝିଅଟି ଅନ୍ୟ ଜାତିରେ ବିବାହ କରି ଯାଇଛି ଯେ ଯାଇଛି । ଶୁଣିଛି ସେ ତା' ସ୍ୱାମୀ ଆଉ ପିଲା ଛୁଆଙ୍କ ସହିତ ରହୁଛି କଲିକତାରେ । ଘରକୁ କେବେ ଆସିନି ସେ ବାହାଘର ପରଠୁ । ସେ ଘରୁ ଗଲାଦିନୁ ଆଉ କେବେ ତାକୁ ଦେଖିନାହୁଁ । ସେ କେମିତି ଅଛି... ସେ ଖବର ଆମ ପାଖରେ ନାହିଁ । ତା'ପରେ କିଛି ସମୟ ପାଇଁ ନୀରବତା ଖେଳିଗଲା ରୁମ ଭିତରେ । ପାଣିଗ୍ଲାସରୁ ପାଣି

Download Magazine from www.aahwaan.com


ଟିକିଏ ପିଇ ଦେଇ ନୀରବତାକୁ ଭଙ୍ଗ କରି ସେ ପୁଣି ଆରମ୍ଭ କଲେ, ଯେ ଚାକିରୀ କଲା ବେଳେ କେବେ କେମିତି ଯାଉଥିଲୁ ତାଙ୍କ ଗାଁକୁ । ତେବେ ଅନେକ ବର୍ଷ ହେଲାଣି ଆଉ ସମ୍ପର୍କ ନାହିଁ ଗାଁ ସହିତ । ପୈତୃକ ସମ୍ପତ୍ତିରେ କେହି ଆମକୁ ଭାଗ ଦେଲେନି କି ଆମେ ମଧ୍ୟ କାହାକୁ ଭାଗ ମାଗିନାହୁଁ ସେ ସମ୍ପତ୍ତିରୁ ।

ଆମର ତିନି ପୁଅ ଭିତରୁ ବଡପୁଅ ଇଞ୍ଜିନିୟର । ସେ ଗୋଟିଏ ବଡ କମ୍ପାନୀରେ ଚାକିରୀ କରୁଛି । ବାହା ହେଲା ପରେ ତା' ସ୍ତ୍ରୀ ସହିତ ଅଲଗା ରହୁଛି । ଦିନକ ପାଇଁ ଆମକୁ ପଚାରି ନାହିଁ କି ଆମେ ବଞ୍ଚିଛୁ ନା' ମରିଗଲୁଣି । ସେ ଅଲଗା ରହିବା ପରଠୁ ମଉସା ଭାଙ୍ଗି ପଡିଲେ ଭିତରେ ଭିତରେ । ଭାଗ୍ୟର ବିଡମ୍ବନା । ବଡ ଝିଅ ଆଉ ପୁଅ ଅଲଗା ହୋଇଗଲେ ଆମ ଜୀବନ ପରିଧିରୁ । ଯେମିତି ଦିନ ସବୁ ଧୀରେ ଧୀରେ ପୁରୁଣା ହୋଇଯାଏ । ସେମିତି ଦୁଃଖ ସବୁ ପୁରୁଣା ହୋଇ ଗଲାଣି ସମୟ ସହିତ । ପୁରୁଣା ଦୁଃଖରେ ଯେମିତି ଧୂଳି ଜମିଗଲେ, ସେ ଦୁଃଖ ହୋଇଯାଏ ଅତୀତ । ଠିକ୍ ପୁରୁଣା ପିନ୍ଧା ଲୁଗା ପରି । ତୁମେ ଜାଣିଛ ପୁଅ ? ବାପା ମା' ନିଜ ପିଲାଙ୍କୁ ନେଇ ଅନେକ ସ୍ୱପ୍ନ ଦେଖନ୍ତି । ସେମାନେ ନିଜ ଜୀବନକୁ ତିଳ ତିଳ କରି ଜାଳି ପିଲାମାନଙ୍କ ଜୀବନରେ ଆଲୁଅ ଭରନ୍ତି । କେବଳ ଏଇଥିପାଇଁ କି ଏହି ପିଲାମାନେ ଦିନେ ବୟସର ସାୟାହ୍ନରେ ସେମାନଙ୍କ କଥା ବୁଝିବେ ବୋଲି । ହେଲେ ବିଧାତାଙ୍କ ନିର୍ଦ୍ଦେଶକୁ ମଣିଷ ବା ବୁଝିବ କେମିତି ? ସବୁ ସ୍ୱପ୍ନ କ'ଣ ମଣିଷର ସତ ହୁଏ । ନା' ! କିଛି ଜଣଙ୍କର ସ୍ୱପ୍ନ

Download Magazine from www.aahwaan.com



ସତ ହୁଏ ଆଉ କିଛି ଜଣଙ୍କର ସ୍ୱପ୍ନ ଭାଙ୍ଗି ଚୁରମାର ହୋଇଯାଏ ଠିକ୍ ଆମ ସ୍ୱପ୍ନ ଭାଙ୍ଗିଲା ପରି ।

ତା'ପରେ କିଛି ସମୟ ମାଉସୀ ଚୁପ୍ ହୋଇଗଲେ । ତା'ପରେ କହିଲେ, ତୁମେ ଜାଣିଛ ପୁଅ ? ବାପା ମା' ଘରର ବୈଭବରେ ଖୁସି ହୁଅନ୍ତିନି ବରଂ ଖୁସି ହୁଅନ୍ତି ଘରର ଏକତାରେ । ହେଲେ, ଆମ ଖୁସି କଥା ନ କହିଲେ ବରଂ ଭଲ ହେବ । ଆଖି ଆଗରେ ଆମର ସ୍ୱପ୍ନ ଭାଙ୍ଗିଲା ପରି ଧୀରେ ଧୀରେ ଆମ ପ୍ରେମ ଓ କଷ୍ଟରେ ତିଆରି ଘରଟି ଭାଙ୍ଗିଯାଉଛି ଅଥଚ ଆମେ ଦୁହେଁ କିଛି କରିପାରୁନୁ ।

ମୁଁ ମାଉସୀଙ୍କୁ ପାଣି ପିଇବାକୁ ଦେଲି । ପାଣି ପିଇସାରି ସେ ଟିକିଏ ସାଷ୍ଟମ ହେଲେ ଏବଂ କହିଲେ ଘରେ ଆଉ ଦୁଇଟି ପୁଅ ଅଛନ୍ତି । ସେମାନେ ଉଚ୍ଚ ଶିକ୍ଷିତ ହେଲେ ବେକାର । ଆଉ ଆଜିର ଦୁନିଆରେ ଚାକିରୀଟେ ପାଇବା ପାଇଁ କେତେ କଷ୍ଟ ସେକଥା ତୁମେ ନିଶ୍ଚୟ ଜାଣିଥିବ । ଚାକିରୀ ପାଇଁ ଉତ୍କୋଚ ଦେବା ପାଇଁ ଆମ ପାଖରେ ଧନ ନାହିଁ ଆଉ ବ୍ୟବସାୟ କରିବା ପାଇଁ ଧନ ଆସିବ କେଉଁଠୁ ? ଏଇ ପେନସନ୍ ଗଣ୍ଡାକ ହେଉଛି ଆମର ସମ୍ବଳ । ସେହି ପଇସାରେ ଆମେ ଚାରିଜଣ ଚଳିଯାଉଛୁ । ଔଷଧ ପତ୍ର ଖର୍ଚ୍ଚ କରିବାକୁ ଆଉ ଶକ୍ତି ନାହିଁ ଆମ ପାଖରେ । ହଁ, ସରକାରୀ ଡାକ୍ତରଖାନାରୁ ବେଳେବେଳେ ଔଷଧ ଆଣୁ । ଦୁଃଖେ ସୁଖେ ଗୁଜୁରାଣ ମେଣ୍ଟିଯାଉଛି । ପୁଅ ଦିଇଟା ବି ଅମଣିଷ । ଖରାପ ସାଙ୍ଗଙ୍କ ମେଳରେ ଦିନଯାକ ବାହାରେ ଗୁଲି ଖଟି

Download Magazine from www.aahwaan.com


କରିବେ ଆଉ ଠିକ୍ ଖାଇବା ବେଳକୁ ଆସି ଘରେ ହାଜର । ତାଙ୍କୁ ଖର୍ଚ୍ଚ କରିବାକୁ ପଇସାପତ୍ର ନଦେଲେ ଆମକୁ ଧମକ ଚମକ ଦେଇ ଆମଠୁ ଟଙ୍କା ନେଇଯାଆନ୍ତି । ବେଳେବେଳେ ଭାବୁ ଏମିତି ସନ୍ତାନ ଜନ୍ମ କରିବା ଅପେକ୍ଷା ଆମେ ନିଃସନ୍ତାନ ହୋଇଥିଲେ ବହୁତ ଭଲ ହୋଇଥାନ୍ତା ।

ତାଙ୍କ ଦୁଃଖଭରା କାହାଣୀ ଶୁଣିସାରିଲା ପରେ ସେମାନଙ୍କର ପାଶ୍ ବହିଦେଖିଲି । ପ୍ରତି ମାସରେ ପେନସନ୍ ଟଙ୍କାରୁ ଅଳ୍ପ କିଛି ଛାଡି ଦେଇ ପ୍ରାୟ ସବୁଟଙ୍କା ଉଠାଇ ନିଅନ୍ତି । ମୁଁ ତାଙ୍କୁ କହିଲି, ଆପଣ ଆଉ ନଆସି ପୁଅକୁ ପଠେଇ ଦେବେ । ମୋ କଥା ଶୁଣି ମାଉସୀ କହିଲେ, "ବାପା... ଜୀବନରେ ଅନେକ ଧକ୍କା ଖାଇ ଖାଇ ମୁଁ ଏତିକି ଜାଣିଛି ଯେ ଅସହାୟ ଲୋକଙ୍କୁ ସାହାରା ଦେବାକୁ କେହି ଆସନ୍ତିନି".. ହଁ.. ଧକ୍କା ଦେବାପାଇଁ ବହୁତ ଲୋକ ଜଗି ବସିଥାନ୍ତି । ତୁମକୁ କହିଲି ନା' ପୁଅ ମୋର ଦି ଜଣ ପୁଅ ହେଲେ ଅମଣିଷ । ସେମାନେ ଭରସା ଯୋଗ୍ୟ ନୁହନ୍ତି । ଯଦି ସେମାନଙ୍କୁ ପେନସନ୍ ଟଙ୍କା ଗଣ୍ଡାକ ନେବାକୁ ପଠେଇବି ତେବେ ଘରେ ଆଉ ଚୁଲି ଜଳିବନି । ପଇସା ପାଇଲେ ସାଙ୍ଗ ମେଳରେ ଖର୍ଚ୍ଚ କରିଦେବେ କ୍ଷଣକ ଭିତରେ ।

ତାଙ୍କ ଦୁଃଖ କାହାଣୀ ଏବଂ ଅବସ୍ଥା ଦେଖି ମୋ ମୁଣ୍ଡ ଘୁରେଇଦେଲା ଯେମିତି । କାଲି ଯଦି ମଉସାଙ୍କର କିଛି ହୋଇଯାଏ ତେବେ..! ଏମିତି ଅନେକ କଥା ଭାବୁ ଭାବୁ ମୁଁ ତାଙ୍କ ଏକାଉଣ୍ଟକୁ ବଦଳାଇ ଦେଲି । ତାଙ୍କର ଟିପ ଚିହ୍ନ ନେଇ ମାଉସୀଙ୍କୁ ମଧ୍ୟ ତାଙ୍କ ଏକାଉଣ୍ଟର ସହଭାଗୀ

Download Magazine from www.aahwaan.com

କରିଦେଲି । ବ୍ୟାଙ୍କ କାଗଜପତ୍ର ସବୁ ଠିକ୍ ଠାକ୍ କରିଦେଇ କାଉଣ୍ଟରକୁ ଯାଇ ଟଙ୍କା ଆଣିଦେଲି ତାଙ୍କୁ । ସେମାନେ ସେଠାରୁ ଗଲାବେଳେ ମୁଁ ମାଉସୀଙ୍କୁ କହିଲି, ଏଥର ଆପଣ ଆଉ ମଉସାଙ୍କୁ ଆଣିବା ଦରକାର ନାହିଁ । ଆପଣ ଏକା ଆସି ଟଙ୍କା ଉଠେଇ ନେଇ ପାରିବେ । ମୋ କଥା ଶୁଣି ସେମାନେ ବହୁତ ଆର୍ଶୀବାଦ କଲେ ଆଉ ଖୁସି ଖୁସି ବିଦାୟ ନେଲେ ମୋ ପାଖରୁ ।

ସେମାନେ ଗଲାପରେ ମୋର ଆଉ କାମ କରିବାକୁ ଇଛା ହେଲାନାହିଁ । କାହିଁକି କେଜାଣି ମୁଁ ଦୁନିଆର ବାସ୍ତବ ରୂପରେଖ ବିଷୟରେ ଚିନ୍ତା କରିବାକୁ ଲାଗିଲି । ସତରେ ଦୁନିଆରେ କେତେ ଯେ ଦୁଃଖ ଅଛି । ଆମେ ସମସ୍ତେ ଧାଇଁଛେ ପ୍ରଗତି ପଛରେ । ହେଲେ ଆମେ ମାନେ ସତରେ କ'ଣ ନ୍ୟାୟ କରିପାରୁଛେ ଆମ ବାପା ମା'ଙ୍କ ସହିତ । ସେମାନେ ଆମକୁ ଜନ୍ମ ଦେଇଛନ୍ତି । ନିଜ ରକ୍ତକୁ ପାଣି କରି ମଣିଷ କରିଛନ୍ତି । ଅଥଚ ଆମେ..ଗୋଟିଏ ନୂଆ ଦୁନିଆ ଗଢି ସାରିଲା ପରେ ତାଙ୍କୁ ହୀନମାନ କରି ଛାଡି ଦେଉଛେ । ସତରେ ଏ ମଣିଷ ଜାତିଟା କେତେ ସ୍ୱାର୍ଥପର । ଏମିତି କେତେ କ'ଣ ଚିନ୍ତା କରି ସେଦିନର କାମ ଶେଷ କରି ମୁଁ ଫେରିଲି ଘରକୁ । ହେଲେ ବାଟସାରା ମୋର ମଉସା ମାଉସୀଙ୍କର ଚେହେରା ମନେ ପଡୁଥିଲା ରହି ରହି ।

ତା'ପର ମାସରେ ଦେଖିଲି ମଉସା ମାଉସୀ ଛିଡା ହୋଇଛନ୍ତି କାଉଣ୍ଟରରେ । ମୁଁ ସେମାନଙ୍କ ପାଖକୁ ଯାଇ ତାଙ୍କ ଭଲ ମନ୍ଦ କଥା

ଆହ୍ୱାନ ଶତକ ସଂସ୍କରଣ

ପଚାରି ବୁଝିଲି । ମାଉସୀଙ୍କୁ ପଚାରିଲି, ଆପଣ ମଉସାଙ୍କୁ ପୁଣି କାହିଁକି ଆଣିଲେ, ଆପଣ ଏକା ଆସିଥିଲେ ତ ଚଳିଥାନ୍ତା । ମୋ କଥା ଶୁଣି ସେ କହିଲେ, ମଉସା ନିଜେ ଜିଦ୍ କରି ଆସିଛନ୍ତି ବାପା ! କହିଲେ କ'ଣ ନା' ଘର ଭିତରଟାରେ ଏକା ଏକା ଏମିତି ଆଉ କେତେ ଦିନ ପଡି ରହିବି । ଚାଲ ତୁମ ସହିତ ବ୍ୟାଙ୍କ ଆଡେ ଟିକେ ବୁଲି ଆସିବି । ତାଙ୍କର ମନ ପରିବର୍ତ୍ତନ କରିବାକୁ ନେଇ ଆସିଲି ସାଥିରେ । ଏହା ଶୁଣି ମନେ ମନେ ଭଗବାନଙ୍କୁ କୃତଜ୍ଞତା ଜଣାଇଲି, "ଧନ୍ୟ ପ୍ରଭୁ ବିଚିତ୍ର ତୁମର ସୃଷ୍ଟି । ଏ ପରିଣତ ବୟସରେ ମଧ୍ୟ ସ୍ୱାମୀ ସ୍ତ୍ରୀଙ୍କ ଭିତରେ କି ଆନ୍ତରିକତା ।"

ଠିକ୍ ଭାବେ ମନେ ପଡୁନାହିଁ । ବୋଧହୁଏ ପାଞ୍ଚ କି ଛମାସ ପରେ ଦିନେ ମାଉସୀଙ୍କୁ ଭେଟିଲି କାଉଣ୍ଟର ପାଖରେ । ସେ ଏକୁଟିଆ ଆସିଥିଲେ । ତାଙ୍କୁ ଏକାକୀ ଦେଖି ତାଙ୍କ ପାଖକୁ ଯାଇ ପଚାରିଲି, "ମାଉସୀ.. ମଉସା କାହିଁକି ଆସିନାହାନ୍ତି ଆପଣଙ୍କ ସହିତ ?" ମାଉସୀ ଟିକେ ଧୀମା ସ୍ୱରରେ କହିଲେ, ଏବେ ତାଙ୍କ ଦେହ ଆଉ ଭଲ ରହୁନି ପୁଅ । ସେ ବର୍ତ୍ତମାନ ଶଯ୍ୟାଶାୟୀ, ଉଠିବାର ଶକ୍ତି ନାହିଁ ଆଉ ବ୍ୟାଙ୍କ ଆସିବେ କେମିତି ? ଏହା ଶୁଣି ମୋ ମୁଣ୍ଡରେ ଚଡକ ପଡିଲା ପରି ଲାଗିଲା । କେମିତି ଯେ ମୁଁ ମାଉସୀଙ୍କୁ ସାନ୍ତ୍ୱନା ଦେବି ସେ ବିଷୟରେ ଭାବି ଭାବି ବହୁତ ସାହାସ ସଞ୍ଚୟ କରି କହିଲି, ମାଉସୀ, ଏବେ ତ ଆପଣଙ୍କୁ ବହୁତ କଷ୍ଟ ହେଉଥିବ ? ଏବେ ସବୁ କାମ ଆପଣଙ୍କୁ ଏକୁଟିଆ କରିବାକୁ ପଡୁଥିବ । ମୋ କଥା ଶୁଣି ମାଉସୀ କହିଲେ, "ବାପା..

Download Magazine from www.aahwaan.com



ନିଃସଙ୍ଗତା ତ ଜୀବନର ପ୍ରମୁଖ ଅଂଶ । ମଣିଷ ଏ ଦୁନିଆକୁ ଆସେ ଏକା ଏବଂ ଗଲା ବେଳକୁ ମଧ୍ୟ ଯାଏ ଏକା ।" କେବଳ ଜୀବନ ଯାତ୍ରାରେ ସେ ରକ୍ତ ସମ୍ପର୍କୀୟଙ୍କ ସହିତ ସାମଞ୍ଜସ୍ୟ ରକ୍ଷା କରି ଜୀବନ ସାରା ଚଳିଥାଏ ଯାହା । ତା'ଛଡା ଏ ଜୀବନଟା ଆମର ଗୋଟିଏ ଯୁଦ୍ଧ ବ୍ୟତୀତ କିଛି ନୁହେଁ । ଜୀବନ ଥିବାଯାଏଁ ମଣିଷ ଅନେକ ସ୍ୱପ୍ନ ଦେଖେ । ତା' ଭିତରୁ କିଛିଟା ସତ ହୁଏ ଆଉ କିଛିଟା ଭାଙ୍ଗିଯାଏ । ଭାଙ୍ଗି ଯାଇଥିବା ସ୍ୱପ୍ନର ସଂଖ୍ୟା ଟିକିଏ ଅଧିକ ଥାଏ । ତଥାପି ମଣିଷ ଭଙ୍ଗା ସ୍ୱପ୍ନର ସମାଧିରୁ ବଞ୍ଚିବାପାଇଁ ଖୋଜିବୁଲେ ଗୋଟିଏ ଛୋଟ ଆଶା । ଆଉ ସେହି ଛୋଟ ଆଶା ବଳରେ ସେ ଜୀବନ ଜୀଇଁବାର ସ୍ୱର୍ଦ୍ଧାରେ ନିଜକୁ ଆଗେଇ ନିଏ । ତୁମେ ଜାଣିଛ ପୁଅ..., ଜୀବନଯୁଦ୍ଧରେ ହାରିବାଟା ସେତେବେଳେ ଜରୁରୀ ହୋଇଯାଏ ଯେତେବେଳେ ଏହି ଯୁଦ୍ଧ 'ନିଜ ଲୋକଙ୍କ' ସହିତ ଥାଏ । ହେଲେ ଯେତେବେଳେ ଯୁଦ୍ଧ ନିଜ ସହିତ ଥାଏ ସେତେବେଳେ ଜିତିବାଟା ବହୁତ ଜରୁରୀ ହୋଇଯାଏ । ତେଣୁ ଯଦି ତୁମର ନିଜ ଉପରେ ଭରସା ଅଛି ତେବେ ସେହି ଭରସା ଜୀବନ ଯୁଦ୍ଧକୁ ଜିତିବାରେ ତୁମର ବଳ ହେବ ଆଉ ଯଦି ତୁମେ ଅନ୍ୟ ଉପରେ ଭରସା କରିବ ତେବେ ଏହି ଯୁଦ୍ଧକୁ ହାରିବା ପାଇଁ ତୁମକୁ ସମୟ ଲାଗିବନି ।

ମାଉସୀଙ୍କ ମୁହଁରୁ ଏତେ ବଡ ନିରାଟ ସତ କଥା ଶୁଣି ମୁଁ ଟିକେ ତାଙ୍କୁ ନିରେଖି ଚାହିଁଲି । ପଞ୍ଚଷଠି ବର୍ଷର ବୃଦ୍ଧାଙ୍କ ଆଖିରେ ସ୍ୱର୍ଦ୍ଧା ଆଉ ସ୍ୱାଭିମାନର ଚମକ ସ୍ପଷ୍ଟ ଦେଖିବାକୁ ମିଳୁଥିଲା । ତାଙ୍କର ଦୃଢ ଇଛା ଶକ୍ତି

ଆଗରେ ମୁଁ ନିଜକୁ ବହୁତ ଛୋଟ ଅନୁଭବ କରୁଥାଏ । ହଁ.. ଏକଥା ସତ ଯେ ବାର୍ଦ୍ଧକ୍ୟରେ ଉପନୀତ ହେଲେ ଅସହାୟ ହୋଇଯାଏ ମଣିଷ । ଆଉ ସେତେବେଳେ ଯଦି ସାହାରା ଦେବାକୁ ନିଜର କେହି ନ ଥା'ନ୍ତି ତେବେ ଜୀବନ ଜିଇଁବାଟା ହୋଇଯାଏ ଦୁର୍ବିସହ । ହେଲେ ଯଦି ନିଜ ଉପରେ ଦୃଢ ବିଶ୍ୱାସ ଥିବ ଆଉ ବଞ୍ଚିବା ପାଇଁ ଆମେ କାହା ଉପରେ ଆଶ୍ରା ହେବା ପାଇଁ ଆଶା ନ ରଖିବା ତେବେ "ଅସହାୟ ବାର୍ଦ୍ଧକ୍ୟ" ହୋଇଯିବ ଆମର ସୁନ୍ଦର ଆଉ ସୁଖମୟ ।

୨୧୭, ୟୁନିଟ-୯(ଫ୍ଲାଟ)

ବାୟାବାବା ମଠ ଲେନ

ଭୋଇ ନଗର, ଭୁବନେଶ୍ୱର-୨୨

ଭ୍ରାମ୍ୟଭାଷ : ୯୦୯୦୪୫୯୭୪୫

Download Magazine from www.aahwaan.com

# ବଢ଼ାଇଦେଲେ ପଥର

ଏକ

ଶୀତଳ ମଳୟର ମୃଦୁ ସ୍ପର୍ଶରେ ଶ୍ୱେତପଦ୍ମାର ତନ୍ଦ୍ରା-ଜଡିତ-ଚୈତନ୍ୟର କୃତ୍ରିମ ବନ୍ଧ ଭାଙ୍ଗି ଯାଇଥିଲା । ଆଖି ଖୋଲି ଦେଖିଲା ଖୋଲା ଝରକାରେ ବାହାର ଆକାଶରେ ମୌସୁମୀ ପ୍ରେମ-ସମାବୃତ ମେଘ-ମେଦୁର ଦୃଶ୍ୟ । ଚକ୍ଷୁ ପଲକରେ ଥିଲା ଗତ ରାତିରେ ନିଦ୍ରା-ପୂର୍ବ ଉଷ୍ଣତାର ଅନୁଭବକୁ ପରାଭୂତ କଲା ଭଳି କଅଁଳିଆ ସହାନୁଭୂତି-ପଲ୍ଲବିତ-କୁସୁମ ସାଦୃଶ୍ୟ ହାଲୁକା ହାଲୁକା ପାହାନ୍ତି ପବନ ସ୍ପର୍ଶର କୋମଳତା ।

ମାମା ଶେଯରେ ନ ଥିଲେ । କେତେବେଳରୁ ବୋଧହୁଏ ଉଠି ଚାଲି ଗଲେଣି । ଶେଯରେ ଶୋଇ ରହି ସେ ଅପଲକ ନୟନରେ ଆଗରେ ଦେଖା ଯାଉଥିବା ଧଳା ଚିକ୍କଣ ଛାତକୁ ଚାହିଁ ରହି ଭାବିବାକୁ ଲାଗିଲା । କାଲି ସନ୍ଧ୍ୟାର ଅହେତୁକ ଓ ଅପ୍ରତ୍ୟାଶିତ ଘଟଣା ପ୍ରବାହ ତା ମନ ମଧ୍ୟରେ ନାଚୁଥିଲା ।


ପ୍ରମୋଦ କୁମାର ପଣ୍ଡା

ଶ୍ୱେତପଦ୍ମା ଯାଇଥିଲା ଏକ ଖ୍ୟାତନାମା ଆଇ ଟି କମ୍ପାନୀର ସାକ୍ଷାତକାର ପରୀକ୍ଷା ପାଇଁ ।

ସନତ କହିଥିଲେ, "ତୋତେ ଦେଖିବାକୁ ଜଣେ ୟୁ ଏସ୍‌ବାଲା ତାଙ୍କ ବାପା ମା ସହ ଆସୁଛନ୍ତି । ଜଲଦି ଆସିଯିବୁ ।"

ପରୀକ୍ଷା ପାଇଁ ଯିବା ଆଗରୁ ସତତୀ କହିଥିଲେ, "ତୋର ଆଜି ପ୍ରାପ୍ତି

Download Magazine from www.aahwaan.com


ଯୋଗ ଅଛି । ଭଲ ବେଳା । ଇଣ୍ଟର୍‌ଭିୟୁ ଦେଲା ପରେ ସିଧା ସିଧା ଘରକୁ ଆସି ଯାଆ ।"

ସେ ବି ହଁ କହିଥିଲା, କିନ୍ତୁ ପରୀକ୍ଷାରୁ ଠିକ୍ ସମୟରେ ଫେରି ପାରି ନ ଥିଲା । କାରଣ ସେ ତାର ଫଳାଫଳକୁ ତତକ୍ଷଣାତ୍ ପାଇଯିବ ଭାବି ଅପେକ୍ଷା କରି ରହିଥିଲା । ପରେ ଅତି ଡେରିରେ, ରାତି ଆଗରୁ କୌଣସି ବି ପରିସ୍ଥିତିରେ ଫଳାଫଳ ଜଣା ପଡିବାର ନାହିଁ ଜାଣିଲା ପରେ ସେ ତରତରରେ ଘରକୁ ଆସି ଯାଇଥିଲା ।

ବର ପ୍ରାର୍ଥୀ ଓ ତାଙ୍କ ବାପା ମା ଆସିଥିଲେ । କିନ୍ତୁ ସେମାନେ ତା ପାଇଁ ଅପେକ୍ଷା କରି ପାରି ନ ଥିଲେ । କାରଣ ସେମାନଙ୍କର ଆଉ ଅନ୍ୟ ଏକ ସ୍ଥାନରେ ଝିଅ ଦେଖିବା ଥିଲା ଏବଂ ବର ପ୍ରାର୍ଥୀଙ୍କୁ ସକାଳ ଉଡାଣରେ ଆମେରିକା ଉଦ୍ଦେଶ୍ୟରେ ଫେରି ଯିବାର ବ୍ୟବସ୍ଥା ସ୍ଥିରୀକୃତ ହୋଇ ରହିଥିଲା । ସେମାନେ ଚାଲି ଯାଇଥିଲେ ।

ସେ ଘରେ ପଶୁ ପଶୁ ଯେତେବେଳେ ସନତ ଜାଣିଲେ, କେବଳ ଫଳାଫଳକୁ ଅପେକ୍ଷା କରି ସେ ଡେରି କଲା, ତାଙ୍କ କ୍ରୋଧ ସପ୍ତମରେ ଯାଇ ପହଞ୍ଚି ଥିଲା, "କଲେଜରେ ଏତେ ପରୀକ୍ଷା ଦେଲୁ । କଲେଜ ଛାଡି ଛ ମାସ ହେଲାଣି ମଧ୍ୟ ଦେଇ ଚାଲିଛୁ । ଗୋଟେ ହେଲେ ଇଣ୍ଟର ଭିୟୁ ତ ତୋର ଲାଗୁନି । ଲୋକ ଘରକୁ ଆସିବା ଦିନ ହିଁ ତୋର ଇଣ୍ଟରଭିୟୁ ଥାଉଛି । ତୁ ଜାଣି ଜାଣି ଏ କାମ କରୁଛୁ ।"

ସନତଙ୍କ ଦୁଃଖ ଥିଲା, ଅପ୍ରବାସୀ ବର ପ୍ରସ୍ତାବ ଗୋଟିଏ ହାତରୁ ଖସିଗଲା । କିନ୍ତୁ ଜାଣି ଜାଣି ନ ହେଲେ ବି ଶ୍ୱେତପଦ୍ମାର ସେମିତି ହିଁ

Download Magazine from www.aahwaan.com



ହୋଇ ଯାଉ ଥିଲା । ଝିଅ ଭଲ ପାଠ ପଢ଼ିଲା । ଭଲ କଲେଜରୁ ଡିଗ୍ରୀ ଆଣିଲା । ତଥାପି କେବଳ ବାହାଘର ଚିନ୍ତା କାହିଁକି ବାପାଙ୍କୁ ? କଣ କେବଳ ବାହା ହେବା ପାଇଁ ତାର ଜନ୍ମ ? ତା ଜନ୍ମର ଆଉ କିଛି ଉଦ୍ଦେଶ୍ୟ ନାହିଁ ? ତାର ବି ଇଛା ହୁଏ ଜୀବନ ସାରା ମାମା ପାଖରେ ରହିବାକୁ, ତାର ସେବା କରିବାକୁ । ସେ ବାହା ହେବ ନାହିଁ କିମ୍ବା ମନର ମଣିଷ ମିଳିଲା ଯାଏଁ ସେମିତି ହିଁ ରହିବ ।

ବାରମ୍ବାର ଚାକିରୀ ପରୀକ୍ଷା ଦେଇ ପାରିବ ସିନା, ବାହାଘରର ପରୀକ୍ଷା ! ସେହି ପରୀକ୍ଷା ନାଁ ଶୁଣୁ ଶୁଣୁ ତା ମୁଣ୍ଡ ଗୋଳମାଳିଆ ହୋଇ ଯାଉଥିଲା । ଏଣୁ ତେଣୁ ପ୍ରଶ୍ନ, ଜଣକୁ ନିରୀହ ଭାବି ଅନୁକମ୍ପାର ଦୃଷ୍ଟି ! କେଉଁ ପରାକାଷ୍ଠା ଅଗ୍ନିର ଅହଙ୍କାରର ଲେଲିହାନ ଶିଖା ସେମାନେ ? ତା ପାଠ, ତା କଲେଜ, ତା ନିଜର କିଛି ମର୍ଯ୍ୟାଦା ନାହିଁ ? ସେ ବି ଅନ୍ୟ ମାନଙ୍କ ଭଳି ସମାଜରେ ପ୍ରତିଷ୍ଠିତ କାହିଁକି ନ ହେଇ ପାରିବ ? ତାର ହିଁ କାହିଁକି ପରୀକ୍ଷା ? ସେ ତ କାହାର ପରୀକ୍ଷା ନେବାକୁ ଯାଇନି ! ବିଧିର ବିଧାନରେ ବେଶି ରୋଜଗାରିଆ ଚାକିରୀ କରିଛନ୍ତି ବୋଲି ଅନ୍ୟମାନଙ୍କର ମୂଲ୍ୟାୟନ କଣ ଏତେ ନିକୃଷ୍ଟରେ ମାପି ପାରିବେ ?

ଦୁଇ

କାହା ପାଖରେ ବ୍ୟକ୍ତ କରିବ ସେ ତା ମନର ଯନ୍ତ୍ରଣାକୁ ? ମନ ହୁଏ ବାପାଙ୍କ ସହ ଖୋଲା ଖୋଲି କଥା ହେବ । କିନ୍ତୁ ତାଙ୍କ ମୁହଁ ଦେଖି ରହିଯାଏ । ନିତି ଦିନିଆ ଦୁନିଆରେ ଝିଅର ବାହାଘର ସାରିଦେଲେ ସନତ ମାଆଙ୍କ କାମ ସରିଯିବାର କାହାଣୀରେ ତଲ୍ଲୀନ ସେହି ସନତଙ୍କ

ଆହ୍ୱାନ
ଶତକ
ସଂସ୍କରଣ


Download Magazine from www.aahwaan.com

ଆଶା ପୂର୍ଣ୍ଣ ଚେହେରା ଦେଖି କିଛି କହି ପାରେନି । ଥରେ ଅଧେ ମାମାଙ୍କୁ ଏ ବିଷୟରେ କହିଛି । ସମାଜର ନିଃଥର ସୋପାନ ତଳରେ ଠିଆ ତାଙ୍କ ପାଦ ବି ଆଗକୁ ବଢି ପାରିନି । ତା ପରେ ସେ ନୀରବ ରହି ଯାଇଛି ।

କିନ୍ତୁ କାଲି ସେ ହଠାତ୍ କହିଦେଇ ଥିଲା, "ତମେ ସବୁବେଳେ ମୋ ବାହାଘର ପଛରେ କାହିଁକି ପଡିଛ ? ମୋର ଆଉ କଣ କିଛି ଇଛା ନାହିଁ ? ମୁଁ ଚାକିରୀ କରିବିନି ?"

ପାଟିରୁ ବାହାର ତ କରିଦେଲା, କିନ୍ତୁ ସେ ଅନୁଭବ କଲା, ଭୁଲ ହୋଇଗଲା । ଗୋଧୂଳି ସୂର୍ଯ୍ୟାଲୋକର କାନ୍ତିରେ ପ୍ରତିଫଳିତ କ୍ରୋଧର ସେହି ଚେହେରାଟି ସହସା ପାଣ୍ଡୁର ଦେଖା ଯାଇଥିଲା । ଶୀର୍ଷରେ ପହଞ୍ଚି ହାରି ଯାଇଥିବା ପ୍ରଖ୍ୟାତ ଖେଳାଳୀର ଭାବ ଥିଲା ସିଏ । ଲଥକିନା ସୋଫା ଉପରେ ସେ ବସି ପଡିଥିଲେ । ଶ୍ୱେତପଦ୍ମା ତାଙ୍କ ପାଖକୁ ଚାହିଁ ବି ଯାଇ ପାରି ନ ଥିଲା ।

ନିଦାଘ ଦିନାନ୍ତେ ଚତୁର୍ଦ୍ଦିଗେ ଅନୁଭୂତ ଅସହନୀୟ ତାତିର ଜଞ୍ଜାଳରୁ ବଞ୍ଚିବା ପାଇଁ ଗତକାଲି ସନ୍ଧ୍ୟାରେ ବୈଠକଖାନାର ଏସି ଭିତରେ ବି ସୂର୍ଯ୍ୟାସ୍ତର ତୀକ୍ଷଣ୍ କାନ୍ତିର ଚାପରେ ସନତ ଝିଅ ଦୁହେଁ ଅନେକ ସମୟ ଯାଏଁ ନୀରବ ଓ ବିଷାଦଗ୍ରସ୍ତ ଥିଲେ । ସତତୀ ପ୍ରଥମରୁ ହିଁ ନୀରବି ଯାଇଥିଲେ । ଶୂନ୍ୟ ମୁହୁର୍ତ୍ତର ଯନ୍ତ୍ରଣାରୁ ପାରି ହେବା ପାଇଁ ସନତ ନିଃଶବ୍ଦରେ ଉଠି ବାହାରକୁ ଚାଲି ଯାଇଥିଲେ । ଘରର ଗତାନୁଗତିକ କାମରେ ସତତୀ ବ୍ୟସ୍ତ ହୋଇ ଯାଇଥିଲେ । ବସି ବସି ଶ୍ୱେତପଦ୍ମା ବିଚାର କରି ସାରିଥିଲା, ଯେ କୌଣସି ମତେ ଆଜି ସନତଙ୍କୁ ବୁଝେଇବ ।

Download Magazine from www.aahwaan.com

ସତତୀଙ୍କୁ ନିଜ ନିଷ୍ପତ୍ତିରେ ସମ୍ମିଳିତ ବି କରି ସାରିଥିଲା । ଅସହାୟ ସ୍ତ୍ରୀ ଲୋକଟି ମନରେ ଝିଅକୁ ସମର୍ଥନ କରୁଥିଲେ ମଧ୍ୟ ସାମାଜିକ ବିଚାର ଜ୍ୱାଳାରେ ଜର୍ଜରିତ ଥିଲେ । ବଡ ଝିଅ ବାହାଘରରେ ସେମାନେ ଏତେ ସମସ୍ୟାର ସମ୍ମୁଖୀନ ହୋଇ ନ ଥିଲେ । ସାନ ଝିଅକୁ ତା ଠୁଁ ଭଲ ପାଠ ପଢେଇଲେ । ତଥାପି ତା ବେଳକୁ ଯେତେ ସବୁ ସମସ୍ୟା ଓ ଦ୍ୱନ୍ଦାତ୍ମକ ବିଚାର ସମୂହର ସୃଷ୍ଟି !

ରାତ୍ରିର ପ୍ରଥମ ପ୍ରହରର ମଧ୍ୟାନ୍ତରେ ସନତ ଘରକୁ ଆସିଥିଲେ । ବାତାବରଣରେ ସ୍ୱାଭାବିକ ସହଜାତ  ଚଳଚଞ୍ଚଳ ପ୍ରବାହ ମାନ ଥିଲା । ସତତୀ ତାଙ୍କ ଟିଭିରେ, ଶ୍ୱେତପଦ୍ମା ଲ୍ୟାପ୍‌ଟପରେ ! ଭିତରେ ପଶିଲା ବେଳେ ସନତଙ୍କ ହାତରେ ପୁଡାଟିଏ ଥିଲା । ତାକୁ ଦେଖି ସତତୀଙ୍କ ଓଠରେ ହସ ଆସିଗଲା । ସ୍ୱାମୀଙ୍କ ଏହି ଭାବ ସହ ସେ ଚିର ପରିଚିତ ଥିଲେ । ସେ ନିଜେ ନିଜେ ପରିସ୍ଥିତି ସହ ନିଜକୁ ମିଳେଇ ନେଇ ପାରୁଥିଲେ । ଶ୍ୱେତପଦ୍ମା ତାଙ୍କ ହାତରୁ ପୁଡାକୁ ନେଇ ସେ ଭିତରୁ ସିଙ୍ଗଡା ବାହାର କରି ବାପା, ମାମା ଙ୍କୁ ଦେଇ  ନିଜେ ଖାଇ କହିଲା, “ବାପା, ସବୁବେଳେ ଅଧରାତିକୁ ଆସି ତେଲ ଜିନିଷ ଖାଇବା ତମ ଦୁହିଁଙ୍କ ପାଇଁ କ୍ଷତିକାରକ । ମୋତେ ଏବେ ତମ ଦି ଜଣଙ୍କର ଦାୟିତ୍ୱ ନେବାକୁ ହେବ ।”

ଝିଅର କଥା ଶୁଣି ସନତ ବି ହସି ହସି କହିଥିଲେ, “ ହଁ, ମହିଳା ସଶକ୍ତୀକରଣ ଆରମ୍ଭ ହୋଇ ଗଲାଣି ତ  !”

ସେ ସନତଙ୍କୁ ତା ଲ୍ୟାପ୍‌ଟପରେ ବାହାର କରି ରଖିଥିବା ଲେଖା ଦେଖେଇଲା, “ଆରମ୍ଭ ନୁହେଁ ବାପା । ଯୁଗ ଯୁଗରୁ ଅଛି । ଏଇ ଦେଖ ।”

Download Magazine from www.aahwaan.com

ଲେଖାଟି ସ୍ତ୍ରୀ ସଶକ୍ତୀକରଣ ଉପରେ ଲେଖା ଯାଇଥିଲା । ଆବହମାନ କାଳରୁ ସନାତନ ଧର୍ମରେ ଏହି ଦିଗ ଉପରେ ଯଥେଷ୍ଟ ଦୃଷ୍ଟି ଦିଆ ଯାଇଛି ।

ଗୀତାର ବିଭୁତି ଯୋଗର ୧୦ । ୩୪ ଶ୍ଳୋକରେ ଲେଖା ଯାଇଛି :

*"ମୃତ୍ୟୁଃ ସର୍ବହରଶ୍ଚାହମୁଦ୍ଭବଶ୍ଚ ଭବିଷ୍ୟତାମ୍ ।*

*କୀର୍ତିଃ ଶ୍ରୀର୍ବାକ୍‌ଚ ନାରୀଣାଂ ସ୍ମୃତିର୍ମେଧା ଧୃତିଃ କ୍ଷମା ॥"*

*[ଅର୍ଥାତ୍‌ମୁଁ ସବୁ କିଛି ହରି ନେଲା ଭଳି ମୃତ୍ୟୁ ଅଟେ,*

*ଭବିଷ୍ୟତର ବିକାଶଶୀଳଙ୍କ ସମୃଦ୍ଧି ଅଟେ, ]*

ନାରୀ ମାନଙ୍କ ଭିତର ପ୍ରସିଦ୍ଧି, ସମୃଦ୍ଧି, ବାଣୀ, ସ୍ମୃତି, ବୁଦ୍ଧିମତା, ସହନଶୀଳତା ତଥା ଧୈର୍ଯ୍ୟ ଅଟେ ।]

କିନ୍ତୁ ସମୟର ସ୍ରୋତରେ ବାରମ୍ବାର ନିଜ ଭିତରର ଲଢେଇ, ବାହାର ଶତ୍ରୁର ବାରମ୍ବାର ଆକ୍ରମଣ ପୁରୁଷକୁ ନାରୀମାନଙ୍କ ସନ୍ଦର୍ଭରେ ବଳହୀନ କରିବା ଆରମ୍ଭ କରି ଦେଇଥିଲା । ମାତୃ, ଜାୟା, ଭଗିନୀର ସ୍ୱରୂପ ପୁରୁଷ ସମାଜ ଆଗରେ ନିଷ୍ପ୍ରଭ ହୋଇ ଆସିଲା । ବ୍ୟକ୍ତିଗତ ସ୍ତରରେ କେବଳ ଝିଅ ଉପରେ ଦୃଷ୍ଟି କେନ୍ଦ୍ରୀଭୂତ ହୋଇ ରହିଲା, ଯାହା ଏକ ନିଛକ ସହାନୁଭୂତି ପୂର୍ଣ୍ଣ ରକ୍ଷଣ ଶୀଳ ଭାବ ଭିତରେ ବାନ୍ଧି ରହିଗଲା...., ଆଦି, ଆଦି,....

ତିନି

ଲେଖାଟି ପଢି ସାରିଲା ପରେ ସନତ ଝିଅ ମୁହଁକୁ ଚାହିଁ କହିଲେ, "ତାହା ହେଲେ ଭଗବାନଙ୍କ ସବୁ ଗୁଣ ତୋ ପାଖରେ ଅଛି ?"

Download Magazine from www.aahwaan.com



ସନତ ପଢିଲା ବେଳେ ତାଙ୍କ ମୁହଁକୁ ଏକ ଲୟରେ ଶ୍ୱେତପଦ୍ମା ଚାହିଁ ରହିଥିଲା । ତା ମୁହଁରେ ସେ କିଛି ଭାବ ଆଣି ପାରୁ ନ ଥିଲା । ତାଙ୍କ ପ୍ରଶ୍ନ ଶୁଣି ତା ଆଖି ଉଜ୍ଜ୍ୱଳ ହେଇ ଆସିଲା । ସେ ସଙ୍ଗେ ସଙ୍ଗେ ଜୋରରେ ସମ୍ମତି ସୂଚକ ଢଙ୍ଗରେ ମୁଣ୍ଡ ଟୁଙ୍ଗାରିବାରେ ଲାଗିଲା । ସନତ ତା ଆଖିରେ ଆଖି ମିଳେଇ ପ୍ରଶ୍ନ କଲେ, "ଆଉ ବାହାଘର ? ତା ଭିତରେ ଭଗବାନ ନାହାଁନ୍ତି ? ମୋର, ତୋ ମାମା ଭିତରେ ଭଗବାନ ନାହାଁନ୍ତି ?"

ଶ୍ୱେତପଦ୍ମା ସନତଙ୍କ ପାଖକୁ ଆଉ ଟିକେ ଲାଗି ଆସିଥିଲା, "ଅଛନ୍ତି ବାପା । ପ୍ରଥମେ ମୋ ଇଚ୍ଛାଟା ପୁରଣ ହୋଇଯାଉ । ବାହା ବି ହେଇ ଯିବି । ଭଗବାନଙ୍କର ସେହି ରୂପର ବି ଦର୍ଶନ ହୋଇଯିବ ।"

ତା ମୁଣ୍ଡରେ ସନତ ହାତ ବୁଲେଇ ଆଣିଥିଲେ, "ପଥର ହେଇଗଲୁ ତୁ ! କେଜାଣି କେବେ ତାଙ୍କ ପାଦ ସ୍ପର୍ଶ ହେବ ।"

ସେ କିଛି ଉତ୍ତର ନ ଦେଇ କେବଳ ରୋଷେଇ ଘର ଦ୍ୱାରରେ ଠିଆ ହୋଇ ଧୀରେ ଧୀରେ ହସୁଥିବା ହସୁରା ମାମାଙ୍କୁ ଦେଖୁଥିଲା ।

ପଥର ହେଇ ଯାଇଛି ସେ ? ତାକୁ ଚାକିରୀ ମିଳିବନି ? ଯଦି ସେ କିଛି ବ୍ୟବସାୟ ଆରମ୍ଭ କରନ୍ତା ! ଭିଣୋଇ ଭାଇନା କହୁଥିଲେ, ତାଙ୍କ ସମ୍ପର୍କୀୟା ଜଣେ ବ୍ୟବସାୟ ଆରମ୍ଭ କରିଛନ୍ତି ବୋଲି । ସେ ସଫଳ ହେଇ ପାରିବ କି ? ହୁଁ, କାହିଁକି ହେଇ ପାରିବନି ? ଠିକ୍ ଏହି ସମୟରେ ତା ମୋବାଇଲରେ ମେସେଜ୍ ଶବ୍ଦ ଆସିଲା ।

ସଜାଗ ହୋଇ ଶେଯ ଛାଡି ଉଠି ମେସେଜ୍ ଦେଖିଲା । ସହସା କୁରୁଳି ଉଠିଲା ସେ । ଗତକାଲିର ଇଣ୍ଟରଭିୟୁରେ ତା ଚାକିରୀ ହେଇ

Download Magazine from www.aahwaan.com

ଯାଇଛି । ଅବସାଦ ଗ୍ରସ୍ତ ମନରେ ଆଶା ପକ୍ଷୀର ଡେଣା ଲାଗି ଯାଇଥିଲା ।

ସେଇଠୁ ହିଁ ସେ ଚିତ୍କାର କରି ଉଠିଲା, "ବାପା, ବାପା ! ମୁଁ ଚାକିରୀ ପାଇ ଯାଇଛି ।"

ସ୍ୱାମୀ ସ୍ତ୍ରୀ ଦୁହେଁ ଯାକ ଦୌଡି ଆସିଲେ । ସନତ ତା ମେସେଜ୍ ଦେଖି କହୁଥିଲେ, "ଠିକ୍ ଅଛି, ଚାକିରୀ ହେଇ ଗଲା । ଏବେ ବିବାହ ଆଡେ ଧ୍ୟାନ ଦେ । ସ୍ତ୍ରୀ ଜୀବନର ସାର୍ଥକ.....,ଆଦି ଆଦି .... □'

ଶ୍ୱେତପଦ୍ମା ବାପାଙ୍କ କଥା ଶୁଣି ପାରୁ ନ ଥିଲା । ଶବ୍ଦର ଅସ୍ପଷ୍ଟତା ପରିବେଶର ଦ୍ରବୀଭୂତ ହୃଦୟ ବାତାବରଣରେ ଅଜଣା, ଅଦୃଶ୍ୟ ନିରାକାର ମନ ସ୍ୱଷ୍ଟ ପରଂବ୍ରହ୍ମ ରୂପୀ ମୁକ, ବଧୀର, ଅକ୍ଷମ ଓ ଅପଲକ ନେତ୍ରସ୍ଥ ଜଗନ୍ନାଥ ମୟ ହେଇ ଯାଇଥିଲା । ମନ-ଅହଲ୍ୟା-ପାଷାଣ-ଭାବରେ ପ୍ରଭୁ ଆଶୀଷ ସିକ୍ତ-ଆଧାର ପୟର ର ସ୍ୱର୍ଶ ଅନୁଭୂତି ବୋଧ ହୋଇ ସାରିଥିଲା । ନିଶ୍ଚୟ ତା ପାଇଁ ଏଥର ପ୍ରସିଦ୍ଧି, ସମୃଦ୍ଧି, ବାଣୀ, ସ୍ମୃତି, ବୁଦ୍ଧିମତା, ସହନଶୀଳତା ତଥା ଧୈର୍ଯ୍ୟର ପରୀକ୍ଷା ଦେବା ବେଳ ଆସି ଯାଇଛି !

ଦ୍ୱିତୀୟ ତୋଟା ସାହି, ବିଜିପୁର
ବ୍ରହ୍ମପୁର – ୭୬୦୦୦୫

Download Magazine from www.aahwaan.com



# ଟଙ୍କାକିଆ କଏନ୍

କୋରାପୁଟକୁ ବଦଳି ହୋଇ ଆସିବା ପନ୍ଦର ଦିନ ହୋଇଥାଏ, ପୁଅର ସ୍କୁଲ ଖରାଦିନ ଛୁଟି ହେଲା ବୋଲି, ମୋ ସ୍ତ୍ରୀ ଓ ପୁଅ ବୁଲିବାକୁ ଆସିଲେ । ଦୁଇଦିନ ହୋଇନି, ସିଜିନ ଚେଞ୍ଜ ଆଉ ଅଲଗା ପାଣି ପାଇଁ ପୁଅକୁ ଜର, ରାତି ଅଧରେ କୁଆଡେ ଯିବି ? ପଡୋଶୀଙ୍କୁ ଡାକିଲି । କୋରାପୁଟରେ ସବୁ ପୂର୍ବ ଓଡିଶା ଲୋକଙ୍କୁ କଟକିଆ ବାବୁ ବୋଲି କୁହନ୍ତି । ଓଡ଼ିଆ ହେଲେ ବି ଭାଷା ଅଲଗା ଯୋଗୁଁ ଅଳ୍ପ ଅଳ୍ପ ବୁଝି ହେଉଥାଏ । ପଡୋଶୀ ଜଣଙ୍କ ଭଲଲୋକ । ରାତି ଅଧରେ ବି କବାଟ ଖୋଲିଲେ, କଣ କରିବା ପଚାରୁ ପଚାରୁ କହିଲେ, "ସେ କଟକି ଡାକ୍ତର ପାଖକୁ ଯାଅ, ସେ ଆସି ଦେଖିଯିବେ । ତୁମର ସ୍କୁଟର ଅଛିନା ? ସେଥିରେ ବସି ସେ ଆସିବେ, ପୁଣି ନେଇ ଛାଡ଼ିଦେବ ।"



ସୁବଳ ମହାପାତ୍ର

ମୋତେ ଅଳ୍ପ ଅଳ୍ପ ସନ୍ଦେହ ହେଲା । ମୋତେ ତ କଟକିଆ ବାବୁ ବୋଲି କହୁଛନ୍ତି, ତେବେ କଟକି ଡାକ୍ତରମାନେ ସେ ବି ପୂର୍ବ ଓଡିଶାରୁ ହୋଇଥିବେ । ତେବେ ଡାକ୍ତର ଜଣେ, ରାତି ଅଧରେ ଘରକୁ ଆସିବେ ? କାହିଁ ବିଶ୍ୱାସ ହେଲାନାହିଁ । କଟକ ଭୁବନେଶ୍ୱରରେ ତ ଡାକ୍ତର ଭର୍ତ୍ତି, କିନ୍ତୁ କାହିଁ କେହି ଜଣେ ବି ରୋଗୀର ଘରକୁ ଯାଇ ଦେଖିବା ମୁଁ ଶୁଣିନି । ପୁଅକୁ ଧରି ଅବା ତାଙ୍କ ପାଖକୁ ଚାଲିଯାଇଥାନ୍ତି । କିନ୍ତୁ ଅଜଣା ରାସ୍ତା । ଏପଟେ ପୁଅର ଝାଡ଼ା ବି ହେଉଥାଏ । ଅଧଘଣ୍ଟା ଭିତରେ ସେ ତିନିଥର ଗଲାଣି ।

ଏ ଅବସ୍ଥାରେ ସନ୍ଦିହାନ ମନ ନେଇ ସ୍କୁଟର ଷ୍ଟାର୍ଟ କଲି । ପନ୍ଦର ମିନିଟ ପରେ, ପଡୋଶୀ କହିବା ଅନୁସାରେ ଛକ ପାଖ ତିନିଟି ଘର ଛାଡ଼ି, ନଳକୁଅ ଥିବା ଘର ଆଗରେ ସ୍କୁଟର ରଖିଲି । କବାଟ ବାଡଉ ବାଡଉ ଡାକ୍ତର ଜଣଙ୍କ କବାଟ ଖୋଲିଲେ, ସତେ ଅବା ମୋ ଆସିବା କଥା ସେ ଜାଣି ସାରିଥିଲେ । ଲୋକଟିକୁ ଦେଖିଲେ ବେଶଭୂଷାରୁ ଲାଗୁନଥିଲା ସେ ଜଣେ ଡାକ୍ତର ବୋଲି । ସାଧା କନା ଫୁଲପେଣ୍ଟକୁ ଚେକ ହାଫ ସାର୍ଟ । ତା ସହ ପଚାଶ ଟଙ୍କିଆ ହାୱାଇ ଚପଲ ଖଣ୍ଡେ । ଅକାଳେ ନିୟମ ନାସ୍ତି ନ୍ୟାୟରେ ବାଧ୍ୟ ହୋଇ ସବୁ ଘଟଣା କହିଲି ତାଙ୍କୁ । ଘଟଣା ଶୁଣି, ତାଙ୍କ ବାକ୍ସ ସହ କିଛି ଔଷଧ ଧରି ଗାଡ଼ିରେ ବସିଲେ । ବାଟରେ ପଚାରି ବୁଝୁଥାନ୍ତି ପୁଅ କଣ ଖାଇଥିଲା ? କେତେ ବୟସ ? କେବେଠୁ ଜର ହେଲାଣି ? କିଛି ଔଷଧ ଦେଇଛ ନା ନାହିଁ ? ଏମିତି କେତେ କଣ । ଗାଡି ଚଳାଉ ଚଳାଉ ମୁଁ ସବୁ ପ୍ରଶ୍ନର ଉତ୍ତର ଦେଉଥାଏ । ଘରେ ଆସି ପହଂଚିଲୁ । ପୁଅକୁ ଦେଖି ଗୋଟିଏ ଇଂଜେକସନ ଦେଇ, କିଛି ଔଷଧ ତାଙ୍କ ବ୍ୟାଗରୁ ବାହାର କରି ଦେଲେ । ଆଉ ଖାଇ ସାରି ଔଷଧ ଖାଇ ଶୋଇଲେ ସକାଳୁ ଜର ଭଲ ହୋଇଯିବ ବୋଲି କହି ଯିବାକୁ ବାହାରିଲେ । ମୁଁ ଘରଣୀ ପାଖରୁ କିଛି ପଇସା ଆଣି ପକେଟରେ ଭର୍ତ୍ତି କଲି । ଡାକ୍ତରଙ୍କୁ ଛାଡିଲା ପରେ ଫିସ ତ ଦେବାକୁ ପଡିବ ନା.... ରାତିରେ ଆସିଛନ୍ତି ଘରକୁ ମାନେ ଟିକେ ଅଧିକ ନିଶ୍ଚିତ ନେବେ ପୁଣି ଔଷଧ ଓ ଇଂଜେକସନ ବି ନିଜ ହାତରୁ ଦେଇଛନ୍ତି । କିଛି ନହେଲେ ବି ଟଙ୍କା ପାଞ୍ଚଶହ ତ ନିଶ୍ଚିତ । ପକେଟରେ ଯାହା ଥିଲା ଆଉ କିଛି

Download Magazine from www.aahwaan.com

ଘରଣୀଙ୍କ ଠୁ ଆଣି ରଖିଲି, କାଳେ ଅଧିକ ବି କହି ପାରନ୍ତି, ସେ ଭୟରେ ।

କିଛି ସମୟ ପରେ ତାଙ୍କ ଘର ଆଗରେ ପହଂଚିଲୁ । ସୌଜନ୍ୟ ମୂଳକ ଧନ୍ୟବାଦଟିଏ ଦେଇ ଫିସ କେତେ ବୋଲି ପଚାରିଲି । ସେ ଯାହା କହିଲେ ପାଦତଳୁ ମାଟି ଖସିଯିବା ପରି ଲାଗିଲା । ଅତ୍ୟଧିକ ମାନସିକ ଚାପରେ ଠିକରେ ଶୁଣି ପାରିଲିନି ବୋଧେ । ଆଉ ଥରେ ପଚାରିଲି । ଶାନ୍ତ, ସରଳ ଭାବରେ ସେ ଉତ୍ତର ଫେରେଇଲେ । ସେତିକି ଟଙ୍କା ନଥିଲା ମୋ ପାଖରେ । ତାଙ୍କୁ ମୋଟାମୋଟି ସେତିକି ହିଁ ଦରକାର ଥିଲା, ନା ବେସି ନା କମ । ଏବେ ନାହିଁ, କାଲି ଆଣି ଦେଇଦେବି କହି ଆଉ ଥରେ ଧନ୍ୟବାଦ ଦେଲି ।

ସ୍କୁଟର ଷ୍ଟାର୍ଟ କଲା ଯାଏଁ ସେ ସେମିତି କବାଟ ପାଖରେ ଠିଆ ହୋଇଥିଲେ । ମନ କଣ ହେଲା ଫେରି ଆସି, "କାଲି ଦିନବେଳେ ଆପଣ ଆମଘରେ ଖାଇବେ" ବୋଲି କହିଲି । ମୁଣ୍ଡ ହଲେଇ ସ୍ୱୀକୃତି ଦେଲେ । ଫେରିଲା ବେଳକୁ ସତରେ ଅନ୍ୟମନସ୍କ ହୋଇଯାଇଥିଲି । ମୁଣ୍ଡରେ ପଶୁନଥିଲା କିଛି । ୪୦ ଜାଗାରେ ୨୦ ସ୍ପୀଡ଼ରେ ଗାଡି ଚଳେଇ ଘରେ ପହଂଚିଲି । ଡାକ୍ତର ଫିସ କଥା ଶୁଣି ଘରଣୀ ମୁଣ୍ଡରେ ହାତ ଦେଲେ, କହିଲେ, "କିନ୍ତୁ କାହିଁକି ?" ଜାଣିନି ବୋଲି ମୁଣ୍ଡ ହଲେଇ, କାଲି ଘରକୁ ଡାକିଛି ଖାଇବାକୁ, କିଛି ଭଲ ରୋଷେଇ କରିବ କହି ଶୋଇବାକୁ ଗଲି । ମୁଣ୍ଡରେ କିଛି ପଶୁ ନଥିଲା । ଏମିତି ବି ଡାକ୍ତର ଏ ଦୁନିଆଁ ରେ ଅଛନ୍ତି ? ରାତି ଅଧରେ ରୋଗୀ ଘରକୁ ଆସି, ନିଜ ପାଖରୁ ଇଂଜେକସନ ଓ ଔଷଧ ଦେଲା ପରେ ଫିସ "ଟଙ୍କାକିଆ କଏନ" ଟିଏ ?? ମାତ୍ର ଏତିକି ? ବିଶ୍ୱାସ

Download Magazine from www.aahwaan.com



ହେଉ ନଥିଲା । ଟଙ୍କାଟିଏ କଏନ ନଥିବାରୁ ସେ ରାଜି ହୋଇନଥିଲେ ଅଧିକ ନେବାପାଇଁ । ମୋତେ ରାତିସାରା ନିଦ ହୋଇନଥିଲା । ଔଷଧ ଖାଇ ପୁଅ ଶୋଇ ସାରିଥିଲା । ଘରଣୀ ତା ଉପରେ ହାତରଖି, ସେ ବି ଶୋଇ ପଡ଼ିଥିଲେ । କାରଣ ଖୋଜୁ ଖୋଜୁ କେତେବେଳେ ସକାଳ ହୋଇ ଯାଇଥିଲା ।

ସକାଳୁ ପୁଅର ଦେହ ଭଲ ହୋଇଯାଇଥାଏ । ହାଲିଆ ଯୋଗୁଁ ସେ ଶୋଇ ପଡିଥାଏ । ସକାଳୁ ସକାଳୁ ମଟନ ଆଣି ରୋଷେଇ ଅଧା ହେଲା ବେଳକୁ ଗଲି ଡାକ୍ତର ବାବୁଙ୍କୁ ଆଣିବା ପାଇଁ । ଘର ଆଗରେ ପିଣ୍ଡି ଉପରେ ବସି ରୋଗୀ ଦେଖୁଥିଲେ । ସମସ୍ତଙ୍କ ଫିସ 'ଟଙ୍କାଏ' ଔଷଧ, ଇଂଜେକସନ, ଡ୍ରେସିଂ ସବୁ ନିଜେ କରୁଥାନ୍ତି । ଆଉଥରେ ଭଲରେ ଦେଖିଲି ତାଙ୍କୁ । ବୟସ ପାଖାପାଖି ୬୦ । ସାଧାରଣ ପେଣ୍ଟ ସାର୍ଟ । ଏବେ ତାଙ୍କ ମୁହଁଟି ଜଣେ ଦେବତା ଭଳି ଲାଗିଲା । ଯିଏ ପଇସା ନଦେଇ ପାରିଲା କିଛି କଥା ନାହିଁ । ପାଖରେ ବସି ଭାବୁଥାଏ, ଏମିତି କେମିତି । ଆଜିକାଲିର ଦୁନିଆଁ ରେ ଯେଉଁଠି ଡାକ୍ତର ମାନେ ପଇସା ପାଇଁ ରୋଗୀ ମରିଗଲେ ବି ଚାହୁଁ ନାହାନ୍ତି, ସରକାରୀ ଡାକ୍ତରଖାନାରୁ ଠକି ଭଣ୍ଡି ରୋଗୀକୁ ନିଜ କ୍ଲିନିକକୁ ଆଣିବାପାଇଁ ଦଲାଲ ରଖୁଛନ୍ତି, ସେ ପରିକା ସମୟରେ ମାତ୍ର 'ଟଙ୍କାଏ' ଫିସ ନେଇ ନିଜ ହାତରୁ ଔଷଧ ଦେଇ ଏ ଆଦିବାସୀ, ଗରିବ, ମଳି ମୁଣ୍ଡିଆମାନଙ୍କର ସେବା କରିବା ଜଣେ ସାକ୍ଷାତ ଦେବତା ନହେଲେ ଆଉ କିଏ କରି ପାରିବ ?

ଦିନ ଗୋଟାଏ ବାଜି ସାରିଥିଲା । ରୋଗୀ ସବୁ ଯାଇ ସାରିଥିଲେ ।

Download Magazine from www.aahwaan.com

ପ୍ରଥମେ ଟଙ୍କିକିଆ କଏନଟିଏ ତାଙ୍କ ହାତକୁ ବଢ଼େଇ ଦେଲି । କଏନଟି ନେଇ ପେଣ୍ଟ ପକେଟରେ ରଖିଲେ । ଏବେ ବାହାରିଲୁ ଆମ ଘର ଅଭିମୁଖେ । ବାଟରେ କେବଳ ତାଙ୍କ ନାଁଟି ପଚାରି ପାରିଲି । ଏତେ ବଡ ଦେବତା ପରି ମଣିଷକୁ ନିଜ ଘରକୁ ଖାଇବାକୁ ଡାକି ଥିବାରୁ, ନିଜକୁ ଧନ୍ୟ ମନେ କରୁଥିଲି ।

ମାଇକିନା ମଣିଷ ଯଦି କିଛି ଜାଣିଲେ, ତା ଭିତରକୁ ଯାଇ ପୁରାକଥା ନଜାଣିଲା ଯାଏଁ ତାଙ୍କ ଭାତ ହଜମ ହୁଏନି । ଏଇ ଗୁଣଟି ବେଳେ ବେଳେ ବହୁତ ଭଲ କାମରେ ମଧ୍ୟ ଆସେ, ଏହା ମୁଁ ଏବେ ଜାଣିଲି । ମୋର ବି ସବୁ ଜାଣିବାକୁ ଇଚ୍ଛା ଥିଲେ ବି ଭଦ୍ରତା ଦୃଷ୍ଟିରୁ ପଚାରି ପାରୁ ନଥାଏ । ମୋ ସ୍ତ୍ରୀ ତ ଭାରି ଭଲ ମଣିଷ ଜଣେ । ନିମିଷକେ ସେ ଡାକ୍ତର ବାବୁଙ୍କୁ ନିଜ ବାପା ଆଖ୍ୟା ଦେଇ ସାରିଥାଏ । ଏବେ ଘରଣୀ ଆମର ସବୁକଥା ଜାଣିବାକୁ ଜିଜ୍ଞାସା କରନ୍ତେ, ମୋ ନୂଆ ବାପା(ଶ୍ୱଶୁର) କହିବାକୁ ଆରମ୍ଭ କଲେ, "ହଁ ଭୁବନେଶ୍ୱରରେ ମୋର ଘର ଥିଲା । ଘରେ ପୁଅ ଝିଅ ଆଉ ସ୍ତ୍ରୀ । ସରକାରୀ ଡାକ୍ତର ଥିଲି ମୁଁ, ନିଜର କ୍ଲିନିକ ବି ଥିଲା । ଦରମା ପଇସା ସହ କ୍ଲିନିକରୁ ଭଲ ଆୟ ହୁଏ । ବାପାଙ୍କ କଥା ମାନି ତାଙ୍କ ସାଙ୍ଗର ଝିଅକୁ ବାହା ହୋଇଥିଲି । ଟିକେ ଗରିବ ଥିଲେ ମୋ ଶ୍ୱଶୁର । ସ୍ତ୍ରୀ କିନ୍ତୁ ଥିଲେ ଭଲ ମଣିଷ ।"

– ଥିଲେ ମାନେ ? ? ଆଶ୍ଚର୍ଯ୍ୟ ହୋଇ ଆମେ ଦୁଇଜଣ ତାଙ୍କ ମୁହଁକୁ ଚାହିଁ ରହିଲୁ ।

– ଆରେ ନା, ନା । ସେମାନେ ଏବେ ବି ଅଛନ୍ତି କିନ୍ତୁ ତାଙ୍କ ସହ

Download Magazine from www.aahwaan.com

ମୋର ଆଉ କିଛି ସମ୍ପର୍କ ନାହିଁ ।

– କାହିଁକି ? ? ମୋ ସ୍ତ୍ରୀ ପଚାରିଲେ ।

– କହୁଛି,

ମୁଁ ଥିଲି ଜଣେ ଡାକ୍ତର, ଦରମା ସହ କ୍ଲିନିକର ପଇସା ମିଶି ଯଥେଷ୍ଟ ଥିଲା ଆମେ ଚଳିବା ପାଇଁ । ଗୋଟିଏ ପୁଅ, ଗୋଟିଏ ଝିଅ । ଚାରିଜଣଙ୍କର କୌଣସିଥିରେ ଅଭାବ ନଥିଲା । ପୁଅକୁ ବି.ଫାର୍ମା. ପାଠ ପଢେଇ ମୋ କ୍ଲିନିକ ପାଖରେ ଗୋଟିଏ ଔଷଧ ଦୋକାନ କରେଇ ସାରିଥିଲି । ଝିଅ ପାଇଁ ବାହାଘର ପ୍ରସ୍ତାବ ବି ଦେଖୁଥିଲି ।

ସ୍ତ୍ରୀ ଜନ୍ମରୁ ଗରିବ ଥିଲେ ବି ଏବେ ପଇସା ଆସିଲା ପରେ ଘରେ କମ, କିଟି ପାର୍ଟିରେ ଅଧିକ ରହୁଥିଲେ । ଝିଅ କୌଣସି ଏକ ପିଲାକୁ ଭଲ ପାଉଛି ଜାଣିଲା ପରେ ମନ ଟିକେ ମରି ଯାଇଥିଲା, ତଥାପି ଭଲ ପିଲା ହୋଇଥିଲେ ବାହାଘର କରିଦେବି ବୋଲି ମନେ ମନେ ନିଷ୍ପତି ନେଇ ସାରିଥିଲି । ପୁଅ ଏବେ ମଝିରେ ମଝିରେ ପିଆ ପିଇ କରି ଘରକୁ ଫେରିବାର ଖବର ବି ପାଇଲି । ମୁଁ କିନ୍ତୁ ପଇସା ରୋଜଗାର କରିବାରେ ବ୍ୟସ୍ତ ଥିଲି । ରୋଗୀମାନେ ଆଗ ପଇସା ଦେଲେ ତାପରେ ରୋଗୀ ଦେଖୁଥିଲି ।

ଦିନେ ଦ୍ୱିପ୍ରହରେ ଘରକୁ ଖାଇବାକୁ ଆସିଲା ବେଳେ ଦେଖିଲି ପୁଅ ଗାଡି କିଣିବ ବୋଲି ତା ମା'କୁ ପଇସା ମାଗୁଥିଲା । ମୋଟର ସାଇକଲଟିଏର ଦାମ ଦୁଇଲକ୍ଷ ପଞ୍ଚାନବେ ହଜାର । ତା ସହ ଆନୁଷଙ୍ଗିକ ଆଉ ପଚାଶ ହଜାର ଟଙ୍କାର ପାର୍ଟସ ଲାଗିବ । ସାମାନ୍ୟ ମୋଟର

Download Magazine from www.aahwaan.com

ସାଇକେଲର ଦାମ ଏତେ ବୋଲି, ତା ମା' ମନା କରିବାରୁ, ଘର ଆଗରେ ଥିବା ଶୋ କୁଣ୍ଡ ଦୁଇଟିକୁ ବାଡେଇ ଭାଙ୍ଗି ସାରିଥିଲା । ରାଗ ତମତମ ହୋଇ ଖାଇବା ସବୁ ବାହାର ନଳାରେ ଢାଳି ଦେଇଥିଲା । ଝିଅ ବି ତା ସହ ତାଳ ଦେଇ "ପଇସା କଣ ହେବକି ? ଏତେ ପଇସା ତ ଅଛି ବ୍ୟାଙ୍କରେ" ବୋଲି କଥା ସହ କଥା ମିଶାଉଥିଲା । ମୁଁ ମୁହଁ ଖୋଲିବାରୁ ପୁଅ ଝିଅ ଦି ଜଣ ଯାକ ମୋ ଉପରକୁ ଝପଟି ଆସିଲେ । ସ୍ତ୍ରୀ ବି କିଛି କହୁ ନଥାନ୍ତି । ବାପା ହିସାବରେ ମୁଁ ସେଦିନ ବହୁତ ଆଘାତ ପାଇଲି ମନରେ । ମୋ ସଂସ୍କାର ଦେବାରେ କିଛି ହେଳା ରହିଗଲା ବୋଲି ଭାବି ସେଦିନ ନଖାଇ ପୁଣି କ୍ଲିନିକକୁ ପଳେଇ ଆସିଲି । ଏଇଠାରୁ ଆରମ୍ଭ ହୋଇଥିଲା ମୋ ଜୀବନରେ ମୋଡ ।

ଆମେ ଦି ଜଣ ସ୍ୱାମୀ ସ୍ତ୍ରୀ ତାଙ୍କ ମୁହଁକୁ ଚାହିଁଥାଉ । ପୁଅ ବି କେତେବେଳୁ ଆସି ତା ମା କୋଳରେ ବସି ସାରିଥାଏ । ପାଣି ଗ୍ଲାସରୁ ପାଣି ଢୋକେ ପିଇ ସେ ପୁଣି କହିଲେ...

"କ୍ଲିନିକ ଆସି, ଏ.ସି. କୁ ବଢ଼େଇ ଦେଇ ମୁଁ ଚୌକିରେ ବସି ପଡ଼ିଲି । ଝରକା ପଟେ ବାହାରକୁ ଚାହିଁଲି, ମୁଣ୍ଡ ଭିତରେ କେଜାଣି କଣ ସବୁ ଚିନ୍ତା ବୁଲୁଥାଏ । ଆଖି ଆଗରେ ପିଲାଙ୍କ ଛୋଟବେଳ କଥା ସବୁ ମନେ ପଡିଯାଉଥାଏ । କେତେ ଶାନ୍ତ, ସୁଧାର ଥିଲେ ଏମାନେ । କ'ଣ ମୋ ସଂସ୍କାରରେ କିଛି ତ୍ରୁଟି ରହିଲା ନା ଲାଳନ ପାଳନରେ ? ନା ଅଧିକ ପଇସା ହେବାରୁ ଏସବୁ ଘଟୁଛି । କିଛି ପଶୁନଥାଏ ମୁଣ୍ଡରେ । ମୁଁ ହିଁ ତ ଏସବୁ କରିଛି ବୋଲି ମୋ ବିବେକ ମୋତେ ଚେତେଇ ଦେଉଥାଏ ।

Download Magazine from www.aahwaan.com



ସବୁବେଳେ କ୍ଲିନିକରେ ରହି ଅଧିକ ପଇସା ରୋଜଗାର କରିବା ନିଶାର ପରିଣତି ଯେ ଏଇଟା ଏହା ବୁଝିବାକୁ ଆଉ ବାକି ନଥାଏ । ମୁଁ ତ ପଇସା ପଛରେ ଗୋଡେଇ ଗୋଡେଇ ମୋ ପିଲାଙ୍କ ଦେଖରେଖରେ ହେଳା କରିଛି, କହିବି କାହାକୁ ? ଏ ବୟସରେ ଏ ପରିକା ବ୍ୟବହାର ପାଇ ମନଟା କାହିଁକି ଭାରି ଆନ୍ଦୋଳିତ ଅବସ୍ଥାରେ ଥାଏ । ହଠାତ କିଛି ଶବ୍ଦ ମୋ କାନରେ ପଡିଲା । ଯୋଗୀଟିଏ କେନ୍ଦେରା ବଜେଇ ବଜେଇ ଯାଉଥାଏ । ମଝିରେ ମଝିରେ ଗାଇ ଦେଉଥାଏ ମଣିଷ ଜନ୍ମ, ମୃତ୍ୟୁ ସମ୍ବଳିତ କଥାସବୁ । ମନେପଡ଼ିଲା ମୋ ପିଲାଦିନ କଥା, ଜେଜେ ଏଇ ଯୋଗୀ ମାନଙ୍କୁ ଡାକି ଭଜୁକିନା ରାମ ନାମ ଆଉ ମନବୋଧ ଚଉତିଶା ଶୁଣୁଥିଲେ ଓ ମୋତେ ଶୁଣାଉଥିଲେ । ଆଜି କାହିଁକି ଆଉ ଥରେ ସେ ଗୀତଟି ଶୁଣିବାକୁ ଇଛା ହେଲା । ଯୋଗୀକୁ ଡାକି ତା'ଠୁ ଭଜୁକିନା ରାମ ନାମ ଗୀତଟି ଶୁଣିଲି । ଜୀବନ ଯେ ମାୟାରେ ଭରପୁର, ଏ ଶିକ୍ଷାଟି ବୁଝିଲି ସେଦିନ । ମନ ପୁରିଲାନି, ପଚାଶ ଟଙ୍କିଆ ନୋଟଟିଏ ବଢ଼େଇ ଦେଇ 'ମନବୋଧ ଚଉତିଶା' ଶୁଣେଇବା ପାଇଁ କହିଲି । ଯୋଗୀ ଜଣଙ୍କ ଯେତିକି ଯେତିକି ଗାଇ ଯାଉଥାନ୍ତି ମନ ସେତିକି ସେତିକି ଶାନ୍ତ ହୋଇ ଆସୁଥାଏ ।

ଗୀତ ଦୁଇଟି ଶୁଣି ମନ ଶାନ୍ତ ହୋଇଯାଇଥିଲା । ଯେତିକି ପଇସା ଅଛି, ମୋ ବିନା ମୋ ସ୍ତ୍ରୀ, ପିଲାଛୁଆ ଆରାମରେ ଚଳିବେ । ଅସୁବିଧା ହେବନାହିଁ । କ୍ଲିନିକରେ ଥିବା ଡ୍ରେସ ହଳକ ଧରି, ସବୁକିଛି ପଛରେ ଛାଡି ଚାଲିବା ଆରମ୍ଭ କଲି । ତେଣିକି ଏ ପାଦ ଯୁଆଡେ ଟାଣିଲା । ଷ୍ଟେସନରୁ ଟ୍ରେନ ଧରି ପୁରା ଦେଶର ସବୁ ଜାଗା, ଚାରି ଧାମ, ବାର ଜ୍ୟୋତିର୍ଲିଙ୍ଗ,

Download Magazine from www.aahwaan.com


ସବୁ ଶକ୍ତିପୀଠ, ଯେତେ ସବୁ ଦେବ ଦେବାଳୟ, ଦର୍ଶନୀୟ ସ୍ଥାନ ବୁଲାବୁଲି ସାରି ପ୍ରାୟ ତିନିବର୍ଷ ପରେ ଫେରିଲି ଘରକୁ ।

ଏବେ ମୋ ପ୍ରକୃତ ଜୀବନ ଅପେକ୍ଷା କରିଥିଲା ମୋତେ । ମୋର ଦାଢ଼ି ଓ ଚୁଟି ବଢି ଯାଇଥିଲା । ବାବାଜୀ ପରି ଦେଖା ଯାଉଥିଲି । ଘରକୁ ପଶିଲା ବେଳକୁ, ଘର କାନ୍ଥରେ ମୋ ଫୋଟୋରେ ଫୁଲମାଳ ଦେଖି ଟିକେ ଅଟକିଗଲି । ସ୍ତ୍ରୀ ଙ୍କ ଦେହରେ ପାଣି ଚୁଡ଼ି ବଦଳରେ ସୁନା ଚୁଡ଼ି, ଖାଲି ସିଂଥି, ଦେହରେ ଦାମୀ ଗୋଲଡେନ ରଙ୍ଗର ପ୍ଲେନ ଶାଢୀ, ପୁଅ ସହ ବୋହୁ, ଏସବୁ ଦେଖି ଆଉ ସନ୍ଦେହ ନଥିଲା ଯେ ମୋ ବିନା ଏମାନେ ଭଲରେ ଅଛନ୍ତି । ମୋତେ ଦେଖି ଭୂତ ଦେଖିଲା ପରି ଚମକି ପଡିଲେ ସମସ୍ତେ । ଫୋନପାଇ ଜୋଇଁକୁ ଧରି ଝିଅ ବି ଆସି ପହଁଚିଲା । ଏବେ ପ୍ରକୃତରେ ଆରମ୍ଭ ହେଲା ମୋ ମାୟାର ଖେଳ । ମୋତେ ଦେଖି ସମସ୍ତେ ଖୁସି ହେବା ବଦଳରେ ଚିନ୍ତାରେ ପଡି ଯାଇଥିଲେ । ଛଅ ମାସ ମୋତେ ଖୋଜିଲା ପରେ ମୋର ଗାଡି ଆକ୍ସିଡେଣ୍ଟରେ ଦେହାନ୍ତ ହୋଇଛି ବୋଲି କହି କୋଟିଏ ଟଙ୍କା ଇନ୍‌ସୁରାନ୍‌ସ ପଇସା ଆଣି ତିନିଜଣ ଯାକ ଖର୍ଚ୍ଚ କରି ସାରିଥିଲେ । ବାକି ଯାହା ଥିଲା ସମସ୍ତେ ନିଜ ନିଜ ବାଟରେ ନେଇ ସାରିଥିଲେ । ପୁଅ ବୋହୂ ସହ, ଝିଅ ଜୋଇଁ ସହ, ଆଉ ସ୍ତ୍ରୀ ତାଙ୍କ କିଟି ପାର୍ଟି ସହ, ଖୁବ ଖୁସିରେ ଥିଲେ । ମୋତେ ଦେଖି ଏବେ ସବୁ ଚିନ୍ତାରେ । କଣ କରିବେ ବୋଲି ସନ୍ଧ୍ୟାରେ ତାଙ୍କର ବିଲୁଆ ବିଚାର ଚାଲିଲା । କେହି କୌଣସି ସିଦ୍ଧାନ୍ତରେ ପହଞ୍ଚି ପାରୁ ନଥିଲେ । ମୁଁ ଏବେ ସମସ୍ତଙ୍କ ପାଇଁ ଚିନ୍ତାର କାରଣ ହୋଇ ଯାଇଥିଲି । ମୁଁ ବଞ୍ଚିଛି ବୋଲି ଜାଣିବା ମାତ୍ରେ

Download Magazine from www.aahwaan.com


ବ୍ୟାଙ୍କବାଲା ଆଉ ଇନ୍ସୁରାନ୍ସ ବାଲା ଏମାନଙ୍କୁ ପଇସା ମାଗିବେ । କୁଆଡୁ ଆଣିବେ ? ଖର୍ଚ୍ଚ ତ ସରିଛି ।

ମୋ ବ୍ୟାଙ୍କ ଆକାଉଣ୍ଟ ସବୁ କେବେ ଠୁ ବନ୍ଦ ହୋଇ ସାରିଥିଲା । ଘର ବାଡ଼ି ସବୁ କିଛି ତାଙ୍କ ନାଁରେ ହୋଇ ସାରିଥିଲା । ମୋର ବୋଲି କହିବାକୁ କିଛି ନଥିଲା ମୋ ପାଖରେ, କେବଳ ମୁଁ କାହାକୁ ନ ଜଣେଇ ଅଲଗା ଏକ ବ୍ୟାଙ୍କରେ ରଖିଥିବା ବାର ଲକ୍ଷ ଟଙ୍କା ବ୍ୟତୀତ । ବଡି ଭୋରରୁ ଉଠି ପାସବୁକଟି ଧରି ଘରୁ ବାହାରି ଆସିଲି । ଦୋକାନରେ ଜଳଖିଆ ଖାଇ ପଇସା ଦେବାକୁ ଗଲା ବେଳେ ଦେଖିଲି ମୋ ପକେଟରେ ଟଙ୍କାକିଆ କଏନଟିଏ ବ୍ୟତୀତ ଆଉ କିଛି ନାହିଁ । ଜଳଖିଆ ଦୋକାନୀକୁ ଅନୁରୋଧ କରି ବ୍ୟାଙ୍କ ଖୋଲିବାକୁ ଅପେକ୍ଷା କଲି । ବ୍ୟାଙ୍କ ଖୋଲିବା ମାତ୍ରେ ମୋ ଆକାଉଣ୍ଟକୁ ବନ୍ଦ କରି ସବୁ ଟଙ୍କା ଧରି, ଦୋକାନୀକୁ ତା ପଇସା ଦେଇ, ଲକ୍ଷ୍ୟହୀନ ଭାବରେ ଆଗକୁ ଚାଲିଲି, କିଛି ସମୟ ପରେ ଆସୁଥିବା ଏକ ବସରେ ଚଢ଼ିଲି । ବସ ଆସି ଏଠି ରହିଲା, କୋରାପୁଟରେ । ସେଇଦିନୁ ଏହି ଜାଗାରେ ହିଁ ଅଛି । ମୋ ଡାକ୍ତରୀ ବିଦ୍ୟାକୁ ଲୋକଙ୍କ କାମରେ ଲଗାଉଛି । ଫିସ ହିସାବରେ ଟଙ୍କାଏ ନେଉଛି ଶୁଣି କିଛି ମେଡ଼ିସିନ ରିପ୍ରେଜେଣ୍ଟଟେଟିଭ ନିଜେ ନିଜେ ଆଣି ସାମ୍ପୁଲ୍ ଔଷଧ ଓ ଇଂଜେକସନ ଦେଇ ଯାଉଛନ୍ତି । ଟଙ୍କାଏ ଟଙ୍କାଏ କରି ଦିନକୁ ପ୍ରାୟ ୪୦-୫୦ ଟଙ୍କା ହୋଇଯାଏ ମୋ ରୋଜଗାର । ମୋ ଖର୍ଚ୍ଚ ଚଳିଯାଏ ।

ଘରଣୀ ଆମର ପୁଣି ଥରେ ପଚାରି ଦେଲେ, “ହେଲେ ଫିସ

Download Magazine from www.aahwaan.com


ହିସାବରେ ଟଙ୍କାଏ କାହିଁକି ?"

– କହିଲେ... ଥରେ ଛୋଟବେଳେ ମୁଁ ବାପାଙ୍କ ପକେଟରୁ ପଚାଶ ପଇସା ଚୋରି କରିଥିଲି । ବାପା ରାଗି ମୋତେ ବାଡେଇ ଥିଲେ । ତା ପରେ ଟଙ୍କାକିଆ କଏନଟିଏ ଦେଇ କହିଥିଲେ, "ମନେରଖ ଦିନେ ନା ଦିନେ ଏହି କଏନଟିଏ ହିଁ ତୋ ଜୀବନରେ ଖୁସି ଆଣିବ ।" ଜଳଖିଆ ଦୋକାନରେ ଜଳଖିଆ ଖାଇ ସାରିଲା ପରେ ଏହି କଏନଟିଏ ହିଁ ଥିଲା ମୋର ସର୍ବସ୍ୱ ସମ୍ପତ୍ତି । ସେହିଦିନୁ ନିଷ୍ପତି ନେଲି, ରୋଗୀ ଦେଖି ଫିସ ହିସାବରେ ଟଙ୍କାକିଆ କଏନଟିଏ ହିଁ ନେବି ।

ବାକି ରହିଲା ବାର ଲକ୍ଷ ଟଙ୍କା ? ଆଗରେ ଯେଉଁ ସ୍କୁଲଟି ଅଛି ସେଇ ସ୍କୁଲକୁ ଦାନ କରି ଦେଇଛି କିଛି ପଇସା ଓ ବାକି ଟଙ୍କାରେ ଭଲ ପଢୁଥିବା ଗରିବ ଛାତ୍ର, ଛାତ୍ରୀଙ୍କ ପାଇଁ ଛାତ୍ରାବାସଟିଏ ଖୋଲିଛି । ଏମିତି ତ ଷାଠିଏ ଛୁଇଁଲାଣି । ବାକି ଜୀବନ ଏଠି ଏମିତି ଲୋକଙ୍କ ସେବାରେ କାଟିଦେଲେ ଯାଏ । ଏଇ ଲୋକଙ୍କ ଭଲପାଇବା ହିଁ ଆଜି ସବୁକିଛି ମୋ ପାଇଁ, କଣ ଆଣିଥିଲି ଯେ ନେଇ କି ଯିବି ? ଯାହା କରିବି ଏଇ ଜୀବନରେ । ଯାହା ପାଇଁ ପଇସା ସଞ୍ଚି ରଖିଥିଲି, ଯାହା ପାଇଁ ପଇସା ପଛରେ ଧାଉଁଥିଲି, ସେମାନେ ଯେତେବେଳେ ବଞ୍ଚି ଥାଉଥାଉ ଫୋଟୋ କରି ଫୁଲମାଳ ଝୁଲେଇ ଦେଲେ, ଆଉ କାହା ପାଖରୁ କଣ ଆଶା ରଖିବି ?

କଥା କଥାରେ ଗାଇଲେ ମନବୋଧ ଚଉତିଶା ର ସେଇ ପଦ ଗୁଡିକ...

*କେତେ ଦିନକୁ ମନ ବାନ୍ଧିଛୁ ଆଣ୍ଟ,*

Download Magazine from www.aahwaan.com

*କି ଘେନି ଯିବୁ ତୋର ଛୁଟିଲେ ଘଟ ।*

*ଗଲେଣି ତୋ ସଂଗରୁ ଯେତେକ ଜନ,*

*ଗଣ୍ଠିରେ ବାନ୍ଧିନେଲେ କେ କେତେ ଧନ ?*

*ଗୁରୁ ଗୋବିନ୍ଦ ନାମ ତୁଣ୍ଡେ ନବୋଲୁ,*

*ଗାଢେ ମଜ୍ଜିଣ ନିତ୍ୟ ଧନ ଅର୍ଜିଲୁ ।*

*ଘର ବୋଲି ଅର୍ଜିଛୁ ଯେତେ ପଦାର୍ଥ,*

*ଘଟ ଛୁଟିଲେ ତୋତେ ବୋଲିବେ ଭୂତ,*

*ଘର ଘରଣୀ ଦେହ କିଳାଉଥିବେ,*

*ଘେନି ବନ୍ଧୁ କୁଟୁମ୍ବ ଶୁଦ୍ଧ ହୋଇବେ ।*

ପରମ ତୃପ୍ତିରେ ମୁହଁଟି ତାଙ୍କର ଉଜ୍ଜ୍ୱଳ ଦେଖା ଯାଉଥାଏ । ହଉ.. ଯିବା.. କହି ହାତ ଧୋଇବା ପାଇଁ ସେ ଉଠିଲେ...

ଡାକ୍ତର ବାବୁଙ୍କ କଥା ଶୁଣି ସାରିଲା ବେଳକୁ ମୋ ଆଖିରେ ଲୁହ ଟଳଟଳ କରୁଥିଲା । ଘରଣୀ ମୋର, ପାଟିରେ ଜାକିଧରିଥିବା ଲୁଗା କାନିରେ ଲୁହ ପୋଛୁଥିଲେ । ଭାବୁଥିଲି, କହିବା କାହାକୁ ? ଧନୀ ହେଉ କି ଗରିବ, ସମସ୍ତେ ଆଜି ଟଙ୍କା ପଛରେ ବାଇ । ଗରିବ ଘରେ, ଟଙ୍କା ନେଇ ମଦ ପିଇବାକୁ ଭେଣ୍ଡିଆ ପୁଅ ବାପା ମା'ଙ୍କୁ ବାଡେଇବା ଠୁ ବଳିଗଲା ଗୋଟିଏ ଧନୀ ଡାକ୍ତରର କରୁଣ କାହାଣୀ ।

କେହି ନଦେଖିଲା ପରି ଆଖିରୁ ଲୁହ ପୋଛି ମୁଁ ଉଠି ଯାଉଥିଲି ସ୍କୁଟରର ଚାବି ଆଣିବା ପାଇଁ.....

--ସମାପ୍ତ--

Download Magazine from www.aahwaan.com

ଶିକ୍ଷା – ପଇସା ପଛରେ ଧାଇଁ କିଛି ଲାଭ ନାହିଁ । ଆଜି ତୁମେ ଯାହା ରୋଜଗାର କରିବ, କାଲି ତାହା ଆଉ କିଏ ଉପଭୋଗ କରିବ । ଯଦି ପାରୁଛ, ନିଜ ମନର ଶାନ୍ତି ପାଇଁ କିଛି କର ।

ସବୁ ଡାକ୍ତର ବନ୍ଧୁମାନଙ୍କୁ ଗୋଟିଏ ଅନୁରୋଧ :- ଦିନକୁ ଗୋଟିଏ ଘଣ୍ଟା 'ଅତି ଗରିବ' ରୋଗୀ ଦେଖିବାରେ ଲଗାନ୍ତୁ । ଏହି ସମୟରେ କେବଳ ଅତି ଗରିବ, ଟଙ୍କା ନଥିବା ରୋଗୀଙ୍କୁ ଦେଖନ୍ତୁ, ଆଉ ଫିସ ହିସାବରେ ମାତ୍ର ଟଙ୍କାଏ ନିଅନ୍ତୁ । ବହୁତ ଆଶୀର୍ବାଦ ମିଳିବ, ଯାହାକି ଆପଣ ମରିଗଲା ପରେ କାମରେ ଲାଗିବ । 'ଯମ ପାଖରେ, ଭଲ କାମ ପାଇଁ ହେଉ' କିମ୍ବା 'ଜଣେ ଭଲ ଡାକ୍ତର ଥିଲା, ଅତି ଗରିବ ରୋଗୀ ପାଖରୁ ଟଙ୍କାଏ ଫିସ ନେଇ ରୋଗୀ ଦେଖୁଥିଲା' ବୋଲି ଲୋକଙ୍କ ମୁହଁରୁ ହେଉ । ଆପଣଙ୍କ ନାଁ କାଳ କାଳକୁ ରହିଯିବ ।

ଗାନ୍ଧିନଗର, ଗୁଜରାଟ

ଭ୍ରାମ୍ୟଭାଷ : ୯୩୭୬୦୧୨୫୦୦

ଇମେଲ୍ : subal.mohapatra@gmail.com

ପଢନ୍ତୁ, ମଜା ନିଅନ୍ତୁ, ମତାମତ ଦିଅନ୍ତୁ.... ଜୟ ଜଗନ୍ନାଥ ..

Download Magazine from www.aahwaan.com

# ସୁନେଲୀ ସିଂହ...

ଆଉ ଦିନେ ଏମିତିଆ ଆଉ ଏକ ସାପକୁ ଦେଖି ମା ଦୂରରେ ରହିଲା ।

ଜୟ ଦେଖୁଛୁ । – ବିଜୟ ନିଜ ଦେହରେ ଜୟକୁ ଟିକିଏ ଠେଲି ଦେଲା । ଦୁଇ ଭାଇ ଏକ ଆଶ୍ଚର୍ଯ୍ୟ ଜନକ ଘଟଣା ଆଗରେ ଦେଖିଲେ ।

ଏ ସାପଟି ଏକ ବିରାଟ ହରିଣକୁ ସାପଟି କୁଣ୍ଢାଇ ଧରିଥିଲା । ହରିଣର ବେକକୁ ସାପଟି ନିଜର ମୁହଁରେ ଧରି ରଖିଥାଏ । ଦେଖିଲା ବେଳକୁ ହରିଣ ଦେହରେ ସାପର ଯୋଡିଏ କୁଣ୍ଡଳି ପଡିସାରିଲାଣି । ସାପଟି ଖୁବ ଜୋରରେ ହରିଣ ଛାତିକୁ ଗୁଡାଇ ଧରିଥାଏ । ଏମିତି ଦେଖିକରି ଛୁଆ ଦୁହେଁ ଆଶ୍ଚର୍ଯ୍ୟ ହୋଇଗଲେ କାରଣ ହରିଣ ଏତେ ଚଂଚଳ, ତା ସତ୍ତ୍ୱେ ଏ ସାପଟି ତାକୁ ଧରି ନେଇଥିଲା । ସାପଟି ଧିରେ ଧିରେ କୁଣ୍ଡଳି ତା ଉପରେ ଚଲାଉ ଥିଲା । କୁଣ୍ଡଳି ସହ ହରିଣର ଶରୀରର ହାଡ ଟକ ଟକ କରି ଭାଙ୍ଗି ଯାଉଥିଲା । ଏହି ସାପର କୁଣ୍ଡଳିରେ ଖୁବ୍ ଶକ୍ତି । ସହଜରେ ହାଡକୁ ଚୁନା କରିଦେଇପାରେ । ସାପଟି ଅନେକ ସମୟ ଧରି କୁଣ୍ଡଳିକୁ ଏପଟ ସେପଟ କରିବାକୁ ଲାଗିଲା । ଫଳରେ ହରିଣର ହାଡ ସବୁ ଚୂନା ହୋଇ ପେଶୀ ହୋଇଗଲା । ବର୍ତ୍ତମାନ ହରିଣର ଦେହ ଗିଳିବାର ଉପଯୁକ୍ତ । ତାପରେ



ଅଶୋକ ବିଶ୍ୱାଳ

Download Magazine from www.aahwaan.com



ସାପଟି ଧିରେ ଧିରେ ହରିଣକୁ ଗିଳିବାକୁ ଲାଗିଲା । ଅନେକ ସମୟ ଧରି ଅଜଗର ଗିଳି ଚାଲିଥିଲା । ଶେଷରେ ଅଜଗରଟି ସଂପୂର୍ଣ୍ଣ ଭାବରେ ହରିଣକୁ ଗିଳିଦେଲା ।

ଜୟର ଆଖି ଫୁଲିଗଲା । ସେ ମା' ପାଖକୁ ଚାଲିଗଲା ଆଉ ମା'ର ଗୋଡ ମଝିରେ ଠିଆ ହୋଇଗଲା । ସେମାନେ ସେଇଠୁ ଥାଇ ସାପକୁ ଅନେଇ ରହିଥିଲେ । ଏମିତିଆ ଏକ ସାପକୁ ଦେଖି ତା ପାଖକୁ ଯିବାକୁ ଡରୁଥିଲେ । ମା' ଛୁଆଙ୍କୁ ଦୂରରେ ରଖିଥିଲା ।

ଜୟ ସେ ହରିଣକୁ ଗିଳିଦେଲା - ବିଜୟ କହିଲା ।

ସେମାନଙ୍କୁ ବଡ ଆଶ୍ଚର୍ଯ୍ୟ ଲାଗିଲା । ଏ ପର୍ଯ୍ୟନ୍ତ ସେମାନେ ଜାଣିଥିବା ସବୁ ଶିକାରୀମାନେ ଶିକାର ଧରି ମାଂସ ଛିଣ୍ଡାଇ ଛିଣ୍ଡାଇ ମାଂସ ଖାଉଥିଲେ । କିନ୍ତୁ ଏ ଲମ୍ବା ମୋଟା ଆଉ ପତଳା ପ୍ରାଣୀ ଶିକାର ଧରି ଗିଳି ଦେଉଛି । ବଡ ଆଶ୍ଚର୍ଯ୍ୟଜନକ ଶିକାରୀ । ଜଙ୍ଗଲରେ ସବୁଆଡେ କେଉଁଠି ନା କେଉଁଠି ବିସ୍ମୟକର ଜୀବମାନେ ଥାଆନ୍ତି । କିଛି ନା କିଛି ଅବିଶ୍ୱାସନୀୟ କଥାମାନ ଘଟେ ।

ମା' ସେହି ସାପ ଆଡକୁ କିଛି ସମୟ ଅନାଇ ରହିଲା । ସେ ସାପ ପାଖକୁ ଯାଉ ନଥିଲା । ଅନ୍ୟ କିଛି ଜୀବ ହୋଇଥିଲେ ସେ ଶିକାର ଛଡାଇବାକୁ ଚେଷ୍ଟା କରିଥାନ୍ତା । କିନ୍ତୁ ଏମିତି ଏକ ଶିକାରୀ ପାଖକୁ ସିଂହ ବି ଯାଉ ନଥିଲା ।

ଏଣେ ଗିଳି ସାରିଲା ପରେ ସାପର ପେଟଟି ଖୁବ ଫୁଲିଯାଇ ଥାଏ ।

Download Magazine from www.aahwaan.com

ଅଜଗରର ଆଗ ମୁଣ୍ଡଟି ଲମ୍ବା ହୋଇ ସେମିତି ପତଳା ହୋଇଯାଇଥିଲା । ପେଟ ଅଂଶଟି ଖୁବ ଫୁଲିଯାଇଥାଏ । ସେହି ଅଂଶରେ ହରିଣ ଅଛି । ତା ପଛକୁ ଲାଙ୍ଗୁଡଟି ସେମିତି ପତଳା ହୋଇ ପଛକୁ ଲମ୍ବି ଯାଇଥାଏ । ଗିଳି ସାରିଲା ପରେ ଅଜଗର ମୋଟା ଡାଳମାନଙ୍କ ତଳେ ବିଶ୍ରାମ କରୁଥିଲା । ଟିକିଏ ଓଦାଳିଆ ଯାଗା, ଅନେକ ଛୋଟ ଛୋଟ ଡାଳ ତଳକୁ ନଇଁ ଆସିଛି । ଉପରେ ଏକ ବୁଦା, ତା ଉପରେ ପତ୍ର ସବୁ ଅଛି । ତଳେ କିନ୍ତୁ ଛୋଟ ଛୋଟ ଡାଳ ଅନେକ ଡାଳ ପଡ଼ିଛି, ଭଙ୍ଗା ଡାଳ, ଶୁଖିଲା, ପତ୍ର, ଓଦାଳିଆ ଯାଗା, ମାଟିରେ ଗୋଡି ବେଶୀ କିଛି ନାହିଁ, କିନ୍ତୁ ଭଙ୍ଗା ଡାଳ ସବୁଆଡେ ପଡ଼ିଛି, ତା'ର ମଝିରେ ଅଜଗର ହରିଣକୁ ଗିଳିଦେଇ ଶୋଇ ରହିଥିଲା । ଏଇଠି ସେ ଅନେକ ଦିନ ଶୋଇ ରହିବ ।

ଏମିତିଆ ଭୟଙ୍କର ଜୀବକୁ ଦେଖି ସିଂହ ଛୁଆ ଦୁହେଁ ଡରିଗଲେ । ମା' ସାପଠାରୁ ଦୁରରେ ରହିଲା । ଆଉ ଧିରେ ଧିରେ ଆଗେଇ ଚାଲିଲା । କାଠଗଡ ପରି ପଡିଥିବା ଜନ୍ତୁ ସାପ ଆଉ ଅନେକ ସାପ ବିରାଟ ହରିଣକୁ ମଧ୍ୟ ଗିଳି ଦେଇ ପାରନ୍ତି । ସେମାନଙ୍କୁ ଅନେକ ସାବଧାନ ହେବାକୁ ପଡିବ । ଏହି ପତଳା ଜୀବଙ୍କୁ ନିଜ ରାସ୍ତାରେ ଯିବାକୁ ଦେବା ସମସ୍ତଙ୍କ ପାଇଁ ମଙ୍ଗଳ । ସେମାନଙ୍କଠାରୁ ଦୂରରେ ରହିବା ଶ୍ରେୟଷ୍କର ।

ଚାଲି ଚାଲି ସେମାନେ କିଛି ଦୂରକୁ ଚାଲିଗଲେ । ସେଦିନ ଜଙ୍ଗଲରେ ଅନେକ ଜୀବ ଦେଖିଲେ । ଯାଉ ଯାଉ ପାଖରେ ଏକ ଯାଗାରେ ଅନେକ ହାଡ ମୁଣ୍ଡ ଇତ୍ୟାଦି ପଡିଥିବାର ଦେଖିଲେ । ଜଙ୍ଗଲରେ ଗୋଟିଏ

Download Magazine from www.aahwaan.com

ଯାଗାରେ ଗୋଟିଏ ପ୍ରକାର ଜନ୍ତୁର ହାଡ ମିଳେ । ଜନ୍ତୁଟିଏ ମଲେ ବା ଶିକାର ହୋଇଗଲେ ସେ ଯାଗାରେ ତାର ହାଡ ପଡିରହେ । କିନ୍ତୁ ଗୋଟିଏ ଯାଗାରେ ଭିନ୍ନ ଭିନ୍ନ ପଶୁଙ୍କର ଏତେ ହାଡ ମିଳେନା ।

ଜୟ ମା' ଆଡକୁ ଅନାଇଲା । ବିଜୟ ସେ ହାଡସବୁକୁ ଅନାଇଥିଲା । କେଉଁଥିରେ ପୁଳାଏ ମାଂସ ନଥିଲା । ଯାଗାଟା ଅପରିଷ୍କାର କରି ରଖାଯାଇଛି । ଗାତରେ କେଉଁ ପଶୁ ରହୁଥିବ । ନିଶ୍ଚିତ ଭାବରେ ମାଂଶାସୀ ।

ମା'ର ନାକ କୁଂଚିତ ହୋଇଗଲା । ମା'ର ଆଖି ସାଧାରଣତଃ ତରାଟି ହୋଇଯାଏ । କିନ୍ତୁ କୁଂଚିତ ହୁଏନା । କିଛି ପ୍ରାଣୀ ଅଛନ୍ତି ଯାହାକୁ ମା' ଘୃଣା କରୁଛି ।

ସେମାନେ ଦୂରକୁ ଅନାଇଲେ । ସେମିତିଆ ଘାସୁଆ ପଥୁରିଆ ଯାଗା । ପ୍ରାୟ ଦୁଇଶହ ମିଟର ଦୂରରେ ହାଏନା ବା ଗଧିଆଟିଏ ନିଜର ଛୁଆକୁ ବଡ ସାବଧାନର ସହିତ ନେଉଥିଲା । ନିଜ ମୁହଁରେ ଛୁଆର ବେକ ପାଖରୁ ହାଏନା ଧରି ରଖିଥାଏ । ନ ଜାଣିଲେ ଜଣେ ଭାବିବ ଗୋଟିଏ ମଲା ଛୁଆକୁ ହାଏନା ଧରିନେଉଛି । ହାଏନାର ଛୁଆଟି ହାଏନା ଭଳି ଦେଖାଯାଉଥିଲା । ସେମିତି ପଟା ପଟା ଦାଗ । ହଳଦିଆ, ଧୂସରିଆ ଦେହରେ ସବୁଆଡେ ପଟା ପଟା ଦାଗ । ଛୁଆର ଚାରିଗୋଡ ଦୁଇଟି ଝୁଲି ରହିଥିଲା । ଛୁଆର ହଳଦିଆ ଲାଞ୍ଜଟି ଦୁଇ ଗୋଡ ମଝିରେ ଝୁଲି ରହିଥିଲା । ହାଏନା ବଡ ସାବଧାନତାର ସହ ନିଜ ଛୁଆକୁ ନେଉଥିଲା ।

Download Magazine from www.aahwaan.com



ତା'ର ଶରୀର ଘାସରେ ପ୍ରାୟ ଲୁଚି ଯାଉଥିଲା । ପଛପଟେ କଳା, ହଳଦିଆ, ଧୁସରିଆ ରଙ୍ଗର ଡାଳ ସବୁ । ଏପଟେ ହାଏନାର ଦେହ ହେଉଛି ଧୂସରିଆ । ପାଉଁଶିଆ, କଳାରଙ୍ଗ ସେଥିରେ ପଟି ପଟି ସବୁଆଡେ ପଡିଛି । ଜଙ୍ଗଲର ବାତାବରଣ ସହିତ ହାଏନା ପ୍ରାୟେ ମିଶି ଯାଉଥିଲା । ଯଦି ହାଏନା ନ ଚାଲୁଥାନ୍ତା ତାକୁ ହଠାତ୍ ଜାଣିବାରେ କଷ୍ଟ ହୁଅନ୍ତା ।

ଗଧିଆ ବା ହାଏନା ନିଜର ଛୁଆକୁ ନେଇ ଗୋଟିଏ ଗାତ ପାଖକୁ ଚାଲିଗଲା । ଗାତଟି ମାଟିରେ କରାଯାଇଥିଲା । ଗାତଟି ଭିତରକୁ ସୁଡଙ୍ଗ ଆକାରରେ ଲମ୍ବି ଯାଇଥାଏ । ଏହି ଗାତରେ ସେ ନିଜ ଛୁଆକୁ ଲୁଚାଇ ରଖିବ । ଗାତ ଆଗରେ ଅନେକ ଶିକାରୀ ଛକି ରହିଥାନ୍ତି । ସୁଡଙ୍ଗର ମୁହଁରେ ଘାସର ଚେର ସବୁ ତଳକୁ ଲମ୍ବି ଆସିଥାଏ । ଆଖ ପାଖରେ ପତ୍ର ସବୁ ପଡିଥାଏ ।

ସିଂହ ଛୁଆମାନେ ଏମିତିଆ ଏକ ତେଢାମେଢା ଜୀବ ଦେଖି ତା ଆଡକୁ ଦୌଡିବାକୁ ଲାଗିଲେ । ସିଂହ, ବାଘ ଭଳି ଶିକାରୀ ହାଏନାର ଛୁଆକୁ ପ୍ରାୟ ମାରି ଦେଇଥାନ୍ତି ।  ହାଏନାର ଆକାର ସିଂହଠାରୁ ଅନେକ ଛୋଟ । ଏଣୁ ସିଂହକୁ ହାଏନା ଏକୁଟିଆ ମାରି ପାରିବନି । କିନ୍ତୁ ଦଳେ ହାଏନା ସିଂହକୁ ହଇରାଣରେ ପକାଇ ଦେଇ ପାରନ୍ତି । ମା' ସେମାନଙ୍କ ପଛରେ ଦୌଡିଲା । ହାଏନା ନିଜ ଛୁଆକୁ ନେଇ ଗାତ ଭିତରକୁ ତୁରନ୍ତ ପଶିଗଲା । ଗାତ ବାହାରେ ଅନେକ ମୁଣ୍ଡ ମାନ ଏଣେତେଣେ ପଡିଥାଏ । ଏକ ମଇଁଷିର ମୁଣ୍ଡ ଗାତ ମୁହଁକୁ ଅଧା ଲୁଚେଇ ଦେଉଥିଲା । ବଙ୍କା

Download Magazine from www.aahwaan.com

ଶିଘଂଟି ଗାତ ମୁହଁରେ ଲାଗି ରହିଥିଲା । ମୁଣ୍ଡର ଅନ୍ୟ ଅଂଶ ଧଳା ହୋଇଯାଇଛି । ସବୁ ମାଂସକୁ ଆଗରୁ ଅନ୍ୟ ହାଏନାମାନେ ଖାଇ ଦେଇଛନ୍ତି । ହାଏନା ସେହି ସୁଡଙ୍ଗ ଭିତରେ ନିଜ ଛୁଆକୁ ଲୁଚାଇ ଦେଲା । ଏକ ଗାତ ଆଗରେ ଏତେ ହାଡ ସାମାନ୍ୟ ଅସ୍ୱଭାବିକ ଲାଗୁଥିଲା । ହାଏନାମାନେ ନିଜର ଗାତ ଆଗରେ ମୁଣ୍ଡ ଆଉ ହାଡମାନ ପକାଇ ଥାଆନ୍ତି । ତେଣୁ ହାଏନାର ରହିବା ସ୍ଥାନ ଜାଣିବା ବହୁତ କଷ୍ଟ ନୁହେଁ ।

ସେମାନେ ଗାତ ଚାରିପାଖେ କିଛି ସମୟ ବୁଲିବାକୁ ଲାଗିଲେ । କିଛି ଲାଭ ନାହିଁ । ହାଏନା ଭିତରେ ଲୁଚି ଯାଇଥିଲା । ସିଂହ ଦୁଇଭାଇ ଓ ମା’ ଆଉ ଅପେକ୍ଷା ନକରି ନିଜ ରାସ୍ତାରେ ଆଗେଇ ଗଲେ ।

କ୍ରମଶଃ

Download Magazine from www.aahwaan.com

ଆହ୍ୱାନ ଶତକ ସଂସ୍କରଣ

# ନୂଆ କାହାଣୀ

ଶୁଭାଶିଷକୁ ଯେତେବେଳେ ମାତ୍ର ତିନି-ଚାରିବର୍ଷ, ଠିକ୍ ସେହିବେଳେ ତା ବାପା ମା' ଗାଁରେ ଛାଡ଼ି ଚାଲିଗଲେ ସହର ସଭ୍ୟତାକୁ । ବାପା ତା'ର ଚାକିରୀ କରୁଥିଲେ ଦୁର ସହରରେ । ଜେଜେ ଓ ଜେଜେମା'ର ଆନ୍ଦୋଳାୟିତ ସ୍ନେହ ଶ୍ରଦ୍ଧାରେ ସେ ଚେଷ୍ଟା କରୁଥିଲା ଗୋଟେ ଭଲ ପିଲା ହେବ । ତାକୁ କେହି ପଦେ ଅଧେ ରାଗରେ କହିଦେଲେ ଜେଜେମା'ର ବିପି ବଢ଼ିଯାଏ । ଅଣ୍ଟାରେ ଲୁଗା ଗୁଡ଼େଇ ନିଜ ଶବ୍ଦରେ କଷିଥାଲେ କହିଥିବା ଲୋକଟିକୁ । ବିଚରା ସେ ଅନ୍ୟ ଲୋକ ହେଉ କି ନିଜ ଲୋକ ହେଉ ତୁଚ୍ଛାଟାରେ କାନ ମୁଣ୍ଡ ଆଉଁସି ହୁଏ । ଅନନ୍ୟ ଚୁମ୍ବକୀୟ ଆକର୍ଷଣ ଥିଲା ଜେଜେମା' ଓ ନାତି ମଧ୍ୟରେ ।



ସୁଧାଂଶୁଶେଖର ଦ୍ୱିବେଦୀ

ତା'ପରେ ସେ ଗାଁ ସ୍କୁଲକୁ ପଢ଼ିବାକୁ ଗଲା । ପ୍ରଥମରୁ ଘର ପରିଜନଙ୍କ ସ୍ନେହ ଓ ମୋହକୁ ଭୁଲି ସ୍କୁଲ୍ ଯିବାକୁ ବାହାରୁ ନଥିଲା । ସେଥିପାଇଁ ମୂଲିଆ କମଳା ପରିଡ଼ା ଟାଣି ଘୋଷାରି ନେଇଯାଏ ଗୁରୁଜୀଙ୍କ ପାଖକୁ । ଯଦିଓ ସେ ବି ଜେଜେମା'ଠାରୁ ଦି'ପଦ କଡ଼ା କଥା ଶୁଣେ । ହେଲେ ଜେଜେଙ୍କ ତାଗିଦରେ ସେ ଜେଜେମା'ର କଡ଼ା କଥାକୁ ଜର୍ଦ୍ଦାପାନ ଭାବି ହଜମ କରିଦିଏ । ସ୍କୁଲରେ ଗୁରୁଜୀଙ୍କ ନାଲିଆଖି ଓ ପାଖରେ ପଡ଼ିଥିବା ବେତବାଡ଼ିକୁ ଦେଖି ତା କାନ୍ଦ ସିନା ବନ୍ଦ ହୋଇଯାଏ ହେଲେ

Download Magazine from www.aahwaan.com

ପ୍ୟାଣ୍ଟରେ ସୁସୁ କରିଦିଏ । ମୂତ୍ର ଦୁର୍ଗନ୍ଧରୁ ବିରତି ପାଇଁ ନାକରେ ରୁମାଲ ଗେଞ୍ଜି ଗର ଗର ହୋଇ ଗୁରୁଜୀ କହନ୍ତି, "ତୁରନ୍ତ ନେଇଯା ଏଇଟାକୁ । ଏଇଟାର ପାଠ ହେବନି କି ଶାଠ ହେବନି ।" ଗୁରୁଜୀଙ୍କ ଆଜ୍ଞା ମାନି ତାକୁ ପୁଣି ଘରକୁ ଫେରାଇ ଆଣେ କମଳା ପରିଡ଼ା ।

ଏଇମିତି କିଛି ଦିନ ରିହାର୍ସଲ୍ ପରେ ସ୍କୁଲର ମୋହକୁ ଆପଣେଇଲା ଶୁଭାଶିଷ । ଭଲ ପିଲାଟିଏ ହେବାପାଇଁ ଚେଷ୍ଟା କଲା । ମଣିଷ ଭଳି ମଣିଷଟିଏ ହେବାପାଇଁ ପାଠପଢ଼ାରେ ମନ ଦେଲା । ହେଲେ ସବୁ ଭାବନା ଓ ଇଚ୍ଛାର ମାଲିକ ଯଦି ମଣିଷ ହୋଇଯାନ୍ତା ତା'ହେଲେ ଭଗବାନଙ୍କ ସତ୍ତା ରହନ୍ତାନି ।

ଅଧାପନ୍ତରିଆ ଭାବେ ବହିପତ୍ରରେ ଡୋରୀ ବନ୍ଧା ହେଲା ତା'ର । ଏ ଘର ସେ ଘର ହୋଇ ଟ୍ୟୁସନ୍ କଲା । ଚାକିରୀଟିଏ ପାଇଁ ଘୁରିଲା ସହରରୁ ସହର । ଭୋକ ଦାଉରେ ରାସ୍ତାକଡ଼ ପାଣି ଟ୍ୟାପରୁ ପେଟେ ପାଣି ପିଇଦେଇ ଉଦର ଶାନ୍ତ କଲା । ବିନା ଭଡ଼ାରେ ଟ୍ରେନରେ ଯାଇ ରେଳୱେ ଜି.ଆର୍.ପି ବଳଙ୍କଠୁ ମାଡ଼ ଖାଇ ଥାନାରେ ରହିଲା । ପୋଲିସ ପଡ଼ିଆରେ ଇଣ୍ଟରଭ୍ୟୁ ଦେଉଥିବା ସିଲେକ୍ସନ୍ ଲାଇନରେ ଲାଇନଚ୍ୟୁତ ହୋଇ ପୋଲିସ ଲାଠିର ପାହାର ଖାଇ ଆଣ୍ଠୁ ଗଣ୍ଠି ଜଖମ କଲା । ଗାଁର କୁଜି ନେତାଙ୍କଠୁ ଆରମ୍ଭ କରି ସରପଞ୍ଚ, ସଦର ବିଧାୟକ ପର୍ଯ୍ୟନ୍ତ ଚାକିରୀଟିଏ ପାଇଁ ସଭିଙ୍କ ପାଖରେ ହାତ ଯୋଡ଼ିଲା । ସଭିଙ୍କ ପ୍ରତିଶ୍ରୁତିର ମୁଖା ଆଢୁଆଳରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଚାକିରୀଟିଏ ଦେବାର ପ୍ରହସନ

Download Magazine from www.aahwaan.com



ହେଲା ସକାଳୁ ସଞ୍ଜଯାଏ ।

ଶେଷରେ ତାକୁ ଗୋଟିଏ ଅନିୟମିତ (ଟେମ୍ପୋରାରୀ) ଶିକ୍ଷକ ଚାକିରୀ ମିଳିଗଲା ନିଜ ଗାଁ ଇଂରାଜୀ ମିଡ଼ିୟମ୍ ସ୍କୁଲରେ । ପ୍ରାୟତଃ ଏହି ଶିକ୍ଷକ ଜୀବନରୁ ଆରମ୍ଭ ହୋଇଥିଲା ତା ଜୀବନରେ ନୂଆ କାହାଣୀ... ।

ଭଲ ପାଇବାର ନିଶା ଘାରିଲା ଶୁଭାଶିଷକୁ । ଝିଅଟିଏ । ଝିଅଟି କକାଝିଅ ସାଙ୍ଗେ କଲେଜରେ ପଢୁଥିଲା । ଅନେକ ଦିନ ତାଙ୍କ ଘରକୁ ଯାଆସ କରେ । କକାଝିଅ ସଙ୍ଗେ ଗପମାରେ । ହସେ, ହସାଏ । ସଭିଙ୍କୁ ଆପଣାର କରିବାକୁ ପ୍ରୟାସ କରେ । ହଠାତ୍ ଦିନେ ଶୁଭାଶିଷ ମନକୁ ଛୁଇଁଗଲା, ଝିଅଟି ସହ ମିଶିବ, ଗପିବ, ଭଲପାଇବ ଓ ତାକୁ ଜୀବନସାଥୀ କରିବ । କଥାରେ ଅଛି, "ଯାହାକୁ ଯିଏ ରସେ, କିଆଫୁଲ ପରି ବାସେ ।"

ସେଇୟା ହେଲା । ଜଣେ ଅନ୍ୟଜଣକ ପାଖରେ ମନର ଭାଷାକୁ ବଖାଣିବାପରେ ଭଲପାଇବାର ନୂଆ କାହାଣୀଟିଏ ଗଢ଼ି ଉଠିଲା ଦୁହିଁଙ୍କ ଭିତରେ । ଦୁହିଁଙ୍କ ମନ ମଧ୍ୟରେ ଦୃଶ୍ୟହେଲା ଭଲପାଇବାର ପ୍ରତିଛବି, ଅସୁମାରୀ ଆଶାର ଉଦାହରଣ ।

ଅଥଚ ଦୁହିଁଙ୍କ ଅଭିଭାବକ ଏଭଳି ଭଲପାଇବାକୁ ସମ୍ମତି ଦେଲେନି । ପରିସ୍ଥିତିକୁ ସହ୍ୟ କରି ଦୁହେଁ ବୃହନ୍ନଳାର ଜୀବନ ବିତେଇଲେ କିଛିଦିନ । ଝିଅଟି ତା' ବାପା, ମା'ର ଶିକୁଳିରେ ବନ୍ଧାହୋଇ ଛଟପଟ ହେଲା । ଆଉ ଶୁଭାଶିଷ ଭଲ ପାଇବାର ଅଙ୍କକୁ ବୁଝି ନ ବୁଝି ଉତ୍ତର ପାଇବା ଭରସାରେ ଅପେକ୍ଷା କଲା ।

Download Magazine from www.aahwaan.com

ସବୁ ଅପେକ୍ଷାର ଅନ୍ତ ଥାଏ । ଦିନେ ସେହି ଝିଅ ଆସି ଶୁଭାଶିଷଙ୍କୁ କହିଲା, "ଚାଲ ବାହା ହୋଇପଡ଼ିବା । ନହେଲେ ମୋ ବାପାମା' ମୋତେ ଆଉ କେଉଁଠି ବାହା କରିଦେବେ ।"

ବାସ୍, ତା'ପରେ ଆଉ କଣ ?

ଦୁହେଁ ଛନ୍ଦି ହୋଇଗଲେ ଏକ ନୂତନ ବନ୍ଧନ ସୂତ୍ରରେ । ବାଜା ମହୁରୀ ବାଜିଲାନି କି ବାଣ-ରୋସଣୀ ଫୁଟିଲାନି । କନକ ଦୁର୍ଗା ମନ୍ଦିର ଓ କୋର୍ଟ୍ ଜର୍ଜଙ୍କ ସାମନାରେ ଫୁଲମାଳର ଆଦାନପ୍ରଦାନ ହେଲା । ସେହିଦିନଠୁ ଦୁହେଁ ହୋଇଗଲେ ବିବାହିତ ଦମ୍ପତ୍ତି ।

ଶୁଭାଶିଷ ପ୍ରେମବିବାହ କଲା ବୋଲି କେହି ଘରେ ପ୍ରଶ୍ରୟ ଦେଲେ ନାହିଁ । ଘରର ସମସ୍ତ ସଦସ୍ୟ ଛୁଆଠୁ ବୁଢ଼ା ଯାଏଁ ସଭିଏଁ ବିଗିଡ଼ିଲେ । ବିଗିଡ଼ିଯିବା ସ୍ୱାଭାବିକ । କୁହାନାହିଁ ବୋଲାନାହିଁ ଝିଅଟାକୁ ନେଇଗଲା କୋଉ ମନ୍ଦିରରେ ଫୁଲମାଳଟିଏ ଗଳେଇ ନେଇ ଆସିଲା ।

ଏଇଟା କଣ ବାହାଘର ?

ବାହାଘର ନାଁ ଠାଇଁଘର ?

ସଭିଙ୍କ ମନରେ ସମାନ ପ୍ରଶ୍ନ । ବାଜା ବାଜିଲାନି, ବାଣ ଫୁଟିଲାନି, ବ୍ରାହ୍ମଣର ମନ୍ତ୍ର ଉଚ୍ଚାରଣ ହେଲାନି । ହାତଗଣ୍ଠି ପଡ଼ିଲାନି । ଏପରିକି ବାପା, ମା' ଭାଇ-ବନ୍ଧୁ-କୁଟୁମ୍ବ କେହି ଜାଣିପାରିଲେନି । ଅଥଚ ଶୁଭାଶିଷ ବାହା ହୋଇଗଲା ?

ବାହା ହୋଇଗଲା ତ କଣ ହେଲା ? ଅଳ୍ପ କେତେ ଜଣଙ୍କୁ

Download Magazine from www.aahwaan.com

ଛାଡ଼ିଦେଲେ ସାରା ଦୁନିଆର ଲୋକ ତ ବାହା ହୁଅନ୍ତି । ପିଲା-ଝିଲା କରନ୍ତି । ଏଇଟା କୋଉ ନୂଆ କଥା ଯେ । ହଁ ବେଦୀରେ ବସି ବାହା ହୋଇଥାନ୍ତା ମନ୍ଦିରରେ ହୋଇଗଲା । ଜଜଙ୍କ ସମ୍ମୁଖରେ ହୋଇଗଲା, ଏକା କଥା । ଯେମିତି ହେଉ ବାହାସାହା ହୋଇ ସଂସାର ଚକକୁ ଚଳାଇପାରିଲେ ହେଲା ।

ସଂସାର ବାନ୍ଧିବାର ନୂଆ ଜୀବନ ଆରମ୍ଭ ହୋଇଗଲା । ଗଢ଼ିଉଠିଲା ଶୁଭାଶିଷ ଓ ତା ସ୍ତ୍ରୀ ଭିତରେ ନୂଆ କାହାଣୀର ଆଉ ଏକ ପୃଥିବୀ । ଯେଉଁଠି ସେ ନିଜେ ଓ ତା ସ୍ତ୍ରୀ । ସ୍ୱପ୍ନ ବିଭୋରିତ ରାତି । ରାତିସାରା ଖାଲି ସ୍ୱପ୍ନ । ସ୍ୱପ୍ନ ଭିତରେ ଅନେକ ମିଥା ମିଠା ଗୀତ । ଗୀତ ଭିତରେ କୋଇଲିର ସାରେଗାମା-ପା । ମଧୁ ମଳୟର ସିର୍‌ର ସିର୍ ହଵା । ହଵା ଭିତରେ ଦାମୀ ପରଫ୍ୟୁମର ମହକ ।

ଫୁଲ ଶେଯରେ ବସିଥିଲା ତା ସ୍ତ୍ରୀ । ଧିମା ବେଡ଼ଲାଇଟରେ ବାରି ହେଉଥିଲା ଚନ୍ଦ୍ରବଦନୀକୁ । ଧିରେ ଧିରେ ବେଡ଼ରୁମକୁ ପ୍ରବେଶ କଲା ଶୁଭାଶିଷ । ଇସ୍... ତା ସମ୍ମୁଖରେ ଏ କି ଦୃଶ୍ୟ । ଯୌବନର ମନଲୋଭା ମାନଚିତ୍ର । ମାନଚିତ୍ର ଭିତରେ ପ୍ରଲୋଭିତ କାମନା । କାମନାର ପ୍ରଲୋଭନରେ ଅଙ୍ଗ ପ୍ରତ୍ୟଙ୍ଗରେ ଶୀହରଣ । ପୁଣି କାମନାର ତୃପ୍ତିପାଇଁ ଆଦମ ଓ ଇଭର ସଂପର୍କ । ଦେହ ଭିତରର ଦେହଟିକୁ ନ ଛୁଇଁଲେ ମନ ତଳର ମନଟିକୁ କେବେ ଛୁଇଁ ହୁଏନାହିଁ ।

ଦୁହେଁ ଜାଣିଥିଲେ ଦେହଟା ଆରମ୍ଭ କି ଶେଷ ନୁହେଁ । ମାଧ୍ୟମ

ଆହ୍ୱାନ ଶତକ ସଂସ୍କରଣ



Download Magazine from www.aahwaan.com

ମାତ୍ର । ଆଉ ସେଇ ମାଧ୍ୟମଟା ଚମତ୍କାର ବିନ୍ଦୁ ସଦୃଶ ।

ପୃଥିବୀ ଓ ଆକାଶ

ଭଅଁର ଓ ଫୁଲ

ଜହ୍ନ ଓ କଇଁ

ଜୀବନ ଓ ଯୌବନ

ସବୁ ଏକାକାର ଯେମିତି । ଯାହାର ପ୍ରାପ୍ତିରେ ସାରା ଜଗତ ମହିୟାନ ହୋଇଥାଏ ।

ସାରାଜଗତ ଫର୍ଚ୍ଚା । ରାତିରେ ସ୍ୱପ୍ନ ସକାଳର ଫର୍ଚ୍ଚାରେ ସରିଯିବ । ସରିଯିବ କାମନା- ବାସନାର ଦୈହିକ ଖେଳ । ଆରମ୍ଭ ହେବ ଜୀବନଯନ୍ତ୍ରଣାର ଦୌଡ଼ ।

ଜୀବନ, ଖୁବ୍ ଲମ୍ବା । କାରଣ ସୁଖର ଅନୁଭବଟା ଅତି ଶୀଘ୍ର ସରିଯାଏ । ବାକି ଦିନଯାକ ଖାଲି ଦୁଃଖ ରାଜୁତି କରେ ।

ସେଇ ଦୁଃଖକୁ ଆପଣାର କରି ସୁଖର ସନ୍ଧାନକୁ ଅଣ୍ଡାଳିବେ ଶୁଭାଶିଷ ଓ ତା ସ୍ତ୍ରୀ । ନିଜ ଲୋକମାନେ ତାଙ୍କ ପାଇଁ ପର । ଚାଖଣ୍ଡେ ଜାଗା ପାଇଁ ପରିସ୍ଥିତି ସହ ମୁକାବିଲା କରିବେ ଦୁହେଁ । ତଥାପି ଅତିନିଜର ଲୋକଟି ମା' ବିଲେଇ ଯେମିତି ତା ଛୁଆକୁ ପାଟିରେ କାମୁଡ଼ି ଧରି ଏଠି ସେଠିକୁ ହୁଏ, ସେହିଭଳି ଚକ୍ରାନ୍ତରେ ଚକାଭଉଁରୀ ଖେଳିବେ ଦୁହେଁ । ଅଭାବକୁ ଦୂର କରିବାପାଇଁ ଲୋକଙ୍କ ଘରେ ମୂଲ ଲାଗିବ ଶୁଭାଶିଷ । ସାଇକେଲ୍ କେରିୟରରେ ବସ୍ତା ବସ୍ତା ଚାଉଳ ବୋହି ନେଇ ସହରରେ

Download Magazine from www.aahwaan.com

ବିକ୍ରୀ କରିବ । ବାବୁଲୋକଙ୍କ ମାର୍ବଲ ଘରକୁ ମୋଜାଇକ୍ ପଥରରେ ଘସି ଘସି ପାପୁଲି ଓ ଆଙ୍ଗୁଳି ଲହୁଲୁହାଣ ହେବ । ତଥାପି ତା ଦୁଃଖ ସରିବନି ।

ପୁଣି ନିଜ ଲୋକଙ୍କ ଅତ୍ୟାଚାରରେ ଅତିଷ୍ଠ ହୋଇଯିବ ତା ସ୍ତ୍ରୀ । ଅତ୍ୟାଚାର ସହି ସହି ତୁଠ ପଥର ପାଲଟିଯିବ । କୋଳରେ ଛୋଟ ଝିଅକୁ ଧରି କଇଁ କଇଁ ବାହୁନିବ । ଅମାନିଆ ଲୁହର ଧାର ତା ଆଖି କୋଣରୁ ବହିଯିବ ଶ୍ରାବଣର ବାରିପରି... ।

ଦୁହେଁ ଯେତେ ପରିମାଣରେ ଜୀବନଟାକୁ ଆୟତ୍ତାଧିନ କରିବାକୁ ଚେଷ୍ଟା କରିବେ, କେଉଁଠି ନା କେଉଁଠି ଝୁଣ୍ଟି ପଡ଼ିବେ । ଅନ୍ଧଗଳିର ଅନ୍ଧାରକଣା ପରି ଠିକଣା ଅଣ୍ଡାଳିବେ । ହୁଏତ ଅଭିଶପ୍ତ ଜୀବନ ପରି ନିଜ ଠିକଣା ଅଣ୍ଡାଳୁଥିବେ ଦିନ ପ୍ରତିଦିନ... । ସେ ଠିକଣା ଦୁହିଁଙ୍କ ପାଇଁ ନିରାଶାର ମରୁଭୂମି ହୋଇପାରେ ଅବା ଆଶା ଅସୁମାରୀର ନୂଆ କାହାଣୀଟିଏ ଗଢ଼ିପାରେ, ତାହା କେବଳ ସମୟ ହିଁ ଜାଣେ...

ଯୋଗ ଫର୍ ଲାଇଫ୍,

ବିସି-୭୪, ସେକ୍ଟର-୧, ସଲ୍‌ଟଲେକ୍, କୋଲକାତା-୭୪

ଭ୍ରାମ୍ୟଭାଷ : ୯୭୮୧୩୭୩୫୧୨

Download Magazine from www.aahwaan.com

# ବର୍ଷା

ବୟସର ଅପରାହ୍ନରେ ଆଜି ବାଦଲ । ଶୁଖିଲା ପତ୍ର ଝଡ଼ି ପଡ଼ିଲା ପରି ତା’ ଜୀବନ କେତେବେଳେ ଯେ ଝଡ଼ି ପଡ଼ିବ କିଏ ବା କହିବ । ସେ ଜମା ବି କାନ୍ଦିବାକୁ ଭଲ ପାଏନି । କାରଣ ତାକୁ ତା ବର୍ଷା ପରା ମନା କରିଛି କାନ୍ଦିବାକୁ । ହେଲେ ଏ ଅମାନିଆ ଲୁହ ଗୁଡ଼ିକ କ’ଣ ବୋଲ ମାନନ୍ତି । କେତେବେଳେ ଅଜାଣତରେ ବୋହି ଯାଆନ୍ତି ଯେ ନିଜେ ବି ଜାଣି ପାରେନି । ଏତେ ବଡ଼ ଦୁନିଆରେ ସେ ପୁରା ଏକା । ବାସ ବୁଢ଼ୀ ବିନି ମାଉସୀ ଘରର ସବୁ ପାଇଟି କରି ଦେଇ ଯାଆନ୍ତି । ସବୁବେଳେ କାମ ସାରିଯିବା ବେଳକୁ ତା ବାଦଲ ବାବୁଙ୍କୁ ସବୁ ବୁଝେଇ ଦେଇ ଯାଆନ୍ତି ଖାଇବା ପିଇବାଠୁ ଆରମ୍ଭ କରି ଔଷଧ ଖାଇବା ପର୍ଯ୍ୟନ୍ତ ସବୁ କିଛି । ହେଲେ ବାଦଲ ସବୁ ବେଳେ ଏକା ଏକା ଏକ ଚୌକି ଉପରେ ବସି କେଉଁ ଏକ ଅଜଣା ଦୁନିଆରେ ହଜି ଯାଇ କେତେବେଳେ ମୁରୁକି ହସ ଦେଉଥିବ ତ କେତେ ବେଳ ଖିଲିଖିଲି ହୋଇ ହସୁଥିବ । କ’ଣ ପାଇଁ କେଜାଣି । ବିନି ମାଉସୀର ସେ ସବୁ ବୋଧର ବାହାରେ । କେତେ ଥର ବାଦଲବାବୁଙ୍କୁ ପଚାରିଛି ହେଲେ କ’ଣ ସେ କିଛି କହିଲେ ସିନା । ଯେତେବେଳେ ବୁଢ଼ୀ ମାଉସୀ କିଛି ପଚାରିବ ବାଦଲ ଖାଲି ସ୍ମିତ ହସଟିଏ ଦେଇ ଦିଏ ଆଉ କିଛି କୁହେନି । କିନ୍ତୁ ମାସ ସରିବା ପୂର୍ବରୁ ବୁଢ଼ୀ ମାଉସୀଙ୍କୁ ଦରମା



ଜିତେନ୍ଦ୍ର କୁମାର କହଁର

Download Magazine from www.aahwaan.com

ଦେବାକୁ କେବେ ଭୁଲେନି । ସବୁବେଳେ ତ ସେ କେଉଁ ଏକ ଅଜଣା ଦୁନିଆରେ । ନିଜେ ନିଜେ ହସୁଥିବ ଆଉ ବେଳେବେଳେ ନିଜ ସହିତ କଥା ହେଉଥିବ । ବୁଢ଼ୀ ବିନି ମାଉସୀ ପାଖ ପଡ଼ିଶା ଠାରୁ ସବୁ ଜାଣିବାକୁ ଚେଷ୍ଟା କରେ । ସବୁ ଘଟଣା ଜାଣି ଭାରି ମନ ଦୁଃଖ କରେ ଆଉ ତା ବାଦଲବାବୁଙ୍କର ଉପରେ ଯତ୍ନ ନେବାକୁ ଚେଷ୍ଟା କରେ ।

ବାଦଲର ସେହି ଅଜଣା ଦୁନିଆ ବିଷୟରେ ଜାଣିବାକୁ ହେଲେ ଆମକୁ ଯିବାକୁ ପଡ଼ିବ ଢେର କିଛି ବର୍ଷ ତଳକୁ । ବାଦଲ ବାରମ୍ବାର ହଜି ଯାଉଥିବା ଭାବନା ରାଇଜ ଭିତରକୁ । ଯେବେ ବାଦଲର ପ୍ରଥମ ଦେଖା ହୋଇଥିଲା ବର୍ଷା ସହିତ । ଆକାଶରୁ ଝରି ପଡୁଥିବା ବର୍ଷା ସହ ନୁହେଁ । ବର୍ଷା ତା ପ୍ରେମିକା ସହିତ । ସେଦିନ ବାଦଲ ଅଫିସ ଯିବାପାଇଁ ତା'ର ବାଇକରେ ବାହାରିଥାଏ । ସେତେବେଳେ କିଛି ବାଟ ଗଲା ପରେ ଦେଖିଲା ଆଗରେ ଲୋକ ପ୍ରବଳ ଗହଳି । ବାଦଲ ଯାଇ ଦେଖେତ ଗୋଟେ ଝିଅ ସଡ଼କ ଦୁର୍ଘଟଣାର ଶିକାର ହୋଇ ରାସ୍ତାରେ ପଡ଼ି ରହିଛି । ଆଉ ଲୋକମାନେ କେବଳ ଦେଖଣାହାରି ସାଜିଛନ୍ତି । କେହି କେହି ତ ମୋବାଇଲରେ ଭିଡ଼ିଓ ରେକର୍ଡ଼ିଂ କରିବାରେ ବ୍ୟସ୍ତ । କଣ ନା ଫେସବୁକ ଆଉ ହ୍ୱାଟ୍ସଆପରେ ଛାଡ଼ିବେ । ମାନବିକତା ସତେ ମରି ଯାଇଥିଲା । ବାଦଲ ସଂଗେ ସଂଗେ ୧୦୮ ଡାଏଲ କରି ଆମ୍ବୁଲାନ୍ସକୁ ଯୋଗାଯୋଗ କରିବାକୁ ଚେଷ୍ଟା କଲା । ହେଲେ ଉତ୍ତର ଆସିଲା ଆମ୍ବୁଲାନ୍ସ ନାହିଁ । କଣ କରିବ ଏବେ ସେ । ପାଖରେ ଥିବା ଲୋକମାନଙ୍କୁ ସାହାଯ୍ୟ

Download Magazine from www.aahwaan.com

କରିବାକୁ କହିଲା ସିନା କେହି ଆଗକୁ ବାହାରିଲେ ନାହିଁ । ରାସ୍ତାରେ ଯାଉଥିବା ଅନେକ ଅଟୋ ଗାଡ଼ିକୁ ବାଦଲ ଅଟକାଇବାକୁ ଚେଷ୍ଟା କଲା କିନ୍ତୁ କେହି ସାହାଯ୍ୟ କରିବାକୁ ନାରାଜ । ଏପଟେ ଝିପ ଝିପ ବର୍ଷା ବି ଆରମ୍ଭ ହୋଇ ଯାଇଥାଏ । ବହୁତ କଷ୍ଟରେ ଜଣେ ଅଟୋବାଲା ରାଜିହେଲା ଦୁର୍ଘଟଣାର ଶିକାର ଝିଅକୁ ମେଡ଼ିକାଲ ନେବା ପାଇଁ । ଲୋକମାନେ ବାଦଲ ସହ ମିଶି ସେଇ ଝିଅକୁ ଅଟୋରେ ବସାଇ ଦେଲେ ସତ । ହେଲେ ତା ସହ କେହି ମେଡ଼ିକାଲ ଯିବାକୁ କେହି ବାହାରିଲେ ନାହିଁ । କହୁଥିଲେ ଝିଅଟି ଯଦି ମରିଗଲା ପୋଲିସ କେସ ହେବ । ଏତେ ଭିତରେ କିଏ ପଶିବ । କିଛି ନଭାବି ବାଦଲ ରାସ୍ତା ପାଖ ଦୋକାନ କଡ଼ରେ ନିଜ ବାଇକଟିକୁ ରଖି ଏକୁଟିଆ ଅଟୋରେ ବସିଗଲା । ଅଟୋ ମାଡ଼ି ଚାଲିଲା ପାଞ୍ଚ କି.ମି. ଦୂରରେ ଥିବା ହସ୍ପିଟାଲ ଅଭିମୁଖେ । ଝିଅଟିର ଚେତା ବୁଡ଼ି ଯାଇଥାଏ ।

ହସ୍ପିଟାଲରେ ପହଞ୍ଚନ୍ତେ ଡାକ୍ତରବାବୁ ଦେଖି ସଂଗେ ସଂଗେ ଅପରେସନ ଥିଏଟରକୁ ନେବା ପାଇଁ କହିଲେ । ଡାକ୍ତରବାବୁ କହିଲେ ଟିକେଟ କରି ତିରିଶ ହଜାର ଟଙ୍କା ଜମା କରିବା ପାଇଁ । ଟିକେଟ କାଉଣ୍ଟରରେ ତ ପେସେଣ୍ଟର ନାଁ କହିବାକୁ ପଡ଼ିବ ନା । ବାଦଲର ପାଟିରୁ ହଟାତ ବାହାରି ଯାଇଥିଲା ଝିଅଟିର ନାଁ ବର୍ଷା । ଆଉ ସେ ଠିକଣା ଜାଗାରେ ନିଜ ଠିକଣା ଦେଇଥିଲା । ଏଟିଏମରୁ ଟଙ୍କା ଆଣି ବାଦଲ ଡିପୋଜିଟ ବି କରିଦେଲା । ଅପରେସନ ଆରମ୍ଭ ହୋଇ ଯାଇଥାଏ ।

Download Magazine from www.aahwaan.com

ଆଉ ବାଦଲ ବାହାରେ ଅପେକ୍ଷା କରିଥାଏ । ମନରେ ତାର କେତେ ପ୍ରଶ୍ନ ଉଙ୍କି ମାରୁଥାଏ । କିଏ ସେ ଝିଅ । କୋଉଠି ଘର ତାର । ନାଁ ତା'ର କଣ । କେମିତି ତା ଘରଲୋକଙ୍କୁ ଖବର ଦେବ । ଅପେକ୍ଷା କରି ରହିଲା ଅପରେସନ ଶେଷ ହେବା ପର୍ଯ୍ୟନ୍ତ । ନିଜ ଅଫିସକୁ ଫୋନ କରି ଘଟଣାବଳୀ କହି ଛୁଟି ବି ନେଇଗଲା । ଡାକ୍ତରବାବୁ ଅପରେସନ ଥିଏଟରରୁ ବାହାରୁ ଆସନ୍ତେ ବାଦଲ ଝିଅର ଅବସ୍ଥା ବିଷୟରେ ଜାଣିବାକୁ ଚାହିଁଲା । ଡାକ୍ତରବାବୁ କହିଲେ, "ଝିଅଟିର ଜୀବନ ବଞ୍ଚିଯାଇଛି କିନ୍ତୁ ଏ ପର୍ଯ୍ୟନ୍ତ ଚେତା ଫେରିନି । ଯଦି ଦୁଇଦିନ ଭିତରେ ଚେତା ନ ଫେରେ ବାକି ଭଗବାନ ଭରସା । ବାଦଲ କ'ଣ କରିବ ଜାଣି ପାରୁନଥାଏ । ତଥାପି ଭଗବାନକୁ ଡାକି ଝିଅଟିର ପାଖେ ପାଖେ ରହିଲା ଆଉ ତାର ସମ୍ପୂର୍ଣ୍ଣ ଦେଖାଶୁଣା କଲା । ଏ ଭିତରେ ଦୁଇଦିନ ବିତିବାକୁ ବସିଲାଣି ହେଲେ ନା ଝିଅର ଚେତା ଫେରୁଛି ନା ଝିଅଟିର ଠିକଣା ମିଳୁଛି । ଫେସବୁକ ଆଉ ହ୍ୱାଟ୍‌ସଆପ ଜରିଆରେ ମଧ୍ୟ ଝିଅର ଫୋଟ ଦେଇ ସେ ଠିକଣା ଖୋଜିବାକୁ ଚେଷ୍ଟା କରୁଥାଏ । ଡାକ୍ତରବାବୁ ଆସି କହିଲେ ଆଉ ଆଶା ନାହିଁ । ସେ ଏବେ ଶେଷ ଅବସ୍ଥାରେ । ଠିକ ଏତିକି ବେଳକୁ ନର୍ସ ଆସି କହିଲେ ଝିଅଟିର ଚେତା ଆସିବାକୁ ଯାଉଛି । ଡାକ୍ତରବାବୁ ସଂଗେ ସଂଗେ ଯାଇ ଝିଅଟିର ପରୀକ୍ଷା କଲେ । ଆଉ କହିଲେ ଇଏ ଭଗବାନଙ୍କ ଚମତ୍କାର ଛଡ଼ା ଆଉ କିଛି ନୁହେଁ । ବାଦଲ ବି ଖୁସି ହୋଇ ଯାଇଥିଲା । ଆଉ ତା'ର ଆଖିରୁ କାହିଁକି କେଜାଣି ଦୁଇଧାର ଲୁହ ବହି ଯାଇଥିଲା ।

Download Magazine from www.aahwaan.com

ସେତିକି ବେଳକୁ ସେଇ ଝିଅର ପରିବାର ଲୋକେ ଫେସବୁକରୁ ଖବର ପାଇ ହସ୍ପିଟାଲ ପହଞ୍ଚି ଯାଇଥିଲେ । ବାଦଲ ଝିଅ ସହିତ କିଛି କଥାହେବା ପୂର୍ବରୁ ତା' ଘର ଲୋକ ତାକୁ ହସପିଟାଲରୁ ନେଇ ଯାଇଥିଲେ ବାଦଲକୁ ତାର ମଣିଷପଣିଆ ପାଇଁ ଧନ୍ୟବାଦ ଆଉ ତିରିଶ ହଜାର ଟଙ୍କା ଦେଇ । ହେଲେ ବାଦଲକୁ କାହିଁକି କେଜାଣି ଭାରି କଷ୍ଟ ଲାଗୁଥାଏ । ଝିଅଟିର ବାଟ ଯିବାକୁ ଯେମିତି ଅନାଇ ରହିଥାଏ । ସତେ ଯେମିତି ସେ ଚାହୁଁଥିଲା ସମୟଟା ଟିକିଏ ଧିର ହୋଇଯାଆନ୍ତା କି । ଏଇ ଦୁଇଦିନର ହସ୍ପିଟାଲରେ ରହଣି ଭିତରେ ଯେମିତି ସେ ଝିଅ ତାକୁ ଭାରି ନିଜର ନିଜର ଲାଗିଥିଲା । ବୋଧହୁଏ ବାଦଲ ତାକୁ ଭଲ ପାଇ ବସିଥିଲା । ହେଲେ ସେ ସାହସ କରି କହି ପାରିଲା ନା ସମୟ ତାକୁ ସୁଯୋଗଟିଏ ବି ଦେଲା । ଖାଲି ସେ ଜାଣିବାକୁ ପାଇଲା ଯେ ଝିଅଟିର ନାଁ ବର୍ଷା ନୁହେଁ । ତାର ନାଁ ହେଲା ଭାବନା ।

ସେ ବାଦଲ ପାଖରୁ ଚାଲି ଯାଇଥିଲା ସିନା ଯେମିତି ସେ ତା ଭାବନାରେ ରହି ଯାଇଥିଲା । ଭାବନା ସତରେ ସେଦିନ ଭାବନା ହୋଇ ଯାଇଥିଲା । ଭଗବାନଙ୍କର ଯାହା ଇଛା କହି ବାଦଲ ତାର ସବୁ ଦିନିଆ ଜୀବନଶୈଳୀକୁ ଫେରି ଯାଇଥିଲା ଭାବନାକୁ ନେଇ ଥିବା ତାର ସ୍ମୃତିକୁ ଛାତି ତଳେ ସାଇତି ରଖି । ଏମିତି କିଛି ମାସ ବିତିଗଲା । ଦିନେ ବାଦଲ ଅଫିସରୁ ଘରକୁ ଫେରି କବାଟ ଖୋଲି ଦେଖେ ତ କବାଟ ତଳେ ପଡିଛି ଚିଠିଟିଏ । ଉପରେ ବଡ଼ ବଡ଼ ଅକ୍ଷରରେ ଲେଖା ହୋଇଛି ବର୍ଷା । ବାଦଲ

Download Magazine from www.aahwaan.com


କୌତୁହଳର ସହ ଚିଠି ଖୋଲିବାକୁ ଲାଗିଲା । ଚିଠିରେ ଲେଖା ହୋଇଥିଲା,

"କ୍ଷମା କରିବେ ସେଦିନ ହସ୍ପିଟାଲରେ ଦେହ ଭଲ ନଥିବାରୁ ଆଉ ଦୁର୍ବଳତା ଅନୁଭବ ଯୋଗୁଁ ମୁଁ ଆପଣଙ୍କ ସହିତ ଟିକିଏ କଥା ବି ହୋଇ ପାରିନଥିଲି । ମୋତେ ନୂଆ ଜୀବନ ଦେଇଥିବାରୁ ମୁଁ ଆପଣଙ୍କ ପାଖରେ ଚିରଋଣୀ । ମେଡ଼ିକାଲ ପ୍ରେସକ୍ରିପ୍ସନରୁ ଆପଣଙ୍କ ଠିକଣା ପାଇଲି । ଆଉ ଜାଣିବାକୁ ପାଇଲି ମୋର ନୂଆ ନାଁ ବର୍ଷା । ଜାଣି ଭାରି ଖୁସି ଲାଗିଲା । ଆପଣ ତ ନଥିଲେ ତେଣୁ ଏଇ ଚିଠି ଛାଡ଼ି ଯାଉଛି । ତଳେ ମୋ ଫୋନ ନମ୍ବର୍... କଲ୍ କରିବେ ।

ଇତି... ଭାବନା ନୁହେଁ ବର୍ଷା ।

ବାଦଲ ଭାରି ଖୁସି ହୋଇ ଯାଇଥିଲା ଆଉ ତାର ମୋବାଇଲକୁ ଖୋଜୁଥିଲା ଭାବନାକୁ ଫୋନ କରିବ ବୋଲି ।

X X X X X

ସମୟକ୍ରମେ ଦୁହିଁଙ୍କ ଭିତରେ ବନ୍ଧୁତାରୁ ସମ୍ପର୍କ ନିବିଡ଼ ହେବାକୁ ଲାଗିଲା । ଆଉ ବନ୍ଧୁତା ଧିରେ ଧିରେ ପ୍ରେମରେ ପରିଣତ ହେଲା । ଦେଖା ସାକ୍ଷାତ ବି ହେଲା । ଭାବନାଙ୍କ କଥାରେ ରାଜି ହୋଇ ତାର ବାପାମା' ବାଦଲ ସହିତ ବାହାଘର କରିଦେଲ । ବାଦଲ ସବୁବେଳେ ଭାବନାକୁ ବର୍ଷା ହିଁ ଡାକେ । ସତେ ଯେମିତି ଭାବନା ସେଇ ଡାକରେ ହିଁ ଖୁସି । ଯେମିତି ଦୁନିଆର ସବୁ ଖୁସି ବାଦଲ ଆଉ ବର୍ଷା ପାଇଁ ହି ରହିଥିଲା ।

Download Magazine from www.aahwaan.com

ବାଦଲ ବର୍ଷାକୁ ଆଉ ବର୍ଷା ବାଦଲକୁ ବହୁତ ଭଲ ପାଉଥିଲେ । ବର୍ଷାର ପିଲାଳିଆମୀ ବାଦଲକୁ ବେଶି ଭଲଲାଗେ । ବର୍ଷା ବାଦଲର ହାତରୁ କିଛି ଖାଇବା ପାଇଁ ସବୁ ବେଳେ କିଛି ନା କିଛି ବାହାନା କରେ । କହେ, 'ଆଜି ମୋ ହାତରେ ମେହେନ୍ଦୀ ଲାଗିଛି, ଆଜି ମୋ ହାତ କଷ୍ଟ ହେଉଛି ।' ଏମିତି ଅନେକ । ଆଉ ଖାଇସାରି ବାଦଲର ଡ୍ରେସରେ ହିଁ ତାର ମୁହଁ ପୋଛି ପକାଏ । ବାଦଲ ବର୍ଷାର ବାହାନା ସବୁ ବୁଝିପାରେ କିନ୍ତୁ ବର୍ଷାର ଖୁସି ପାଇଁ ସେ ସେଇଥିରେ ବର୍ଷା ସହ ସାମିଲ ହୋଇଯାଏ । ଆଉ ବର୍ଷା ବେଳେବେଳେ ବିନା କାରଣରେ ବାଦଲ ଉପରେ ଅଭିମାନ କରି ରୁଷିଯାଏ । କଥାବାର୍ତ୍ତା କରେନି । କେବଳ ବାଦଲ ତାକୁ ସ୍ନେହରେ ଟିକିଏ ମନାଉବୋଲି । ବାଦଲ ବି ମନାଏ ଆଉ ବର୍ଷା ମାନିଯାଏ ଆଉ ବହୁତ ଖୁସି ହୁଏ । କିନ୍ତୁ ବାଦଲ ଆଖିରୁ କେବେ ଲୁହ ବହିବାକୁ ଦିଏନି । ଯେତେବେଳେ ବି କିଛି ବିପଦ ଆସେ ସେ ବାଦଲ ଆଗରେ ଠିଆ ହୋଇପଡ଼େ । ସମୟର ସ୍ରୋତରେ ଦୁହିଁଙ୍କର ଜୀବନ ବେଶ୍ ହସ ଖୁସିରେ ଗଡ଼ି ଚାଲିଥାଏ । ଏ ଭିତରେ ସେମାନେ ବାହାଘର ପରେ ପଚିଶଟି ବସନ୍ତ ଅତିକ୍ରାନ୍ତ କରି ସାରିଲେଣି । ଖାଲି ଏତିକି ଦୁଃଖ ଭଗବାନ ତାଙ୍କର କୋଳକୁ ଛୁଆଟିଏ ଦେଲେନି । ତଥାପି ଦୁହେଁ କେବେ ମନ ଦୁଃଖ କରି ନାହାନ୍ତି । ହାତରେ ହାତ ଦେଇ ଜୀବନକୁ ଜୀଇଁ ଚାଲିଛନ୍ତି ।

ଦିନେ ବାଦଲ ଅଫିସରେ ଥାଏ । ପଡ଼ିଶା ଘରୁ ଫୋନ ଆସିଲା ଭାବନାର ଦେହ ବହୁତ ଖରାପ । ଶୀଘ୍ର ଆସିବାକୁ । ବାଦଲ ଶୀଘ୍ର ଆସି

Download Magazine from www.aahwaan.com

ଭାବନାକୁ ହସ୍ପିଟାଲ ନେଇଗଲା । ରକ୍ତ ପରୀକ୍ଷାରୁ ଜଣାପଡିଲା ଭାବନାକୁ ବ୍ଲଡ୍ କ୍ୟାନ୍‌ସର ଆଉ ଲାଷ୍ଟ ଷ୍ଟେଜ । ବାଦଲ ଉପରେ ସତରେ ସେ ଦିନ ବାଦଲ ଛିଡ଼ି ପଡ଼ିଥିଲା । କେମିତି ସାମ୍ନା କରିବ ସେ ଏବେ ଭାବନାକୁ । କଣ କହିବ ଆଉ ନିଜକୁ କେମିତି ସମ୍ଭାଳିବ । କେମିତି ବଞ୍ଚିବ ସେ ତା ବର୍ଷା ବିନା । ଡାକ୍ତରଙ୍କ କହିବା ଅନୁସାରେ ଆଉ ଭାବନା ପାଖରେ ମାତ୍ର ୨୪ ଘଣ୍ଟା । ସେ ଭାବନା ପାଖରେ ହିଁ ବସିଥାଏ । ଭାବନା ବାଦଲ କୋଳରେ ମୁଣ୍ଡ ରଖି ଶୋଇଥାଏ । ବାଦଲର ଲୁହର ସ୍ପର୍ଶରେ ଭାବନାର ନିଦ ଭାଙ୍ଗିଗଲା । ସେ କହିଲା, "ଆରେ କଣ ମୁଁ ଚାଲିଯିବି ବୋଲି ମନ ଦୁଃଖ କରୁଛ । ମୁଁ ତୁମର ଆଉ ଡାକ୍ତରବାବୁଙ୍କ କଥା ସବୁ ଶୁଣିଛି । ମୋ ପାଖରେ ଆଉ ଅଳ୍ପ ସମୟ । ଜମା ବ୍ୟସ୍ତ ହୁଅନି ମୁଁ ତୁମକୁ ଛାଡ଼ି କୁଆଡ଼େ ବି ଯିବିନି । ମୋତେ ଖାଲି କଥା ଦିଅ ତୁମେ କେବେ ବି କାନ୍ଦିବନି । ବାଦଲ କାନ୍ଦୁ କାନ୍ଦୁ ପୁଣି ସେ ନିଜକୁ ନିୟନ୍ତ୍ରଣ କଲା ଆଉ ଭାବନାର ହାତରେ ହାତ ରଖି କହିଲା ସେ କେବେ ବି କାନ୍ଦିବନି ବୋଲି । ଭାବନାର ଓଠରେ ସ୍ମିତ ହସଟିଏ ଖେଳିଗଲା । ଆଉ ସେହି ମୁହୂର୍ତ୍ତରେ ହିଁ ସବୁଦିନ ପାଇଁ ବାଦଲକୁ ଛାଡି ଏ ଦୁନିଆରୁ ସବୁଦିନ ପାଇଁ ଚାଲି ଯାଇଥିଲା । ବାଦଲ କାନ୍ଦି ନଥିଲା ସତ କିନ୍ତୁ ସେ ସମ୍ପୂର୍ଣ୍ଣ ନିରବ ହୋଇ ଯାଇଥିଲା । ସେହିଦିନଠୁ ବାଦଲ କାହା ସହିତ ବି ଭଲରେ କଥା ହୁଏନି । କେବଳ କଥା ହୁଏ ତା ବର୍ଷା ସହିତ ଏକ ଅଲଗା ଦୁନିଆରେ ।

ଏଇ ମାସ କେଇଟା ହେବ ବାଦଲ ଚାକିରୀରୁ ଅବସର ନେବା

Download Magazine from www.aahwaan.com



ପରେ ଅଧିକ ନିଃସଙ୍ଗ ହୋଇଯାଇଛି । ବଞ୍ଚିଛି ତ କେବଳ ତାର ସ୍ମୃତିରେ । ବାଟ ଚାଲିପାରୁଛି ତ କେବଳ ତା'ର ସ୍ମୃତିର ଶକ୍ତି ପାଇଁ । କାରଣ ବର୍ଷାର ସ୍ମୃତି ବାଦଲ ଆଖିରେ କେବେ ଲୁହ ଆଣିନି । ଯେତେ ପର୍ଯ୍ୟନ୍ତ ତା'ର ଛାତି ତଳର ହୃଦୟ ଧକ ଧକ କରୁଥିବ ସେତେ ପର୍ଯ୍ୟନ୍ତ ବର୍ଷା ତା ପାଇଁ ଜୀବନ୍ତ ଜୀବନସାଥି ହୋଇ ରହିଥିବ । ସେ କେବେ କାନ୍ଦିବନି କି ହାରିଯିବନି । ଅବସର ନେବା ପରେ ପରେ ପରିବାର ପ୍ରତିପୋଷଣ ପାଇଁ କାମ ଖୋଜୁଥିବା ଏକ ଅସହାୟ ବୁଢ଼ୀ ବିନି ମାଉସୀଙ୍କୁ ମଧ୍ୟ ନିଜ ଘରେ କାମଦେଇଛି । ବର୍ଷା ଯିବା ପରଠାରୁ ବୁଢ଼ୀମାଉସୀ ହିଁ ବାଦଲର ଦେଖା ଶୁଣାକରେ । ଏମିତି ଥିଲା ବାଦଲ ଆଉ ତା ବର୍ଷାର କାହାଣୀ ।

ସବୁଦିନ ପରି ପରଦିନ ସକାଳୁ ବୁଢ଼ୀମାଉସୀ ଆସି କବାଟରେ ବେଲ ବଜାଇଲେ ବି ବାଦଲବାବୁ ଖୋଲିଲେନି । ବୁଢ଼ୀ ମାଉସୀର ସନ୍ଦେହ ହେଲା । ସଂଗେସଂଗେ ବୁଢ଼ୀ ମାଉସୀ ପୋଲିସକୁ ଖବର ଦେଲେ । ପୋଲିସର ଉପସ୍ଥିତିରେ କବାଟ ଭାଙ୍ଗି ସମସ୍ତେ ଭିତରକୁ ଗଲେ । ହେଲେ ଏ କଣ ବାଦଲ ବାବୁ ଚେୟାର ଉପରେ ବସି ରହିଛନ୍ତି । ଓଠରେ ତାଙ୍କର ଗୋଟିଏ ବଡ଼ ସ୍ମିତ ହସଟିଏ । ଆଉ ହାତରେ ତାଙ୍କର କାଗଜ ଖଣ୍ଡିଏ । ବୁଢ଼ୀ ମାଉସୀ ବାଦଲବାବୁଙ୍କୁ ଡାକ ଦିଅନ୍ତେ ଜାଣିବାକୁ ପାଆନ୍ତି ସେ ଆଉ ଏ ଦୁନିଆରେ ନାହାନ୍ତି । ବୁଢ଼ୀମାଉସୀଙ୍କ ଆଖିରୁ ଧାରଧାର ଲୁହ ବୋହି ଯାଉଥାଏ । ତାଙ୍କ ହାତରେ ଥିବା କାଗଜରେ

Download Magazine from www.aahwaan.com

ଲେଖା ପୋଲିସବାବୁ ପଢ଼ିବାକୁ ଲାଗିଲେ, ସେଥିରେ ଲେଖା ହୋଇଥିଲା,

"ବିନି ମାଉସୀ ତୁମେ ମୋର ବହୁତ ଦେଖାଶୁଣା କଲ । ମୋର ମୋ ବର୍ଷା କଥା ବହୁତ ମନେ ପଡ଼ିଲାଣି । ମୁଁ ଏଠି କାନ୍ଦି ପାରିବିନି ସିନା ତା ପାଖକୁ ତ ଯାଇପାରିବି । ତା'ର ସ୍ମୃତିରେ ନୁହଁ ଏବେ ମୁଁ ତା ସାଥିରେ ରହିବାକୁ ଚାହୁଁଛି । ଏ ଘର ଆଉ ଜାଗା ମୁଁ ତୁମ ନାଁରେ କରି ଦେଇଯାଉଛି । ହଁ ଯଦି କେବେ କାହାକୁ ସାହାଯ୍ୟ ଦରକାର ପଡ଼େ କରିବାକୁ ଭୁଲିବନି ।" ଏତିକି ପୋଲିସବାବୁ ବୁଢ଼ୀ ମାଉସୀଙ୍କ ପାଇଁ ସେ ଚିଠି ପଢ଼ିଦିଅନ୍ତେ, ବାହାରେ ଜୋରରେ ବାଦଲ ଫାଟି ଘଡ଼ଘଡ଼ି ସହ ବର୍ଷା ହେବାକୁ ଲାଗିଲା । ବୋଧହୁଏ ପୁଣି ବାଦଲ ଆଉ ବର୍ଷା ଏକାଠି ହୋଇ ଯାଇଥିଲେ ଆଉ ତାଙ୍କ ପ୍ରେମର ଅମରତ୍ୱକୁ ବଖାଣି ଚାଲିଥିଲେ । କେହି ବୁଝି ନ ପାରିଲେ ବି ବୁଢ଼ୀମାଉସୀ ସେ ସବୁକୁ ବେଶ୍ ବୁଝି ପାରୁଥିଲା ।

କଲାଡ଼ି, ଫୁଲବାଣୀ

ଭ୍ରାମ୍ୟଭାଷ : ୯୪୩୯୫୪୨୫୨୧

Download Magazine from www.aahwaan.com

# ପିଲାବେଳ କଥା

ଛୋଟ ବେଳର କଥା । କାହାରି ଯଦିଓ କ୍ଷତି କରି ନ ଥିଲି, ତଥାପି ମୁଁ ବହୁତ ଅଝଟିଆ, ଦୁଷ୍ଟ ପ୍ରକୃତିର ଥିଲି । ପିଜୁଳି ଗଛରେ ଚଢ଼ିବା, ପିଜୁଳି ଖାଇବା, ଆମ୍ବ ଗଛରେ ଚଢ଼ିବା ଓ କାମୁଡ଼ି କାମୁଡ଼ି ଆମ୍ବ ଖାଇବା, ନଈରେ ଗାଧୋଇବାକୁ ଗଲେ ଡିଆଁ ମାରିବା, ପହଁରା ଖେଳ ଖେଳିବା, ବାଟିଖେଳ ଖେଳିବା, ବାଘ ଛେଳି ଖେଳ ଖେଳିବା, ବିଲ ମାଛ ଧରିବା ଇତ୍ୟାଦି ଥିଲା ପିଲା ବେଳର ରୁଚି ।

ଲୁଚି ଲୁଚି ଯାତ୍ରା ଦେଖିବାକୁ ଯିବା, ଲୋକଙ୍କୁ ରାତିରେ ଡ଼ରାଇବା ଇତ୍ୟାଦି ସତରେ ମଜ଼ା ଲାଗୁଥିଲା ।



ସତୀଶ ଚନ୍ଦ୍ର ସିଂହ

ଦିନକର ଘଟଣା । ସେଦିନ ପାଖ ଗାଁରେ ମେଳା ଚାଲିଥିଲା । ମେଳାରେ ଖାଇବା, ବେଲୁନ କିଣିବା, ଖେଳନା କିଣିବା, ନାଚ ଦେଖିବା ଇତ୍ୟାଦି ମଜ଼ା ଲାଗୁଥିଲା । ପୁଣି ଦୋଳିରେ ଝୁଲିବା ଆଉ ଗୋଟେ ଆକର୍ଷଣ ଥିଲା । ଲୋକମାନେ ବିଭିନ୍ନ ପ୍ରକାର ଘରୋଇ ଜିନିଷ ସେଇ ମେଳାରୁ ହିଁ ଆଣୁଥିଲେ । ଏହି ମେଳା ଥିଲା ଲୋକ ମାନଙ୍କର ଏକ ମିଳନସ୍ଥଳୀ ମଧ୍ୟ । ସେଠାରେ ବନ୍ଧୁ ବାନ୍ଧବ, ସାଙ୍ଗ ସାଥି ସମସ୍ତଙ୍କର ଭେଟ ଘାଟ ହୁଏ । ସଞ୍ଜ ବେଳକୁ ଲୋକମାନେ ଘରକୁ ଫେରୁଥିଲେ । ଆମେ ବି ଯାଇଥିଲୁ । କିନ୍ତୁ ଜଲଦିଜଲଦି ଫେରି ଆସିଲୁ । ଅନ୍ଧାର ହେଲା । ତଥାପି ଲୋକ ମାନେ ଫେରୁଥିଲେ । ସେତିକି ବେଳେ ଆମେ

Download Magazine from www.aahwaan.com

କେତେଜଣ ସାଙ୍ଗ ଲୋକଙ୍କୁ ଡ଼ରାଇବାକୁ ବାହାରିଲୁ । ଆମେ ଲୋକଙ୍କୁ ଡ଼ରାଉ ଥାଉ, ସେତିକି ବେଳେ ଜଣେ ଝିଅ ଭୂତ ଭୟରେ ଦୌଡ଼ିଲା ବେଳେ ଝୁଣ୍ଟି ପଡି ତଳେ ପଡ଼ିଗଲା । ଖଣ୍ଡିଆ ଖାବରା ହୋଇଗଲା । ବାପାଲୋ, ବୋଉଲୋ ଚିତ୍କାର କଲା । ସେ ଯାହା ବି ହେଉ ତା ସଙ୍ଗରେ ଥିବା ଲୋକମାନେ ତାକୁ ଉଠେଇ, ଝଡା ପୁଛା କରି ଘରକୁ ନେଇଗଲେ ।

ସେଦିନ ଘରକୁ ଯାଇ ରାତିରେ ସ୍ୱାଭାବିକ ନିଦ ହେଲାନି । ସେହି ଝିଅର କଷ୍ଟ କଥା ମନରୁ ଲିଭୁ ନଥାଏ । ଆମେ ନିରୀହ ପିଲାକୁ ହଇରାଣ କଲୁ । ଦୋଷ ନ ଥାଇ କଷ୍ଟ ପାଇଲା । ଠିକ ହେଲା ନି । ଭାବୁ ଭାବୁ କେତେବେଳେ ନିଦ ହୋଇଗଲା ଜାଣି ପାରିଲି ନାହିଁ । ତା' ପରଦିନ ନିଷ୍ପତ୍ତି ନେଲି ଆଉ ଏଭଳିଆ ଦୁଷ୍ଟାମି କରିବିନି । ସେଇଥି ହିଁ ହେଲା, ସାଙ୍ଗମାନେ ଯେତେ ଡାକିଲେ ମଧ୍ୟ ମୁଁ ଆଉ ଗଲିନାହିଁ ।

ଏହି ଗୋଟିକ ଦୁଷ୍ଟାମି ସିନା ଗଲା । କିନ୍ତୁ ଘରେ ଅଝଟିଆ ଗୁଣଟି ଯାଇ ନ ଥାଏ । ମା'ଙ୍କୁ ଜିଦି କରି ପଇସା ମାଗି ଲଡୁ ଖାଇବା, ଯାତ୍ରା ଯିବା ଇତ୍ୟାଦି ମନରୁ ଯାଇ ନ ଥାଏ । ମା'ଙ୍କୁ ଯେତେବେଳେ ପଇସା ମାଗେ ସେ ଦେଇ ଦିଅନ୍ତି । ସେଥିପାଇଁ ମାଙ୍କୁ  ମାଗିବା ଗୋଟିଏ ଅଭ୍ୟାସରେ ପରିଣତ ହୋଇଗଲା ।

ହାଇସ୍କୁଲରେ ପଢୁଥିଲା ବେଳେ କେତେକ ସାଙ୍ଗ ସାଇକେଲରେ ଆସୁଥିଲେ । ତାକୁ ଦେଖି ମୋତେ ବି ଇଚ୍ଛା ହେଲା ।

ବାପା ଜଣେ ଚାଷୀ ଥିଲେ । ବିଲ ବାଡ଼ିରୁ ଯାହା ହୁଏ ବଳକା ତକ ବିକି ଟଙ୍କା ସଂଚଉଥିଲେ । ମୋର ପାଠପଢା ଖର୍ଚ୍ଚ ଦେଉଥିଲେ । ସେଥିରୁ

Download Magazine from www.aahwaan.com


ଘର ମଧ୍ୟ ଚଳାଉଥିଲେ । ପୁଣି, ବନ୍ଧୁବାନ୍ଧବ ବେଭାର ଖର୍ଚ୍ଚ । ଏ ସବୁ ଖର୍ଚ୍ଚ ସେହି ପଇସାରୁ ହିଁ ମେଣ୍ଟାଉଥିଲେ ।ମା'ଠୁ ଶୁଣିଛି ,ବାପା ଗୋଟେ ଭଲ ଘର ବନେଇବେ ।

ମୋର କିନ୍ତୁ ସାଇକେଲ ଚଢିବା ନିଶା ମନରୁ ଯାଉ ନ ଥାଏ । ମା'ଙ୍କୁ ଗାଡି କଥା କହିଲି । ମୋ କଥା ଶୁଣିଲା ପରେ ଟିକେ ଚକିତ ହେଲେ । କହିଲେ ଦେଖିବା । ମୁଁ ଆଉ କିଛି କହି ପାରିଲି ନାହିଁ । କିନ୍ତୁ ସାଇକେଲ କଥା ମନରୁ ଯାଉ ନ ଥାଏ ।

ମା' ଜାଣିଛନ୍ତି ଏହି ଭିତରେ ପୁଅର ସାଇକେଲ କିଣା ହେବ ବୋଲି ଟଙ୍କା ଯୋଗାଡ ହୋଇଛି । ପୁଅକୁ ଦୁଃଖ ଦେବାକୁ ମା କେବେ ଚାହାନ୍ତିନି । ଏକଥା ସତ । ଛୋଟିଆ ପୁଅଠୁ ବିଧା ଖାଇଲେବି ମା ହସି ହସି ପୁଅକୁ ବୁଝାଏ । ପୁଅ ସାଇକେଲ ଚଢିଲେ କେତେ ଖୁସି ହେବେ ମା ।

କିଛିଦିନ ଗଲା । ପୁଣି, ସକାଳୁ ସକାଳୁ ସେକଥା ମାଙ୍କୁ ଦୋହରାଇଲି । ପ୍ରଥମେ ମନା କରୁଥିଲେ । ତା'ପରେ କହିଲେ ତୁ ବ୍ୟସ୍ତ ହ ନା । ତୋ ବାପାଙ୍କୁ କହିବି, ସେ ତୋ ପାଇଁ ସାଇକେଲ କିଣି ଦେବେ । ଏକଥା ଶୁଣିଲା ପରେ ବହୁତ ଖୁସି ଲାଗିଲା । ଖୁସିରେ ସ୍କୁଲ ଗଲି । ସେଦିନ ଏତେ ଖୁସି ଥିଲି ଯେ କଲମ ଛାଡି ଯାଇଥିଲି । ଜ୍ୟାମିତି ବକ୍ସ ମଧ୍ୟ ଛାଡି ଯାଇଥିଲି । ବାଟରେ ମନେ ପଡ଼ିଲା । ପୁଣି ଘରକୁ ଫେରିଲି ।ଘରେ ପହଂଚି ଦେଖିଲି ବାପା ଛୁଆଙ୍କ ପରି କାନ୍ଦୁଛନ୍ତି । ପାଖରେ ମା'ବସିକି କହୁଥିଲା ଛୁଆଟା ଘରୁ ବାହାରିଛି ଏବେ ଏମିତି କାନ୍ଦିଲେ ତା'ର ଅମଙ୍ଗଳ ହେବ । କୋହ ଭରା କଣ୍ଠରେ ବାପା କହିଲେ

ଆହ୍ୱାନ
ଶତକ
ସଂସ୍କରଣ



Download Magazine from www.aahwaan.com

ଧିକ ମୋ ଜୀବନ । ସାଙ୍ଗ ମାନଙ୍କ ପାଖରେ କେତେ ଅସ୍ତବ୍ୟସ୍ତ ହେଉଥିବ । ମୋ ଛୁଆକୁ ଟିକେ ଖୁସି ଦେଇ ପାରୁନି । ଅବାକ ହୋଇଗଲି । ଏହି ଟିକେ ପୁର୍ବରୁ ଠିକଥିଲେ । ହେଲା କଣ ? ବୁଝୁ ବୁଝୁ କଣ ନା ବାପା ସଞ୍ଚିଥିବା ଟଙ୍କା ନାହିଁ । କିଏ ନେଇଯାଇଛି ।

ଏକଥା ଶୁଣିଲା ପରେ ମୋର ଦୀର୍ଘ ନିଶ୍ୱାସ ବାହାରି ପଡିଲା । ବାପାଙ୍କର ପିଲାଙ୍କ ଭଳି କାନ୍ଦିବା ଓ ମା'ଙ୍କର ଏହି ଅବସ୍ଥା ପ୍ରଥମ ଥର ଦେଖିଲି । ଆଗରୁ ଏଭଳି ଦୃଶ୍ୟ କେବେ ଦେଖି ନଥିଲି । ମୁଁ ଯେତେ ଦୁଷ୍ଟ ହେଲେ ମଧ୍ୟ ମୋ ପାଇଁ ବାପମା କେତେ ଚିନ୍ତିତ । ଏକଥା ଜାଣି ନଥିଲି । ବହୁତ ଦୁଃଖ ଲାଗିଲା । ଜଣଙ୍କ ଖୁସି ପାଇଁ ଉଦିଷ୍ଟ ଥିବା ଅର୍ଜିତ ଧନ ହଜିଗଲେ ଯେଉଁ କଷ୍ଟହୁଏ, ବାପାମା'ଙ୍କର ସେହି ଅବସ୍ଥା । ମା'ଙ୍କ ଆଖିରୁ ଲୋହ ଦେଖି ସମ୍ଭାଳି ପାରିଲିନି । ମନରେ ଏକପ୍ରକାର ପରିବର୍ତ୍ତନର ଶିହରଣ ଜାଗ୍ରତ ହେଲା । ମନରୁ ସାଇକେଲ କିଣା ନିଶା କୁଆଡେ ଉଭେଇ ଗଲା । ମୁଁ ଜାଣିପାରିଲି ସେମାନେ ମୋ କଥାରେ ଚିନ୍ତିତ । ସେଦିନଠୁ ଆଉ ମା'ଙ୍କ ପାଖରେ ଅଝଟ ହେଲିନି କି ଦୁଷ୍ଟାମୀ ହେଲିନି, କି ତାଙ୍କୁ ଦୁଃଖ କଷ୍ଟ ମଧ୍ୟ ଦେଲିନି । ସେମାନେ ଯାହା କହୁଥିଲେ ମୁଁ ମାନୁଥିଲି ଏବଂ ମାନୁଛି ମଧ୍ୟ ।

ପ୍ରଶାନ୍ତି ବିହାର, ଭୁବନେଶ୍ୱର
ଭ୍ରାମ୍ୟଭାଷ : ୯୭୭୬୨୦୮୪୫୪

Download Magazine from www.aahwaan.com

# ଅହେତୁକ

ମୋହନ ରିସେପସନ୍ ଟେବୁଲରେ ରହି ବାରମ୍ବାର ଦେଖୁଥିଲା ବାମ ପଟରେ ଥିବା ସିଢ଼ି ଆଡକୁ । ମନରେ ଭୟ ଓ ଉତ୍କଣ୍ଠାର କୁହେଳୀ । ଠିକ୍ ଏଇ ସମୟରେ ବାଜି ଉଠିଲା ରିସେପସନ ଟେବୁଲରେ ଥିବା ଲ୍ୟାଣ୍ଡଫୋନଟି । ଧଡ଼ପଡ଼ ଓ ବ୍ୟସ୍ତ ବିବ୍ରତ ହୋଇ ମୋହନ ଫୋନ ଉଠେଇଲା ।

ମୋହନ - ହ୍ୟାଲୋ !

ଫୋନ୍ ରେ ସେପଟୁ - ହେଲୋ , ମୋହନ ! ତୁମେ ଏବେ ସେଠାରୁ ବାହାରି ଆସ । ସେ ପ୍ରଧାନବାବୁ ଭଲଲୋକ ନୁହେଁ ।

ମୋହନ - ମୀରା ତୁମେ ? ଆରେ, ତୁମେ ମତେ କାହିଁକି ଏତେ ଫୋନ କରୁଛ ? ତୁମେ ଜାଣିଛ ମୁଁ ଏଠି ପ୍ରଧାନବାବୁଙ୍କୁ ଅପେକ୍ଷା କରିଛି । ହଉ, ଫୋନ ରଖ ମୁଁ ପରେ କଥା ହେବି ।

ମୀରା (ଫୋନରେ ସେପଟୁ ) - ଦେଖ ମୋ କଥା ମାନି ପଳେଇ ଆସ । ତୁମର ଯଦି କିଛି ହେଇଯାଏ ନା .....................



ରାଧାକାନ୍ତ ଦାଶ

ମୀରାର ଫୋନ ରଖିସାରିଥିଲା ମୋହନ । ମୀରା ମୋହନର ସ୍ତ୍ରୀ । ବହୁତ ଭଲ ପାଏ ମୋହନକୁ । ମୀରା କହିଥିବା କଥା, "ପ୍ରଧାନବାବୁ ଭଲ ଲୋକ ନୁହେଁ" ମୋହନ ମନରେ ଭୟ ସୃଷ୍ଟି କରୁଥିଲା । ସତରେ ମୋହନ ବି ଜାଣିଛି ପ୍ରଧାନବାବୁ ଅଲଗା ଧରଣର ଲୋକ ।

Download Magazine from www.aahwaan.com

X X X

ମୋହନ ଗୋଟେ ପ୍ରାଇଭେଟ ଲଜିଂର ମ୍ୟାନେଜର । ଆଉ ସେ ଲଜିଂର ମାଲିକ ପ୍ରଧାନବାବୁ । ମୋହନ ଆଜିକୁ ଆଠ ବର୍ଷ ହେଲାଣି ଏ ଲଜିଂରେ କାମ କରିଆସୁଛି । ମୋହନ ଯେତେବେଳେ ଏ ସହରକୁ ଆସିଥିଲା ତାକୁ ଏକୋଇଶ ବର୍ଷ ହେଇଥିଲା । ପ୍ରଧାନ ବାବୁ ତାକୁ ଏଠି ରଖିଥିଲେ । ରୁମ୍ ସର୍ଭିସ ବୟରୁ ସେ ଆଜି ମ୍ୟାନେଜର । କିଛିଦିନ ରହିବା ପରେ ମୋହନ ଶୁଣିବାକୁ ପାଇଲା କି ପ୍ରଧାନବାବୁଙ୍କର ଆଗରୁ ଏ ଲଜିଂ ପାଖରେ ଗୋଟେ ଚା ଦୋକାନ ଥିଲା । ଏ ଲଜିଂର ମାଲିକ ଆଉ ପ୍ରଧାନବାବୁ ଦୁହେଁ ସାଙ୍ଗ ଥିଲେ । କିଛି ଲୋକ କହନ୍ତି ଚାରେ ବିଷ ମିଶେଇ ପ୍ରଧାନବାବୁ ମାଲିକକୁ ମାରି ଏ ଲଜିଂକୁ ତା ନାଁରେ କରିଦେଲା । ତା ପରେ କିଛି ବର୍ଷ ପରେ ମୋହନକୁ ଲଜିଂର ସବୁ ଦାୟିତ୍ୱ ଦେଇ ସେ ଅବସର ନେଲା ଲଜିଂରୁ । ପ୍ରଧାନବାବୁଙ୍କର ଏ ଲଜିଂ ବ୍ୟତିତ ଆଉ ତିନିଟା ଫ୍ୟାକଟ୍ରି ଚାଲିଛି । ପ୍ରତିମାସରେ ଥରେ ଆସେ ଦୁଇଦିନ ରୁହନ୍ତି ଲଜିଂରେ । ହିସାବ ବୁଝେ ଆଉ ଚାଲିଯାଏ । ସବୁବେଳେ ପ୍ରଧାନବାବୁ ଗୋଟିଏ ରୁମରେ ହିଁ ରୁହନ୍ତି । ରୁମ ନମ୍ବର ୨୦୧ । ଆଉ ସେ ରୁମର ଚାବି ତାଙ୍କ ପାଖରେ ଥାଏ । ହଁ, ତା ଛଡା ଆଉ ତିନିଜଣ ସେ ରୁମକୁ ଆସନ୍ତି । ରୁନୁ ମାଡାମ ସବୁବେଳେ ପ୍ରଧାନବାବୁ ଯିବାର ଦୁଇରୁ ତିନି ଦିନ ପରେ ଆସନ୍ତି । ଗୋଟେ ଦିନ କି ଦୁଇ ଦିନ ରହି ଚାଲିଯାନ୍ତି । ମହେଶ ଆସେ ଏ ଲଜିଂକୁ ହେଲେ, ବର୍ଷକରେ ଥରେ । ସେ ଗୋଟେ ସପ୍ତାହ ପାଖାପାଖି ରୁହନ୍ତି । ଶେଷରେ ଥାନାର ସବ୍-ଇନ୍ସିପେକ୍ଟର ସେ ମଝିରେ

Download Magazine from www.aahwaan.com


ମଝିରେ ଆସନ୍ତି ପ୍ରଧାନବାବୁ ଥିବାବେଳେ । ସମସ୍ତେ ଯେତେବେଳେ ଆସନ୍ତି ସେ ରୁମ୍ ର ଚାବି ନେଇକି ଆସନ୍ତି । ଆଉ ଗଲା ବେଳେ ଚାବି ନେଇ ଚାଲିଯାନ୍ତି । ପ୍ରଧାନବାବୁ ସବୁ ସମୟରେ ଗୋଟେ ଡିଜାଇନର କଳା ସୁଟ୍-କେସ ଧରିକି ଆସନ୍ତି । ଏମିତିରେ ଦେଖିବାକୁ ଗଲେ ଲଜିଂରେ ଦଶଟି ରୁମ । ଦଶଟି ରୁମ୍ ର ଚାବିରୁ ନଅଟି ଚାବିକୁ ସମ୍ଭାଳେ ମୋହନ । ନଅଟି ରୁମରେ ସବୁବେଳେ ଲୋକ ଭର୍ତ୍ତି ହୋଇ ରହିଥାନ୍ତି ଭଡାରେ । ମୋହନକୁ ଛାଡିଦେଲେ ଆଉ ଦୁଇ ଜଣ ଅଛନ୍ତି ଏ ଲଜିଂରେ ସୁଦାମ ସିକୁରିଟି ଓ ମକୁ ସୁଇପର ।

ମୋହନ ରୁମ ୨୦୧କୁ କେବେ ବି ଯାଇନି । କଣ ଅଛି ସେ ରୁମରେ ଜାଣିବା ପାଇଁ ବହୁତ ଇଚ୍ଛା ମୋହନର । ମକୁକୁ ସଫା କରିବା ବାହାନାରେ ପଠାଏ ମୋହନ । ମକୁ ଯାଏ ସଫା କରିସାରି ଆସି କହେ -

ମକୁ - କିଛି ନାଇଁ ଅଲଗା ରୁମ ଭଳି ଗୋଟେ ଡ୍ରେସିଙ୍ଗ ଟେବୁଲ ଆଉ ଖଟ । ଆଉ ବଡ ବାବୁ ଖଟରେ ବସି ମଦ ପିଉଛନ୍ତି । କିନ୍ତୁ କଣ ଟିକେ ଅଲଗା ଅଲଗା ଲାଗୁଛି, ହଁ ସେ ରୁମ୍ ର କାନ୍ଥ ସବୁ ରୁମଠାରୁ ଅଲଗା ଓ ବହୁତ ସୁନ୍ଦର ।

ମୋହନ ସେ ରୁମକୁ ଭଡାରେ ଲଗେଇବା କଥା ପ୍ରଧାନବାବୁଙ୍କୁ କହିଥିଲା ହେଲେ, ସେ ସଫା ସଫା ମନା କରିଦେଇଥିଲେ । ତା ପରଠୁ ସେ ରୁମ ବିଷୟରେ ମୋହନ ପ୍ରଧାନ ବାବୁଙ୍କୁ ଆଉ କିଛି କହିନି ।

X X X X

ପୁଣି ବାଜି ଉଠିଲା ଫୋନ । ଫୋନ୍ ର ରିଙ୍ଗ ଯେମିତି ନିସ୍ତବ୍ଧ

ରିସେପସନ ରୁମକୁ ଥରେଇ ଦେଉଥିଲା ।

ମୋହନ - ହେଲୋ .............

ଫୋନରେ ସେପଟୁ - ଆରେ ତମେ ଏ ଯାଏଁ ଆସିଲନି, ପ୍ଲିଜ ପଳେଇ ଆସ .........

ମୀରାର ଫୋନକୁ ରଖିଦେଇଥିଲା ମୋହନ । ମୀରା ଏମିତି ବାରମ୍ବାର ଫୋନ କରିବ ଦ୍ୱାରା ବିରକ୍ତି ଭାବ ପ୍ରକାଶ ହେଉଥିଲା ମୋହନ ମନରେ । ମୀରା ବୁଝିବାକୁ ପ୍ରସ୍ତୁତ ନଥିଲା କି ମୋହନ ଏଠି କିପ୍ରକାର ପରିସ୍ଥିତିରେ ରହିଛି । ସେ ବି ନିଜ ସ୍ୱାଧୀନରେ ବଞ୍ଚିବାକୁ ଚାହେଁ । କେତେଦିନ ଏମିତି ଏଠି ଲଜିଂରେ ରହିଥିବ । ଏସବୁ ଭାବୁ ଭାବୁ ତ ଆଖି ଆଗରେ ନାଚିଗଲା ମୀରା କଥା - ମୀରାର ତା ପ୍ରତି ଥିବା ଭଲ ପାଇବା ।

ମୀରା ଦିନେ ଏ ଲଜିଂକୁ ଆସିଥିଲା ଜଣେ ବ୍ୟକ୍ତିଙ୍କ ସାଙ୍ଗରେ । ଦୁହେଁ ରୁମ ଭଡାରେ ନେଲେ । ହେଲେ କିଛି ସମୟ ପରେ ରୁମ୍ ରୁ ଦୌଡି ଆସିଲା ମୀରା । କାନ୍ଦି କାନ୍ଦି ସେ ଆସି ପହଞ୍ଚିଲା ରିସେପସନ ପାଖରେ । ସେ ବ୍ୟକ୍ତି ଜଣକ ମଧ୍ୟ ତା ପଛେ ପଛେ ଦୌଡି ଆସିଥିଲେ । ଲଜିଂରେ ଥିବା ସବୁ ଲୋକ ମୀରା କାନ୍ଦ ଶୁଣି ସେଠାରେ ଜମା ହେଉଥିଲେ । ଜଣେ ଲୋକ ପଚାରିବାରୁ ମୀରା କହିଲା -

ମୁଁ ଯେତେବେଳେ ଏ ସହରକୁ କାମ ପାଇଁ ଆସିଲି ଏ ଲୋକ ମୋ ସହିତ ଦେଖା ହେଲେ । ମୋତେ କାମ ଦେବେ ବୋଲି କହିଲେ । କହିଲେ ମୋ ସହ ଆସ ତୁମର ଇଣ୍ଟରଭିଉ ହେବ, ତାପରେ ତୁମେ କାମ ପାଇବ ।

Download Magazine from www.aahwaan.com

ତାପରେ ମୋତେ ଏଠିକୁ ଆଣିଲେ । ଆଉ ରୁମରେ ମୋ ସହିତ .........

କହି କାନ୍ଦିବାକୁ ଲାଗିଲା ମୀରା । ମୀରା କଥା ଶୁଣି ଉପସ୍ଥିତ ଥିବା ସବୁ ଲୋକ ମୀରା ସହ ଆସିଥିବା ସେଇ ଲୋକଟିକୁ ବାଡେଇ ପୋଲିସରେ ଦେଇଦେଲେ । ମୀରାକୁ ପ୍ରଧାନବାବୁ ଏ ଲଜିଂରେ ରିସେପ୍‌ସନିଷ୍ଟ ଭାବରେ ନିଯୁକ୍ତି ଦେଇଦେଲେ । କିଛି ଦିନ ମୀରା ଲଜିଂରେ କାମ କରିବା ପରେ ଥରେ ରୁନୁମାଡାମଙ୍କ ସହ ତାଙ୍କ ଘରକୁ ଗଲା । କିଛି ଦିନ ରହି ପୁଣି ଫେରି ଆସିଲା ଲଜିଂକୁ । ମୋହନ ସହ ମୀରାର ସବୁଦିନ ଦେଖାହୁଏ । ଦୁହେଁ ଭଲପାଇ ବସିଲେ ଦୁହିଙ୍କୁ । ମୋହନ ମୀରାକୁ ହିଁ ମନାକଲା ଏଠି ଚାକିରି କରିବାକୁ ।

ହଠାତ ଧଡ କରି କବାଟ ଖୋଲିବାର କିଛି ଶବ୍ଦ ହେଲା । ମୋହନ ସଙ୍ଗେ ସଙ୍ଗେ ଚାହିଁଲା ସିଡି ଆଡକୁ । ହେଲେ ସିଡିରେ କେହି ନଥିଲେ । ତଳେ ଥିବା ଗୋଟେ ରୁମ୍ରୁ କେହିଜଣେ ବାହାରୁଥିଲେ ।

ମୋହନର ମନେ ପଡି ଯାଉଥିଲା ସେ ରୁମ କଥା । ରୁମ ନମ୍ବର ୨୦୧ । ପାଞ୍ଚଦିନ ହେବ ପ୍ରଧାନବାବୁ ଆସିଥିଲେ । ରାତି ସାଢେ ଦଶଟାରେ ସେ ବାହାରିଲେ । ହାତରେ ସେଇ କଳା ସୁଟ୍-କେସ । ରୁମରୁ ବାହାରି ସେ ଚାଲିଯାଉଥିଲେ କଣ ଭାବିଲେ କେଜାଣି ଫେରିଲେ ମୋହନ ପାଖକୁ । ରିସେପସନ ଟେବୁଲ ଉପରେ ସୁଟ୍-କେସ ଓ ରୁମର ଚାବିକୁ ରଖିଲେ । ମୋହନ ସହ କିଛି ଲଜିଂ ବିଷୟରେ ଆଲୋଚନା କଲେ ।

ଏ ମାସର କେତେ ଇନ୍ କମ ଆଉ କେତେ ଭିଜିଟର ଆସିଛନ୍ତି ଆଲୋଚନା କରିବା ଭିତରେ ମୋହନର ନଜର ଯାଇଥିଲା ସେଇ ଚାବି

Download Magazine from www.aahwaan.com

ଉପରକୁ । ଲଜର ସବୁ ଚାବିରିଙ୍ଗ ଭଳି ସେଇ ଚାବିରିଙ୍ଗଟି । ହେଲେ ଏ କଣ ଚାବିରିଙ୍ଗରେ ଲାଗିଥିବା ଚାବିଟି ଭାଙ୍ଗିଯାଇଛି । ମୋହନ ସେ ଚାବି କଥା କିଛି କହିନଥିଲା । ପ୍ରଧାନବାବୁ ଚାଲିଯାଇଥିଲେ । ରାତି ହେବାରୁ ମକୁ ବି ଚାଲିଯାଇଥିଲା ତା ଘରକୁ । ରାତି ଦଶଟା ପଚାଶ ହେବ । ସବୁଦିନ ଏଗାରଟାରେ ଘରକୁ ଯାଏ ମୋହନ । ତା ଆଖି ଆଗରେ ସେଇ ଚାବିରିଙ୍ଗ କଥା ମନେ ପଡିଲା । ସେ ଭାବିଲା, ପ୍ରଧାନବାବୁ ରୁମ ବନ୍ଦ କରି ଆସିଲା ବେଳେ ଚାବିଟି ବୋଧହୁଏ ଭାଙ୍ଗିକି ରହିଯାଇଛି । ସେ ଯାଇ ପହଞ୍ଚିଲା ରୁମ ନମ୍ବର ୨୦୧ ଆଗରେ । ଚାବିଟି ଅଧା ଭାଙ୍ଗ କବାଟରେ ଥିବା ଲକ୍ ଭିତରେ ରହିଯାଇଛି । ମୋହନ ଫେରିଆସୁଥିଲା, ହେଲେ କଣ ଭାବିଲା କେଜାଣି ପୁଣି ଚାଲିଲା ସେଇ ରୁମ ପାଖକୁ । ସ୍କ୍ରୁଡାଇଭର ଆଉ କିଛି କଣ୍ଟା ଓ ଚୁମ୍ବକ ସାହାଯ୍ୟରେ ସେ ଖୋଲିବାକୁ ଲାଗିଲା । ବହୁ ଚେଷ୍ଟା ପରେ । ସେ ରୁମର ତାଲା ଖୋଲିଗଲା । ମୋହନ ଚାରିଆଡକୁ ଦେଖି ଧୀରେ ରୁମ ଖୋଲି ପଶିଗଲା ଭିତରକୁ ।

ରୁମ ଭିତରେ ଲାଇଟ ଲଗେଇ ଦେଖିଲା ଗୋଟେ ଖଟ ପଡିଛି । ମକୁ କହିଲା ଭଳି ରହିଛି ଗୋଟେ ଡ୍ରେସିଙ୍ଗ ଟେବୁଲ । ଖଟ ଉପରେ ବସି ପଡିଲା ମୋହନ । ହେଲେ ତାକୁ ଲାଗିଲା ଶେଯ ତଳେ କଣ କିଛି ରହିଛି । ଶେଯ ଟେକି ଦେଖି ଆଶ୍ଚର୍ଯ୍ୟ ହୋଇଗଲା ମୋହନ । ତା ଆଖି ବିଶ୍ୱାସ କରିପାରୁନଥିଲା । ଶେଯ ତଳେ ଥିଲା ଦୁଇହାଜର ଟଙ୍କାର ବିଡା ବିଡା ନୋଟ । ମୋହନ ଏତେ ଟଙ୍କା ଆଗରୁ କେବେ ଦେଖି ନଥିଲା । ଗଣିବାକୁ ଲାଗିଲା ହେଲେ କେତେ ଗଣିବ । କଣ କରିବ ସେ ଭାବିପରିଲା

Download Magazine from www.aahwaan.com

ନାହିଁ ଅନେକ ପ୍ରଶ୍ନ ତା ମନରେ ଉଙ୍କି ମାରିଲା । ଏତେ ଟଙ୍କା ପ୍ରଧାନବାବୁ କେଉଁଠୁ ଆଣିଲେ ? ହଠାତ୍ ତା ଆଖି ପଡିଲା ରୁମର ପୂର୍ବପଟ କଣ କାନ୍ଥକୁ । କାନ୍ଥରେ ଅର୍ଦ୍ଧ ନଗ୍ନ ଆଲୁଲାୟିତ୍ତ କେଶବତୀ କନ୍ୟାର ରୁଚିପୂର୍ଣ୍ଣ ଛବି । କାନ୍ଥ ପାଖକୁ ଯାଇ ଛବିକୁ ହାତ ମାରି ଦେଖିଲା ମୋହନ । ହାତର ସ୍ପର୍ଶରେ ସେ ଛବିଟି ତଳକୁ ଖସିପଡିଲା । ଆଶ୍ଚର୍ଯ୍ୟ, ଛବି ପଛପଟେ ଥିଲା ଏକ ଗୁପ୍ତ ଆଲମୀରା । ସେଇ ଛୋଟ ଛୋଟ ଥାକରେ, ଧଳା ଗୁଣ୍ଡଥିବା ଜରି ପ୍ୟାକେଟ ଗୁଡିକ ରଖା ହୋଇଥିଲା । ମୋହନ ସେସବୁକୁ ଦେଖିଲା କଣ ହୋଇପାରେ ଏସବୁ ? ମୋହନ ଭାବିଲା ଏଗୁଡାକ କଣ ଡ୍ରଗସ୍ ? ତାହେଲେ ଏ ଲଜିଂରେ ନିଶାଦ୍ରବ୍ୟର ଚୋରା ବ୍ୟବସାୟ ଚାଲିଛି ? ସେଥିପାଇଁ ପୁଲିସ ସବ ଇନିସିପେକ୍ଟର ମଧ୍ୟ ଆସୁଛି ? ଆଉ ଯେଉଁମାନେ ଏଠିକୁ ଆସୁଛନ୍ତି ସେମାନେ କଣ ସମସ୍ତେ ଏଥିରେ ସମ୍ପୃକ୍ତ ? ସେ କଣ କରିବ ଭାବି ପାରିଲାନାହିଁ । ରାତି ବାରଟା ବାଜିବ । ଶେଯ ତଳେ ଥିବା ଟଙ୍କା ବିଡା ଗୁଡିକୁ ଧରି ବାହାରିଲା ଘରକୁ । ଚାବିକୁ ଚୁମ୍ବକ ସାହାଯ୍ୟରେ କାଢି ସେ ଭୟଭୀତ ମନ ନେଇ ଘରକୁ ଫେରିଲା ।

ଘରେ ସବୁକଥା ଶୁଣି ମୀରା କହିଲା - ତୁମେ ଯେଉଁ ରୁନୁ ମାଡାମ କଥା କହୁନ କି, ମୁଁ ତାଙ୍କ ପାଖେ ଥିଲି । ସେତେବେଳେ ସେ ବ୍ରାଉନସୁଗାର ଆଉ ଗଞ୍ଜେଇ ଚୋରା ଚାଲଣ କରୁଥିଲେ ।

ଟଙ୍କା ବିଡାଗୁଡାକ ଦେଖେଇଲା ମୀରାକୁ । ଦୁହେଁ ଏତେ ଟଙ୍କା ଦେଖି ଖୁସିଥିଲେ ଯେତିକି ଭୟଭୀତ ହୋଇଥିଲେ ବି ସେତିକି ।

ମୋହନ - ମୀରା ! ମୁଁ ବୁଝିଗଲି ରୁନୁ ମାଡାମ ଡ୍ରଗସ ନେଇ

Download Magazine from www.aahwaan.com

ଆସୁଛନ୍ତି ଏବଂ ଟଙ୍କା ନେଇ ଯାଉଛନ୍ତି । ଶେଷରେ ମହେଶ ଆସୁଛି ବର୍ଷକରେ ରଖା ହୋଇଥିବା ଡ୍ରଗସ ନେଇ ଯାଉଛି ଆଉ ଟଙ୍କା ଦେଉଛି । ଏକଥା ପୁଲିସ ବି ଜାଣିଛି । କାରଣ ସେ ସବ-ଇନିସିପେକ୍ଟର ବି ଆସୁଛି ମଝିରେ ମଝିରେ ।

ମୀରା - ଦେଖ ସେ ପ୍ରଧାନବାବୁ ଭଲ ଲୋକ ନୁହନ୍ତି । ସେ ଯଦି ଜାଣେ ତାହେଲେ ସେ ତୁମକୁ ଛାଡିବନି । ତୁମେ କାଲିଠୁ ଆଉ ଲଜିଂକୁ ଯାଅନି । ଆମେ ଏ ସହର ଛାଡି ପଳେଇବା ।

ମୋହନ - ତମେ ଡରନା । କିଛି ହେବନି । ଅପେକ୍ଷା କର, ଦେଖ ମୁଁ କଣ କରୁଛି ।

ଦୁଇଦିନ ଭିତରେ ରୁନୁ ମାଡାମ ଆସିଲେ ଲଜିଂକୁ । ନିଜ ଚାବିରେ ରୁମକୁ ଖୋଲିଲେ । କଣ ହେଲା କେଜାଣି କିଛି ଘଣ୍ଟା ରହି ସେ ଚାଲିଗଲେ । ମୋହନ ଜାଣି ସାରିଥିଲା କି ଯେଉଁ ଟଙ୍କା ନେବା ପାଇଁ ରୁନୁ ମାଡାମ ଆସିଥିଲେ ସେ ଟଙ୍କା ଏବେ ମୋହନ ପାଖରେ । ଆଉ ଟଙ୍କା ନପାଇ ସେ ଫେରିଗଲେ ।

ଏ ଭିତରେ ମାସେ ହେଇଗଲାଣି । ଫୋନ ଆସିଲା ପ୍ରଧାନବାବୁଙ୍କର । ମୋହନ ଡରୁଥିଲା କାଳେ ସେ ଜାଣିଦେଲେ କି ? ହେଲେ ଦୃଢର ସହ ସାମ୍ନାକଲା ପ୍ରଧାନବାବୁଙ୍କ ଫୋନକୁ ।

ପ୍ରଧାନ ବାବୁ - ମୋହନ, ଆରେ ମୁଁ କାଲି ଆସୁଛି । ମୋ ରୁମର ଚାବିଟି ହଜିଯାଇଛି । ତୁ ଗୋଟେ ଚାବି ମିସ୍ତ୍ରୀକୁ କାଲି ଡ଼ାକିଥିବୁ । ମୁଁ ଗଲେ ମୋ ଆଗରେ ସେ ରୁମର ତାଲାକୁ ନେଇ ଆଉ ଗୋଟେ ଚାବି

Download Magazine from www.aahwaan.com

ତିଆରି କରିବ ।

ମୋହନ - ଠିକ ଅଛି ସାର ।

ମୋହନ ଭାବୁଥିଲା ଯେ ଟଙ୍କା ନପାଇ ରୁନୁ ମାଡାମ ଫୋନ କରିଥିବେ ନିଶ୍ଚୟ । ହେଲେ ପ୍ରଧାନବାବୁ ଭାବିଥିବେ ରୁନୁ ମାଡାମ ବି ମିଛ କହୁଛନ୍ତି । ଟଙ୍କା ନେଇ ସେ ତାଙ୍କ ପାଇ ନାହାନ୍ତି ବୋଲି କହିଥାଇପାରନ୍ତି ।

X X X

ଆଜି ସକାଳୁ ଆସିଛନ୍ତି ପ୍ରଧାନବାବୁ । ମିସ୍ତ୍ରୀ ଆସି ନୂଆ ଚାବି ତିଆରି କରିଯାଇଛି । ପ୍ରଧାନ ବାବୁ କେତେବେଳେ ସେ ରୁମରୁ ବାହାରିବେ ତାଙ୍କୁ ଚାହିଁ ରହିଛି ମୋହନ । ଏ ଭିତରେ ଦୁଇଥର ଫୋନ ଆସିଲାଣି ମୀରାର୍ । ସେ ବାରମ୍ବାର କହୁଛି "ପ୍ରଧାନବାବୁ ଭଲ ଲୋକ ନୁହେଁ ତୁମେ ପଳେଇ ଆସ । ସେ ତା ସ୍ୱାର୍ଥ ପାଇଁ କିଛି ବି କରିପାରେ ।"

ବାରମ୍ବାର ଶିଡିକୁ ଚାହୁଁଛି ମୋହନ । ହୃଦୟର ସ୍ପନ୍ଦନ ତା'ର ବଢିବଢି ଯାଉଛି । ଜୋରରେ ବାଜି ଉଠିଲା ଫୋନ । ଆଗ ସାର୍ଟ ପକେଟରେ ଥିବା ମୋବାଇଲଟା ଗରଜି ଉଠୁଥିଲା । ମୋହନ ମୋବାଇଲ ଦେଖେ ମୀରା ।

ମୋହନ - କଣ ପାଇଁ ତୁମେ ମୋତେ ବିରକ୍ତ କରୁଛ ? ବାରମ୍ବାର କହୁଛି ମୁଁ ଅପେକ୍ଷା କରିଛି । ଫୋନ ରଖ ।

ମୀରା - ଦେଖ ତୁମେ ଶୀଘ୍ର ଆସି ଏ ସହର ଷ୍ଟେସନ୍ ରେ ପହଞ୍ଚ । ମୁଁ ସବୁ ଜିନିଷ ନେଇ ଆସିଛି । ତୁମ ପାଇଁ ଟିକେଟ ମଧ୍ୟ କରିସାରିଲିଣି ।

Download Magazine from www.aahwaan.com

ହଁ ଶୁଣ, ଯଦି ତୁମେ ନ ଆସ ଟ୍ରେନ ଛାଡିଲେ ମୁଁ ଟ୍ରେନରେ ଚଢିଯିବି । ଆଉ ଟ୍ରେନରୁ ଡେଇଁ ଆତ୍ମହତ୍ୟା କରିବି ।

ମୋହନ କିଛି କହିବା ଆଗରୁ ଫୋନ ରଖି ସାରିଥିଲା ମୀରା । କଣ କରିବ ମୋହନ ।

କିଛି ସମୟ ପରେ ମୋହନ ପହଞ୍ଚିଲା ଷ୍ଟେସନରେ । ଟ୍ରେନ ଛାଡୁଥିଲା । ମୀରାକୁ ଦେଖିଲା ମୋହନ । ମୀରା ଚଢିଗଲା ଟ୍ରେନରେ । ମୋହନ ଦୌଡି ଦୌଡି ଚଢିଲା ଟ୍ରେନରେ । ଷ୍ଟେସନ୍ ପ୍ଲାଟଫର୍ମରୁ ଟ୍ରେନ ଆଗକୁ ମାଡି ଚାଲିଥିଲା ।

ମୋହନ - ଏସବୁ କଣ ମୀରା ? କଣ ପାଇଁ ତମର ଏତେ ଜିଦ ?

ମୀରା - ତୁମେ ସେଠି ରହିଥିଲେ ବିପଦରେ ପଡିଥାନ୍ତ । ପ୍ରଧାନବାବୁ ବଡ ଚାଲାକ । ତୁମେ ଡ୍ରଗସ ବ୍ୟାପାରରେ ସମ୍ପୃକ୍ତ ବୋଲି ପୋଲିସ ହାତରେ ଧରେଇ ଦେଇଥାନ୍ତା । ଚାବି ହଜିବା ତମେ ଏତେ ଟଙ୍କା ଆଣିବା ଏସବୁ ପ୍ଲାନ । ଆଉ ଅଧିକା ସମୟ ରହିଥିଲେ ପ୍ରଧାନବାବୁ ତୁମକୁ ଡ୍ରଗସ ସ୍ମଗଲିଙ୍ଗ କରୁଛ ବୋଲି ଧରେଇଥାନ୍ତା ପୋଲିସ ହାତରେ । କାରଣ ପୋଲିସ ବିଶେଷ ସୂତ୍ରରୁ ଜାଣିପାରିଥିଲା ସହରରେ ହେଉଥିବା ନିଶା ଦ୍ରବ୍ୟର ଚୋରା ଚାଲଣର ପେଣ୍ଠସ୍ଥଳ ହେଉଛି 'ମାନସ ଲଜିଂ' । ଆଉ ଆଜି ଲଜିଂ ରେଡ୍ କରିବାର ସମସ୍ତ ଯୋଜନା ପୋଲିସ କରିସାରିଥିଲା । ଭାଗ୍ୟ ଭଲ, ଭଗବାନ ଆମକୁ ସେଥିରୁ ରକ୍ଷା କରିଦେଲେ ।

ମୋହନ - ଆଚ୍ଛା । ମୀରା ମୁଁ ଯଦି ମାନିନିଏ ତୁମେ ଯାହା କହୁଛ ସତ କହୁଛ, ହେଲେ ତୁମେ ଏ ସବୁ ଜାଣିଲ କେମିତି ?

Download Magazine from www.aahwaan.com



ମୀରା - ଯେଉଁ ଦିନ ତୁମେ ରୁମ୍ ରୁ ଟଙ୍କା ନେଇଆସିଲ । ତାର କିଛି ଦିନ ପରେ ରୁନୁ ମାଡାମ ଟଙ୍କା ନପାଇ ଫେରିଗଲେ । ସେ ଫୋନକଲେ ପ୍ରଧାନବାବୁଙ୍କୁ । ପ୍ରଧାନବାବୁ କହିଥିଲେ କି, "ବ୍ୟସ୍ତ ହୁଅନ୍ତୁନି, ତୁମକୁ ଟଙ୍କା ମିଳିଯିବ । ହେଲେ ହଁ ତୁମେ ଆଉ ଏବେ ଲଜିଂକୁ ଆସିବନି ଯେତେବେଳ ଯାଏଁ ମୁଁ ନ କହିଛି ।" ରୁନୁ ମାଡାମ ଜାଣିବାକୁ ପାଇଥିଲେ ଯେ ସେମାନେ ତୁମକୁ ଧରେଇବା ପାଇଁ ଯୋଜନା କରିଛନ୍ତି । ଆଉ ସେ ମୋତେ ଫୋନ କରି ସବୁ କହିଥିଲେ ।

ମୋହନ - ହେଲେ ରୁନୁ ମାଡାମ ତୁମକୁ ଏକଥା କହିଲେ କାହିଁକି ?

ମୀରା - ମୁଁ ଯେତେବେଳେ ରୁନୁ ମାଡାମଙ୍କ ପାଖରେ ଥିଲି ସେତେବେଳେ ରୁନୁ ମାଡାମ ମୋତେ ତାଙ୍କ ସାନଭଉଣୀ ଭଳି ଦେଖୁଥିଲେ । ସଂସାରରେ ରୁନୁ ମାଡାମ ଏକା । ସ୍ନେହ ମମତାରୁ ବଞ୍ଚିତ ନାରୀଟିଏ ମୋର ସେବା ଶୁଶ୍ରୁଷାରେ ଅଭିଭୂତ ହୋଇ ପଡିଥିଲେ । ମୋତେ ମୋ ବାପା ମାଙ୍କଠାରୁ ମଧ୍ୟ ଅଧିକ ଭଲପାଉଥିଲେ । ତାଙ୍କ ଅନ୍ତର କଥା ମୋ ପାଖରେ ପ୍ରକାଶ କରିଦେଇଥିଲେ ନିଃସଙ୍କୋଚରେ । ସେ ଯେଉଁ ଡ୍ରଗସ ବ୍ୟାପାରର ଅମୁହାଁ ଅନ୍ଧଗଳିରେ ପଶିସାରିଛନ୍ତି, ସେଇଠୁ ପଛକୁ ଫେରିବାର ରାସ୍ତା ନାହିଁ । ଶହ ଶହ ନିରୀହ ଜୀବନର ମୃତ୍ୟୁର କାରଣ ହିଁ ସେ ବୋଲି ଭାବୁଥିଲେ । ତାଙ୍କ ଜୀବନର ଶେଷ ସ୍ଥାନ କାରାଗାର କିମ୍ବା ଶ୍ମଶାନ ବୋଲି ସେଦିନ କାନ୍ଦି କାନ୍ଦି ମୋତେ କହିଥିଲେ । ମୋତେ ମଧ୍ୟ ଶେଷରେ ଏଇଥିପାଇଁ ଦୂରେଇ ଦେଇଥିଲେ । ମୁଁ ତୁମକୁ ବିବାହ କରି ସୁଖରେ ରହିଲେ ସେ ଶାନ୍ତି ପାଇବେ ବୋଲି

Download Magazine from www.aahwaan.com

କହିଥିଲେ । ତାଙ୍କ ଜୀବନର ସବୁ କଥା ମୁଁ ଜାଣେ ।

ତମକୁ ଏ ନିଶାଦ୍ରବ୍ୟର ଚକ୍ରବ୍ୟୁହରେ ଫସେଇବାର ଯୋଜନାରେ ସେ ସଫଳ ହେଇ ଆସୁଥିଲା ବେଳେ ରୁନୁ ମାଡାମଙ୍କର ଗୋଟିଏ ଫୋନ ସବୁ ଓଲଟପାଲଟ କରିଦେଇଥିଲା । ତାଙ୍କର ମୋ ପାଇଁ ଅହେତୁକ ଭଲ ପାଇବାର ଏହା ଥିଲା ଚରମ ସୋପାନ ।

କହି କଇଁ କଇଁ କାନ୍ଦି ଉଠୁଥିଲା ମୀରା । ମୋହନ କୁଣ୍ଢେଇ ପକେଇଥିଲା ମୀରାକୁ । ଦୁହେଁ ଏ ସହର ସୀମାକୁ ଅତିକ୍ରମ କରିସାରିଥିଲେ । ଟ୍ରେନର ଗତି ବଢି ଚାଲିଥିଲା ଜୋରରେ ।

ରତନପୁର ଶାସନ, କୁହୁଡି ,
ଖୋର୍ଦ୍ଧା, ୭୫୨୦୨୭
ଭ୍ରାମ୍ୟଭାଷ - ୮୯୦୮୮୫୯୭୯୭ ,
ଇମେଲ - rkdash1996@gmail°com

ଆହ୍ୱାନ ଶତକ ସଂସ୍କରଣ

# ଗାଈର ଆତ୍ମକାହାଣୀ

ମୁଁ ଗୋଟିଏ ଗାଈ । ମୋ ନାଁ ବଉଳା । ହଁ, ନାଆଁରେ ବା କଣ ଅଛି ଯେ ! ଅନ୍ୟ ମାନଙ୍କ ଠାରୁ ପୃଥକ ଭାବେ ସହଜରେ ବାରି ହୋଇ ପାରିବି ବୋଲି ମୋ ଖାଉନ୍ଦ ମୋ' ନାଆଁ ବଉଳା ଦେଇଛି । ଯଦିଓ ମୋ ମାଆ କେବେ ମତେ ବଉଳା ଡାକିବାର ମୁଁ ଶୁଣିନି ।

ମୁଁ ନିତି ଦିନ ଜଙ୍ଗଲକୁ ନୁହେଁ; କଂକ୍ରିଟ ଜଙ୍ଗଲରେ ଏ ଗଳି ସେ ଗଳି ବୁଲେ । ଚରିବାକୁ ଦୁବ ଘାସଟିଏ ଏବେ ସାତ ସପନ । ଜରି, କାଗଜ ଯେଉଁଠାରୁ ଯାହା ଯେମିତି ମିଳେ ଉଦରସ୍ଥ କରିବା କଥା । କଦବା କେମିତି ବାହାଘର କି ଜନ୍ମ ଦିନର ବଳକା ଭୋଜି ଭାଗ୍ୟରେ ଥିଲେ । ଜଙ୍ଗଲରେ ବାଘ କି କେନ୍ଦୁଆ ଡର ଥିଲେ ସୁଦ୍ଧା ଘାସ ଦି କଳ ତ ମିଳୁଥିଲା ! ଏ କଂକ୍ରିଟ ଜଙ୍ଗଲରେ ଏ ଦୁଇ ଗୋଡ଼ିଆ ବାଘମାନେ ସେ ବାଘଠୁ କାହିଁ କେତେ ଭୟଙ୍କର ... !! ମୁଁ ରହୁଥିବା ଗୁହାଳ ଅବସ୍ଥା କଥା ନ କହିବା ଭଲ । ଖୋଲା ମେଲା ବାଉଁଶ ବତାର ତାଟିଟିଏ ନାଆଁକୁ ଖାଲି । ତୋରାଣି ହାଣ୍ଡି ସେମିତି ପୂର୍ବବତ ଥୁଆ ହେଇଛି । ଝୋଲା ମାରିବାକୁ ବି ପାଣି ଟୋପେ ରଖିବାକୁ ଖାଉନ୍ଦ ଉଚିତ ମଣେନି । ଶୁଖିଲା ଶୁଖିଲା ସେମିତ ଚାକୁଳେଇବାକୁ ପଡେ । ତୋରାଣି ମନ୍ଦେ ବା ଖାଉନ୍ଦ ଆଣିବ କେଉଁଠି ? ବିରିୟାନୀ ଚାଓମିନିର ଯୁଗ । କୁଣ୍ଡା ଚୋକଡର ବାସ୍ନା



ଅଶୋକ କୁମାର ସେଠୀ

Download Magazine from www.aahwaan.com


ଦୂର ଦୂର ଯାଏଁ ନିଷ୍ଫଳ ଆକଳନ ।

ଏମିତି ଦିନକର ଘଟଣା । ମୁଁ ଭୁଲବଶତଃ ଆଗ ଦୁଆରି ପନ୍ଦାରି ଘର ଶାଗ ପାଟାଳିରେ ମୋର ଖୋଜଟେ ପଡିଛି କି ନାହିଁ, ହାଁ.. ହାଁ.. ରଡି କରି ହାତରେ ପାଞ୍ଚହାତିଆ ଠେଙ୍ଗଣି ଧରି ଗୋଡ଼ାଇ ଆସିଲା । ସେ ଆସି ଖାଉନ୍ଦ ପାଖେ ଫେରାଦ କରିଛି । ଏମିତ ଓଲେଇ ଗାଇକୁ ସମ୍ଭାଳି ପାରୁନୁ ଯଦି କାଞ୍ଜିହାଉଦାରେ ଛାଡି ଦଉନୁ ! ବୋଧହୁଏ ଖାଉନ୍ଦର ସ୍ୱାଭିମାନକୁ ଖୁବ ଲାଗିଛି ନା କଣ ..!! ମାଛି ଅନ୍ଧାର ମୁହଁ ସଂଜରେ ମୁଁ ଗୁହାଳକୁ ଫେରୁଥାଏ । ଖାଉନ୍ଦ ମୋ' ଫେରିବା ବାଟକୁ ଅନେଇ ରହିଛି । ଗୁହାଳ ମୁହଁରୁ ଭାରି ଆଦରରେ ମୋ ବେକରେ ପଘାଟା ପକେଇ ଦାଣ୍ଡ ଦୁଆର ଖୁଣ୍ଟରେ ବାନ୍ଧି ମୋ ପିଠିରେ ଦୁଲ ଦୁଲ କରି ନିର୍ଘାତିଆ ପାହାର ପାଞ୍ଚଣରେ କଷି ଯାଉଥାଏ । ମୋ ଆଖିରୁ ଲୁହ ଟୋପେ ବାହାରିବାକୁ ଦେଲିନି । ମୋ କଅଁଳା ଛୁଆଟି ତଟସ୍ଥ ହୋଇ ଗୁହାଳ ଭିତରୁ ଆବାକାବା ହୋଇ ଚାହିଁ ରହିଥାଏ । ତା ଛଳ ଛଳ ଆଖି ମୋତେ ଯେତେ ଆଘାତ ଦେଲା ଏ ନିର୍ଦୟ ଖାଉନ୍ଦର ମାଡ଼ ତା' ଆଗେ କିଛି ନୁହଁ । ଖାଉନ୍ଦ ତାଗିତ କରିଦେଇ ଗଲା; ମୁଁ ତତେ ଏତେ କରି ଖାଇବାକୁ ଦଉଛି ତୋ ଗାଡ଼ ପୁରିଲାନି ଯେ ଯ୍ୟା ତା ବାଡ଼ିରେ ପଶୁଛୁ ? ପରୋକ୍ଷରେ ଆଗ ଦୁଆରଇ ପନ୍ଦାରିଆକୁ କଣ ଇଙ୍ଗିତ କରୁଥାଏ ଏ ସବୁ ମୁଁ ବୁଝି ପାରୁଥାଏ । ସେ ଦିନଠୁ ଓଲେଇ ବୋଲି ଉପାଧିଟିଏ ଯୋଡି ହୋଇଗଲା ମୋ ନାଆଁ ସହିତ ।

Download Magazine from www.aahwaan.com



ରାଗରେ ବଡ଼ ଡାଙ୍ଗିଆଟିଏ ଝୁଲେଇଦେଲା ମୋ ବେକରେ । ଢଣ ଢଣ ହୋଇ ଏ ଗୋଡ଼ ସେ ଗୋଡ଼ ହୋଇ ବାଜୁଥାଏ । ଦୌଡ଼ିବା ଦୂର କଥା ସହଜେ ଚାଲିବା ଭାରି କାଠିକର । ମୋ କଅଁଳିଆ ବାଛୁରୀ ପ୍ରତି ତା ଜମା ନିଘା ନାହିଁ । ମୁଁ ପୋଖତି ହେବାର ପାଞ୍ଚ ଦିନଠୁ ସେ କ୍ଷୀର ଦୁହିଁବା ଆରମ୍ଭ କରି ଦେଇଥାଏ । ମୋ କଅଁଳା ଛୁଆଟା ବେଳୁ ବେଳ ଦୁର୍ବଳ ହେବାକୁ ଲାଗୁଥିଲା ବେଳେ ଖାଉନ୍ଦର ଛୁଆମାନେ ମୋ କ୍ଷୀର ପିଇ ହୃଷ୍ଟପୃଷ୍ଟ । ନିକମା ଖାଉନ୍ଦ ମତେ ନଦେଲା ନାହିଁ ମୋ ଛୁଆକୁ ଦି ମୁଠା ଘାସ କି ତୋରାଣି ମୁନ୍ଦେ ତ ଦେଇ ପାରନ୍ତା .. ! ଏମିତି କି ମୋ ଠାରୁ ଦୁରେଇ ବାନ୍ଧି ରଖେ କାଳେ ସେ ସୁବୁ କ୍ଷୀର ପିଇ ଦେବ ! ଯଦିଓ ମୁକ୍ତ ଭାବରେ ଛାଡିଦିଏ କିଛି ମୁହୂର୍ତ୍ତ କ୍ଷୀର ଦୁଇଁବାର ଅବ୍ୟବହିତ ପୂର୍ବରୁ । ପୁଣି ଟାଣିନିଏ ଦୁଇ ଚାରି ଢ଼ୋକ ସେ ପିଇଥିବ କି ନାହିଁ .. ! ମୋ ଛାତି ଭିତରଟା କୋହରେ ରୁନ୍ଧି ହୋଇଯାଉଥିଲେ ସୁଦ୍ଧା ମୁଁ ନାଚାର । ତା'ପରେ ସେ ବଳାବଳି ଦୁଇଁ ଚାଲେ ଶେଷ କ୍ଷୀର ବୁନ୍ଦାକ ନ ବାହାରିବା ଯାଏଁ ।

କେଜାଣି କଣ ହୋଇଛି ମୋର ? କାଇଁ ମୋର ସେମିତି ରୋଗ ଫୋଗ ଥିଲା ଭଳି  ଲାଗୁନି.. ! ତେବେ ଏ ଇଂଜେକସନ କଣ ପାଇଁ ? ସେ ଇଂଜେକସନ ଯେତେ ଥର ଫୁଟିଛି ମୋ ଦେହ ମୁଣ୍ଡ କେମିତ ଝାଇଁ ମାରିଦେଉଥାଏ । ସେ ଇଂଜେକସନ ଦେବା ଉତ୍ତାରୁ କୁଆଡେ ଦୁଇ ଲିଟର ଜାଗାରେ ଚାରି କି ପାଞ୍ଚ ଲିଟର କ୍ଷୀର ଦେବାର କ୍ଷମତା ବଢି ଯାଏ .. ! !

ଦି ଚାରି ଥର ଗଫୁର ମିଆଁ  ଏଇ ବାଟ ଦେଇ ଯିବାର ମୁଁ

Download Magazine from www.aahwaan.com


ଦେଖିଲିଣି । ତା ଆଖି ସବୁଥର ମୋ ଉପରେ ହିଁ କିଛି ସମୟ ପାଇଁ ନିବିଦ୍ଧ ରହେ । ସବୁବେଳ କଣ ପାଇଁ କେଜାଣି ସୁଯୋଗଟିଏ ଉଣ୍ଡୁଥାଏ ଯେମିତି ।

ଢେର ଦିନ ହେବ ଆଉ ଗାଇଗୋଠ ଆଉ ଫିଟୁନି । ଗାଇ ଗୋଠ ଫିଟିଲେ ବା କଣ ହେବ ଯେ; କୋଠି ଚରିବୁ ? ? ବହୁଦିନ ତଳେ ମା ସହ ଗୋଠରେ ଯାଉଥିଲି । ବୁଦା ବୁଦା ପାହାଡ଼ ତଳେ ଛନଛନିଆ ଘାସ, ହରାଭରା ଲତା । ନାନା ଜାତିର ଗଛ ବୁଦା । ଏବେ ସେ ଜଙ୍ଗଲ ଖାଁ ଖାଁ ନିରୋଳା ଟାଙ୍ଗରା ମୁଣ୍ଡିଆଟିଏ । ପାହାଡ଼ ଉପର ଚେଞ୍ଚେରି ପଥର ଉପରେ କରଡାପତରି ହେଣ୍ଟାଳୁ ଥିବାର ଶୁଣିଛି । ମା ମତେ ଖାଲି କହୁଥାଏ, “ଡର କଣ ଯେ ମୁଁ ତୋ ପାଖେ ପାଖେ ଅଛି ନା.. ! ! ସେ ସେମିତି ହଣ୍ଟାଳୁଥାଉ କିଛି କରି ପାରିବନି ।” ମା ଆରପାରିକୁ ଚାଲିଯିବା ପରେ ମୁଁ ଖୁବ୍ ଏକୁଟିଆ ହୋଇଗଲି, ବହୁତ ଦିନ ଯାଏଁ ଝୁରିହେଲି । ତା ହମ୍ବାରଡି ଏବେ ବି ମୋ ମନରେ ଗୁଞ୍ଜରିତ । ଗାଁ ମୁଣ୍ଡ ଖୋଲା ପଡିଆରେ ତାକୁ ଫିଙ୍ଗି ଆସିଲେ ଖାଉନ୍ଦ ଆଉ ତାର କିଛି ବନ୍ଧୁ । ତା ଚାରିପାଖେ ଭଣ ଭଣ ଶାଗୁଣା ମାନଙ୍କ ଭିଡ଼ । ଝୁଣି ବିଦାରି ଖାଉଥିବାର ଦୃଶ୍ୟ ମୋ ଆଖି ଆଗେ ନାଚି ଉଠୁଛି । ଶୀତେଇ ଉଠୁଛି ସେ ଲୋମହର୍ଷଣ ଦୃଶ୍ୟ ମନେ ପଡିଗଲେ ।

ମୁଁ ଶୁଣିଥିଲି ମଣିଷ ମାନେ ମରିଗଲା ପରେ ଡାଆଣୀ କି ପିଶାଚ ହୋଇ ବୁଲନ୍ତି । ମୋ ମା ବି ଡାଆଣୀ କି ପିଶାଚ ହେଇଯାଇଥିବ ନିଶ୍ଚୟ... ! ମା ତୁ କୋଠି ଅଛୁ ଥରେ ଦେଖା ଦିଅନ୍ତନି ? ତଥାପି ସେମିତ

Download Magazine from www.aahwaan.com

ଏକ ମୁହୂର୍ତ୍ତକୁ ଚାହିଁ ରହିଥିବି ମୁଁ ..

ମୁଁ ଏବେ ଉତ୍ତରବୟସରେ ଉପନିତା । ମୁହଁ ସଂଜରେ ଗୁହାଳକୁ ଫେରୁଥିବାବେଳେ ନାଳରେ ଗୋଡ଼ ପଶିଯିବାରୁ ଆଗ ଡାହାଣ ଗୋଡ଼ଟି ଭାଙ୍ଗିଗଲା । ମୁଁ ଏବେ ନିଶ୍ଚଳ ପ୍ରାୟ । ଯଦିଓ ମୋ ଗୋଡରେ ବାଉଁଶ ବତାଦେଇ ଭିଡା ଯାଇଛି । ସେମିତି ଗୋଟିଏ ଜାଗାରେ ପଡିରହିଛି । ବୋଧହୁଏ ଆଉ ଉଠିପାରିବନି ଏ ଜୀବନରେ .. ! ଖାଉନ୍ଦ ପାଇଁ ମୁଁ ଏବେ ଅଲୋଡା । କଂସେଇଖାନାର ବିମର୍ଷ ଦୃଶ୍ୟ ମତେ ଜଳ ଜଳ ଦେଖା ଗଲାଣି । ଗଫୁର ମିଆଁର ଇପ୍ସିତ ଲାଳସାଟି ପୂରଣ ହେବାକୁ ଯାଉଛି ନିଶ୍ଚୟ ।  ଖାଉନ୍ଦ ଗଫୁର ମିଆଁ ହାତରେ ସଅଁପି ଦେବାକୁ ନିଷ୍ପତି ନେଇଛି ...

କଲ୍ୟାଣପୁର, ନୟାଗଡ

ଭ୍ରାମ୍ୟଭାଷ : ୯୮୬୧୦୬୦୧୫୨

Download Magazine from www.aahwaan.com

# ସୋହାଗ ସିନ୍ଦୂର

ବାହାଘର ଦିନ ପିନ୍ଧିଥିବା ବନାରସି ପାଟ ଖଣ୍ଡକୁ ଛାତିରେ ଜାବୁଡି ଧରିଥିଲା ସୁରୁଚି । ୬ବର୍ଷ ପରେ ଆଜି ଶାଢ଼ୀ ଖଣ୍ଡକୁ ଧରି ସେ ଖୁସି ହେବାର କାରଣ ବି ସ୍ୱପ୍ନ ଭଳି । ଏତେବର୍ଷ ପରେ ଦେବ୍ ଆଜି ତାକୁ ସମଗ୍ରତାରେ ଆପଣେଇଛନ୍ତି ।

ଦେବ୍ ଧନାଢ୍ୟ ପରିବାରର କନିଷ୍ଠ ସନ୍ତାନ । ଅର୍ଥ ପ୍ରାଚୁର୍ଯ୍ୟ ସାଙ୍ଗକୁ ଅଲିଅଳର ଅତିଶଯ୍ୟତା ଅଧିକାଂଶ ପିଲାଙ୍କୁ ଯାହା କରେ ସେ ବି ସେଇ ଦଶାରେ । ବାପାଙ୍କର ସମୟ ନଥାଏ ପୁଅ ସମ୍ପର୍କରେ ଅବଗତ ହେବାକୁ ଆଉ ମା ସବୁକିଛିକୁ ପିଲା ବୟସର ଚପଳାମି କହି ଅଣଦେଖା କରିଦିଅନ୍ତି । ଭଲ ପାଠ ପଢୁଥିଲେ ବି ଦେବ୍ ଙ୍କୁ ଭଲ ଲାଗେ ଗୀତ ଗାଇବା, ଚିତ୍ର ଆଙ୍କିବା, ଫୋଟୋଗ୍ରାଫି କରିବା । ହେଲେ ଏସବୁ ତାଙ୍କ ଷ୍ଟାଟସକୁ ଶୋଭା ଦିଏନି ବୋଲି ବାପାଙ୍କ ତାଗିଦ ପରେ ଏସବୁ ନିଜ ରୁମ ଭିତରେ ସୀମିତ ରଖୁଥିଲେ ସେ । ତେବେ କଲେଜ ଯିବା ପରେ ସାଙ୍ଗ ସହପାଠୀଙ୍କ ସହିତ ସଉକ ପୁରଣ କରିବା ସୁଯୋଗ ଜୁଟିଗଲା ତାଙ୍କୁ । ସାଙ୍ଗମାନେ ତାଙ୍କ ଗୀତାର ଆଉ ଗୀତ ଶୁଣନ୍ତି, ଝିଅ ମାନେ ଆଗ୍ରହରେ ପେଣ୍ଟିଂ ର ମଡେଲ ହୁଅନ୍ତି ଆଉ ପ୍ରତିଦାନରେ ଦେବ୍ ସେମାନଙ୍କ ମନୋରଞ୍ଜନ ବ୍ୟବସ୍ଥା କରନ୍ତି । କୋଉ ଜିନିଷ ମାଗଣା ମିଳେ ଯେ ।



ପ୍ରତିଭା ପ୍ରିୟଦର୍ଶିନୀ

Download Magazine from www.aahwaan.com



ଗୋଟାଏ ଶ୍ୱାସ ନ ଛାଡିଲେ ନିଶ୍ୱାସଟେ ନେଇ ହୁଏନି ପରା । ସଂସାର ଦବାନବାର ହିସାବରେ ଚାଲେ । ଆଉ ଦେବା ପାଇଁ ତାଙ୍କ ପାଖରେ ବାପାଙ୍କ ଅମାପ ଅର୍ଥ ଥିଲା । ତେଣୁ ସେ ଖୁସି ବିକୁଥିବା ଲୋକଙ୍କୁ ଖୋଜିଲେ । ଅଧିକାଂଶ ଙ୍କୁ ସାଙ୍ଗ ଭାବରେ ବାଛି ନେଲେ ।

ସବୁ ସାଙ୍ଗ କୃଷ୍ଣ ଅର୍ଜୁନଙ୍କ ତୁଲ୍ୟ ନୁହଁନ୍ତି, କେତେକ ଆପଣା ସ୍ୱାର୍ଥ ହାସଲ କରିବା ସହ ଅବାଟକୁ ଟାଣି ନିଅନ୍ତି । ବାପା ଯେବେ ବାଧ୍ୟ କରି ତାଙ୍କ ଟ୍ରଷ୍ଟ ପରିଚାଳିତ ବଡ଼ ମ୍ୟାନେଜମେଣ୍ଟ କଲେଜରେ ପଢେଇଲେ ସେତେବେଳକୁ ଦେବ୍ ଅନେକ କୁସଙ୍ଗ ଆବୋରି ସାରିଥାନ୍ତି । ସିଗାରେଟ ଠୁ ଆଗକୁ ବଢି ଡ୍ରଗ୍ସ ନେବା ଅଭ୍ୟାସ କରି ସାରିଥିଲେ । ବିଭିନ୍ନ ପ୍ରକାର ଝାମଲା ଏବେ ନିତିଦିନିଆ ଘଟଣା ହୋଇଥିଲା । ସାଙ୍ଗସାଥୀଙ୍କ ଠୁ ଦୂର କରି ବିଦେଶ ପଠାଗଲା କାଳେ ସୁଧୁରିଯିବେ ବୋଲି, ତା ବି ଫଳଶୁନ୍ୟ ।

ବିଦେଶରୁ ଫେରିବା ପରେ କାମରେ ମନନିବେଶ କଲେ ବଦଭ୍ୟାସ ଓ କୁସଙ୍ଗ ଛାଡ଼ିଦେବେ କାଳେ, ସେଇ ଆଶାରେ ତାଙ୍କୁ ନିଜର କିଛି କମ୍ପାନୀ ଦାୟିତ୍ୱ ଦିଆଗଲା । କୁଶଳ ଭାବେ ସେ ସବୁକୁ ସମ୍ଭାଳିଲେ ବି ନିଶାର ସର୍ବଗ୍ରାସୀ କବ୍‌ଜାରୁ ନିଜକୁ ମୁକୁଳାଇ ପାରୁନଥାନ୍ତି ସେ । ଅନ୍ୟ ପରିବାର ମାନଙ୍କ ଭଳି ବିବାହ ଦାୟିତ୍ୱ ବୋଧ କରାଇବାର ସର୍ବାପେକ୍ଷା ଫଳପ୍ରସୂ ବ୍ୟବସ୍ଥା ବୋଲି ବିଚାର କରି ଦେବ୍ ଙ୍କୁ ସୁରୁଚି ସହିତ ବିବାହ କରାଇ ଦିଆଗଲା ।

ସୁରୁଚି, ନିମ୍ନ ମଧ୍ୟବିତ୍ତ ପରିବାରର ଉଚ୍ଚ ଶିକ୍ଷିତା ସଂସ୍କାରି ଝିଅ ।

ଶାଶୁଙ୍କ ଦୃଢ଼ ବିଶ୍ୱାସ ଯେ ମଧ୍ୟବିତ୍ତ ପରିବାରର ଝିଅର ସଂସ୍କାର ଓ ଧୈର୍ଯ୍ୟ ହିଁ ତାଙ୍କ ପୁଅକୁ ଜୀବନ ସହିତ ପୁଣିଥରେ ଭେଟ କରେଇପାରିବ । ଏକଥା ଆରମ୍ଭରୁ ସେ ସୁରୁଚିକୁ କହିଥିଲେ । ସୁରୁଚି ବି ଖୁବ ଚେଷ୍ଟା କରେ । ହେଲେ ଚିରଦିନ ବାପା ମାଆଙ୍କ ସହିତ ନିଜକୁ ବନ୍ଦୀ ବୋଲି ଭାବିନେଇଥିବା ଦେବ ବିବାହକୁ ଶିକୁଳି ଏବଂ ସୁରୁଚିକୁ ସେ ଶିକୁଳିର ତାଲା ବୋଲି ଧରିନେଇଥିଲେ । ବିବାହ ପୂର୍ବରୁ ନିଜ ବିଷୟରେ ସବୁକିଛି ସତ ସତ ଜଣାଇଥିଲେ, ତଥାପି ଅର୍ଥଲୋଭୀ ପରିବାର ତାଙ୍କ ଝିଅକୁ ଛନ୍ଦିଦେଲେ ୟାଙ୍କ ବେକରେ । ଦେବ୍ କିନ୍ତୁ ଜାଣିନଥିଲେ, ସୁରୁଚିକୁ ବୋହୁ କରି ଆଣିବା ପାଇଁ ତାଙ୍କ ମା କେତେ ଅନୁନୟ କରିଥିଲେ ସୁରୁଚି ବାପାଙ୍କ ଆଗରେ । ଦିନେ ହେଲେ ସୁରୁଚିକୁ ଆଡ଼ ଆଖିରେ ଦେଖନ୍ତିନି ଦେବ୍ । ନିଶାଗ୍ରସ୍ତ ଥିବାବେଳେ ମନତଳ ବ୍ୟଥା ତକ ଖୋଲି କୁହନ୍ତି ତା ପାଖରେ । ସେଥିରୁ ଜାଣିଥିଲା ସୁରୁଚି ତାଙ୍କ ଭିତର ଖାଲିପଣ ଓ ଇଚ୍ଛାକୁ ଜଳାଞ୍ଜଳି ଦେବାର କ୍ଷୋଭ, ଯାହା ତାଙ୍କୁ ବିପଥରେ ନେଇଥିଲା । ନିଶାରେ ଥିବାବେଳେ ରାଗିଗଲେ ଯାହାତାହା ଫିଙ୍ଗନ୍ତି, କେବେ ଠେଲି ଦିଅନ୍ତି ତ କେବେ ଧକ୍କା ଦିଅନ୍ତି । ଅନେକ ଥର ଆଘାତ ଲାଗିଥିଲା ସୁରୁଚି କୁ । ବେଳେ ବେଳେ ଧୈର୍ଯ୍ୟ ଜବାବ ଦେଲେ ଭାବେ ଫେରିଯିବ ନିଜ ବାପା ମାଆ ଙ୍କ ପାଖକୁ । କିନ୍ତୁ ଶାଶୁ ଅଟକାଇ ଦିଅନ୍ତି । ପୁଣି ନିଶାରେ ନଥିବା ବେଳେ ଦେବ୍ ତାକୁ ସ୍ୱାମୀ ସୋହାଗ ନ ଦେଲେ ବି ଅସମ୍ମାନ କରନ୍ତିନି ।

Download Magazine from www.aahwaan.com

ଗୋଟେ ରାତି ସାଙ୍ଗ ସାଥୀଙ୍କ ସହ ପାର୍ଟି କରି ନିଶାରେ ଚୁର ହୋଇ ଫେରିଥାନ୍ତି ଦେବ୍ । ଡ୍ରାଇଭର ରୁମରେ ଛାଡ଼ିଦେଇ ଯିବା ପରେ ତାଙ୍କୁ ଶୁଆଇଦେବାର ପ୍ରସ୍ତୁତି କରୁଥାଏ ସୁରୁଚି । ଦେବ୍, କେତେକଣ ଗପୁଥାନ୍ତି । ତାଙ୍କ ମଥାକୁ ତକିଆରେ ଥୋଇଦେବା ବେଳେ ତାଙ୍କ ମୁହଁ ପାଖା ପାଖି ଥାଏ ସୁରୁଚିର ମୁହଁ । ମଦ ଗନ୍ଧରେ ନାକ ରୁନ୍ଧି ହେଉଥାଏ । ଏତିକିବେଳେ ଦେବ୍ ତାକୁ ଠେଲିଦେଲେ ଜୋର କରି ଆଉ ପାଟି କରୁଥିଲେ, "ଦୂର.....ଦୂର..... ଲେଡି..... ମୋର ଗୋଟେ ସ୍ତ୍ରୀ ଅଛି । ତୁମ ଦେହ ଦରକାର ନାହିଁ ମୋତେ । ମୋତେ କେବଳ ନିଶାରେ ବୁଡିବା ଦରକାର ।" ସେଇଦିନୁ କେମିତି ଗୋଟେ ଅଲଗା ପ୍ରତ୍ୟୟ ଆସିଥିଲା ସୁରୁଚି ମନରେ ସ୍ୱାମୀଙ୍କ ପାଇଁ । ନିଶା ଉତୁରି ଯିବା ପରେ ଦେବ୍ ସେମିତି ସବୁବେଳ ପରି ସ୍ୱାମୀ ହେବା ଦାୟରୁ ନିଜକୁ ଦୂରେଇ ରଖନ୍ତି ।

କେବେ ମୁହଁଖୋଲି କହି ପାରେନି ସିନା, ହେଲେ ଅନ୍ୟ ସବୁ ଝିଅଙ୍କ ଭଳି ତା ମନ ବି ସ୍ୱାମୀ ସୋହାଗିନୀ ହେବାର ସ୍ୱପ୍ନ ଦେଖେ, ସ୍ୱାମୀର ପୌରୁଷ ପାଖରେ ନିଜ ନାରୀତ୍ୱକୁ ସମର୍ପି ଦେବାକୁ ଇଚ୍ଛା ହୁଏ, ମନହୁଏ ଜହ୍ନରାତିରେ ତାଙ୍କ ଏକାନ୍ତ ଅନ୍ତରଙ୍ଗ ହୋଇ ବସି ଢ଼େର ଗପିବାକୁ, କିନ୍ତୁ ସେ ସବୁକୁ ଚାପିଦିଏ ମନତଳେ ।

ତେବେ ଚାପି ହୋଇଥିବା ଜିନିଷ ଗୁଡାକ କେବେ ସମୟ ଅସମୟ ବିଚାର ନକରି ଫୁଟିପଡ଼େ ଜ୍ୱାଳାମୁଖୀ ଭଳି । ସେମିତି କୌଣସି ଅପ୍ରିୟ ପରିସ୍ଥିତିକୁ ଏଡ଼ାଇବା ପାଇଁ ସହଜ ଉପାୟଟେ ବାଛିନେଲା ସୁରୁଚି ।

Download Magazine from www.aahwaan.com

ମନତଳ ସବୁ ଇଚ୍ଛା, ଆକାଂକ୍ଷା ଓ ପ୍ରୀତିମୟ ସ୍ୱପ୍ନ ଗୁଡାକୁ ଶବ୍ଦରେ ସଜେଇ ଲେଖେ ଅନେକ କବିତା ଓ କାହାଣୀ । ଅପୂର୍ଣ୍ଣ ଓରମାନ ମେଣ୍ଟିଯାଏ କଳ୍ପନା ଓ ଶବ୍ଦ ସଂସାରରେ । ପାଠକେ ପ୍ରସଂଶା କରନ୍ତି, ଈର୍ଷା ବି କରନ୍ତି ଏମିତି ସଫଳ ଦାମ୍ପତ୍ୟ ଓ ପ୍ରେମ ପରାକାଷ୍ଠା ଦେଖି । ଏପଟେ ସମାନ୍ତରାଳ ପଥେ ଏକକ ଭାବେ ବଞ୍ଚୁଥାନ୍ତି ନିଜ ଯୁଗ୍ମ ଜୀବନକୁ ଦେବ୍ ଓ ସୁରୁଚି ।

ତା ଜୀବନ ପ୍ରତି ଚିର ବିମୁଖ ଦେବ୍ କେମିତି କେଜାଣି ଥରେ ପଢ଼ିନେଲେ କିଛି କବିତା ଓ କେଇଟା ଗଳ୍ପ । ଆତ୍ମଦଂଶ ଅତିଷ୍ଠ କରୁଥିଲା ତାଙ୍କୁ । ସେ ଯାହା ନୁହନ୍ତି, ଯାହା କେବେ ଦେଇନାହାନ୍ତି ସେଗୁଡିକ ଗଳ୍ପ ଆଉ କବିତାରେ ଭୋଗି ବଞ୍ଚି ଚାଲିଛି ସୁରୁଚି ବିନା ପ୍ରତିବାଦରେ । ନିଜକୁ ମହାନ ବୋଲାଇବାର ରୀତିମତ ପ୍ରୟାସ କରୁଛି । ସାମ୍ନା ସାମ୍ନି ହେବାରେ ବର୍ଷିଗଲେ ସୁରୁଚି ଉପରେ, "କାହିଁକି ଲେଖୁଛ ଏ ଡାହା ମିଛ ଗୁଡାକ ? ନିଜକୁ ମହାନ, ମୋତେ ଅପାରଗ ଅବା ଦୋଷୀ ସାବ୍ୟସ୍ତ କରିବାକୁ କିମ୍ବା ପାଠକୀୟ ସହାନୁଭୂତି ସାଉଁଟି ବଡ଼ ଲେଖିକା ବୋଲାଇବା ଲୋଭରେ ମୋତେ ବ୍ୟବହାର କରୁଚ ତୁମେ ? ତୁମକୁ ଲଜ୍ଜା ଲାଗୁନି ଏମିତି ସର୍ବସାଧାରଣ ରେ ନିଜ ପ୍ରେମିକାର ଛବି ଦେଖେଇ ହେବାକୁ ?"

ସୁରୁଚି କିଛି କହିବା ଆଗରୁ ଏଇ ପ୍ରଥମ ଥର ତାକୁ ଦେଖୁଥିଲେ ଦେବ୍, ଅତୀବ ସୁନ୍ଦରୀ ନହେଲେ ବି ସୁନ୍ଦର ବୋଲି କୁହାଯିବ ସୁରୁଚିକୁ । ବାହାଘର ବେଳେ ଉଜ୍ଜ୍ୱଳ ମସୃଣ ଦିଶୁଥିବା ଦେହ ମୁହଁରେ ଏବେ ଅଜସ୍ର

Download Magazine from www.aahwaan.com

କଳା ଦାଗ, କଥାକୁହା ବଡ଼ ବଡ଼ ଆଖି ଚାରିପଟେ ଗାଢ଼ କଳା ଚମଡା ଯେମିତି ଦୁଇଟି କୃଷ୍ଣଗର୍ତ୍ତ । ଏ କଣ ସେଇ ସୁରୁଚି ଯାହାକୁ ସେ ବାହା ହୋଇଥିଲେ ୬ ବର୍ଷ ତଳେ !! ତାଙ୍କୁ ବୁଝେଇବା ପାଇଁ ଧରୁ ଧରୁ ତଳକୁ ଖସିଗଲା ସୁରୁଚି, ଗୋଡ଼କୁ ଜାବୁଡି ଧରି କହୁଥିଲା କାହିଁକି ସେ ଲେଖେ, କେମିତି ସେ ଶବ୍ଦ ଆଉ କଳ୍ପନାରେ ସମାଧି ଦିଏ ଆପଣାର ଛୋଟ ବଡ଼ ଦୁର୍ବାର ଇଚ୍ଛା ଓ ଅବସୋସ ମାନଙ୍କୁ । ଗୋଇଠା ମାରିବା ଭଳି ଗୋଡ଼ରେ ଠେଲିଦେଇ ନିଜକୁ ମୁକ୍ତ କରିନେଇ ନେଉ ଦେବ୍ କହିଲେ, "ତୁମର ଏ ଦେହମୁହଁ ଦେଖି ହେଉନି । ଚାଲିଯାଅ ମୋ ଠୁ ଦୂରକୁ ।"

ଏଇ ଗୋଡଟା ଆକ୍ସିଡେଣ୍ଟ ରେ ଭାଙ୍ଗିଥିଲା ପରା.... ସେଇଥିରେ କେତେ ଜୋର ଗୋଇଠା ମାରିଲ ଯେ !!! ଦେଖି ଦେଖି ପାଦ ତୁମର, ଆଉଁସି ଦିଏ । ମୋତେ ଏତେ କଟିଲା, ତୁମକୁ ବି ଖୁବ କାଟୁଥିବ ନିଶ୍ଚୟ । ମୋର ସିନା ଅଭ୍ୟାସ ଅଛି କଷ୍ଟ ସହିବାର, ହେଲେ ତୁମକୁ କଷ୍ଟରେ ଦେଖି ପାରିବିନି । ଆରେ ଦେଖୁଛ କ'ଣ ? ମୋ ଦେହର ଏ କଳାଦାଗ ଗୁଡାକ କଳଙ୍କ ଦାଗ ନୁହେଁ ମ । ଏଇଯେ ତୁମେ ଦୁରେଇ ଦେବାକୁ ଗୋଡ଼ରେ ଆଡେଇ ଦିଅ, ଛିଟିକି ପଡିବା ବେଳେ ଖଣ୍ଡିଆ ଖାବରା ହୋଇଯାଏ । ତୁମ ପାଦକୁ କେତେ କଷ୍ଟ ହେଇଥିବ ଭାବି ମୁଁ ସେ କ୍ଷତ ଗୁଡାକୁ ଅଣଦେଖା କରିଦିଏ । ସେଥିଲାଗି ଆପେ ଶୁଖିକି ଏମିତି କଦର୍ଯ୍ୟ ଦାଗ ହେଇଯାଇଛି ।

ଏତକ କହି କହି ଆତ୍ମ ଅଭିମାନ ରେ ବିପରିତ ଆଡେ ମୁହଁ ବୁଲେଇ ବସିଥିବା ଦେବ୍ ଙ୍କ ପାଦକୁ କୋଳରେ ରଖି ଆଉଁସି ଦେଉଥିଲା

Download Magazine from www.aahwaan.com

ସୁରୁଚି.....ଆଉ ଦେବ୍ ଙ୍କ ଭିତରେ କେତେ ଲେଉଟାଉ ଥାଏ 6 ବର୍ଷର ସୁପ୍ତ ସ୍ୱାମୀପଣ । ତାଙ୍କ ଭଳି ଗୋଟେ ନିଶାସକ୍ତ, ବେପରୁଆ ପୁରୁଷ କୁ ନେଇ ଏତେ ସ୍ୱପ୍ନ ଦେଖିବାର ସାହସ ଜୁଟେଇଥିବା ସୁରୁଚି ପାଖରେ ଆତ୍ମ ସମର୍ପଣ କରିବାକୁ ଇଚ୍ଛା ହେଲା । ମୋତେ କ୍ଷମା କରି ପାରିବ ଯଦି ବଡ଼ କୃତଜ୍ଞ ହେବି । ମୋ ହାତଧରି ତୁମ ଦୁନିଆ କୁ ନେଇ ଆସ ସୁରୁଚି, ତା ହାତକୁ ମୁଠେଇ ଧରି କହୁଥିଲେ ଦେବ୍ । ଆକଟ କରି ସୁରୁଚି କହିଲା,"ମୋର ନୁହେଁ, ଆମର ଦୁନିଆ ।" ଆଉ ମୋ ଚାରି ଦିନ ପରେ ଆମ ବିବାହ ବାର୍ଷିକୀ । ସେଇଦିନୁ ନୂଆ କରି ଆରମ୍ଭ କରିବା ଜୀବନ ।

ଆଜି ସେଇ ଶୁଭ ଦିନ । ଶାଢ଼ୀଟାକୁ ଆଉଁସି ହସୁଥାଏ ସୁରୁଚି । ଦେବ୍ ଡାକିଲେ ମନ୍ଦିର ଯିବା, ପ୍ରସ୍ତୁତ ହୁଏ । ଆସିଲେ ସ୍ୱପ୍ନ ଦେଖିବ ଆଉ ଦୁଇ ଚାରିଟା ଗପ କି କବିତା ଲେଖିବ । କହୁଣୀ ପାଖ ଦାଗ କୁ ଦେଖି ସୁରୁଚି ଭାବୁଥିଲା, ସବୁ ଦାଗ ଖରାପ ନୁହେଁ, କିଛି ଦାଗ ଅଚ୍ଛେ ହୋଇଥାନ୍ତି ହେଁ..... ଆଉ ଖୁସିରେ ସୀମନ୍ତରେ ଭରୁଥିଲା ସୋହାଗସିନ୍ଦୁର.....

ଲିଙ୍କ୍ ରୋଡ଼, କଟକ

Download Magazine from www.aahwaan.com

# ମୋ ଝିଅ ଗରିବ ନୁହେଁ

ଉଦଉଦିଆ ଖରା ବେଳଟାରେ ଘରକୁ ଫେରି ମୁଣ୍ଡରେ ହାତ ଦେଇ ଥକା ମାରି ବସି ପଡିଲେ ମିଶ୍ର ବାବୁ । ମୁହଁ ଶୁଖି କଳାକାଠ ପଡିଯାଇଥାଏ । ଧର୍ମ ପତ୍ନୀ ଲେମ୍ବୁ ସର୍ବତ ଗ୍ଲାସଟି ତାଙ୍କ ହାତକୁ ବଢ଼ାଇ ଦେଉ ଦେଉ ପଚାରିଲେ, "କଣ ହେଇଛି ? ଏତେ ବ୍ୟସ୍ତ ଜଣା ପଡୁଛ ଯେ, ମଧ୍ୟସ୍ଥି କଣ କହିଲେ ? ଆମ ସୋନି, ପୁଅକୁ ଏବଂ ତାଙ୍କ ଘର ଲୋକମାନଙ୍କୁ ପସନ୍ଦ ହେଇଛି ନା ? କିଛି କହୁନ ଯେ, କଣ ହେଇଛି ?"

ସର୍ବତ ଗ୍ଲାସଟି ତଳେ ଥୋଇ ଦେଇ ନୀରବତା ଭାଙ୍ଗିଲେ ମିଶ୍ର ବାବୁ । ଆମ ସୋନି ସେମାନଙ୍କର ପସନ୍ଦ ହେଇଛି । ହେଲେ ... ହେଲେ ! ହେଲେ, ପୁଣି କଣ ? ପୁଅର ମା କହୁଛନ୍ତି, "ଗୋଟାଏ ବୋଲି ତ ଝିଅ, ସେଥିରେ ପୁଣି ପାଠ ପଢି ଭଲ ଚାକିରିଟିଏ ମଧ୍ୟ କରିଛି । ତେଣୁ କାରଟେ ନଦେଲେ ଆଖିକୁ ସୁନ୍ଦର ଦିଶିବନି । ତା' ଛଡା ଲୋକ କ'ଣ କହିବେ ? ସାରା ଜୀବନ ପାଇଁ ବନ୍ଧୁ ବାନ୍ଧିବା ଯେତେବେଳେ, କଥାଟା କାଳ କାଳକୁ ରହିଯିବ, କୋଉ ନଅ ନା ଛ'ଟା ଯେ, ଗୋଟିଏ ବୋଲି ତ ଝିଅ ।"



ପଲ୍ଲବୀ ପୂଜାପଣ୍ଡା

ମିଶ୍ର ବାବୁଙ୍କ କଥା ସରୁ ସରୁ ଧର୍ମ ପତ୍ନୀ କହିଲେ, ଆମେ ତ ଝିଅର ସବୁ ସୁନା ଅଳଙ୍କାର, ବାସନ କୁସନଠୁ ଆରମ୍ଭ କରି ଫର୍ନିଚର,

ଇଲୋକ୍ଟ୍ରୋନିକ୍ସ ଜିନିଷ ତା' ଛଡା ଜ୍ୱାଇଁଙ୍କୁ ଦଶ ଚିନାର ସୁନାମୁଦି, ଦୁଇ ଭରିର ସୁନା ଚେନ ଆଉ ବ୍ରେସଲେଟ ବି ଦେଉଛେ । ତମେ ଏ କଥା ସେମାନଙ୍କୁ ଜଣେଇନ କି ? ହଁ କହିଲି, ହେଲେ ମଧ୍ୟସ୍ଥି ସଫା ସଫା କହିଦେଲେ, "ଏ ସବୁ ତ ଆଜିକାଲି ଅତି ସାଧାରଣ ଲୋକମାନେ ବି ଦେଉଛନ୍ତି । ସାହୁବାବୁଙ୍କ ଝିଅ ତ ସବୁ ଜିନିଷପତ୍ର ସହ ୨୫ ଲକ୍ଷ ଟଙ୍କାର ଇନୋଭା କାର ନେଇଛି, ଆଉ ପଣ୍ଡାବାବୁ, ଝିଅର ୫ଟା ନଣନ୍ଦଙ୍କ ପାଇଁ ପାଞ୍ଚ ପାଞ୍ଚଟା ନଣନ୍ଦ ପୁଟୁଳି ଦେଇଛନ୍ତି । ତା ତୁଳନାରେ ଏ କଣ ବେଶୀ ହୋଇଯାଉଛି । ଯାହାଦେବ ଆପଣଙ୍କ ଝିଅକୁ ଦେବ, ଆପଣଙ୍କ ଝିଅ ଖୁସିରେ ରହିଲେ, ଆପଣଙ୍କୁ ଖୁସି ଲାଗିବ, ଆଉ ଆମକୁ ମଧ୍ୟ । ନହେଲେ ଏତେ ଭଲ ଘର ଆଉ ରାଜକୁମାର ପରି ବର ହାତରୁ ଗଲା ବୋଲି ଜାଣ ।"

ତମେ ତ ସବୁ ଜାଣିଛ ସୁଭଦ୍ରା, ପିଲା ଦି'ଟାଙ୍କୁ ମଣିଷ କରିବାକୁ ଯାଇ ମୁଁ ମୋର ସବୁ ସମ୍ବଳ ଲଗେଇ ଦେଇଛି । ଏଇ ଯଜମାନ ଟଙ୍କା ଆଉ ଷ୍ଟଡି ଲୋନରେ ପିଲାଏ ପାଠ ପଢି ମଣିଷ ହୋଇଛନ୍ତି । ଆଉ ଏ ସ୍ୱଳ୍ପ ସଂଚିତ ଧନରେ ଝିଅ ବାହାଘର କରିଥାନ୍ତି । ହେଲେ ଏ ମହରଗ ଯୁଗରେ ପନିପରିବା ସଉଦା ପରି ବରର ଦାମ ଯେମିତି ହୁ ହୁ ହୋଇ ବଢିଚାଲିଛି, କନ୍ୟାଦାନ କରି ପୁଣ୍ୟାର୍ଜନ କରିବା ସ୍ୱପ୍ନଟା ଆମର ସ୍ୱପ୍ନ ହୋଇ ରହିଯିବନି ତ ? ସମାଜ ତ କେବଳ ବ୍ରାହ୍ମଣ ଜାତିଟା କୁଣ୍ଡା ବୋଲି କହି ତାଚ୍ଛଲ୍ୟ କରିବା ଜାଣିଛି । ହେଲେ ସେ କାହୁଁ ବୁଝିବ ଗରିବ

Download Magazine from www.aahwaan.com

ବ୍ରାହ୍ମଣର ଦୁଃଖ । ଜାତିଟା ସିନା ଉଚ୍ଚ, ହେଲେ ମୁଠାଏ ଦାନା ଆଉ ଖଣ୍ଡେ କନା ପାଇଁ ଏଠି କେତେ ଯେ ସଂଘର୍ଷ କରିବାକୁ ପଡେ । ପେଟ ପାଇଁ ବାହାରେ ଯାଇ ମୂଲ ଲାଗି ପାରିବନି କି ପର ଘରେ ଖଟି ଦୁଇ ପଇସା ରୋଜଗାର କରିହେବନି । ଏଇ ପୋଥି ବିଦ୍ୟା ଯାହା ସାହା ଭରସା । ସେଇଥିରେ ପେଟରେ ଓଦା କନା ଦେଇ ପୁଅକୁ ଇଞ୍ଜିନିଅରିଂ ଆଉ ଝିଅକୁ ଏମ.ଏ ପଢ଼େଇଛି । ଆମର ତ୍ୟାଗ, ଶିକ୍ଷା ଦୀକ୍ଷା, ସଂସ୍କାର, ସାମାନ୍ୟ ଚାରିଚକିଆ ଯାନଟା ଆଗରେ କଣ ମୂଲ୍ୟହୀନ ?

ଭାଙ୍ଗି ପଡିଥିବା ସ୍ୱାମୀଙ୍କୁ ସାନ୍ତ୍ୱନା ଦେବାକୁ ଯାଇ ଦୃଢ କଣ୍ଠରେ ସୁଭଦ୍ରା କହିଲେ, ଶୁଣ ! ତୁମେ ଏମିତି ଧୈର୍ଯ୍ୟ ହରାଅନି । ଆମେ ଗରିବ ହୋଇଥାଇ ପାରନ୍ତି ହେଲେ ଆମ ଝିଅ ତ ଗରିବ ନୁହେଁ । ପାଠ ପଢି ଚାକିରୀ କରିଛି, ସମାଜରେ ସମ୍ମାନର ସହ ବଞ୍ଚିବା ଶିଖିଛି । ଆଉ ତା ଛଡା, ଆମ ଆଶୀର୍ବାଦ ବି ତା ସହ ସଦା ସର୍ବଦା ରହିଛି ଏବଂ ରହିଥିବ ମଧ୍ୟ । ତମେ ଏମିତି ମନ ଉଣା କରନି, ତା ଭାଗ୍ୟରେ ଥିଲେ ସେ ନିଶ୍ଚୟ ଶଙ୍ଖା ସିନ୍ଦୁର ପିନ୍ଧିବ ।

ବାପା ବୋଉଙ୍କର ଏ କଥୋପକଥନକୁ କବାଟ କଣରେ ଛିଡା ହୋଇ ଚୁପଚାପ ଶୁଣୁଥିଲା ସୋନି । ବାପା ବୋଉ ତାକୁ ବୋଝ ବୋଲି ନଭାବି ଆଗକୁ ବଢିବାକୁ ସାହସ ଦେଇଛନ୍ତି । ଓଠରେ ଲୁଣିଆ ହସ ସହ କୃତଜ୍ଞତା ଦେଇ ସୋନି ଚାଲି ଆସିଲା ଅନ୍ୟ ଏକ କୋଠରୀକୁ ।

ତାଳଚେର, ଅନୁଗୁଳ, ଓଡ଼ିଶା

Download Magazine from www.aahwaan.com

# ତ୍ରାଣକର୍ତ୍ତା



ସୁଷମା ପରିଜା

ଖରାଦିନ, ସକାଳୁଆ ସ୍କୁଲ ଛୁଟି ହେଲାବେଳକୁ ଦିନ ଦଶଟା ବାଜି ତିରିଶ ମିନିଟ୍ । ପୁରୁଣା ଦଦରା ସାଇକେଲଟି ଧରି ଘରେ ପହଞ୍ଚିଲାବେଳକୁ ଦିନ ଏଗାରଟା ବାଜିଲାଣି । ଝାଳନାଳ ଆଣ୍ଠିଏ ହୋଇ କବାଟ ଖୋଲି ଘରେ ପଶିଲା ଶିଉଳୀ । ସାଇକେଲ୍ ଖଣ୍ଡିକ କାନ୍ଥକୁ ଡେରି ଦେଇ ଘର ଭିତରକୁ ପଶିଲା ବେଳକୁ ଦେଖିଲା ସାହିର ପାକେଇ ଆଈ ମା' ସାଙ୍ଗରେ ଖଟ ଉପରେ ବସି କ'ଣ ଦୁଃଖ ସୁଖ ହଉଛି, ମା'ର ମୁହଁରେ ଜହ୍ନିଫୁଲିଆ ହସଟାଏ ଦେଖି ଶିଉଳୀ ଜାଣିଗଲା କିଛି ଗୋଟାଏ ଭଲ କଥାବାର୍ତ୍ତା ଚାଲିଛି ନିଶ୍ଚୟ, ନହେଲେ ମା'ର ମୁହଁଟା ସବୁବେଳେ ଧାନ ଉଷୁଆଁ ହାଣ୍ଡି ଭଳିଆ ଗମ୍ଭୀର ଦିଶେ । ମା'କୁ ହସୁଥିବାର ଦେଖି, ଶିଉଳୀ ସାହସକରି ତା'କୁ ଖାଇବାକୁ ମାଗିଲା, ନଚେତ୍ ଅନ୍ୟ ଦିନମାନଙ୍କରେ ସେ ନିଜେ ଜାମା ପାଲଟି ରୋଷେଇ ଘରେ ହାଣ୍ଡି ଅଣ୍ଡାଳି ଥାଏ । ପଖାଳ ଗଣ୍ଡାଏ ଥିଲେ ଖାଏ ନଥିଲେ ପାଣି ପିଇ ଶୋଇଯାଏ । ମା' ମୁଣ୍ଡରେ ପିତ୍ତ ଚଢ଼ିଥିଲେ ତ ଆଉ ନିସ୍ତାର ନାହିଁ । ପିଠିରେ ଦି ଚାରିଟା ଥୋଇଦେବ ଆଉ ଚିଲ୍ଲେଇବ, "ସକାଳେ ପରା ଖାଇକି ଯାଇଥିଲୁ, ଏଇନା ଆସୁ ଆସୁ ଭୋକ ହଉଛି, କି ସର୍ବଗ୍ରାସୀ ଭୋକ ଲୋ ମାଆ, ବୋପା ଚାରି ଚାରିଟା ଝିଅ ଜନମ କରି ମୋ'ରି ଗଳାରେ ମାଡି ଦେଇଛି, ଦିନରାତି ଚବିଶ ଘଣ୍ଟା

ଖାଲି ଖାଇବା କଥା, ଖାଇବା ପିଇବା ଛଡା ଆଉ କିଛି ନାହିଁ ।” ଡରି ମରି କାକୁସ୍ଥ ହୋଇ ପାଣି ଟୋପାଏ ପିଇ ଶୋଇପଡେ ଶିଉଳୀ । ଆଜି କିନ୍ତୁ ମା' ସେମିତି କିଛି କହିଲାନି ବରଂ ତା'କୁ ପାଖକୁ ଟାଣି ନେଇ ତା'ର ମୁଣ୍ଡ ଆଉଁସି ଦେଲା । ପାକେଇ ଆଇକୁ କହିଲା, “ଜାଣିଲ ଖୁଡୀ ! ଶିଉଟି ମୋର ଭାରି ଗୁଣର । ଇସ୍କୁଲରୁ ଫେରି ମତେ ଘରକାମରେ ସାହାଯ୍ୟ କରେ, ସାନ ଭଉଣୀମାନଙ୍କର ଦାୟିତ୍ୱ ନିଏ, ମାଛିକୁ ମ' କହେନି କି କାହା ଘରଦ୍ୱାରକୁ ଯାଏନି । ପାକେଇ ଆଈର ପାନଖିଆ ଓଠରେ ହସ ଖେଳିଗଲା ହେଲେ ମା' ଆଖିରେ ଚକ୍ ଚକ୍ କରୁଥିବା ଦି'ଟୋପା ଲୁହ ଶିଉଳୀ ଆଖିରୁ ବାଦ୍ ପଡି ନଥିଲା ।

ଶିଉଳୀ ପରମାଣିକର ବାପା ବିକ୍ରମ ପରମାଣିକ କେବେଠାରୁ ତାଙ୍କ ପୈତୃକ ଗାଁ ମହାକାଳପଡ଼ାର ଜମ୍ବୁରେ ଥିବା ତା'ର ଜେଜେମା, ଜେଜେବାପାଙ୍କୁ ଛାଡି ଏଠି ଚାଉଳିଆଗଞ୍ଜ ନୀଳକଣ୍ଠ ନଗର ବସ୍ତିରେ ଆସି ରହୁଥିଲା ତା' ସେ ଜାଣି ନାହିଁ କିନ୍ତୁ ତା ମା'ର ବାପଘର ଲୋକ ଏଠି ତିନି ପୁରୁଷ ଧରି ରହି ଆସୁଛନ୍ତି ବୋଲି ସେ ଭଲ ଭାବରେ ଜାଣିଛି । ଏଇ ବସ୍ତିରେ ତା ମାଉସୀ ମାନେ ବାହାତୋଳା ହୋଇ ରହିଛନ୍ତି ସେମାନଙ୍କ ପରିବାର ସହିତ । ସେ ତା' ଆଇଠାରୁ ଶୁଣିଛି ଯେ ତା' ବାପା ଏଠି ଆସି ଜଣଙ୍କ ଘରେ ରହି ଦିନ ମଜୁରିଆ କାମ କରୁଥିଲା, ତା'ର ଡଉଲଡାଉଲ ଚେହେରା ଆଉ କର୍ମଠପଣ ଦେଖି ତା' ଅଜା ତାକୁ ଜ୍ୱାଇଁ କରିଥିଲେ । ନିଜ ପଇସାରେ ବସ୍ତିରେ ଘରଖଣ୍ଡିଏ କରି ଦେଇଥିଲେ

Download Magazine from www.aahwaan.com

ବାହାଘର ପରେ ତା଼ ମା଼ ବାପା ରହିବା ଲାଗି । ସେଇ ଦିନଠାରୁ ସେମାନେ ଏଇଠି ଅଛନ୍ତି । ଆଗରୁ ତା଼ ମା଼ ବଦନୀ ପରଘରେ କାମ କରୁ ନଥିଲା, ସଂସାର ବଢ଼ିଲାରୁ ଅଭାବ ବଢ଼ିଲା । ତା଼ ମା ଘରୁ ଗୋଡ଼ କାଢ଼ିଲା ପର ଘରେ ଝାଡୁ ପୋଛା କରି ଅଧିକ ଦି଼ପଇସା କମେଇବା ଲାଗି । ପୁଅକୁ ଆଶା କରି ଚାରି ଚାରିଟା ଝିଅର ମାଆ ହେଲା ବଦନୀ । ପଞ୍ଚମସନ୍ତାନ କାଳେ ପୁଣି ଝିଅ ହୋଇ ଯିବ ଭାବି ଗର୍ଭକଷ୍ଟ କରି ପରିବାର ନିୟୋଜନ କାର୍ଯ୍ୟକ୍ରମ ଯୋଜନାରେ ନିଜର ବନ୍ଧ୍ୟାକରଣ କରିଥିଲା ସେ । ଚାରୋଟିଯାକ ପିଲା ଏବେ ସ୍କୁଲ ଗଲେଣି । ସରକାରଙ୍କ ପକ୍ଷରୁ ବହିଖାତା, ସ୍କୁଲ ପୋଷାକ ସାଙ୍ଗକୁ ମଧ୍ୟାହ୍ନ ଭୋଜନ ମିଳୁଛି ସିନା, ବାକି ଯେଉଁ ଦୈନନ୍ଦିନ ଖର୍ଚ୍ଚ ହେଉଛି ତାକୁ ତୁଲାଇବା କାଠିକର ପାଠ ହେଉଛି ସେମାନଙ୍କ ପକ୍ଷରେ ।

ତା଼ ବାପା ଏବେବି ଦିନ ମଜୁରିଆ କାମ କରୁଛି, ଚାରି ଚାରିଟା ଝିଅ ହେବା ପରେ ବଦନୀର ବଳ ଭାଙ୍ଗି ଗଲାଣି । ସେ ଆଉ କାମକୁ ପାରୁନାହିଁ । ବଡ ଝିଅ ଶିଉଳୀ ଆସି ପନ୍ଦରବର୍ଷର ହେଲାଣି । ସେ ନବମ ଶ୍ରେଣୀରେ ପଢୁଛି । ତା଼ ତଳକୁ ମୋହିନୀ ତେର ବର୍ଷର । ସେ ପଢୁଛି ସପ୍ତମ ଶ୍ରେଣୀରେ, ତା଼ ତଳକୁ ଏଗାର ବର୍ଷର ସୋହିନୀ ଆଉ ଆଠବର୍ଷର ଶ୍ରାବଣୀ ପଢୁଛନ୍ତି ପଞ୍ଚମ ଆଉ ତୃତୀୟରେ । ଛଅ ପ୍ରାଣୀ କୁଟୁମ୍ବଙ୍କୁ ଚଳେଇବା କଷ୍ଟକର ହୋଇପଡୁଛି ବିକ୍ରମ ପକ୍ଷରେ । ସେଥିରେ ପୁଣି ନିଶା ଅମଳୀ କରିଛି । ଦିନସାରା ଖଟିଖଟି ଆସି ସଞ୍ଜରେ ଟୋପାଏ

Download Magazine from www.aahwaan.com

ନପିଇଲେ ନଚଳେ । ଗୋଡହାତ ଘୋଳାବିନ୍ଧା ହେଉଛି, ନିଦ ହେଉନି, ଏମିତି ଦୁନିଆଁ ରଙ୍ଗ ଦେଖାଏ ବିକ୍ରମ । ବଦନୀ ଆଉ ପ୍ରତିବାଦ କରେନାହିଁ । ମରଦଟା ଦିନସାରା ଖଟି ଖଟି ହାଲିଆ ହୋଇ ଫେରୁଛି, ଟୋପାଏ ପିଇ ଦେଲେ ହାଲୁକା ଲିଗୁଛି ତ ପିଉ, ଭାବି ଛାଡି ଦେଇଛି ତା' ବାଟରେ । ଝିଅମାନେ ଦିନକୁ ଦିନ ବଢୁଛନ୍ତି, କାଲି ସକାଳୁ ତାଙ୍କୁ ବାହାତୋଳା କରି ଥଇଥାନ କରିବାକୁ ହେବ, ସେକଥା ଭାବିଲା ବେଳକୁ ମୁଣ୍ଡ ଘୁରି ଯାଏ ବିକ୍ରମ ଆଉ ବଦନୀର । ଯାହା ତ ରୋଜଗାର ହେଉଛି ସେ ତାଙ୍କ ଖାଇବା ପିଇବା ଭଲମନ୍ଦ ରୋଗ ବୈରାଗରେ ଯାଉଛି ଆଉ ଅନ୍ୟ କଥାଚିନ୍ତା କରିବ କେମିତି ? ପୂଜାପରବରେ ନୂଆ ଲୁଗାପଟା ପିନ୍ଧିବାକୁ, ଭଲମନ୍ଦ ଟିକେ ଖାଇବାକୁ ପିଲାମାନଙ୍କର ଇଚ୍ଛା ହେଲେ ସେତକ ବି ଭଲରେ ଯୋଗାଇ ପାରେନାହିଁ ବିକ୍ରମ । ବଦନୀ ମନମାରି ରହେ । ବଡ ଝିଅ ଶିଉଳୀ ସ୍କୁଲରେ ଭଲ ପାଠ ପଢୁଛି ବୋଲି ତାଙ୍କର ସାର୍ କହୁଥିଲେ । ତାକୁ ଯଦି ଆଉ ଟିକିଏ ଟିଉସନ ଦିଆ ହୁଅନ୍ତା ସିଏ ମାଟ୍ରିକରେ ଫାଷ୍ଟ କିଲାସ ପାଆନ୍ତା ବୋଲି କହୁଥିଲେ । କିନ୍ତୁ କ'ଣ ବା କରି ପାରିବ ବଦନୀ । ଯେଉଁଠି ପେଟ କଥା ଠିକରେ ବୁଝିହେଉନି ସେଠି ପାଠକଥା କିଏ ବୁଝିବ ।

ଆଠଦିନ ହେଲାଣି ଜରରେ ପଡିଛି ବିକ୍ରମ । କାମକୁ ଯାଇ ପାରୁନି । ଔଷଧ ଦୋକାନୀକୁ ପଚାରି କ'ଣ ଔଷଧ ଆଣି ଖାଇଥିଲା ଯେ ସେଥିରେ ଜର କମୁନି । ଘରେ ସଉଦାପତ୍ର ସରିଲାଣି । ଟଙ୍କିକିଆ ଚାଉଳ

Download Magazine from www.aahwaan.com



ଗଣ୍ଡାକ ମିଳୁଛି ବୋଲି ମହତ ଅଛି, ବଦନୀ କାମ କରୁଥିବା ଘରର ମା'ମାନେ କିଛି ବାସି ତରକାରି କି ବଳକା ଭଜା ଟିକିଏ ଦେଇ ଥାଆନ୍ତି ସେଥିରେ ଚଳିଯାଏ ପିଲାମାନଙ୍କର । ବାପା ମାଆ ଦି ଜଣ ଖଟା ଟିକିଏ କି ପିଆଜ ଦିଖଣ୍ଡ ରେ ଚଳେଇ ନିଅନ୍ତି । ବିକ୍ରମର ଜର ବଢୁଥିଲା ଦିନକୁ ଦିନ, ବଦନୀ ତାକୁ ଡାକ୍ତର ପାଖକୁ ନେଲା । ଡାକ୍ତର ପରୀକ୍ଷା କରି କହିଲେ ତାକୁ ଟାଇଫଏଡ ହୋଇଛି । ଅନ୍ତନାଳୀ ଭିତରେ ଜର ରହୁଥିବାରୁ ସେ ଭଲ ହୋଇ ପାରୁନାହିଁ, ତାକୁ ଭଲ ହେବା ପାଇଁ କିଛି ଦିନ ଲାଗିବ । ଲମ୍ବା ଔଷଧର ଚିଠା ଟିଏ ସହିତ ଭଲ ଖାଦ୍ୟର ତାଲିକାଟିଏ ଧରାଇଦେଇ ବଦନୀକୁ କହିଲେ ଯାହା ଯାହା ଲେଖିଛି ସେଇ ଅନୁସାରେ କାମ କରିବ ନହେଲେ ରୋଗୀର ଜୀବନ ପ୍ରତି ବିପଦ ଅଛି । ବଦନୀ ମୁଣ୍ଡରେ ବଜ୍ର ପଡିଲା । କ'ଣ କେମିତି କରିବ ତାକୁ କିଛି ବୁଦ୍ଧି ବାଟ ଦେଖା ଗଲାନାହିଁ । ବିକ୍ରମକୁ ଘରେ ଛାଡିଗଲା ଭଉଣୀମାନଙ୍କ ପାଖକୁ, ତାଙ୍କୁ ଦେଖାକରି ସବୁ କଥା କହିଲା, ବିକ୍ରମର ଚିକିତ୍ସା ପାଇଁ କିଛି ପଇସା ଧାର ମାଗିଲା, ହେଲେ ସମସ୍ତଙ୍କ ଠାରୁ ନିରାଶ ହୋଇ ଫେରିଲା । ନିଜ ନିଜର ଅସୁବିଧା ଜଣାଇ ସମସ୍ତେ ତାକୁ ଖାଲି ହାତରେ ଫେରାଇ ଦେଲେ । ସେ କାମ କରୁଥିବା ଘରର ମାଲିକାଣୀ ମାନଙ୍କୁ ନିଜର ଦୁଃଖ ଜଣାଇ କିଛି ଟଙ୍କା ଅଗ୍ରୀମ ଆକାରରେ ଆଣିଲା ବଦନୀ । ହେଲେ ସେ କେତେ ଦିନ ? ବିକ୍ରମର ଔଷଧ, ପଥି ପାଂଣ ଆଉ ପିଲାମାନଙ୍କ ଖିଆପିଆରେ ଆଠ ଦିନରେ ପୁଣି ହାତ ପତେଇଲା

Download Magazine from www.aahwaan.com

ସେମାନଙ୍କ ଦୁଆରେ । ଏକେ ତ ବିକ୍ରମକୁ ଛାଡ଼ି ନିୟମିତ କାମକୁ ଯାଇ ପାରୁନଥିଲା ବଦନୀ ସେଥିରେ ପୁଣି ଆଗୁଆ ପଇସା ମାଗୁଥିଲା । ନାକ କାନ ଛିଞ୍ଚାଡି କିଏ କିଛି ଟଙ୍କା ଦେଲେ ତ ଆଉ କେହି ମୁହଁ ମୋଡି ଦେଲେ । କ'ଣ କରିବି କ'ଣ କରିବି ବୋଲି ଭାବି ଭାବି ଆସୁଥିବା ବେଳେ ବାଟରେ ଭେଟ ହୋଇଗଲା ପାକେଇ ମାଉସୀ ସାଥିରେ । ପାକେଇ ମାଉସୀ ତାଙ୍କ ବସ୍ତିର ଲୋକ । ବଡ ବଡ ବାବୁମାନଙ୍କ ଘରେ କାମ କରି କରି ତା'ର ଚିହ୍ନା ପରିଚୟ ବହୁତ ଲୋକଙ୍କ ସାଙ୍ଗରେ । ବସ୍ତିରେ କାହାର କାମକାର୍ଯ୍ୟ ପଡିଲେ ଆଗ ଯାଇ ଛିଡାହୁଏ । ସେଥିଲାଗି ବସ୍ତିରେ ତାର ଭାରି ଆଦର । ଆଜି ଏମିତି ଦୁର୍ଦ୍ଦିନରେ ତା'ର ଦେଖା ପାଇ ତାକୁ ହାତ ଧରି ନିଜ ଘରକୁ ନେଇ ଆସିଥିଲା ବଦନୀ । ବିକ୍ରମର ଅସୁସ୍ଥତା ଆଉ ନିଜର ଅସହାୟତା ବିଷୟରେ କାନ୍ଦି କାନ୍ଦି ସବୁ କଥା କହିଥିଲା । ତା'ର ଦୁଃଖ କଥା ଶୁଣି କାନ୍ଦି ପକାଇଥିଲା ପାକେଇ ମାଉସୀ । ଅଣ୍ଟାରୁ କାଢି ପାଆଁଶ ଟଙ୍କିଆ ନୋଟ୍ ଖଣ୍ଡିଏ ଧରେଇ ଦେଇଥିଲା ତା'କୁ । ସାନ୍ତ୍ୱନା ଦେଇ କହିଥିଲା, "ମାଆଲୋ, ତୋ ମାଆ ନଥିଲେ କ'ଣ ହେଲା, ଏ ପାକେଇ ମାଉସୀ ଥିଲା ଯାଏ ତୋର କିଛି ଅସୁବିଧା ହେବନି, ତୁ ଆଗ ଯା' ଏ ପଇସା ନେଇ ବିକ୍ରମର ଚିକିତ୍ସା କର, ତୋ ପିଲାମାନଙ୍କୁ ଖାଇବାକୁ ଦେ, ତା 'ପରେ କ' ଣ କରିବା ଦେଖିବା । ମୁଁ ଥିବା ଯାଏ ତୋର କିଛି ବି ଦରକାର ପଡିଲେ ମତେ କହିବୁ ।" ବଦନୀକୁ ଲାଗୁଥିଲା ସାକ୍ଷାତ ଦେବୀଟିଏ ଉଭା ହୋଇଛନ୍ତି ତା' ଆଗରେ । ମାଉସୀର ପାଦଧୂଳି

Download Magazine from www.aahwaan.com

ନେଇ ମୁଣ୍ଡରେ ମାରିଲା ବଦନୀ । ମାଉସୀ ଫେରି ଗଲା ତା' ଘରକୁ ।

ଚାରିଦିନ ପରେ ପୁଣି ଥରେ ଆସିଥିଲା ପାକେଇ ମାଉସୀ । ଏଥରକ ତା ପିଲାମାନଙ୍କ ପାଇଁ ବରା ପିଆଜି, ବିକ୍ରମ ପାଇଁ ଫଳମୂଳ ଧରି ଆସିଥିଲା । ନାହିଁ ନାହିଁ କରୁ କରୁ ବଦନୀ ହାତରେ ପାଆଁଶ ଟଙ୍କା ଗୁଞ୍ଜି ଦେଇ ଯାଇଥିଲା । ଶିଉଳୀକୁ ପାଖରେ ବସାଇ କେତେ କଥା ବୁଝେଇ ଥିଲା । କହିଥିଲା, "ଆଲୋ ନାତୁଣୀ ! ଖାଲି ପାଠ ପଢିଲେ କ'ଣ ହେବ ? ଘରେ କାମଦାମରେ ମା'କୁ ଟିକେ ସାହାଯ୍ୟ କର, ତୋ ବାପାଟା ବେମାର ପଡିଲା ଦିନଠୁ ସେ କେତେ ହଇରାଣ ହରକତ ହୋଇ ତମ ମାନଙ୍କୁ ଚଳଉଛି ସେ କଥା ବୁଝ, ଆଜି ଯଦି ତୋ ବାପାର କିଛି ଭଲମନ୍ଦ ହୋଇଯାଏ, ତେବେ ତମେ ସବୁ କେମିତି ଚଳିବ ସେକଥା ଟିକେ ମନରେ ଭାବ । ଆଉ ତୁ ଝିଅ ପିଲାଟା, ଟିକିଏ ନିଜ ଚେହେରାର ଧ୍ୟାନ ରଖୁନୁ, ଏମିତି ଭୁତୁଣୀ ଭଳିଆ ବୁଲୁଛୁ କାହିଁକି ?" ସେଦିନ ନିଜ ହାତରେ ତେଲ ଲଗାଇ ମୁଣ୍ଡ କୁଣ୍ଡାଇ, ମୁହଁରେ ପାଉଡର ବୋଳି କଳା ଟିପାଟିଏ କପାଳରେ ଲଗାଇ ଦେଉ ଦେଉ କହିଥିଲା ମୋ ସୁନ୍ଦରୀ ନାତୁଣୀକୁ କାହାର ନଜର ନଲାଗୁ । କୃତଜ୍ଞତାରେ ମୁଣ୍ଡ ନୂଆଁଇ ଥିଲା ଶିଉଳୀ । ମା' କହିଥିଲା ଦେଖଲୁ ପାକେଇ ଆଈ ତତେ କେତେ ଭଲପାଏ, ଆମ ପରିବାର ପାଇଁ କେତେ ଦରଦ ତା'ର । ବାପାଙ୍କ ଦେହ ଭଲ ହେଉ ନଥିଲା, ପାକେଇ ଆଈର ଯିବା ଆସିବା ଲାଗି ରହୁଥିଲା ଶିଉଳୀର ଘରକୁ ।

Download Magazine from www.aahwaan.com

ସେଦିନ ସ୍କୁଲରୁ ଫେରି ମା'କୁ ପାକେଇ ଆଇ ସହିତ ଖୁସିଗପ କରୁଥିବା ଦେଖି ଆଚମ୍ବିତ ହେଲା ନାହିଁ ଶିଉଳୀ । ଭାବିଲା ବାପା ଘରେ ପଡିଲା ଦିନଠୁ ମା' ଟା ଚିଡ୍ ଚିଡା ଧରି ଯାଇଥିଲା ଏବେ ପରିସ୍ଥିତି ଟିକିଏ ସୁଧୁରିବାରୁ ଖୁସି ହେଉଛି ତ ହେଉ । ବିଚାରୀ ମା' ପ୍ରତି ଦୟା ଆସୁଥିଲା ତା'ର । ଜୀବନ ସାରା ଖଟି ଖଟି ସୁଦ୍ଧା ସୁଖ ଟିକେ ପାଇଲା ନାହିଁ । ସେ ଭଲ ପାଠ ପଢି ଭଲ ମଣିଷଟିଏ ହେବ । ବଡ ଚାକିରୀ କରିବ , ମା' କୁ ଆଉ ପରଘରେ କାମ କରିବାକୁ ଦେବ ନାହିଁ । ଭଉଣୀ ମାନଙ୍କୁ ପାଠଶାଠ ପଢେଇ ମଣିଷ ପରି ମଣିଷ କରିବ । ବାପା ମା ' ଙ୍କର ଦାୟିତ୍ୱ ନେବ । ଦୁନିଆଁ କୁ ଦେଖାଇଦେବ ଯେ ଝିଅ ବି ପୁଅର କାମ କରିପାରେ । ଝିଅ ଟିଏ ପୁଅ ଠାରୁ କୌଣସି ଗୁଣରେ କମ୍ ନୁହେଁ । ଏମିତି ସବୁ ଭାବନାରେ ବୁଡି ରହି ସେ ଘର ବାହାରକୁ ଆସିଲା ବେଳକୁ ଦେଖିଲା ଅଗଣାରେ ମା' ପାକେଇ ଆଇକୁ କହୁଛି, "ତମେ ସବୁ ଯୋଗାଡ କର । ସେଠାରେ ପହଞ୍ଚିବା ଦାୟିତ୍ୱ ମୋର ।" ଶିଉଳୀ ଭାବିଲା ବୋଧହୁଏ ମା' ବାପାଙ୍କୁ କୌଣସି ବଡ ଡାକ୍ତରଙ୍କ ପାଖକୁ ନେବାକୁ କହୁଛି । ଅନେକ ଦିନ ଧରି ଔଷଧ ଖାଇବା ପରେ ମଧ୍ୟ ବାପାଙ୍କର ଦେହ ଭଲ ହେଉ ନଥାଏ ତ ସେଥି ପାଇଁ । ପାକେଇ ଆଇ ଘରୁ ବାହାରିଗଲା ପରେ ମା' ଡାକିଲା ଶିଉଳୀକୁ । ଘର ଭିତରେ ପଶି କବାଟଟା କିଳିଦେଇ ତା'କୁ ଖଟ ଉପରେ ବସେଇଲା ନିଜ ପାଖରେ । ମୁଣ୍ଡ ଆଉଁସି ଆଉଜାଇ ଆଣିଲା ତା'କୋଳକୁ ।

Download Magazine from www.aahwaan.com
ଆହ୍ୱାନ ଶତକ ସଂସ୍କରଣ

ଧିର ଗଳାରେ କହିଲା, "ମାଆଲୋ ! ତତେ ଗୋଟିଏ କଥା କହିବି, ତୁ ମାନିବୁ ତ ? ମୁଁ ଜାଣିଛି ତୁ ମୋର ସୁନା ଝିଅ, ପିଲାଟି ଦିନରୁ ଆଜି ଯାଏ ମୋର କୌଣସି କଥାକୁ ଟାଳି ଦେଇ ନାହୁଁ, ମୁଁ ଯାହା ଯେତେବେଳେ କହିଛି ତୁ ମାନିଛୁ, ସେଇ ଭରସାରେ ଆଜି ମୁଁ ତତେ କହୁଛି । ମୁଁ ତୋର ବାହାଘର ଠିକ୍ କରିଦେଇଛି । ବରଟି ଥିଲାବାଲା ଘରର । ଖାଇବା, ପିନ୍ଧିବା କୌଣସି ଥିରେ ଅଭାବ ନାହିଁ, ତୁ ସେଠି ରାଣୀ ହୋଇ ରହିବୁ । ଏଠି ତୋର କି ସୁଖ ଅଛି ? ନା ମୁଁ ତତେ ଭଲରେ ଗଣ୍ଡାଏ ଖାଇବାକୁ ଦେଇପାରୁଛି ନା ଭଲ ଖଣ୍ଡିଏ ପିନ୍ଧିବାକୁ । ସରକାରୀ ସ୍କୁଲ ବୋଲି ପାଠ ପଢୁଛୁ ମାଗଣାରେ, ଟିଉସନଟିଏ ଦେବାକୁ ସକ୍ଷମ ହୋଇ ପାରୁନୁ ଆମେ, ଏଥିରେ କି ପାଠ ପଢିବୁ ତୁ ? ପୁଣି ସେଥିରେ ତୋ ପଛକୁ ତିନି ତିନିଟା ଭଉଣୀ, ସେମାନେ କେମିତି ଖାଇପିଇ ଜିଇଁ ରହିବେ ସେ ଚିନ୍ତା ମତେ ଘାରୁଛି । ତୋ ବାପା କଥା ତ ଦେଖୁଛୁ, ଏତେ ଔଷଧ ପତ୍ର ଖାଇଲେଣି ଭଲ ହେଉନାହାଁନ୍ତି । ବଡ ଡାକ୍ତରଙ୍କ ପାଖକୁ ନେବାକୁ ବଡ ପଇସା ଦରକାର, କୋଉଠୁ ପାଇବି ? ପାକେଇ ଆଈ ସେ ପ୍ରସ୍ତାବଟି ଦେଖିଛି, ବରପାତ୍ରଟି ଖୁବ୍ ଭଲ, ଗାଁରେ ତେଜରାତି ଦୋକାନଟିଏ ଦେଇଛି, ଘରେ ଜମି ବାଡି କିଛି ଅଛି, ସେଥିରେ ପୁଣି ତତେ ବାହା ହେଲେ ସେ ଆମ ମାନଙ୍କର ଦାୟିତ୍ୱ ବି ନେବ ବୋଲି କହୁଛି, ଯା' ଠାରୁ ବଡ କଥା ଆଉ କ'ଣ ହୋଇପାରେ ? ଆସନ୍ତା କାଲି ବନଦୁର୍ଗା ମନ୍ଦିରରେ ତୋର ବାହାଘର । ସବୁ ବ୍ୟବସ୍ଥା ବର ତରଫରୁ ପାକେଇ ମାଉସୀ କରିଛି,

Download Magazine from www.aahwaan.com

ଆମେ ଖାଲି ଯାଇ ସେଠି ପହଞ୍ଚିବା ପରେ ସବୁ ହେବ । ମା'ର କଥା ସବୁ ମନ ଧ୍ୟାନ ଦେଇ ଶୁଣୁଥିଲା ଶିଉଳୀ । ତା'କୁ ଲାଗୁଥିଲା ଯେମିତି ସେ ପଥରର ମୂର୍ତ୍ତି ଟିଏ ହୋଇ ଯାଇଛି, ତା'ର ପାଦ ଦୁଇଟି ଭୂମି ଉପରେ ଇଟା ସିମେଣ୍ଟ ଦେଇ କିଏ ପ୍ଲାଷ୍ଟର କରି ଦେଇଛି, ତା' ଦେହ ଥରି ଯାଉଥିଲା, କାନମୁଣ୍ଡା ଝାଇଁ ମାରି ଯାଉଥିଲା, ତଣ୍ଟି ଶୁଖି ଅଠା ଅଠା ହୋଇ ଯାଉଥିଲା । ସେ କିନ୍ତୁ କିଛି କହିପାରିଲାନି, ଚୁପ୍ ଚାପ୍ ହୋଇ ମୁଣ୍ଡ ତଳକୁ ପୋତି ବାହାରି ଆସିଲା ସେ ଘରୁ ।

ଦିନ ସାରା କାନ୍ଦି କାନ୍ଦି ତା'ର ଆଖି ଦୁଇଟା ନାଲି ପଡି ଯାଇଥିଲା । କେତେ ସ୍ୱପ୍ନ ସେ ଦେଖିଥିଲା ତା' ଭବିଷ୍ୟତକୁ ନେଇ, ସବୁ ଯେମିତି ଗୋଟିଏ ଝଡରେ ଧୂଳିସାତ୍ ହୋଇଗଲା । କ'ଣ ହେବ ତା' ଜୀବନ ? ପନ୍ଦର ବର୍ଷର ଝିଅ ସିଏ, ସମ୍ଭାଳି ପାରିବ ତ ସଂସାରର ବୋଝ ? ? ନା ବଳି ପଡିଯିବ ତାଙ୍କ ଅଭାବୀ ସଂସାରର ନିଅଣ୍ଟିଆ ଯୁଇରେ ? ? ? କିଛି ଭାବି ପାରୁନଥିଲା ସେ । କେତେ ଭଲ ପାଏ ସେ୍ ପାଠ ପଢିବାକୁ । କ୍ଲାସ୍ ରେ ଦିଆଯାଇଥିବା ପାଠ ସବୁ ନିଜେ ନିଜେ କରିବାକୁ ରାତି ରାତି ଅନିଦ୍ରା ରହି ଥାଏ ।

କାଲିଠାରୁ ଆଉ ସେ ସ୍କୁଲ ଯିବନାହିଁ । ଶେଷଥର ଲାଗି ବହିଖାତା ଗୁଡିକ ଉପରେ ସ୍ନେହରେ ହାତ ବୁଲାଇ ଆଣିଲା ଶିଉଳୀ । କାଲିଠାରୁ ସେମାନଙ୍କ ସହିତ ତା'ର ସମ୍ପର୍କ ଛିନ୍ନ ହୋଇଯିବ ସବୁଦିନ ପାଇଁ ।

ହଠାତ୍ ବହିଥାକରେ ଥୁଆ ହୋଇଥିବା କଲମଟି ଉପରେ ଦୃଷ୍ଟି

Download Magazine from www.aahwaan.com

ଅଟକିଗଲା ତା'ର । ଆରେ ଏଇଟା ତ ତାର ପ୍ରିୟ ସାଙ୍ଗ ନିଳିମାର କଲମ । କାଲି ତ ସେ ସ୍କୁଲ ଯିବନାହିଁ, ନିଳିମାକୁ ତା'ର କଲମଟି ଫେରାଇବ କେମିତି ? ଶିଉଳୀ ଆଖିରୁ ଧାରେ ଲୁହ ଗଡି ପଡିଲା । ନିଳିମାର ବାପା ଜଣେ ସାମ୍ବାଦିକ ହୋଇଥିବାରୁ ତାଙ୍କୁ ବହୁତ ସୁନ୍ଦର ସୁନ୍ଦର କଲମ ସବୁ ଉପହାରରେ ମିଳିଥାଏ । ସେଥିରୁ ଗୋଟାଏ ଦିଇଟା କଲମ ଆଣି ନିଳିମା ସ୍କୁଲରେ ଲେଖା ଲେଖି କରେ । ଶିଉଳୀର ଟଙ୍କିକିଆ ଶସ୍ତା କଲମ ବେଳେ  ବେଳେ ଖରାପ ହୋଇ ଚାଲେ ନାହିଁ, ସେତେବେଳେ ନିଳିମା ତା'କୁ ନିଜ କଲମଟି ଦେଇଥାଏ ଲେଖିବା ପାଇଁ । ଲେଖା ଲେଖି ସାରି ଶିଉଳୀ  କଲମଟି ଫେରାଇ ଦିଏ ନିଳିମାକୁ । ଆଜି ଭୁଲ୍  ବଶତଃ ସେ କଲମଟି ଧରି ପଳାଇ ଆସିଛି ଘରକୁ । କଲମଟି ନ ପାଇ ଆଜି ନିଳିମା ନିଶ୍ଚିତ ହଇରାଣ ହୋଇଥିବ ପାଠ କରିବା ଲାଗି । ନିଳିମା ରର ଘରଟି ତାଙ୍କ ବସ୍ତିର ଠିକ୍ ଆରପଟେ । ଶିଉଳୀ ଭାବିଲା ଯାହା ହେଉ ପଛେ ସେ ନିଳିମାକୁ ତାର କଲମଟି ତାଙ୍କ ଘର ପାଖରେ ପହଞ୍ଚି ଫେରାଇ ଦେବ । ସେଇ ଅନ୍ଧାର ରାତିରେ ସେ ଗଲା ନିଳିମା ଘରକୁ । ତା'କୁ କଲମଟି ଫେରାଇଲା ବେଳକୁ କେଜାଣି କାହିଁକି ଭାରି କାନ୍ଦ ଲାଗିଲା ଶିଉଳୀକୁ । ନିଳିମାକୁ ଜାବୁଡି ଧରି ଭେଁ ଭେଁ ରଡି ଛାଡି  କାନ୍ଦି ଉଠିଲା ଶିଉଳୀ । ତା'ର ଏମିତି କାନ୍ଦିବା ଦେଖି କାରଣ ପଚାରିଲା ନିଳିମା । ପ୍ରଥମରୁ ନାହିଁ ନାହିଁ କରୁଥିଲେ ବି ସାଙ୍ଗର ରାଣ ଆଗରେ ହାର୍ ମାନିଲା ଶିଉଳୀ । ସବୁ ସତ କଥା ଗୋଟି ଗୋଟି କରି କହିଗଲା ନିଳିମା

ଆଗରେ । ଶିଉଳୀର କଥା ଶୁଣି ସ୍ତମ୍ଭୀଭୂତ ହୋଇଗଲା ନିଳିମା । କେତେ ନିଷ୍ଠୁର ମାଆ ସେ, ଯିଏ ନିଜ ପରିବାରର ସୁଖ ଲାଗି ନିଜର ପନ୍ଦର ବର୍ଷର ଝିଅକୁ ବଳି ପକାଇ ଦେଉଛି ।

ଟିକିଏ ହେଲେ ଭାବୁନାହିଁ ନିଜ ଝିଅର ମନ କଥା, କ'ଣ ବିତୁଥିବ ଝିଅଟି ଉପରେ ଯେତେବେଳେ ତା'ର ସବୁ ସ୍ୱପ୍ନ ଭାଙ୍ଗି ଚୁରମାର ହୋଇଯିବ ନିମିଷକ ମଧ୍ୟରେ । ଶିଉଳୀର ଦୁଃଖରେ ଛାତି ଫାଟି ଯାଉଥିଲା ନିଳିମାର । ସେ ଶିଉଳୀକୁ ଜାବୁଡି ଧରି କାନ୍ଦି ଉଠିଲା । ବହୁତ କଷ୍ଟରେ ତା'କୁ ନିଜ ଠାରୁ ଅଲଗା କରି ଏ କଥା କାହାରିକୁ ନ କହିବା ଲାଗି ରାଣ ନିୟମ ଦେଇ ଘରକୁ ଫେରି ଆସିଲା ଶିଉଳୀ ।

ତା' ପରଦିନ ନିର୍ଦ୍ଧାରିତ ସମୟରେ ଶିଉଳୀକୁ ନେଇ ତା'ର ପରିବାର ଲୋକେ ପହଞ୍ଚିଲେ ବନଦୁର୍ଗା ମନ୍ଦିରରେ । ସେଠାରେ ଆଗରୁ ଆସି ପାକେଇ ଆଈ ସବୁ ବନ୍ଦୋବସ୍ତ କରି ରଖିଥିଲା । ସେମାନେ ପହଞ୍ଚିଲା ପରେ ବାହାଘରର କାର୍ଯ୍ୟକ୍ରମ ଆରମ୍ଭ ହୋଇଗଲା । ଶିଉଳୀକୁ ଶାଢ଼ୀ ପିନ୍ଧାଇ ବୋହୂ ବେଶ କରି ବେଦୀରେ ବସାଇ ମନ୍ତ୍ରପାଠ ଆରମ୍ଭ କଲେ ପୁରୋହିତ । ବରବେଶରେ ଆଣି ଯେଉଁ ପୁଅକୁ ବସାଇଲେ ତା'ର ବୟସ ତା' ଠାରୁ ଦୁଇ ଗୁଣ କିମ୍ବା ତତୋଽଧିକ ହେବ ବୋଲି ଅନୁମାନ କଲା ଶିଉଳୀ । ଦୁଃଖରେ ତା'ର ଛାତି ଫାଟି ଯାଉଥିଲେ ବି ସେ ଥିଲା ନାଚାର, ଖାଲି ଭାଗ୍ୟକୁ ନିନ୍ଦି କାନ୍ଦିବା ଛଡା ଆଉ କିଛି ବାଟ ନଥିଲା ତା'ର । ମାଳା ବଦଳ ପରେ ହାତଗଣ୍ଠି ପକେଇବାକୁ ଆରମ୍ଭ କରିଛନ୍ତି ପୁରୋହିତ, ଏଇ

Download Magazine from www.aahwaan.com

ସମୟରେ ଧଡ୍ ଧଡ୍ ହୋଇ ପଶି ଆସିଥିଲେ ପୋଲିସ୍ ଦଳ, ତାଙ୍କ ପଛେ ପଛେ ଆଉ କିଛି ଭଦ୍ରଲୋକ ସହିତ ନିଳିମାର ବାପା ପ୍ରଫୁଲ୍ଲ କୁମାର ମିଶ୍ର । ଏ ବାହାଘର ବନ୍ଦ କର, ବନ୍ଦ କର, କହି ବାହା ଧରି ଉଠେଇ ଆଣିଲେ ଶିଉଳୀକୁ । ସେତିକି ବେଳେ ସ୍କୁଲ୍ ର ହେଡ୍ ସାରଙ୍କୁ ଧରି ସେଠାରେ ପହଞ୍ଚିଥିଲା ନିଳିମା । ପୋଲିସ୍ ଇନ୍ସପେକ୍ଟର ସେତେବେଳକୁ ବର ଆଉ ତା'ର ଘର ଲୋକମାନଙ୍କୁ ଧମକାଉ ଥାଆନ୍ତି, "ନାବାଳିକା ବିବାହ ଏକ ଆଇନଗତ ଅପରାଧ ବୋଲି ଜାଣି ମଧ୍ୟ ଆପଣମାନେ ଏହି ବାହାଘର କରିଥିବାରୁ ମୁଁ ଆପଣମାନଙ୍କୁ ଗିରଫ୍ କରୁଛି ଏବଂ ଏ ବିବାହକୁ ଅସିଦ୍ଧ ଘୋଷଣା କରୁଛି ।" ଭଦ୍ରଲୋକ ମାନଙ୍କ ଭିତରୁ ଜଣେ ଭଦ୍ର ମହିଳା ଆଗେଇ ଆସି ଶିଉଳୀକୁ ଧରି ନେଲେ ଆଉ କହିଲେ, "ତମେ କେମିତିକା ମାଆ କିହୋ ! ଝିଅ ଯଦି ତମକୁ ବୋଝ ହେଉଥିଲା ତମେ ଆମକୁ ଦେଇ ଦେଲନି, ଏମିତି ଜିଅନ୍ତା ଜଳି ପୋଡି ମରିବାକୁ ତାକୁ ଛାଡି ଦେବାକୁ ତମ ଆତ୍ମା କହିଲା କେମିତି ? ଚାରି ଚାରିଟା ଝିଅ ଜନମ କରି ଥିଲ କାହିଁକି ଗୋଟାଏ ପରେ ବନ୍ଦ କଲନି ? ସରକାର ଏଥିନେଇ କେତେ ସୁବିଧା ଉପଲବ୍ଧ କରାଇଛନ୍ତି ତମେ କ'ଣ ଜାଣିନ ? ମୁଁ ବନ୍ଦନା ଦାସ, ସାମାଜିକ ସଂଗଠନ ବସୁନ୍ଧରାର ସେକ୍ରେଟାରୀ । ଏ ଝିଅଟିକୁ ମୁଁ ନେଇ ଯାଉଛି, ସେ ଆଜି ଠାରୁ ଆମ ସହିତ ରହିବ ବସୁନ୍ଧରାରେ ଆମର ଝିଅ ହୋଇ । ଆଜି ଠାରୁ ତା'ର ସବୁ ଦାୟିତ୍ୱ ଆମର ।" ଜଳଜଳ କରି ଚାହିଁ ରହିଥିଲା ଶିଉଳୀ । ସେ କିଛି ବୁଝି ପାରୁନଥିଲା । ତା'ର ମନେ

Download Magazine from www.aahwaan.com

ହେଉଥିଲା ସେ ଗୋଟିଏ ଗହୀରିଆ ଖାତ ଭିତରକୁ ଖସି ପଡୁ ପଡୁ ଗୋଟାଏ ଦୈବୀଶକ୍ତି ତାକୁ କୋଳରେ ନେଇ ନିଶ୍ଚିତ ମୃତ୍ୟୁ ମୁଖରୁ ତା'କୁ ରକ୍ଷା କରି ଦେଇଛି । ନିଳିମା ଆଉ ତା'ର ବାପାଙ୍କ ପ୍ରତି କୃତଜ୍ଞତାରେ ଆଖି ଛଳଛଳ ହୋଇ ମୁଣ୍ଡ ନଇଁଗଲା ଶିଉଳୀର । ।

ଶାରଳା ଭବନ, ପୋତାପୋଖରୀ
ନୁଆବଜାର ପୋଷ୍ଟ, କଟକ ଜିଲ୍ଲା
୭୫୩୦୦୪, ଓଡ଼ିଶା
ଭ୍ରାମ୍ୟଭାଷ : ୯୩୩୭୨୭୭୬୪୭



Download Magazine from www.aahwaan.com




# ଅନ୍ତିମ ଦୃଶ୍ୟ

ଚୁପ୍ ଚୁପ୍ ସେ ଆସି ଠିଆହେଲା ମୋ ପଛରେ । କ'ଣ କେଜାଣି ଗୋଟେ ଧରିଥିଲା ହାତରେ । ନିଶବ୍ଦରେ ଠିଆହେଲା ପ୍ରାୟ ଦୁଇ ମିନିଟ । ତା'ପରେ....

ସମୟ ସକାଳ ସାତଟା । ସୂର୍ଯ୍ୟଙ୍କୁ ମୁହଁ କରି ବସିଥିଲି ମୁଁ । ପବନର ଗତି ଥିଲା ବେଶ୍ ଧିମା । ସାମ୍ନାରେ ଥିବା ନଡ଼ିଆ ଗଛର ଛାଇ ପଡୁଥିଲା ମୋ ମୁହଁରେ । ଅଧା ଛାଇ ଅଧା ଆଲୁଅରେ ଚୌକିରେ ବସି ଶୀତ ସକାଳକୁ ଉପଭୋଗ କରୁଥିଲି ମୁଁ । ପ୍ରାଚୀର ଛାଇରୁ ହିଁ ତାକୁ ଠିକ୍ ଚିହ୍ନି ପାରିଥିଲି । ହରର୍ ଫିଲ୍ମର ଭୂତ ପରି ତା' ଛାଇ ଲମ୍ବିଥିଲା ମୋ ସାମ୍ନାରେ । ଭିତରେ ଭିତରେ ବେଶ୍ ଆମୋଦିତ ହେଉଥିଲି ମୁଁ । ଅଚାନକ୍ ତା' ଛାଇକୁ ଲକ୍ଷ୍ୟ କରି ଜାଣିଲି ରାକ୍ଷସ ପରି ତା ହାତ ଦୁଇଟି ମୋ ଗଳା ଚାପିବାକୁ ଉଦ୍ୟତ ହେଲା ଏବଂ ପରେ ପରେ ପ୍ରାର୍ଥନା ମୁଦ୍ରାରେ ହାତ ଦୁଇଟି ଛାତିରେ ଚାପି ହୋଇଗଲା । ତା' ପରେ ଝରିଗଲା ପ୍ରାଚୀ ଓଠୁ ଫିକ୍ ଫିକ୍ ହସର ଯୋଛନା ଆଉ ସେ ବହିଗଲା ପାଣି ପରି ଅଜାଡ଼ି ହୋଇପଡ଼ିଲା ମୋ ଉପରେ । ତା ଚମ୍ପାକଢ଼ି ପରି ଅଙ୍ଗୁଳି ଗୁଡ଼ିକ ମୋ ଅଣ୍ଟା ଚାରିପଟେ କୁତ୍ କୁତ୍ କରିବା ଆରମ୍ଭ କଲା ତ' ଚିଡି ଉଠିଲି ମୁଁ

- ହେ ଛାଡ଼ କଣ ହେଉଛି ?

ହସ ବନ୍ଦ କରି ପ୍ରାଚୀ କହିଲା, "ସରି... ସରି ସାର୍... ସକାଳୁ ସକାଳୁ



ପ୍ରକାଶ ରଞ୍ଜନ ପରିଡ଼ା

Download Magazine from www.aahwaan.com

ଆପଣଙ୍କୁ ଡିଷ୍ଟର୍ବ କଲି, ଏକ୍ସକ୍ୟୁଜ୍ ସାର୍ କଣ ଏତେ ଭାବୁଥିଲେ ଯେ... ?

ତା' କାନରେ ନାକ ଛୁଆଁଇ ଉତ୍ତର ଦେଲି "ତମକଥା" ।

-"ମୋକଥା"... ଅବିଶ୍ୱାସରେ ପ୍ରାଚୀର ଆଖି ପତା ଟେକି ହୋଇଗଲା ।

-"ମୁଁ ତ' ତୁମ ପାଖରେ ଅଛି, ମୋ କଥା ଭାବିବା କଣ ଦରକାର, ଚାହୁଁଛ ତ' ମତେ ଦେଖିପାର.."

-"ତମକୁ ଦେଖିଲେ କ'ଣ ପେଟ ପୂରିବ ?"

-"ଆଉ କ'ଣ ଭାବିଲେ ପୂରିବ ?"

-"ଭାବିଲେ ପେଟ ନୁହେଁ ମନ ପୂରିବ, ହଉ ଛାଡ... ମତେ ଛାଡ଼ି ସେପଟେ ବସ; ଆରେ ଏ ଆଲବମ୍ କେଉଁଠୁ ପାଇଲ ?

-"କେଉଁଠୁ ପାଇଲି ନାଇଁ... ରୁହ ଦେଖିସାରେ, ତା'ପରେ କଥାବାର୍ତ୍ତା । ଆଖି ନଚାଇ ମୁଣ୍ଡ ହଲାଇ ଚେୟାରରେ ବସିଲା, ଆଉ କହିଲା- "ହଁ ତମେ ଘରେ ନଥିବା ବେଳେ ଯେଉଁ ବିଧବା ସ୍ତ୍ରୀଲୋକ ଜଣଙ୍କ ଆସିଥିଲା, ସେ ଆଜି ପୁଣି ଆସିପାରେ, କହୁଥିଲା ତ' କଣ ଜରୁରୀ କାମ ଅଛି ବୋଲି ।

ସାମାନ୍ୟ ସଙ୍କୋଚରେ ବୁଡ଼ିଗଲି ମୁଁ । କଥା ବୁଲାଇବା ପାଇଁ କହିଲି "ତମକୁ ପଚାରୁଛି ପରା ଏ ଆଲବମ୍ କେଉଁଠୁ ପାଇଲ ?

ମଗ୍ନଥିଲା ପ୍ରାଚୀ । "ତମକୁ ଶୁଭୁନି କି ? ମୋ ସ୍ୱର ଟିକେ ଉଚ୍ଚା ଓ କଠୋର ହେଲା । ମୁହଁ ଉଠାଇ କିଛି ନଜାଣିବା ପରି କହିଲା "କାଇଁ କଣ ହେଲା ?" ଅଗତ୍ୟା କ୍ଷଣକ ପାଇଁ ରାଗି ଉଠିଲି ପୁଣିଥରେ କଅଁଳେଇ ପଚାରିଲି ।

-"ଓହୋ..." ଏକାଥରେ ସବୁଯାକ ଦାନ୍ତ ଦିଶିଗଲା ପ୍ରାଚୀର । "ତମ

Download Magazine from www.aahwaan.com

ନୀଳିମା, ସର୍ମିଷ୍ଠା ଆଉ ଯେତେ ଗୁପ୍ତ ପ୍ରେମିକାଙ୍କ ଚିଠି ଯେଉଁଠୁ ପାଇଥିଲି ସେଇଠୁ... ।" ଏଇ ମୁହୂର୍ତ୍ତରେ ପ୍ରାଚୀର ହସ ଏତେ ରହସ୍ୟମୟ ଲାଗିଲା ଯେ ମୁଁ ଆତଙ୍କିତ ହୋଇ ପଡ଼ିଲି, ମତେ ଲାଗିଲା ଯେମିତି ମୋ ପଛରେ ୩୦୨ କି ୩୦୬ ଦଫା ଲାଗିଗଲା ।

ଇଯ୍ଯେ ସେଇ ଏ ଫୋର ସାଇଜ୍ ଆଲବମ, ଯାହା ଉପରେ ଥିଲା କୋଣାର୍କର ନୃତ୍ୟରତା କିଶୋରୀର ଛବି । ମୋ ସ୍ୱପ୍ନିଳ ଅତୀତର ମୂକସାକ୍ଷୀ । ଆଦ୍ୟ ଯୌବନର କୁନି କୁନି ଅପରାଧର ଦସ୍ତାବିଜ୍ । ନୂଆ ଘରକୁ ଆସିବା ବେଳେ ଏଇ ଆଲବମକୁ ଖୋଜୁ ଖୋଜୁ ମୁଁ ଭାଙ୍ଗିଥିଲି ବଡ଼ ଭାଇଙ୍କ ଚିନାମାଟିରେ ତିଆରି କୁକୁର, ବାଉଁଶ ପାତ ଧାରରେ ଖଣ୍ଡିଆ ହୋଇଥିଲା ବାଁ ପାଦ । ଜଙ୍କ୍‌ଲଗା ଟିଣବାକ୍ସ, ଅଳନ୍ଧୁ ଘେରା ଆଲଣା, ଠଣା, ଏପରିକି ତଳେ ବିଛୁଡ଼ି ହୋଇ ପଡ଼ିଥିବା ମୋ ହଜିଲା ଦିନର ଖାତା, ବହି, ଖଡ଼ି, ଭଙ୍ଗାସ୍ଲେଟ, ଆଇନା ସବୁକିଛିକୁ ପରୀକ୍ଷା କରୁଥଲି ତନ୍ନ ତନ୍ନ କରି, କାଳେ କେଉଁଠି ଛପିଥାଇପାରେ ମୋ ଆଲବମ୍, ମୋ ଜୀବନ । ମିଳିଥିଲା ଦୁଇପଇସା, ତିନିପଇସା, ଅଣା, ତମ୍ବାମୁଦ୍ରା, ଦେବକୁଣ୍ଡରୁ ଆଣିଥିବା ଅଣ୍ଡାକୃତୀ ଶୀଳା, ଛୋଟ ପଲିଥିନରେ ବନ୍ଧା ହୋଇଥିବା ଲାଲ ଲାଲ ରୁଞ୍ଜପଳଷ କିନ୍ତୁ ହଜିଗଲା ମୋ ଆଲବମ୍ ।

"କିଛି କିଛି କଥାକୁ ଜାଣି ଶୁଣି ଭୁଲିଯିବାକୁ ହୁଏ, ଯଦିଓ ମନରୁ ଲିଭେନା ତା ଚିହ୍ନ; ବେଳେବେଳେ ସେ ଫେରେ, ଆକ୍ରାମାକ୍ରା କରେ ଆଉ ମନକୁ ଫେରେଇ ନିଏ ଅନେକ ପଛକୁ ।"

ପ୍ରାଚୀ ନିରିକ୍ଷଣ କରୁଥିଲା ଆଲବମ୍‌ର ପୃଷ୍ଠା ପରେ ପୃଷ୍ଠା ।

Download Magazine from www.aahwaan.com

ସେଥିରେ ଥିଲା ବିଭିନ୍ନ ସମୟରେ ସିନୁ ମତେ ଉପହାର ସ୍ୱରୂପ ଦେଇଥିବା ଅନେକ ଗୁଡ଼ିଏ ହାତଅଙ୍କା ଚିତ୍ର, ସେଥିରେ ଥିଲା ପେନସିଲ୍‌ରେ ଅଙ୍କା ଯାଇଥିବା ମୋ ମୁହଁର ଏକାଧିକ ଚିତ୍ର, ଥିଲା ଆମ ଗାଁ ନଦୀ, ସ୍କୁଲ, ପାହାଡ଼ର ଛବି ଏବଂ ପ୍ରତିଟି ଛବି ତଳେ ଛୋଟ ଛୋଟ ଅକ୍ଷରରେ ଲେଖାଥିଲା 'ସିନୁର ଉପହାର' କିମ୍ବା ଇଂରାଜୀରେ 'ଆର୍ଟ ବାଏ ସିନୁ' । ଅଦ୍ଭୁତ ଭାବରେ ସିନୁର ପ୍ରତିଟି ଚିତ୍ର ସହ ସଂଯୁକ୍ତ ଥିଲା ମୋ ଜୀବନର ଗୁରୁତ୍ୱପୂର୍ଣ୍ଣ ଘଟଣାବଳୀର ସ୍ମୃତି । ପ୍ରତିଟି ଚିତ୍ର ମୋ ଭିତରେ ସୃଷ୍ଟି କରୁଥିଲା ଆବେଗିକ ଉଷ୍ଣତା, ଆଖି ଲାଗୁଥିଲା ଓଦା ଓଦା । ସେ ଆଲବମ୍‌ରେ କ୍ୟାମେରାରେ ଉଠା ଯାଇଥିବା କୋଣାର୍କ ତଥା ଓଡ଼ିଶାର ଅଳ୍ପ କିଛି ପର୍ଯ୍ୟଟନସ୍ଥଳୀର ଫଟୋଗ୍ରାଫ୍ ଥିଲା । ମୋର ମନେ ପଡୁଥିଲା ଆଲବମ୍‌ର ଶେଷ ପୃଷ୍ଠାରେ ଥିବା ସିନୁଠାରୁ ପାଇଥିବା ଦୁଇଟି ଚିତ୍ର ଓ ତାର ଏକମାତ୍ର ପ୍ରେମ ଚିଠି । ଚଉତା ଚିଠି ଉପରେ ଲେଖାଥିଲା "ତୁମ ବିନା..."

ସେଇ ଦୁଇଟି ଚିତ୍ର ଥିଲା ତା' ନିଜର । ଗୋଟିଏରେ ହସୁଥିଲା ମୁର୍କି ମୁର୍କି, ଦିଶୁଥିଲା ଅପ୍ସରୀପରି । ଆଉ ଗୋଟିଏରେ ଚିତ୍ ହୋଇ ଶୋଇଥିଲା, ଖୋଲାଆଖିରୁ ଲୁହଧାରଟିଏ ଛୁଁଥିଲା କର୍ଣ୍ଣ ମୂଳକୁ, ଶ୍ୱେତବସ୍ତ୍ରଟିଏ ପାଦଠୁ ଗ୍ରୀବା ପର୍ଯ୍ୟନ୍ତ ଆବୃତ୍ତ କରୁଥିଲା, ଖଇ ଓ କଉଡ଼ି କେତୋଟି ପଡ଼ିଥିଲା ଚତୁଃପାର୍ଶ୍ୱରେ, ମଥା ଉପରକୁ ଲେଖାଥିଲା 'ରାମ ନାମ ସତ୍ୟହେ' । ସେଇ ଚିତ୍ରଦେବା ଦିନ ହିଁ ପ୍ରଥମଥର ପାଇଁ ସିନୁ ମତେ କହିଥିଲା 'ଅଂଶୁଭାଇ ତୁମକୁ ମୁଁ ଭଲପାଏ, ବହୁତ ଭଲପାଏ, ତୁମ

Download Magazine from www.aahwaan.com


ବିନା..." କୋହ ଉଚ୍ଛ୍ୱାସରେ ରୁଦ୍ଧି ହୋଇଯାଇଥିଲା ତା' କଣ୍ଠସ୍ୱର । ମତେ ଜାବୁଡି ଧରି କାନ୍ଦିଥିଲା ଅନେକ ସମୟ । ଯିବାବେଳେ ମୋ ହାତେ ଗୁଞ୍ଜି ଦେଇଯାଇଥିଲା ଗୋଲାପି ଲଫାପା ଟିଏ । ଯାହା ଭିତରେ ଥିଲା ତା'ର କଳାର ନିଦର୍ଶନ ଓ ଚିଠିଟିଏ । ଯେଉଁ ଚିଠିରୁ ଜାଣିଲି ଦୁଇ ଦିନ ପରେ ଗ୍ରାମ୍ୟବ୍ୟାଙ୍କ୍‌ରୁ ତା ବାପାଙ୍କ ବଦଳି କାରଣରୁ ସେମାନେ ଚାଲିଯିବେ ବାରିପଦାକୁ, ସିନୁ ନାମ ଲେଖାଇବ ଭୁବନେଶ୍ୱର ଆର୍ଟ କଲେଜରେ ।

ପ୍ରତି ମାସରେ ଚିଠିଟିଏ ପଠାଇବାକୁ ଭୁଲୁ ନଥିବା ସିନୁ କିନ୍ତୁ ଦୁଇବର୍ଷ ପରେ ହଜିଗଲା ଯେ ତା' ଠିକଣା କାହା ପାଖରେ ନଥିଲା । ଖବର କାଗଜରେ ବାହାରିଥିଲା ତା' ନିଖୋଜ ହେବାର ଖବର । ନୀଳିମାଠୁ ଶୁଣିଥିଲି ତାକୁ କୁଆଡେ ଅପହରଣ କରାଯାଇଛି । ବିଭିନ୍ନ ସମୟରେ ଶୁଣିବାକୁ ମିଳୁଥିଲା ଭିନ୍ନ ଭିନ୍ନ କଥା ।

ପେପରବାଲା ପିଲାଟିର ସାଇକଲ୍‌ଘଣ୍ଟିର ଆୱାଜରେ ଫେରି ପାଇଲି ସମ୍ବିତ୍ । ପେପରଟିକୁ ହାତରେ ଧରିଥିଲେ ବି କାହିଁକି କେଜାଣି ପଢ଼ିବାକୁ ଇଚ୍ଛା ହେଉ ନଥିଲା । ଯଦିଓ ସକାଳର ପେପରକୁ ପଢ଼ିବା ପାଇଁ ସବୁଦିନେ ଟାକି ବସୁଥିଲି । ଗୁପ୍ତରେ ପ୍ରାଚୀ ମୁହଁର ଭଙ୍ଗିକୁ ଲକ୍ଷ୍ୟ କଲି । ଶେଷପୃଷ୍ଠାରେ ହିଁ ଲଟକି ଥିଲା ତା' ଆଖି । ହେ ଭଗବାନ, ଫଟୋଗ୍ରାଫ୍ ପଛରେ ଥିବା ଚିଠି ଉପରେ ନଜର ନ ପଡୁ ପ୍ରାଚୀର । କାରଣ ସିନୁର ଏଇ ଏକ ମାତ୍ର ଚିଠି ଯେଉଁଥିରେ ଲେଖା ଯାଇଥିଲା ଭଲପାଇବାର କଥା । ପ୍ରାର୍ଥନା ମୁଦ୍ରାରେ ନ ଥିଲେ ବି ମୋ ଆଖି ବାରମ୍ବାର ବୁଜି ହୋଇ ଯାଉଥିଲା ।

Download Magazine from www.aahwaan.com

ଗୋଟାଏ ଲମ୍ବା ଦୀର୍ଘଶ୍ୱାସ ପରେ ଅଳସ ଭାଙ୍ଗି ବସିଲା ପ୍ରାଚୀ । ବିନା କିଛି ଉପକ୍ରମଣିକାରେ ଆଲବମ୍‌ଟିକୁ ବଢ଼ାଇ ଦେଲା ମତେ ଆଉ ମାଗିନେଲା ପେପର, ବଡ଼ପାଟିରେ ପଢ଼ିଲା ହେଡଲାଇନ୍‌ସ୍ । "ଜାମ୍ମୁ କାଶ୍ମୀରରେ ଭାଙ୍ଗିଲା ବିଜେପି-ପିଡ଼ିପି ମେଣ୍ଟ, ଶିକ୍ଷକଙ୍କୁ ପିଟିଲେ ଛାତ୍ରୀ, ଭିଡିଓ ଭାଇରାଲ, ଆଉ... ଆଉ ରାଜଧାନୀରେ ବର୍ଷା ସହ ଝଡ଼ ତୋଫାନ, ପୋଲିସ୍ ହେପାଜତରୁ ନାବାଳକ ଦୁଷ୍କର୍ମକାରୀ ଅଭିଯୁକ୍ତ ଫେରାର ।"

ଦୀର୍ଘ ଅଠର ବର୍ଷର ବ୍ୟବଧାନ ପରେ ଆଲବମ୍‌ଟିକୁ ପାଇଁ ସୁଖରେ କି ଦୁଃଖରେ ଆତ୍ମହରା ହେବା ବେଳେ ପ୍ରାଚୀ ମତେ ବଢ଼ାଉଥିଲା ପେପର୍ ।

-"ବାଃ ବାଃରେ ପେପର ପଢ଼ା, ଗୋଟେ ମିଣ୍ଟିରେ ଶେଷ"-କପାଳରେ ହାତ ବୁଲାଉ ବୁଲାଉ କହିଲି ।

- "ଆଉ କଣ ତମ ପରି ଅଭଦ୍ର ବିଜ୍ଞାପନ ପର୍ଯ୍ୟନ୍ତ ପଣକିଆ ପରି ଖୋଷନ୍ତି । କଣଟା ପଢ଼ିବି କହିଲ ସେଇ ଚୋରି, ଠକାମୀ, ଦୁଷ୍କର୍ମ ଆଉ କଣଟା ଅଛି ପେପରରେ । ଦୁର୍ଷର୍ମକାରୀଙ୍କୁ ଏତେ ଦୟା କାହିଁକି ?"

ଅଭିଶାପ ବର୍ଷୁଥିଲା । ପ୍ରାଚୀର ଆଖି ଦୁଇଟି ଦେବୀରୁ ଦାନବୀକୁ ରୂପାନ୍ତର ହେଉଥିଲା; ଆଉ ମୁଁ ମିଛରେ ପେପରକୁ ଚାହିଁ ଥିଲି ସିନା କେଉଁ ଯୁଗରୁ ହୃଦୟ ଭିତରେ ଦେବୀରୂପରେ ଥିବା ସିନୁକୁ ଝୁରୁଥିଲି ମନେମନେ ।

-"ହଁ ସାର୍ ଗୋଟେ କଥା କହିବି ?  ମଥା ଟେକି ଚାହିଁଲି ପ୍ରାଚୀ

Download Magazine from www.aahwaan.com

ମୁହଁକୁ । ମୁହଁ ତ' ପ୍ରାଚୀର କିନ୍ତୁ ଏ ସ୍ୱରଟା ପ୍ରାଚୀର ନୁହେଁ, ପ୍ରାଚୀ ପ୍ରଭା ବେହେରାର । ମନେ ପଡ଼ିଲା ବାହାଘର ପୂର୍ବରୁ ପ୍ରାଚୀର ବାପା ପ୍ରସ୍ତାବ ନେଇ ଆମ ଘରକୁ ଆସିବାବେଳେ ଦେଇ ଯାଇଥିଲେ ପ୍ରାଚୀର ଫଟୋ ସହିତ ସିଭି । ଆଗ୍ରହରେ ସେଥିରେ ଥିବା ଫୋନ୍ ନମ୍ବରରେ ପ୍ରଥମ ଥର କଲ୍ କରିବାବେଳେ ପ୍ରାଚୀର ସ୍ୱର ଠିକ୍ ଆଜି ପରି ଶୁଭିଥିଲା । ଢେର ପ୍ରଫେସନାଲ ଭଏସ୍ ।

-"ହେଲୋ କିଏ କହୁଥିଲେ ?"

-"ମୁଁ ଅଂଶୁମାନ ପରିଡ଼ା, ଆନନ୍ଦପୁରରୁ କହୁଥିଲି... କାହା ସହ କଥା ହେଉଛି ଜାଣି ପାରିବି କି ?"

-"ମୁଁ ପ୍ରାଚୀପ୍ରଭା ବେହେରା କହୁଥିଲି, କଣ କିଛି କାମଥିଲା କି ?"

ହସିଲି । ଚେୟାରକୁ ବୁଲାଇଲି ପ୍ରାଚୀର ସାମ୍ନା ସାମ୍ନି ବସିବା ପାଇଁ, ନଡ଼ିଆ ଗଛର ଛାଇ ରହିଲା ଠିକ୍ ମୁହଁ ଉପରେ । କହିଲି- "କୁହ ତୁମର ଗୋଟିଏ କଥା କାହିଁକି ହଜାର କଥା ଶୁଣିବା ପାଇଁ ମୁଁ ପ୍ରସ୍ତୁତ ଅଛି ।"

-"ତମେ ଯେଉଁ ଶର୍ମିଷ୍ଠା କଥା କହୁଥିଲ ଏ ସବୁ ତା'ରି ପେଣ୍ଟିଂ ତ ?"

-"ବିନା କିଛି ଗୌରଚନ୍ଦ୍ରିକାରେ ଉତ୍ତର ଦେଲି - "ହଁ କଣ ବିଶ୍ୱାସ ହେଉନି"

-"ଶେଷ ପୃଷ୍ଠା ପେଣ୍ଟିଂରେ ଯେଉଁ ଝିଅର ଫଟୋ ରହିଛି ସିଏ ଶର୍ମିଷ୍ଠା ?"

-"ଆରେ ହଁ ସେ ଦୁଇଟି ଯାକ ଚିତ୍ର ତା' ନିଜର, ଏପଟେ ହସୁଛି, ସେପଟେ ଶବ ହୋଇ ଶୋଇଛି"- ସିଧା ସିଧା କହିଲି ମୁଁ ।

Download Magazine from www.aahwaan.com


-"ସିଓର... ମତେ ଲାଗୁଛି ମୁଁ ତାକୁ ଦେଖିଛି" ଗମ୍ଭୀର ବନୁଥିଲା ପ୍ରାଚୀ । ତର୍ଜନୀକୁ ଓଠରେ ଚାପିଚାପି କ୍ଷୀଣସ୍ୱରରେ କହୁଥିଲା "ସେ ସ୍ତ୍ରୀ ଲୋକ ଜଣକ ହାତରେ ଧରିଥିବା ପୋଟ୍ରେଟ... ଆଉ ଆଲବମ୍‌ରେ ଥିବା ଛବି... ଓଃ..." ଦୁଇ ହାତରେ ଚାପି ଧରିଲା ମୁଣ୍ଡକୁ ଯେ ଖସି ପଡ଼ିଲା କଳାରଙ୍ଗର କ୍ଲିପଟା ତଳକୁ ।

-"କୋଉ ସ୍ତ୍ରୀ ଲୋକ, କଣ କହୁଛ... ?"

-"ନାଇଁ ମୁଁ କହୁଥିଲି, ସେ ତମକୁ ତା' ହୃଦୟରେ ବସାଇଥିଲା, ଭଲ ପାଉଥିଲା, ତାକୁ ଏମିତି ଧୋକା ଦେଇ ତମେ କିଛି ଠିକ କଲନି ।" ପ୍ରାଚୀର କଣ୍ଠସ୍ୱରରେ ଉଦାସ ବସା ବାନ୍ଧିଥିଲା, ବରଫ ପରି ତରଳି ଯାଉଥିଲି ମୁଁ ।

-"ନିଖୋଜ... ନିଖୋଜର ମାନେ ବୁଝିଛ କେବେ ? ନିଖୋଜ ସମ୍ବାଦର ମଣିଷ ଜଣଙ୍କ କଣ ଏ ଦୁନିଆରେ ନ ଥାଏ, ନା ତାକୁ ଠିକ୍ ଭାବରେ ଖୋଜା ଯାଇ ନଥାଏ । କେଉଁଟି ଠିକ୍ ?

ମୋ ସ୍ୱରରେ ପରାଜୟର ଭାବ "ତା'ମାନେ ତମେ କହୁଛ ମୁଁ ଖୋଜିନି"

-"ଏକ୍‌ଜାକ୍ଟଲି... କାହିଁକି ଖୋଜିବ ଯେ... ସିନୁଗଲେ ପ୍ରାଚୀ ଅଛି... ପ୍ରାଚୀଗଲେ ଫ୍ରାଚୀ ... ।"

ଆଉ କଣ କିଛି କହିଥାନ୍ତା ପ୍ରାଚୀ, ଗେଟ ପାଖରେ ଗାଡ଼ିହର୍ଣ୍ଣ ଶୁଣି ଚୁପ୍ ହୋଇଗଲା । ନୀଳିମା ଆଉ ସନ୍ଦୀପ୍ ଗେଟ୍ ଖୋଲି ଆସୁଥିଲେ ଭିତରକୁ । ପ୍ରାଚୀ ଚେୟାରରୁ ଉଠିଲାନି ଏକ ପ୍ରକାର ଡେଇଁ ପଡ଼ିଲା

Download Magazine from www.aahwaan.com

ଖୁସିରେ, ନୀଳିମା ପାଖକୁ ଦୌଡ଼ୁଥିଲା, କେରା କେରା ହେଇ ତା' କେଶ ଉଡ଼ୁଥିଲା । ନୀଳିମାର ମୁହଁ ଝାଉଁଳି ଯାଇଥିଲା । ସନ୍ଦୀପ ଲମ୍ବା ଲମ୍ବା ପାହୁଣ୍ଡ ପକାଇ ମୋ ଆଡ଼କୁ ମାଡ଼ି ଆସୁଥିଲା । ନୀଳିମାର କ'ଣ ହେଇଛି ବୋଲି ପଚାରିବା ବେଳକୁ ପ୍ରାଚୀ ଚିତ୍କାର କରୁଥିଲା, "ଆଜି ରବିବାରଟା ଜମିଲା, ଆଜି ଆଉ ପୂର୍ବଥର ପରି କାମ ଅଛି ବୋଲି କହିବନି ସନ୍ଦୀପ ବାବୁ ।" ନୀଳିମା ଆଉ ପ୍ରାଚୀ ମିଶିଗଲେ ବିନା ଗାୟକରେ ଘରେ ବାଦିପାଲା । ନୀଳିମା ଆଉ ସନ୍ଦୀପ ଆସି ମୋ ସାମ୍ନାରେ ବସିଲେ ତ' ଚା' ଆଣୁଛି କହି ଉଠିଗଲା ପ୍ରାଚୀ । ଦୁଇଜଣ ଯାକ ଥିଲେ ଚୁପ୍‌ଚାପ୍, କୃତ୍ରିମ ହସ ଚେନାଏ ଲାଗିଥିଲା ସନ୍ଦୀପ ଓଠରେ । ମନେ ପକାଇ ଦେବା ପରି ସନ୍ଦୀପ ନୀଳିମାକୁ ଗାଡ଼ିରୁ କଣ ଗୋଟାଏ ଆଣିବାକୁ କହିଲେ ।

କେତୋଟି ଚିରାଚରିତ ବକ୍ତବ୍ୟ ପରେ ସନ୍ଦୀପ କହିଲା-"ଅଂଶୁ ତମେ ଶୀଘ୍ର ବାହର ଆମେ ଯିବା ।" କେଉଁଠିକୁ ପଚାରିବା ବେଳକୁ ବିରାଟ ଏକ ପେଣ୍ଟିଂକୁ ଆଣି ଟି-ପୟରେ ଡେର ଦେଇ ରଖିଲା ନୀଳିମା । "ତୁମ ବିନା..." କ୍ୟାପ୍ସନରେ ଅଙ୍କା ଯାଇଥିବା ଏ ପେଣ୍ଟିଂ ତ' ସିନୁର । ମୁହୂର୍ତ୍ତକରେ ସଂସାରଟା ରହସ୍ୟମୟ ହୋଇଗଲା ମୋ ପାଇଁ । ଆଲବମ୍‌ର ଶେଷଚିତ୍ର ଆଉ ଏ ପେଣ୍ଟିଂ... । କିଛି ବୁଝି ପାରୁନଥିଲି ମୁଁ । ସାମାନ୍ୟ ଫରକ ଥିଲା ଚିତ୍ର ଦୁଇଟି ମଧ୍ୟରେ, ଆଲବମ୍‌ର ପେଣ୍ଟିଂରେ ସିନୁର ଆଖି ଉନ୍ମୁକ୍ତଥିଲା ଆଉ ଏଥିରେ ନିବୁଜ ଥିଲା ଆଖି । ସେଥିରେ ଆଖିରୁ ଝରିଥିଲା ଲୁହ ଏଥିରେ ଝରିଛି ଲହୁ । ଶେଷରେ ଯେଉଁଠି ଲେଖା ଥିଲା 'ସିନୁର ଉପହାର', ସେଠି ଲେଖା ହୋଇଛି 'ଅନ୍ତିମ ଉପହାର' ।

Download Magazine from www.aahwaan.com

"ଜୀବନରେ ବେଳେବେଳେ ଏମିତି ପରିସ୍ଥିତି ଆସେ ପାଦତଳର ମାଟି ଥରୁଛି କି ମାଟିଉପରର ମଣିଷ ଥରୁଛି ନିଜେ ମଣିଷ ଜାଣି ପାରେନି ।"

"ଅଂଶୁ ତମେ ଶୀଘ୍ର ଆସ, ସମୟ ବହୁତ କମ୍, ସିନୁ ଆମ କ୍ଲିନିକରେ ଅଛି, ସେ ଆଉ ବଂଚିବନି, ତମକୁ ଦେଖିବାକୁ ଚାହୁଁଛି । ତା'ର ଶେଷ ଇଛା ପୂରଣ କର ଅଂଶୁ ।" ଅନୁନୟ ମୁଦ୍ରାରେ ନୀଳିମା ବସି ପଡ଼ିଥିଲା ଭୂଇଁରେ ।

ଯନ୍ତ୍ରବତ୍ ପ୍ୟାଣ୍ଟସାର୍ଟ ପିନ୍ଧି ବାହାରି ଆସିଲି । ନିଜର ନିଶ୍ୱାସ ମତେ ଲାଗୁଥିଲା ଆଗ୍ନେୟଗିରିର ଲାଭା ପରି ଅବିଶ୍ୱସ୍ତ - ଅପରିଚିତ, ବିଶ୍ୱାସ ମତେ ଭିଡ଼ି ନେଉଥିଲା ଆଗକୁ ଆଗକୁ ।

ବାସ୍... ଆମେ ଅତିକ୍ରମ କରି ସାରିଥିଲୁ ଅଗଣା । ବାହାର ପଟ ଗେଟ୍‌ର ଖିଡକି ଦେବା ବେଳେ ଦେଖିଲୁ ଟ୍ରେ'ରେ ଚାରି କପ୍ ଚା' ଧରି ପ୍ରାଚୀ ଠିଆ ହୋଇଛି ଅଗଣାରେ । ଚା'ରୁ ଆକାଶ ଆଡ଼କୁ ଉଠିଯାଉଛି ଗରମ ବାମ୍ଫ, ତା ସାମ୍ନାରେ ହିଁ ସିନୁର 'ଅନ୍ତିମ ଉପହାର' । ...

'ନିଶିପ୍ରଦୀପ', ଅଶୋକନଗର, ବାତୋ, କେନ୍ଦୁଝର-୪୩
ଭ୍ରାମ୍ୟଭାଷ : ୯୪୩୮୦୮୦୫୮୩
ଇମେଲ୍ : litp.ranjan@gmail.com

Download Magazine from www.aahwaan.com

# ମୋର ଗାଁ

"ମୋର ଗାଁ ମୋର ଜୀବନ ଆଏ ମୋର ଆତ୍ମା ଆଏ । ସେ ଗାଁନେ ମୁଇ ଜନମ ହେଇ କରି ଏତେ ଟେ ବଡ ହେନି ନ ଗାଁର ଇସକୁଲ କେ ଛାଡି କରି ସହର ଥି କଲେଜ ପଢନି ନ । ହେଲେ ମୋର ଗାଁ କେ ଦୁଇ ମାସେ ତିନ ମାସେ ଥରେକ୍ ନେଇ ଗଲେ ମତେ ଖବ୍ ନୁରା ଲାଗସି ମୋର ସେ ଗାଁ କେ । ହେଲେ ମୁଇ ଭାବର ଆନୁସାରେ ଯାହା ହେଲେ ବି ଗାଁ ଗାଁ ହୋ । ହଁ ସହର ବି ଭଲ ଲାଗସି ଲେକିନ୍ ମୋର ଗାଁ ଏତେ ନୁହେଁ କାରଣ ଗାଁ ର୍ ସେ ଭଲପାଏ ବାର ନେଇ ପେଇ ପାର । ମୋର ଗାଁ କେ ଯେଭେ ଆଏସିଁ ସହର ନୁ ମତେ ଖବ ମନେ ପଡି ଯାଏସି ସେ ଆମ୍ବ ଗଛ ମାୟା ଗଛ । ଯେତ ବେଲେ ମୁଇ ସହର କେ ଆସମି ବେଲେ ଯେନ୍ତା ଆମର ଗାଁ ର ପିପଲ ଗଛ ଡେଗି ଦେଲେ ମୋତେ ଖବ କନ୍ଦା ଲାଗସି । ଖବ ମଜା କରୁ ଥିନୁ ସାଙ୍ଗ ମାନେ ଜେତେ ବେଲେ ଗାଁ ରେ ଥିନି ଖବ ସର ଲାଗସନ୍ ସେମାନେ ମୋର ଗାଁ ସବୁ ଲୋକ କେ ମନେ ପଡସି ହେଲେ କାଏଁ କରମି ମୋର ଆଗକେ ପଢାବାର ଅଛେ ଗାଁର ନାଁ ରଖବାର ଅଛେ । ଯେଭେ ମୁଇ ଗାଁ କେ ଗଲେ ଦଶଦିନ୍ ରହେଲେ ବି ରହେଲା ଏନ୍ତା ନେଇ ଲାଗେ କାଲି ଏଇଛେଁ ଆରୁ ଆଏଜ ପଲେଇ ଜଉଛେଁ ଏନ୍ତା ଲାଗସି । ସତ କଥା କହେବା କେ ଗଲେ ମୋର ଗାଁ ରେ ରହିକରି ଭଲ ଚାଷି ଟେ ହେବାର ଲାଗି ଇଚ୍ଛ୍ଥା ଲାଗସି ଲେକିନ୍ କାଏଁ କରମି ମୋର ମାଁ ମୋର ମାଟିର ମାଁ ମୋର ଜନମ ମାଟି କହେଛେ ସହର କେ ଯା ଭଲସେ ପାଠ୍ ବଢବୁ ଆରୁ ବଡ ମୁନୁଷ ହେବୁ ।

ଯା... ଯା...



ଭରତ ମେହେର

ଯଏଁତରା, ଚଲକି, ବଲାଙ୍ଗିର

ଭ୍ରାମ୍ୟଭାଷ : ୯୬୭୮୫୦୯୦୯୮

Download Magazine from www.aahwaan.com

# ଲିପ୍‌ଷ୍ଟିକ୍

ତିନି ତିନି ଜଣଙ୍କ ଘରେ କାମ କରେ ସେ । ବାସନ ମାଜେ । ଘର ଝାଡୁ କରେ । ଲୁଗା ସଫା କରେ । ପୁଣି ଆସି ନିଜ ଘରେ ନିଜ ସ୍ୱାମୀ ଛୁଆଙ୍କ ଅଳି ଅରଦଳି ବୁଝେ । ସେ ଦେଖିଛି ବାବୁଆଣୀ ମାନେ କେତେ ଷ୍ଟାଇଲି ମାରନ୍ତି । ବୟସ ବଢ଼ି ଯାଇଥିଲେ ବି ଚୁଟିକୁ ରଙ୍ଗ କରି ମୁହଁରେ ସ୍ନୋ ପାଉଡର ମାଖି କେଡ଼େ ସୁନ୍ଦର ଦେଖାଯା'ନ୍ତି । ପାଦରେ ଉଚା ଉଚା ଗୋଇଠିର ଜୋତା ପିନ୍ଧି କାନ୍ଧରେ ଭ୍ୟାନିଟି ବ୍ୟାଗ ପକେଇ ଯେତେବେଳେ ବଜାର ବାହାରନ୍ତି ତା ଆଖି ସେମାନଙ୍କ ଉପରୁ ହଟେନି । କେବେ କେବେ ତାକୁ ବି ଇଚ୍ଛା ହୁଏ ସେମିତି ଷ୍ଟାଇଲି କରିବାକୁ ।

ସନିଆ ଜାଣେ ତା ସ୍ତ୍ରୀର ମନକୁ । ତା ସ୍ତ୍ରୀ ରମ୍ଭାର ଭାରି ଇଚ୍ଛା ବାବୁଆଣୀ ମାନଙ୍କ ପରି ଷ୍ଟାଇଲି କରି ବଜାର ବୁଲିଯିବ । କିନ୍ତୁ ବାମନ ହେଇ ଜହ୍ନକୁ କେବେ କଣ ହାତ ବଢ଼େଇ ହେଇଛି ନା ହେବ । ରମ୍ଭା କେତେ କାମ କରେ । ପୁଣି ଘରକୁ ଆସି ତା ଗୁପ୍ ଚୁପ୍ ଠେଲା ପାଇଁ ଆଳୁ ସିଝାଏ । ଗୁପ୍ ଚୁପ୍ ବେଲେ । ଅନବରତ କାମରେ ଲାଗିଲେ ବି କେବେ ସେ ସନିଆ ଉପରେ ରାଗେନି । ତାକୁ ବେଳେବେଳେ ଲାଗେ ପୂର୍ବ ଜନ୍ମରେ ପୁଣ୍ୟ କରିଥିଲା ବୋଲି ସ୍ୱର୍ଗର ଅପ୍ସରୀ ରମ୍ଭା ତା ସ୍ତ୍ରୀ ବେଶରେ ତା ଘରେ ରହୁଛି ।



ବିସ୍ମିତାରାଣୀ ସାହୁ

Download Magazine from www.aahwaan.com

ରମ୍ଭାର ସଜେଇ ହେବାରେ ଭାରି ମନ, କିନ୍ତୁ ତା ପାଖରେ ଏତେ ପଇସା କାହିଁ ସ୍ନୋ ପାଉଡର କିଣିବାକୁ । ସିଏ ଆଉ ରମ୍ଭା ଯାହା ରୋଜଗାର କରନ୍ତି ସେସବୁ ତା'ର ଘର ଭଡ଼ା, ଗୁପ୍ ଚୁପ୍ ଠେଲାର ଭଡ଼ା ଓ ତା' ପୁଅର ବହିପତ୍ର, ଔଷଧ ପାଇଁ ଖର୍ଚ୍ଚ ହେଇଯାଏ । ନିଜେ ଗୋଟିଏ ଗୁପ୍ ଚୁପ୍ ଠେଲା କରିବ ବୋଲି ତାର ଭାରି ଇଚ୍ଛା । ସବୁଦିନ ବେକାରଟାରେ ମାଲିକଙ୍କୁ ଠେଲା ପାଇଁ ପଚାଶ ଟଙ୍କା ଦେବାକୁ ପଡୁଛି । ସେ ଜାଣେ ସେ ବି ପଚାଶ ଟଙ୍କାର ମଦ ପ୍ରତିଦିନ ପିଉଛି । ସେ ପଚାଶ ଟଙ୍କା ରଖିଲେ ମାସକୁ ତାର କେତେ ଟଙ୍କା ବଞ୍ଚନ୍ତା ।

କିନ୍ତୁ କଣ କରିବ ସେ । ଦିନକୁ ଦଶ ଘଣ୍ଟା ଠିଆ ହେବାକୁ ପଡୁଛି ଗୁପ୍ ଚୁପ୍ ବିକିବା ପାଇଁ । ରାତିରେ ଗୋଡ ହାତ ବହୁତ ଘୋଳ ବିନ୍ଧା ହୁଏ । ଏ ମଦ ଟିକେ ପିଇ ଶୋଇପଡିଲେ ସେ ସବୁ କଷ୍ଟ ଭୁଲିଯାଏ । ଯେଉଁ ଦିନ ମଦ ପିଏନି ସେଦିନ ରାତିସାରା ରମ୍ଭା ତା' ଗୋଡ଼ ଘଷିଲେ ମଧ୍ୟ ତାକୁ ଶାନ୍ତିରେ ଟିକେ ନିଦ ହୁଏନି । ଖାଲି ଛଟପଟ ହୁଏ ।

ଏଇ ଶିବରାତ୍ରି ଦିନ ଗାଁରେ ଜାଗର ମେଳା ହେଇଥିଲା । କେତେ କେତେ ଲୋକ କେତେ ଆଡୁ ଆସି ମେଳାରେ ମଉଜ କରୁଥିଲେ କିନ୍ତୁ ସେ ଆଉ ତା ସ୍ତ୍ରୀ ଚୁପଚାପ ଗୁପ୍ ଚୁପ୍ ବିକୁଥିଲେ । ସେ ଜାଣେ ରମ୍ଭାର ଭାରି ଇଚ୍ଛା ତା ହାତ ଧରି ସଜେଇ ହୋଇ ମେଳା ଦେଖିବାକୁ । କିନ୍ତୁ କଣ କରିବ ? ମେଳା ଦେଖିଲେ ଇଆଡ଼େ ଯେ ବେପାର ମାନ୍ଦା ହେଇଯିବ ।

ଆଜି ସକାଳୁ ସକାଳୁ ରମ୍ଭାର ପେଟ ବହୁତ କାଟୁଥିଲା । ସନିଆ

Download Magazine from www.aahwaan.com

ଯେତେ ମନା କଲେ ବି ରମ୍ଭା କାମ କରିବାକୁ ବାହାରିଲା । ତେଣୁ ସନିଆ ତାକୁ ସାଇକେଲରେ ବସେଇ ମାଲିକାଣୀ ଘରେ ଛାଡ଼ିବାକୁ ଗଲା । ମାଲିକାଣୀ ବୋଧେ ବୁଲି ବାହାରିଥିଲେ । ରମ୍ଭା ସାନିଆକୁ କହିଲା - ଦେଖିଲୁ ମାଲିକାଣୀ ଓଠରେ ଯେମିତି ନାଲି ଲିପିଷ୍ଟିକ ଲାଗେଇଛନ୍ତି ସେମିତି ସେମିତି ଗୋଟିଏ କିଣିବାକୁ ମୋର ଭାରି ଇଚ୍ଛା । ମୁଁ ବି ଟିକେ ମୋ କଳା କଳା ଓଠକୁ ଏମିତି ରଂଗାନ୍ତି ।

ସନିଆ ରମ୍ଭା କଥା ଶୁଣି କିଛି ନ ଶୁଣିଲା ପରି ରହିଗଲା । ମନେ ମନେ ଖୁସି ହେଲା ଯାହା ହେଉ ରମ୍ଭା ତାକୁ ଖାଲି ଲିପିଷ୍ଟିକ ମାଗିଛି । ଶାଢ଼ୀ ମାଗିନି ।

ସନିଆ ଦୃଢ଼ ନିଷ୍ପତ୍ତି ନେଲା । ଆଜି ଯାହା ହେଲେ ବି ସେ ମଦ ପିଇବନି ଆଉ ସେ ପଇସାରେ ରମ୍ଭା ପାଇଁ ଲିପିଷ୍ଟିକ ନେଇଯିବ । କେତେଦିନ ହେଲାଣି ରମ୍ଭା ତା ଚୁଟିରେ ଗଜରା ଲଗେଇନି । ତା ପାଇଁ ଗଜରା ନେବ । ସେ ଫିଲିମରେ ଦେଖିଥିଲା ହିରୋ ହିରୋଇନକୁ ଗୋଲାପ ଫୁଲ ଦେଲେ ସେ ଭାରି ଖୁସି ହୁଏ । ତେଣୁ ସେ ଗୋଲାପ ଫୁଲଟିଏ ବି ନେଇଯିବ । ଖୁସିରେ ସନିଆ ବଜାର ବାହାରିଲା ।

ଘର ସାରା ମାଉଁସ ବାସନା ଚହଟି ଯାଉଥିଲା । ପୁଅ କେତେବେଳୁ ଖାଇ ଶୋଇଲାଣି । ତା ସ୍ତ୍ରୀ ବୋଧେ ଆଜି କୁକୁଡ଼ା ମାଂସ କରିଛି । କୋଡ଼ିଏ ଟଙ୍କା ଦେଲେ ଗୋଟା କୁକୁଡ଼ାର ଚମଡ଼ା ମିଳେ । ସେଇ ଚମଡ଼ାକୁ ଛେଲିକି ମାଉଁସ ବାହାର କରି ରମ୍ଭା ଝୋଳ ତିଆରି କରେ ।

Download Magazine from www.aahwaan.com

ତାକୁ ଦେଖି ରମ୍ଭା ଖୁସିରେ କୁଣ୍ଢେଇ ପକେଇଲା । କହିଲା - ଜାଣିଛୁ ଆଜି ଆମ ବାହାଘରକୁ ୧୦ ବର୍ଷ ପୁରିଲା । ସେଇ ଖୁସିରେ ତୋ ପାଇଁ ମାଉଁସ ବନେଇଛି ।

ଆରେ ସତ କଥା ତ । ଏ କଥା ସନିଆ କେମିତି ଭୁଲିଗଲା । ରମ୍ଭା କହିଲା- ମୁଁ ଜାଣିଛି ସବୁ ବର୍ଷ ପରି ଏ ବର୍ଷ ମଧ୍ୟ ତୁ ଭୁଲି ଯାଇଥିବୁ । ମୋ ପାଇଁ କିଛି ଆଣି ନ ଥିବୁ । କିଛି ନାଇଁ ଠିକ ଅଛି । ତୁ ଏମିତି ଭଲରେ ଥା । ମୋର କିଛି ଦରକାର ନାହିଁ ।

ଏହା କହି ସେ ପୁଣି ସନିଆକୁ କୁଣ୍ଢେଇ ପକେଇଲା । ---ଓହୋ ତୋର ତାହାହେଲେ ମନେଥିଲା । ସେଥିପାଇଁ ଆଜି ମଦ ପିଇନୁ ମୋତେ ଭଲ ଲାଗେନି ବୋଲି । ସନିଆ କିଛି ନ କହି ତା ଚୁଟିରେ ଗଜରା ଲଗେଇ ଦେଲା । ଆଣିଥିବା ନାଲି ଗୋଲାପଟି ତା ମୁଣ୍ଡରେ ଲଗେଇ ଦେଇ ତାକୁ ଆଇନା ଦେଇ କହିଲା-

ଦେଖିଲୁ ତୁ କେଡ଼େ ସୁନ୍ଦରୀ ଦେଖାଯାଉଛୁ । ଯେମିତି ସରଗର ପରୀ ।

ରମ୍ଭା ସନିଆର ଏପରି ବ୍ୟବହାରରେ ଖୁସିରେ ନାଚିବାକୁ ଲାଗିଲା । ସେ କହିଲା- ମୋ ପାଇଁ ଏତେ ସବୁ ଜିନିଷ ଆଣିଛୁ, ତେବେ ମୁଁ ଯୋଉଟା ସକାଳେ ମାଗିଥିଲି ସେଟା ବି ଆଣିଥିବୁ । ସନିଆ ରମ୍ଭା ହାତକୁ ଦିଟା ପାନ ବଢ଼େଇ ଦେଇ ଭୋ ଭୋ ହୋଇ କାନ୍ଦିବାକୁ ଲାଗିଲା । ରମ୍ଭା କହିଲା- ଆରେ ତୋର କଣହେଲା ? କାନ୍ଦୁଛୁ କାହିଁକି ? ପାନ କାହିଁକି

Download Magazine from www.aahwaan.com

ଆଣିଛୁ ? ମୁଁ କଣ କେବେ ପାନ ଖାଏ ? ମୋ ଲିପିଷ୍ଟିକ କାହିଁ ?

ସନିଆ କାନ୍ଦି କାନ୍ଦି କହିଲା - ମୁଁ ତୋ ପାଇଁ ଲିପିଷ୍ଟିକ କିଣିବାକୁ ଯାଇଥିଲି । ତୋ ପାଇଁ ଗଜରା କିଣିଲି । ଗୋଲାପ ଫୁଲ କିଣିଲି । ପୁଅ ପାଇଁ ଖାତା କିଣିଲି । ହାତରେ ଜମା ଦଶ ଟଙ୍କା ବଳିଥିଲା । ଭାବିଲି ଏଥିରେ ତୋ ପାଇଁ ଲିପିଷ୍ଟିକ କିଣିବି । ଦୋକାନରେ ଲିପିଷ୍ଟିକ ଟିଏ ମାଗି ଦଶ ଟଙ୍କା ଦେବାରୁ ସେ ଦୋକାନୀ ମୋତେ ବହେ ଶୋଧିଲା । କହିଲା ଶହେ ଟଙ୍କା ତଳକୁ କୁଆଡ଼େ ଲିପିଷ୍ଟିକ ମିଳେନି । ପାଖରେ ଗୋଟେ ପାନ ଦୋକାନୀ ଏସବୁ ଶୁଣୁଥିଲା । ସେ ଦଶ ଟଙ୍କା ନେଇ ମୋତେ ଦିଟା ପାନ ଦେଇ କହିଲା- ନେ ତୋ ସ୍ତ୍ରୀକୁ ଦେଇଦେବୁ । ଓଠ ରଙ୍ଗେଇବ ।

ରମ୍ଭା ସନିଆକୁ ଛାତିରେ ଜାବୁଡ଼ି ଧରିଲା । କହିଲା - ଆରେ ମୁଁ ସେମିତି ମଜାରେ କହିଦେଇଥିଲି ନା । ଦେ ସେ ପାନ ଦିଟା ଦେ । ଏହା କହି ପାନଟିଏ ଚୋବେଇ କହିଲା- ସେ କାହିଁକୁ ଆଉଜି ଛିଡ଼ା କଣ ହେଇଛୁ ? ମୋତେ ଦେଖ । ମୋ ଓଠ କେମିତି ବିନା ଲିପିଷ୍ଟିକରେ ତୋ ପାନରେ ରଙ୍ଗେଇ ହେଇଗଲା ।

ମଦନ ମୋହନ ପଡ଼ା
ଅନଗୁଳ
ଭ୍ରାମ୍ୟଭାଷ -୯୮୬୧୫୮୩୨୪୧

# ଗୋଟେ କଥା କହିବି

(୧)

ବସରେ ବସି ଭାବୁଥିଲି । ମାଆ କହିବା କଥା 'ବେଙ୍ଗ କହେ ବେଙ୍ଗୁଲିକୁ ପୃଥିବୀ କ୍ଷଣେ କ୍ଷଣେ କେ ଆନ' ମାଆ କହିବା କଥା କେତେ ସତ । ବିଶ୍ୱାସ ହେଉନି ଯଦିଓ କ୍ଷଣିକ ଭିତରେ ବଦଳି ଯାଇଥିବା ଚିହ୍ନ । ଅଚିହ୍ନା ମୁହୂର୍ତ୍ତ ସବୁ ଗୋଟି ଗୋଟି କରି ମନେ ପଡୁଛି । ଚିହ୍ନା, ଅଚିହ୍ନା ମୁହୂର୍ତ୍ତ କାହିଁକି କହିଲି ଜାଣିଛ ? ଯେଉଁ ମୁହୂର୍ତ୍ତକୁ ମୁଁ ଜୀଇଁ ପାରିଛି, ଭରପୁର ଅନୁଭବ କରିପାରିଛି । ଖୁସି ସମେତ ଦୁଃଖକୁ ବି ସାଉଁଟି ପାରିଛି ସେ ସମସ୍ତ ମୁହୂର୍ତ୍ତ ଆପଣାର ଲାଗେ, ସେଥିପାଇଁ ମୋର ଚିହ୍ନା । ଆଉ କିଛି ମୁହୂର୍ତ୍ତ ଯାହାର ହିସାବ ନାହିଁ, ବହି ଯାଇଛି ପାଣି ସୁଅ ପରି ସେତକ ଅଚିହ୍ନା । ବେଳେବେଳେ ଆଶ୍ଚର୍ଯ୍ୟ ଲାଗେ ସମୟ ସତେ ଘୋଡ଼ାଦୌଡ଼ ପ୍ରତିଯୋଗିତାରେ ଭାଗ ନେଇଛି । ତା ସାଥେ ଦୌଡୁ ଦୌଡୁ କେତେବେଳେ ବଡ଼ ହେଇଗଲି, ଚାକିରୀ କଲି ଜାଣି ପାରିଲିନି । ଲାଗୁଛି ସବୁ ଆଖି ପିଛୁଳାକେ ହେଇଗଲା । ତେବେ ସୂର୍ଯ୍ୟଙ୍କ କିରଣ ପାଇ, ଜହ୍ନର ଜ୍ୟୋତ୍ସ୍ନା ନେଇ, ପାଣି, ପବନର ସ୍ପର୍ଶ ପାଇ ଯେମିତି ଫୁଲ ସବୁ ଫୁଟି ଉଠେ । ପ୍ରକୃତି ସୌନ୍ଦର୍ଯ୍ୟଶାଳିନୀ ହୁଏ, ପୃଥିବୀ ସବୁଜମୟ ଲାଗେ । ଠିକ ସେମିତି, କାହା ସ୍ପର୍ଶରେ କେଜାଣି ହୃଦୟ ପୁରି ଯାଉଥାଏ । ଯେମିତି



ବିଷ୍ଣୁପ୍ରିୟାକରସୁଧା ପଟ୍ଟନାୟକ

 Download Magazine from www.aahwaan.com

ହୃଦୟରେ ବି ଫୁଲ ଫୁଟୁଛି, ନୂଆ ଉନ୍ମାଦରେ, ନୂଆ ଉଲ୍ଲାସରେ ମହକିତ ହେଉଛି । ହୃଦୟର ସେଇ ସୁନ୍ଦରତା ମୁଖରେ ପ୍ରତିବିମ୍ବିତ ହେଇଯାଏ ବୋଧେ ।

ତମର ମନେଅଛି ନା ପୀୟୂ ., ଦରମା ବିଲରେ ଦସ୍ତଖତ ପାଇଁ ଯେବେ ତୁମ ଚାମ୍ବରକୁ ଗଲି, ଅପଲକ ନୟନରେ ଦେଖୁଥିଲ ମୋତେ, କେତେ ଲାଜ ଲାଗିଥିଲା । ନୂଆ ଚାକିରୀ ଭୟ ବି ଥିଲା, ତା' ପରେ କଣ ରାଲି ଗୋଟେ ହେଲା ଯେ, ମୋ ଫୋନ ନମ୍ବର ପାଇ ଡକେଇଲ ରାଲିରେ ଯୋଗ ଦେବାର ଅଛି ବୋଲି । ତା'ପରେ କଣ ମୋ ଭିତରେ ଦେଖିଲ କେଜାଣି ମୋ ସହ ବନ୍ଧୁତା କରିବା ପାଇଁ ରାତି ଦିନ ଗୋଟେ କରି ଦେଇଥିଲ । ତମେ ଏପଟୁ ସେପଟୁ କେତେ କଥା କୁହ । ମୁଁ ତୁନି ହେଇ ଶୁଣେ, ନ ଶୁଣିଲେ -କାଳେ ତମେ ଖରାପ ଭାବିବ ? ମୁଁ ତୁମକୁ ଭଲ ଭାବେ ଜାଣି ନ ଥିଲି, କିନ୍ତୁ ତମେ ମୋତେ ଜାଣି ସାରିଥିଲ । ପୁଅମାନେ ହିଁ ସେମିତି, ଝିଅ ମାନଙ୍କଠୁ ଦି'ପାଦ ଆଗରେ ଥା'ନ୍ତି । ଆଗତୁରା ସବୁ ଖବର ରଖନ୍ତି । ଯେତେ ଶୀଘ୍ର ଆପଣେଇ ନିଅନ୍ତି, ଦୁରେଇ ବି ଦେଇ ପାରନ୍ତି ସେତେ ଶୀଘ୍ର । ଯେମିତି ତମେ......

(୨)

ତମେ ମୋ ନମ୍ବର ପାଇବା ଦିନଠୁ ଏମିତି କୋଉ ଦିନ ନଥିଲା, ଯେଉଁ ଦିନ ତୁମ ଶୁଭ ସକାଳର ସନ୍ଦେଶ ନ ଥିବ ଅବା ଏପଟୁ ସେପଟୁ ମେସେଜ । କେତେ ସୁନ୍ଦର ଜଣାଇ ଦିଅ ଖାସ ମୋ ପାଇଁ ତୁମ ଦିନ

Download Magazine from www.aahwaan.com

ସୁନ୍ଦର କଟିଛି, କେତେଥର ଏଞ୍ଜେଲ କହିଛ । ମୋ ତରଫରୁ କୌଣସି ପ୍ରକାରେ ଗୋଟିଏ ମେସେଜ ଗଲେ ଢେର ଖୁସି ତୁମର । କେତେ ବ୍ୟଗ୍ରତାର ସହ ଅପେକ୍ଷା କର । ଚାତକ ପରି ଚାହିଁଥାଅ, ମୋ'ଠାରୁ ଗୋଟେ ମେସେଜ୍ ଯେମିତି ନଭରୁ ଖସୁଥିବା ଜଳବିନ୍ଦୁ । ମେଣ୍ଟେଇ ଦେବ ସତେ .. ତୁମ ଯୁଗ ଯୁଗର ତୃଷା ।

ଭାବିଲେ ଆଶ୍ଚର୍ଯ୍ୟ ଲାଗେ, କୌଣସି ନାମହୀନ, ସଂଜ୍ଞାହୀନ, ସମ୍ପର୍କବିହୀନ ସମ୍ପର୍କଟିଏ କେମିତି ଗଢି ଉଠେ । କେମିତି ଏତେ ପ୍ରେମ, ପ୍ରଣୟ ସୃଷ୍ଟି ହୁଏ, କେମିତି ହୃଦୟ ଭର୍ତ୍ତି ଭଲ- ପାଇବା ସୃଷ୍ଟି ହୁଏ । ତମେ ଜାଣିଛ ପୀୟୂ ? ତମଠୁ ଦୂର ରହିବି ବୋଲି କେତେଥର ଚେଷ୍ଟା କରିଛି । କେତେ ଥର ଭାବିଛି ତୁମ ମିଠା ମିଠା କଥାକୁ ମୋ ମନ ଦେଶରେ ପଇଁତରା ମାରିବାକୁ ଦେବିନି । ଭାବିଥିଲି ତୁମ ଯାଦୁ ମୋ ଉପରେ ଚାଲିବନି । ମୋ ହୃଦୟର କଂସା କବାଟକୁ ଖୋଲି ପାରିବନି ତୁମ ଅତ୍ମୀୟତାର ଚାବି । କାହାକୁ ମୁଁ ଭଲ ପାଇବିନି, ମୋତେ କେହି ଭଲ ପାଇ ପାରିବେନି । କିନ୍ତୁ ତା'ପର ମୁହୂର୍ତ୍ତରେ ମୁଁ ହାରି ଯାଇଥିଲି ପୀୟୂ ମୋର ସବୁ ଭାବନାକୁ ମିଛ କରିଦେଲ । ଓଲଟି କହିଲ, ମୁଁ ଯାଦୁ ଜାଣିଛି, କିଛି ତ ଯାଦୁ କରୁଛି ।

ତମର ମନେ ଅଛି ପୀୟୂ ? ଅଫିସ ବିଷୟରେ କଥା ହେଉ ହେଉ, କଣ ସବୁ ଜୋକ ପଠାଇଲ ଯେ ମୁଁ ହସିଲି ଖୁବ । ତମେ ପଚାରିଲ କଣ ଲଭ ହେଇ ଗଲାକି ? ମୁଁ କହିଥିଲି ଏଇ ଲଭ ଫଭ୍ କିଛି ନୁହଁ, ଏପରି

ଆଉ ପଚାରିବନି ହେଲା ? ଓକେ ଓକେ କହିଥିଲ ।

(୩)

ଏମିତି କେତେ କଥା, କେତେ ଥଟ୍ଟା ମୋର ମନେ ଅଛି । ବାସ ତୁମର ମନେ ଅଛି କି ନା ଜାଣେନା । ଥରେ ପାହାନ୍ତିଆ ନିଦ ମୋ ଭାଙ୍ଗିଗଲା, ସମୟ ଦେଖିବାକୁ ଫୋନ ଅନ କଲି ଦେଖିଲି କେତେ ଗୁଡିଏ ମେସେଜ ତମେ ଦେଇଛ, ସେଦିନ ଭଦ୍ରାଚଲମ ଯାଉଥିଲ ତୁମ ସାଙ୍ଗ ମାନଙ୍କ ସହ । ସେଦିନ ପ୍ରଥମ ଥର ମିସ ୟୁ ଲେଖିଲ । ତା'ପରେ କେତେ ମେସେଜ ସବୁଥିରେ ଗୋଟାପଣେ ଆପଣେଇବାର ଆଭାସ ଥିଲା । ମୁଁ କିନ୍ତୁ କିଛି କହି ପାରି ନଥିଲି । ଭାବିଥିଲି କହିଦେବି ଏମିତି ଶବ୍ଦ ସବୁ ମୋ ପାଇଁ ଲେଖିବନି ବୋଲି । ପର ମୁହୂର୍ତ୍ତରେ ଭାବିଲି ନା ଏମିତି କିଛି ଲେଖିଲେ, ତୁମକୁ କଷ୍ଟ ହେବ । କାହା ହୃଦୟକୁ କଷ୍ଟ ଦେବା ଶିଖି ନ ଥିଲି ନା ସେଥିପାଇଁ ତୁନି ରହିଲି । କିନ୍ତୁ ପରେ ଜାଣିଲି ଯିଏ ଅନ୍ୟ ହୃଦୟକୁ କଷ୍ଟ ଦିଏନି ସେ ନିଜେ ବହୁତ କଷ୍ଟ ପାଏ ।

ଦିନେ ତମେ କହିଲ, ତୁମର ଅନ୍ୟତ୍ର ବଦଳି ହେଇ ଯାଇଛି । ଆଗରୁ ମୋ ସହ ମିସିଲନି କାହିଁକି ବୋଲି କେତେ ପଶ୍ଚାତାପ କଲ । ବାରମ୍ବାର କହୁଥିଲ, ପୃଥିବୀର ଯେଉଁ କୋଣରେ ରହିଲେ ବି ମୋ ସହ ସମ୍ପର୍କରେ ରହିବ । ତୁମ ଶେଷ ନିଶ୍ୱାସ ଥିବା

ଯାଏଁ ମୋତେ କେବେ ଭୁଲିବନି । ସେଦିନ ବି ଏମିତି ବର୍ଷା ମାସ ହେଇଥାଏ । ରାତିରୁ ବର୍ଷା ହେଉଥାଏ, ତୁମ ମେସେଜ ଆସିଲା ବାହାରି

Download Magazine from www.aahwaan.com


ପଡିଲଣି ଜଏନ କରିବା ପାଇଁ । ମୋର ଏବେ ବି ମନେ ଅଛି ପୀୟୂ, ତମେ ଯାଉଛ ଜାଣି ଆଖିରୁ ମନକୁ ମନ ଲୁହ ଝରି ଯାଉଥିଲା, କୋହ ଉଠୁଥିଲା .. ଯେମିତି ବାହାରେ ସେମିତି ମୋ ଭିତରେ ବର୍ଷା ହେଉଥିଲା ।

ମୋତେ ତମେ କାହିଁକି ଏତେ ଭଲ ପାଇଲ, କାହିଁକି ଏତେ ସମ୍ମାନ ଦେଉଥିଲ, ଆଜି ଯାଏଁ ଜାଣି ପାରିଲିନି । ମୁଁ ତ ତୁମକୁ ସେମିତି କିଛି ଦେଇ ପାରିନି, ଜାଣିଥିଲି ବି କେବେ ଦେଇ ପାରିବିନି ବୋଲି । ହଁ ଏ କଥା ସତ ମୁଁ ତୁମକୁ ସମ୍ମାନ ଦେଉଥିଲି । ସେମିତି ତ ତୁମକୁ ସମସ୍ତେ ସମ୍ମାନ ଦେଉଥିଲେ । ଆଉ କିଛି ମୋ ଉପରେ ଇର୍ଷା କରୁଥିଲେ, ସେମାନଙ୍କଠୁ ମୋତେ ଅଧିକା ଗୁରୁତ୍ୱ ଦେଉଛ ବୋଲି ।

(୪)

ସେଦିନ ଯାକ ପ୍ରାୟ ଘଣ୍ଟା ଘଣ୍ଟାକୁ ଫୋନ କରୁଥିଲ । ଯେମିତି ତମେ ଯାଇଛ ହେଲେ ତମ ମନ ଆଉ କିଛି ଏଠି ଛାଡିଯାଇଛ । ମୋତେ କହିଥିଲ ଯାହା ବି ହେଉ, ଏଥର ସବୁ ଦିନ ଫୋନ କରି କଥାହେବ । ସେଦିନ ହିଁ  ମିସ ୟୁ ସହ ଆଉ ଏକ ନୂଆ ଶବ୍ଦ ଯୋଡି ଦେଲ ଲଭ ୟୁ ଲେଖିଲ । ଏଥର କିନ୍ତୁ  ମୁଁ ସିଧା କହିଥିଲି । ମୁଁ ତୁମକୁ ସମ୍ମାଣ କରେ ତେଣୁ ଏହି ଭଳି ଶବ୍ଦ ବ୍ୟବହାର କରନ୍ତୁ ନାହିଁ ବୋଲି । ଉତ୍ତରରେ ସାଙ୍ଗେ ସାଙ୍ଗେ ତମେ ପଠେଇଲ ମୁଁ ବି ତୁମକୁ ସମ୍ମାନ ଦିଏ, ମୁଁ ବହୁତ ସମ୍ମାନ ଦିଏ । ଠିକ ଅଛି ଆଉ ଏମିତି କେବେ ଲେଖିବିନି ।

ତାପରେ ବହୁତ ସମୟ ଚୁପ ରହି ମୋତେ ଏକପ୍ରକାର ଦଣ୍ଡ ଦେଲ

Download Magazine from www.aahwaan.com

ଯେମିତି । ସେ କେତେ ଘଣ୍ଟା ମୋବାଇଲକୁ ହିଁ ଦେଖି ରହିଥିଲି । ମନକୁ ମନ ଉଦାସ ହେଇ ଯାଇଥିଲି । କାହିଁକି ସେମିତି କହିଲି ବୋଲି । କିନ୍ତୁ ଗୋଟେ ଲମ୍ବା ଚଉଡା ମେସେଜ ଦେଇ ହସେଇଦେଲ । ଯେମିତି ଆକାଶ ଦେହରୁ କଳା ବାଦଲ ହଟେଇ ପୂର୍ଣ୍ଣିମା ଜହ୍ନ ଆଙ୍କି ଦେଲ । ସେଦିନ ତୁମ ସ୍କୁଲ, କଲେଜ, ବାପା, ମାଆ, ସବୁ କଥା ଲେଖିଥିଲ । ତୁମ ପିଲାଦିନ କଥା ସବୁ ଲେଖି ପଠେଇ ମୋତେ ଜଣେଇ ଦେଲ ମୁଁ ସତରେ ତୁମର କେତେ ନିଜର ।

ଜାଣିଛ ପୀୟୂ, ତମେ ମୋତେ କାହିଁକି ବହୁତ ଭଲ ଲାଗିଲ ? କାହିଁକିନା ତମ ଭିତରେ ମୋ ପାଇଁ ବହୁତ ଭଲ ପାଇବା ଥିଲା । ଉଚ୍ଚ ଶିକ୍ଷିତ, ବଡ଼ ଚାକିରୀ କରି ବି ଗର୍ବ ଜାଣି ନ ଥିଲ । ସମସ୍ତଙ୍କୁ ଆପଣେଇବାର ଶକ୍ତି ସମସ୍ତଙ୍କୁ ଶୁଣିବାର ଧୈର୍ଯ୍ୟ ଥିଲା । କୌଣସି କାମକୁ ଛୋଟ ଭାବି ନ ଥିଲ । ତମେ ଯେବେ ଗାଁରେ ଛୁଟି ବନେଇବାକୁ ଯାଅ, ଆଉ କ୍ଷେତକୁ ଯାଇ ଲଙ୍ଗଳ ସହ କସରତ କର, ହଳିଆ ସଙ୍ଗେ ହଳିଆ ହେଇ, ଜମିରେ କାମ କର, ଫୋଟ ଛାଡ଼, ମୋତେ ହସ ଲାଗିଲେ ବି କୁହେ ସମସ୍ତେ ୟା'ଙ୍କଠୁ କିଛି ଶିଖିବା କଥା । ଏମିତି କେତେ କଥା, କେତେ ଘଟଣା ମୋତେ ତୁମ କଥା ଭାବିବାକୁ ବାଧ୍ୟ କରିଦିଏ । ତମେ ସବୁଠୁ ବେଶି ଭଲ ଲାଗ କାହିଁକିନା ତମେ ତୁମ ସମ୍ମାନ ଓ ମୋ ସମ୍ମାନ ବି ରକ୍ଷା କରିଥିଲ । ଆମର ଚିହ୍ନାହେଇ କେତେ ବର୍ଷ ହେଇ ଯାଇଥିଲା, ସେ କଥା ଅଲଗା କି ତମେ ଆଉ ମୁଁ ଭିନ୍ନ ବିଭାଗ ଭିନ୍ନ ସ୍ଥାନରେ ଥିଲୁ ।

ତଥାପି ତମେ କେବେ କେମିତି ଆସିବାକୁ ଇଚ୍ଛା କରି ଆସ । ତୁମ ସାଙ୍ଗ ସାଥି ସହ ମିଶ, ମୋ ପାଖକୁ ଆସ ଏତେ ଭଲପାଇବା ଥିବା ସତ୍ୱେ କେବେ ଏକା ଆସିନାହିଁ, କେବେ ଅଭଦ୍ରାମି କରି ନାହଁ । ତମେ ଖୁବ ସଂଯତ ଖୁବ ସମ୍ଭ୍ରମ.... ସେଥିପାଇଁ ମୋତେ ବହୁତ ଭଲ ଲାଗ ।

(୫)

ବେଳେବେଳେ ତମେ ଭୁଲି ଯାଅ ମୋତେ ଦେଇଥିବା କଥା ପୁଣି ଲେଖି ଦିଅ, ତୁମେ ବହୁତ୍ ମନେ ପଡୁଛ..., ମୁଁ ତୁମକୁ ଭଲପାଏ.... । ତମ ଏହି ପଦ ମୋ ଓଠରେ ଧାରେ ସ୍ମିତ ହାସ୍ୟ ଅଙ୍କିଦିଏ ଯଦିଓ ମୁଁ କିଛି ରିପ୍ଲାଇ ଦିଏନି । ସେଦିନ ଜିଦ ଧରିଲ, ରିପ୍ଲାଇ ଦିଅ ବୋଲି ବାଧ୍ୟ କଲ, କେତେ ବ୍ୟଗ୍ର, କେତେ ଛଟପଟ ହେଲ ମୋ ଠାରୁ ସେଇ ଲଭ ୟୁ ପଦ ଶୁଣିବାକୁ । ଏଥର ନୂଆ ଉପାୟ ବାହାର କଲ ନେଟରୁ ଖୋଜି ଲଭ ୟୁ ମିସ ୟୁ ଉତ୍ତର ଆସିବାର ନୂଆ ବିକଳ୍ପ ବାହାର କଲ । ଯେଉଁଥିରେ କି ତୁମ ଇପ୍ସିତ ଶବ୍ଦଟି ମୋ'ଠୁ ପାଇଯିବ । ବିଶ୍ୱାସ କର ମୋ ଯାଗାରେ ଯଦି ଆଉ କେଉଁ ଝିଅ ଥା'ନ୍ତା କେଉଁ ଦିନୁ ତୁମ ସାଥେ ଘର ସଂସାର କରି ସାରନ୍ତା । କିନ୍ତୁ ଛାଡ଼ ...

ତମର ମନେ ଅଛି ପୀୟୂ ? ଯେତେବେଳେ ବି ତମେ ଭଲ କାମ କରି ସମସ୍ତଙ୍କଠୁ ବାଃ ବାଃ ନେଇଛ ତା'ର ଶ୍ରେୟ ମୋତେ ହିଁ ଦେଇଛ । ନିଜକୁ ସମର୍ପି ଦେବାର ଭରପୁର ଇଚ୍ଛାକୁ ଲେଖି ଦେଇଛ । କେତେଥର ମୋ ସ୍ୱପ୍ନ ଦେଖି ବିଭୋର ହେଇଛ, କେତେ ଖୁସି ହେଇ ଯାଇଛ । ହେଲେ

Download Magazine from www.aahwaan.com


ବେଳେବେଳେ କୁହ ବେଳେବେଳେ କୁହନି । ହେଲେ ତମେ ଜାଣିନ ପୀୟୁ, ମୁଁ ବି ତୁମ ସ୍ୱପ୍ନ ଦେଖେ, ବ୍ୟତିବ୍ୟସ୍ତ ହୁଏ । ସ୍ୱପ୍ନ ତକ ସାଉଁଟିବାକୁ ଡହଳ ବିକଳ ହୁଏ ।

ଆଶ୍ଚର୍ଯ୍ୟ ଏ ଭଲ ପାଇବା.. ଆମେ କେବେ ଗପିଛୁ କି ପୀୟୁ ପାଖରେ ବସି ନିରୋଳାରେ ଦି'ପଦ ? କେବେ ହାତ ଧରା ଧରି ହୋଇ ବୁଲିଛେ ପାର୍କ.. ମନ୍ଦିର.. ଅବା ମସଜିଦ ?

ତଥାପି କେତେ ଭଲପାଇବା ଥିଲା । ଗୋଟିଏ ମୁହୂର୍ତ୍ତ ବି ଭୁଲିହେଉନି । ସମ୍ଭବତ ଏବେ ବି ତମେ ମୋ କଥା ହିଁ ଭାବୁଥିବ । କହନ୍ତି ନା ତମେ ଯାହା କଥା ହୃଦୟର ସହ ଭାବୁଛ ,ସେ ବି ତୁମ କଥା ହିଁ ଭାବୁଥିବ । ଅବଶ୍ୟ ଏ କଥା କେତେଦୂର ସତ୍ୟ ଜାଣେନା ।

(୬)

ତମେ ଜାଣିବାର ହକ୍ ଥିଲା ନା ପୀୟୁ... ତମେ ଯାହାକୁ ଭଲ ପାଅ ସେ ବି ତୁମକୁ ଭଲ ପାଏ ? ଯେତେଥର ତମେ ଜିଦ କରିଛ ମୋ'ଠୁ ଉତ୍ତର ପାଇଁ ସେତେ ଥର ମୋ ଅବସ୍ଥା ସାଂଘାତିକ ହେଇଛି । ହୃଦୟରୁ ଇଚ୍ଛା ସବୁ ଠେଲି ପେଲି ଓଠ ଯାଏଁ ଧାଇଁ ଆସନ୍ତି କହି ଦେବାକୁ ସେ ଗୋଟିଏ ଶବ୍ଦ । କିନ୍ତୁ ବହୁ କଷ୍ଟରେ ସଂଯତରେ ଲେଖି ଦିଏ 'ଗୋଟେ କଥା କହିବି' ତମେ ଅପେକ୍ଷା କର ଦିନ ରାତି, କାନ ପାର ମନ୍ୱନ୍ତର ଯାଏଁ । ରାଣ ନିୟମ କର, ନ କହିଲେ କଥା ବନ୍ଦ ବୋଲି । କିନ୍ତୁ ମୁଁ କେମିତି କୁହନ୍ତି, କେମିତି ତୁମକୁ ମିଛ ଆଶା ଦେଖାନ୍ତି ଯେ.. ସେଥିପାଇଁ କଥା

ଆହ୍ୱାନ ଶତକ ସଂସ୍କରଣ

ବୁଲେଇ ଦିଏ । ତମେ ବି ବେଶ ଠଉରେଇ ନିଅ ମୁଁ କଥା ବୁଲେଇବାରେ ଓସ୍ତାଦ ବୋଲି । ତୁମକୁ ଓଲ୍ଲୁ ବନଉଛି ବଲି ରାଗ ଅଭିମାନ କର । ମୁଁ ମନେଇ ଜାଣେନା, ତଥାପି ମନେଇବାକୁ ଲାଗିଯାଏ ।

ତେବେ ଏମିତି ସତରେ ତୁମକୁ ମନେଇ ପାରିବିନି, ଭାବି ନ ଥିଲି । ମଣିଷ ତ ଆମେ, ଭଗବାନ ନୋହୁଁ, ଦେଖ ନା କେମିତି ବଦଳି ଗଲା ସବୁ । ମୋ'ଠୁ ଉତ୍ତର ନ ପାଇ ଏତେ ରାଗିଗଲ ଯେ, ଆଉ ମେସେଜ କଲନି । ମୁଁ ବି କେଉଁ କମ ? ଅନ୍ତରେ ଅନ୍ତରେ ଝୁରି ହେଲି କିନ୍ତୁ କହିଲି ନା ମେସେଜ କଲି ? ଦେଖ ତମେ ଅଛ, ମୁଁ ଅଛି, ଅଛି ବି ସେଇ ଭଲପାଇବା କିନ୍ତୁ ଅଜବ ନୀରବତାର ପାଚେରୀଟେ କେମିତି ଗଢ଼ି ହେଇ ଯାଇଛି । ମୁଁ ବି ଚାହୁଁନି ତାକୁ ତଡିବାକୁ । ତମେ ଯୋଉଠି ରୁହ ଖୁସିରେ ରୁହ । ତେବେ ମୁଁ କଣ ଭାବିଥିଲି ଜାଣିଛ, ଆଉ ଦି ଚାରି ମାସ ଯାହା ମୋର ଆୟୁଷ, ସେତେଦିନ ମୁଁ ତୁମ ସହ ହସି ଖୁସି ରହିବି । ପୁରା ମସ୍ତିରେ ଜୀଇଁ ବି । କେବେ କହିବିନି... ତୁମଠୁ ଆଗରୁ ରକ୍ତ କର୍କଟ ମୋତେ କୋଳେଇ ନେଇଛି । ଗୋଟା ପଣେ  ନିଜର କରି ନେଇଛି ବୋଲି ।

ତେବେ ଆଜି କଷ୍ଟ ହେଉଛି ପୀୟୂ । ଆଉ ଥରେ ଆମର ଭେଟ ହେବ କି ନା, ତମେ ଜାଣି ପାରିବ କି ନା... ତମାମ ସମୟ ତମେ ଯାହାକୁ ଭାବୁ ଥିଲ ଏକତରଫା ପ୍ରେମ ସେ ଯେ, ଦି ତରଫରୁ ଥିଲା ବୋଲି । ତମେ ଏକା ନୁହଁ ମୁଁ ବି ତୁମକୁ ଭଲପାଏ ବୋଲି । ଉଠିଲା ପହରୁ, ରାତି

Download Magazine from www.aahwaan.com

ଶୋଇଲା ଯାଏଁ ତମେ

(୭)

ଏକା ନୁହଁ ମୁଁ ବି ତୁମକୁ ଖୋଜିହୁଏ ବୋଲି । ମୁଁ ବି ତୁମକୁ ଝୁରି ହୁଏ ଆଖିରୁ ଲୁହରେ ନିତ୍ୟ ସ୍ନାନ କରେ ବୋଲି । ତମେ ଏକା ନୁହଁ ମୁଁ ବି ତୁମକୁ ମନେ ପକାଏ, ତମେ ଏକା ନୁହଁ ମୁଁ ବି ତୁମକୁ ହିଁ ଭଲ ପାଏ ବୋଲି । ଏମିତି ବହୁତ କଥା ଅଛି ପୀୟୂ ଯାହା କହିନି, ତେବେ ଶେଷ ନିଶ୍ୱାସ ଥିବା ଯାଏଁ ତୁମ ସହ ମନରେ ମନରେ ବି ଗପୁଥିବି । ତମେ ଅଛ ପିୟୁ ଏ ମୋ ଦେହରେ ମୋ ରକ୍ତରେ, ମୋ ଭାବ ଭାବନାରେ । ତମ ସହ ନିଶ୍ଚିତ ମିଶିବି, ଏ ଜନ୍ମରେ ନ ହେଲେ ବି ଆର ଜନ୍ମରେ ।

ମୁଁ ମରିଯିବି ବୋଲି ମୋର ଦୁଃଖ ନାହିଁ ପୀୟୂ.. ତେବେ ଦୁଃଖ ତୁମ ପରି ସୁନ୍ଦର ସାଥୀଟିଏର ହୃଦୟ ଭାଙ୍ଗିଦେଲି ବୋଲି । ତମେ ସେଦିନ ରାଗରେ ନିର୍ଦ୍ଦୟୀ  ଲେଖିଲ । ଭାବିଥିବ ନିର୍ଦ୍ଦୟୀ ବୋଲି । ତେବେ ଚିନ୍ତା କରିଛ ? ନିର୍ଦ୍ଦୟୀ ବି ନିଜ ହୃଦୟକୁ ଛେଲି ଛେଲି କରି କେତେ ଯନ୍ତ୍ରଣା ପାଏ, ଲହୁ ଲୁହାଣ ହୋଇ ଥାଏ ବୋଲି । ଛାଡ଼... ବହୁତ କଷ୍ଟ ନିଜ ଇଚ୍ଛାକୁ ମାରିବା, ବଞ୍ଚି ଥାଉ ଥାଉ ମରିବା । ମୋର ବହୁତ ମନ ଥିଲା ତୁମ ପ୍ରଶସ୍ତ ଛାତିରେ ମୁଣ୍ଡ ରଖି ବିଶାଳ ଆକାଶରେ ହଜିବି, ତାରା, ନକ୍ଷତ୍ର ସହ ଜହ୍ନର ଜ୍ୟୋସ୍ନାରେ ଭିଜିବି । ବହୁତ ଇଚ୍ଛା ଥିଲା ତୁମ ବାହୁ ବନ୍ଧନରେ ନିଜକୁ ଆବଦ୍ଧ କରି କହିଦେବି ସେଇ 'ଗୋଟିଏ କଥା' ଯାହା କହି ନ ଥିଲି ଯେ । କେଉଁ କାଳୁ ସେଇ ଗୋଟିଏ କଥା ହେଲା 'ଲଭ ୟୁ....

Download Magazine from www.aahwaan.com

ଆହ୍ୱାନ ଶତକ ସଂସ୍କରଣ

ଲଭ ୟୁ.... ଲଭ ୟୁ.... ବୋଲି ।'

ମୁଁ ଗାଁକୁ ଯାଉଛି ପୀୟୂ । ଲମ୍ବା ଛୁଟି ନେଇ । ଆଉ କିଛି ସମୟ ଗଲେ ଗାଁରେ ପହଞ୍ଚିବି । ମାଆ ଅପେକ୍ଷା କରିଛି, ମୋ ପସନ୍ଦର ଖିରି ଖେଚୁଡ଼ି ରାନ୍ଧି ରଖିଛି । ମୁଁ ତାକୁ ବି କୋଉ କଥା କହିଛି ନା ତୁମ କଥା ନା ମୋ ବେମାର କଥା ? ସେ ବି କୋଉ ଜାଣିଛି ତା ଅଲିଅଳ ଝିଅ ଆଉ ଅଳ୍ପ ଦିନର କୁଣିଆ ବୋଲି ?

ବାସ ଶେଷ ସମୟ ଯାଏଁ ତା କୋଳରେ ଶୋଇ ରହିବି, ତା'ସ୍ପର୍ଶର ଯାଦୁରେ ଛୁ... ହେଇଯିବ ନା ସବୁ ଦୁଃଖ ଆଉ ଅବଶୋଷ ।

ବିଷ୍ଣୁପ୍ରିୟା କରସୁଧା ପଟ୍ଟନାୟକ
ଶିକ୍ଷୟତ୍ରୀ ଦାବୁଗାଁ ବ୍ଲକ
ଗ୍ରା/ପୋ ନବରଙ୍ଗପୁର
୭୬୪୦୫୯, ଓଡିଶା ।

Download Magazine from www.aahwaan.com

# ସୁନନ୍ଦା

ପିଲାଟି ଦିନରୁ ବାପା, ମା'କୁ ହରାଇ ମାଉସୀ ଘରେ ରହେ ସୁନନ୍ଦା ॥ ପାଠପଢ଼ା କହିଲେ ସପ୍ତମ ଯାଏ ପଢିଛି ॥ ଦିନ ସାରା କାମରେ ବ୍ୟସ୍ତ ॥ ସତେ ଯେମିତି ଚାତକ ପରି ରାତିକୁ ଅପେକ୍ଷା କରି ରହିଥାଏ ॥ କେତେବେଳେ ରାତି ହେବ ଆଉ ଟିକେ ଶାନ୍ତିରେ ନିଶ୍ୱାସ ମାରିବ ॥ ସୁଖ ଯେମିତି ତା ପାଇଁ ସାତ ସପନ ॥ ଧୀରେ ଧୀରେ ସୁନନ୍ଦା ଯୌବନରେ ପାଦ ଦିଏ, ଯୌବନର ପାଦ ଭାରି ଖସଡା, ମାପିଚୁପି ବାଟ ଚାଲିଲେ ଠିକ୍ ନଚେତ୍ ପାଦ ଖସିବାର ଅଧିକ ସମ୍ଭାବନା ॥ ସୁନନ୍ଦାର ମଧ୍ୟ ଠିକ୍ ସେଇଆ ହେଲା ॥ ସେଇ ଗାଁ'ର ଅମରକୁ ପ୍ରେମ କରି ବସିଲା ॥ ଅମର ଦେଖିବାକୁ ଭାରି ସୁନ୍ଦର ॥ ମ୍ୟାଟ୍ରିକ ଫେଲ ହେବା ପରେ ଚାଷବାସ କାମ କରେ ॥ ଦୁହେଁ ଦୁହିଁଙ୍କୁ ଖୁବ୍ ଭଲ ପାଇଲେ ॥ ଅମର ନିଜ ଜୀବନଠୁ ବେଶୀ ଭଲ ପାଇଲା ସୁନନ୍ଦାକୁ ॥ ଅମରର ପ୍ରେମ ସାନିଧ୍ୟ ପାଇ ସୁନନ୍ଦା ପଛ କଥା ଭୁଲିବାକୁ ଲାଗିଲା ॥



ଅନିଲ୍ ସାହୁ

ଦିନେ ଅମର ସୁନନ୍ଦାକୁ କହିଲା ମୁଁ ଭାବିଛି ଦିଲ୍ଲୀ ଯାଇ କାମ କରିବି ॥ ଏ କଥା ଶୁଣି ସୁନନ୍ଦା ମନ ଦୁଃଖ କଲା ॥ ଅମର ବୁଝେଇବାକୁ ଯାଇ କହିଲା ମୁଁ କଣ ସବୁ ଦିନ ପାଇଁ ତୋତେ ଛାଡିକି ଯାଉଛି କି ?? କିଛି ଦିନ ପରେ ଫେରି ଆସିବି ॥ ଆଛା କହିଲୁ ମୁଁ ଯଦି ବାହାରକୁ ନଯାଏ ଟଙ୍କା କୁଆଡୁ ଆସିବ ଯେ ତୋ, ମୋ ବାହାଘର ହେବ ॥ ଦେଖିବୁ ଆମ ବାହାଘର ପୁରା ଧୁମଧାମରେ ହେବ ॥ ବାଜା ରୋଷଣୀ, ଭୋଜି ଭାତରେ

Download Magazine from www.aahwaan.com

ପୁରା ଜମିବ ॥ ବିଚାରୀ ସୁନନ୍ଦା ଅମରକୁ କଣ କହି ବୁଝେଇବ କିଛି ଜାଣି ପାରୁ ନଥାଏ ॥

ସେଦିନ ରାତିରେ ସୁନନ୍ଦା ଠିକରେ ଖାଇ ପାରିଲାନି କି ଶୋଇ ପାରିଲାନି ॥ ମନରେ ଗୋଟିଏ ଭାବନା ନିଜର ମଣିଷକୁ ଛାଡି କେମିତି ରହିବ ॥ ଏମିତି ଭାବୁ ଭାବୁ କେତେବେଳେ ଶୋଇ ପଡିଛି ନିଜେ ବି ଜାଣିନି ॥

ରାତିପାହି ସକାଳ ହେଲା ଅମର ବାହାରିଲା ଯିବା ପାଇଁ ବସଷ୍ଟାଣ୍ଡକୁ, ଆଉ ବିଦାୟ ଦେବା ପାଇଁ ସାଙ୍ଗରେ ଗଲା ସୁନନ୍ଦା ॥ ଗଲାବେଳେ ବାଟରେ କାନ୍ଦି କାନ୍ଦି ବୁଝାଉ ଥାଏ ସୁନନ୍ଦା, ନୂଆ ଜାଗା ଦେଖିକି ଚଳିବ, ନିଯର ଯତ୍ନ ନେବ, ଠିକ୍ ସମୟରେ ଖାଇବ ॥ ସୁନନ୍ଦା କଥା ଶୁଣି ଅମର କହିଲା ତୁ ମୋତେ ଛୋଟ ପିଲା ଭାବୁଛୁ ନା କଣ ?? ତୁ ଆଗ ତୋ ଯତ୍ନ ନେ, ଜମା କାନ୍ଦେନା କହୁଛି, ନହେଲେ ସତ କହୁଛି ମୁଁ ଯିବିନି ॥ ସୁନନ୍ଦା ଆଖିର ଲୁହକୁ ପୋଛି ଦୁଇ ପାଦ ଛୁଇଁ ପ୍ରଣାମ କଲା ଆଉ କହିଲା ପହଞ୍ଚିଲେ ଚିଠି ଦେବ ॥ ଚାହୁଁ ଚାହୁଁ ବସ୍ ଆସି ପହଞ୍ଚି ଗଲା ଆଉ ଅମର ନିଜ କର୍ମକ୍ଷେତ୍ରକୁ ଚାଲିଗଲା ॥

କିଛି ଦିନ ପରେ ଗାଁକୁ ଆସି ଥାଏ ଡାକବାଲା ॥ ସୁନନ୍ଦା ଦୌଡି ଯାଇ ପଚାରିଲା ମୋ ନାଁରେ କିଛି ଚିଠି ଆସିଛି କି ?? ଡାକବାଲାଟି କହିଲା ହଁ ମା ଏଇ ଚିଠି ନେ ॥ ସୁନନ୍ଦା ଚିଠିଟି ଖୋଲି ପଢିଲା.........

ହୃଦୟର ସୁନନ୍ଦା

ଆଶା କରେ ତୁ ଭଲରେ ଥିବୁ ॥ ମୁଁ ଭଲରେ ଭଲରେ ପହଞ୍ଚି ଗଲି ଆଉ ଜାଣିଛୁ ପ୍ରଭୁଙ୍କ କୃପାରୁ ମୋତେ ଗୋଟେ କମ୍ପାନୀରେ କାମ ମିଳିଛି,

Download Magazine from www.aahwaan.com

ମାସକୁ ୮୦୦୦ ଦରମା ॥ ଦେଖିବୁ ଏଥର ଆମ ଦୁଃଖ ଯିବ ॥ ମୁଁ ଶୀଘ୍ର ଗଲେ ବଡ ଜାକଜମରେ ତୋ ମୋ ବାହାଘର ହେବ ॥ ଜମା ବି ମନ ଦୁଃଖ କରିବୁନି ॥ ତୋ ଯତ୍ନ ନେଉଥିବୁ ॥ ସୁବିଧା ଦେଖି ପୁଣି ଚିଠି ଦେବି । । ( ଇତି )

ଅମର ବିଶ୍ୱାଳ

ଚିଠିଟି ପଢି ସୁନନ୍ଦା ପାଦ ତଳେ ଲାଗିଲାନି, ଯେମିତି ଦୁନିଆଁର ସମସ୍ତ ଖୁସି ତା ହାତ ଆଞ୍ଜୁଳାରେ ଅଜାଡି ହୋଇ ପଡିଛି ॥

ଚାହୁଁ ଚାହୁଁ ବିତିଗଲା ମାସେ, ମାସେ ଯାଇ ଦୁଇ ମାସ ହେଲା, ହେଲେ ଗୋଟିଏ ବି ଚିଠି ଆସିଲାନି ଅମରର ॥ ଆଖି ଲୁହକୁ ଆଖିରେ ଚାପି ଲୋକଙ୍କ ଆଗରେ ହସିଦିଏ ଶୁଖିଲା ହସଟିଏ ॥ ସୁନନ୍ଦାକୁ ଦେଖେଇ ଅନେକ ଲୋକ ଟାହିଟାପର କରନ୍ତି ॥ ଚୁପଚାପ୍ ସେ ସବୁକୁ ମଥାପାତି ସହିଯାଏ ॥

ଯେତେବେଳେ ଗାଁକୁ ଡାକବାଲା ଆସେ ଦୌଡି ଯାଇ ପଚାରେ ମୋ ନାଁରେ କିଛି ଚିଠି ଆସିଛି କି ?? ହେଲେ ଡାକବାଲାଟି ନାଁ କହି ଚାଲିଯାଏ ॥

ଦିନେ ମନମାରି ବସି ଥାଏ ହଠାତ୍ ଶୁଭିଲା ଡାକବାଲାର ପାଟି, ଦୌଡି ଯାଇ କହିଲା ମୋ ନାଁ ରେ କିଛି ଚିଠି ଆସିଛି କି ?? ଏଥର କିନ୍ତୁ ଡାକବାଲାଟି କହିଥିଲା ହଁ ଆସିଛି ଝିଅ ॥ ଡାକବାଲା ଠାରୁ ହଁ ଶବ୍ଦଟି ଶୁଣି ଯେମିତି ନିସ୍ତେଜ ପ୍ରାଣରେ ଜୀବନ ପଶିଲା ॥ ସଙ୍ଗେ ସଙ୍ଗେ ଚିଠିଟି ପଢିଲା........

ସ୍ନେହର ସୁନନ୍ଦା,

Download Magazine from www.aahwaan.com



ଆଶା କରେ ବହୁତ ଭଲରେ ଥିବୁ ॥ ଅନେକ ଦିନରୁ ଚିଠିଟିଏ ଦେଇନି ବୋଲି ମନ ଦୁଃଖ କରିଥିବୁ ନା ? ? ହେଲେ କଣ କରିବି କହିଲୁ ! ! ! ! ! ! ! ! ନିଷ୍ଠୁର ସତ୍ୟକୁ ତୋତେ କେମିତି ଜଣେଇବି ନିଜେ ବି ଜାଣି ପାରୁନି ॥ ନିଜେ ତ ଏଠି ଯନ୍ତ୍ରଣା ଯୁଇରେ ଜଳୁଛି........ ହେଲେ ଆଉ ନୁହେଁ, ତୁ କାହିଁକି ମୋ ପାଇଁ ଯନ୍ତ୍ରଣା ଯୁଇରେ ଜଳିବୁ ? ? ତେଣୁ ମୁଁ ଆଜି ତୋତେ ସବୁ ସତ କଥା କହିଦେବି ॥

ଜାଣିଛୁ ସୁନନ୍ଦା, ମୁଁ ଯେଉଁ ସ୍ୱପ୍ନ ଦେଖିଥିଲି ସେ ସବୁ ସ୍ୱପ୍ନ ହୋଇ ରହିଗଲା ॥ କମ୍ପାନୀର ଏକ ଦୁର୍ଘଟଣାରେ ମୁଁ ମୋର ଗୋଟିଏ ଗୋଡ ହରାଇ ପଙ୍ଗୁ ହୋଇ ଯାଇଛି ॥ ଶେଷ ଥର ପାଇଁ ତୋତେ ଗୋଟେ ଅନୁରୋଧ କରୁଛି ରଖିବୁ, ମୋତେ ଭୁଲିଯିବୁ ଆଉ କାହାକୁ ନିଜର କରି ସୁଖରେ ଶାନ୍ତିରେ ଘର ସଂସାର କରିବୁ ॥ ତୁ ଖୁସିରେ ଥିଲେ ଭାବିବୁ ମୁଁ ଖୁସିରେ ଅଛି ଆଉ ଅଧିକ ବା କଣ କହିବି ॥ ଭାବିନେବୁ ଏଇଟା ତୋ ପାଇଁ ଶେଷ ଚିଠି ॥ ( ଇତି )

ଅମର ବିଶ୍ୱାଳ

ଚିଠିଟି ପଢି ସାରିବା ପରେ ସୁନନ୍ଦା ଆଖିରୁ ଧାର ଧାର ଲୁହ ବୋହି ଯାଉଥାଏ ଆଉ ଭାବୁଥାଏ କାହାକୁ ଦେବ ଦୋଷ ॥ ନିଜ ଭାଗ୍ୟକୁ, ନା ନିଜ କର୍ମକୁ ? ?

ଇଶ୍ୱରାପାଳ - ରାସୋଳ - ଢେଙ୍କାନାଳ

ଭ୍ରାମ୍ୟଭାଷ - ୯୮୫୩୨୨୦୧୪୩

Download Magazine from www.aahwaan.com

# କାନ୍ଦିବ କିଏ ?



ଜ୍ୟୋତି ରଞ୍ଜନ ସାହୁ

ବେଳେବେଳେ ମଜାରେ ମଜାରେ ଆମେ ଅନେକ କଥା କହିଥାଉ । ହେଲେ ଅନେକ ସମୟରେ ଏହି ମଜାରେ ମଜାରେ କହିଥିବା କଥା ଅନେକ ଗୁରୁତ୍ୱ ବହନ କରିଥାଏ । କିଏ ବୁଝେ ଆଉ କିଏ ତାକୁ ମଜାରେ ଉଡାଇ ଦିଏ । ମଜାମଜାରେ ଅନେକ ଗହନ କଥା କହିପାରିବା ଭଳି ବ୍ୟକ୍ତି ଏ ସଂସାରରେ ଖୁବ୍ କ୍ୱଚିତ୍ ଦେଖିବାକୁ ମିଳନ୍ତି ।  ବରଜୁପୁର ବୋଲି ଗାଁଟିରେ ଅଛନ୍ତି ଜଣେ ସେହି ଭଳି ବ୍ୟକ୍ତିତ୍ୱର ଅଧିକାରୀ । ବୟସଟା ଏ ପର୍ଯ୍ୟନ୍ତ ଛଡାଇ ନେଇ ପାରିନାହିଁ ତାଙ୍କ ମୁହଁରୁ ହସ ଆଉ ସେହି କଥାକୁହା ହସପେଡିଟା । ତାଙ୍କ କଥା ଶୁଣିଲେ ଜମିଯାଏ ହସର ଆସର । ସିଏ ଆଉ କେହି ନୁହେଁ ବରଜୁପୁର ଗାଁର ଫଗଲୁ ଜେଜେ । ନାଁଟା ହିଁ କହିଦିଏ ତାଙ୍କ ବ୍ୟକ୍ତିତ୍ୱ । ଫଗଲୁ ଜେଜେଙ୍କୁ ଏବେ ସତୁରୀ ଛୁଇଁଲାଣି । ପତ୍ନୀ ସଂକରୀ ଚାରିବର୍ଷ ଆଗରୁ ତାଂକୁ ଜୀବନପଥରେ ଏକା ଏକା ଛାଡି ଚାଲିଯାଇଛନ୍ତି ଅଫେରା ବାଟରେ । ଦୁଇପୁଅ ଭିତରୁ ଜଣେ ଆମେରିକା ଆଉ ଜଣେ ଦିଲ୍ଲୀରେ କରାଇ ନେଇଛନ୍ତି ନିଜ ନିଜର ଠିକଣା । ଝିଅ ଝୁମୁରୀ ଅଛି ବାଙ୍ଗାଲୁରୁରେ । ସ୍ୱାମୀ ତା'ର ଜଣେ ସଫ୍ଟୱେର ଇଞ୍ଜିନିୟର । ସେଇଥିପାଇଁ ଗାଁ ଲୋକେ କହନ୍ତି, "ଆରେ ଫଗଲୁ ବୁଢାର ଚିନ୍ତା କଣ ? ପୁଅଝିଅ ସମସ୍ତେ କୁଳକୁ ଲାଗି ଯାଇଛନ୍ତି ।

Download Magazine from www.aahwaan.com

ଆହ୍ୱାନ ଶତକ ସଂସ୍କରଣ

ସେଇଥି ପାଇଁ ବୁଢାର ହସ ବାହାରୁଛିନା... ।" ଲୋକ ତ ଆଙ୍କା କହିବେ । ତେବେ ଛାଡନ୍ତୁ ଲୋକଙ୍କ କଥା । ଏବେ ଯିବା କାହାଣୀର ଆଉ ଦୁଇ ଚରିତ୍ର ଉପରକୁ । ଜଣେ ମୁନା ଆଉ ଜଣେ କୁନା । ଦୁହେଁ ଦୁଇ ବନ୍ଧୁ । ସେମାନେ ଦୁହେଁ ମଧ୍ୟ ଚାକିରି କରନ୍ତି ଦୂର ଦେଶରେ । ପାଖାପାଖି ଦେଢ ବର୍ଷପରେ ଦୁଇବନ୍ଧୁ ଗାଁକୁ ଆସିଛନ୍ତି । ପରସ୍ପରକୁ ପାଖରେ ପାଇ ଦୁହେଁ ଥାଆନ୍ତି ଖୁବ ଖୁସି । ଉପଭୋଗ କରି ଚାଲିଛନ୍ତି ପ୍ରତିଟି ମୂହୁର୍ତ୍ତକୁ । ଏତିକିବେଳେ ଗାଁର ଗଉରା ସାହୁ ଖବର ଦେଲା, "ଆରେ ! ତୁମ ଦୁଇଟାଙ୍କୁ ଫଗଲୁ ଜେଜେ ଖୋଜୁଛି । ସମୟବାହାର କରି ଟିକିଏ ବୁଲି ଆସିବ । ବୁଢା ତୁମ ଦୁଇଟାକୁ ଦେଖିଲେ ଖୁବ ଖୁସି ହୋଇଯିବ ।" ଗଉରା ସାହୁ ପାଖରୁ ଏ କଥା ଶୁଣି ଦୁହେଁ ପ୍ରସ୍ତୁତ ହୋଇଗଲେ ଆସନ୍ତା କାଲି ଫଗଲୁ ଜେଜେଙ୍କ ପାଖକୁ ଯିବା ପାଇଁ ।

ଦିନ ଏଗାରଟା ସମୟରେ ଧୂ ଧୂ ଖରାବେଳଟାରେ ଦୁଇ ବନ୍ଧୁ ଯାଇ ପହଞ୍ଚିଲେ ଫଗଲୁ ଜେଜେଙ୍କ ଘରେ । ଘରେ ପଶୁପଶୁ ତାଙ୍କର ବିରାଟପୁର ଘରଟା ସେମାନଙ୍କୁ ପ୍ରତ୍ୟୟମାନ ହେଉଥାଏ ଠିକ୍ ଗାଁମୁଣ୍ଡ ବୁଢା ବରଗଛ ପାଖ ମଶାଣିଭୂଇଁଟା ପରି । ଚାରିଆଡେ ଖାଁ ଖାଁ ଆଉ ପ୍ରଚଣ୍ଡ ନିରବତା । ପରିବେଶଟା ଠିକ୍ ଜହ୍ନମାମୁଁର ବେତାଳ କଥାପରି ଅନୁଭୂତି ଦେଉଥାଏ । ହଠାତ୍ ବିକ୍ରମ କାନ୍ଧରେ ବେତାଳକୁ ବୋହିଆଣିବା ପରି କାନ୍ଧରେ ନାଲିଗାମୁଛା ଆଉ ହାତରେ କୋଦାଳଟା ଧରି ବାଡିପଟ କବାଟକୁ ଠେଲି ମାଡି ଆସୁଥିଲେ ଫଗଲୁ ଜେଜେ । ସେତେବେଳେ ଯାଇ ଘରର ନିର୍ଜନତା

ଭିତରେ ଦୁଇବନ୍ଧୁ ଠାବକଲେ ମଣିଷର ଉପସ୍ଥିତି । ଦୁର୍ବଳ ଦୃଷ୍ଟିଶକ୍ତି ଭିତରେ କିନ୍ତୁ ମୁନା ଆଉ କୁନାକୁ ଦୂରରୁ ଠିକ୍ ଚିହ୍ନିଦେଲେ ଫଗଲୁ ଜେଜେ । ଜେଜେଙ୍କୁ ଦେଖୁ ଦେଖୁ ଦୁଇବନ୍ଧୁ ଦୌଡି ଯାଇ ଗୋଡ ଛୁଇଁ ପ୍ରଣାମ କଲେ । ଆଶିଷର ଅମାପ ଅଦୃଶ୍ୟ ଧନ ଓଜାଡି ଦେଲେ ଫଗଲୁ ଜେଜେ ଦୁଇବନ୍ଧୁଙ୍କ ଉପରେ । ଦୁଇବନ୍ଧୁ ଦେଖିଲେ ଜେଜେଙ୍କର ଆଉ ପୂର୍ବ ଚମକ ନାହିଁ । ହସର ପେଡିରେ ଯେପରି ଚାବି ପଡିଯାଇଛି । ନଜର ଲାଗି ଯାଇଛି ଫଗଲୁ ଜେଜେଙ୍କର ହସହସ ମୁହଁକୁ । ଦେହରୁ ନିଗିଡି ପଡୁଥିବା ଝାଳକୁ ଦେଖି ମୁନା ପଚାରିଲା, "ଜେଜେ ! ଏତେ ଖରାରେ ତୁମେ ବାଡିପଟେ ଏ କୋଦାଳ ନେଇ କ'ଣ କରୁଥିଲ ?" ତା'ର ପ୍ରଶ୍ନର ଉତ୍ତରରେ ହସିଦେଇ ଫଗଲୁ ଜେଜେ କହିଲେ, "ଆରେ ନାତିଆ ! କ'ଣ ଆଉ କରିବି ? ସେହି ଗଛ ଲଗାଉ ଥିଲି ।" ଏହା ଶୁଣି କୁନା ପଚାରିଲା, "କଣ ଜେଜେ ତିରିଶିବର୍ଷ ତଳୁ ଗଛ ଲଗା ଚାଲିଛି ଯେ ଏ ପର୍ଯ୍ୟନ୍ତ ସରିଲାନି ? କ'ଣ କରିବ ଆଉ ଏ ବୟସରେ ଗଛ ଲଗେଇ ?" ଏଥର ଟିକିଏ ଜୋରରେ ହସି ଫଗଲୁ ଜେଜେ କହିଲେ, "ମନେ ଅଛି ଆଜିକୁ ଚବିଶି ବର୍ଷ ତଳେ ମୋତେ ସ୍କୁଲରୁ ଫେରିଲା ବେଳେ ପଚାରିଥିଲୁ ଜେଜେ ଆମେ ଗଛ ଲଗାଇବା କାହା ପାଇଁ ? ଆଉ ତା ଉତ୍ତରଟା ତୋ ବହିର ସେ ବୁଢାଟା କଣ ଦେଇଥିଲା ଭୁଲିଗଲୁ ! ତୁ ନିଜେ ପରା ମୋତେ ପଢି ଶୁଣେଇଥିଲୁ ।" ଏଥର ତିନିଜଣ ମିଶି ଖୁବ୍ ଜୋରରେ ହସିଲେ । ସେତେବେଳେ ଫଗଲୁ ଜେଜେଙ୍କୁ ଦେଖି ଲାଗୁଥାଏ ସତେ ଯେପରି

Download Magazine from www.aahwaan.com

ଅନେକ ଦିନ ପରେ ସେ ଆଜି ହସୁଛନ୍ତି ! କଥାରେ କଥାରେ କେତେ ବେଳେ ବାଡି ଆମ୍ବ ଆଉ ପଣସ ଆଣି ଗଦାକରି ଦେଲେ କୁନା ଆଉ ମୁନାପାଇଁ । ଘରର ଦଉଡିଆ ଖଟରେ ତିନି ଜଣ ବସି କଥା ହେଉହେଉ ଫଗଲୁ ଜେଜେ ହଠାତ୍ କହିଲେ, "ଆରେ ବୁଝିଲ ! ତୁମେ ଦୁହେଁ ମୋ ନାତିଆ ପରି । ଏ ବୁଢା ଜେଜେଟାର ଛୋଟ କଥାଟିଏ ରଖିବ ?" ଫଗଲୁ ଜେଜେଙ୍କର ଏପରି କଥାରେ ପରିବେଶଟା ହଠାତ ଗମ୍ଭୀର ହୋଇଉଠିଲା । ଦୁଇବନ୍ଧୁ କହିଲେ, "ହଁ ଜେଜେ । କଣ କଥା କୁହ ? ଆମେ ନିଶ୍ଚୟ ତୁମ କଥା ରଖିବୁ ।" ଏଥର ଫଗଲୁ ଜେଜେ ଟିକିଏ ଉତ୍ସାହିତ ହୋଇ କହିଲେ, "କଥା କ'ଣ କି ! ମୁଁ ଭାବୁଥିଲି ମୋର ତ ଜାଗା ଅନେକ ପଡିଛି । ଏଇଠି ଗୋଟିଏ ଅନାଥାଶ୍ରମ ଖୋଲିଥା'ନ୍ତି । ଏବେ ବୟସ ସାଥୀ ଦେଉନି । ତୁମେ ଦୁଇଜଣ ଯଦି ସାହାଯ୍ୟ କରନ୍ତ ତେବେ ମୋ ଇଛାଟା ପୁରଣ ହୁଅନ୍ତା ।" ଫଗଲୁ ଜେଜେଙ୍କର ଏପରି କଥା ଶୁଣି ଦୁହେଁ କହିଲେ, "ହଁ ହଁ ଆମେ ନିଶ୍ଚୟ ସାହାଯ୍ୟ କରିବୁ । କିନ୍ତୁ କାହିଁକି ଜେଜେ ! ଏ ବୟସରେ କଣ ପାଇଁ ଏ କଥା ଚିନ୍ତା କଲ ?" ଏହାର ଉତ୍ତରରେ ଶୋକ ମିଶା ହସରେ ଫଗଲୁ ଜେଜେ କହିଲେ, "ଆରେ ଏ ନାତିଆ ମାନେ ! ଏ ବୁଢାଟା ପାଚିଲା ପତରଟାରେ । କେତେବେଳେ ଯେ ପବନର ପାହାରରେ ଖସିପଡିବ ଜଣାନାହିଁ । ତୋ ସଂକରୀ ଜେଜେମା ମୋତେ ଛାଡି ଚାଲିଗଲା । ନା ପୁଅ ଆସିପାରିଲା ନା ତା'ର ମଲା ମୁହଁଟା ଦେଖିପାରିଲା ! ବଡ ଚାକିରି ବଡ ସହର ବଡ ଦରମା ହେଲେ ସବୁ ବଡ

ଆହ୍ୱାନ ଶତକ ସଂସ୍କରଣ

ଭିତରେ ମନ ଆଉ ହୃଦୟଟା କେତେବେଳେ ଯେ ଛୋଟ ହୋଇଗଲା ସେମାନଙ୍କର ମୁଁ ଜାଣିନାହିଁ । ଜଣେ ପୁଅ ମା'ର ଶବସତ୍କାର ଖର୍ଚ୍ଚଟା ପଠାଇଦେଲା । ଆଉ ଜଣେ ଆସିବା ପୂର୍ବରୁ ଯିବାର ଯୋଜନା କରି ସାରିଥିଲା । ଜ୍ୱାଇଁଙ୍କୁ ଝିଅ ମୋବାଇଲରେ ବୁଢୀର ମଲାଶରୀରଟାକୁ ଦେଖାଉଥିଲା । ତା ଶବ ଚାରିପାଖରେ ଘେରିଥିବା ଲୋକଗୁଡାକ କାହିଁକି କେଜାଣି ମୋତେ ଗୋଟିଏ ଗୋଟିଏ ଶାଗୁଣା ଭଳି ଦେଖା ଯାଉଥିଲେ । ସତରେ ବାପା କେହି ଜଣକ ଆଖିରେ ମୁଁ ଦେଖୁ ନଥିଲି ବୁଢୀ ପାଇଁ ଦି ଟୋପା ଲୁହ । ମୋ ନିଜର ରକ୍ତସମ୍ପର୍କଙ୍କ ଆଖିରେ ଯେତେବେଳେ ମୁଁ ଦେଖିପାରୁଥିଲି ମିଥ୍ୟା ଶୋକର ସତ୍ୟ ଅଭିନୟ ସେତେବେଳେ ମୁଁ ଅନ୍ୟଠାରୁ କଣ ଆଶା କରିବି ! ମଢ ଉଠିଲା କିନ୍ତୁ ଶୁଭିଲାନି କ୍ରନ୍ଦନର ସ୍ୱର । ପୁଅ କହୁଥାଏ ଯେତେ ଶୀଘ୍ର ହେବ କାମଟା ସୁରୁଖୁରୁରେ ଉଠିଯାଉ । ସମୟ ନାହିଁ ମୋ ହାତରେ । ଝିଅ ଗୋପନରେ କହୁଥାଏ ମା'ର ଦେହରେ ଆଉ ଗହଣା ରହିଯାଇ ନାହିଁ ତ ! ଉଠେଇବା ପୂର୍ବରୁ ଭଲ କି ଚେକ୍ କରି ମା'ର ଶବ ଉଠେଇବ । ଏ ସବୁ ଭିତରେ ଧିକ୍କାର କରି ଚାଲିଥାଏ ମୁଁ ନିଜକୁ ନିଜେ । ପ୍ରଶ୍ନ କରି ଚାଲିଥାଏ ତା ହେଲେ ମୋ ପାଇଁ କାନ୍ଦିବ କିଏ ? ମୁଁ ମଲାପରେ କିଏ ଝରାଇବେ ଆଉ ଲୁହ ମୋ ପାଇଁ ? ମୋର ତ ଲୋଡା ନାହିଁ ଦି ଟୋପା ଲୁହର ଅଭିନୟ । ମୁଁ ତ ଚାହୁଁନାହିଁ ଧୂଳିର ଆସ୍ତରଣରେ ଆଚ୍ଛାଦିତ ଫୋଟୋଫ୍ରେମର କାରାଗାର ଭିତରେ ଦେଖାଯିବାକୁ । ମୋ ପରି ସାଧାରଣ ଲୋକଟିଏ ତ ଚାହେଁ

Download Magazine from www.aahwaan.com

ନିର୍ମଳ ହୃଦୟଟି ଭିତରେ ଛୋଟିଆ ଜାଗାଟିଏ ପାଇବାକୁ । ଚାହେଁ ସ୍ମୃତିର ଅଶ୍ରୁବନ୍ଧନରେ ମୃତ୍ୟୁପରେ ମଧ୍ୟ ବାନ୍ଧିହୋଇ ରହିବାକୁ ।" ଫଗଲୁ ଜେଜେଙ୍କର ଏ କଥା ଶୁଣି ଚୁପ୍‌ଥାଆନ୍ତି କୁନା ଆଉ ମୁନା । ସେମାନଙ୍କର ନିରବତାକୁ ଦେଖି ଫଗଲୁ ଜେଜେ ହସିହସି କହିଲେ, "କ'ଣ କିରେ ! ଭାରି ଗମ୍ଭୀର ଜଣାପଡୁଛ ? ଆରେ ସେଦିନ ସିନା ତୁମ ସାହିତ୍ୟ ବହିର ସେ ବୁଢାଟା ସ୍ୱାର୍ଥଶୂନ୍ୟ ଉତ୍ତରଟେ ଦେଇଥିଲା ଗଛ ଲଗାଇବା କାହା ପାଇଁ ପ୍ରଶ୍ନର; କିନ୍ତୁ ଆଜି ଏ ବୁଢାଟା ଟିକିଏ ସ୍ୱାର୍ଥପର ହୋଇ ଯାଇଛିରେ । ସ୍ୱାର୍ଥପର ହୋଇଯାଇଛି ନିଜ ପାଇଁ, ଅଭିନୟ ଶୂନ୍ୟ ଲୁହ ଦି'ଟୋପା ପାଇଁ ଆଉ ସ୍ମୃତିର ରାଇଜରେ ଜାଗା ଟିକିଏ ପାଇଁ । ସେଇଥି ପାଇଁ ଖୋଲିବାକୁ ଚାହୁଁଛି ଅନାଥାଶ୍ରମ ଟିଏ । ନିଜ ରକ୍ତପାଇଁ ମୁଁ ସିନା ଅଦରକାରୀ ପାଲଟି ଯାଇଛି ହେଲେ ମୋର ଆଜି ଇଚ୍ଛା ହେଉଛି ସେହି ଅନାଥମାନଙ୍କ ପାଇଁ ମୁଁ ପାଲଟିବି ସେମାନଙ୍କ ଦୁନିଆଁ । କିଛି ନହେଲେ ସେହି ବାପାମା ଛେଉଣ୍ଡ ପିଲାଗୁଡା ତ ମୋତେ ମନେ ମନେ ଝୁରିବେ । ତାଙ୍କ ଆଖିରୁ ଝରୁଥିବା ଲୁହରେ ତ ଆଉ ଅଭିନୟର ଚିହ୍ନ ନ ଥିବ । ହାଃ ହାଃ ହାଃ ମୁଁ ତ ନିଶ୍ଚିତ ହୋଇ ମରିପାରିବି ଯେ ମୋ ପାଇଁ କେହି ତ ଲୁହ ଝରାଇବେ । ଆଉ ନାତିଆମାନେ ମୋର ତ ତିନିଟା ତିନିଟା ଥାଇ ଅବସ୍ଥା ଏମିତି । ତୁମେ ତ ସବୁ ଗୋଟିଏରେ ଥକି ପଡିଲ । ଥରେ ଚିନ୍ତାକରିଛ କିଏ ଥିବ ବୁଢାକାଳରେ ତୁମ ପାଖରେ । ତୁମ ଅବସ୍ଥା ଆଉ ମୋ ପରି ନହେଉ । କୋକେଇ ବନ୍ଧା ହେଉଥିବ । କାନ୍ଧ ଶୁଭୁ ନଥିବ । ଶବ ମଶାଣି ମୁହାଁ ଥିବ

କିନ୍ତୁ ପଛରେ ନିଜର କେହି ନଥିବେ । ପୁଅଝିଅ ନାତିନାତୁଣି ସବୁ ଥାଇ ମଧ୍ୟ ଲାଗୁଥିବ ଯେମିତି ଯାଉଛି କେହି ଜଣେ ଅନାଥର ଶବ । ସେଇଥିପାଇଁ ମୁଁ ଚିନ୍ତା କରିଛି ଯେ ଯଦି ସମସ୍ତେ ଥାଇ ମୁଁ ଅନାଥ ତେବେ ସେହି ଅନାଥଙ୍କ ପାଇଁ ମୁଁ କାହିଁକି ସବୁକିଛି ନ ହୋଇଯିବି ? ମଲା ବେଳକୁ ଶାନ୍ତିରେ ଆଖି ତ ବୁଜିଥିବି ! ଶୁଣି ନ ପାରୁଥିଲେ ମଧ୍ୟ ମୋ ଶବଟାର କାନରେ ବିଚ୍ଛେଦର ସ୍ୱରଟା ତ ଗୁଞ୍ଜରୁଥିବ ।" ଅଭିମାନ ଭରା ଏ କଥା ସବୁ କହୁକହୁ ଫଗଲୁ ଜେଜେ ହଠାତ୍ ନୀରବିଗଲେ । ଛଳଛଳ ଆଖି ଯୋଡିକୁ କାନ୍ଧରେ ପଡିଥିବା ନାଲି ଗାମୁଛାଟିରେ ପୋଛିବାକୁ ଲାଗିଲେ । ଫଗଲୁ ଜେଜେଙ୍କ କଥା ଗୁଡା ଏହା ଭିତରେ ଏତେ ଯେ ଗମ୍ଭୀର ହୋଇ ପଡିଥିବ ଏ କଥା ଦୁଇ ବନ୍ଧୁ ସ୍ୱପ୍ନରେ ବି ଭାବି ନଥିଲେ । ଫଗଲୁ ଜେଜେଙ୍କ କଥାରେ ଆଉ ପୂର୍ବର ହାଲୁକା ପଣ ନଥିଲା । କଥା ଗୁଡା ଲାଗୁଥିଲା ଖୁବ୍ ଭାରୀ ଭାରୀ । ତାଙ୍କ କଥାଶୁଣି ଦୁଇବନ୍ଧୁ ଚିନ୍ତା କରୁଥିଲେ, "ସତେ ତ ! ଭବିଷ୍ୟତରେ ଆମେ ଆଉ ଭାବୁ ନଥିବା ତ ଆମ ପାଇଁ ପୁଣି କାନ୍ଦିବ କିଏ ?"

Download Magazine from www.aahwaan.com



# ଜହ୍ନ, ଗୋଲାପ ଓ ଭଅଁର

ଗୋଟିଏ ସୁନ୍ଦର ପୃଥିବୀ ଥାଏ । ସେଇ ସୁନ୍ଦର ପୃଥିବୀରେ ଥାଏ ଗୋଟିଏ ସୁନ୍ଦର ଫୁଲ ବଗିଚା । ସେଇ ସୁନ୍ଦର ପୃଥିବୀର ସୁନ୍ଦର ଫୁଲ ବଗିଚାରେ ଥାଏ ଗୋଟିଏ ସୁନ୍ଦର ଗୋଲାପ ଫୁଲ ଗଛ । ସେଇ ସୁନ୍ଦର ପୃଥିବୀର ସୁନ୍ଦର ଫୁଲ ବଗିଚାର ସୁନ୍ଦର ଗୋଲାପ ଗଛଟିରେ ଦିନେ ଜନ୍ମ ନିଏ ସୁନ୍ଦର ଗୋଲାପ କଢିଟିଏ । ତା'ରି ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇଯାଏ ସମଗ୍ର ପୃଥିବୀ । ଚତୁର୍ଦ୍ଦିଗ ମହକିଯାଏ ତା' ସୁଗନ୍ଧରେ । ଯେଉଁଦିନ କଢିଟି ଫୁଲ ହୁଏ ସେଇଦିନ ତା'ର ଦେଖା ହୁଏ ଆକାଶର ରାଜକୁମାର ଜହ୍ନ ସାଥିରେ । ସେଇ ପ୍ରଥମ ଦେଖାରେ ଭଲ ପାଇ ବସନ୍ତି ଦୁହେଁ ଦୁହିଁଙ୍କୁ ।

ନିଇତି ସନ୍ଧ୍ୟାରେ ଜହ୍ନ ଆସେ ଅସଂଖ୍ୟ ତାରାର ରୋଷଣୀ ନେଇ । ତା'ର ସ୍ୱଚ୍ଛ ଧବଳ ଶୀତଳ ଜ୍ୟୋସ୍ନାରେ ଭିଜେଇଦିଏ ଗୋଲାପର ପ୍ରତିଟି ପାଖୁଡାକୁ । ସ୍ନିଗ୍ଧ ହୋଇଯାଏ ଗୋଲାପ, ଜହ୍ନର କୋମଳ ସ୍ପର୍ଶରେ । ସୁଲୁସୁଲିଆ ପବନର ତାଳେ ତାଳେ ମଥା ହଲେଇ ସ୍ୱୀକାର କରିନିଏ ଜହ୍ନର ପ୍ରେମ ନିବେଦନକୁ । ଧିରେ ଧିରେ ଦୁହିଁଙ୍କ ପ୍ରେମ ସଂପର୍କ ହୋଇଯାଏ ଆହୁରି ନିବିଡ । ଦୁହିଁଙ୍କର ପ୍ରେମ କାହାଣୀର ଚର୍ଚ୍ଚା ହୁଏ ସାରା ପୃଥିବୀରେ ।



ଅନୁପମ ବେହେରା

ଭଅଁର ପାଖରେ ବି କଥା ପହଞ୍ଚିଯାଏ । ତା ଖଳ ବୁଦ୍ଧି ସଂପନ୍ନ ମସ୍ତିଷ୍କ ଗ୍ରହଣ କରିପାରେନା ଏ କଥାଟିକୁ ସହଜରେ । ସେ ଆସି ପହଞ୍ଚେ

Download Magazine from www.aahwaan.com


ସେଇ ସୁନ୍ଦର ବଗିଚାରେ ଗୋଲାପର ଠିକଣା ସଂଗ୍ରହ କରି । ବିମୋହିତ ହୋଇଯାଏ ସେ ଗୋଲାପର ସୌନ୍ଦର୍ଯ୍ୟକୁ ସ୍ୱଚକ୍ଷୁରେ ଦେଖି । ମନେ ମନେ ପଣ କରିନିଏ ତା'କୁ ନିଜର କରିବାକୁ ।

ଗୁଣୁଗୁଣୁ ଗୀତ ଗାଇ ଉଡିବୁଲେ ଗୋଲାପର ଚତୁପାର୍ଶ୍ୱରେ । ଗୋଲାପ କିନ୍ତୁ ପ୍ରତ୍ୟାଖ୍ୟାନ କରିଦିଏ ଭଅଁରର ପ୍ରେମ ନିବେଦନକୁ । ସହଜରେ ଗ୍ରହଣ କରି ପାରେନା ସେ ଗୋଲାପର ପ୍ରତ୍ୟାଖ୍ୟାନକୁ । ହଳାହଳ ବିଷ ସଂଚରିଯାଏ ତା ହୃଦୟରେ । ପ୍ରତିଶୋଧର ବହ୍ନି ବ୍ୟତିବ୍ୟସ୍ତ କରି ପକାଏ ତା ବିଚଳିତ ମସ୍ତିଷ୍କକୁ ।

ପୁଣିଥରେ ଗୁଣୁଗୁଣୁ ଗୀତ ଗାଇ ଭଅଁର ଉଡିବୁଲେ ଗୋଲାପର ଚତୁପାର୍ଶ୍ୱରେ । ଗୋଲାପ କିନ୍ତୁ ତାକୁ ଚାହେଁନା ଆଡ ଆଖିରେ । ଆୟତ୍ତରୁ ବାହାରକୁ ଚାଲିଯାଏ ଭଅଁରର କ୍ରୋଧ । ଖିନ୍‌ଭିନ୍ କରି ପକାଏ ସେ ଗୋଲାପର ପ୍ରତିଟି ସୁନ୍ଦର ପାଖୁଡା ଗୁଡାକୁ । କିଛିକ୍ଷଣ ଭିତରେ ଗୋଲାପର ସୌନ୍ଦର୍ଯ୍ୟ ହଜିଯାଏ ପୃଥିବୀ ଗର୍ଭରେ । ଭଅଁରର ବିଜୟ ସୂଚକ ଅଟ୍ଟହାସ୍ୟରେ ଥରି ଉଠେ ସୁନ୍ଦର ଫୁଲବଗିଚାଟି ।

ଏମିତି ଏକ ଲୋମହର୍ଷଣକାରୀ ସ୍ୱର୍ଶକାତର ଦୁର୍ଘଟଣାରେ ମର୍ମାହତ ହୋଇ ସୂର୍ଯ୍ୟ ବିଶ୍ରାମ ନିଅନ୍ତି ପଶ୍ଚିମ ଆକାଶର ପର୍ବତମାଳା କୋଳରେ । ଅସଂଖ୍ୟ ତାରାର ରୋଷଣୀ ନେଇ ଜହ୍ନ ଆସେ ଗୋଲାପକୁ ଭେଟିବାକୁ । କିନ୍ତୁ ନଥାଏ ସେ ସୁନ୍ଦର ପୃଥିବୀ । ନଥାଏ ସେ ସୁନ୍ଦର ପୃଥିବୀର ସୁନ୍ଦର ଫୁଲବଗିଚା । ନଥାଏ ସେଇ ସୁନ୍ଦର ପୃଥିବୀର ସୁନ୍ଦର ଫୁଲବଗିଚାର ସୁନ୍ଦର ଗୋଲାପ ଗଛ । ନଥାଏ ସେଇ ସୁନ୍ଦର ସୁନ୍ଦର ଫୁଲବଗିଚାର

Download Magazine from www.aahwaan.com

ସୁନ୍ଦର ଗୋଲାପଗଛରେ ଫୁଟିଥିବା ତା ଅତିପ୍ରିୟ ଗୋଲାପ ଫୁଲ ।

ସ୍ନିଗ୍ଧ ହୋଇଯାନ୍ତି ଗୋଲାପର ଭୂମିଷ୍ଠ ପାଖୁଡା ଗୁଡାକ ଜହ୍ନର ଶୀତଳ ଧବଳ ଜ୍ୟୋସ୍ନାରେ । ଧୈର୍ଯ୍ୟର ବନ୍ଧ ଭାଙ୍ଗିଯାଏ ଜହ୍ନର । ତା ଦୁଃଖ ଜର୍ଜରିତ ଭଙ୍ଗା ହୃଦୟର ଅଶ୍ରୁରେ ଭିଜିଯାଏ ସମଗ୍ର ପୃଥିବୀ । ଗୋଲାପର ଆତ୍ମା ଧିରେ ଧିରେ ନିଜ ମରଶରୀର ଛାଡି ଉର୍ଦ୍ଧ୍ୱମୁଖୀ ହୋଇ ପହଞ୍ଚେ ଜହ୍ନ ପାଖରେ । ଚୁମ୍ବନଟିଏ ଆଙ୍କିଦିଏ ଜହ୍ନର କପାଳରେ ।

ଜହ୍ନ ନିଜର ଅଶ୍ରୁଳ ଆଖି ଯୋଡାକ ଉପରେ ବିଶ୍ୱାସ କରିପାରେନା ଗୋଲାପକୁ ନିଜ ପାଖରେ ଦେଖି । ଖୁସିରେ କୁଣ୍ଢେଇପକାଏ ତାକୁ । ଗୋଲାପକୁ ଜହ୍ନର ବାହୁପାଶରେ ଦେଖି ପରାଜୟର ଗ୍ଲାନିରେ ପାଗଳପ୍ରାୟ ହୋଇଯାଏ ଭଅଁର ।

ପୁଣି ହସିଉଠେ ସୁନ୍ଦର ପୃଥିବୀ । ହସିଉଠେ ସୁନ୍ଦର ପୃଥିବୀର ସେଇ ସୁନ୍ଦର ଫୁଲ ବଗିଚା । ହସିଉଠେ ସୁନ୍ଦର ପୃଥିବୀର ସୁନ୍ଦର ଫୁଲ ବଗିଚାର ସେଇ ସୁନ୍ଦର ଗୋଲାପ ଗଛ । ହସି ହସି ଗୋଲାପ ବିଦା ନିଏ ଜହ୍ନ ପାଖରୁ । ଜହ୍ନ କିନ୍ତୁ ଚାହୁଁ ନ ଥାଏ ତାକୁ ଦୂରେଇଦେବାକୁ । ଗୋଲାପ ହାତ ବଢେଇ ଇସାରା କରେ ସୁନ୍ଦର ପୃଥିବୀର ସୁନ୍ଦର ଫୁଲ ବଗିଚାର ସେଇ ସୁନ୍ଦର ଗୋଲାପ ଗଛଟିକୁ । ସେଇ ସୁନ୍ଦର ପୃଥିବୀର ସୁନ୍ଦର ଫୁଲ ବଗିଚାର ସୁନ୍ଦର ଗୋଲାପ ଗଛଟିରେ ଜନ୍ମ ନେଇଥାଏ ସୁନ୍ଦର ଗୋଲାପ କଢିଟିଏ ।

ଶାଖା ପରିଚାଳକ, ସଦର ଶାଖା
ବୌଦ୍ଧ କେନ୍ଦ୍ର ସମବାୟ ବ୍ୟାଙ୍କ, ବୌଦ୍ଧ, ଭ୍ରାମ୍ୟଭାଷ : ୯୫୫୬୬୯୬୦୩୯

Download Magazine from www.aahwaan.com

# ମାୟାବିନୀ

ବିନିକୁ ଦ୍ୱିତୀୟ ବିବାହ କଲାପରେ, ନାରୀ ଜାତି ପ୍ରତି ମାନବ ମନରେ ଥିବା ନକାରାତ୍ମକ ଚିନ୍ତାଧାରା ବଦଳି ଗଲା । କାରଣ ବିନି ମାନବର ଆଗ ସ୍ତ୍ରୀ ମାୟା ଠାରୁ ସମ୍ପୂର୍ଣ୍ଣ ଭାବରେ ଭିନ୍ନ ଲାଗୁଥିଲା । ଯେଉଁଦିନ ମାନବର ବାପା ବୋଉ ବିନିକୁ ମାନବ ସହିତ ବିଦେଶକୁ ଯାଇ କିଛିଦିନ ବୁଲି ଆସିବାକୁ କହିଲେ, ସେଦିନ ବିନି ସ୍ପଷ୍ଟ ମନାକରି କହିଲା ଯେ "ମୋର ଏ ଘର ଛାଡ଼ି କେଉଁଠିକି ଯିବା ଦରକାର ନାହିଁ, ମୁଁ ଆପଣ ମାନଙ୍କର ସେବା କରିବାକୁ ଏ ଘରକୁ ବୋହୂ ହୋଇ ଆସିଛି ।" ବାପା ମାଆଙ୍କ ପ୍ରତି ବିନିର ଅଯାଚିତ ଭକ୍ତି ଦେଖି ମାନବର ମନରେ ଅମାପମାପ ଖୁସି ଭରିଗଲା । କିନ୍ତୁ ଏ ଖୁସି ବେଶୀ ଦିନ ରହିଲାନି । ମାନବ ବିଦେଶରେ ପହଞ୍ଚିଛି କି ନାହିଁ ବିନିର ଫୋନ୍ ମାନବ ପାଖରେ ପହଞ୍ଚିଗଲା । ତୁମେ ବୋକା ମାନବ ବିଶୁଦ୍ଧ ବୋକା ମୁଁ ତୁମ ସହିତ ବିଦେଶ ଯିବିନାହିଁ ମିଛରେ ମନାକଲି ବୋଲି ତୁମେ ମୋତେ ସତରେ ତୁମ ବାପା ମା'ଙ୍କ ପାଖରେ ଛାଡି ଦେଇଗଲ ତୁମ ସାଙ୍ଗରେ ନେବା ପାଇଁ ଟିକିଏ ଜିଦ୍ କରିଥିଲେ କଣ ହୋଇନଥାନ୍ତା ତୁମର ଏଇ ବୋକାମି ପାଇଁ ତୁମକୁ ମାୟା ଛାଡି ଚାଲିଗଲା ତୁମେ କଣ ଚାହଁଚ ଏ ବିନି ବି ତୁମକୁ ଛାଡି ଚାଲିଯାଉ ଯଦି ନିଜର ମଙ୍ଗଳ ଚାହୁଁଥାଅ ମୋତେ ଆସି ଏ ନର୍କରୁ ଶୀଘ୍ର



ସୀମାରେଖା

Download Magazine from www.aahwaan.com

ନେଇଯାଅ ମୁଁ ଭଲ ବୋହୂର ଅଭିନୟ କରି କରି ଅଣନିଶ୍ୱାସୀ ହୋଇଗଲିଣି ତୁମ ବାପାମା'ଙ୍କର ଶ୍ରବଣକୁମାର ଭଳି ପୁଅ ଦରକାର ହୋଇପାରେ କିନ୍ତୁ ମୋ ପାଇଁ ଶ୍ରବଣକୁମାର ଭଳି ସ୍ୱାମୀ ଦରକାର ନାହିଁ ।" ପ୍ରଥମ ଥର ପାଇଁ ବିନିର ଏଭଳି ରୂପ ଦେଖି ମାନବର ପାଦ ତଳୁ ମାଟି ଅତଡ଼ା ଖସିଗଲା ପରି ମନେହେଲା । ଆଉ ସେ ଆକାଶ ପାତାଳ ଭାବିବାକୁ ଲାଗିଲା । ସତରେ 'ନାରୀର କେତେ ରୂପ କେତେ କାହାଣୀ ଜଣେ ମାୟା ହେଲେ ଆଉଜଣେ ବିନି ଏଇମାନେ ମିଶି ତ ହୁଅନ୍ତି ମାୟାବିନୀ ।'

ଜଗତସିଂହପୁର, ନାଉଗାଁ
ଓଡ଼ିଶା

Download Magazine from www.aahwaan.com

# ଅନ୍ତର୍ଦହନ

ପୃଥିବୀରେ ଥିବା ୧୯୪ଟି ରାଷ୍ଟ୍ର ମଧ୍ୟରୁ ଗୋଟିଏ ଦେଶ ହେଉଛି ଭାରତ ଏବଂ ଅନ୍ୟସବୁ ବିଦେଶ । ଆମ ଦେଶ ଭାରତ ବର୍ଷର ସରକାର ୨୨ଟି ଭାଷାକୁ ସାମ୍ବିଧାନିକ ଭାଷାର ମାନ୍ୟତା ଦେଇଛନ୍ତି । ଯଦି ଆଉ ଗୋଟିଏ ଭାଷାକୁ ସାମ୍ବିଧାନିକ ଭାଷାର ମାନ୍ୟତା ମିଳିଯାଏ ତାହାହେଲେ ଭାରତ ଭାରତ ୧୨୫ କୋଟି ଜନତା ନ ହୋଇ ପୃଥିବୀର ଗୋଟିଏ ବଡ଼ ଜନବହୁଳ ରାଷ୍ଟ୍ରର ମାନ୍ୟତା ପାଇ ପାରନ୍ତା । ଏବଂ ସେ ଭାଷା ହେଉଛି "ପ୍ରେମର ଭାଷା" । ଆରମ୍ଭରୁ ମୁଁ କହିରଖେ ଯେ ମୁଁ ପ୍ରେମର ସମ୍ପୂର୍ଣ୍ଣ ବିରୋଧି ନୁହେଁ । କିନ୍ତୁ ଆଜିକାଲିର ଫେସନ୍ ଦୁନିଆରେ ରିଲ ଜୀବନରେ ନାୟକ ଓ ନାୟିକାଙ୍କ ପ୍ରେମ ରୋମନ୍ସ ଭଳି ଆମର ରିୟଲ ତଥା ତେଲ ଲୁଣ ଭିତ୍ତିକ ଜୀବନରେ ମଧ୍ୟ ପ୍ରେମ ରୂପକ କଳିଯୁଗ ଗ୍ରାସିଗଲାଣି । ଯାହାର ଫଳ ସ୍ୱରୂପ ମନୁଷ୍ୟ ମନର ଅନ୍ତର୍ଗହନର କଥାକୁ ଜାଣିବା ଦୁଃସାଧ୍ୟ ମନେହେଲାଣି । ଚିରାଚରିତ ସମାଜରେ ଏମିତି କିଛି ଲୋକ ଅଛନ୍ତି ଯେଉଁମାନେ କି ଏହି ପବିତ୍ର ଶବ୍ଦର ବ୍ୟବହାର ତ ଜାଣିବା କଥା ଏହି ଶବ୍ଦକୁ ସମ୍ମାନ ଦବା ବି ଶିଖି ନାହାନ୍ତି । ସାହିତ୍ୟରେ ଏକ ପ୍ରବାଦ ଅଛି, "କବି ଯେ ସତକୁ ମିଛ କରି କହନ୍ତି କବିତ୍ୱ ଚାତୁରୀରେ ମନ ମୋହନ୍ତି ।" କିନ୍ତୁ ମୁଁ ଏଠାରେ କୌଣସି ଚାତୁରୀ ଦେଖାଇବାର ପ୍ରୟାସରେ



ଆର୍ଯ୍ୟ କୁମାରୀ ପ୍ରଜ୍ଞା ପାରମିତା

Download Magazine from www.aahwaan.com

ନାହିଁ ବରଂ ସେହି ସମାଜରେ ଥିବା ଅନେକ ଚରିତ୍ର ମଧ୍ୟରୁ ଦୁଇଟି ଚରିତ୍ର ତଥା ସେମାନଙ୍କ ଆଖପାଖରେ ଥିବା କିଛିଟି ଚରିତ୍ରକୁ ଘେନି ଦୁଇଟି ମନ ମଧ୍ୟରେ ଥିବା "ଅନ୍ତର୍ଦହନ" କୁ ଲୋକ ଲୋଚନକୁ ଆଣିବାର ପ୍ରୟାସ କରୁଛି ।

ପ୍ରଣିତା ପିଲାଟି ଦିନରୁ ଦେଖୁଥିଲା ତାର ଚତୁଃପାର୍ଶ୍ୱରେ ଥିବା ପରିବେଶର ଅପରୁପ ଦୃଶ୍ୟ କିନ୍ତୁ ସେ ଯେ କ'ଣ ଭାବୁଥିଲା, କ'ଣ କରୁଥିଲା ତାହା ଜାଣି ପାରୁନଥିଲା । ତା'ର ପରିବାର କହିଲେ ଭାଇ ଓ ଭଉଣୀ ଦୁଇଜଣ ଥିଲେ । ବାପା ଜଣେ ଉଚ୍ଚପଦସ୍ଥ ସରକାରୀ କର୍ମଚାରୀ । ତେଣୁ ପିଲାଙ୍କର କୌଣସିରେ ଅବହେଳା କରୁ ନଥିଲେ । କିନ୍ତୁ ସବୁ ଥାଇ ଯେପରି ନିଃସ୍ୱ ଠିକ୍ ସେଭଳି ଥିଲା ତାଙ୍କର ଅବସ୍ଥା । କିଛିଟା ବଦଭ୍ୟାସ ପାଇଁ ପିଲାମାନେ ତାଙ୍କଠାରୁ ପ୍ରାୟତଃ ଦୂରେଇ ରହୁଥିଲେ । କିନ୍ତୁ ସେଥିପାଇଁ ତାଙ୍କର କୌଣସି ପ୍ରକାର ଖାତିର୍ ନଥିଲା । ମାଁ କିନ୍ତୁ ମାଁ ହି ଅଟନ୍ତି, ପ୍ରତି ମା'ର କାହାଣୀ ଲୁଚି ରହିଥାଏ ତାଙ୍କ ମନ ଅଗୋଚରରେ ଆଉ ତା'ର କୌଣସି ଶେଷ ନଥାଏ । ପ୍ରଣିତାର ସାନଭାଇ ପ୍ରତ୍ୟୁଷ । ଦୁହେଁ ଖୁବ୍‌ଭଲ ବନ୍ଧୁ, ପରସ୍ପର ମଧ୍ୟରେ ସ୍ନେହର ପଟ୍ଟାନ୍ତର ନାହିଁ । ପଢାପଢି, ଖେଳକୁଦ, ହସଖୁସିରେ ଦିନ ଗୁଡିକୁ କାଟିଦିଅନ୍ତି । ତଳ ଉପର ଭାଇ ଭଉଣୀ ମିଶିକି ବିଦ୍ୟାଳୟକୁ ଯା'ନ୍ତି । ବାପା କିନ୍ତୁ ପିଲାଙ୍କ ପାଠ ପଢାକୁ ନେଇ ବେଶ୍ ସଜାଗ୍ ଥାଆନ୍ତି । ତେଣୁ ପାଠପଢାରେ ଟିକିଏ ବି ଛଟେଇ ଦେଖିବାକୁ ପସନ୍ଦ କରନ୍ତିନି । କିନ୍ତୁ ଏପଟେ ପ୍ରଣିତାର ମନ

Download Magazine from www.aahwaan.com

ଅସୁମାରୀ ଅବାସ୍ତବତା ଭିତରେ ବଞ୍ଚି ରହିଥାଏ । ପ୍ରତିଟି ମୁହୂର୍ତ୍ତର ଘଟଣା ତଥା ଦୃଶ୍ୟ ମଧ୍ୟରେ ଖୋଜେ ଭିନ୍ନ ଏକ ଇଲାକା । ଇତି ମଧ୍ୟରେ ପ୍ରଣିତା ବହୁ ଘାତପ୍ରତିଘାତ ତଥା ସଂଘାତ ଦେଇ ନିଜ ମନରେ ଥିବା ବିପ୍ଳବ ଭାବକୁ ରଖି ଯୌବନରେ ପଦାର୍ପଣ କଲା ବେଳକୁ ତା'ର ମନ ନିରୀହତା ପରିବର୍ତ୍ତେ ନିଷ୍ଠୁରତାରେ ପରିଣତ ହୋଇ ସାରିଥାଏ । ତଥାପି ବେଳେ ବେଳେ ତାର ନିଷ୍ଠୁରତା ରୂପକ ମରୁବାଲିରେ ଶ୍ରାବଣର ଧାରା ବଳବତ୍ତର ରହିଥାଏ ।

ବି.ଏ. ପ୍ରଥମ ଶ୍ରେଣୀ ରଖି ପାସ୍ କରିଥିବାରୁ ସ୍ନାତକୋତ୍ତର ପଢିବାର ସୁଯୋଗ ପାଇଥିଲା । ଏହି ସ୍ନାତକୋତ୍ତରର ପ୍ରଥମ ପର୍ଯ୍ୟାୟରୁ ହିଁ ତାର ଜୀବନର ବିପର୍ଯ୍ୟୟ ଆରମ୍ଭ ହୁଏ । ଅର୍ଥାତ୍ ହଠାତ କୌଣସି କାର୍ଯ୍ୟବଶତଃ ତା'ର ଭେଟ ହୁଏ ମଳୟ ସହ । ଦୁହେଁ ପରସ୍ପରକୁ ଭେଟ ହୁଅନ୍ତି ଜୀବନର ପ୍ରଥମ ମଳୟର ଶେଷ ପର୍ଯ୍ୟାୟରେ । ଏ ପର୍ଯ୍ୟାୟ କିନ୍ତୁ ପ୍ରେମରେ ପଡିବାର ସମୟ ନୁହେଁ । ତଥାପି ଦୁହିଙ୍କ ଭିତରେ ଗୋଟିଏ ପ୍ରକାର ଭିନ୍ନ ଏକ ଧରଣର ସମ୍ପର୍କ ଗଢ଼ିଉଠେ । ଦୁଇଜଣଙ୍କ ବ୍ୟକ୍ତିତ୍ୱ ସମ୍ପୁର୍ଣ୍ଣ ଭିନ୍ନ ଯେମିତିକି ପୁର୍ବ ଆଉ ପଶ୍ଚିମ । ଯାହାର ଦୂରରୁ ଦର୍ଶନ ସିନା ମିଳନ ଅସମ୍ଭବ । ଦୁଇ ଜଣଙ୍କ ମଧ୍ୟରେ ଜମାରୁ ପଡେନି କିନ୍ତୁ କଥା ହୁଅନ୍ତି ଘଣ୍ଟା ଘଣ୍ଟା । ଗୋଟିଏ ଦିନ କଥା ନହେଲେ ଯେମିତିକି ବର୍ଷଟେ କଥା ନହେଲା ଭଳି ଲାଗେ । ଦୁହିଁଙ୍କ କଥା ମଧ୍ୟରେ କୌଣସି ପ୍ରକାର ପ୍ରେମ ଭାବର ଶବ୍ଦ ନଥିଲା ବରଂ ଜଣେ ଅନ୍ୟ ଜଣର କଥାକୁ କାଟେ ।

Download Magazine from www.aahwaan.com

ଫଳରେ ଦୁହିଁଙ୍କ ମଧ୍ୟରେ ପ୍ରବଳ ଝଗଡା ହୁଏ । ଯେହେତୁ ପ୍ରଣିତା ସ୍ନେହ କାଙ୍ଗାଳୀ ଥିଲା ଇତି ମଧ୍ୟରେ ମଳୟ ଜାଣି ପାରିଥିଲା । ଏବଂ ସେ ବେଳେ ବେଳେ ତାକୁ ଏପରି କିଛି କଥା କହିଦିଏ ଯାହା ଫଳରେ କି ପ୍ରଣିତାର ମନ ଭାଙ୍ଗିଯାଏ । କିନ୍ତୁ ପ୍ରଣିତା ମଳୟକୁ କିଛି କହିପାରେ ନାହିଁ । ତା'ର ଗାଳି ଓ କଟୁ କଥା ଭିତରେ ମଧ୍ୟ ସେ ତା ମନ ଗହନର ତଥା ବହୁ ଦିନରୁ ପ୍ରତ୍ୟାଶିତ ବନ୍ଧୁଟିକୁ ଖୋଜିବସେ । କିନ୍ତୁ ମନେ ମନେ ଭାବେ ଯେ ତା'ର ମଳୟ ସଙ୍ଗେ କୌଣସି ପ୍ରକାର ସମ୍ପର୍କ ନାହିଁ ଏବଂ ସେ ତା ବିନା ବି ଖୁବ ବଞ୍ଚିପାରେ । ଏପଟେ ମଳୟ ହେଉଛି ଜଣେ ଛୋଟ ଉଦ୍ୟୋଗର ମାଲିକ । ତେଣୁ ତା'ର ବ୍ୟସ୍ତବହୁଳ ଜୀବନରେ ପ୍ରଣିତାର ସ୍ଥାନ ବହୁତ ଛୋଟ କିନ୍ତୁ ମନ ରୂପକ ଦୁନିଆରେ ପ୍ରଣିତା ଯେ କାହିଁ କେତେ ଊର୍ଦ୍ଧ୍ୱରେ । ମଳୟ କିନ୍ତୁ ତା ଦୁନିଆରେ ମସ୍‌ଗୁଲ; କିଛି ସମୟ ଶାନ୍ତିର ଆଶାରେ ସେ ପ୍ରଣିତା ସାଙ୍ଗରେ ବାର୍ତ୍ତାଳାପ କରେ ।  ଏହି କିଛି ନଥିବା ମଧ୍ୟରେ ମଧ୍ୟ ଦୁହିଁଙ୍କର କିଛି ରହିଯାଇଛି ଯାହାର ଫଳ ସ୍ୱରୂପ ଦୁହେଁ କିନ୍ତୁ ଏହି ଜାଣତର ବହୁ ଅଜାଣତରେ ।

ଦିନ ପରେ ଦିନ ବିତି ଚାଲିଲା ଦୁହିଁଙ୍କ ଭିତରେ କଥାର ସମୁଦ୍ର ଜୁଆର ଭଳି ମାଡି ଆସୁଥିଲା । ଦୁହେଁ ବେଶ୍ ଖୁସିରେ ଚାଲିଲେ । ମଳୟ କିନ୍ତୁ ଜଣେ ଦାମ୍ଭୀକ ପୁରୁଷ ହୋଇଥିବାରୁ ପ୍ରଣୀତାକୁ ପ୍ରେମ କରୁଥିଲେ ବି ନିଜର ଅହଂଭାବ ଯୋଗୁଁ ପ୍ରକାଶ କରି ପାରୁ ନଥିଲା । ଅର୍ଥାତ୍ ମଳୟ ମତାନୁଯାୟୀ ସେ କୌଣସି ଝିଅର ଲଫଡାରେ ପଡିବନି ଆଉ କାହାକୁ

Download Magazine from www.aahwaan.com

ପ୍ରେମ ବି କରିବନି କିନ୍ତୁ ତା'ର ମନ ଅଗୋଚରରେ ସେ ଯେ ପ୍ରଣୀତାକୁ ପ୍ରେମ କରିବସିଛି ଏ ସବୁ ଜାଣିବା ତା'ର ଦୃଷ୍ଟି ଆଢୁଆଳରେ ରହି ଯାଇଥିଲା । ପ୍ରଣିତା ବି ମଳୟର ସବୁ ଯନ୍ତ୍ରଣା ରୂପକ କଥା ମଧ୍ୟରେ ଗୋଟିଏ ଦୁଷ୍ଟ ସଇତାନ ତଥାପି ସୁନ୍ଦର ମନ ଥିବା ପୁରୁଷ ଯାହାକୁ କି ପ୍ରତିଟି ନାରୀ ମନ ଚାହେଁ ଏବଂ ପାଇବାକୁ ଆଶା କରେ ଜାଣିପାରିଥିଲା । କିନ୍ତୁ କେଜାଣି ତା'ର କାହାକୁ ବା ଡର ଥିଲା ନା ସେ ମଳୟର ମନ କଥା ଜାଣି ପାରୁନଥିଲା ଏବଂ ସେ ମଳୟକୁ କହିଲେ କାଳେ ତା ଠାରୁ ଦୂରେଇ ଯିବ ଏ ଭାବନାରେ ରହି କହି ପାରୁନଥିଲା କି କିଛି ବି ଜାଣି ପାରୁନଥିଲା । ପ୍ରଥମେ ଯେଉଁ ଦିନ ମଳୟ ବେପାରୁଆ ଭାବରେ ପ୍ରେମ ସୌଦାଗର ହୋଇ ପ୍ରଣିତାକୁ ପ୍ରେମ ନିବେଦନ କରିଥିଲା ସେଦିନ କିନ୍ତୁ ପ୍ରଣିତାର ମୁଣ୍ଡ ଘୁରାଇ ଯାଇଥିଲା । ସେ ପର୍ଯ୍ୟନ୍ତ କିନ୍ତୁ ଭାବି ପାରିନଥିଲା ପ୍ରଥମ ବିଶ୍ୱ ଯୁଦ୍ଧ ପରେ ବି ତାଙ୍କ ଦୁହିଁଙ୍କ ମଧ୍ୟରେ ପ୍ରେମର ଗୋଲାପ ଫୁଟିପାରେ । ସେ କିଂକର୍ତ୍ତବ୍ୟ ବିମୂଢ ହୋଇ ହଠାତ୍ ମଳୟ ସାଙ୍ଗେ ବାର୍ତ୍ତାଳାପ ବନ୍ଦ କରିଦେଇଥିଲା । କିନ୍ତୁ କଥାରେ ଯେ ଅଛି :-

" ଅବନ୍ଧୁ ଜୀବନ ଅସୂର୍ଯ୍ୟ ମହୀ
ଦେହ ଧରି କିଏ ପାରିବ ସହି ।"

ସବୁ ଥାଇ ସୁଦ୍ଧା ପ୍ରଣିତା ଖୁସି ହୋଇ ପାରୁନଥିଲା । ତା ଜୀବନରେ ବହୁ ବନ୍ଧୁ ଅଛନ୍ତି ଏମିତିକି ତାକୁ ସ୍ନେହ, ଆଦର ଏବଂ ପ୍ରାଣଠାରୁ ବି ଅଧିକ ଭଲ ପାଉଥିବା ନିକଟତର ବନ୍ଧୁଗଣ କିନ୍ତୁ ଗୋଲାପ ବନର

Download Magazine from www.aahwaan.com

ପାଖୁଡା ଯେ ମଳୟ ପବନରେ ଖୋଲେ ତାହା ଭାବିବାରେ ଅଛପା ନଥିଲା । ଇତି ମଧ୍ୟରେ ମଳୟ କିନ୍ତୁ ବହୁ ଚେଷ୍ଟା କରି ପ୍ରଣିତାକୁ ମନାଇ ଦେଇଥିଲା ପୁଣି ଥରେ କଥା ହେବା ପାଇଁ । ପ୍ରଣିତା ମନେ ମନେ ମଳୟକୁ ବହୁତ ପସନ୍ଦ କରୁଥିଲା ଏବଂ ତାର କଥା, ନାମ, ଭାବ, ଭଙ୍ଗୀ ଏବଂ ଭାଷା ଶୈଳୀକୁ ତାର ପରିବେଶର ମଣିଷ ତଥା ବସ୍ତୁ ମଧ୍ୟରେ ପରିଲକ୍ଷିତ କରୁଥିଲା କିନ୍ତୁ ଏହା ହିଁ "ପ୍ରେମ" ବୋଲି ସେ ସ୍ୱୀକାର କରିବାକୁ ପ୍ରସ୍ତୁତ ନଥିଲା ।

ଦିନ ପରେ ଦିନ ବିତି ଚାଲିଲା ଦୁହିଁଙ୍କର ଅପଟ ମନ ମଧ୍ୟରେ ସମାଜର କପଟ ଗଣ ସେମାନଙ୍କ ଜୀବନର ଜଉ ଘର ମଧ୍ୟରେ ଅଗ୍ନି ସଂଯୋଗ କରିବାରେ ଲାଗିଲେ । ଫଳ ସ୍ୱରୁପ ଦୁହିଁଙ୍କର ଆକର୍ଷଣ ଥିବା ସତ୍ତ୍ୱେ ସମାଜର ଭୟରେ ସେମାନେ ପରସ୍ପର ଠାରୁ ଦୂରେଇ ରହିଲେ । ଦୂରତା ମଧ୍ୟରେ ମଧ୍ୟ ଦୁହିଙ୍କ ପାଇଁ ରହିଥିଲା ସମ୍ବେଦନଶୀଳତା । କିନ୍ତୁ ହଠାତ୍ ଦିନେ ମଳୟ ପ୍ରଣିତାର ଚରିତ୍ରକୁ ନେଇ ବହୁ କୁ କଥା କହିଲା ଫଳସ୍ୱରୂପ ପ୍ରଣିତାର ମନ ମଳୟ ପାଇଁ ସମ୍ପୁର୍ଣ୍ଣ ରୁପେ କର୍ଦ୍ଦମାକ୍ତ ହୋଇଗଲା । କଷ୍ଟ ହେଲେବି ଧିରେ ଧିରେ ତାକୁ ଭୁଲିବାକୁ ଚେଷ୍ଟା କଲା । ଏବଂ କିଛି ବର୍ଷ ପରେ ପ୍ରଣିତାର ବିବାହ ଗୋଟିଏ ସୁନ୍ଦର, ରୂପ ଗୁଣରେ ପରିପୁର୍ଣ୍ଣ ପୁଅ ସଙ୍ଗେ ଠିକ୍ହେଲା ଏବଂ ଉପଯୁକ୍ତ ଲଗ୍ନ ବେଳାରେ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଗଲା ।

ସମସ୍ତଙ୍କ ଅଲକ୍ଷ୍ୟରେ ଗୋଟିଏ ଜିନିଷ ରହିଗଲା ଯେ ମଳୟକୁ

Download Magazine from www.aahwaan.com

ଭୁଲିବା ପ୍ରଣିତା ପାଇଁ କଷ୍ଟ ତେଣୁ ଚରିତ୍ରକୁ ନେଇ କୁକଥା କହିଲେ ହିଁ ପ୍ରଣିତା ମଳୟକୁ ଘୃଣା କରି ବାପାଙ୍କ ପସନ୍ଦର ପୁଅକୁ ବିବାହ କରିବ ଯାହା ପାଇଁ ପଛେ ମଳୟ ଖରାପ ପିଲାର ମାନ୍ୟତା ପାଉ ଏ କଥାକୁ ଖାତିର ନ କରି ମଳୟ ସେଦିନ ଏତେ ବଡ ତ୍ୟାଗ ଦେଇଥିଲା ଏବଂ ଉପଯୁକ୍ତ ବନ୍ଧୁର ମର୍ଯ୍ୟାଦା ରକ୍ଷା କରି ପାରିଥିଲା । ଯାହାକି ପ୍ରଣିତା ଏବେ ମଧ୍ୟ ଅଜ୍ଞ । ଏବଂ ସେ ବିବାହ ଦିନ ମଳୟ ସ୍ଲିପିଂ ଟାବଲେଟ୍ ଖାଇ ଶୋଇଥିଲା ଏ କଥା କେବଳ ସେ ହିଁ ଜାଣିଥିଲା । ସବୁ ଥାଇ ନଥିଲା ଭଳି ପ୍ରଣିତା ବିବାହ କରିଥିବା ପୁଅଟି ତାକୁ ବହୁତ ଭଲପାଉଥିଲା କିନ୍ତୁ ପ୍ରଣିତାର ମନ ଯେ ପ୍ରଥମରୁ ଆଉ କାହା ପାଇଁ ହୋଇ ସାରିଥିଲା ଏହା ପ୍ରଣିତାର ଅଗୋଚରରେ ରହିଯାଇଥିଲା । ସେପଟେ ମଳୟ ମଧ୍ୟ ପ୍ରଣିତା ପାଇଁ ବହୁ ଯନ୍ତ୍ରଣାରେ ରହୁଛି ।

ଏଠାରେ ଦୁହିଙ୍କ ପାଇଁ ଗୋଟିଏ ଭାଷାର ଯଥାର୍ଥ ରହିଥିଲା । କିନ୍ତୁ ମନ ରୂପକ ଅନ୍ତର୍ଦ୍ୱନ୍ଦକୁ ଛଡାଇଲା ବେଳକୁ ମଳୟ ଶିଶୁପାଳ ହୋଇ ଯାଇଥିଲା । ଦୁହେଁ ଅନ୍ତର୍ଦହନରେ ଜଳି ଜଳି ଦଗ୍ଧହବା ବ୍ୟତୀତ ଅନ୍ୟ କୌଣସି ଉପାୟ ନଥିଲା ।

ଗବେଷିକା

ବିକ୍ରମ ପୁର, ଗଞ୍ଜାମ, ଓଡ଼ିଶା

ଭ୍ରାମ୍ୟଭାଷ : ୯୭୭୮୧୮୧୮୪

Download Magazine from www.aahwaan.com

ଆହ୍ୱାନ ଶତକ ସଂସ୍କରଣ

# ଆଗାମୀ ଦିନ...

ତୁଳସୀ ମୂଳରେ ପାଣି ଦେଉଥିଲା ସ୍ୱାତୀ, ଏ ଘରକୁ ବୋହୁ ହୋଇ ଆସିବାର ଦୀର୍ଘ କୋଡ଼ିଏ ବର୍ଷ ବିତିଗଲା । କୋମଳ ହାତପାଦରେ ତା'ର ଅନେକ କଟା ଦାଗ ମୁଖରେ ବୟସର ଛାପ, ମୁଣ୍ଡରେ କିଛି କିଛି ବାଳ ପାଚି ଆସିଲାଣି । ସୀମନ୍ତରେ ସିନ୍ଦୁର ହାତରେ ଶଙ୍ଖା ପିନ୍ଧି ଯେତେବେଳେ ସେ ଏ ଘରେ ଗୋଡ଼ଦେଲା, କେବଳ ଗୋଟିଏ ଦିଅର ଅଲିଅଳି ନଣନ୍ଦ, ଶାଶୁ, ଶଶୁରଙ୍କ ଛୋଟିଆ ପରିବାରକୁ ନେଇ ସେ ସୁନ୍ଦର ସ୍ୱପ୍ନ ଦେଖିବା ଆରମ୍ଭ କରିଥିଲା । ସବୁ ମାଆଙ୍କ ପରି ତା' ମାଆ ବି ତାକୁ କହିଥିଲା, "ଶାଶୁଘରେ ସମସ୍ତଙ୍କୁ ନିଜର କରି ସମସ୍ତଙ୍କ ମନ ନେଇ ଚଳିବୁ । ଆମର ନାଁ ରଖିବୁ ।" ବୋଉର ସେ ଉପଦେଶକୁ ସାତଗଣ୍ଠି କରି ସାଇତି ରଖି ତୁଳସୀରେ ପାଣି ଦେଇ ସୂର୍ଯ୍ୟ ପ୍ରଣାମ କଲାବେଳେ ସେ ସ୍ୱାମୀଙ୍କ ଉଦିତ ମୁହଁ ହିଁ ଦେଖି ପାରିଥିଲା । ଠିକ୍ ସେଇ ଦିନଠାରୁ କାୟମନୋବାକ୍ୟରେ ନିଜକୁ ସମର୍ପଣ କରିଦେଇ ଥିଲା । ଇଚ୍ଛା ଅନିଚ୍ଛା, ପାଇବା ହରାଇବା, ସବୁ ସେଇ ବିନ୍ଦୁରୁ ଆରମ୍ଭ ହୋଇ ସେଇ ବିନ୍ଦୁରେ ହିଁ ଶେଷ ହେଉଥିଲା । ଦିନମାନ କର୍ତ୍ତବ୍ୟରେ ବ୍ୟସ୍ତ ରହିଲେ ମଧ୍ୟ ରାତ୍ରୀମାନ ଅଳସୀ କନ୍ୟାର ରୂପ ନେଇ ଆସୁ ଆସୁ ସ୍ୱାମୀଙ୍କ ସ୍ନେହ ସ୍ପର୍ଶରେ ସୁନ୍ଦର ହୋଇ ଯାଉଥିଲା, ତା' ମନ । ନଣନ୍ଦଙ୍କ ହୋଇଗଲା ଆସିବାର ଛଅ ମାସ ଭିତରେ । କିଛି



ଶ୍ରୀମତି ଅର୍ଚ୍ଚନା ପଟ୍ଟନାୟକ

Download Magazine from www.aahwaan.com

ଆହ୍ୱାନ ଶତକ ସଂସ୍କରଣ

କେଉଁଠି ବଦଳି ଯିବାର ଯେଉଁଦିନ ପ୍ରଥମେ ଅନୁଭବ କଲା ସ୍ୱାତୀ, ମାଆ ପାଖକୁ ଯିବାର ପ୍ରବଳ ଇଚ୍ଛା ଜାଗିଉଠିଲା, ତା' ମନରେ କାହିଁକି କେଜାଣି । ସେହି ଦିନଠାରୁ ହିଁ ତା ପାଇଁ ଅନେକ ନିୟମର ଶୃଙ୍ଖଳା ତିଆରି କରାଗଲା । ସେ ବୁଝିପାରିଲା ନାହିଁ, ଦିନକୁ ଦିନ ନିୟମ ସବୁ ତାକୁ ଯନ୍ତ୍ରଣା ଦେଇ ଆସିଲା ।

ପ୍ରଥମ ସନ୍ତାନର ଆଗମନର ସମ୍ବାଦରେ ଖୁସିରେ ବିଭୋର ହୋଇ ମନ ପକ୍ଷୀ ତା'ର ଯେତେବେଳେ ନିରୋଳାରେ ମାଆ ପାଖକୁ ଉଡ଼ିଯିବାର ସମୟ ଖୋଜୁଥିଲା ସେତେବେଳେ ଶଶୁରଙ୍କ ଅଚାନକ ଦେହାନ୍ତ ତାକୁ ସେଥିରୁ କ୍ଷାନ୍ତ କରିଥିଲା । ତା'ର କର୍ତ୍ତବ୍ୟ ତା'ର କାର୍ଯ୍ୟ ସବୁକିଛି ବଦଳି ଗଲା ।

ସେ ବୁଝି ପାରୁନଥିଲା କିଛି । ଶାଶୁଙ୍କର ଦୁଃଖର ସାଥୀ ହେବା ପୂର୍ବରୁ ସେ ତାଙ୍କର ଦୁଃଖର କାରଣ କିପରି ବନିଗଲା । ଆଜି ପର୍ଯ୍ୟନ୍ତ ସେ ତା'ର ଉତ୍ତର ପାଇନାହିଁ । ସ୍ୱାମୀଙ୍କୁ ହରାଇଲା ପରେ, ପୁଅ ହାତରୁ ଖସିଯିବାର ଭୟରେ ଅନ୍ଧଭାବରେ ତା'ର ସବୁ କଥାରେ ଦୋଷ ଖୋଜିବସିଲେ ଶାଶୁ, ଅଡୁଆ ସୁତାର ଘେର ଭିତରେ ବ୍ୟତିବ୍ୟସ୍ତ ହୋଇ ପଡୁଥିଲା ସ୍ୱାତୀ । ଧିରେ ଧିରେ ସସ୍ନେହ ହାତର ସ୍ପର୍ଶ ପଦିଏ ଶୀତଳ କଥା ତା' ପାଇଁ ସ୍ୱପ୍ନ ହୋଇଗଲା । ନିଭୃତ ରାତ୍ରୀରେ ସ୍ୱାମୀ ସହ କଥା ହେବାର ଇଚ୍ଛା ବି ସେ ହରାଇ ବସିଲା । ଲୁହ ସବୁ ଯେମିତି ଲହୁ ହୋଇ ଝରୁଥିଲା ଦୁଇ ଆଖିରୁ । ପଡ଼ୋସିନୀଙ୍କ କଟୁବାକ୍ୟ, ଶାଶୁଙ୍କ କଠୋର

ଅନୁଶାସନ, ତା'ର ଦୀର୍ଘଶ୍ୱାସର କାରଣ ହୋଇଥିଲା । ଗୋଟିଏ ଘରେ ରହି ମଧ୍ୟ ସେ ନିଜକୁ ଏକୁଟିଆ ମନେ କରୁଥିଲା ।

ପୁଣି ଥରେ ଟିକି ଟିକି ପର ଲାଗିଥିଲା । ଉଡ଼ିବାର ଶକ୍ତି ଆସିଥିଲା । ସ୍ୱାମୀ ସହ ଚାକିରୀ ସ୍ଥାନକୁ ଯିବା ନିଶ୍ଚିତ ହେଲାପରେ, ଏଥର ଶାଶୁ ସାଥିରେ ଥିଲେ ମଧ୍ୟ ସ୍ୱାମୀ ସହ ଚାକିରୀ ସ୍ଥାନରେ, ସରକାରୀ କ୍ୱାର୍ଟରରେ ଚଳିଲା ବେଳେ ସବୁ ତାକୁ ଅତି ନିଜର ନିଜର ଲାଗିଲା । ମୁଠାଏ ମାଟିରେ ତୁଳସୀ ଲଗାଇ ପାଣି ଦେଲାବେଳେ, କ୍ଷୀର ଉତୁରାଇଲା ବେଳେ ଆଉ ସର୍ବୋପରୀ ପ୍ରତିଟି ମୁହୂର୍ତ୍ତ ନିଜ ନାମରେ ନାମିତ ହେଲାପରି ଅନୁଭବ କଲା ସ୍ୱାତୀ । ଏବେ ଆଉ ବାଧୁନଥିଲା ଶାଶୁଙ୍କ ଶାସନ, ନଣନ୍ଦ ଦିଅରଙ୍କ ବ୍ୟବହାର, କିମ୍ବା ସ୍ୱାମୀଙ୍କ ଖାପଛଡ଼ା ଗୁଣ ।

ଏ ଭିତରେ ଝିଅପରେ ପୁଅଟିଏ ବି ଆସି ଯାଇଥିଲା ତା' କୋଳକୁ । ବେଳେ ବେଳେ ତାକୁ ନିରେଖି ଦେଖି ଭାବେ ସ୍ୱାତୀ ଏ ମୋର ବାପା ନା ଶଶୁର । ଭାବନାରେ ଛନ୍ଦି ହୋଇଯାଏ ସେ । ଶେଷରେ ଭାବେ ଏ କେବଳ ମୋ ପୁଅ ।

ସେ ଆଉ କିଛି ହୋଇ ନଥାଉ, ଝିଅ ପୁଅକୁ ମଣିଷ କରୁ କରୁ ତା'ର ବାକି ସମୟ ସରିଯାଏ । ସମୟ ସବୁ ଯେମିତି ସୂର୍ଯ୍ୟ ଚନ୍ଦ୍ରମାର । ତା ପୁଅଝିଅର । ଆଜି ତା'ର ଚନ୍ଦ୍ରମା ପରି ସୁନ୍ଦରୀ ସୁଶୀଳା ଝିଅ ଏବଂ ସୂର୍ଯ୍ୟପରି ପ୍ରତିଭାବାନ ପୁଅ । ଝିଅକୁ ବିବାହ ଦେବାର ସ୍ୱପ୍ନ ସେ ଏବେ ଦେଖିଲାଣି । ସଂସାର କରୁ କରୁ ସଂସାରକୁ ସେ ଚିହ୍ନିଲା । ନିଜ ଝିଅକୁ

କିନ୍ତୁ ସବୁ ଜ୍ଞାନ ଦେଇସାରି ସେ ସଂସାର କରିବାକୁ ଦେବ ମନସ୍ଥ କଲା । ତୁଳସୀର ଜଳ ମଥାରେ ପକାଇ ଅନ୍ତଃକରଣରେ ପବିତ୍ର ହେଲା । ସେ ତୁଳସୀ ପରି ପବିତ୍ର ହେଲା ତା ମନ । ଅନ୍ତତଃ ଝିଅର ବାହାଘର ସେ ସେଇଠି କରିବ, ଯେଉଁଠି ତୁଳସୀ ପରି ସ୍ନେହର ପବନ ଝରୁଥିବା ଶାଶୁ ଥିବ । କାଳର ପରିବର୍ତ୍ତନରେ ଯିଏ ବଦଳୁ ନଥିବ, ଠିକ୍ ତୁଳସୀ ଗଛ ପରି । ଝଡ଼ଝଞ୍ଜାରେ ସହଜରେ ଭାଙ୍ଗୁନଥିବା ତୁଳସୀ ଗଛ । ତା ବୋହୁ ପାଇଁ ସେ ହେବ ଏବଂ ଝିଅ ପାଇଁ ଖୋଜିବ ସେମିତି ଦରଦୀ ଶାଶୁଟିଏ । ମୁଣ୍ଡର ଓଢ଼ଣାକୁ ପୁଣିଥରେ ସଜାଡ଼ି ମୁଣ୍ଡିଆ ମାରିଲା ବେଳେ ଛୋଟ ନିଶ୍ୱାସଟିଏରେ ଯେମିତି ସ୍ୱାତୀ ସବୁକିଛି ମାଗିନେଲା । ଆଉ ନିଶ୍ଚିନ୍ତ ହୋଇଗଲା ଆଗାମୀ ଦିନଟି ପାଇଁ ।

ବାଲିମେଳା, ମାଲକାନଗିରି
ଭ୍ରାମ୍ୟଭାଷ : ୯୪୩୭୮୯୦୧୨୨

Download Magazine from www.aahwaan.com

# କୁକୁର ଜୀବନ

ବଉଳ ଗଛ ପାଖରେ ମହାରଣା ବାବୁଙ୍କ ବିରାଟ ବଙ୍ଗଳା । ବଙ୍ଗଳାରେ ଚାକରାଣୀ ଭାବେ ଖଟେ ଲିଲି, ମାତ୍ର ୧୦୦ ଟଙ୍କାରେ । ମନ ଭିତରେ ପର୍ବତ ପ୍ରମାଣେ ଆଶାଟେ ରଖିଛି ଯେ ତା ଭଗବାନରୂପୀ ସାହେବ ତା'ର ଚାକିରିଟେ କରାଇଦେବେ । କେବେଠୁ ଖଟୁଛି ଯେ ତାର ହିସାବ ନାହିଁ । କେବେ ଖଣ୍ଡେ ପୁରୁଣା ଶାଢୀ ତ ଲକ୍ଷ୍ମୀ ପୂଜା କି ଦଶହରା ବେଳକୁ ତିରିଶି କି ପଚାଶ ଟଙ୍କାର ବକ୍ସିସ । ପରିବା କିଣାରୁ ବଳିଥିବା ପାଞ୍ଚ - ଦଶ ଟଙ୍କା ଠୁଳେଇ ଠୁଳେଇ ରଖିଥାଏ ଅଟୋରେ ତା ଘରକୁ ଯିବା ପାଇଁ । ଲିଲି ଆଇନାରେ ତା' ମୁହଁକୁ ବେଳେ ବେଳେ ଅନାଏ । ଆଇନାରେ ପ୍ରତିଫଳିତ ହୁଏ ତା'ର ଅସ୍ତଗାମୀ ଯୌବନ ।



ସମ୍ବିତ ସତ୍ୟପ୍ରକାଶ ମିଶ୍ର

ସବୁ ଦିନିଆ ରାସ୍ତାରେ ବାବୁଙ୍କ ଘରକୁ ଗଲା ବେଳେ ଭେଟ ହୁଏ ରାସ୍ତାରେ ଗୋଟିଏ ତ୍ରିପଣ୍ଡ ସୁନ୍ଦରୀ କଳା ରଙ୍ଗର କୁକୁର ଟିଏ, ନାଁଟି ତାର କାଳି । ବାବୁ କହିଥିଲେ ପୁଅ ମୁକେଶ ଜିଦ୍ଦି କରୁଛି ପାପା ଗୋଟେ କୁକୁର ଛୁଆ ଆଣିଦିଅ । ଆଲୋ ଲିଲି ଯଦି କୋଉଠୁ  କୁକୁର ଛୁଆଟେ ମିଳିବ, ଏ ପୁଅ ପାଇଁ ଆଣିଦବୁ । କାଳିକୁ ଦେଖି ଲିଲିର ବାବୁଙ୍କ କଥା ମନେ ପଡ଼ିଗଲା ଆଉ ସେ ତାକୁ କୋଳେଇ ଆଣିଲା ଆଞ୍ଜୁଳାଏ ମୁଢ଼ି ଖୁଆଇଦେଇ ।

Download Magazine from www.aahwaan.com

କାଳିକୁ ଦେଖିବା କ୍ଷଣି ସାହେବଙ୍କ ସୁଠାମ ମରଦ କୁକୁର ଜାକି ତା ସାମ୍ପୂମରା ଚିକ୍କଣୀୟା ଲାଞ୍ଜକୁ ହଲେଇଲା । କାଳିକୁ ତା ଓଦା ସରସର ଜିଭରେ ଚାଟି ପକାଉଥାଏ । ନୂଆ ଅତିଥିକୁ ଦେଖି ବାବୁଙ୍କ ଘରେ ଖୁସିର ମାହୋଲ ସୃଷ୍ଟି ହେଇଗଲା । ସପରିବାର ଖୁସିରେ ନାଚି ଉଠିଲେ । ସବୁଠୁ ବେଶି ଖୁସି ହେଲା ପଞ୍ଚମ ଶ୍ରେଣୀରେ ପଢୁଥିବା ତାଙ୍କ ପୁଅ ମୁକେଶ । ଲିଲି ବି ଟିକେ ଆଶ୍ୱସ୍ତ ହେଲା, ବୋଧେ କୁକୁରର ଦୟାରେ ତା' ଚାକିରୀ ଜଲ୍‌ଦି ଟିକିଏ ହେଇଯାଇପାରେ । ମନେ ମନେ ଥରେ ବଳିଆର ଭୁଜ କାଳିଆକୁ ନେହୁରା ହେଉଥାଏ ଥରେ କାଳିକୁ ମୁଣ୍ଡିଆ ମାରୁଥାଏ । ଧନ୍ୟ ସେ କାଳି । ଅଳ୍ପ ଦିନ ଭିତରେ ସମସ୍ତଙ୍କର ଅତି ପ୍ରିୟ ହୋଇଯାଇଥିଲା ସେ । ଘରେ ଯିଏ ଯୁଆଡେ ଯାଉଣୁ ଆସୁଣୁ କାଳିକୁ ଟିକେ ଗେଲ କରି ଦେଇ ଯାଉଥିଲେ । ସିଏ ବି ତା ଛୋଟିଆ ଲାଞ୍ଜକୁ ହଲେଇ ହଲେଇ ଡେଇଁ ଡେଇଁ ସମସ୍ତଙ୍କ ସହିତ ଖେଳୁଥିଲା । ମୁକେଶ ବାବୁ ତାକୁ ଆଉ ଛାଡିଲେନି । ତାକୁ ଡାଇନିଙ୍ଗ ଟେବୁଲରେ ବସାଇ ଖୁଆଇଲେ ଓ ତାକୁ ନିଜ ବେଡ୍‌ ଉପରେ ଶୁଆଇଲେ । ଲିଲି ବି ସବୁ ଦିନ କାଳିକୁ ତେଲ ଲଗେଇ ଗାଧୋଇଦିଏ, ଶୁଖିଲା ଗାମୁଛାରେ ଭଲ ଭାବେ ତାକୁ ପୋଛିଦିଏ, ତା ପାଇଁ ଆସିଥିବା ପାନିଆରେ ତା ଦେହର ଲୋମ ସବୁ କୁଣ୍ଡାଇଦିଏ । ବାବୁ ଆଣିଥିବା ନୂଆ ଡ୍ରେସ ସବୁ ପିନ୍ଧାଇ ଦିଏ, ଖାଲି ସେତିକି ନୁହେଁ ଲିଲି ତାକୁ ନିଜ ହାତରେ ଖୁଆଇ ଦିଏ । ସେଥିପାଇଁ ଲିଲିକୁ ଦେଖିଲେ ସେ ପୁରା ବାୟାଣୀ । ଏ ଭିତରେ ଚାରି ପାଞ୍ଚ ବର୍ଷ କଟିଗଲାଣି । ବାବୁଆଣୀ

Download Magazine from www.aahwaan.com

ଦିନେ ମୁକେଶଙ୍କୁ ନେଇ ତାଙ୍କ ବାପ ଘରକୁ ଯିବାକୁ ବାହାରିଲେ । ବାବୁଙ୍କ ଓ ଘରର ଦାୟିତ୍ୱ ଦେଇଗଲେ ଲିଲିକୁ । କହିଲେ ସବୁଦିନ ଟିକେ ଆସୁଥିବୁ, ଓଳା ଓଳି, ବାସନ ମଜା, ଲୁଗା କଚା, ରୋଷେଇ ଟିକେ କରିଦେଇ ଯାଉଥିବୁ । ଏମିତି ଶୂନ୍‌ଶାନ ବଙ୍ଗଳାରେ କାମ କରୁ କରୁ କେତେବେଳେ ଲିଲିର ସମୟ ସରିଯାଏ ସେ ଜାଣିପାରେନି, କାରଣ କାଳି ତା ପାଖେ ପାଖେ ବୁଲୁଥାଏ । ବାବୁ ଅଫିସ ଗଲା ପରେ ଲିଲି ଡ୍ରଇଙ୍ଗ ରୁମ କବାଟ ଲକ କରି କାମ କରେ । ଦିନେ ଲିଲି ଘର ଭିତରେ କାମ କରୁଥାଏ ହଠାତ କଲିଂ ବେଲ୍ ବାଜି ଉଠିଲା, ଥରେ ନୁହେଁ, ଦି ଥର ନୁହେଁ, ବାରମ୍ବାର ... । ଲିଲି କଣ କରିବ କିଛି ନ ଭାବି ନିଜ ଅସଜଡା ଶାଢୀକୁ ଟିକେ ସଜେଇ ଦେଇ କବାଟ ଖୋଲିବାକୁ ଗଲା । କବାଟ ଖୋଲୁ ଖୋଲୁ ବାବୁ ତା ଉପରେ ଖମ୍ବ ପ୍ରାୟ ଆଉଜି ହେଇଗଲେ, ପାଟିରୁ ମଦଗନ୍ଧ ସ୍ୱଷ୍ଟ ଭାବରେ ବାରି ହେଇଯାଉଥାଏ । ଅଳ୍ପ ସମୟର ଶୂନ୍ୟତା ଲିଲିକୁ ହତବାକ କରିଦେଇଥାଏ । ତରଙ୍ଗାୟିତ ପ୍ରଶ୍ନମାଳାରେ ତା ମୁଣ୍ଡ କାମ କରୁନଥାଏ । କିନ୍ତୁ ବିବେକ ଦୃଷ୍ଟିରୁ ବାବୁଙ୍କୁ ନେଇ ତାଙ୍କ ବେଡରୁମ ପାଖକୁ ନେଇଗଲା । ନିଶାସକ୍ତ ବାବୁ କହିଲେ ଲିଲି ତୁ ଆମ ଅଫିସରେ ପିଅନ ଚାକିରୀ କରିବୁ । ହଁ ବାବୁ ... । ତା ହେଲେ କାଲି ଠୁ ତୁ ଅଫିସ ଆସେ । ଏ କଥା ଶୁଣି ଲିଲିର ଖୁସିର ସୀମା ରହିଲାନି । ଖୁସିରେ ଆତ୍ମହରା ହୋଇଯାଉଥିଲା ସେ । ପୁଣି ବାବୁ କହିଲେ କିନ୍ତୁ ସରକାରୀ ଚାକିରୀଟିଏ ପାଇଲୁ ଲିଲି । ଆଉ ମୋତେ କିଛି ଦବୁନି... । ଆଗୁଆ ହଁ

ଭାରି ଲିଲି କହିଲା ବାବୁ ଆପଣ ଯାହା କହିବେ ମୁଁ ଆପଣଙ୍କୁ ଦେବି ମିଠା, ଲୁଗାପଟା ଇତ୍ୟାଦି ଇତ୍ୟାଦି... । ନାଇଲୋ ମୋର ସେ ସବୁ କିଛି ଦରକାର ନାହିଁ । ତା'ହେଲେ ବାବୁ ଆପଣଙ୍କର କଣ ଦରକାର । ବାବୁ କହିଲେ ମୋର ତୁ ଦରକାର ଲୋ ଲିଲି ,ଏତିକି କଥା ନ ସରୁନୁ ବାବୁ ଘାଇଲା ବାଘ ପରି ତା ଆଡକୁ ମାଡି ଆସିଲେ । ଲିଲି କଣ କରିବ କିଛି ଭାବି ପାରୁନଥାଏ । ପୁରା ଉପାୟଶୂନ୍ୟ ଏଣେ ତା'ର ଚାକିରୀଟିଏ ଦରକାର କେତେ କଷ୍ଟରେ ମିଳିଛି, ତେଣେ ତା ଇଜ୍ଜତର କଥା । ବାବୁ ନିଜର କାମନାର ତୃଷ୍ଣାକୁ ମେଣ୍ଟାଇବାକୁ ଯାଇ କରି ଚାଲିଲେ ଲିଲି ଉପରେ ପାଶବିକ ଅତ୍ୟାଚାର । ନିଜକୁ ବଞ୍ଚାଇବାକୁ ଯାଇ ଶେଷରେ ଉପାୟ ଶୂନ୍ୟ ହୋଇ ଲିଲି ଚିତ୍କାର କରି ଡାକି ଦେଇଛି କାଳି..... କାଳି.... କାଳି... । କାଳି ସେପଟେ ଜାକି ସହିତ ଖେଳୁଥାଏ । ଯେମିତି କାଳି ଲିଲି ଡାକ ଶୁଣିଛି, ଖୋଜି ଖୋଜି ଯାଇ ବାବୁଙ୍କ ବେଡରୁମରେ ପହଞ୍ଚିଛି । କୁକୁର ହେଲେ କଣ ହେଲା ? ଏ ଭଳି ଦୃଶ୍ୟ ଦେଖି ସେ ଚମକି ପଡିଛି । ବାବୁଙ୍କ ବେଡ ପୁରା ଅସଜଡା । ସେଥିରେ ଲିଲି ନିର୍ଜୀବ ପ୍ରାୟ ପଡିଛି । ବାବୁ ତା' ଉପରେ କଣ କରୁଛନ୍ତି ? ତା' ଦେହରେ କ୍ଷତ ଚିହ୍ନ । ଆଖିରୁ ବହିଯାଉଛି ତା' ଦି' ଧାର ଲୁହ । ନିଜକୁ ବଞ୍ଚାଇବାକୁ ଯାଇ ଲିଲି ପ୍ରାଣ ବିକଳରେ ଦୌଡିଛି, କାଳି ମଧ୍ୟ ଲିଲିକୁ ଦେଖି ତା ପଛେ ପଛେ ଦୌଡୁଛି । ବାବୁ ଅଣାୟତ ପ୍ରାୟ, କାମନାର ଅଗ୍ନିରେ ଦଗ୍ଧିଭୁତ । ନିଶାସକ୍ତ ଅବସ୍ଥାରେ ଲିଲିକୁ ଆୟତ କରିବାକୁ ଚେଷ୍ଟା କରୁଥାନ୍ତି ।

Download Magazine from www.aahwaan.com

ସେଦିନର ରାତି ଯେମିତି ସାଜିଥିଲା ଲିଲି ପାଇଁ ଅମାବାସ୍ୟା । କିଛି ଉପାୟ ନ ପାଇ ସେ ବଙ୍ଗଳା ନିକଟରେ ଥିବା ବାବୁଙ୍କ ଫାର୍ମ ହାଉସ ଭିତରକୁ ଯାଇ ଗୋଟିଏ ରୁମରେ ପଶି କବାଟ ବନ୍ଦ କରିଦେଲା । ତୀବ୍ରରୁ ତୀବ୍ରତର ହେଉଥାଏ ତା'ର ହୃତ ସ୍ପନ୍ଦନ । ଦୁଃଖରେ ଆତ୍ମହରା ହୋଇ ପଡୁଥାଏ ସେ । କଣ କରିବ ?

କେମିତି ବଞ୍ଚିବ ? କେମିତି ନିଜକୁ ରକ୍ଷା କରିବ ? ଅସମାହିତ ଏ ସବୁ ପ୍ରଶ୍ନ ତା' ମନ ମଧ୍ୟରେ ଦୋଳାୟମାନ ହେଉଥାଏ । ଠିକ ସେଇ ସମୟରେ ଖୋଜି ଖୋଜି ଆସି ତା ବାବୁ ପହଞ୍ଚି ଯାଇଥାନ୍ତି ସେଇ ରୁମରେ । କହୁଥାନ୍ତି ଲିଲି ଆଜି ଗୋଟିଏ ରାତି ପାଇଁ ତୁ ମୋର ହେଇଯା, ତୋର ସବୁ ରାତିର ଦୁଃଖ ଦୂର କରିଦେବି ମୁଁ । ନ ହେଲେ ତୋ ଚାକିରୀ ଗଲା । ନିଜର ବିବଶତାରେ ବାଧ୍ୟ ହୋଇ ନିଜକୁ ସମର୍ପଣ କଲା ବାବୁଙ୍କ ନିକଟରେ । ଏ ଭିତରେ ରାତି ପ୍ରାୟ ଶେଷ ହେଇ ଆସୁଛି, ଚଢେଇ ମାନଙ୍କର କିଚିରି ମିଚିରି ଶବ୍ଦ, କୁକୁଡାର କ କ ରେ କ ରାବ । ଆଖିରୁ ବହିଯାଉଥାଏ ତା' ଧାର ଧାର ଲୁହ, ଶରୀର କମ୍ପମାନ ହେଉଥାଏ । ମନେ ପଡୁଥାଏ ତା ଦିବ୍ୟାଙ୍ଗ ସ୍ୱାମୀ କଥା ଓ ମନେ ପଡୁଥାଏ ତା କୁନି କୁନି ସରଳ ହୃଦୟର ପିଲାଙ୍କ କଥା । ବାବୁ ନିଜର କାମନା ଚରିତାର୍ଥ କରିଚାଲିଥାନ୍ତି । ଅଣନିଶ୍ୱାସୀ ପ୍ରାୟ ଲିଲି ବିକଳରେ ଶେଷ ଆଶାରେ ଜୋରରେ ଚିତ୍କାର କରି ଡାକିଛି କାଳି ..... କାଳି .....□ ଲିଲିର ଡାକ ଶୁଣି କାଳି ଆସି ପହଞ୍ଚି ଯାଇଛି ସେଇ ରୁମରେ ..... । ଭାବୁ ଥାଏ ସେ କଣ

Download Magazine from www.aahwaan.com

କରିବ ? ଏ ପଟେ ତାକୁ ପୋଷିଥିବା ମାଲିକ ଓ ସେ ପଟେ ତାକୁ ନୂଆ ଜୀବନ ଦେଇଥିବା ଲିଲି । ସାମାନ୍ୟ କୁକୁର ହେଲେ କଣ  ହେଲା ତା ଭିତରେ ଭରିରହିଥିଲା ମାନବିକତା । କାଳ ବିଳମ୍ବ ନ କରି ସେ ଲିଲିର କେଶ ଗୁଛକୁ ଟାଣି ଧରିଥିବା ବାବୁଙ୍କ ହାତକୁ କାମୁଡିବାକୁ ଲାଗିଲା । ପାରୁ ପର୍ଯ୍ୟନ୍ତ ଚେଷ୍ଟା କରିଛି ସେ ଲିଲିକୁ ବଞ୍ଚାଇବା ପାଇଁ  । ଯାହା ହେଲେ ବି ତା ବାବୁଙ୍କ ଆଗରେ ସେ ଛାର କୁକୁରଟାଏ । କ୍ରୋଧରେ ଜର୍ଜରିତ ମହାରଣା ବାବୁ କାଳିକୁ ଦି ପାହାର ଦେଇ ଦୁଇ ହାତରେ ଧରି ନେଇ ଗେଟ୍ ବାହାରେ ଫୋପାଡିବାକୁ ଉଦ୍ୟତ ହୁଅନ୍ତେ, ଗୋଟେ ଅଟୋ ଆସି ଗେଟ ପାଖରେ ପହଞ୍ଚିଲା । ବାପଘରୁ ଆସି ପହଞ୍ଚିଥାନ୍ତି ବାବୁଆଣୀ ମୁକେଶକୁ ନେଇ । ହଠାତ ଏ ଦୃଶ୍ୟ ଦେଖି ମହାରଣା ବାବୁଙ୍କୁ ପଚାରିଲେ ତୁମେ ଏ କଣ କରୁଛ ? ଏତେ ସକାଳୁ ସକାଳୁ, କାଳିକୁ ଧରି ଏଇଠି । ବାବୁ କିଛି ସମୟର ନୀରବତା ପରେ କହିଲେ, କଣ  କହିବି ତୁମକୁ, ତୁମେ ଆଗ ଘର ଭିତରକୁ ଆସ ସବୁ କଥା ଜାଣିଯିବ । ଆଉ ଲିଲି କାହିଁ ? ଚିତ୍କାର କରି ଡାକିଲେ ଲିଲି... ଲିଲି ... ।  ବାବୁ କହୁଛନ୍ତି କ'ଣ ଆଉ କହିବି ଧନ, ତୁମେ ନ ଥିବାର ସୁଯୋଗ ନେଇ ଲିଲି ମୋ ସହିତ....ଓ ମୁଁ ସେଥିରେ ରାଜି ନ ହେବାରୁ କାଳିକୁ କହି ମୋତେ ଆକ୍ରମଣ କରିବା ପାଇଁ କହିଲା, କାଳିର ଆକ୍ରମଣରେ ଦେଖୁନ ମୋର କି ଅବସ୍ଥା ହେଇଛି । କିଛି ସମୟ ପରେ ଲିଲି ଆସି ପହଞ୍ଚେ ବାବୁଆଣୀଙ୍କ ପାଖରେ ଅସଜଡା କେଶ, ବ୍ଲାଉଜର ସ୍ଥାନେ ସ୍ଥାନେ ଫାଟି ଯାଇଛି, ଶାଢୀରୁ ଫାଳେ ଚିରି ଯାଇଛି ।


Download Magazine from www.aahwaan.com

ଲୁହ ଝରେ । ତା' ଦୁଇଟି ଆଖି ଫୁଲି ଯାଇଛି । ଲିଲିର ଏ ଅବସ୍ଥା ଦେଖି ବାବୁଆଣୀ ଲିଲିକୁ ପଚାରିଲେ ଏ କି ଅବସ୍ଥା ? କ'ଣ ହେଲା ତୋର ? କଣ ବାବୁ ଯାହା କହୁଥିଲେ ସତ ? ଲିଲି ପାଟିରୁ କିଛି ଉତ୍ତର ଶୁଣିବା ପୂର୍ବରୁ ବାବୁ କହି ଉଠିଲେ ଆରେ ତୁମର କଣ ମୋ କଥା ବିଶ୍ୱାସ ହେଉନି, ତା' ହେଲେ ମୁଁ ତୁମ ମୁଣ୍ଡ ଛୁଇଁ କହୁଛି, ଆମ ପୁଅ ମୁକେଶର ରାଣ ପକଉଚି । କିଛି ସମୟପରେ ବାବୁଆଣୀ ପ୍ରଥମେ କାଳିକୁ ଦୁଇ ହାତରେ ଧରି ଫୋପାଡି ଦେଲେ, କେଁ କେଁ ହୋଇ ରାସ୍ତା ଉପରେ ପଡ଼ିଲା କାଳି, ତା'ପରେ ଲିଲିକୁ ଲାଞ୍ଛନା ଦେଇ ଘୋଷାରି ଘୋଷାରି ଆଣି ଗେଟ ବାହାରେ ଫୋପାଡି ଦେଲେ । ବିକଳରେ ଲିଲି ଖାଲି କାନ୍ଦୁଥାଏ । ବାବୁ ମନେ ମନେ ହସୁଥାନ୍ତି । ସେ ପଟେ ଲିଲି କାଳିକୁ ନେଇ ନିଜ ଘରକୁ ପଳେଇଲା ଓ ଆରମ୍ଭ କଲା ଏକ ନୂତନ ଜୀବନ ।

ଗୁଡ଼ିଆନାଳୀ, ଢେଙ୍କାନାଳ - ୭୫୯୦୦୧, ଓଡ଼ିଶା
ଇମେଲ୍ : sambitsm1987@gmail.com

Download Magazine from www.aahwaan.com

# ଅପ୍ରାୟଶ୍ଚିତ୍ତ ଅପରାଧ



ଶିରିଶ୍ କୁମାର

ଶୀତର କୋହଲା ପାଗ । ଚଉଦିଗରେ ବହଳ କୁହୁଡ଼ିର ଆସ୍ତରଣ । ଅଂଶୁମାନ ଶିଶିରସ୍ନାତା ଅବନୀକୁ ତାଙ୍କ ପ୍ରକାଶରେ ଅବୋରିବାକୁ ଆସ୍ତେ ଉଦୟ ହେଉଥାନ୍ତି ପୂରବୀ କୋଳରୁ । ଛେଳିଆ ପାହାଡ଼ ବକ୍ଷରୁ । ଦିବାସନ୍ନର ସୂଚନା ଦେଇ । ସମୟ ୬:୧୫ । ଏଚ୍‌ପି ପେଟ୍ରୋଲ ପମ୍ପ ପାଖରୁ ଟ୍ୟୁନିଂ ବଜାଇ ବଜାଇ ପହଞ୍ଚିଗଲା ପିଙ୍କି ବସ୍ ବାଦିମାଲ ଷ୍ଟେସନ୍ କୁ । ପ୍ରବଳ ଭିଡ଼ । ପ୍ରତ୍ୟହ ଭିଡ଼ ହୁଏ କିନ୍ତୁ ସେଦିନ ଟିକିଏ ଅଧିକ ଥିଲେ । ପାଦ ଥାପିବାକୁ ଜାଗା ନିଅଣ୍ଟ । ତଥାପି ଚଢ଼ିଲି । ପଛ ପଟକୁ ଯାଇ ହେଣ୍ଡଲ୍ ଧରି ଠିଆ ହୋଇଗଲି । ବସ ଚାଲୁଥିଲା । କେହି ଓହ୍ଲାଉ ନଥିଲେ ହେଲେ ସବୁ ଷ୍ଟେସନରୁ ଜଣେ ଦି'ଜଣ ଚଢ଼ୁଥିଲେ ।

"ସାର୍ ଗୁଡ୍ ମର୍ଣ୍ଣିଂ !" ସୁଖା ସୁଖା ଗୁଡ଼ ମର୍ଣ୍ଣିଂ ଶବ୍ଦଟିଏ ମୋ' ମୁହଁରୁ ବି ବାହାରି ଆସିଲା ପ୍ରତ୍ୟୁତ୍ତର ପାଇଁ । କିଏ ବୋଲି ମୋଡ଼ିକି ଦେଖନ୍ତେ ନଜରକୁ ଆସିଲା ମତେ ଚାହିଁ ପ୍ଲାଷ୍ଟିକ୍ ହସ ପ୍ରସ୍ତୁତି କରୁଛି କୋମଳକଣ୍ଠି ତନୁପାତଳୀ ସୁନ୍ଦରୀ ତରୁଣୀଟିଏ । ମୁଁ ତାକୁ ଦେଖିଲା କ୍ଷଣି ମୁଣ୍ଡ ନୁଆଇଁ ଜିଭକାମୁଡ଼ି ଲାଜେଇ ଗଲା । ନିଶ୍ଚିତ ଭଦ୍ରାମିର ଲକ୍ଷଣ । ଯାହା ଯେତେ ବିରକ୍ତି ଭାବ ଉଭେଇଗଲା ତାକୁ ଦେଖିଲା ମାତ୍ରେ ହିଁ । ଭିତରେ ସଞ୍ଚିତ ହେଲା ଅହେତୁକ ଆକର୍ଷଣଟିଏ । ଏମିତି ଅନେକ ଥର ଗୋଟେ ଗୋଟେ ଚେହେରାକୁ ମନେ ପକେଇଦିଏ । ମତେ ଏକ ପ୍ରକାର ଟାଣି ଧରୁଥିଲା ।

Download Magazine from www.aahwaan.com

ୟୁନିଫର୍ମ୍ ରୁ ଜାଣିଲି ସେ ମୁଁ ଅଧ୍ୟାପନା କରୁଥିବା ସମ୍ବରଗଡ଼ କଲେଜର ଛାତ୍ରୀ । ବୋଧେ କମର୍ସ୍ ମୁଁ ଆର୍ଟସ୍ କୁ ପଢ଼ାଏ ବୋଲି ଜାଣି ନଥିଲି । ସିଏ ମତେ କଲେଜରେ ଦେଖିଥିବା ବୋଧେ... ! ସାମାନ୍ୟ କଥୋପକଥନ ପରେ ନିଶ୍ଚିତ ହେଲି । କିଛି ବେଳ ଗଲା ପରେ ସେ ମୋ ସହ କଥା ହେବାକୁ ଅନକମ୍ଫର୍ଟ୍ ଫିଲ କରୁଥିବା ପରି କାନରେ ଇୟର୍ ଫୋନ୍ ଲଗେଇ ଗୀତ ଶୁଣିବାକୁ ଲାଗିଲା । ଠିକ ସେତିକିବେଳେ ମୋ ମନ ହଜିଗଲା ଅନ୍ୟ ଏକ ଦିଗରେ । ମୁଁ ଭାବି ପାରୁନଥିଲି ଜଣକର ଆଉ ଜଣକ ସହ ଏତେ ସାମଞ୍ଜସ୍ୟ... ଏ କ'ଣ ସମ୍ଭବ ! ବିଚାର ଊର୍ଦ୍ଧ୍ୱମୁଖୀ ହେବାକୁ ଲାଗିଲେ । ତା'ର ନାଁ, ଚେହେରାର ଚମକ, ଗହମରଙ୍ଗୀ ଦେହ, ଗୋଲ ମୁହଁ, ଖଇରି ଆଖି, ଆଜାନୁ ଲମ୍ବିତ କେଶ ଆଦିରେ ଥିଲା ଅନେକ ସାମଞ୍ଜସ୍ୟ ଆଉ ଜଣକର । ଯିଏ ମୋର ନିକଟରେ ନଥିଲେ ବି ଖୁବ୍ ଅନ୍ତରଙ୍ଗ । ନିବିଡ଼ ଅନ୍ତରଙ୍ଗ । ଆଉ ମୁଁ ବୁଡ଼ି ବୁଡ଼ି ଗଲି ତା'ଭାବନାରେ ।

ମାନସୀ ଆଉ ଆମ ଘର ଲଗାଲଗି । ମଝିରେ ଗୋଟିଏ କାନ୍ଥର ଦୂରତା ଯାହା । ଆମେ ବ୍ରାହ୍ମଣ ସେମାନେ କୁଳିତା । କିନ୍ତୁ ଚାଲୁ ପୁରା ଏକାଠି । ଉଭୟ ପରିବାରର ମଧୁର ସମ୍ପର୍କ ଯୋଗୁଁ । ଆମେ ଛୋଟ ବେଳୁ ଚିହ୍ନା ଜଣା । ଛ'ମାସର ସାନ ବଡ଼ । ମୁଁ ବଡ଼ ସିଏ ସାନ । ଜ୍ଞାତସାରୁ ଆମେ ନିମିଷେ ପାଖ ଛାଡୁନଥିଲୁ । ସବୁ ସାଙ୍ଗରେ କରୁ । ପିଲାଦିନର ସେଇ ଚଗଲାମି, ଦୁଷ୍ଟାମି, ଧୂଳିଖେଳରୁ କଲେଜ୍ ପର୍ଯ୍ୟନ୍ତର ଯାତ୍ରା ଭିତରେ କେତେବେଳେ ପ୍ରେମ ରୂପୀ ଶାଶ୍ୱତ ଅନୁଭବର ଜନ୍ମ ଆମ ହୃଦୟରେ ଆମେ ପ୍ରଥମେ ଜାଣି ପାରୁନଥିଲୁ । ତା'ପରେ କିନ୍ତୁ ଆମର ଚାଲିଚଳନ

Download Magazine from www.aahwaan.com

ଗୁଡ଼ାଏ ପରିବର୍ତ୍ତନ ଜଣାଗଲା । ଆଗ ଆମେ ସବୁ କଥା ସେୟାର୍ କରୁଥିଲୁ ଖୋଲାଖୋଲି ଭାବରେ । ଟିକିଏ ଟିକିଏରେ ଝଗଡ଼ା କରିବୁ... ରାଗିବୁ... ରୁଷିବୁ.. କଟି ହେବୁ..! କିନ୍ତୁ ଆଉ ସେମିତି କିଛି ନଥିଲା ଯୌବନର ସ୍ପର୍ଶ ପାଇଲା ପରେ ସଙ୍କୋଚିବା, ଲାଜେଇବା, ମପଚୁପା କଥାବାର୍ତ୍ତା ଆଦି ଅନେକ ପ୍ରତିକ୍ରିୟା ସ୍ୱତଃ ସୃଷ୍ଟି ହେଲା । କେଜାଣି କେମିତି ଉଭୟଙ୍କ ହୃଦୟରେ ଉଭୟଙ୍କ ପାଇଁ ଆପେ ଉଭବି ଯାଉଥାଏ । ଯାହା ବି ହେଉ ବହୁତ ଭଲ ଲାଗୁଥିଲା । ଦୁହେଁ ଭିଜିଯାଉଥିଲୁ ନିଆରା ଏକ ପୁଲକରେ । ସମୟର ଗତି କ୍ରମେ ସବୁ ଦୁହିଁଙ୍କୁ ଜଣା ପଡ଼ିଗଲା । ହେଲେ କେହି କାହାକୁ ମନକଥା କହିବାରୁ ପାରୁନଥିଲୁ ।

ସେ +୨ ପରେ ଆଉ ପଢ଼ିଲାନି । କାରଣ ତା'ଦ୍ୱାରା ପାଠ ସେତେ ଭଲ ହେଉନଥିଲା । ସେଥିପାଇଁ ସେ ପାଠ ଛାଡ଼ି ସିଲେଇ ଶିଖିବାପରେ ଗାଁକୁ ପାଖ ଗାଁରୁ ଝିଅ ମାନଙ୍କୁ ସିଲେଇ ଶିଖେଇବାକୁ ଆସୁଥିଲା । ମୁଁ +୩ କରିବାକୁ ବାଣୀବିହାର ଗଲି । ହେଲେ ସେଠାରେ ବି ମନକୁ ମାନେ । ନିତ୍ୟ ପ୍ରତ୍ୟହ ଫୋନରେ ଗପୁ । ଦୁହିଁଙ୍କର ଭଲମନ୍ଦ ପରେ ଗାଁ ଘରର, ସାଙ୍ଗସାଥୀ ମାନଙ୍କ କଥା, ଆଦି ଆମର ବିଷୟବସ୍ତୁ ଭିତରେ ପ୍ରମୁଖ ଥିଲେ । କିନ୍ତୁ ସେ ସମ୍ପର୍କରେ କାହାରି ମୁହଁରୁ ପଦୁଟିଏ ଉତୁରେନି । କିନ୍ତୁ କଥା ହେଇ ବହୁତ ଭଲଲାଗେ । ଦିନଟିଏ କଥା ନହେଲେ ଭଲ ଲାଗୁନଥିଲା । କାରଣ ଆମ ହୃଦୟରେ ନକହି ନକହି ଅନେକ କିଛି କହିପକାନ୍ତି ନୀରବରେ । ସବୁ ବୁଝେଇ ଦିଅନ୍ତି ବିସ୍ତାର ଭାବରେ ।

ହେଲେ ମୋ ମନୋସ୍ଥିତିକୁ ସମ୍ପୂର୍ଣ୍ଣ ଦୋହୋଲାଇ ଦେଲା, ମୋ ଦୁଇ

Download Magazine from www.aahwaan.com

ଆହ୍ୱାନ ଶତକ ସଂସ୍କରଣ

କ୍ଲାସମେଟ୍ ପ୍ରେମୀ ଯୁଗଳର ଆକସ୍ମିକ ଆତ୍ମହତ୍ୟା । କାରଣ ସମାଜର ନୀତିନିୟମ, ଫମ୍ପା ଦେଖାଣିଆ ଆଦର୍ଶ, ଜାତିଗତ ବୈଶିଷ୍ଟ୍ୟ । ଯେଉଁଥିପାଇଁ ତାଙ୍କ ନିଜ ଲୋକ ଶତୃ ହୋଇଗଲେ । ବିଦ୍ରୋହ କଲେ । ଆଉ ଶେଷରେ...... !

ସେ ଘଟଣାଟା ମତେ ଦେଖେଇଦେଲା ପ୍ରେମର ଅସଲ ରୂପ । ମୋ ଭିତରର ପ୍ରେମିକଟା ଯେମିତି ଲୋଟି ଯାଉଥିଲା ମରଣ ଶେଯରେ । ଅମୀମାଂସିତ, ଅଭାବିତ ଭାବରେ । ଅତି ସଂକ୍ଷିପ୍ତରେ । ମୁଁ ସ୍ୱପ୍ନ ଦେଖିଥିଲି ଗୋଟିଏ ସୁଖୀ ପରିବାରର, ଚାହୁଁଥିଲି ଦ୍ୱୈତ ପରିବାରର ଆଶୀର୍ବାଦରେ ମୁଁ ଓ ମାନସୀ ସଂସାର ତରୀ ବାହିନେବୁ ସମୟ ନଦୀର ଉଜାଣି ସୁଅରେ । ହେଲେ ଭୁଲି ଯାଇଥିଲି ସମାଜକୁ... ତା'ର ବୈଶିଷ୍ଟ୍ୟକୁ । ସପ୍ନୋଦ୍ୟାନରେ ନୀଳକଙ୍କି ସାଜି ଭୁଲି ଯାଇଥିଲି ବାସ୍ତବତାର ପ୍ରଳୟକୁ ।

ନା.. ନା ଜମା ନୁହେଁ । ମୁଁ ଧିକ୍କାରେ ସେଇ ପ୍ରେମକୁ ଯିଏ ଅଲଗା କରିଦେବ ଦୁଇଟି ପରିବାରକୁ । ପୁଣି ଆମକୁ ଦୂରେଇ ଦେବା ଆମକୁ ଆଜନ୍ମ ଭଲ ପାଉଥିବା ପ୍ରେମୀ ମାନଙ୍କର ପଣତ ତଳରୁ... ବେତବାଡି ପାଖରୁ... ରାଗ ରୋଷ, ଥଟ୍ଟା ମଜା ପାଖରୁ..! ଏମିତି ଭାବି ନିଷ୍ପତ୍ତି ନେଲି, ପାଇବା ହିଁ କ'ଣ ପ୍ରେମ... ! ଆମେ ପରସ୍ପରକୁ ହରେଇ ଆମ ପ୍ରେମକୁ ପାଇବୁ । ତ୍ୟାଗରେ । ଅଜାଣତରେ । ଦୂରତାରେ ।

ତା'ପରଠୁ ମୁଁ ତା'ପାଖରୁ ଦୂରେଇ ଯିବାର ଚେଷ୍ଟା କଲି । ଅନିଚ୍ଛାରେ, ବାଧ୍ୟବାଧକତାରେ । ଆଉ ସେ ବଢୁଥାଏ ଠିକ୍ ମୋର ବିପରୀତ ଦିଗରେ । ତାକୁ ଯାହା ଥରେ ଖୋଲି କହୁଥିଲି, ସେ ମୋର

Download Magazine from www.aahwaan.com



ଅସ୍ୱୀକାରିତା ଓ ରୁକ୍ଷତା ଭାବରୁ ଜମାରୁ ଭାଙ୍ଗି ନପଡ଼ି ଜୁଟିଥାଏ ମତେ ମନେଇବାର ଚେଷ୍ଟାରେ । ଯାହା ମତେ ବେଳେ ବେଳେ ଖୁବ୍ ପୀଡିତ ଓ ଅସହାୟ କରି ଦେଉଥିଲା । କିନ୍ତୁ ମୁଁ ଛାତିରେ ପଥର ଲଦି ସବୁ ସହି ଯାଉଥିଲି । ଜଣକୁ ଭଲପାଇ ଘୃଣା କରିବାରେ ଅଭିନୟ ମୋ ପାଇଁ କାଠିକର ପାଠ ଥିଲା । କିନ୍ତୁ କରୁଥିଲି । ସତର୍କତାରେ.... ସଂଯମତାରେ । ତା' କଲ୍ ମେସେଜ୍ ସବୁ ଆଭଏଡ୍ କରୁଥିଲି । ତାକୁ ଯେତେ କଷ୍ଟ ଦେଉଥିଲି ଏସବୁ କରି, ବେଶି କଷ୍ଟ ପାଉଥିଲି ମୁଁ ନିଜେ । ଗାଁକୁ ଯିବା ଆସିବା ବନ୍ଦ କରିଦେଲି । ଗଲେ କମ୍ ରହି ଫେରିବେ ଆସୁଥିଲି । ଭାବୁଥିଲି ସେ ମୋ ପାଖରୁ ମୋର ଏହି ବ୍ୟବହାରରେ ଅତିଷ୍ଠ ହୋଇ ଦୂରେଇଯିବ ! କିନ୍ତୁ ମୋ ଧାରଣା ଭୁଲ୍ ସାବ୍ୟସ୍ତ କରିଦେଲା । ଓଲଟା ବିଚଳିତ ହେଉଥାଏ ମୋ ପରିବର୍ତ୍ତନ ଯୋଗୁଁ । ମୋ ପାଖରୁ କାରଣ ଜାଣିବାକୁ ବହୁବାର ଉଦ୍ୟମ କରି ବିଫଳ ହେଉଥିଲା ।

ଖରା ଛୁଟିତକ ମତେ ଗାଆଁରେ ହିଁ କାଟିବାକୁ ପଡୁଥିଲା । ବାପାମାଆ ଅନୁରୋଧ କରୁଥିଲେ । ଏ ଛୁଟିତକ ମୁଁ ବହୁତ କଷ୍ଟରେ ବିତାଉଥିଲି । ଥରେ ସେମିତି ଛୁଟିରେ ଆସିଥାଏ । ତାକୁ ଦେଖା ଦେବିନି ବୋଲି ଲୁଚୁଥାଏ । ତାଙ୍କ ଘର ଆଡକୁ ସେ ନଥିବା ବେଳେ ଯାଏ । କାରଣ ମଉସା ମାଉସୀ ମୋତେ ଖୁବ୍ ସେହ୍ନ କରନ୍ତି । ନଗଲେ ଠିକ୍ ହେବନି । ଡର ତାକୁ ଭେଟିଲେ ପୁଣି ସେ ସବୁ..! ପୁଣି ଡର ପଥର କରିଥିବା ମନ ତାକୁ ଦେଖି ତରଳିଗଲା ଯଦି.. ମନ ପାଖରୁ ବିବେକ ହାରିଗଲା ଯଦି.. !

Download Magazine from www.aahwaan.com



ଯେତେ ସତର୍କତା ଅବଲମ୍ବନ କଲେ ମଧ୍ୟ ଗୋଟେ ଫୁଲୁରି ସଙ୍ଗରେ ମୁହେଇଁଗଲୁ । ବାଟ କାଟି ଯିବାର ଚେଷ୍ଟା ବୃଥାଗଲା । ସେ ମତେ ସିଧା ଜାବୁଡ଼ି ଧରିଲା । ଢ଼େର କାନ୍ଦିଲା । ମୁଁ ବି ଆଉ ଧୟ ଧରି ପାରିଲିନି । ଦୁହେଁ ଜୋର ଜୋର କାନ୍ଦିଲୁ । ଲାଗୁଥିଲା ଅଶ୍ରୁଳ ମୁହୂର୍ତ୍ତରେ କବଳିତ ହୋଇଯାଇଛି ମାଟି, ପାଣି, ପବନ ଓ ଆକାଶ । ସ୍ତବ୍ଧ ପରିବେଶ । ଥରୁଛି ପତ୍ର ପତ୍ର । ପ୍ରତିଟି ଶାଖା ପ୍ରଶାଖାରେ ମର୍ମରିତ ବେଦନାରେ ପରିଭାଷା । ଉଶ୍ୱାସ ଲାଗିଲା । ଅନ୍ତର୍ବେଦନା ସମୂହର ଭାଗବଣ୍ଟା ହୋଇ । ମୁଁ କହିଲି - ମତେ କ୍ଷମା କରିବ ମାନସୀ । ମୋ ବ୍ୟବହାର ପାଇଁ । ସବୁ ସ୍ୱପ୍ନ ପୂରଣ ହୁଏନି ମାନସୀ । ବୋଧେ ଆମର ସ୍ୱପ୍ନ ଟା ବି.. !

ତାକୁ ମୋ କଥା ରଖିବାକୁ ବାଧ୍ୟ କଲି । ସେ ଚୁପଚାପ୍ ଅବିବାଦରେ ମାନିଗଲା । ମୋତେ ବାଟ ଛାଡ଼ି ନିଜେ ଚାଲିଗଲା ନିଜ ବାଟରେ ।

ମାନସୀ ବାହାସାହା ହେଲା । ଖୁସିରେ ବଞ୍ଚିବାର ଅଭିନୟ କରୁ କରୁ ତାହା ହିଁ ତା'ର ଖୁସି ପାଲଟିଗଲା । ମୁଁ ପଢ଼ାପଢ଼ି ସାରି ଅଧ୍ୟାପକ ହେଲି ।

ସମୟ ଗଡ଼ି ଚାଲିଲା ସ୍ୱ-ବେଗରେ । ମୁଁ ମାନସୀକୁ ଭୁଲି ପାରୁନି ଜମାରୁ । ତାକୁ ରାଣ ଖୁଆଇ ବାହା ହେବାକୁ ବାଧ୍ୟ କଲି ସିନା ନିଜେ ବାହା ହୋଇପାରୁନାହିଁ । ମତେ ଏବେ ବେଳେବେଳେ ଲାଗେ ମୁଁ ସମାଜକୁ ନ ଡରି ତାକୁ ଆପଣେଇ ନେଇଥିଲେ... !ମନ ମୋର ଶିହରିଯାଏ । ପୁଣି ଟପ୍ କରି ଛିଣ୍ଡିପଡ଼େ ଆକାଶରୁ ଭୂଇଁକୁ ।

Download Magazine from www.aahwaan.com

ଆହ୍ୱାନ ଶତକ ସଂସ୍କରଣ

ମୁଁ ତାକୁ ବାହା ହେବାକୁ ବାଧ୍ୟ କଲି ରାଣ ଦେଇ । ସେତେବେଳେ ସେ ମତେ କହିଥିଲା, "ମୋ ପ୍ରତି ଏତେ ବଡ଼ ଅପରାଧ କରନି ପ୍ଲିଜ୍.. !" ମାନସୀର ଏ କଥା ପଦକ ସବୁବେଳେ ଗୁଞ୍ଜୁଥାଏ ମୋ କାନରେ । ସତରେ କେତେ ବଡ଼ ଅପରାଧ ନକରିଛି । ସତରେ ତା ଭଲପାଇବାର ପରିଚୟ ଦେଇଦେଲା କଥା ରଖିକି.. ! ଏସବୁ ଭାବୁ ଭାବୁ ମୁଁ ଉପଲବ୍ଧି କରେ କେବଳ ମାନସୀ ପ୍ରତି ନୁହଁ, ତାକୁ ମୋ ପାଖରୁ ଦୂରେଇ ନିଜ ପ୍ରତି ବହୁତ ବଡ଼ ଅପରାଧ କରିଛି । ଯାହା ଅପ୍ରାୟଶ୍ଚିତ୍ତ ଚିରକାଳ । ପଶ୍ଚାତାପର ଦହନରେ ତିଳ ତିଳ ଦହି ହେବା ହିଁ ସାର ।

ସାର୍ ସାର୍ ଷ୍ଟେସନ୍ ଆସିଗଲା ।

ଏତିକି କହି ଝିଅଟି ମତେ ଟିକିଏ ହଲେଇଦେଲା । ମୁଁ ଭାବନାରୁ ଓହରିଲି ।

ସେ କହିଲା, "ସାର୍ ଆପଣ କୁଆଡେ ହଜି ଯାଇଥିଲେ ?"

ମୋ ପାଟିରୁ ଆପେ ଉତୁରି ଆସିଲା, "ତମକୁ ଦେଖି ତମପରି ଆଉ ଜଣେ ମନେ ପଡ଼ିଗଲା ।"

ସେ ଅଳ୍ପ ଲାଜେଇ ପୁଣି ପୋତି ପକାଇଲା ତା'ହସର ବର୍ଷାରେ । ଯାହା ମତେ ମୋହାଚ୍ଛନ୍ନ କରିବାକୁ ଯଥେଷ୍ଟ ଥିଲା । ଅବିକଳ ତା'ରି ପରି ।

କୁଶମେଲ, ଝାରସୁଗୁଡ଼ା

Download Magazine from www.aahwaan.com

# ଭଲରେ ଥା’ କାଳିଆ

ମୋତେ ସେ କେତେଥର କହିଲାଣି, ରଥଯାତ୍ରା ବେଳେ ଟିକେ କେବେ ପୁରୀଆଡ଼େ ଯିବା । ପ୍ରତିଥର ମୁଁ କିଛି ନା କିଛି ବାହାନା କରି ଖସିଯାଏ । ଅସଲ କଥା ହେଲା ଡୋରୀ ନ ଲାଗିଲେ ମୁଁ ଯିବି କେମିତି ?

ସେଦିନ ମୋତେ ପୁରୀ ଯିବାକୁ ବହୁତ ବାଧ୍ୟ କଲା ସୁଦର୍ଶନ । ରଥରେ ବାମନ ଅବତାରଙ୍କୁ ଦେଖିଲେ କୁଆଡ଼େ ଆଉ ପୁନର୍ଜନ୍ମ ହୁଏନାହିଁ । ଶ୍ଳୋକଟିଏ ବୋଲି ମୋତେ ଅର୍ଥ ବୁଝେଇଦେଲା । ତୁ’ଟା ପଳାୟନପନ୍ଥୀ କିରେ ? ଜନ୍ମ ପରେ ଜନ୍ମ ହେଲେ ସିନା ଯାଇ ଜଗନ୍ନାଥଙ୍କୁ ଫି ବରଷ ରଥରେ ଦେଖିବୁ । ଗୋଟାଏ ଥରରେ ଦେଖି କାମ ଚଳେଇଦେବୁ ଭାବିଛୁ ? କାବ୍ୟକାର ସେମିତି କାହିଁକି ଲେଖିଲେ, ସେକଥା ମୋତେ ବୁଝାଅ ଭାଇନା - ଦମ୍ଭର ସହ କହିଲା ସେ । ଏତିକି ବୁଝିପାରୁନୁ ? ଏ ସବୁ ବେପାର କଥା । ମୋତେ ଆଗ କହ, ପ୍ରତିବର୍ଷ ରଥଯାତ୍ରା ହୁଏ କାହିଁକି ? ମୋ କଥା ଶୁଣି ମୋ ଆଡ଼କୁ ଖାଲି ବଲବଲ କରି ଚାହିଁଲା ସୁଦର୍ଶନ । କିଛି ସମୟ ଉତ୍ତାରୁ ଦମ୍ଭ ସଞ୍ଚୟ କରି କହିଲା - ଦଳିତ ପତିତମାନଙ୍କୁ ଦେଖା ଦେବାପାଇଁ ବରଷକେ ଥରେ ମହାପ୍ରଭୁଙ୍କର ଏହି ଦିବ୍ୟ ଲୀଳାଖେଳା । ଯେଉଁମାନଙ୍କର ମନ୍ଦିର ଭିତରକୁ ପ୍ରବେଶ କରିବାର ଅଧିକାର ନାହିଁ ସେମାନେ ଅନ୍ତତଃ ଚର୍ମଚକ୍ଷୁରେ ରଥଉପରେ



ଡା ସୌମ୍ୟରଞ୍ଜନ ମିଶ୍ର

ଭଗବାନଙ୍କୁ ଦର୍ଶନ କରି ପାରିବେ । ଦଳିତ କିଏ ? ପତିତ କିଏ ? କାହିଁକି ସେମାନଙ୍କର ମନ୍ଦିର ପ୍ରବେଶର ଅଧିକାର ନାହିଁ? ଏ ଅଧିକାର ସେମାନଙ୍କ ଠାରୁ କିଏ ଛଡ଼ାଇଲା ? ମୋର ଏକାଥରେ ଏତେ ଗୁଡ଼ାଏ ପ୍ରଶ୍ନବାଣରେ ଘାଇଲା ଦେଖାଗଲା ସୁଦର୍ଶନ ।

ସିଧା ସିଧା ପଚାରିଲା - ରଥଯାତ୍ରାରେ ପୁରୀକୁ ଯିବ ନା ନାହିଁ କୁହ ? ଯାଆନ୍ତି ଯେ ଏବେ ଯିବାରେ କିଛି ଫାଇଦା ନାହିଁ - ମୁଁ କହିଲି । ତୁମେ ବି ଜଗନ୍ନାଥଙ୍କ ପାଖକୁ ଯିବାରେ ଫାଇଦା ଖୋଜୁଛ ? ଏଇ ଟିକକ ଆଗରୁ ପରା ମୋତେ କେତେ ପ୍ରବଚନ ଶୁଣାଉଥିଲା, ମୋତେ ଶୁଣାଇଲା ସେ । ମୋ କାଳିଆ ଠାକୁରତ ଏବେ ନିଜେ ଦଳିତ, ପତିତ, ଅବହେଳିତ, ଲୁଣ୍ଠିତ - ଏତିକି କହି ଆଗକୁ ଆଉ କହିପାରିଲିନି ମୁଁ । ଲୁହ ଜକେଇ ଆସିଲା ମୋ ଆଖିରେ । ସୁଦର୍ଶନ କଣ ବୁଝିଲା କେଜାଣି ଲୁହ ଛଳ ଛଳ ହୋଇ ମୋତେ କୁଣ୍ଢେଇ ପକେଇଲା ।

ମଧ୍ୟଖଣ୍ଡୀ, ଶ୍ରୀବଳଦେବ ଜୀୟୁ

କେନ୍ଦ୍ରାପଡ଼ା, ୭୫୪୨୧୨

ଭ୍ରାମ୍ୟଭାଷ : ୯୯୩୭୩୭୪୩୪୨

# ଅନୁଭବୀ ପ୍ରିୟା

ଭିଜିବାକୁ ଭଲ ଲାଗେ ତୁମକୁ...

ଶ୍ରାବଣର ପ୍ରତ୍ୟେକ କଣିକା ଯେପରି ତୁମପାଇଁ ଗଢ଼ା । ଦୁଃସାହସୀ ଜଳକଣା ତୁମ ସୁଗନ୍ଧିତ କେଶ ସହ ମହକି ବହିଚାଲେ ସାରା ପୃଥିବୀକୁ ମହକାଇବା ପାଇଁ...

ତୁମେ ଯେବେ ଚାଲିଯାଅ ମେଘ ଗରଜକୁ ଡରି, ପ୍ରତୀତ ହୁଏ ଯେପରି କସ୍ତୁରୀ ମୃଗ ଭୟଭୀତ ହୋଇଯାଏ ଶିକାରୀ ଆଭାସରେ ଏବଂ ତା ମହକ ପ୍ରସାରୀ ପଳାୟନ କରେ ଘଞ୍ଚ ଅରଣ୍ୟକୁ..

ତୁମ ନୃତ୍ୟସହ ସମୀର ନୃତ୍ୟ କରେ ତୁମ ଓଢ଼ଣାକୁ ଅନୁସରଣ କରି.. ତୁମ ହସ ଯେବେ ଗୁଞ୍ଜିଉଠେ ଚତୁଃପାର୍ଶ୍ୱରେ କୋକିଳ ନିଜ ବସାରୁ ଇର୍ଷାକରେ ହତାସେ ବିରଜୀ ।



ରୁଖସାର୍ ବେଗମ୍

ପ୍ରେମମୟ ହୃଦୟ ତୁମ ଅନୁଭବ କର ତୁମେ ପ୍ରତ୍ୟେକ କ୍ଷଣକୁ ତୁମ ପାଇଁ ସାରା ଜୀବନ ଅଟଇ ହିମାଳୟର ଉପବନ ସମ ଯେଉଁଠି ପ୍ରତ୍ୟେକ ପ୍ରାନ୍ତରେ କେବଳ ସୌନ୍ଦର୍ଯ୍ୟତା ସହ ହିଁ ଭେଟ ହୁଏ ମନୁଷ୍ୟର ପ୍ରେମର ପ୍ରତୀକ ଉପବନର ପ୍ରତ୍ୟେକ ଚାରାରେ ପ୍ରତିଫଳିତ ହୋଇଥାଏ ଠିକ୍ ଯେପରି ତୁମ ଅନୁଭବୀ ଆଚରଣ ଦର୍ଶାଏ ତୁମ ହୃଦୟର ଭାବ...

ମୋ ଅନୁଭବୀ ପ୍ରିୟା, ତୁମେ ଦୁର୍ଲଭ...

Download Magazine from www.aahwaan.com

# ଚନ୍ଦ୍ରର ଜ୍ୟୋତ୍ସ୍ନାକୁ କୁମୁଦିନୀର ମିନତୀ

ମେସେଜ୍ ଉପରେ ମେସେଜ୍ । ବାରଟା ମେସେଜ୍ ଆସିଛି ତୁମର । ମେଡ଼ିସିନ୍ ଖାଇଲ କି ନାହିଁ, ଫ୍ରୁଟ୍ ଜୁସ୍ ପିଇଲ କି ନାହିଁ । ହଁ ବାବା, ସବୁ ଟାଇମରେ କରୁଛି । ତମେ ଯାହା ବ୍ୟସ୍ତ ହେଉଛି ସିନା । ପତିଙ୍କ ତାଗିଦରେ ସବୁ କରିବାକୁ ମୁଁ ବାଧ୍ୟ ହେଉଛି ତଥାପି ତୁମେ ଆଲାର୍ମ ବାଜିବା ପରେ ସବୁ ଟାଇମରେ ମୋତେ ମନେ ପକାଇ ଦେଉଥାଅ, ଖାଇଲ କି ନାହିଁ, ପିଇଲ କି ନାହିଁ! ଏମିତି କେତେଦିନ ଆଉ ମୋ ଚିନ୍ତାରେ ଏକା ଏକା ଚଳୁଥିବ ? ମୁଁ ସଂସାର ଭିତରେ ରହି ତୁମକୁ ଟିକେ ଫୋନ ବି କରି ପାରୁନି । ଅଥଚ ତୁମେ ମତେ ଜୀବନର ଅଭିନ୍ନ ଅଂଗ କରି କିଛି ସ୍ମୃତିକୁ ନେଇ ବଞ୍ଚିବାର ନିଷ୍ପତ୍ତିଟା ମୁଁ ଜମା ବୁଝିପାରୁନି । କେତେ ଭଲ ଭଲ ଶିକ୍ଷିତ ଝିଅ ତୁମକୁ ବାହା ହେବାକୁ ଚାହୁଁଥିଲେ, ସବୁ ମନା କରିଦେଲ - ଏବେ କୁହ ଏ ବୟସରେ ଆଉ କଣ କରିବ ? ତମ କଥା ଯେବେ ଭାବୁଛି, ମୁଁ ଆହୁରି ମାନସିକ ଯନ୍ତ୍ରଣା ପାଉଛି । ମୋ ପାଇଁ ତମର ଏ ଅବସ୍ଥା । ଭଲ ପାଇ ଯେଉଁ ଭୁଲ କରିଥିଲି ତାର ଏତେ ବଡ଼ ଦାମ ମୋତେ ଦେବାକୁ ହେବ ଜାଣିନଥିଲି । ଭଲ ପାଇବା ପାଇଁ ସିନା ହୃଦୟର ଅନୁମତି ଦରକାର, ହେଲେ ବିବାହ ପାଇଁ ତ ପରିବାରର ସମ୍ମତି ଦରକାର । ଯାହା ଆମକୁ ମିଳିନଥିଲା । ବହୁ ପ୍ରସ୍ତାବ ଆସି ମୋତେ ଅସ୍ତବ୍ୟସ୍ତ କରି ଦେଉଥିଲା । ଆଉ ସେହି ସମୟରେ ହିଁ ତୁମେ ଛାତିର



ଆର୍ତ୍ତତ୍ରାଣ ଖୁର୍ଦ୍ଦିଆ

Download Magazine from www.aahwaan.com

କୋହ ଓ ଆଖିର ଲୁହକୁ ଲୁଚେଇ କହିଥିଲ ବାହା ହୋଇଯାଅ ବୋଲି । ତମେ ଖୁସିରେ ରହିଲେ ମୁଁ ଖୁସିରେ ରହିବି ବୋଲି ସାହାସ ଭରି ଦେଉଥିଲ । ଏତେ ବର୍ଷ ବିତିଗଲା ପରେ ବି ତୁମେ ମୋ ଠାରୁ କିଛି ଚାହିଁନାହଁ । ବାସ ଦି ପଦ କଥା ହୁଅ । ମୋର ଦେହ ଭଲ ନାହିଁ ଶୁଣିବା ଦିନଠୁ, ଲାଗେ ଯେମିତି ତୁମେ ମୋ ପାଖେ ପାଖେ ରହି ସେବା କରୁଛ, ଜଣେ ପ୍ରକୃତ ବନ୍ଧୁପରି । ଥରେ ଥରେ ଯଦି କେବେ ପଚାରିବି ଏତେ ବେଳ ହେଲାଣି ଖାଇଲଣି କି ନାହିଁ, ତୁମେ କୁହ କିଏ ଦେବ ଖାଇବାକୁ ? ଏମିତି ଶୁଣିଦେଲେ ମୋତେ ଲାଗେ ମୋର ଅଭାବ ତମେ ସାରା ଜୀବନ ବୋଧହୁଏ ଅନୁଭବ କରିବା ପାଇଁ ହିଁ ବାହା ହୋଇନାହଁ । ସେଥିପାଇଁ ମୁଁ କହେ ଭଲ ପାଇବା ତୁମଠୁ ଶିଖିବା କଥା । ପ୍ରିୟା ତମେ ତ ଭରା ନଈରେ ମୋତେ ଛାଡ଼ିଦେଇ ଆଉ କୋଉ ନାବିକ ସହ କୂଳକୁ ପହଞ୍ଚିଗଲ । ମୁଁ କିନ୍ତୁ ତୁମକୁ, ତୁମ ସ୍ମୃତିକୁ କେବେ ଏକା ଛାଡ଼ିନି । ଆଜି ବି ମୋ ସାଥିରେ ଅଛି । କାରଣ ପ୍ରେମ ଜୀବନରେ ଥରେ ହୁଏ । ଆଉ ଜଣଙ୍କ ସହ ହିଁ ହୁଏ । ତୁମେ ସେଇ ନାରୀ ଯାହାଠୁ ମୁଁ ଭଲ ପାଇବା ଶିଖିଲି । ଆଉ ତୁମକୁ ଭଲ ପାଇଲି । ଭଲ ପାଇବାର ମାନେ ନୁହେଁ - ଗୋଟିଏ ଶରୀରକୁ ଅକ୍ତିଆରରେ ରଖିବା । ତୁମକୁ ପାଇଛି, ତୁମ ମନକୁ ପାଇଛି । ଆନ୍ତରିକତାର ଦୁଇପଦ କଥା ଆଉ କଣ କହିବି ତୁମ ଛଡ଼ା । ଆଶା କରେ ତୁମେ ଯେତେ ଜଞ୍ଜାଳରେ ରହିଲେ ବି ତୁମ ହୃଦୟରେ ଦୁଇଇଞ୍ଚ ଯାଗା ମୋ ପାଇଁ ନିଶ୍ଚୟ ରଖିବ । ଯେଉଁଠି ମୁଁ ତୁମ କଥା ଭାବି ଆରାମରେ ରହିପାରିବି । ମୋର ଭଲପାଇବାକୁ ମୁଁ କେବେ ସୁପ୍ତ ବା ମୃତ ହେବାକୁ

ଆହ୍ୱାନ ଶତକ ସଂସ୍କରଣ

ଦେବିନି । ସର୍ବଦା କ୍ଷତବିକ୍ଷତ କରି ବଞ୍ଚାଇ ରଖିବି । ତୁମ ଜୀବନସାଥୀ ତୁମକୁ ଯେତେ ଆପଣାର କରୁଥିବେ ମୁଁ ସେତିକି କ୍ଷତାକ୍ତ ହେଉଥିବି । ମୋର ଭଲ ପାଇବା ମୋତେ ବାରମ୍ବାର ଦର୍ଶାଉଥିବ ଏ ସୁଖରୁ ତୁ ବଞ୍ଚିତ ହେଲୁ । ତୁମକୁ ପାଇବାର ଖୁସି ହରାଇଛି ସତ କିନ୍ତୁ ହରାଇବାର ଯନ୍ତ୍ରଣାକୁ ଆପଣେଇଛି । କାହିଁକି ନା ବିଚ୍ଛେଦ ତ ଦୁଃଖ ନୁହେଁ ପାଇବା ତ ପ୍ରେମ ନୁହେଁ । କ'ଣ ପାଇଁ ବାହାହେବା ପାଇଁ ଯାହା କହିଲେ ବି ଶୁଣୁନାହଁ । ବାପାମା'ଙ୍କ ଆଖିରେ ସ୍ୱପ୍ନକୁ କଣ ପାଇଁ ପୂରଣ କରୁନ । ତୁମେ ସିନା ଆମ ଭଲପାଇବାକୁ ଜୀବିତ ରଖିବାପାଇଁ ଏତେ ବଡ଼ ତ୍ୟାଗ କରି ହସି ପାରୁଛ । ମୁଁ କଣ ଏତେ ମହାନ ହେଇ ପାରୁଛି । ମୋର ଭଲ ପାଇବାକୁ ଯେ କେତେ ଭାଗରେ ବିଭକ୍ତ କରିବାକୁ ପଡୁଛି ତାହା ମୁଁ ଜାଣେ । ମୋ ପରିବାର ପରିପୂର୍ଣ୍ଣ ସବୁଥିରେ, ମୋ ସ୍ୱାମୀର ଘର, ଗାଡ଼ି, ଧନସଂପତ୍ତି, ରାଜମହଲ ଭଳି ପ୍ରାସାଦ କେଉଁଥିରେ ବି କିଛି ଅସୁବିଧା ନାହିଁ । ଏପରିକି ବିନା ଭୂଇଁର ସ୍ୱର୍ଗରେ ମୁଁ ଆଜୀବନ ବଞ୍ଚିପାରିବି । ଏତିକି ପ୍ରତିଷ୍ଠା ଅଛି ମୋ ସ୍ୱାମୀଙ୍କର । ଆଉ ତାଙ୍କ ପତ୍ନୀ ହୋଇଥିବାରୁ ମୁଁ ଗର୍ବ ଅନୁଭବ କରେ । ହେଲେ  ତମର ଉପସ୍ଥିତି ପ୍ରଥମ ଭଲ ପାଇବା, ପ୍ରଥମ ଛୁଆଁ, ତୁମ ଡାକରେ ହୃତକମ୍ପନ, ତମେ ମୋ ପାଇଁ ପଢ଼ିଲା ସମୟରେ ବିତାଇଥିବା ଘଟଣା, ଡାକ୍ତରଖାନାରେ ନିଜ ହାତରେ ଔଷଧ ସହ ଭାତ ଖୁଆଇ ଦେଉଥିବାର ସେଦିନ, ମୋ କଲେଜ ଯିବା ସମୟରେ ମୋ ପଛେ ପଛେ ଯିବାର ମୁହୂର୍ତ୍ତ, ପାହାନ୍ତା ପ୍ରହରରେ ପଢ଼ିବା ଉଦ୍ଦେଶ୍ୟରେ ଉଠି ମୋ ସହ ପ୍ରୀତିପୂର୍ଣ୍ଣ ଭାବ ପ୍ରଦର୍ଶନର ଦିନ ଆଉ ମୋ

Download Magazine from www.aahwaan.com

କୋଳ ଉପରେ ମୁଣ୍ଡ ରଖି ଶୋଇଥିବାର ସେଦିନ ଏବଂ ମୁଁ ଦେଇଥିବା ମିଛ ଶପଥମାନେ କଥା ନ ରଖି ନ ପାରିବାର ଦିନ ଏ ସବୁ ମୋତେ ପ୍ରତାରକର ଅନୁଭବ କରାନ୍ତି । ପ୍ରତାରଣାର ପ୍ରତିଧ୍ୱନୀ ମୋତେ ଶାନ୍ତିରେ ନିଃଶ୍ୱାସ ନେବାକୁ ଦିଏନି । ଛାତିରେ ଯନ୍ତ୍ରଣା ଅନୁଭବ ହୁଏ । ଭାବିଥିଲି ଯଦି ତମେ ବାହା ହୋଇ ଘର ସଂସାର କରିଥାନ୍ତ ମୋର ପାପ କିଛି କଟି ଯାଇଥାନ୍ତା । ମୋର ଦେଖାଶୁଣା କରିବାକୁ ମୋର ପତି ଅଛନ୍ତି । କିନ୍ତୁ ତୁମ ପାଇଁ କିଏ ଅଛି ? ତୁମେ କହିବ ମୋର ସ୍ମୃତି ଅଛି । ସ୍ମୃତି ହେଉଛି ବଞ୍ଚିବାର ଏକ ମିଛ ଅଭିଳାଷ, ମିଛ ଆଶ୍ୱାସନା । ବାସ୍ତବ ଜୀବନରେ ଏହାକୁ ପ୍ରକାଶ କରାଯାଇ ପାରେନା । ଚନ୍ଦ୍ରକୁ କୁମୁଦିନୀ କରେ ଯେମିତି ମିନତୀ, ଆକାଶକୁ ବସୁଧା କରେ ଯେମିତି ପୀରତି । ମୁଁ ସେଇ ପୀରତିର ରାଣ ଦେଇ କହୁଛି - ତୁମେ ବାହାହୁଅ । ନହେଲେ ତୁମ ପ୍ରେମ ସନ୍ତୋଷରେ ଚନ୍ଦ୍ରର ଜ୍ୟୋସ୍ନା ଢାଳି ଆର୍ତ୍ତରେ ମିନତୀ କରିବା ପାଇଁ ମୁଁ ଏ ଚିହ୍ନା ଚଉହଦୀ ଭିତରେ ଆଉ ନଥିବି ।

ଆଶା କରେ ମୋ କଥା ରଖିବ ।

ଇତି

ତୁମ ପ୍ରେମ ବିମୋହିତା

ସହପାଠିନୀ, ବାନ୍ଧବୀ, ପ୍ରାଣପ୍ରିୟା

ବଙ୍କିଆ, ବୀରମହାରାଜପୁର, ସୁବର୍ଣ୍ଣପୁର, ୭୬୭୦୧୮, ଓଡ଼ିଶା

ଭ୍ରାମ୍ୟଭାଷ : ୯୪୯୩୧୪୦୮୧୪

ଇମେଲ୍ : akhurdia999@gmail.com

Download Magazine from www.aahwaan.com

# ଭବିଷ୍ୟତର ପୃଥିବୀ

ଭବିଷ୍ୟତର ଏକ ମୁହୂର୍ତ୍ତ । ସ୍ୱର୍ଗଲୋକରେ ଦେବତାମାନଙ୍କ ମଧ୍ୟରେ ଆଲୋଚନା ଚାଲିଥାଏ । କଥା ପ୍ରସଙ୍ଗରେ ପୃଥିବୀ କଥା ଉଠିଲା । ସେଠାରେ ଲୋକମାନେ କିପରି ଅଛନ୍ତି ସେମାନଙ୍କ ହାଲଚାଲ କିପରି ଏପଟେ ନାରଦ ମଧ୍ୟ ବହୁଦିନ ହେଲା । ପୃଥିବୀର ହାଲଚାଲ ବୁଝିବାକୁ ଆସିନାହାନ୍ତି । ହଠାତ୍ ତାଙ୍କ(ନାରଦ) ମନରେ ପୃଥିବୀ ପୃଷ୍ଠକୁ ବୁଲିଯିବାକୁ ମନ ବ୍ୟାକୁଳ ହେଲା । ସେଠାରୁ ସେ ସଙ୍ଗେ ସଙ୍ଗେ ଉପସ୍ଥିତ ଦେବତା ମାନଙ୍କ ଆଜ୍ଞା ନେଇ ପୃଥିବୀ ପୃଷ୍ଠକୁ ଭ୍ରମଣ କରିବାପାଇଁ ବାହାରି ପଡ଼ିଲେ ।



ନରସିଂହ ମହାରଣା

ଭ୍ରମଣ ସମୟରେ ନାରଦ ମନରେ ଭାବୁଥାନ୍ତି, ଆହା କି ସୁନ୍ଦର ପୃଥିବୀ ! ବିଶ୍ୱ ବ୍ରହ୍ମାଣ୍ଡରେ ପୃଥିବୀ ପରି ସୁନ୍ଦର କେଉଁ ଗ୍ରହ ବା ଅଛି । ଯେଉଁଠି ଅଛି ପ୍ରକୃତିର ଗନ୍ତାଘର । ପ୍ରଭୁ ଶ୍ରୀ ଗୋଲକବିହାରୀଙ୍କ ଜନ୍ମଭୂମି, ପବିତ୍ର ଗଙ୍ଗାନଦୀ, ଚାରିଧାମ, ଏନଫିଲ୍ ଟାୱାର୍, ତାଜମହଲ, ଝୁଲା ବଗିଚା, ଆହୁରି କେତେ କଣ । ଏଭଳି ଉଚ୍ଚ ପ୍ରଶଂସା କରି କରି ସେ ପୃଥିବୀର ବାୟୁମଣ୍ଡଳରେ ପ୍ରବେଶ କଲେ । ଏ କଣ ? ନିଶ୍ୱାସ ବନ୍ଦ ହୋଇଯାଉଛି । ଏହି କଷ୍ଟ ସେ ନିଜର ଦିବ୍ୟଦୃଷ୍ଟି ଦ୍ୱାରା ଦେଖିପାରିଲେ ଯେ ପୃଥିବୀର ଅମ୍ଳଜାନ ଏବଂ ତାପମାତ୍ରା ନିୟନ୍ତ୍ରିତ କରିବା ପାଇଁ

Download Magazine from www.aahwaan.com

ଆହ୍ୱାନ ଶତକ ସଂସ୍କରଣ

ଦିଆଯାଇଥିବା ସୁରକ୍ଷା କବଚର ଅଭାବର ପ୍ରଭାବରେ ସେ ଏହିପରି କଷ୍ଟ ଅନୁଭବ କରୁଛନ୍ତି । ସେ ସଙ୍ଗେ ସଙ୍ଗେ ନିଜର ଦିବ୍ୟ ଶକ୍ତିବଳରେ ନିଜର ଶରୀରକୁ ସୁରକ୍ଷିତ କରିନେଲେ । ମନେ ମନେ ଭାବୁଥିଲେ ଏ କି ବ୍ୟବସ୍ଥା ?

ବହୁ ଭାବ-ଭାବନା ନେଇ ନାରଦ ଆସି ପହଞ୍ଚିଲେ ପୃଥିବୀ ପୃଷ୍ଠରେ । ଦେଖିଲେ ଏ କଣ ? ପୃଥିବୀ ପୃଷ୍ଠରେ ମନୁଷ୍ୟ ନାହାନ୍ତି, ବୃକ୍ଷଲତା ମଧ୍ୟ କିଛି ନାହିଁ । ସବୁ ଗଲେ କୁଆଡ଼େ ? ପାଖକୁ ଯାଇ ଦେଖନ୍ତି ତ, ସେ ସବୁ ରୋବୋଟ୍ ଗଛ ଆଉ ମଣିଷ । ସେ ଏହା ଦେଖି ନିଜକୁ ନିଜେ ବିଶ୍ୱାସ କରିପାରିଲେ ନାହିଁ । ଭାବିଲେ ମୁଁ ଭୂଲରେ ଅନ୍ୟ ଗ୍ରହକୁ ଚାଲି ଆସିନାହିଁ ତ ? ପୁଣି ଭାବିଲେ ମୁଁ ତ ପୃଥିବୀକୁ ହିଁ ଆସିଛି ।ନିଜ ଆଖି ଭୁଲ ଦେଖୁଛି ଭାଇ, ସେ ନିଜର ଆଖି ବନ୍ଦ କରି ପୁଣି ଖୋଲନ୍ତି ତ ଏ କଣ ? ସେହି ସବୁ ଦୃଶ୍ୟ ନାରଦଙ୍କ ନିଜ ଚକ୍ଷୁ ସମ୍ମୁଖରେ ବିଶ୍ୱାସ ହେଲାନାହିଁ । ଏ ସବୁ ଦେଖି ନାରଦ ମନେ ମନେ ଭାବୁଥିବା ବେଳେ କେହି ଜଣେ ଡାକ ଦେଲା, "ଏ ମିଷ୍ଟର୍, ହୁ ଆର୍ ୟୁ ?" ନାରଦ ଆଶ୍ଚର୍ଯ୍ୟ ହୋଇ ବୁଲି ଦେଖୁଛନ୍ତି, ପାଖରେ ଥିବା ଗୋଟିଏ ରୋବୋଟ୍ ଗଛ ଏହି ପରି ପଚାରୁଛି । ପାଖରେ ଥିବା ଆଉଗୋଟିଏ ଗଛ ପୂର୍ବ ଗଛକୁ କହୁଛି, "ଇତିହାସ ପଢ଼ିନୁ କି ?ଏ ପରା ସ୍ୱର୍ଗ ଲୋକର ମୁନୀ ନାରଦ । ଯେ କି ଏପଟ କଥା ସେପଟ କରୁଥିଲେ ।" ଏହି କଥା ଶୁଣି ସେଠାରେ ଥିବା ଅନ୍ୟ ସବୁ ରୋବୋଟ୍ ଗଛ ହେଁ ହେଁ କରି ହସି ଉଠିଲେ । ପୁଣି ଥଟା

Download Magazine from www.aahwaan.com

ଆହ୍ୱାନ ଶତକ ସଂସ୍କରଣ

ଅଟ୍ଟହାସ୍ୟ କରିବା ଆରମ୍ଭ କରିଦେଲେ । ନାରଦ ବ୍ୟସ୍ତବିବ୍ରତ ହୋଇ ସେଠାରୁ ଅଦୃଶ୍ୟ ହୋଇଗଲେ ।

ନାରଦ ମନରେ ଭାବୁଥାନ୍ତି, ପୃଥିବୀର ଏ କି ଅବସ୍ଥା ! ସବୁଆଡ଼େ କେବଳ ରୋବୋଟ୍ ମୟ । ମନୁଷ୍ୟ ରୋବୋଟ୍, ଘର ରୋବୋଟ୍, ଗଛ ରୋବୋଟ୍ ସବୁକିଛି ରୋବୋଟ୍ ଓ କମ୍ପ୍ୟୁଟର । ମନୁଷ୍ୟ ଏତେ ବୁଦ୍ଧି ଖଟାଇ ଯାହାକୁ ତିଆରି କରିଥିଲା ସେମାନେ(କମ୍ପ୍ୟୁଟର ଓ ରୋବୋଟ୍) କ'ଣ ପୁରା ଅସ୍ଥାନ ଜମାଇ ସାରିଲେଣି । ମନରେ ପୁଣି ପ୍ରଶ୍ନ ଉଠୁଥାଏ ଯେଉଁଠି ୨୦୧୩ ମସିହାରେ ସାରା ବିଶ୍ୱରେ ୭୫୦ କୋଟି ଲୋକଥିଲେ, ସେଠାରେ ବର୍ତ୍ତମାନ ଜନଶୂନ୍ୟ । କିଛି ମଧ୍ୟ ଦୃଷ୍ଟିକୁ ଆସୁନାହିଁ । ସେହି ସଭ୍ୟତା ନାହିଁ । ସେହି ପ୍ରାକୃତିକ ସୌନ୍ଦର୍ଯ୍ୟ ନାହିଁ । ସେ ସବୁ କଣ ଲୋପ ପାଇଗଲା ? ମନରେ ଖାଲି ପ୍ରଶ୍ନ ଆଉ ପ୍ରଶ୍ନ ଉଙ୍କିମାରୁଥାଏ । ଭାବୁଥା'ନ୍ତି - ମୋର ଆଖି କିଛି ଭୁଲ ଦେଖୁନାହିଁ ତ ?

ନାରଦ ବୁଲି ବୁଲି ଆସି ପହଞ୍ଚିଲେ । ସବୁଠି ସେଇ ରୋବୋଟ୍ ଆଉ କମ୍ପ୍ୟୁଟର ମାନଙ୍କ ରାଜୁତି । ଏମିତି ବୁଲୁଥିବା ସମୟରେ ସେ ଏକ ୩୦୦ ମହଲା ଘର ସମ୍ମୁଖରେ ପହଞ୍ଚିଲେ । ଆଧୁନିକ ଇତିହାସ ସଂଗ୍ରହାଳୟ ଥିଲା ସେଇଟି । ସେ ସଙ୍ଗେ ସଙ୍ଗେ ନିଜର ଶରୀରକୁ ରୋବୋଟ୍ କରିଦେଇ ଚାଲିଗଲେ ସଂଗ୍ରହାଳୟ ଭିତରକୁ । ଭିତରକୁ ଯାଇ ଯାହା ଦେଖିଲେ ସେ ଚମକି ପଡ଼ିଲେ । ମଣିଷ ଗୁଡ଼ିକୁ କାଚ ଘର ଭିତରେ ବନ୍ଦ କରି ରଖାଯାଇଛି । ମନରେ ଭାବିଲେ ବୋଧେ ମଲା ଶବ ଗୁଡ଼ିକୁ

Download Magazine from www.aahwaan.com

ଦେଖିବା ପାଇଁ ରଖାଯାଇଛି । ଟିକିଏ ଆଗକୁ ଯାଇ ଦେଖିଲେ ବିଭିନ୍ନ ପ୍ରକାର ଗଛ ଅଛି । ସେଗୁଡ଼ିକ ମୃତ, ଜୀବିତ ପରି ସତେଜ ଦେଖାଯାଉଛନ୍ତି । ଏବଂ ସେଠାରେ ନାନା ବିଚିତ୍ର ଜିନିଷ ସବୁ ଦେଖିଲେ । ଶେଷରେ ଯାଇ ଦେଖିଲେ ପୁଣି କିଛି ରୋବୋଟ୍ ମଧ୍ୟ କାଚଘର ଭିତରେ ଅଛନ୍ତି । ଗୋଟିଏ ରୋବୋଟକୁ ବିଶେଷ ଭାବରେ ସଜାଇ ରଖାଯାଇଛି, ଲେଖାଅଛି ୨୧୧୨ ମସିହାରେ ନିର୍ମିତ ରୋବୋଟ୍ ସମାଜର ପ୍ରତିଷ୍ଠାତା । ଏ ସବୁ ଦେଖି ନାରଦ ଆଶ୍ଚର୍ଯ୍ୟାନ୍ୱିତ ହେଲେ ଏବଂ ସଂଗ୍ରହାଳୟ ବାହାରକୁ ବାହାରି ଆସିଲେ ।

ତାଙ୍କ ମନରେ ଖାଲି ପ୍ରଶ୍ନ ହିଁ ପ୍ରଶ୍ନ ଉଙ୍କି ମାରୁଥାଏ । ପୃଥିବୀର ଏହିପରି ଅବସ୍ଥା ହେଲା କିପରି ? ଏହି ଅବସ୍ଥା ପାଇଁ ଦାୟୀ କିଏ ? ସେ ରାସ୍ତାରେ ଚାଲି ଚାଲି ଯାଉଥାନ୍ତି ହଠାତ୍ ଗୋଟିଏ ଘଣ୍ଟିର ଶବ୍ଦ ଶୁଣାଗଲା । ଏହି ନିର୍ଜୀବ ସ୍ଥାନରେ ଘଣ୍ଟି ଆସିଲା କେଉଁଠୁ ? ବୁଲିପଡ଼ି ଦେଖନ୍ତି ତ, ସେହି ନିକଟରେ ଗୋଟିଏ ମନ୍ଦିର ଅଛି । ନାରଦ ସେହି ମନ୍ଦିର ଆଡ଼କୁ ଅଗ୍ରସର ହେଲେ । ଦେଖିଲେ ମନ୍ଦିର ଭିତରେ ମନୁଷ୍ୟପରି ଦେଖାଯାଉଥିବା ଗୋଟିଏ ମୂର୍ତ୍ତି, ଯାହାର ଲମ୍ବା ଦାଢ଼ୀ, ମୋଟା ଶରୀର ଓ ଗୋରା ରଙ୍ଗ ଅଛି । ସେଠାରେ ଟଙ୍ଗାଯାଇଥିବା ଏକ ବୋର୍ଡ୍ ଉପରେ ନଜର ପଡ଼ିଲା । ସେଠାରେ ବ୍ୟକ୍ତିଙ୍କର ପରିଚୟ ଉଲ୍ଲେଖ ଥିଲା । ସେ ଥିଲେ ଚାର୍ଲସ ବାବେଜ୍, ଯେ କମ୍ପ୍ୟୁଟର ନିର୍ମାଣ କରିଥିଲେ । ନାରଦ ସଂଶୟରେ ଥିଲେ, ମନୁଷ୍ୟକୁ ସୃଷ୍ଟି କରିଥିବା ଭଗବାନଙ୍କ ମୂର୍ତ୍ତି ସ୍ଥାନରେ

Download Magazine from www.aahwaan.com


କମ୍ପ୍ୟୁଟର ନିର୍ମାଣ କରିଥିବା ଜଣେ ବ୍ୟକ୍ତିଙ୍କ ମୂର୍ତ୍ତି କାହିଁକି ପୂଜିତ ହେଉଛି । ବିତୃଷ୍ଣାରେ ନାରଦ ସେ ସ୍ଥାନ ତ୍ୟାଗକରି ଆସିଲେ ।

ସେ ମନରେ ଭାବୁଥାନ୍ତି ଏତେ ବୁଦ୍ଧିଆ ମନୁଷ୍ୟ ସବୁ ଗଲେ କୁଆଡ଼େ ? ସେ ବୁଲୁ ବୁଲୁ ଆସି ପହଞ୍ଚିଛନ୍ତି ଆମେରିକାରେ । ସେ ବାଟରେ ଚାଲୁ ଚାଲୁ ଆମେରିକାର ଅନ୍ତରୀକ୍ଷ ଗବେଷଣା କେନ୍ଦ୍ର ନାସାରେ ପହଞ୍ଚି ଦେଖିଲେ ସେଠାରେ ରୋବୋଟ୍ ବୈଜ୍ଞାନିକ ମାଣେ କଲୋମା ନାମକ ଏକ କୃତ୍ରିମ ସୌରଜଗତ ଆବିଷ୍କାର କରିଛନ୍ତି । ସେମାନେ ଉପଗ୍ରହ ନିର୍ମାଣ କରି ଏହି କାର୍ଯ୍ୟ ସିଦ୍ଧି କରିଛନ୍ତି । ନୂତନ ଆବିଷ୍କୃତ ସୌରମଣ୍ଡଳରେ ରହିବା ଯୋଗ୍ୟ ବାତାବରଣ ରହିଛି । ସେଠାକାର ଜୀବନଧାରଣ ପ୍ରଣାଳୀ ପୃଥିବି ଇତିହାସର ରାଜା ମହାରାଜା ଶାସନ ଭଳି । କୌଣସି ଶକ୍ତି କଲୋମାରୁ ପୃଥିବୀକୁ ଆସିଲେ ରାଡାର୍ ସାଙ୍ଗେ ସାଙ୍ଗେ ସୂଚନା ଦେବ । ପୃଥିବୀରୁ ସେଇ ସ୍ଥାନକୁ ଯିବାପାଇଁ ଅନ୍ତରୀକ୍ଷା ଯାନରେ ଅନ୍ୟୁନ ତିନିବର୍ଷ ସମୟ ଲାଗିବ । ଏବଂ ସେହି ସ୍ଥାନକୁ ଯିବାପାଇଁ ଯୋଜନା ଚାଲିଛି । ଆଠମାସ ପରେ ସେହି ଗ୍ରହ ପାଇଁ ଯାତ୍ରା ଆରମ୍ଭ ହେବ ।

ଏହା ସବୁ ଦେଖି ନାରଦ ବ୍ୟସ୍ତବିବ୍ରତ ହୋଇ ସେଠାରୁ ବାହାରି ପଡ଼ିଲେ । ସେ ନିଜକୁ ହାଲୁକା କରିବାପାଇଁ ସ୍ୱିଜରଲ୍ୟାଣ୍ଡରେ ଆସି ପହଞ୍ଚିଲେ । କିନ୍ତୁ ସେଠାରେ ସେ କୌଣସି ପ୍ରାକୃତିକ ଦୃଶ୍ୟ ଦେଖିବାକୁ ପାଇଲେନି । କିନ୍ତୁ ରୋବୋଟ ଦମ୍ପତ୍ତିମାନେ ସ୍ୱଚ୍ଛନ୍ଦରେ ବିଚରଣ

Download Magazine from www.aahwaan.com

କରୁଥିବାର ଦୃଶ୍ୟ ଦେଖି ସେ ବିଚଳିତ ହୋଇ ସେଠାରୁ ପଳାୟନ କଲେ ।

ଏହି ସବୁ ଦୃଶ୍ୟ ନାରଦଙ୍କ ମନରେ ଗଭୀର ରେଖାପାତ କରୁଥାଏ । ସେ ବୁଲି ବୁଲି ଜାପାନରେ ଆସି ପହଞ୍ଚିଲେ । ସେଠାରେ ମଧ୍ୟ ବିଜ୍ଞାନ ଓ ପ୍ରଦ୍ୟୋଗିକୀ ବିଦ୍ୟାର ପ୍ରସାର ଦେଖିବାକୁ ପାଇଲେ । ରୋବୋଟ ମାନେ ସବୁ କାର୍ଯ୍ୟ କରୁଛନ୍ତି । ବିଶାଳ ସପିଂ ମଲ ମାନଙ୍କରେ କେବଳ ଇଲେକ୍ଟ୍ରୋନିକ୍ ସାମଗ୍ରୀ ହିଁ ବିକ୍ରୟ ହେଉଛି ।

ମାନସିକ ଦୁଶ୍ଚିନ୍ତାର ଶୀକାର ନାରଦ ଭାରତ ହିଁ ଶ୍ରେଷ୍ଠ ସ୍ଥାନ ବିବେଚନା କରି ବୁଲି ଆସିଲେ । ଚିନ୍ତା କଲେ ରାମଜନ୍ମଭୂମୀ ଅଯୋଧ୍ୟା ଆଡ଼େ ଟିକେ ବୁଲି ଆସିବେ । ରାସ୍ତାରେ ତାଜମହଲର ଦୃଶ୍ୟ ଦେଖି କିଛି ସମୟ ଅଟକି ଗଲେ କିନ୍ତୁ କୌଣସି ମାନବୀୟ ଉପସ୍ଥିତି ଦେଖିବାକୁ ପାଇଲେ ନାହିଁ ।  ଅର୍ଥାତ ଭାରତ ମଧ୍ୟ ଏହି ବୈଜ୍ଞାନିକ ଅଗ୍ରସର କ୍ଷେତ୍ରରୁ ବାଦ ପଡ଼ିନାହିଁ? ରାଜଧାନୀ ନୂଆ ଦିଲ୍ଲୀରେ ପହଞ୍ଚି ତଦୃପ ଅବସ୍ଥା ଦେଖିଲେ । ସେଠାରେ ଆଷ୍ଟ୍ରୋଫିଜିକ୍ସ ଗବେଷଣା କେନ୍ଦ୍ରରେ ପହଞ୍ଚି କଣ ହେଉଛି ଦେଖିବା ପାଇଁ ଭିତରକୁ ପ୍ରବେଶ କରିଲେ । କାଳେ କେହି ଦେଖିପକାଇବ ବୋଲି ମାୟାବୀ ବେଶ ଧାରଣ କରିଲେ । ଗବେଷଣା କେନ୍ଦ୍ର ଭିତରେ ଦୁଇଜଣ ବୈଜ୍ଞାନିକ ଶ୍ରୀ ଅସ୍କିଲାଟର୍ ଓ ଶ୍ରୀ ରେକ୍ଟିଫାୟାରଙ୍କ କଥୋପକଥନ ତାଙ୍କ କାନରେ ପଡ଼ିଲା ।

ଅକ୍ସିଲେଟର : ଆଜି ମୋର ଜୀବନର ସବୁଠାରୁ ବଡ଼ ଉଦ୍ଭାବନ ହେବ ।

Download Magazine from www.aahwaan.com

ରେକ୍ଟିଫାୟାର : କି ଉଦ୍ଭାବନ ?

ଅକ୍ସିଲେଟର୍ : ଆଜି ମୁଁ ଯେଉଁ ରୋବୋଟ୍ ତିଆରି କରିବି ସେ ନିଜ ଇଚ୍ଛାରେ ଯେଉଁ ଗ୍ରହକୁ, ଯେଉଁ ସ୍ଥାନକୁ ଚାହିଁବ ଗୋଟିଏ ମୁହୂର୍ତ୍ତରେ ଯାଇପାରିବ । କାଲୋମା ତ ସହଜରେ ଯାଇପାରିବ, ଏତଦ୍‌ବ୍ୟତୀତ ବ୍ରହ୍ମଲୋକ, ଦେବଲୋକ ମଧ୍ୟ ଯାଇପାରିବ । ତା ପାଇଁ ବିଶେଷ କିଛି ଶକ୍ତିର ଆବଶ୍ୟକତା ପଡ଼ିବ ନାହିଁ । ସେ ସମସ୍ତ ଭାଷାରେ କଥାବାର୍ତ୍ତା ଓ ଲେଖାଲେଖି କରିପାରିବ । ଏଠାରେ ଥାଇ ଅନ୍ୟ ଗ୍ରହକୁ ଦେଖିପାରିବ । ଏବଂ ନିଜର ବଂଶ ବିସ୍ତାର ମଧ୍ୟ କରିପାରିବ ।

ରେକ୍ଟିଫାୟାର୍ : ତୁମେ ସେହି ରୋବୋଟ୍ ତିଆରି ବନ୍ଦ କରିଦିଅ ।

ଅକ୍ସିଲେଟର୍ : କିନ୍ତୁ କାହିଁକି ? ସାର୍ ?

ରେକ୍ଟିଫାୟାର : ଆଚ୍ଛା କୁହ ସେଇ ରୋବୋଟ୍ ଦ୍ୱାରା ତୁମର ଲାଭ କଣ ହେବ ?

ଅକ୍ସିଲେଟର୍ : ବିଶ୍ୱ ବ୍ରହ୍ମାଣ୍ଡର ଖବର ଜାଣିହେବ । ଏହା ବ୍ୟତୀତ ଅତୀତରେ କଣ ଘଟିଥିଲା ଓ ଭବିଷ୍ୟତରେ କଣ ଘଟିବ ସେ ସବୁ ଜାଣିହେବ ।

ରେକ୍ଟିଫାୟାର : ତୁମେ ବୋଧହୁଏ ଇତିହାସକୁ ଧ୍ୟାନରେ ପଢ଼ିନ । ଏହିପରି ବୁଦ୍ଧି ଖଟାଇ ମନୁଷ୍ୟ ଜାତି ନିଜ ବଂଶ ଲୋପ କରିଦେଲା । ସେମିତି ଆମେ ବି କରିବା ନା କଣ ? ଆମର ବଂଶକୁ ଲୋପ କରିଦେବା ?

Download Magazine from www.aahwaan.com

ଅକ୍ସିଲେଟର୍ : ସେ ମୁର୍ଖ ଥିଲା ।

ରେକ୍ଟିଫାୟାର : ନା ମନୁଷ୍ୟ କଦାପି ମୂର୍ଖ ନଥିଲା । ନିଜର ସୁଖ ସ୍ୱାଚ୍ଛନ୍ଦ୍ୟ ପାଇଁ ସେ ରୋବୋଟ୍ ତିଆରି କରିଥିଲା । ବୋଧହୁଏ ସେ ଜାଣିନଥିଲା ତାହା ଦ୍ୱାରା ତା' ନିଜର କେତେ କ୍ଷତି ହେବ । ସେ ଭାବିଲା, ତା ମନ ମୁତାବକ କାର୍ଯ୍ୟ କରିବ । ଏହି ରୋବୋଟ୍ ଯଦି ତୁମେ ତିଆରି କରିଥିବା ରୋବୋଟ୍ ଭଳି ହୋଇଯାଏ, ତାହାହେଲେ ତୁମେ କଣ କରିବ ?

ଅକ୍ସିଲେଟର୍: ତା ହେଲେ ଆପଣ କଣ କହୁଛନ୍ତି ? ମୁଁ ଏତେ ଦିନ ଧରି କରୁଥିବା ଏହି ପ୍ରୋଜେକ୍ଟକୁ ଅଧାରୁ ଛାଡ଼ିଦେବି ? ନା ମୁଁ ମୋର ପ୍ରୋଜେକ୍ଟ ଅଧାରୁ ଛାଡ଼ିପାରିବିନି । ମୋ ତିଆରି ରୋବୋଟ୍ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବାକୁ ଆଉ ଅଧିକ ସମୟ ଲାଗିବନି ।

(ରେକ୍ଟିଫାୟାର୍ : ରାଗିଯାଇ ସେଠାରେ ଚାଲିଗଲେ ।)

ଅସ୍କିଲେଟର୍ : ମୋ ପ୍ରୋଜେକ୍ଟ ଏବେ ସମ୍ପୂର୍ଣ୍ଣ । ସୁଇଚ୍ ଟିପିଲେ ରୋବୋଟ୍ କାମ କରିବା ଆରମ୍ଭ କରିବ ।

ଏହି ଶୁଣି ନାରଦ ସ୍ତବ୍ଧ ହୋଇଗଲେ । ଗବେଷଣା କକ୍ଷକୁ ସଫା କରିବାପାଇଁ ନିଯୁକ୍ତ ରୋବୋଟ୍ ଆସି ନିଜ କାମ କରୁଥିବା ବେଳେ ଭୁଲରେ ନୂତନ ରୋବୋଟର ସୁଇଚ୍ ଟିପି ହୋଇଗଲା । ରୋବୋଟ୍ ତୁରନ୍ତ କାର୍ଯ୍ୟକ୍ଷମ ହୋଇଗଲା ଏବଂ କକ୍ଷରେ ଥିବା ଅନ୍ୟାନ୍ୟ ସମସ୍ତ ସିଷ୍ଟମକୁ ବନ୍ଦ କରିଦେଲା । ନାରଦଙ୍କ ଉପସ୍ଥିତି ଜାଣିପାରି ସେ ତାଙ୍କୁ

Download Magazine from www.aahwaan.com

ମୂର୍ତ୍ତି କରିଦେଲା । ଏବଂ ତା ପରେ ସେ ଏକଚ୍ଛତ୍ରବାଦ ଶାସନ ଚଳାଇଲା ।

ନାରଦ ପୃଥିବୀ ଭ୍ରମଣରେ ଆସିବାର ପନ୍ଦର ଦିନ ହୋଇଗଲାଣି, କୌଣସି ଖୋଜଖବର ନାହିଁ । ସ୍ୱର୍ଗଲୋକରେ ଏହି ବିଷୟରେ ଚର୍ଚ୍ଚା ହେବାକୁ ଲାଗିଲା । ଦେବତା ମାନେ ଏହି ଖବର ବିଷ୍ଣୁଙ୍କୁ ଦେଇ ନାରଦଙ୍କ ଭଲମନ୍ଦ କଥା ବୁଝିବାକୁ ବିନତୀ କଲେ । ବିଷ୍ଣୁ ନିଜ ଦିବ୍ୟ ଚକ୍ଷୁରେ ଦେଖିପାରିଲେ ଯେ ନାରଦ ମୂର୍ତ୍ତି ହୋଇ ବନ୍ଧକ ଅଛନ୍ତି । ଏବଂ ପୃଥିବୀ ପୃଷ୍ଠରେ ରୋବୋଟ୍ ମାନଙ୍କ ରାଜତ୍ୱ ଚାଲିଛି । ସେ ଆଉ ଏ ସବୁ ସହ୍ୟ କରିପାରିଲେ ନାହିଁ । ସେ ତୁରନ୍ତ ଏହି ବିଷୟ ପ୍ରଳୟଙ୍କାରୀ ମହାଦେବଙ୍କୁ ଜଣାଇଲେ । ମହାଦେବ ନିଜର ତୃତୀୟ ଚକ୍ଷୁ ବିସ୍ତାର କରି ପୃଥିବୀରେ ହୋଇଥିବା ଅନେକ ପରିବର୍ତ୍ତନକୁ ଧୂଳିସାତ କରିଦେଲେ । ନାରଦ ନିଜ ସ୍ୱରୂପ ପାଇବା ପରେ ତୁରନ୍ତ ଦେବଲୋକକୁ ପ୍ରସ୍ଥାନ କଲେ ।

ଦେବଲୋକରେ ପହଞ୍ଚିବା ପରେ ସେ ଭୂପୃଷ୍ଠରେ ଦେଖିଥିବା ସମସ୍ତ ବୃତ୍ତାନ୍ତ ବଖାଣିଲେ ଯାହା ଦେବତା ମାନଙ୍କୁ ଆମୋଦିତ କରୁଥିଲା ଏବଂ ବ୍ୟଥିତ ମଧ୍ୟ ।

Download Magazine from www.aahwaan.com

# କର୍ମର ଫଳ

ଆମ ଗାଁରେ ମହାନ୍ତିଆ ଜଣେ ରହୁଥିଲେ । ତାଙ୍କର ହାତୀଟିଏ ଥିଲା । ସେ ଗାଁ... ଗାଁ ହାତୀ ଦେଖେଇବାକୁ ଯାଉଥିଲେ । କିଛି ଧାନଚାଉଳ ସାଙ୍ଗରେ ଦି' ପଇସା ରୋଜଗାର କରି ପେଟ ପୋଷୁଥିଲେ । ହାତୀଟିକୁ ସମସ୍ତେ ଭଲ ପାଉଥିଲେ । କାରଣ ସେ କେବେ କାହାର କ୍ଷତି କରୁନଥିଲା । ଗାଁ ସାରା ଅବାଧ ଚଳପ୍ରଚଳ କରେ । ହାତୀଟି ସକାଳୁ ଗାଁ ପାଖେ ଥିବା ନଈକୁ ଗାଧୋଇବା ପାଇଁ ଯାଉଥିଲା । ନଈକୂଳେ ପ୍ରଭୁ ଶିବଙ୍କ ମନ୍ଦିର । ସେଠାରେ ପହଞ୍ଚି ହାତୀ ଆଂଠେଇ ପଡ଼ି ଶୁଣ୍ଢଟେକି ପ୍ରଣାମ କରୁଥିଲା । ପଣ୍ଡିତ ଗୋସେଇଁ ଭାରି ଦୟାଳୁ ଥିଲେ । ସବୁଦିନ ତାକୁ ଯୋଡ଼ିଏ କଦଳୀ ଖାଇବାକୁ ଦେଉଥିଲେ । ହାତୀ ଖୁସିରେ କଦଳୀ ଖାଇ ନଈ ଅଭିମୁଖେ ଅଗ୍ରସର ହେଉଥିଲା । ନଈରୁ ଗାଧୋଇ ସାରି ପେଟେ ସଫା ପାଣି ପିଇ ଆସି ମନ୍ଦିର ପାହାଚ ଉପରେ ପୁଚୁକା ମାରୁଥିଲା । ଯ'ଦ୍ୱାରା ମନ୍ଦିର ପାହାଚ ପରିଷ୍କାର ପରିଚ୍ଛନ୍ନ ହୋଇଯାଉଥିଲା ।



ବିଷ୍ଣୁପ୍ରିୟା ପୂଜାରୀ

ଥରେ ପଣ୍ଡିତ ଗୋସାଇଁ ସହର ଯାଇଥାନ୍ତି । ସେଥିପାଇଁ ମନ୍ଦିର ଦାୟିତ୍ୱ ପଣ୍ଡିତଙ୍କ ପୁଅ  ନେଇଥାଏ । ସେ ଗୋଟିଏ ମୂର୍ଖ । କିଛି ଜଣେନି । ହାତୀ ସବୁଦିନ ପରି ପହଞ୍ଚିଲା । ପ୍ରଣାମ କଲା । କଦଳୀ ଆଶାରେ ଚାହିଁ

ରହିଲା । ସେତେବେଳେ ପଣ୍ଡିତଙ୍କ ପୁଅ ମାଳ ଗୁନ୍ଥୁଥିଲା । ହେଲେ ତା'ଦେଇ ହେଉନଥିଲା । ସେ ରାଗି ଯାଉଥିଲା । ହାତୀକୁ ଦେଖି ତା ରାଗ ପଞ୍ଚମରେ । ଝିଙ୍କାସି ହୋଇ କହିଲା, "ରହିଥାରେ କଦଳୀ ଖିଆ । ଆଜି ଭଲ ପାନେ ଦେଉଛି ।" ତା ପରେ ହାତୀ ଶୁଣ୍ଢକୁ ମାଳ ଗୁନ୍ଥା ଛୁଞ୍ଚିରେ ଚେଙ୍କି ଦେଲା ତୁହାକୁ ତୁହା । ବିଚରା ହାତୀକୁ ଭୀଷଣ କଷ୍ଟ ହେଲା । ସେ ବିଳିବିଳେଇ ନିରାଶ ହୋଇ ନଈକୁ ମୁହେଁଇଲା । ଗାଧୋଇ ସାରି ମଇଳା ପାଣି ପିଇ ଆସି ମନ୍ଦିର ପାହାଚରେ ପୁଚୁକି ଦେଲା । ପାହଚ ସାରା ମଇଳା ହୋଇଗଲା ।

ତାହା ପଣ୍ଡିତଙ୍କ ପୁଅକୁ ସଫା କରିବାକୁ ପଡ଼ିଲା । ସେ ନିଜର ଭୁଲ ପାଇଁ ଅନୁତାପ କରୁଥିଲା । ଯେମିତି କର୍ମ କରିଥିଲା ସେମିତି ଫଳ ପାଇଗଲା ।

କୁଶମେଲ, ଝାରସୁଗୁଡ଼ା

Download Magazine from www.aahwaan.com

# କବିତା ବିଭାଗ

Download Magazine from www.aahwaan.com

# ଭାବନା ଆଜିର

ବିତିଯାଇଥିବା ଜୀବନର ଛବି ଭାବନାରେ ଆସେ ଯେବେ
ଭାବିଲେ ଲାଗଇ ହଜିଲା ଜୀବନ ମିଳି ଯାଆନ୍ତା କି ଏବେ !
ଏ କଥା କହିଲେ ଲୋକ ଯେ କହିବେ ପାଗଳ ଲୋକଟା କିଏ ?
ସମୟ ତ କେବେ ପଛକୁ ଚାହେଁନା, ଧାଉଁଥାଏ ସଦା ସିଏ ।
ସମୟର ସାଥେ ପାଦକୁ ମିଳାଇ ଆଗକୁ ଚାଲଇ ଯିଏ
ଦୁଃଖକୁ ପାଶୋରି ସୁଖକୁ ଆଦରି ଚାଲିପାରିବରେ ସିଏ ।
ଆସିବ ବତାସ, ଶୋକ ଓ ହତାସ ଜୀବନ ନଇରେ କେବେ
ହାରିବନି ସିଏ ଜୀବନ ପଥରେ ନଡରି ଚାଲିବ ଯେବେ ।
ଦିନ ଓ ରାତିକୁ କାଖେଇ କୋଳେଇ ସମୟଟି ଏଠି ଚାଲେ
ଗଗନେ ପବନେ ହଜିଯିବ ସ୍ମୃତି - ଜୀବନଟା ଚାଲିଗଲେ ।



ଡଃ ଗୌରୀ ପ୍ରସାଦ ମହାପାତ୍ର
ଭକ୍ତସାଲବେଗ ନଗର, ବ୍ରହ୍ମପୁର, ଓଡ଼ିଶା

Download Magazine from www.aahwaan.com

# ବୟସର ବାତ୍ୟା ବହିଗଲା ପରେ

ବୟସର ବାତ୍ୟା ବହିଗଲା ପରେ,
ଏଇ ମୂଲକର ଗଳିକନ୍ଦିରେ
ଫୁଟି ଫୁଟେନା ଗୋଲାପ
ଛୁଟି ଛୁଟେନା ମହକ;
ଫୁଟୁଥିବା ଚମ୍ପା, ମଲ୍ଲୀ ଓ ହେନାରେ
ନଥାଏ ଗନ୍ଧର ପ୍ରଲେପ ।
ବୟସର ବାତ୍ୟା ବହିଗଲା ପରେ
ଲାଗେ ଯେମିତି ସବୁଆଡ଼େ
ଭରିଯାଇଛି ନିସ୍ତେଜତା ।
ଭୋର ଛଅଟାରୁ ରାତି ଦଶ ଯାଏଁ
ନିଜକୁ ସତେଜ ରଖୁଥିବା ମଣିଷଟିଏ
ସତେ ଯେମିତି ହରେଇ ବସିଛି
ତା'ର କାମିକା ପଣିଆ, ଚାଲାଖି ଆଉ
ସବୁକୁ ହାସଲ କରିବାର ଯୋଗ୍ୟତା,
ବୟସର ବାତ୍ୟା ବହିଗଲା ପରେ
ଏଇ ମୂଲକର ଗଳିକନ୍ଦିରେ ।



ଶିଶିର କୁମାର ଚୌଧୁରୀ

ଆମେ ସବୁ ସେଇ ନିସ୍ତେଜ ନାଗରିକ

ଆଶାଶୂନ୍ୟ ହୋଇ ମର୍ଣ୍ଣିଂ ୱାକ୍ କରୁ ।

ଆଲୋଚନା କରୁ କ୍ରିକେଟ୍ ବ୍ୟାଟର ଗତି

ଉତ୍ତର କୋରିଆର ଯୁଦ୍ଧଂଦେହି ବା ଚାଷବାସ

ଓ ସମାଜର ପଶ୍ଚାତ ଗତି ବିଷୟରେ ।

ଡାଇବେଟିସ୍, ହୃଦରୋଗ୍, ରକ୍ତଚାପ

ଆସେ ଆମ ଚିନ୍ତାର ପରିସରକୁ

ବେଶୀ ନାସ୍ତିବାଚକ ଆଲୋଚନା କରି କରି

ଆମେ ଧରୁ ନିସ୍ତେଜ ହେବାର ପଥ ।

ଜର୍ସିଗାଇ କ୍ଷୀର, ବ୍ରଏଲର କୁକୁଡ଼ା, ଔଷଧ ଗୋଳି

ଆନ୍ଧ୍ରାମାଛ ଓ ହାଇବ୍ରିଡ୍ ପରିବା ତ ଆମରି ଖାଦ୍ୟ

ଆମେ ତେଣୁ ବୁଦ୍ଧିହୀନ ଓ ହତବାକ୍ ହେବାକୁ ବାଧ୍ୟ ।

କିପରି ହଟିବ ଏ ନିସ୍ତେଜତା

ଆମେ ପୁଣି ହେବୁ ଚଞ୍ଚଳ, ଚଳଚଞ୍ଚଳ

ଆମ ବୟସ୍କ ମଥାତଳେ ଥିବାର ଅନୁଭୂତି

କାମ ଦେବ ଗଢ଼ିବାକୁ ଏ ସମାଜକୁ

ସେଇ ଚିନ୍ତା ଆଜି ଏଠି ସେଠି ସବୁଠି ।

ତଥାପି ଆଶା ଅଛି

ଅଛି ଆଗକୁ ମାଡ଼ିବାର ଇଚ୍ଛା

Download Magazine from www.aahwaan.com

ଯେହେତୁ ଚାଲିଛି ଆମର ପ୍ରଶ୍ୱାସ ଓ ନିଶ୍ୱାସ
ଏବଂ ଏବେ ବି ଆମେ ଜୀବିତ
ସେଇ ପ୍ରଶ୍ୱାସ ଓ ନିଃଶ୍ୱାସ ମଝିରେ
ରହିଛି ବିଶ୍ୱାସ; ଚିହ୍ନିଛନ୍ତି ତାକୁ ବ୍ରହ୍ମଜ୍ଞାନୀ
ବିଶ୍ୱାସ ଥିଲେ ଭରସା ଆସେ
ଓ ହଟିଯାଏ ନିସ୍ତେଜତା
ପୁଣି ଭରିଯାଏ ସତେଜତା, ଆଗକୁ ମାଡ଼ିବାର
ଦିବ୍ୟଭାବ ଓ ଦିବ୍ୟଲୀଳା ଆରମ୍ଭ ହୁଏ ।
ସେଥିପାଇଁ ଆମକୁ ଶାନ୍ତ ହେବାକୁ, ଶୃଙ୍ଖଳିତ
ହେବାକୁ ହେବ, ଆଗ୍ରହ ସହକାରେ ନିଃଶ୍ୱାସ ପ୍ରଶ୍ୱାସର
ଯାତ୍ରାକୁ ନିରୀକ୍ଷଣ କରିବାକୁ ଓ ଧ୍ୟାନସ୍ଥ କରିବାକୁ ହେବ
ବ୍ରହ୍ମବେତାଙ୍କ ନିର୍ଦ୍ଦେଶରେ ଓ ପ୍ରତ୍ୟକ୍ଷ ପରିଚାଳନାରେ
କରିବାକୁ ହେବ ଆମର ଦୈନିକ ସାଧନା
ନିୟମିତ ଭାବେ ଲୟ ରଖିବା
ଅଳ୍ପ ହେଉପଛେ ଧ୍ୟାନ କରିବା
ଏବଂ ଶେଷରେ ସ୍ୱର୍ଗୀୟ ଆନନ୍ଦ ଲାଭ କରିବା
ପୃଥିବୀର ମାୟାମୋହ ହଟିଗଲେ କଣ ହେବ
ସ୍ୱର୍ଗୀୟ ଶାନ୍ତି, ସୁଖ ଓ ଆନନ୍ଦରେ
ଆମେ ସମୃଦ୍ଧ ହେବା

Download Magazine from www.aahwaan.com

ସମସ୍ତଙ୍କୁ ଭଲ ପାଇବା ଓ ଆଦର କରିବା
ଏବଂ ସମସ୍ତଙ୍କର ସୁଖ ଆନନ୍ଦ ପାଇଁ
ପ୍ରାର୍ଥନା କରିବା ଭଗବାନଙ୍କୁ ।
ବୟସର ବାତ୍ୟ ବହିଗଲେ କଣ ହେବ
ସ୍ୱର୍ଗୀୟ ସୁଷମାରେ ଆମେ ହେବା
ମହିମା ମଣ୍ଡିତ, ସେଥିପାଇଁ ବିଶ୍ୱାସର
ସହ ଆସ ଆମେ ହେବା ସତତ ଚେଷ୍ଟିତ
ବୟସର ବାତ୍ୟା ବହିଗଲା ପରେ
କିଛି ଦୁଃଖ ନାହିଁ
ଅଛି ଖାଲି ଶାନ୍ତି, ସୁଖ ଓ ସ୍ୱର୍ଗୀୟ ଆନନ୍ଦ ।

ମାନପୁର, ଗୋବର୍ଦ୍ଧନପୁର, ଯାଜପୁର
ଭ୍ରାମ୍ୟଭାଷ : ୮୭୬୩୭୫୫୫୮୧

ଆହ୍ୱାନ ଶତକ ସଂସ୍କରଣ

# ଏବେ ବି ରେବତୀ

ଏବେ ବି ରେବତୀ ବଞ୍ଚିଛି
ଆମ ସମାଜରେ, ଆମ ହୃଦୟରେ
ନାରୀ ଶିକ୍ଷାର ମଶାଲ ଜାଳି
ଶହ ଶହ ନାରୀଙ୍କ ଭିତରେ ।

ପାଠ ପଢ଼ିବାର ସ୍ୱପ୍ନରେ ବିଭୋର ହୁଏ
ବଡ଼ ହେବାପାଇଁ ଆଶା ବାନ୍ଧେ
ସମୟ ସହିତ ଚାଲିବାକୁ ଚେଷ୍ଟା କରେ
ମାତ୍ର, ଏ ସମାଜ ତାର ଇଚ୍ଛାକୁ
ରସାତଳକୁ ଚାପିଦିଏ,
ରାତ୍ରୀର ଝରା ଶେଫାଳି ପରି
ସେ ଅସମୟରେ ଝଡ଼ିଯାଏ ।
ନୀଡ଼ ରଚିବା ଆଗରୁ ନୀଡ ତାର ଭାଙ୍ଗିଯାଏ ।
ବାପା ମା' ତାକୁ ପରକରି
ଆର ପାରିକୁ ଚାଲିଯାନ୍ତି
ବାସୁଦେବ ହାତ ଛାଡ଼ିଦିଏ



ଡଃ ସଂଜୀବ କୁମାର ପାଣିଗ୍ରାହୀ

Download Magazine from www.aahwaan.com

ସଂସାର ତାର ପଦା ହୋଇଯାଏ

ବାଡ଼ିରେ ତାର ବିଲୁଆ ଡିଏଁ ।

ଏଥିପାଇଁ ଦୋଷ ହୁଏ ତା' ପାଠପଢ଼ାର

ତା ଶିକ୍ଷାର ।

ଆଜି ବି ସମାଜରେ ଅନ୍ଧ ଗଳିରେ

କୁସଂସ୍କାର ଓ ଅନ୍ଧ ବିଶ୍ୱାସର ନିଆଁରେ

ଅନେକ ରେବତୀର ଜୀବନ

ଜଳି ଜଳି ପାଉଁଶ ହୋଇଯାଏ ।

ଆଜି ବି ସେ ରହି ରହି ଶୁଣେ -

ଲୋ ରେବତୀ... ଲୋ ରେବି... ଲୋ ନିଆଁ... ଲୋ ଚୁଲି... ।

ପାଠ ପଢ଼ିବାକୁ ଗଲାବେଳେ

ବୁଢ଼ୀ ମା କୁହେ -

ଝିଅଟା ! ପାଠ କଣ ?

ରନ୍ଧାବଢ଼ା ଶିଖ, ପିଠାପଣା ଶିଖ,

ଝୋଟି ଦିଆ ଶିଖ, ଦହିମୁହାଁ ଶିଖ ।

ଏବେ ବି ସମାଜରେ

ଅନେକ ରେବତୀକୁ ପୁତ୍ର ସନ୍ତାନଠାରୁ

Download Magazine from www.aahwaan.com

ହୀନ ଚକ୍ଷୁରେ ଦେଖାଯାଏ ।
କନ୍ୟାଭୃଣ ହତ୍ୟା କରାଯାଏ
ଝିଅ ଜନମ ହେଲେ ବାପାମା'ଙ୍କ ମନ
ଦୁଃଖରେ ଭରିଯାଏ ।

ରେବତୀ ସିନା ଅକାଳରେ ଝଡ଼ିଗଲା
ମାତ୍ର ଏବ ବି ଅନେକ ରେବତୀଙ୍କ ପ୍ରାଣ ସଙ୍କଟରେ
କୁସଂସ୍କାରର ନାଗଫାଶ ଭିତରେ । ଆସ ବଞ୍ଚାଇବା ତାଙ୍କୁ
ହେ ସମାଜ ! ଛାଡ଼ ଅନ୍ଧ ବିଶ୍ୱାସ
ନ ହେଲେ ନିଶ୍ଚେ ଘଟିବ ସର୍ବନାଶ ।

ବାରିପଦା, କୋଷ୍ଠା, ମୟୁରଭଞ୍ଜ
ଭ୍ରାମ୍ୟଭାଷ : ୯୪୩୮୪୭୦୦୨୭

Download Magazine from www.aahwaan.com

# ଘୋଷଯାତ୍ରା

ରଥାରୁଢ ଜଗନ୍ନାଥ, କାଳିଆ ଠାକୁର,
ଚଉଦିଗେ ପ୍ରୀତି ଏବଂ ଭକ୍ତିର ଲହର ।।
ଚକ ଗଡେ, ରଥ ଚାଲେ ଘର୍ଘର ନିନାଦ
ହରିବୋଲ ହୁଳହୁଳି ପ୍ରକମ୍ପିତ ବିଶ୍ୱ ।।
ସଙ୍ଗେ ଥାନ୍ତି ବଳଭଦ୍ର, ସୁଭଦ୍ରା ଭଗିନୀ
ସୁସଜ୍ଜିତ ରଥ ତିନି ଜନମନ ହାରୀ ।।
ରହିଯାଏ ଦୂରେ କାହିଁ ବାଇଶି ପାହାଚ,
ସିଂହାସନ, ସିଂହଦ୍ୱାର ଓ ଶ୍ରୀମନ୍ଦିର ।।
ବଡଦାଣ୍ଡେ ଅସୁମାରି ମଣିଷଙ୍କ ଭିଡ
ଜାତି ଧର୍ମ ବର୍ଣ୍ଣ ନାହିଁ ସଭିଏଁ ସମାନ ।।
ଭକତ ବତ୍ସଳ ନାମ ତାଙ୍କ ଭାବଗ୍ରାହୀ
ଅଦ୍ଭୁତ ଏ ଘୋଷ ଯାତ୍ରା ଦୀନଜନ ପାଇଁ ।।
ପତିତପାବନ ସିଏ କରୁଣା ସାଗର
ସାମ୍ୟ ଏବଂ ପ୍ରେମର ଜୟ ଜୟକାର ।।



ସସ୍ମିତା ମହାନ୍ତି

ମହାନଦୀ ବିହାର, କଟକ ଓଡ଼ିଶା




# ତୁମେ ଆଉ ମୁଁ

ତୁମେ ଧୂଆଁ ଭର୍ତ୍ତି ଆକାଶ
ମୁଁ ମହୁଆ ପବନ,
ତୁମ କଳ୍ପନାର ସୀମା ଲଙ୍ଘିବା
ମୋ ପକ୍ଷେ କଷ୍ଟସାଧ୍ୟ ।

ତୁମେ ଅମ୍ଳାନ ଉପନ୍ୟାସ
ମୁ ଅଲୋଡ଼ା କବି,
ଚାହିଁଲେ ବି କେବେ ଲେଖିପାରିବିନି
ତୁମ ଇପ୍ସିତ କବିତା ।

ତୁମେ ଅଶାନ୍ତ ସାଗର
ମୁ ଶାନ୍ତ ନଈବାଲି,
ତୁମେ ଦାଉ ସାଜିପାର
ମୁଁ ନିରୁପାୟ ଖାଲି ।

ତୁମେ ମୌସୁମୀ ମେଘର ଛୁଆଁ
ମୁଁ ସେ ବର୍ଷାଭିଜା ଭୂଇଁର ବାସନା,
ତୁମ ଆଗମନ ଆଣେ
ମୋ ବାସ୍ତବତା ।

ସମ୍ପାଦକ, "ବଣମଲ୍ଲି"



ପ୍ରବୀଣ କୁମାର କବି

Download Magazine from www.aahwaan.com

# ଆହ୍ୱାନ

କବିତା ହେଉ କି ମନ ଭାବନା,
ହେଉ ଅବା ଗଳ୍ପ ଆତ୍ମ ରଚନା ।
ହୃଦୟେ ସଭିଙ୍କୁ ଦେଇଛି ସ୍ଥାନ,
ପତ୍ରିକାର ନାମ ଅଟେ ଆହ୍ୱାନ ।।

ନୂତନ ଲେଖକ ନୂତନ ଚିନ୍ତା,
ଦିଅନ୍ତି ସମାଜେ ମଙ୍ଗଳ ବାର୍ତ୍ତା ।
ଭାଷାକାରଙ୍କର ଭାଷାର ମାନ,
ସର୍ବଦା ଅକ୍ଷୁର୍ଣ୍ଣ ରଖେ ଆହ୍ୱାନ ।।

ଓଡିଆ ସାହିତ୍ୟ ପ୍ରେମୀଙ୍କ ପାଇଁ,
ସୁନ୍ଦର ମାଧ୍ୟମ ସାଜିଛି ଭାଇ ।
ମଧୂପ ଯେସନ ମଧୁ ସନ୍ଧାନେ,
ଭାଷା ସାହିତ୍ୟର ମଧୁ ଆହ୍ୱାନେ ।।

ସାଧୁବାଦ ଦେବି ସମ୍ପାଦକଙ୍କୁ,



ତୁଷାରକାନ୍ତ ପ୍ରସାଦ

Download Magazine from www.aahwaan.com

ଏ ଘରେ ସ୍ଥାନ ଯେ ଦେଲେ ଆମକୁ ।
ଓଡ଼ିଆ ଭାଷାର ରଖିଛି ମାନ,
ପରିବର୍ତ୍ତନର ସ୍ୱର ଆହ୍ୱାନ ।।

ଭାଷା ସାହିତ୍ୟର ସାଜି ସାରଥି,
ନେଇ ନାହିଁ କେବେ ସେତ ବିରତି ।
ରଥଯାତ୍ରା କରେ କଳାମୋହନ,
ସାହିତ୍ୟ ଯାତ୍ରା କରୁଛି  ଆହ୍ୱାନ ।।


ବରୀ, ଯାଜପୁର
ଭ୍ରାମ୍ୟଭାଷା - 9853092630

Download Magazine from www.aahwaan.com

# ଚିନ୍ତା

ଚିନ୍ତାକୁ କହିଲି, ହେ ବନ୍ଧୁ,
ବହୁତ ହୋଇଗଲା ତୁମର ବନ୍ଧୁତା
ଏବେ ମୋତେ ଏକୁଟିଆ ଛାଡ,
ଦୟା କରି ଦୂରେ ଚାଲିଯାଅ,
ଆଉ ନ ଫେରିବାର ଶପଥ ନିଅ ।
ଚିନ୍ତା ଟିକେ ହସିଲା,
ମୋ ନିରକ୍ତ ମୁହଁକୁ ଦେଖିଲା,
ପୁଣି ଥରେ ହସି କହିଲା,
ହେ ମୋର ଅବୋଧ ବନ୍ଧୁ,
ମୋତେ କିମ୍ପା ଦୋଷୀ କର,
ମୁଁ ତୁମକୁ ଜାବୁଡି ଧରିଛି ବୋଲି ?

କେତେ ଯତନରେ,
ସାଉଁଟି ଆଣିଲ ମୋତେ
କେତେ ଅନାବନା ସମ୍ପର୍କରୁ,
ଆଶାରୁ, ଆଶଙ୍କାରୁ,
ମୋହ ଆଉ ମାୟାରୁ



ବିନୟ ମହାପାତ୍ର

Download Magazine from www.aahwaan.com

ଲୋଭ ଆଉ ପ୍ରେମ ପ୍ରଣୟରୁ
ମୁଁ ତୁମକୁ ନୁହେଁ ବରଂ
ତୁମେ, ମୋତେ ସାଇତି ରଖିଛ,
ତୁମ ମନ ମସ୍ତିସ୍କରେ,
ଧାର ଆଧାରର ସୁତ୍ର ଭୂଲି ଗଲ ?
ତୁମ ଅହଂକାରକୁ ପଚାର
କରି କରାଉ ଥାଏ ମୁହିଁ,
ମୋ ବିନୁ ଅନ୍ୟ ଗତି ନାହିଁର
ଅହଂକାର ତୁମ ଚିନ୍ତାର କାରଣ ।

ମୋତେ ଦୋଶ ନୁହେଁ
ବରଂ ଧନ୍ୟବାଦ ଦିଅ,
ମୁଁ ଅଛି ବୋଲି ତ,
ତୁମେ ସଂସାରରେ ଅଛ ।
ଯାହା ବି କରୁଛ
ମୋ କଥା ଭାବିକି କରୁଛ ।
ମୁଁ ଅଛି ବୋଲି ଭଗବାନ ମନେ ପଡେ,
ମନ୍ଦିରରେ କୋଳାହଳ ଶୁଭେ ।
ପେଟ ଚିନ୍ତା ନ ଥିଲେ ସତେ,
ଏତେ, ନାଟ ହୁଅନ୍ତା କିପରି ?

Download Magazine from www.aahwaan.com

# ପତି !

ତୁମ ହାତ ସହ ହାତଥାପି
ଚାଲିଲିଣି ବହୁତ ବାଟ
ତଥାପି ମୁଁ ପଡ଼ିନାହିଁ ଥକି
(ତେଣୁ) ତୁମ ପାଖରୁ ମୁଁ ମାଗିନିଏ
ଏ ଜନ୍ମ, ପରଜନ୍ମ
ସାତଜନ୍ମ ଯାଏଁ ସସ୍ନେହର ହାତ ।
ଲୋଡ଼ା ନାହିଁ ସିନ୍ଦୁରଠୁ ବଡ଼ କିଛି ଧନ
ତୁମ ଗୃହ ସ୍ୱର୍ଗମୋର
ତୁମେ ମୋର ପ୍ରେରଣାର ଉତ୍ସ
(ତେଣୁ) ତୁମ ପାଖରୁ ମୁଁ ମାଗିନିଏ
ଜନ୍ମ ଜନ୍ମଧରି ପରମ ଐଶ୍ୱର୍ଯ୍ୟ ।
ରୂପଠାରୁ ଅରୂପ ଯାଏଁ
ସୃଷ୍ଟି ଠାରୁ ସ୍ରଷ୍ଟା ପର୍ଯ୍ୟନ୍ତ
ଜନ୍ମ ମୃତ୍ୟୁର ଉର୍ଦ୍ଧ୍ୱରେ
ତୁମେ ମୋର ଏକଇ ସୁବାଟ ।
(ପତି ହିଁ ଦେବ, ପତିର୍ବନ୍ଧୁ, ପତିର୍ଗତି,
ପତ୍ୟା ସମାଗତିର୍ନାସ୍ତି ଦୈବତଂ ବା ଯଥା ପତି ।)
ବାଲିମେଳା, ମାଲକାନଗିରି, ଓଡ଼ିଶା



ଶ୍ରୀମତି ଅର୍ଚ୍ଚନା ପଟ୍ଟନାୟକ

Download Magazine from www.aahwaan.com

ଆହ୍ୱାନ ଶତକ ସଂସ୍କରଣ

# ମୋ ମାଆ...

ରୁଷିବିନି ରୁଷିବିନି

ମାଆ ଆଉ ରୁଷିବିନି ।

ତୋ ପଣତ ପରା ମୋ ପାଇଁ ସ୍ୱର୍ଗ

ଅଝଟ ମୁଁ କରିବିନି

ମାଆ ଅଝଟ ମୁଁ କରିବିନି [୧]

ଭୁଲିବିନି ଭୁଲିବିନି

ମାଆ କଦାପି ଭୁଲିବିନି ।

ରାତି ପାହାନ୍ତାରୁ ଉଠି କାମ କରୁ

ତୋ ଦୁଃଖ ସହି ପାରେନି

ମା ତୋ ଦୁଃଖ ସହିପାରେନି [୨]

କାନ୍ଦିବିନି କାନ୍ଦିବିନି


ମାଆ ଆଉ କାନ୍ଦିବିନି ।

ଅଝଟ କଲେ ମୁଁ ତୁ କେତେ ଗେହ୍ଲା କରୁ

ମାଆ ତୁ ମୋ ମାନିନୀ

ହଁ ମାଆ ତୁ ମୋ ମାନିନୀ [୩]

ରାଗିବିନି ରାଗିବିନି



ଅଙ୍କିତା ପାଢ଼ୀ

Download Magazine from www.aahwaan.com

ମାଆ କେବେ ରାଗିବିନି ।

ଦିନରାତି ତୁହି କେତେ କାମ କରୁ

ରାଗି ମୁଁ କଷ୍ଟ ଦେବିନି

ମାଆ ରାଗି ମୁଁ କଷ୍ଟ ଦେବିନି [୪]

କରିବିନି କରିବିନି

ମାଆ ଆଉ କରିବିନି ।

କେତେ ଜଗିଥାଉ ମୋ ଚଲା ପଥକୁ

ସମୟ ନଷ୍ଟ ମୁଁ କରିବିନି

ମାଆ ସମୟ ନଷ୍ଟ ମୁଁ କରିବିନି [୫]

ପଢୁଥିବି ପଢୁଥିବି

ମାଆ ମୁହିଁ ପଢୁଥିବି ।

ତୋ ସପନ ପରା ପୂରଣ କରିବି

ତୋ ସମ୍ମାନ ସଦା ଜଗୁଥିବି

ମାଆ ତୋ ସମ୍ମାନ ସଦା ଜଗୁଥିବି [୬]

କେହିନାହିଁ କେହିନାହିଁ

ମୋ ମାଆ ପରି କେହିନାହିଁ ।

କେତେ ଯେ ଯତନ କେତେ ସେବାଚର୍ଚ୍ଚା

ସାତ ଜନମରେ ଭୁଲିବିନି

ମାଆ ସାତ ଜନମରେ ଭୁଲିବିନି [୭]

Download Magazine from www.aahwaan.com

ପାରିବିନି ପାରିବିନି

ମାଆ ତୋ ଋଣ ସୁଝି ପାରିବିନି ।

ତୋ ଚରଣ ଧୂଳି ଆଶିଷ ମୋହରି,

ତୋ ବିନା ବଞ୍ଚିପାରିବିନି

ମାଆ ତୋ ବିନା ବଞ୍ଚିପାରିବିନି [୮]

ଷଷ୍ଠ ଶ୍ରେଣୀ ଛାତ୍ରୀ,

ଜେନିଥ୍ ଇଂରାଜୀ ମାଧ୍ୟମ ବିଦ୍ୟାଳୟ

ଏରତାଳ, ଭଦ୍ରକ, ଓଡ଼ିଶା

Download Magazine from www.aahwaan.com

# ଆଖିର ଲୁହ

ଆଖିର ଲୁହ
କରେ ମୋ ସହ ପରିହାସ
ପାଗଳ ପରି ତା ବ୍ୟବହାର
ବଡ଼ ଅମାନିଆ ତା'ର ରୋଷ [୧]

ଛୋଟ ପିଲାପରି
କରେ ମୋ ପାଖରେ ଅଳି
କହେ ମିଛରେ ସମୟ ବରବାଦ କରି
କାହିଁ ସାରୁଛୁ କଲମରୁ କାଳି [୨]

କ'ଣ ଯେ ଉତ୍ତର ଦେବି
ଏଇ ଆଖିର ସ୍ରୋତକୁ ନେଇ
କିପରି ତାକୁ ବୁଝାଇବି
ଦୁଃଖକୁ ପାଖରୁ ଦୂରେଇ [୩]

ତଥାପି କୁହେ କଲମ କାଳି ନୁହେଁ
ଏହା ମୋ ମନର ବିଦ୍ରୋହ
କଲମ ସାହାଯ୍ୟରେ ଲେଖୁଛି
କାଗଜ ଉପରେ ମୋ ହୃଦୟ [୪]



ଜୟନ୍ତ କୁମାର ସାହୁ

Download Magazine from www.aahwaan.com

# କାହାଣୀ ଏକ ସାଧାକାଗଜର

ଜାଣେନି ମୁଁ କିଏ

କଣ ବା ମୋର ଇତିବୃତ୍ତି

ଶୁଣିଛି ଅନେକ କଥା ମୋ ବିଷୟରେ

ପୁରାଣ ଗ୍ରନ୍ଥ ଓ ଉପନିଷଦରେ

କିଏ କହେ ମୁଁ କାଳେ ସାଧା କାଗଜ ଟିଏ

କିଏ କହେ ମୁଁ ସ୍ୱୟଂ ସଂପୂର୍ଣ୍ଣ ପୁସ୍ତକଟିଏ

କିଏ କହେ ମୋର ଓଁକାର ନାଦରେ

ଯୁଗର ଅୟମାରମ୍ଭ...

କିଏ କହେ ମୋର ଆହା'ର ନିନାଦରେ

ତିନି ଯୁଗର ବିଲୟ...

ମୋର ପ୍ରତିଟି ପୃଷ୍ଠାରେ ଅନେକ କାହାଣୀ

କିନ୍ତୁ ପ୍ରତିଟି କାହାଣୀରେ ମୁଁ ଏକ

ନିରୁଦ୍ଦିଷ୍ଟ ଚରିତ୍ର ମାତ୍ର...

କିଏ କହେ ମୁଁ ଆଜି ସମାଜରେ ଅସୁରକ୍ଷିତ

କିନ୍ତୁ ମୁଁ ଯେ ମୋହରି ଗର୍ଭରେ ଅସୁରକ୍ଷିତ

ପ୍ରତିଟି ମୁହୂର୍ତ୍ତ ମୋ



କାର୍ତ୍ତିକ୍ ପାଣିଗ୍ରାହୀ

Download Magazine from www.aahwaan.com

କାହାଣୀ ହିଁ କାହାଣୀ...

ସେ ମାଆର ଲାଳନ ହେଉ ଅବା

ବାପାଙ୍କ ଆକଟ

ଭାଇର ଆଖିର ତାଗିଦ୍ ହେଉ

ଅବା ସ୍ୱାମୀର ଅହେତୁକ ଜିଦ୍

ପିଲାମାନଙ୍କ ପ୍ରତି ବାତ୍ସଲ୍ୟତା ହେଉ

ଅବା ସେମାନଙ୍କର ଅବୁଝାପଣ

ସମାଜର ଅନ୍ଧ ଅନୁଶାସନ ହେଉ

ଅବା ନିଜ ମନର ଅନ୍ତର୍ଦହନ

ସବୁ ତ ଲିପିବଦ୍ଧ ପ୍ରାରବ୍ଧ ମୋହର

ତଥାପି, ମୁଁ ସାଧା କାଗଜଟିଏ

କାରଣ ମୋ ଇଚ୍ଛାରେ

ନା ତ ମୁଁ କିଛି ଲେଖିଛି

ନା ଲେଖେଇ ପାରିଛି...

କାରଣ ମୁଁ ନାରୀ

ନାରାୟଣଙ୍କର ରୀପୁ ଦଳନର

ଏକ ମାଧ୍ୟମ ମାତ୍ର...

ମୋରି ଆଖିରେ ଲୁହ ବି ଅଛି ଲହୁ ବି

ମୋରି ବୁକୁରେ କ୍ଷୀର ବି ଅଛି ନୀର ବି

Download Magazine from www.aahwaan.com

ମୋରି ଗର୍ଭରେ ବିଷ ବି ଅଛି ଅମୃତ ବି ।

ମୋରି ହାତରେ ଶସ୍ତ୍ର ବି ଅଛି ଶାସ୍ତ୍ର ବି

ମୋରି ଭିତରେ ମୁଁ ବି ଅଛି ଆଉ ମୁଁତ୍ୱ ବି

ତଥାପି,

ସମାଜ ଆଖିରେ ମୁଁ ସାଧା କାଗଜ

କାରଣ ପ୍ରତିଟି ପୃଷ୍ଠାରେ ସେ ଦେଖିଛି

ମୋ ଅସହାୟତାର କାହାଣୀ

ପ୍ରତିଟି ସଂଳାପରେ ସେ ଶୁଣିଛି

ମୋ ନୀରବତାର ରାଗିଣୀ...

ପ୍ରତିଟି ଚିତ୍ରରେ ସେ ଦେଖିଛି

କେବେ ନଗ୍ନ ବିବଶତା

କିନ୍ତୁ ଏଥିପାଇଁ

କାହାକୁ ବା ଦାୟୀ କରିବି... !

ମୋ ନିଜକୁ ନା ମୋ ନିଜତ୍ୱକୁ... ?

ପ୍ରଶ୍ନ ଏକ ସାଧା କାଗଜର...

ବ୍ରହ୍ମପୁର, ଓଡ଼ିଶା

Download Magazine from www.aahwaan.com

# ଭିକ୍ଷା ନୁହେଁ ଶିକ୍ଷା

ଶିକ୍ଷାରୁ ବଞ୍ଚିତ
ଯେତେ ଏକଲବ୍ୟ
ଅଫୁଟା କଢ଼ିର
ବନ୍ଦୀର ବକ୍ତବ୍ୟ
ଶିକ୍ଷା ବଦଳରେ
ମାଗୁଛନ୍ତି ଭିକ୍ଷା
ଉପହାସ କରେ
ତାକୁ ସର୍ବଶିକ୍ଷା
ଭିକ୍ଷା ନୁହେଁ ଶିକ୍ଷା
ଦିଅ ନାରୀନର
ଶିକ୍ଷା ଖୋଲିପାରେ
ସବୁ ବନ୍ଦଦ୍ୱାର
ନାଳ-ନର୍ଦ୍ଦମାରେ
ମଇଳା ହୋଇରେ
ଫୁଟପାଥେ ସଢ଼େ
ଖାଇବା ନ ପାଇ



ଏମ୍. ବିଜୟ କୁମାର

Download Magazine from www.aahwaan.com

ଆଜି ବି ରହିଛି

ପକ୍ଷପାତି ଦ୍ରୋଣ

ତାଜା ଖବରର

ଜ୍ୱଳନ୍ତ ଉଦାହରଣ

ପ୍ରଭାବ ବିସ୍ତାର

ଏଲ୍.ପି.ଜି ପାଇଁ

ପଡୁଛନ୍ତି ବଳି

ସୁଯୋଗ ନପାଇ

ଭିନ୍ନ ରୂପ ନାମେ

ଶିକ୍ଷା ଅବ୍ୟବସ୍ଥା

ଗଧ ହୋଇ ଶିଶୁ

ବୋହୁଛନ୍ତି ବସ୍ତା

ଲେଖି ନିଜ ଭାଗ୍ୟ

ଧନ୍ୟ କର୍ମବୀର

ସଂଘର୍ଷ କରୁଛି

ଜୀବନ ଯୁଦ୍ଧର

ସାମର୍ଥ୍ୟ ବଳରେ

କେତେ ଏକଲବ୍ୟ

ନିଜେ ନିଜ ଗୁରୁ

ପାଳନ୍ତି କର୍ତ୍ତବ୍ୟ

ପ୍ରତିକୂଳରେ

ଲଢ଼ାଇ ତାଙ୍କର

ପାଇବାକୁ ନିଜ

ହକ୍ ଅଧିକାର ।

ଉତ୍ତରା ଶାସନ, ଗଙ୍ଗୋତ୍ରୀ ନଗର


ଭୁବନେଶ୍ୱର - ୪୨

ଭ୍ରାମ୍ୟଭାଷ : ୭୯୭୮୭୮୪୧୩୦

Download Magazine from www.aahwaan.com

# ତୁମେ ଆସୁଥିଲ

ସାଗରର ଢେଉ ଫିଙ୍ଗିଦେଲା ତୁମକୁ
ଗୁଡ଼ାଏ ଶାମୁକା ସହ
ବାଲିଶଯ୍ୟାରୁ ନିଜକୁ ସାଉଁଟି
ମୁଁ ଛାଡ଼ି ଯାଉଥିବା ପାଦଚିହ୍ନକୁ ଲକ୍ଷ୍ୟ କରିନେଲ ।
ତମେ ଆସୁଥିଲ
ଗୁଡ଼ାଏ ଅଙ୍କାବଙ୍କା ରାସ୍ତା ଦେଇ
ନାଗଫେଣୀ ଯେଉଁଠି
ତମର ଯୌବନର ରସକୁ ଜଗିଥିଲା ।
ପାହାଡ଼ର ବକ୍ଷଭେଦି ଯେତେବେଳେ
ରକ୍ତାକ୍ତ ତମ ଶରୀର ଜାମୁଡ଼ାଳର ଉହାଡ଼ରେ
ବାଇ ଚଢ଼େଇର ବସା ପରି ଝୁଲୁଥିଲା
ଦେଖିଥିଲି ତୁମ ସତୀତ୍ୱ
ପବିତ୍ରତା, ମୋ ନିର୍ଲଜ ଚେହେରା ।
ହଜେଇ ଦେଲ ତମ ଇତିହାସ, ଭବିଷ୍ୟତ
କାହାପାଇଁ ?
କାହାପାଇଁ ନିଜର ସତୀତ୍ୱର ପରୀକ୍ଷା ଦେଇ



ଅଶୋକ ପ୍ରଧାନ

Download Magazine from www.aahwaan.com

କ'ଣ ମୋ ପାଇଁ

ଯିଏ ଯୁଗଯୁଗ ଧରି ତମକୁ

ବଳାତ୍କାର କରି ଆସିଛି, ନିଆଁରେ ପୋଡ଼ିଛି

ମନୋରଞ୍ଜନର ଖେଳନା ତମେ ଯାହାପାଇଁ ।

ଧନ୍ୟ ନାରୀ ତମେ କ୍ରାନ୍ତିର ବାହକ

ଯୁଗେ ଯୁଗେ ନିଷ୍ପେଶିତ

ତଥପି ତମେ ପବିତ୍ର ନିର୍ମଳ ତମ ସତୀତ୍ୱ ।

Download Magazine from www.aahwaan.com




# କୃଷକ ଭାଇ

କୃଷକ ଭାଇରେ କୃଷକ ଭାଇ
ହଳ ଲଙ୍ଗଳକୁ ସଙ୍ଗରେ ନେଇ
ବିଲକୁ ସଅଳ ଯାଉ
ମହାନନ୍ଦେ ହସି ହସି ।

ବିଲବାଡ଼ି ଯେତେ ନାନା ଫୁଲଫଳ
ଚାଷ କରି କେତେ ସୁନାର ଫସଲ
ଯାହା ତୁ ଫଳାଇ ଥାଉ
ତାହା ଦେଖି ଖୁସି ହେଉ ।

ଉତ୍ପାଦନ କରୁ ଖାଦ୍ୟଶସ୍ୟ ଯେତେ
ମୁଣ୍ଡଝାଳ ତୁଣ୍ଡେ ପିଇ ପିଇ କେତେ,
ତଥାପି ମନରେ ତୋର
ଟିକେ ହେଲେ ନାହିଁ କ୍ଷୋଭ ।

ପ୍ରତ୍ୟକ୍ଷରେ ଅବା ପରୋକ୍ଷରେ ହେଉ
ସଭିଙ୍କ ମୁହଁରେ ଆହାର ତୁ ଦେଉ
ଉଦାର ହୃଦୟେ ତୋର
ତିଳେ ବି ନଥାଏ ଲୋଭ ।



ଭାଗିରଥୀ ଯାନୀ

Download Magazine from www.aahwaan.com

ଅମଳ କରି ତୁ ନିଜ ଶ୍ରମବଳେ
ଜନମୁଖେ ତୁହି ଦେଉ ସବୁବେଳେ
ଚାଉଳ, ପନିପରିବା
ଦରକାର ଯେତେ ଯାହା ।
ଯେତେ ବିଶ୍ୱବାସୀ ବଞ୍ଚିଛନ୍ତି ଯଦି
ମାନବଙ୍କ ପ୍ରାଣ ରହିଥିବ ଯଦି
ବିଶାଳ ଏହି ଜଗତେ
ତୁ ଏକା କେବଳ ସାହା ।
ଝଡ଼ଝଞ୍ଜା ଯେତେ କର ସବୁ ସହ୍ୟ
ବାଧା ବିଘ୍ନ ପାଇଁ ତିଳେ ନାହିଁ ଭୟ
ହୃଦକୁ କରି ପଥର
ଧନ୍ୟ ହେ ଜୀବନ ତୋର ।
ସୁଖ ଦୁଃଖ ଯେତେ ରହିଛି ସଂସାରେ
ସବୁ ତ ସମାନ ତୁମରି ଆଖିରେ
ସେଥିପାଇଁ ପରା ତୁମେ
ଶ୍ରେଷ୍ଠ ପୁଅ ଏ ମାଟିର ।

ଦଳପଡ଼ା, ଭାୟା: ଖଜୁରୀପଡ଼ା
କନ୍ଧମାଳ, ୭୬୨୦୧୨, ଓଡ଼ିଶା
ଭ୍ରାମ୍ୟଭାଷ : ୯୪୩୮୦୨୭୮୪୮

Download Magazine from www.aahwaan.com

# ଖାସ୍ ତୁମରି ପାଇଁ

ସାରା ରାତି ମୋତେ ଅନିଦ୍ରା କରିଲ

ଭାବୁଛି ତୁମକୁ ବସି

ମୋତେ ଛାଡ଼ିଦେଇ ନିଘୋଡ଼ ନିଦ୍ରାରେ

ଶୋଇଗଲ ତୁମେ ହସି ।

ତୁମ ବିନା ଏଇ ତନୁମନ ପ୍ରାଣ

ଲାଗେନାହିଁ କିଛି ଭଲ

ପାଶେଥିଲେ ତୁମ କୋମଳ ଅଙ୍ଗରେ

କରୁଥାନ୍ତି ଖାଲି ଗେଲ ।

ଆଇନଜୀବି,

ବୋଲକଣା, ଡେଲାଙ୍ଗ, ପୁରୀ



ହୃଷିକେଶ ପାଢ଼ୀ

Download Magazine from www.aahwaan.com

# ଏବେର ରଜ

ରଜ ଦୋଳି କଟକଟ
ଆସ ଉଠେଇବା ନିଜ ଫଅଟ
ନିଜ ଫଅଟଲୋ
ଦିଶୁଥିବା ଝଟମଟ ।
ରଜ ପାନ ଲାଗେ ମିଠା
ତୋ ଭଉଣୀର ଫଅଟ ପଠା
ଫଅଟ ପଠାଲୋ
ଭାଇ ଏଣେ ହଟହଟା ।
ପୋଡ଼ପିଠା ଭାରି ସ୍ୱାଦ
ସ୍ନେହ, ଶରଧାରେ ନଥାଏ ଖାଦ
ନଥାଏ ଖାଦ ଲୋ
ଆକାଶେ ଭାସେ ବଉଦ ।
ଗୋରୀ କାନେ ସୁନାଝରା
ପାଦର ପାଉଁଜି ଧବଳ ପରା
ଧବଳ ପରାଲୋ
ଦିଶେ ବଡ଼ ମନୋହରା ।
ସୁନାରି ଦେହରେ ଦୋଳି
ସୁନାରୀ ଆନନ୍ଦ ତହିଁରେ ଖେଳି
ତହିଁରେ ଖେଳିଲୋ
ଟୋକାଙ୍କ ଭାରି ଗହଳି ।



ଅନାମ ଚରଣ ସାହୁ

Download Magazine from www.aahwaan.com

# ନିରୀହ ସସ୍ମିତା

ନବମ ଶ୍ରେଣୀର ଝିଅଟିଏ ସେହି
ଯଉବନ ଦେହେ ସ୍ପର୍ଶ କରିନାହିଁ ।
କୁନ୍ଦୁଲି ଗାଁ ନାମଟି ତା'ର
ବାପାମାଆଙ୍କର ଅଟେ ଆଦର ।
ଦିନେ ସାଙ୍ଗସାଥି ମେଳେ ବାହାରିଲା
ଫେରୁ ଫେରୁ ରାତି ଅନ୍ଧାର ହେଲା ।
ଅନ୍ଧାର ରାତି ସାଜିଲା ବଇରୀ
ଖାକିବାଲା ଦଳେ ହୋଇଲେ ଶିକାରୀ ।
ରାକ୍ଷସମାନେ ତାକୁ କଲେ ବଳାତ୍କାର
ଶୁଣିଲେ ନାହିଁ କେହି ତା ଚିତ୍କାର ।
ସ୍ୱାଭିମାନ ତା'ର ସବୁ ନଷ୍ଟ ହେଲା
ସମାଜ ଆଗରେ କଳଙ୍କିନୀ ସାଜିଲା ।
ଦୋଷ ନଥାଇ ବି ସାଜିଲା ଦୋଷୀ
ଦୋଷୀମାନେ ଏଠି ବୁଲନ୍ତି ଆସି ।
ସରକାର ନେତା ସଭିଏଁ କହିଲେ
କେହି ନ୍ୟାୟ ତାକୁ ଦେଇ ନ ପାରିଲେ ।



ମହେନ୍ଦ୍ରପ୍ରତାପ ସ୍ୱାଇଁ

ଶେଷରେ କହିଲେ ପାଗଳ ସାଜିଛି

ମିଛ କଥା ଯାକ ଖାଲି ସେ ବକୁଛି ।

ଆଖି ଲୁହ ତା'ର ଆଖିରେ ରହିଲା

ନିନ୍ଦା, ଅପବାଦ ସହି ନ ପାରିଲା ।

ମରଣକୁ ନିଜ ସାଥି କରିନେଲା

ଶେଷରେ ନିଜର ଜୀବନ ହାରିଲା ।

ଏଇ କ'ଣ ଆମ ଦେଶର ନ୍ୟାୟ

ସବୁଆଡ଼େ ଗଲେ ଖାଲି ଅନ୍ୟାୟ ।

ଆସ ଭାଇଭଉଣୀ ଏକତ୍ର ହେବା

ଅନ୍ୟାୟ ବିରୁଦ୍ଧରେ ସମସ୍ତେ ଲଢ଼ିବା ।

କନିଷ୍ଠ ଗବେଷକ, (ଫାର୍ମାସୀ)

ହାଇଦ୍ରାବାଦ, ତେଲେଙ୍ଗାନା

ଆହ୍ୱାନ ଶତକ ସଂସ୍କରଣ

# ମତେ ମରଣ ହେଉ

କାଳିଆରେ କାଳିଆରେ ନୀଳାଚଳିଆ
ଶୁଣି ଯାଆ ଗୁହାରି ମୋହର
ସହି ପାରୁନାହିଁ ଦୁଃଖ ଆଉ ଜମା
ମତେ ମରଣ ହେଉ ଏଥର ।

ବିଶ୍ୱାସ ଭରସା ସବୁଗଲା ହଜି
ଏ କପଟୀ ଦୁନିଆ ଆଗରେ
ମରୁଥାଏ ନିତି ଜଳିଜଳି ମୁହିଁ
ତୁଚ୍ଛା ନିନ୍ଦା ଅପବାଦରେ ।

ଭାବଗ୍ରାହୀ ତୁହି ଭକ୍ତଭାବ ବୁଝି
ଯାଚି ପରା ଦେଉ ବର
ମାଗୁନାହିଁ କିଛି ଧନ ଦଉଲତ
ଛଡ଼େଇ ନେ ପ୍ରାଣ ବାୟୁ ମୋର ।

ବଡ଼ ଦେଉଳରେ ବସିଚୁ କାଳିଆ



କାହ୍ନୁଚରଣ ସାହୁ

ବୁଝୁଛୁ ଦୁଃଖ ସୁଖ ଦୁନିଆର
ଡାକୁ ଅଛୁ ତତେ ବିକଳ ହୋଇ ମୁଁ
ନ ଶୁଣ କିମ୍ବା ଡାକ ମୋହର ।

ଦୀନବନ୍ଧୁ ନାମ ବହିଅଛ ତୁମେ
ଶ୍ରୀକ୍ଷେତ୍ରେ ଉଡ଼ାଇ ଧ୍ୱଜା
କୋଟି ଜୀବଙ୍କର ହରୁଅଛ କଷ୍ଟ
ଦିଅ କାହିଁ ମୋତେ ସଜା ।

ମୁଁ ଛାର ପାମର କିପରି ଭଜିଲେ
ମଣିମା ଶୁଣିବ ଡାକ ମୋହର
ଶେଷଥର ପାଇଁ ଏତିକି ମୋ ଅଳି
ମତେ ମରଣ ହେଉ ଏଥର ।
ମତେ ମରଣ ହେଉ ଏଥର...

ମ.ରାମପୁର, କଳାହାଣ୍ଡି
ଭ୍ରାମ୍ୟଭାଷ : ୯୫୫୬୮୨୨୪୭
ଇମେଲ୍ : kahnuchsahus@gmail.com

Download Magazine from www.aahwaan.com




# ମୃତ୍ୟୁ

ସବୁ ସତ୍ୟ ମଧ୍ୟେ ଏକା

ସତ୍ୟ ଏକା ତୁହି

ମୁଁ ଅଧମ ବୁଝେ ମିଛ

ବୁଝିବି ବା କାହିଁ ।

ସଂସାରର ପାପାଗ୍ନିରେ

ନିମଜ୍ଜିତ ରହି

ନିଜ ସତ୍ତା ଭୁଲିଯାଏ

ନିଜେ କିଏ ମୁହିଁ

ପ୍ରେମ ଏଠି ସ୍ୱାର୍ଥସିଦ୍ଧ

ପ୍ରତାରଣା ପୂର୍ଣ୍ଣ

ଭଲ ପାଇବାର ନାହିଁ

ଟିକେ ମାତ୍ର ଚିହ୍ନ

ସବୁ ଏଠି କିଣାବିକା

ଜୀବନ ହିସାବ

ସବୁରି ମୂଳରେ ସ୍ୱାର୍ଥ

ସବୁ ଏଠି ମିଛ...



ପ୍ରକାଶ ଚନ୍ଦ୍ର ପଣ୍ଡା

ଭେକ ନଥିଲେ ଏଠି

ମିଳେ ନାହିଁ ଭିକ

ସବୁ ଏଠି ଅଭିନୟ

ଧରା ରଙ୍ଗମଞ୍ଚ

ସବୁରି ମୂଳରେ ସେଇ

ଗୋଟେ କଥା ସତ

ଜନ୍ମ ଏଠି ମିଛ ଆଉ

ମୃତ୍ୟୁ ଏକା ସତ୍ୟ

ମୃତ୍ୟୁ ଏକା ସତ୍ୟ...

ମୃତ୍ୟୁ...

କଲ୍ୟାଣପୁର, ଭୁଇଁପୁର, ଯାଜପୁର

Download Magazine from www.aahwaan.com

# ଚିଗୁଲିଆ ବର୍ଷା

ଦେଖ ଦେଖ, ଯେଉଁଠି ବି ଠିଆ ହୁଏ

ମୋ ଦେହରେ ଜମା

ଲାଗେନା ପାଣି ଛିଟା ଟିଏ ।

ତମେ କିନ୍ତୁ ବର୍ଷା ବୋଲି

କହି ବୁଲିବା କ'ଣ ଠିକ୍ ମନେହୁଏ ।[୧]

ପବନକୁ ସାଙ୍ଗକରି ତମେ ବିଞ୍ଛିଯାଅ

ଗଛମୂଳେ ଓଳିତଳେ ପୋର୍ଟିକୋ କୋଣରେ

ଛପିଗଲେ ବି ତମେ କ'ଣ ପହଞ୍ଚି ନ ଯାଅ ?

ତମେ ହିଁ, ତମେ ହିଁ ଆର୍ଦ୍ର କଲା ଗୁଣଟିଏ

ତଥାପି, ଅନିଳ ତୁ ବଡ଼ ବୋଲି

ଜଣାଇବା କ'ଣ ଠିକ୍ ମନେହୁଏ ?[୨]

ଏମିତି ତ ଅନାଇ ଥା'ନ୍ତି ଚରାଚର

କିଶଳୟ ଭରା ବୃକ୍ଷ

ମେଘ ମହ୍ଲାର ପୂର୍ବର ତାନସେନ ସ୍ୱର

ମୟୁରୀର ମୂର୍ଚ୍ଛନା ବା ଚକୋରୀ କାନ୍ଦଣା

ଯାହା ଯାହା ଖୋସାମଦୀ ଶୁଣ ଥରୁଟିଏ



ରିଭୁ ଆଭୁଷଣ ପଣ୍ଡା

Download Magazine from www.aahwaan.com

କିଛି ଦେଇ, କେତେ କାଳ ଅପେକ୍ଷା
ରଖିବା କ'ଣ ଠିକ୍ ମନେ ହୁଏ ?[୩]

ଆହ୍ଲାଦରେ ଭରିଦେବା ପାଇଁ ଅଛି ତନୁମୋର
ଦେଖ କରିଛି ଗିହୀରିଆ ନଦୀ ଖାଲପରି
ଯେତେ ବା ଦେଉନ, ସାଇତି ରଖିବା ମୁଁ ଜାଣେ
ଏଥିରେ ନାହିଁ ଜମା ଅହଂକାର କିଛିଏ
ଜାଣି ଜାଣି ବାଦଲ ଫଟା କରି
ବନ୍ୟା କରିଦେବା କ'ଣ ଠିକ୍ ମନେହୁଏ ?[୪]


Download Magazine from www.aahwaan.com

# ଆତ୍ମତୃପ୍ତି

ବେଳେ ବେଳେ ଏମିତି ବି ହୁଏ
ଆଖିର କଜ୍ଜଳରୁ ସବୁ କଳା ସ୍ୱପ୍ନ ନେଇଯାଏ
ଯେତେ ରଙ୍ଗୀନ ଫୁଲରେ ସଜେଇଲେ ବି
କଳାରଙ୍ଗେ ସବୁ ଅନ୍ତର୍ଲୀନ ହୁଏ ।

ଘୋର ଅରଣ୍ୟ ଅନ୍ଧାରରେ
ଅଦୃଶ୍ୟ ମୁଖ ମଣ୍ଡଳ ଅସ୍ପଷ୍ଟ ପ୍ରତୀୟମାନ ହୁଏ
ତଥାପି କେହି ଜଣେ ସତେ ଅବା
ସ୍ୱପ୍ନର ସହରୁ ବହୁଦୂରକୁ ଚାଲିଯାଏ ।

ଇଚ୍ଛା ହୁଏ ତା ସହ ଲଂଘିଯିବାକୁ
ସାତ ଦରିଆ ତେର ନଈ
ନଥିବ ଯେଉଁଠି ଈର୍ଷ୍ୟା, ଲୋଭ
ଛଳନା କାଳିମାର ଛାଇ
ବଞ୍ଚିହେବ ସେଠି
ନିଷ୍ପାପ ଶିଶୁର ହୃଦୟଟିଏ ନେଇ ।



ସ୍ୱାତୀ ବନ୍ଦନା କର

ଲୋଡ଼ାନାହିଁ ରାଜାର ପ୍ରାସାଦ
ଅବା ନାହିଁ ଲୋଡ଼ା ସାତବାଟି ସମ୍ପଦ
ଖାଲି ଟିକେ ଶାନ୍ତିର ଜୋଛନାରେ
ଅଚିନ୍ତାର ସୁଖ ନିଦ୍ରା ଲୋଡ଼ା
ଆତ୍ମତୃପ୍ତି ମିଳିଯିବ
ଆଉ କିଛି ନଥିବ ଦରଦ ।

Download Magazine from www.aahwaan.com



# ମାଆ : ଦୁଇଟି କବିତା

## *ପୁଅ ଛୋଟ ଥିବାବେଳେ ମାଆର ବେଦନା*

ପୁଅ ମୋର କିଛି ଖାଉନି,
ପେଟ ପିଠିରେ ଲାଗେ ।
ବଳେଇ ବଳେଇ ଖୋଇଲେ
କ୍ରୋଦ୍ଧେ ତାଟିଆ ଭାଙ୍ଗେ ।
ନୂଆ ବସ୍ତ୍ର ଅବା ପୁରୁଣା
ଜାଣି ପାରେନା ସିଏ ।
ମଳମୂତ୍ର ତ୍ୟାଗ କରଇ
ବଡ଼ ଦୁଷ୍ଟ ବି ହୁଏ ।
ବୁଲେଇ ନେଲେ ମୁଁ ଯାଏ ସେ
କିଣେ ନାନା ଦରବ,
ଖୁସି ଲାଗେ ମୋତେ ଦେବାକୁ
ତା'ର ଇଚ୍ଛା ସରବ ।
ଝରାଇ ଦିଏନା ଲୁହ ମୁଁ
ତାର ଦୁଇ ନୟନୁ,
ଏକୁଟିଆ କାହିଁ ଛାଡ଼େନା



ମହେଶ୍ୱର ସାହୁ

Download Magazine from www.aahwaan.com

ଆହ୍ୱାନ ଶତକ ସଂସ୍କରଣ

ଡରି ପିଶାଚ ହନୁ ।
ରାତି ରାତି ମୁହିଁ ଶୁଏନା
ଜ୍ୱର ଥଣ୍ଡା ହୋଇଲେ,
କାମଧନ୍ଦା ସବୁ ଛାଡ଼ି ମୁଁ
ଦେଖେ ଆଗ ମୋ ପିଲେ ।
କେତେ ମାନସିକ କରି ମୁଁ
ତତେ ପାଇଛି ଧନ,
ବଡ଼ ହୋଇ ସଦା ବୁଝିବୁ
ଦୁଃଖୀ ମାଆର ମନ ।

*ପୁଅ ବଡ଼ ହେବାପରେ ମାଆର ବେଦନା*

କାହିଁଗଲୁ ଛାଡ଼ି ଧନରେ
ମାଡ଼ି ଆସେ ଅନ୍ଧାର,
କେହି ନାହିଁ ଚିହ୍ନା ମୋହର
ସବୁ ଅଜଣା ପର ।
ଦିଅଁ ଦରଶନ କହିଲୁ
କେଣେ ଛାଡ଼ି ତୁ ଗଲୁ,
ବୃଦ୍ଧ ବୃଦ୍ଧାମାନେ କାନ୍ଦନ୍ତି
କିଆଁ ଏଠି ଛାଡ଼ିଲୁ ।

ମୁଇଁ କେବେ ତତେ ଧନରେ
ମିଛ କଥା କହିନି,
ଦେଉଳକୁ ନେଇ କାହିଁରେ
କେବେ ଛାଡ଼ି ଆସିନି ।
ବୋହୁ କଥା ଶୁଣି ଶେଷରେ
ଆଶ୍ରମରେ ଛାଡ଼ିଲୁ
ବଞ୍ଚିଥାନ୍ତି ଦୁଇବରଷ
ଦୁଇ ଦିନେ ମାରିଲୁ ।
ଅନ୍ୟ ବୃଦ୍ଧ ବୃଦ୍ଧା କୁହନ୍ତି
ଫେରିବନି ତୋ ପୁଅ
ଥରେ ଛାଡ଼ିଗଲେ ଆଶ୍ରମେ
ଭୁଲି ଯାଆନ୍ତି ଲୁହ ।
ବୋହୁର ଯନ୍ତ୍ରଣା ସହେ ମୁଁ
କୁହେ ନାହିଁ ତ କିଛି,
ନାତିନାତୁଣୀଙ୍କ କଥାରେ
ଆଜି ମନେ ପଡୁଛି ।

ଗୋପୀବିନ୍ଧା, ବ୍ରାହ୍ମଣଗାଁ, ବାଲେଶ୍ୱର
ଭ୍ରାମ୍ୟଭାଷ : ୯୭୭୮୩୬୩୨୭୦

Download Magazine from www.aahwaan.com

# ମୁଁ ଖୋଜୁଛି...

ମୁଁ ଖୋଜୁଛି.....

ଏମିତି ଏକ ଦରଦୀ ସାଥୀଟିଏ

ଦରଦ ବୁଝି ମୋ ପାଇଁ ଦେବ ଦରଦ ଢାଳି ଯିଏ

ସୁଖ ଦୁଖକୁ ନିଜର ଭାବି

ପର ଅପଣା ମନେ ନରଖି ହେବ ମୋ ହସ ଲୁହର ଭାଗୀ

ମୁଁ ଖୋଜୁଛି.......

ଆଖିରେ ମୋର ନିଦ ସାଜିବ

ରାତି ଦିନ ମୋର ସ୍ୱପ୍ନ ହେବ

ସକାଳୁ ନିଦରୁ ଉଠାଇ ଦେବ

ସକାଳ ସୁରୁଜ ଦେଖାଇ ଦେବ

ମୁଁ ଖୋଜୁଛି......

ସେ ମୋ ମନ ମନ୍ଦିରରେ ଯାଇ

ମୋ ପାଇଁ ଧୂପ ଦୀପ ଲଗାଇ

ମାଆଙ୍କଠାରେ ଶୁଭ ମନାସି



ଦୀପକ୍ ଷଡ଼ଙ୍ଗୀ

Download Magazine from www.aahwaan.com

ଆହ୍ୱାନ ଶତକ ସଂସ୍କରଣ

ବ୍ୟଞ୍ଜନ ସବୁ ଦେବ ପରଶି

ମୁଁ ଖୋଜୁଛି.....

ଭସାଇ ପୁଣି କୋଳାଇ ନେବ

ମିଠା ମିଠା  କଥା କାନେ କହିବ

ଓଢଣୀ ତଳେ ଲାଜ ରଖିବ

ଚିରଦିନ ପାଇଁ ସାଥିରେ ଥିବ ।

ଅଧ୍ୟାପକ,ରୋଲାଣ୍ଡ ଫାର୍ମାସୀ କଲେଜ

ଖୋଡାସିଂଗି, ବ୍ରହ୍ମପୁର – ୧୦

Download Magazine from www.aahwaan.com

# ଅଣସର ଘରେ ରହି..

ଅଣସର ଘରେ ରହି ହେଉଅଛ ଚିକିତ୍ସିତ

ପାବନ ଦର୍ଶନେ ଭକ୍ତ ହେଉ ଅଛନ୍ତି ବଞ୍ଚିତ ।।

କି ଲୀଳା ରଚୁଛ ପ୍ରଭୁ ବୁଝିବ କାହିଁ ପାମର

ତୋର ଲୀଳା ବୁଝିବାକୁ ସାମର୍ଥ୍ୟ ଅଛି କାହାର ।।

ତୋହର ମହିମା ତୋତେ ଅଟଇ ଯେ ଅଗୋଚର

ତବ କୃପା ପ୍ରାପ୍ତ ହେଲେ ବୁଝଇ ଭକତ ନର ।।

ଅନିତ୍ୟ ଶରୀରେ ବ୍ୟାଧି ସୁନିଶ୍ଚିତ ସନାତନ

ଦିବ୍ୟ ଲୀଳା ମାଧ୍ୟମରେ କରାଉ ଅଛ ସ୍ମରଣ ।।

ପ୍ରାରବ୍ଧ କର୍ମ ଦୋଷରେ ପୀଡିତ ହୁଅଇ ଜନ

କେଉଁ ଦୁଷ୍କର୍ମ ନିମନ୍ତେ ତବ ତନୁରେ ପୀଡନ ।।

ମାତା ମହାଲକ୍ଷ୍ମୀ ସାଥେ କରୁଅଛ କି କପଟ

ନବ ବିବାହିତା ଦାରା ହେଉଅଛି ଛଟପଟ ।।

ଏତେ ନିଦାରୁଣ ପ୍ରଭୁ ବୁଝନି ନାରୀ ବେଦନା

ବାସର ଘରେ ପ୍ରତୀକ୍ଷା କରିଛି ସିନ୍ଧୁ ଦୁଲଣା ।।

ଲକ୍ଷ ଲକ୍ଷ ଭକ୍ତଗଣ ବାହାରେ ପ୍ରତୀକ୍ଷା ରତ

କେବେ ହେବ ଦରଶନ କଳାମୁଖ ପଦ୍ମପାଦ ।।



ହିମାଂଶୁ ଶେଖର ବାରିକ

ପନ୍ଦର ଦିନ ଲାଗଇ ପନ୍ଦର ଯୁଗ ବିଶେଷ
କଳା ବଦନ ନ ଦେଖି ସରିବ କି ମୋ ଆୟୁଷ ।।
ଅନ୍ତରରେ ଭରିଦିଅ ତବ ଭକତି ବିଶ୍ୱାସ
ମରିଗଲେ ମରିଯିବି ଦେଖୁଥିବି ସ୍ମିତହାସ ।।

ବରିଷ୍ଠ ଅଡ଼ିଟ ଅଧିକାରୀ
କ୍ୱାର୍ଟର ନଂ : ଟାଇପ୍-୩, ୨୦୧
ନୂଆ ଏ ଜି କଲୋନୀ, ନୂଆପଲ୍ଲୀ,
ଭୁବନେଶ୍ୱର - ୭୫୧୦୧୨, ଓଡ଼ିଶା
ଭ୍ରାମ୍ୟଭାଷ : ୯୯୩୭୧୨୫୮୪୨
ଇମେଲ୍ : hsbarik1970@gmail.com

Download Magazine from www.aahwaan.com

# ସାହିତ୍ୟ ହିତସହ ଯାହା ବର୍ତ୍ତମାନ

ବ୍ୟତୀତ କରୁଛୁ ସମୟ ସାହିତ୍ୟ ସେବାରେ
'ସାହିତ୍ୟ ହିତ ସହ ଯାହା ବର୍ତ୍ତମାନ'
ଯଦି ଏହି ଅର୍ଥରେ ଧରି ନିଆଯାଏ ତେବେ -
ଆମେ ସବୁ ବର୍ତ୍ତମାନ କ'ଣ ନିଜର ହିତ କରୁଛୁ ?
ହସ ଲାଗେ, ହିତ ଅର୍ଥରେ ସାହିତ୍ୟ କଥା ଭାବିଲା ବେଳକୁ
ଅର୍ଥ ଯେଉଁଠି ଅନର୍ଥ ସୃଷ୍ଟି କରିପାରେ
ହିତ ଅର୍ଥରେ ସାହିତ୍ୟ ଏଠି ଅହିତ ସୃଷ୍ଟିକରେ ।
ଜାଣି ଜାଣି ବନ୍ଧୁ କେବେ ସାହିତ୍ୟରୂପୀ
ନାଗସାପର ଲାଙ୍ଗୁଡ଼ରେ କାନ କୁଣ୍ଡାଇବ ନାହିଁ
ସେ ଚୋଟ ମାରିବ, ତା ବିଷର ଜ୍ୱାଳାରେ ଜଳିବ ତୁମେ
ସେ ବିଷର ଜ୍ୱାଳା ବଡ଼ ପ୍ରଖର
ଖାଲି ତୁମେ କଷ୍ଟ ପାଇଲେ ତା'ର ପ୍ରତିକ୍ରିୟା ଶେଷ ହେବନି
ତୁମ ପରିବାରର କିଛି ଲୋକଙ୍କୁ ଯଦିଓ ନିହତ
କରିବନି, କିନ୍ତୁ ଆହତ କରି ଛାଡିବ ନିଶ୍ଚୟ ।
ହେ ସାହିତ୍ୟିକ ବନ୍ଧୁଗଣ !
କେଉଁ ସାହସରେ, କେଉଁଠାରେ, କିପରି ଭାବରେ



ଶ୍ରୀରମା କାନ୍ତ ମିଶ୍ର

Download Magazine from www.aahwaan.com

ଭେଟିଲ ସେ ସାହିତ୍ୟରୂପୀ ସର୍ପକୁ ?

ବିଛା ମନ୍ତ୍ର ନ ଜାଣି ନାଗ ସାପର ଲାଙ୍ଗୁଡ଼ରେ

କାନ କୁଣ୍ଡାଇଲ କିଆଁ ? ପାଇବ କିଏ ପରାଭବ ?

ନାହିଁ ବନ୍ଧୁ ନାହିଁ, ତୁମର କୌଣସି ଅଧିକାର ନାହିଁ -

ତୁମ ସନ୍ତାନକୁ ତା ବାପାଠାରୁ ମିଳୁଥିବା

ସ୍ନେହ ଟିକକୁ କାଢି ନେବାର

ତୁମ ସ୍ତ୍ରୀଙ୍କୁ ମିଳୁଥିବା ପ୍ରେମରେ ଅଂଶୀଦାର ହେବାର

ତୁମ ବାପାମାଙ୍କୁ ମିଳୁଥିବା ସେବାକୁ କମ କରିବାର

ତୁମ ଭାଇ ଭଉଣୀଙ୍କୁ ପର କରି ଦୂରେଇ ଦେବାର

ସମାଜର ନିବିଡ଼ ସମ୍ପର୍କକୁ କାଟି ଛିନ୍ନ କରି ଦେବାର

ନାହିଁ ବନ୍ଧୁ ନାହିଁ ତୁମର ସେ ଅଧିକାର

ପରାଭବ ପାଅ ସାହିତ୍ୟରୂପୀ ସର୍ପର ଲାଙ୍ଗୁଡ଼ରେ କାନ କୁଣ୍ଡାଇବାର !

ଭି.ଆଇ.ଏମ - .୨୬୮

ଶୈଳଶ୍ରୀ ବିହାର

ଭୁବନେଶ୍ୱର -୭୫୧୦୨୧

ଭ୍ରାମ୍ୟଭାଷ -୯୯୩୭୨୬୮୦୧୨

Download Magazine from www.aahwaan.com

# ଶାଶୁ ବୋହୂର ସମ୍ପର୍କ

ବୋହୂ ପିନ୍ଧୁଅଛି
ଜରି ପକା ଲୁଗା
ସେଇଟା କୁଆଡ଼େ ନେଏଟେ ,
ଶାଶୁ ଲୁଗା ସାତ
ସିଲେଇ ହେଲାଣି
ନୂଆ ଲୁଗା ବେଶୀ ରେଏଟେ ।
ବର୍ଷକୁ ଛ ଥର
ଶାଢ଼ୀ କିଣେ ବୋହୂ
ଟଙ୍କା ହୁଏନାହିଁ ଓଏଷ୍ଟେ ,
ଶାଶୁ ପାଇଁ ଲୁଗା
କିଣିଲା ବେଳକୁ
କହେ ପୁରାଣ ଲୁଗା ପା ବେଷ୍ଟ
ଅଙ୍ଗୁରୁ ଆପୁଲୁ
ପାଉଁରୁଟି ସହ
କାଜୁ ବାଦାମ ର ପେଏଷ୍ଟେ,
ମିଲ୍କମେଡ୍ ପଡ଼ି



ରାଜେନ୍ଦ୍ର ନାରାୟଣ ସେନାପତି

Download Magazine from www.aahwaan.com

ଷ୍ଟ୍ରଙ୍ଗ୍ କଫି ଟା

ବୋହୁ ର ବ୍ରେକ ଫାଆଷ୍ଟ ।

ଦି ପଟ ଶୁଖିଲା

ବାସି ରୁଟି ସାଥେ

ନାଲି ଚାହା ରୁ କଅପେ ,

ଇଛା ନାହିଁ ଯଦି

ପଖାଳ ଖାଉନ

କହୁ ଅଛି ବୋହୁ ବହପେ ।

କଫି ପିଏ ବୋହୁ

ଦିନକୁ ଛ ଥର

ତା ଚଏସେ ଟା ପୁରା ବେଷ୍ଟ ,

ଶାଶୁ ଆଉ ଥରେ

ଚାହା ମାଗି ଦେଲେ

କହେ ପେନ୍ ହଉନି ଚେଷ୍ଟ ।

ସାରାଦିନ ଏବେ

ଏମିତି ଚାଲିଛି

ଘରେ ଖାଲି ଖେଟେ ପେଏଟେ ,

ଶାଶୁ ବୁଢ଼ୀ ଆଗ

ପାଟି ଖୋଲି ଦେଲେ

ବୋହୁ ମାରିକି କରୁଛି ସେଏଟ ।

ବୋହୁ ପାଲଟୁଛି ପୁରା କିୟାଟ ,

ଶାଶୁ ର ଅବସ୍ଥା ଦେଖିକି ଲାଗୁଚି

ସିଏ ବିଲେଇ ଆଗରେ ରିୟାଟ ।

ଦୁନିଆଁ ରେ ସମସ୍ତେ ଏଭଳି ନୁହନ୍ତି ।

ପାଇକତିଗିରିଆ

ଖୋର୍ଦ୍ଧା

ଦୁରାଭାଷ- ୮୭୧୭୪୪୫୮୯୫

# ପରୀପାଇଁ କଥାଟିଏ

ତୁମର ମୋଅର ପର ଆପଣାର
କାହାର ନୁହଁଇ ଶିଶୁ,
ଶିଶୁ ଏଇ ଧରା ଧରମ ଦାଣ୍ଡର
ଦୁର୍ଗା, ଲକ୍ଷ୍ମୀ, ଆଲ୍ଲା, ଯୀଶୁ ।

କଢ଼ଟିଏ ଯେବେ କଅଁଳେ ଗଛରେ
କେତେ ଯତନରେ ତାକୁ,
ଫୁଲଟିଏ ହୋଇ ଫୁଟିବାକୁ ଦିନ
ଗଣୁ ଅଛେ ଦେଖିବାକୁ ।



ତପନ କୁମାର ସ୍ୱାଇଁ

ସେମିତି ଆମର ଶିଶୁ ପରିଟିଏ
ତା'କଥା ଭାବିଲ ଥରେ,
ଆମ ମନେ ହୀନ ଭାବନା କାହିଁକି
ତା'ପାଇଁ ହୃଦୟେ ଭରେ ।

ଇସ୍କୁଲ, ବଜାର, ଘର କି ବାହାର

ଅଙ୍ଗନବାଡ଼ିକୁ ହେଉ,
ତା' ଖୁସିରେ ଯିବା ଆସିବା ବାଟକୁ
ଆମେ କିଆଁ ଅଟକାଉ ।

ଏମିତି ଭାବନା ଆଣିଲେ ମନରେ
କହିଲ କି ହେବ ଭାଇ,
ଫେରିବାକି ଆମେ ସେହି ସମୟକୁ
ଆଦିମ ମଣିଷ ହୋଇ ।

ଆସ ଆମେ ଆମ ଦେଶ କୁ ଗଢିବା
କୁକର୍ମ କରିବା ଦୂର,
ଶିଶୁ ଦୁଷ୍କର୍ମ କୁ ହଟାଇବା ପାଇଁ
ଉଠାଇବା ଏକ ସ୍ୱର ।

ଜଳଯୋଗାଣ ଶାଖା
ରାଣୀହାଟ, କଟକ, ଓଡ଼ିଶା
ଭ୍ରାମ୍ୟଭାଷ : ୯୦୪୦୦୩୩୩୯୦

Download Magazine from www.aahwaan.com

# ବରଷା ରାତି

ଘୋର ଗରଜନ

ବରଷା ରାତି

ଘଡଘଡ଼ି ଦିଏ

ଥରାଇ ଛାତି

ମାରେ ବିଜୁଳି,

ପୋଖରୀ,ଖାତିଆ

ପଡେ ଉଛୁଳି ।

ପୋଖରୀ କୂଳରେ

ବେଙ୍ଗୁଲି ରାଣୀ

ବରଷା କୁ ଡାକେ

ଦେଇଲୋ ପାଣି

ବଜାଇ ବାଜା,

ଆସୁଛନ୍ତି ଆଜି

ମୋ'ବେଙ୍ଗ ରାଜା ।



ତପନ କୁମାର ସ୍ୱାଇଁ

Download Magazine from www.aahwaan.com

ଗିରିଷମ ଋତୁ

ଗଲାଣି ଚାଲି

ଫୁଟୁ ନାହିଁ ଆଉ

ଦାଣ୍ଡ ରେ ବାଲି

ପ୍ରାଣୀ ଜଗତ,

ହୋଇଲେଣି ମେଳି

ସାଙ୍ଗ ସଙ୍ଗାତ ।

ବରଷକେ ଥରେ

ଏମିତି ଦିନ

ଆସିବନି ଆଉ

ରଖରେ ମନ

ଲଗାଅ ଗଛ,

ଆଉ ସବୁ କାମ

କରିବ ପଛ ।

ଜଳଯୋଗାଣ ଶାଖା

ରାଣୀହାଟ, କଟକ, ଓଡ଼ିଶା

ଭ୍ରାମ୍ୟଭାଷ : ୯୦୪୦୦୩୩୩୯୦

Download Magazine from www.aahwaan.com

# ଝରା ପତ୍ର

ଝରା ପତ୍ର- (ତାୱାଙ୍ଗ ପର୍ବତର ଆତ୍ମା)-୬

ଏତେ ପତ୍ର ଭୂଇଁରେ ପଡିଛି
ହଳଦିଆ ପଡିତ ଗଲାଣି
ରଙ୍ଗ ଚାଲିତ ଯାଉଛି
ବସିଲେଣି ଆକାର ହରାଇ
କଣ ପାଇଁ ଭାଙ୍ଗି ଗଲେ ଖଣ୍ଡ ଖଣ୍ଡ ହୋଇ ।

ଚଲା ରାସ୍ତାରେ ଏତେ ପତ୍ର ଯେ ପଡିଛି
ରାସ୍ତା ହଜିଯିବ
ଚଲା ରାସ୍ତା ଆଉ ଦେଖାତ ଯିବନି
କଣ୍ଟା ସବୁ ତଳେ ଲୁଚି ରହିଥିବ
କେତେ ଖାଲ ଖମା ଥିବ ।



ଅଶୋକ ବିଶ୍ୱାଳ

ପତ୍ର ସବୁ ଶୁଖିଯାଉଅଛି
ରାସ୍ତାରେ ପଡୁଛି

Download Magazine from www.aahwaan.com

ଚଲାପଥ ହଜିତ ଯାଉଛି

ପବନରେ କଣ ପାଇଁ ଉଡି ତ ଯାଉନି

ବର୍ଷା ପାଣିରେ ଧୋଇତ ଯାଉନି

ଜନ୍ତାମାନେ ଏଣେ ତେଣେ ବୁଲୁଛନ୍ତି

ନିଜ ଛାପ ଛାଡି ଦେଉଛନ୍ତି ଚଲାର ପଥରେ

ପୁଣି ଜମା ହୋଇ ଯାଉଛନ୍ତି ।

ଜନ୍ତାମାନେ ଉଠି ଆସୁଥିଲେ

ଏତେ ପୋକ ଥିଲେ ପାଦଚିହ୍ନର ଉପରେ

ଛାପ ଯାଉଥିଲା ତ ବଦଳି

ଧୂଳି ହୋଇଯାଉଥିଲା

ହଜି ଯାଉଥିଲା ତୁଷାର ପାତରେ ।

ଝରା ପତ୍ରକୁ ସେ ଅନାଇଲା

ପାଦର ଚିହ୍ନକୁ

ଜନ୍ତାମାନେ ଦେଉଥିଲେ ତ ଲିଭାଇ

ବାଟ ଖୋଜି ପାଉ ତ ନଥିଲା ।

ବରଫ ଭିତରେ

Download Magazine from www.aahwaan.com

ବାହାରେ ଠିଆ ହୋଇଗଲା

ତୁଷାର କଣିକା ଝରି ପଡୁଥିଲା

ପବନର ସହ

ବରଫରେ ଢାଙ୍କି ଯାଉଥିଲା

ଚଲା ରାସ୍ତା ଦେଖା ଯାଉ ତ ନଥିଲା ।

[ଚମରୀ ଚରାଳୀର ସ୍ମୃତି]

Download Magazine from www.aahwaan.com

# ମୁଁ ଓ ଈଶ୍ୱର

ମୁଁ ଓ ଈଶ୍ୱର
ପରସ୍ପର ଭାରି ପ୍ରିୟ
ମୃତ୍ୟୁର,
ଆମେ ବାରମ୍ବାର ମରୁ
ପୁଣି ଥରେ ଅବତାର ପାଇଁ ।
ଆମେ ଛାଡ଼ି ଯାଉଥିବା
ଦଦରା କନ୍ଥା, ଭଙ୍ଗା କୁଡ଼ିଆ
ଦରଛିଣ୍ଡା ଚପଲ, ଲାଉତୁମ୍ବା
ଅବା ଆପଣାର ଜୀବାଶ୍ମ,
ନିଲାମ ହୁଏ
ଊଁଚା ମୂଲ୍ୟରେ ।
ହେଲେ,
ମୁଁ ନିଜେ ଈଶ୍ୱର
ନିଜକୁ ଅସହାୟ ପାଏ
ନିଜର ବିଳାସିତ କଏଦୀଖାନାରେ ।
ମୋ କୋଠରୀ ଚଟାଣରେ



ସୌମ୍ୟଜିତ ପଣ୍ଡା

Download Magazine from www.aahwaan.com

ଅଜଗର ପରି ଲମ୍ବିଥିବା
ଡାହାଣିଆ ସୂରୁଜର ଛାଇ
ମୋତେ ଠେଲିଦିଏ
ଏକ ଅଭିଶପ୍ତ କୁମ୍ଭିପାକ ନର୍କ ଆଡ଼କୁ
ସେ ଯାତନାର ଅନ୍ତ ପାଇଁ
ମୁଁ କାକୁସ୍ତ ହୋଇ ଚାହିଁଥାଏ
ସକାଳ ଅରୁଣର ଲାଲିମାକୁ
ଆଉ ସକାଳର କେଇ ଖଣ୍ଡ
ମିଶ୍ରି ଭୋଗ, ଫୁଲର ଚାଦର,
ମହମ ବତୀର ଆଭା ପରେ
ମୁଁ ହତାଶ ଓ ନିର୍ବାକ ହୋଇ
ବସିଥାଏ ଗମ୍ଭିରା ଭିତରେ ।
ମୁଁ ଓ ଈଶ୍ୱର
ପୁତନାର କ୍ଷୀର ପିଇ ଜୀଇଁଛି,
ଚେତନାର କ୍ରସରେ ଝୁଲୁଛି,
ବିଷାଦ ଜହର ପିଇଛି,
ମୁଁ ବୋଲି ମୁଁ ନୁହେଁ
ମୁଁ ଈଶ୍ୱରର ପ୍ରତାଡ଼ିତ ଆତ୍ମା କହୁଛି
ମୁଁ ଓ ଈଶ୍ୱର

ଏକ ପୁଣି ଏକ ଆଉ ନୁହେଁ

ସେଥିପାଇଁ ଆମକୁ ତୁମେ

ଖୋଜିପାର,

ରକ୍ତରେ, ଆତ୍ମାରେ

ଲୁହରେ, ମୃତ୍ୟୁରେ

ଆଉ ମରି ମରି ଆସୁଥିବା ବିଶ୍ୱାସ ଭିତରେ ।

ମୁଁ ଈଶ୍ୱର

ମୁଁ ଈଶ୍ୱର କହୁଛି ।

ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ

ବିଶ୍ୱଭାରତୀ, ଶାନ୍ତିନିକେତନ

ପଶ୍ଚିମବଙ୍ଗ

୭୩୧୨୩୫

-୯୪୩୭୬୧୦୫୯୯

Download Magazine from www.aahwaan.com

# ରଜପର୍ବର ମାହାତ୍ମ୍ୟ

ଆଷାଢ଼ ମାସର ପ୍ରଥମ ବର୍ଷାର ଆଗମନରେ ମେଘ ଓ ମାଟିର ମିଳନରେ ମାଟି ମା ହୁଏ ରଜସ୍ୱଳା । ପ୍ରଜନନକ୍ଷମ ହେବାକୁ ଯାଉଥିବାରୁ ତିନି ଦିନ ବିଶ୍ରାମ ଦିଆଯାଏ ଧରିତ୍ରୀ ମା'କୁ । ରଜସ୍ୱଳା ତିନି ଦିନ ଯଥା-୧. ଚାଣ୍ଡାଳି, ୨. ବ୍ରହ୍ମଘାତିନୀ ୩. ରଜକୀ କୁହାଯାଏ ।

## ରଜ ମଉଜ

ଆଷାଢେ ପହିଲି ଛୁଆଁ
ଗରମକୁ ଦେଖି ଲାଗେ ଛାନିଆଁ
ଲାଗେ ଛାନିଆଁ ଲୋ
କାମନାରେ ଜଳେ ହିଆ.... [୧]
ପାଖେଇ ଆସିଲା ରଜ
ଗାଆଁ ଝିଅ ସବୁ ହେଲେଣି ସଜ
ହେଲେଣି ସଜ ଲୋ,,,
ତିନିଦିନ ଏବେ ହବ ମଉଜ..... [୨]
ରଜ ଦୋଳି ପୋଡ଼ ପିଠା
ଗଛ ନାହିଁ ବୋଲି ମନଟା ଖଟା
ମନଟା ଖଟା ଲୋ ,,,
ଦୋଳିପାଇଁ ଚାଲ ପାର୍କ ଯିବା..... [୩]



ସନ୍ତୋଷ ପଟ୍ଟନାୟକ

ଆହ୍ୱାନ
ଶତକ
ସଂସ୍କରଣ


Download Magazine from www.aahwaan.com

ପୁରଦିଆ ମଣ୍ଡାପିଠା

ଏଣ୍ଟୁରି ଆଡିଶା  ଲାଗୁଛି ଅଠା

ଲାଗୁଛି ଅଠା ଲୋ,,,,

ଅର୍ଡ଼ର ଦେ' ତୁ ମିଠା..... [୪]

ବିଦେଶରେ ବାପା ଭାଇ

ନୋଟବନ୍ଦୀ ଠୁ କାମ ତ ନାହିଁ

କାମ ତ ନାଇଁ ଲୋ,,,

ପୋଷାକ କିଣିନି 'ଜାଇ'..... [୫]

ବଣରେ ଫୁଟିଲା ମଲ୍ଲୀ

ପଇସା ପାଇଁକି ଏଟିଏମ୍ ଗଲି

ଏଟିଏମ୍ ଗଲି ଲୋ,,,,

ଏକାଉଣ୍ଟ ପୁରା ଖାଲି.... [୬]

ମତୁଆଲା ମନେ ମଉଜ

ସପନ ହେଲାଣି  ସରମ-ଲାଜ

ସରମ-ଲାଜ ଲୋ,,,

ଜିନ୍ସ ପିନ୍ଧିବ ଭାଉଜ..... [୭]

ଦିଶୁନି ବିଡିଆ ପାନ

ତମ୍ବାଖୁ, ମଦରେ ସଭିଙ୍କ ମନ

ସଭିଙ୍କ ମନ ଲୋ

Download Magazine from www.aahwaan.com

ଚାଲିଛି ନୂଆଁ ଫେଶନ....[୮]

ପ୍ରେମରେ ନାହିଁଟି ଜାତି

ଘର ଭୂଆଷୁଣୀ କରେ ପିରତୀ

କରେ ପିରତୀ ଲୋ,,,

ଘରେ ଚାରିପୁଅ, ପତି..... [୯]

ପାଦରେ ଅଳତା ନାଲି

ସବୁ ପରମ୍ପରା ବଣର ମଲ୍ଲୀ

ବଣର ମଲ୍ଲୀ ଲୋ

ସେଲ୍ଫିରେ ରଜ ପାଳିଲି.... [୧୦]

- ସନ୍ତୋଷ ପଟ୍ଟନାୟକ, ଗଞ୍ଜାମ

Download Magazine from www.aahwaan.com

# ଯତି ବଚନ

|| ଯତି ବଚନ ||

ଶ୍ରୀ ଲକ୍ଷ୍ମଣ କୁମାର ବେହେରା (ଯତି)

ତପୀ ତପ ନ କରିବେ
ଅନ୍ନ ଚୋରେଇ ଭୁଞ୍ଜିବେ
ଯେ ସତ୍ୟ ବଚନ ଯେ,
ସ୍ୱାମୀକୁ ସ୍ତ୍ରୀ ନ ପୂଜିବ
ପର ପୁରୁଷେ ରସିବ
ଜୀବେ ଜାଣି ଥାଅ ଯେ । ||୪୧ ||


ଲକ୍ଷ୍ମଣ କୁମାର ବେହେରା

ଆକାଶୁ ବରଷା ଜଳ
ଧରଣୀ ଲଭେ ଶୀତଳ
ଚାଷୀ କୁଳ ହସେ ଯେ',
କଳିକାଳ କହେ କାନେ
ଜଳି ତପନ କିରଣେ
ପୃଥ୍ୱୀ ହେବ ଖାର ଯେ' । ||୪୨ ||

ଘରେ ଘରେ ରାଜନୀତି
ମିଥ୍ୟା କଳହ ଦୁର୍ନୀତି
ଭିନ୍ନ ଭିନ୍ନ ଦଳ ଯେ',
ଟଙ୍କା ମଦ ମାଂସ ଯହିଁ
ମତଦାନ ଥିବ ତହିଁ
ଜୀବେ ଜାଣି ଥାଅ ଯେ' । ।।୪୩ ।।

ସମାଜ ସଂସ୍କୃତି ଧାରା
ଜାତିଗୋତ୍ର ପରମ୍ପରା
ସମାଜେ ନ ଥିବ ଯେ',
ବନପୁଷ୍ପ ପଶୁପକ୍ଷୀ
ଖୋଜି ନ ପାଇବ ଆଖି
କଳିକାଳ ଅନ୍ତେ ଯେ' । ।।୪୪ ।।

ତପନେ ତରଳି ହିମ
ବସୁନ୍ଧରା ଜଳ ମଗ୍ନ
ଜୀବେ ଭାସୁଥିବେ ଯେ',
ଶୁଣ ଆହେ ସୁଧୀ ଜନେ

Download Magazine from www.aahwaan.com

ବିଷ୍ଣୁ ଦାସ ଯତି ଭଣେ

କଳିଯୁଗ ଦେଖି ଯେ' । ।।୪୫ ।।

କଳକାରଖାନା ମାନ

ଚତୁର୍ଦ୍ଦିଗରେ ସ୍ଥାପନ

ସୁଜଙ୍ଗଲ ପଦା ଯେ',

ବିଷମୟ ପରିବେଶ

ଜୀବେ ହୋଇବେ ନିଶେଷ

କଳିଯୁଗ କହେ ଯେ' । ।।୪୬ ।।

ଯୌତୁକ ସାବନି ପାଇଁ

ସମାଜ ସଂସ୍କାର କହି

ଗୋରା ଝିଅ ଭଲ ଯେ',

ବେଶଭୂଷାକୁ ରସିବେ

ଅନ୍ନକୁ ନ ଆଦିରେବେ

ଜୀବେ ଜାଣି ଥାଅ ଯେ' । ।।୪୭ ।।

ବାପ ଛେଉଣ୍ଡ ସନ୍ତାନ

ମାଆ ଥିଲେ ରହେ ମାନ

Download Magazine from www.aahwaan.com

ଯେ ଯତି ବଚନ ଯେ',

ସାବତ ମାଆ ଯାହାର

ସତେ ଅବା ଯମପୁର

ବିତେ ଦିନ ଦୁଃଖେ ଯେ' । ।।୪୮ ।।

କବି କୁଟୀର

ଦଣ୍ଡାସିଂହା,ବାରକୋଟ

ଦେବଗଡ (ଓଡିଶା)

ମୋ-୦୯୬୬୮୨୪୨୭୨୦

Download Magazine from www.aahwaan.com

# ମୁଁ ତୁମର ହେବାକୁ ଚାହେଁ

ମୁଁ ତୁମର ହେବାକୁ ଚାହେଁ
ଯୌବନ ଭରା ତନୁ ପରବତେ
ଜାଗାଟିଏ ପରା ଦିଏ ,
ନାଚି କୁଦି ଚାପି ରଖିଲେ ବି ମୋତେ
ଲମ୍ଫ ଦେଇ ପୁଣି ଚଢ଼ିଲେ ବି କେତେ
ମୋର କିବା ଆସେ ଯାଏ,
ଏ ହୃଦ ସମ୍ପୁର୍ଣ ତୁମକୁ ଚାହେଁ...
ତୁମ ଠାରେ ସମର୍ପି ଯାଏ...
ମୁଁ  ତୁମର ହେବାକୁ ଚାହେଁ,,,,,,।
ମୋ ହୃଦ ସବୁଜ ସୀମା ବଳୟରେ ...
ତୁମ  ଅଧିକାର ଅଛି
ଯୌବନ ଭରା ପ୍ରତିଟି ପାହାଚେ
ଚାଲି ଯାଅ କୁଦି ନାଚି,
କରିବିନି ମନା ଦେବିନି ଜନ୍ତଣା
ଫୁଟିବନି ପାଦେ କଣ୍ଟା
କଣ୍ଟା ତକ ସବୁ ତନୁ ଆଢୁଆଳେ
ରହିବ କାମନା ଅଠା,
ରମଣର ପ୍ରିତୀ ବର୍ଷା
ଝରି ପଡୁଥିବ ଅଧରୁ ତଳିପା
ଭିଜି ଯାଉଥିବ ମୋ କୁଆଁରୀ ବକ୍ଷଟା



ନିରଞ୍ଜନ ପଣ୍ଡା

ଦିଶୁଥିବ ସତେ ଦୁର ପରବତେ
ପ୍ରଷ୍ଫୁଟିତ ଫୁଲ ଟିଏ,
ପ୍ରେମ ବରଷାରେ ଗଜୁରି ଉଠିଛି
କଢ଼ିରୁ ଫୁଲ ଫୁଟି ବାହାରିଛି
ଆଉ ଅପେକ୍ଷା କରିଛି ସିଏ
ତୁମକୁ ଆସିବା ଯାଏଁ..
ମୁଁ  ତୁମର ହେବାକୁ ଚାହେଁ,,...,|
ଅବିନାସନର ଅବଗାହନରେ
ଚୁମ୍ବନଟେ ଆଙ୍କିଦିଏ
ପ୍ରିତୀ ପରଷରେ ରତି ମଗ୍ନ ହୋଇ
ଲାଜରେ ଝାଉଁଳି ଯାଏ,
ଆଞ୍ଜୁଳେ ଅଞ୍ଜଳି ଢ଼ାଳେ
ପ୍ରିତୀ ପରବର ମୁକୁଳା ତନ୍ଦ୍ରାରେ
ନିଜକୁ ହଜାଇ କହେ,
ମୁଁ ତୁମକୁ ଭଲ ପାଏ
ମୁଁ  ତୁମର ହେବାକୁ ଚାହେଁ ||

ପୁରଣ ପଧାନ,
ଶିଶିଲୋ, ବାଳକାଟି, ଖୋର୍ଦ୍ଧା
ଭ୍ରାମ୍ୟଭାଷ : ୮୦୯୩୮୯୮୯୮୪

Download Magazine from www.aahwaan.com

# ସପନରେ ତୁ

ସତରେ ନ ଆସି ସପନରେ ଆସି
ନିଦ ମୋ ଚୋରାଇ ନେଉ
ଓଠ ଖୋଲି ସିନା କହୁନା ତୁ କିଛି
ନିରବରେ ବେଶୀ କହୁ ।
ମୋ ଆଖିରେ ଆଖି ମିଶାଇ ପାରୁନା
ତୋ ସାଥିରେ ଦେଖା ହେଲେ
ନିଦୁଆ ଆଖିରେ ତୁଲ୍‌ବୁଲି ଲାଗୁ
ଟିକେ ଖାଲି ହସିଦେଲେ ।
ଛୁଇଁନି ତତେ ସତରେ କେବେ ମୁଁ
ସପନରେ ବହୁ ଥର
ସେଥିପାଇଁ ପରା ସପନେ ଦେଖେ ମୁଁ
ତୋତେ ଖାଲି ବାରମ୍ବାର ।
ଆସିବୁନି ପ୍ରିୟା ଜୀବନରେ ମୋର
ଜାଣିଛି ଏ କଥା ବୋଲି
ରାତିକୁ ମାଗିଛି ସପନ ଅସରା
ତୋତେ ମୁଁ ଦେଖିବି ବୋଲି ।



ଗଙ୍ଗା ସୁନନ୍ଦିନୀ ରୁପମା ଗୁରୁ

Download Magazine from www.aahwaan.com

ଯେଉଁ ଋତୁ ବାର ହେଉ ନା କାହିଁକି

ସବୁଦିନ ଆସୁଥିବୁ

ବିନା ମୌସୁମୀରେ ପ୍ରେମର ବରଷା

ରାତି ରାତି ବରଷିବୁ ।

ରାତି ସରୁଥିବ ଦିନ ଆସୁଥିବ

ରହିବାକୁ କହିବିନି

ପ୍ରତିଟି ରାତିରେ ମୋ ଆଖି ସପନେ

ଆସିବାକୁ ଭୁଲିବୁନି...


ବାଲିସୁଆଁ, ୟୁ.ଜି.ୟୁ.ପି. ସ୍କୁଲ୍

ମହାକାଳପଡ଼ା, କେନ୍ଦ୍ରାପଡ଼ା, ଓଡ଼ିଶା

Download Magazine from www.aahwaan.com

# ଆମେ ଓ ସମୟ

ତୁ ବି ଥିଲୁ
ମୁଁ ବି ଥିଲି
ଆମ ପାଖରେ ଥିଲା ସମୟ
ପରସ୍ପରକୁ ବୁଝିବାକୁ
ପ୍ରତ୍ୟେକଙ୍କୁ ଶୁଣିବାକୁ
ସ୍ୱପ୍ନ ଦେଖିବାକୁ
ପ୍ରଜାପତି ଭଳି ଉଡ଼ିବାକୁ
ତୁ ବି ଅଛୁ
ମୁଁ ବି ଅଛି
ଆମ ପାଖରେ ଅଛି ସମୟ
ପରସ୍ପରକୁ ଦୋଷ ଦେବାକୁ
କଥା ନ ସରୁଣୁ ଦୂରେଇ ଯିବାକୁ
ସ୍ୱପ୍ନକୁ ପୂରଣ କରିବାକୁ
ନିର୍ଜନତାକୁ ଆବୋରି ବସିବାକୁ
ତୁ ବି ଥିବୁ
ମୁଁ ବି ଥିବି



ଲୀନା ଧଳ

ଅଫେରନ୍ତା ସୁଅ ଭଳି

ନଥିବ ଆମ ସମୟ

ବିତି ଯାଇଥିବା ଜୀବନକୁ

ପୁଣିଥରେ ସଜାଡ଼ିବାକୁ

ଅସମ୍ପୂର୍ଣ୍ଣ ମୁହୂର୍ତ୍ତକୁ

ସମ୍ପୁର୍ଣ୍ଣ କରିବାକୁ

କେବେ ତୁ ନଥିବୁ

କେବେ ମୁଁ ନଥିବି

ମୂକ ସାକ୍ଷୀ ଥିବ ଖାଲି

ସମୟ

ସମୟ

ସମୟ ।

# ଆମେ ସବୁ ଟିକି ଶିଶୁ

ଆମେ ସବୁ ଟିକି ଟିକି

ଟିକି ଆମ ସପନ

ଦିନେ ଆମେ ଛୁଇଁଯିବୁ

ଉଚ୍ଚ ନୀଳ ଗଗନ ।

ଟିକି ଟିକି ତାରା ଆମେ

ଚିକିମିକି ହସରେ

ଭରିଦେବୁ ମିଠା ମଧୁ

ହସ ତୁମ ଓଠରେ ।

ଟିକିଟିକି ଫୁଲ ଆମେ

ବନ ଉପବନର

ପବନରେ ବାଣ୍ଟିଦେବୁ

ସୁବାସିତ ଅତର ।

ଖୁସିମନେ ପାଠ ପଢୁ

ହେବୁ ରାଷ୍ଟ୍ର ନିର୍ମାତା

କ୍ଷୁଧା, ହିଂସା ହଟାଇବୁ

ଦେଇ ନବ ବାରତା ।



କବିତା ମହାନ୍ତି

Download Magazine from www.aahwaan.com

ଆମେ ସବୁ ଟିକି ଶିଶୁ
ଏଇ ଦେଶ ସନ୍ତାନ
ଗୋପବନ୍ଧୁ ଆଦର୍ଶରେ
ଆମେ ହେବୁ ମହାନ ।

ପ୍ରଧାନ ଶିକ୍ଷୟିତ୍ରୀ,
ସାଇଲୋଝାରପଡ଼ା ଉପ୍ରା ବିଦ୍ୟାଳୟ
କଣ୍ଟାପଡ଼ା, କଟକ

# ହାଏରେ ବିଧାତା

ହେ ସୃଷ୍ଟିକର୍ତ୍ତା ଧନ୍ୟ ତୋହର ସୃଷ୍ଟି
କିଏ ଏଠି ମରେ ଭୋକ ଉପାସରେ
କାହା ଉପରେ କରୁ ଧନ ଦୌଲତର ବୃଷ୍ଟି ।।
କିଏ ଏଠି ତରସେ ଘର ଖଣ୍ଡେ ପାଇଁ
କାହା ପାଇଁ ତୁ ଯେ ନବସ୍ଥୂମ୍ବୀ ଅଟ୍ଟାଳିକା ଗଢୁ
ଯିଏ ଏଠି ଖୋଲେ ମୁହଁ ନ୍ୟାୟ ଟିକେ ପାଇଁ
ତାକୁ ପୁଣି ଏ ସଂସାରୁ ତଡୁ ।।
କାହା ଇଜ୍ଜତ ଲୁଟେ ଏଠି ଦାନା ମୁଠେ ପାଇଁ
କିଏ ଯେ ଧାରଣ କରେ ଦେହେ ସୁନାର ଆବରଣ
ସବୁ ଦେଖି ତୁହି ବସି ତାଳି ମାରୁଥାଉ
ବାଃହରେ ତୋର ସୃଷ୍ଟି ସୃଜନ...

କୁଚିଣ୍ଡା, ଜିଲ୍ଲା-ସମ୍ବଲପୁର
ଓଡ଼ିଶା



ଅନିରୁଦ୍ଧ ସାହୁ

# ମୁଁ କର୍ଣ୍ଣ...

ଅବୋଧ ଏକ କୁମାରୀର
କୌତୁହଳତାରୁ ମୁଁ ଜାତ,
ଜନନୀ ମହାସତୀ
କିନ୍ତୁ
ବୁକୁଭରା ବାତ୍ସଲ୍ୟରୁ ବଞ୍ଚିତ
ମୁଁ ଉପେକ୍ଷିତ ଏକ ଦାୟାଦ

ମମତାର ଆଞ୍ଜୁଳୀଟିଏ
ଅନିଶ୍ଚିତତାର ଅତଳ ଜଳରାଶିରୁ
ଦିନେ ମୋତେ ତୋଳିନିଏ
ଦୁନିଆ କହେ ମୁଁ ସୁତପୁତ୍ର
କିନ୍ତୁ
ଛଳନାର ସେଇ ସୀମିତ ଛତ୍ରଛାୟାଟି
ନା ବାନ୍ଧି ରଖିପାରେ ମୋତେ
ନା ମୋ ଶିରାପ୍ରଶିରାରେ ପ୍ରବାହିତ
ଅନନ୍ତ ଏକ ଶୌର୍ଯ୍ୟର ସ୍ରୋତଟିକି,



ଅନୁସୂୟା ମିଶ୍ର

Download Magazine from www.aahwaan.com

ଅଶାନ୍ତ ମୋ ଅନ୍ତରମନ

ଅଜାଣତେ ଖୋଜିବୁଲେ

ନିଜକୁ ସାବ୍ୟସ୍ତ କରିବାର ପ୍ରକୃଷ୍ଟ ଏକ ପ୍ରାଙ୍ଗଣ

ଅନନ୍ୟ ମୋ ଏକାଗ୍ରତା

ଅତୁଳନୀୟ ମୋର ଗୁରୁଭକ୍ତି

କିନ୍ତୁ ନିଷ୍ଠାର ପରାକାଷ୍ଠା ହିଁ ଆଣିଦିଏ

ମୋ ଅନ୍ତିମ ମୁହୂର୍ତ୍ତର ସୂତ୍ର

ନିର୍ଦ୍ଦୋଷତାରେ ଦୋଷୀ

ମୁଁ ହୁଏ ଅଭିଶପ୍ତ

କୃଷ୍ଣାର କ୍ରୁର ପ୍ରତ୍ୟାଖାନରେ

ଆହତ ସ୍ୱାଭିମାନଟିଏ

ଖିନଭିନ ହୋଇଗଲା ବେଳେ

ଅଯାଚିତ ବନ୍ଧୁ ମିଳେ, ରାଜ୍ୟ ମିଳେ

ମିଳେ ବି

ନିଜସ୍ୱ ପରିଚୟର ଆସ୍ୱସ୍ତି

କିନ୍ତୁ ଦୟାର ଦାବାନଳେ ଦଗ୍ଧ

ନିଶ୍ଚିହ୍ନ ହୋଇଯାଏ

Download Magazine from www.aahwaan.com

## ନିରୁପାୟ ଏକ ଦାନବୀରର ସମସ୍ତ ନିଜତ୍ୱ

ନା କବଚ ଓ କୁଣ୍ଡଳର ପ୍ରଲୋଭନ

ନା ମାଧବଙ୍କ ପ୍ରତିପକ୍ଷତାରେ

ମୋକ୍ଷର ଆକର୍ଷଣ,

ପୂର୍ଣତାର ପ୍ରତାରଣାରେ

ମୁଁ ତ ଚିରଦିନ ହିଁ ଶୂନ୍ୟ

ଆଜୀବନ

ଅସହାୟ ଏକ ମାତୃତ୍ୱର

ସନ୍ତପ୍ତ ଅଶ୍ରୁର କାରଣ,

ମୁଁ କର୍ଣ୍ଣ,

କାଳେ କାଳେ

ବିଧିର ଏକ ଅବୈଧ ସନ୍ତାନ ।

Download Magazine from www.aahwaan.com

# ହେ ଭକ୍ତପ୍ରିୟ, ହେ ରଙ୍ଗାଧର

ଓଡ଼ିଶାର ଆରାଧ୍ୟ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରା ଅବସରରେ ଏହି କବିତାଟିକୁ ଲେଖିଛି । ପ୍ରଭୁ ଆପଣଙ୍କ କୃପାରୁ ଏ ଚିତ୍ତର ଚିତ୍ତରେ ଯାହା କିଛି ଆସିଲା ସେ ଏଠାରେ ଲେଖିଦେଲା । ହେ ଜଗବନ୍ଧୁ ଆଶା କରୁଛି ଭାବ ପ୍ରବଣରେ ଲେଖୁ ଲେଖୁ ଯଦିବି କିଛି ତ୍ରୁଟି ଥାଏ ତାହେଲେ ଏ ଅଧମକୁ ଦୟା କରି କ୍ଷମା ଦେବେ ।

"ଜଗନ୍ନାଥ ସ୍ୱାମୀ ନୟନ
ପଥଗାମୀ ଭବତୁ ମେ"



ଚିତ୍ତରଞ୍ଜନ ସାହୁ

ପାଦରୁ ଝରୁଛି ଅମୃତ ଝର,
ନୟନୁ ଖସୁଛି ପ୍ରେମର ନୀର । ।୨ । ।
କରୁ ବରଷୁଛି କରୁଣା ତୁମର । ।୧ । ।
ହେ ଭକ୍ତ ପ୍ରିୟ ହେ ରଙ୍ଗାଧର । ।୨ । ।
ବାଇଶି ପାହାଚେ କାଳିଆ ତୋର,
ଗଡ଼ିଲେଣି ଭକ୍ତ ହୋଇ ଅଧୀର । ।୨ । ।
ପତିତ ଉଦ୍ଧାର ପତିତ ଉଦ୍ଧାର । ।୧ । ।
ଜୟ ରଙ୍ଗାଧର ଜୟ ଶ୍ରୀଧର । ।୨ । ।

ବଡ଼ ଦାଣ୍ଡେ ଗଡ଼ିବ ରଥ ତୋର,

ସେଥିରେ ଯିବୁ ତୁ ମାଉସୀ ଘର । ।୨ । ।

ମା ମୋ ରଷିବେ କଥା ନ ହୋଇବେ । ।୧ । ।

କ'ଣ କରିବ ଶ୍ରୀ ରଙ୍ଗାଧର । ।୨ । ।

ସାଲବେଗ ନୁହେଁ ଦାସିଆ ନୁହେଁ,

ଅଟେ ତୁଚ୍ଛ ଦାସ ମୁ ତୋହର । ।୨ । ।

ଏତିକି ଗୁହାରି କାଳିଆ ଠାକୁର । ।୧ । ।

ତୋ ରୂପ ଦେଖିବି ରଥେ ଏଥର । ।୨ । ।

କି ଧନ ମାଗିବି ତୋତେ ଶ୍ରୀଧର,

ତୋ ଦର୍ଶନେ ମେଣ୍ଟେ ଆଶା ଚିତ୍ତର ।୨ ।

କୃପା କରୁଥିବୁ ଦୟା କରୁଥିବୁ । ।୧ । ।

ତୁ ହି ମାତା ପିତା ସଖା ମୋହର । ।୨ । ।

ଧନ ଜନ ଯଶ କି ହେବ ମୋର,

ତୁ ମୋର ସର୍ବସ୍ୱ ତୁହି ସଂସାର । ।୨ । ।

ଦୟା କରି ଯେବେ ଗୁହାରି ଶୁଣିବୁ । ।୧ । ।

ଧନ୍ୟ ହେବ ଏହି ଜୀବନ ମୋର । ।୨ । ।

ସିଙ୍ଗିରି, ଆଳି, କେନ୍ଦ୍ରାପଡା

ଭ୍ରାମ୍ୟଭାଷ : ୮୯୦୮୭୮୪୭୫୭

ଇମେଲ୍ : schittaranjan93@gmail.com

Download Magazine from www.aahwaan.com

# ସହିଦ୍ ପୁତ୍ର

ନିଜକୁ କାହିଁକି ଅନାଥ ଭାବୁଚୁ
ଧନରେ ଝରାଇ ଲୁହ
ତୁ ପରା ଏଇ ଭାରତ ମାଆର
ବୀର ସହିଦ୍ ର ପୁଅ
ମାତୃଭୂମି ପାଇଁ ପ୍ରାଣ ବଳି ଦେଇ
ଚାଲିଗଲେ ତୋର ପିତା
କାନ୍ଦୁଥିଲା ବେଳେ ମୋ ଶଂଙ୍ଖା ସିନ୍ଦୂର
ହସୁଥିଲା ତାଙ୍କ ଚିତା
ତଥାପି ବଞ୍ଚିଚି ନିରାଶା ଜୀବନେ
ତୋତେରେ ଭରସା କରି
ସହିଦ୍ ପିତାଙ୍କ ମାନ ତୁ ରଖିବୁ
ଦେଶପ୍ରେମ ମନେ ଭରି



ସୀମାରେଖା

ଜଗତସିଂହପୁର, ନାଉଗାଁ
ଓଡ଼ିଶା

Download Magazine from www.aahwaan.com

# ଅଲଙ୍କାର

ମୂଳ ବଙ୍ଗଳା ରଚନା : ସନତ କୁମାର ମିତ୍ର
ଓଡ଼ିଆ ଭାଷାନ୍ତର : ସନାତନ ମହାକୁଡ଼

ଅନେକ ଦେଇଛି ଦୁଃଖ
ମାପି ମାପି ଗଭୀରତା ତା'ର
ଆଗେ ପଛେ ରଖିଛି ସଜାଇ
ହୃଦୟେ ଭରିଛି ଭଣ୍ଡାର ।
ଅଜାଣତେ ହୋଇଛି ଧନୀ
ସବୁ ଦୁଃଖ ଆଜି ଦୀପ୍ୟମାନ
ତା' ଆଲୋକ ଦିଗ ନିର୍ଦ୍ଦେଶକ
ଆଜି ତେଣୁ ଗତିମୟ ମୁଁ ।
ନିଜେ ହିଁ ଅବାକ ହୁଏ
କାହା ସ୍ପର୍ଶ ପାଇ ନିଜଠାରୁ
ସବୁ ଦୁଃଖ ହୋଇଅଛି
ମୂଲ୍ୟବାନ ଏତେ ଅଲଙ୍କାର ।



ସନାତନ ମହାକୁଡ଼

ଗ୍ରା/ପୋ : ବେରୁଆଁବାରୀ, ନୟାଗଡ଼
୭୫୨୦୮୨, ଓଡ଼ିଶା
ଭ୍ରାମ୍ୟଭାଷ : ୦୯୩୩୯୭୧୦୧୭୮
ଇମେଲ୍ : sanmahakud@gmail.com
ୱେବ୍‌ସାଇଟ୍ : www.sanatanmahakud.in

ଆହ୍ୱାନ ଶତକ ସଂସ୍କରଣ

# ମୌସୁମୀ

ବହୁ ପ୍ରତୀକ୍ଷାର ଅନ୍ତଘଟାଇ ତୁମେ ଆସିଛ
ଖୁସିରେ ଆତ୍ମହରା ହୋଇ ପାଇବାକୁ ତୁମ ସ୍ପର୍ଶ
ମୁଁ ଯେମିତି ଅପେକ୍ଷାରତ ।
କିନ୍ତୁ ତୁମର ଏ କି ପରିବର୍ତ୍ତନ
ଅବାକ ଲାଗୁଛି ତୁମକୁ ଦେଖିଲେ
ତୁମେ ଆଉ ଆଗପରି ନୁହଁ ।
ଦାରୁଣ ଗ୍ରୀଷ୍ମର ଗଞ୍ଜଣା
ଦେଇଛି ଅଶେଷ ଯନ୍ତ୍ରଣା
ତୁମେ ଦେଖ ମୋ ଦେହରେ
କେତେ ଖଣ୍ଡିଆ ଖାବରା ।
ଭାବିଥିଲି ତୁମ ସ୍ପର୍ଶେ ଦୂର ହେବ
ମୋ ଦେହେ ଯନ୍ତ୍ରଣା
କିନ୍ତୁ ତୁମେ ଆଉ ଆଗପରି ନୁହଁ ।
ତୁମ ଆଗମନେ ବରଷାର ବାରିଧାରା ଝରିଯାଉଥିଲା
ତୁମେ ଆସିଲେ ଶୀତଳ ସମୀରଣ ବହୁଥିଲା
ପ୍ରଶାନ୍ତି ଖେଳି ଯାଉଥିଲା ଶରୀରେ ମୋହର
କିନ୍ତୁ ଆଜି ମୋତେ ଅବାକ ଲାଗେ
ତୁମେ ଆଉ ଆଗପରି ନୁହଁ
ତୁମେ ବଦଳି ଯାଇଛ....



ପ୍ରକାଶ ଚନ୍ଦ୍ର ପଣ୍ଡା

କଲ୍ୟାଣପୁର, ଭୂଇଁପୁର, ଯାଜପୁର
ପାଣିକୋଇଲି, ଭ୍ରାମ୍ୟଭାଷ : ୮୭୬୩୫୨୫୫୩୫

Download Magazine from www.aahwaan.com

# ଶେଷ ଯାତରା

ଶେଷଥର ପାଇଁ ଶେଷ ଯାତରାରେ
ରଖିବ ମୋ ପାଇଁ ଶଙ୍ଖା ସିନ୍ଦୁର,
ବୋଳି ଦେବ ଦେହେ ରଙ୍ଗ ଅବିରକୁ
ମିଶେଇ ତା ସାଥେ ରଙ୍ଗ ପ୍ରୀତିର ।
ଅଭିମାନ କରି ଯାଉଛି ମୁଁ ଚାଲି
ଫେରିବିନି ଆଉ ଡାକିଲେ ଯେତେ
ଦେଖିବାକୁ ଇଚ୍ଛା ତୁମ ଓଠେ ହସ
ସମୟ ବି ଆଉ ନାହିଁ ମୋ ହାତେ ।
ପାଇଲନି ବୋଲି ଭଲ ମୋତେ ଦିନେ
ନାହିଁ ଅଭିଯୋଗ ତୁମରି ପାଇଁ
ତୁମ ପାଇଁ ମନେ ସରିବନି ପ୍ରେମ
କରିବିନି ଘୃଣା ଦୂରେଇ ଯାଇ ।
ତୁମେ ଥିଲ ସିନା ଅଜଣା ଅଚିହ୍ନା
ନ ଥିଲ ସିନା ମୋ ପରିଚିତ
ଏବେ ତୁମେ ମୋ ସବୁଠୁ ନିଜର
ତୁମ ହାତେ ଯେବେ ରଖିଲି ହାତ ।



ଲିନା ମହାନ୍ତି

Download Magazine from www.aahwaan.com

ତଥାପି କାହିଁକି ଲାଗେ ଏକା ଏକା

ଏକା ଯିବି ଛାଡ଼ି ତୁମଠୁ ଦୂର

ହାତେ ପିନ୍ଧାଇବ ଶଂଖା ଦୁଇପଟ

ମଥାରେ ଦବ ମୋ ଟୋପେ ସିନ୍ଦୁର ।

ପାରିବନି ଶୁଣି ଅଭିଯୋଗ ମୋର

କରିବନି ରାଗ ମୋ ଉପରେ

ଥରୁଟିଏ ମୋତେ ଶୋଇବାକୁ ଦେବ

ଶେଷ ଦିନ ମୋର ତୁମ କୋଳରେ ।

# ବିବେକର କଥା

ଝରାନା ଲୁହ ତୁ ସେମାନଙ୍କ ପାଇଁ
ଯାହାର ହୃଦୟେ ତୋ ପାଇଁ ଜାଗାଟିକେ ନାହିଁ ।[୧]
ଭୁଲିଯା ତୁ ତାଙ୍କୁ ଚିରକାଳ ପାଇଁ
ନହେଲେ ତୁ ବଞ୍ଚିପାରିବୁ ନାହିଁ ।[୨]
ପ୍ରତି ମୁହୂର୍ତ୍ତରେ ତୁ ଛଟପଟ ହେବୁ
ଆଶା ଆକାଂକ୍ଷା ନେଇ ଖାଲି ଲୁହ ତୁ ଢାଳିବୁ ।[୩]
ବିଷ ଥରେ ଭରିଗଲେ ହୃଦୟରେ ଯା'ର
ସେଠୁ ଆଉ ନ ଝରିବ ଅମୃତର ଧାର ।[୪]
ଅମୃତର ଧାର ଖୋଜି ବିଷେ ଛନ୍ଦି ହେବୁ
ବିନା ଦୋଷେ ତୁହି ସଦା ଦଣ୍ଡ ପାଉଥିବୁ ।[୫]
ଏବେ ବି ସମୟ ଅଛି ଫେରିଯା ପଛକୁ
ଆଉଥରେ ସଜାଡ଼ି ଦେ ନିଜ ଦୁନିଆକୁ ।[୬]
ଶହେ ଘୃଣାଠାରୁ ଯେବେ ଦୂରେଇ ତୁ ଯିବୁ
ଗୋଟିଏ ପ୍ରେମରେ ସାରା ଦୁନିଆ ଦେଖିବୁ ।[୭]
ସେଇ ପ୍ରେମ ଦେଖାଇବ ବଞ୍ଚିବାର ରାହା
ଆଉଥରେ ଆଣିଦେବ ହରାଇଛୁ ଯାହା ।[୮]



ରୋଜା ପଣ୍ଡା

Download Magazine from www.aahwaan.com

ମିଛ ପ୍ରେମ ମିଛ ସ୍ନେହେ ଛନ୍ଦି ତୁ ହୁଅନା
ଆଜି ଠୁ ବୁଝିଯା ଇଏ ନୁହେଁ ତୋ ଦୁନିଆ ।[୯]
ଯେଉଁ ଦୁନିଆରେ ତୋ ପାଇଁ ସ୍ନେହଟିକେ ନାହିଁ
ସେଠି ବଞ୍ଚିବାକୁ ଆଶା ବାନ୍ଧୁ କାହିଁପାଇଁ ।[୧୦]
କେତେଦିନ ଆଉ ତୁହି ଅନ୍ଧ ପରି ଥିବୁ
କେତେ ରୂପ ଦେଖିଲେ ତୁ ବିଶ୍ୱାସ କରିବୁ ।[୧୧]
ଭୁଲି ଯା ଭୁଲି ଯା ତୁହି ଏମିତି ସମ୍ପର୍କ
ନହେଲେ ଲିଭିବ ତୋର ଜୀବନ ଆଲୋକ ।[୧୨]
ଆଖି ଆଗେ ଏବେ ତୋର ସ୍ୱଷ୍ଟ ସବୁକିଛି
ନିଜ ଦୁନିଆ ତୁ ଏବେ ନିଜେ ନେ ବାଛି ।[୧୩]
ଭ୍ରମେ ଆଉ ନ ପଡ଼ି ତୁ ଆଖି ଖୋଲି ଦେଖ
ମାନି ଯା ତୁ କଥା ମୋର ମୁଁ ତୋର ବିବେକ ।[୧୪]
ମନ ସିନା ଅମାନିଆ ବିବେକ ତ କରେନି ଛଳନା
ବିବେକ କଥା ମାନିଯା ତୁ ବିଳମ୍ବ କରନା ।[୧୫]

ପୂର୍ଣ୍ଣାନନ୍ଦ ଭବନ, ନେତାଜୀ ନଗର
ମଧୁପାଟଣା, କଟକ - ୭୫୩୦୧୦
ଇମେଲ୍ : roja.saumya@gmail.com

Download Magazine from www.aahwaan.com

# ଅଭୁଲା ପ୍ରେମ

ଜୀବନର ଏଇ ଶୂନ୍ୟ ହୃଦୟରେ
ରହିଥାଏ ଜଣେ ସାଥି
ପ୍ରେମ ଆଲୁଅରେ ଭିଜିଥିଲେ ଆହା
ସବୁଦିନ ଜହ୍ନରାତି ।।

ପ୍ରେମିକ ଆଖିରେ ଆଙ୍କି ହେଇଥାଏ
ପ୍ରେମିକାର ପ୍ରତିଛବି
ତା'ରି ପାଇଁ ସିଏ ସବୁ ଆଣିପାରେ
ହେଉ ସେ ଜହ୍ନ,ପୃଥିବୀ ।।

ଯାହା ବାଧା ହେଉ ପ୍ରେମିକା ପାଇଁ ତ
ପ୍ରେମିକ ଯେ ଝୁରିମରେ
ଭଲପାଏ ବୋଲି କହି ନ ପାରିଲେ
ନିଜେରହେ ନୀରବରେ ।।

ପ୍ରେମିକର ମନକଥା ବୁଝି ସେ ତ
ବଢାଇଦିଏ ତା' ହାତ
ପ୍ରେମର ପଥକୁ ଆପଣାଇ ପ୍ରେମୀ
ଭୁଲିଯାଏ ସବୁ ପଥ ।।



କ୍ଷମାନିଧି ସାହୁ

Download Magazine from www.aahwaan.com

ଆହ୍ୱାନ ଶତକ ସଂସ୍କରଣ

ସବୁଦିନ ହୁଏ ଫଗୁଣର ଦିନ
ମଳୟ ପବନ ବହେ
ପ୍ରେମିକାର ମନଲୋଭା ଚେହେରାଟି
ପ୍ରେମିକର ମନକିଣେ ।।

ଉଭୟଙ୍କ ଥାଏ ବିଶ୍ୱାସ ନିଜର
ଉଭୟେ ମିଶି ରହିବେ
ଜଣଙ୍କର ପାଇଁ ଆଉ ଜଣେ ଏଠି
ଜୀବନକୁ ବାଜିଦେବେ ।।

ପ୍ରେମ ଅଟେ ସତ୍ୟ ପ୍ରେମ ଯେ ସୁନ୍ଦର
ପ୍ରେମିକ ପ୍ରେମିକା ମନେ
ଯେତେଦୂରେ ଥାଉ ପ୍ରେମିକା ତାହାର
ବାହାରେ ସେ ଅନ୍ୱେଷଣେ ।।

ମନେ ରଖିଥାନ୍ତି ଏଇ ପ୍ରେମ ଦୁହେଁ
ପ୍ରେମ ଅତି ମନୋରମ
ଭୁଲି ନ ହେବାରୁ ପ୍ରେମ କବିତାଟି
ହେଲା ଯେ "ଅଭୁଲା ପ୍ରେମ" ।।

ଜାମପାଲି, ମେଲଛାମୁଣ୍ଡା, ବରଗଡ
ଭ୍ରାମ୍ୟଭାଷ : ୭୦୭୭୦୫୯୩୪୯

Download Magazine from www.aahwaan.com

# ପ୍ରେମ

ତୁମେ କଣ ବୁଝିବ ପ୍ରେମର ମୂଲ ?
ପ୍ରେମ ନୁହଁଇ କାଚ କିବା କାଞ୍ଚନ,
ହୀରା, ମୋତି, ମାଣିକ ନୁହେଁ ତା ତୁଲ
ସେ ଦୁଇ ଆତ୍ମାର ଅଦୃଶ୍ୟ ମିଳନ ।

ପ୍ରେମ ସାଜେ ନାହିଁ କେବେ ପ୍ରତାରଣା
ପ୍ରେମ ଶୁଣାଏ ନିରବତାର ଭାଷା,
ପ୍ରେମରେ ପର ହୋଇଯାଏ ଆପଣା
ପ୍ରେମ ପରା ବାୟାଚଢେଇର ବସା ।

ପ୍ରେମ ନୁହେଁ ଲଢ଼େଇ ହାରିବା ପାଇଁ
ପ୍ରେମ ଦିଏ କେତେ ଜୀବନ ଗଢ଼େଇ,
ପ୍ରେମ ନୁହଁଇ ନିଆଁ ଜଳିବା ପାଇଁ
ଭଂଗା ହୃଦୟ ହସେ ତା ସ୍ପର୍ଶ ପାଇ ।



ପ୍ରିୟଙ୍କା ସାହୁ

ପ୍ରେମ ତ ଶାଶ୍ୱତ ଚିରନ୍ତନ ସତ୍ୟ

Download Magazine from www.aahwaan.com

ଅଝଟ ଲୋକର ଅବ୍ୟର୍ଥ ଔଷଧ ,
ସବୁଠି ଅଛି ସେ ସ୍ୱର୍ଗ ଅବା ମର୍ତ୍ତ୍ୟ
ପ୍ରେମମାନେ ନାହିଁ ଜାତି ଧର୍ମ ଭେଦ ।

ପ୍ରେମ ଏମିତି ଏକ ଅଭୁଲା ସ୍ମୃତି
ମନେ ପଡୁଥାଏ କି ଦିନ କି ରାତି,
ପ୍ରେମ ଦିଏ କଅଁଳ ଖରାର ତାତି
ଝରା ଫୁଲରେ ବି ଭରିଦିଏ ପ୍ରୀତି ।

ସାହାନିଆଜପୁର, କଟକ

Download Magazine from www.aahwaan.com

# ଶ୍ରେଷ୍ଠ ମୋ ବାପା

ଦୁନିଆରେ ସବୁ ଦୁଃଖକୁ ସହି
ମୋତେ ସିଏ ସୁଖ ଦିଏ
ଜଗାଠାରୁ ଶ୍ରେଷ୍ଠ ମୋ ବାପା ସିଏ ।୧

ନିଜ ଆଖି ଲୁହ ଝରାଇ
ମୋ ଓଠରୁ ହସ ଫୁଟାଇ ଦିଏ
ଜଗାଠାରୁ ଶ୍ରେଷ୍ଠ ମୋ ବାପା ସିଏ ।୨

ପାଦେ ମୋ କଣ୍ଟା ପଶିଗଲେ ଯାହା
ଛାତିରୁ ଲୁହ ଜରିଯାଏ
ଜଗାଠାରୁ ଶ୍ରେଷ୍ଠ ମୋ ବାପା ସିଏ ।୩

ମୋତେ ରୋଗଗ୍ରସ୍ତ ହେଲେ ମୋ
ମାଆ ଠାରୁ ବେଶି ଚିନ୍ତିତ ହୁଏ
ଜଗାଠାରୁ ଶ୍ରେଷ୍ଠ ମୋ ବାପା ସିଏ ।୪

ମୋ ଜୀବନରେ ଯାହାଙ୍କ ଆଶୀର୍ବାଦ
ମୋର ପ୍ରଗତିରେ ଥାଏ
ଜଗାଠାରୁ ଶ୍ରେଷ୍ଠ ମୋ ବାପା ସିଏ ।୫

ଭୁଲବାଟେ ଗଲେ ବିନାଗାଳିରେ
ଠିକ୍ ବାଟ ଦର୍ଶାଇ ଦିଏ
ଜଗାଠାରୁ ଶ୍ରେଷ୍ଠ ମୋ ବାପା ସିଏ ।୬



ସୁଦର୍ଶନ ସାହୁ

କ୍ଷୀରୋ, ଷଠିପୁର, ଯାଜପୁର
ଭ୍ରାମ୍ୟଭାଷ : ୭୦୭୭୬୪୬୯୪୧

Download Magazine from www.aahwaan.com

# ଛାଡ଼ିଗଲା ପ୍ରେମଲୀଳା

ଭାରି ସୁନ୍ଦରୀ ମୋ ସୁକୁଟି ଭାଉଜ
ପତ୍ନୀ ସେ ସନିଆ ଭାଇର
ଚମ୍ପାଫୁଲ ପରି ରଙ୍ଗଟା ତାହାର
କୁଇନ୍ ଆମରି ସାହିର ।
ଦୁଇଟା ହେଲେଣି ଛୁଆ
ତଥାପି ମତେ ସେ ସବୁବେଳେ ଲାଗେ
ବାହା ହୋଇଛି କି ନୂଆ !

ଭାଉଜ ତାକୁ ମୁଁ ଡାକୁଥାଏ ସିନା
ନୁଙ୍ଗୁରୁ ପୁଙ୍ଗୁରୁ ହୁଏ
ଝରକା ପାଖରୁ ନିରେଖି ଦେଖେ ମୁଁ
ଯେତେବେଳେ ସିଏ ଶୁଏ ।
ସିଏ ବି ଏକଥା ଜାଣେ
ମନେମନେ ଭଲ ପାଉଛି ମତେ ସେ
ଭାବିଲି ବିଦିଆ ରାଣେ ।



ଶିଶିର କୁମାର ପଣ୍ଡା

Download Magazine from www.aahwaan.com

ଚୁପିଚୁପି ଦିନେ ଘରେ ତା' ପଶିଲି
ମନରେ କାମନା ବହି
ଯାହା ହେଲା ସେଇ ରାତିରେ ମୋହର
ଲାଜରେ ପାରୁନି କହି ।
ଛାଡ଼ିଗଲା ପ୍ରେମ ଲୀଳା
ଭିତରୁ କବାଟ କିଳିକି ସନିଆ
ପିଟିଲା ଧରିକି କୀଳା ।

--------------------------------

କୁଆଁସ, ମେରଦା କାଟିଆ, ଯାଜପୁର
ଭ୍ରାମ୍ୟଭାଷ : ୮୯୮୧୭୩୭୨୨୮

# ସ୍ମୃତି

ଅନେକ ଥର ତୁମକୁ ଚିରିଫାଡ଼ି
ଲୁଚାଇ ଦେଇଥାଏ ଅତୀତର ପୃଷ୍ଠାରେ,
ତୁମେ କିନ୍ତୁ ପୁଣି ବାହାରି ପଡି
ଯୋଡି ହୋଇଯାଅ ମୋ ବର୍ତ୍ତମାନ ସାଙ୍ଗରେ ।
ଯେତେବେଳେ ତୁମକୁ ଖଣ୍ଡ ଖଣ୍ଡ କରି
ପୋଡି ଦେଉଥାଅ ମୋ ବେଦନା ର ଅଗ୍ନି ,
ତୁମେ କିନ୍ତୁ ଆସି ବୋଳି ହୋଇଯାଅ
ମୋ ଶରୀରରେ ପୁଣି ପାଉଁଶ ହୋଇ ...
ଅନେକ ଥର ଟୋପା ଟୋପା କରି
ବୁହାଇ ଦେଇଛି ତୁମକୁ ମୋ ନୟନୁ,
ତୁମେ କିନ୍ତୁ ବର୍ଷ ହୋଇ ଝରିପଡ
ଭିଜାଇ ଦିଅ ମୋ ତନୁ ମନ ।
ନିଘୋଡ଼ ନିଦରେ ଶୋଇଗଲି
ତୁମକୁ ଆଉ ନ ଦେଖିବା ପାଇଁ,
ତୁମକେ କିନ୍ତୁ ଆସି ପହଞ୍ଚି ଗଲ
ବନ୍ଦ ଆଖିରେ ସ୍ୱପ୍ନଟିଏ ହୋଇ ।



ନିବେଦିତା ମିଶ୍ର

Download Magazine from www.aahwaan.com

ହାରିଗଲି ସବୁଥର ସବୁ ଚେଷ୍ଟା କରି ,

ପାରିଲିନି ତୁମକୁ ମୋଠୁ ଦୁରେଇ ..

ତୁମେ ବସ୍ତୁ, ପୃଷ୍ଠା ଅବା ନୁହଁ ଯେ ଜଳର ଧାରା,

ଜଳୁଛି ପ୍ରତିକ୍ଷଣେ ମୋ ହୃଦ ସ୍ପନ୍ଦନେ ପରା ..

C/o -ଅନୁପ କୁମାର ମିଶ୍ର


ବଙ୍ଗାଳି ପଦା

ଝାରସୁଗୁଡା

Download Magazine from www.aahwaan.com

# ହଜିଲା ଠିକଣା

ଛାଇ ଲେଉଟାଣି
ବେଳ ହେଲାଣି ।
ଉଡିଯାଇଥିଲି ତମ ସହରକୁ
ତମକୁ ଖୋଜିବାକୁ
ଏତେ ଭିଡରେ
ତମ ଠିକଣା ଖୋଜି ହେଲାନି ।।
ତମ ଚେହେରା ପରି ନକ୍ସା ଟିଏ
ଆଙ୍କି ବି ପାରୁନି
କାଳେ, ଫୁଲମାନେ
ଲୁଚାଇ ନେଇଥିବେ
ପାଖୁଡା ପଣତ ତଳେ
ମାଳି ବୁଢାକୁ କିଏ ପଚାରେ
ଖୋଜିଲି ଅନେକ
ଭଁଅରମାନେ ଯାଇଥିବା ରାସ୍ତାରେ ;
ତମ ଦେହର ବାସ୍ନାଛଡା
ମୋ ପାଖରେ ଆଉ କିଛି ନାହିଁ ।



ଲାବଣ୍ୟ ନାୟକ

Download Magazine from www.aahwaan.com

ସନ୍ତକଟେ ଥିଲେ;

ଦେଖାଇ ପଚାରିପାରିଥାନ୍ତି ମାଳିକୁ,

ୟାଙ୍କୁ ଚିହ୍ନିଛକି ......

ଇଏ ମୋ ପ୍ରିୟତମ

କହିଦିଅନ୍ତା ସେ ଠଣା ଠିକଣା

ତ' ପାଇଯାଇଥାନ୍ତି ତମ ନିକଟରେ ।।

ହେଲେ, କୋଉ ହେଲାକି .....

ଫେରିଆସିଲି

ନୀଡଫେରା ପକ୍ଷୀ ସହ

ପୁଳା ପୁଳା କ୍ଷତ ନେଇ

କିଏ ବୁଝିବ

କାହାକୁ ଦେଖେଇବି

ଚୁପ୍ ଚୁପ୍ ଲୁହ ଝୁରେ ।

ସଂଜ ହେଲେ

ତମ ମଙ୍ଗଳ ଲେଉଟାଣି ଲାଗି

ନିତି ସଂଜବତୀ ଜାଳେ

ଆମ ସ୍ୱପ୍ନ ଘର ଅଗଣାରେ

ତୁଳସୀ ଚଉରା ମୂଳେ ।।

ଭୁବନେଶ୍ୱର-୨

Download Magazine from www.aahwaan.com

# କ୍ଲାନ୍ତରେ ମୁଁ ଲେଖୁଛି କବିତା

ହୃଦୟଟା ପାଲଟି ଯାଇଛି ନିର୍ଜନ ଉପତ୍ୟାକା
କେହି କଣ ଶୁଣିପାରୁନାହାନ୍ତି ସେ ନିର୍ଜନତା ।।
କଳୁଷିତ ସମାଜଟା ମୋତେ ଦେଖାଯାଉଛି ବିଷାକ୍ତ
ବର୍ତ୍ତମାନ ମୁଁ ନୁହେଁ କୌଣସି କ୍ଷେତ୍ରରେ ଆସକ୍ତ ।।
ମନ ଓ ବିବେକ ମଧ୍ୟରେ ଚାଲିଛି ସଂଘର୍ଷ
ପ୍ରିୟ ପ୍ରୀତି ପରିବାର ଠାରୁ ତୁଟି ଯାଉଛି ବିଶ୍ୱାସ ।।
ବୁକୁ ତଳେ ଚାପିରଖିଛି ଅଜବ ସମସ୍ୟା
ଟିକିଏ ଆସ୍ୱସ୍ତି ପାଇଁ କେତେ କରିବି ପ୍ରତୀକ୍ଷା ।।
ସବୁ ମଣିଷଙ୍କ ମନେ 'ମୁଁ'କାର ତୃଷ୍ଣା
ବାସ୍ତବିକ ଜିବନେ ଆଜି ଚାଲି ଆସିଛି ବିତୃଷ୍ଣା ।।
କେହି କଣ ଶୁଣି ପାରୁନାହାନ୍ତି ମୋର ଦୁଇପଦ କଥା
ଆଜି କ୍ଲାନ୍ତରେ ମୁଁ ଲେଖୁଛି କବିତା ।।



କେଶରୀ ପ୍ରସାଦ ମହାନ୍ତି
ମହାମାଲିଆ, ପରମାନନ୍ଦପୁର, ଭଦ୍ରକ

Download Magazine from www.aahwaan.com

# ପ୍ରଭୁପ୍ରେମ

ଦୟାର ସାଗର ପ୍ରଭୁ ମୋ ପରମପିତା
ତୁମେ ଥିଲେ ସାଥେ ମୋରେ କିଛି ନାହିଁ ଚିନ୍ତା ।
ତୁମେ ମାତା ତୁମେ ପିତା ମୋ ଜୀବନସାଥି
ତୁମ ଧ୍ୟାନେ ଏ ଜୀବନ ଯାଉ ମୋର ବିତି ।
ତୁମ ଗୁଣ ଗାଇବାକୁ ନାହିଁ ମୋର ଶକ୍ତି
ସଦାକାଳ ପ୍ରଭୁପାଦେ ଥାଉ ମୋର ଭକ୍ତି ।
ସବୁ ତ ଦେଇଛ ମୋତେ ଲୋଡ଼ା ନାହିଁ ଆଉ କିଛି
ଏତିକିରେ ସନ୍ତୁଷ୍ଟ ମୁଁ ଯାହା କିଛି ଅଛି ।
ତୁମ ପାଶେ ସଦା ରହି ଥାଉ ମୋର ମନ
ଲୋଡ଼ାନାହିଁ ଧନ ଜନ ମାନ ସନମାନ ।
ତୁମ ଚରଣାରବିନ୍ଦେ କରୁଛି ମୁଁ ଅଳି
କାମ କ୍ରୋଧ ଲୋଭ ମୋହ ଯାଉ ମୋର ଜଳି ।
ସତ୍ୟ ଦୟା କ୍ଷମା ମୋର ଆଚରଣ ହେଉ
ପର ଉପକାରେ ମୋର ଜୀବନଟା ଯାଉ ।
ତୁମ ପାଶେ କରୁଛି ମୁଁ ଏତିକି ମିନତୀ
ଏ ସଂସାର ପାଇଯାଉ ଦୁଃଖରୁ ମୁକତି ।



ସୁଶାନ୍ତ କୁମାର ଧଳ

Download Magazine from www.aahwaan.com

ଚତୁଃପାର୍ଶ୍ୱେ ସୁଖ ଶାନ୍ତି ସ୍ନେହ ପ୍ରେମ ରହୁ
ହିଂସା ଦ୍ୱେଷ ବୈରୀ ଭାବ ମନରୁ ଯେ ଯାଉ ।
ସଭିଙ୍କ ମନରେ ରହିଥାଉ କେବଳ ଭାତୃଭାବ
ନାଉରୀ ହୋଇ ବାହିନିଅ ଏହି ସଂସାରର ନାବ ।

ଜୟନ୍ତରା, ଦଶରଥପୁର, ଯାଜପୁର
୭୫୫୦୦୭, ଓଡ଼ିଶା

Download Magazine from www.aahwaan.com

# ଶାଳିନୀ ତୁମେ କେମିତି ଅଛ ?

ଶାଳିନୀ ତୁମେ କେମିତି ଅଛ
ବୋଲି ତୁମ କଥା ଭାବୁଥିଲି ... ?
ହଠାତ୍ ...
ସେ ଦିନ ଦୁଇ ଟଙ୍କିଆ ଚାଉଳ ବାଣ୍ଟିବା ବେଳେ
ଦେଖା ହେଲା ଶାଳିନୀ ସାଥିରେ ।
କେଶ, ବାସ ଅସ୍ତ ବ୍ୟସ୍ତ
ରୁଗ୍ଣ ଦେହକୁ ଲୁଚାଉଥିଲା ସେ
କୋତରା, ମଇଳା ଲୁଗାରେ
ଯାହାକୁ ବହୁତ ଦିନ ହେବ
ଛୁଇଁ ନଥିଲା ସାବୁନ୍ କି ଡିଟରଜେଣ୍ଟ ।
ତାକୁ ଦେଖିଲେ ଯେ ଜଣାପଡୁଥିଲା
ଦୁଃଖର ସାଗରରେ
ଉବୁଟୁବୁ ହେଉଥିବା ମଣିଷଟିଏ ବୋଲି ।
ତଥାପି ପଚାରିଲି ...
ଶାଳିନୀ ତୁମେ କେମିତି ଅଛ ... ?
ଦୁଇ ନୟନରେ ବହି ଆସୁଥିବା ଲୁହକୁ ଚାପି



ଅରୁଣ କୁମାର ପାତ୍ର

Download Magazine from www.aahwaan.com

ଥରିଲା ଓଠରେ ହସ ଫୁଟାଇ
ସେ କହିଲା ... ବାବୁ ଭଲ ଅଛି ।
ପୁଣି ଥରେ ପଚାରିଲି...
ଚାଉଳ ନେବା ପାଇଁ ଆସିଛ
ସେ କହିଲା ନାହିଁ ବାବୁ
ବିପିଏଲ୍ କାର୍ଡ ପାଇଁ ଆସିଛି ।
ତୁମର କ'ଣ ବିପିଏଲ୍ କାର୍ଡ ନାହିଁ ... ?
ସେ କହିଲା – ବାପା ମରିଯିବା ପରେ
ଆମ କାର୍ଡକୁ ବାତିଲ୍ କରି ଦେଇଛନ୍ତି ।
କାର୍ଡ ମାଗିଲେ କହୁଛନ୍ତି
ଯାଆଞ୍ଚ ହେବ
ତୁମେ ବିପିଏଲ୍ ଭୁକ୍ତ ନା ନାହିଁ
ଧାଇଁ ଧାଇଁ ପାରାଗନ୍ ସରିଲାଣି
ହେଲେ କାର୍ଡ ମିଳୁନାହିଁ ।
ସେ ସମୟରେ ଜଣେ ଚିହ୍ନା ଜଣା ଲୋକ
ଯାହାର ପୋଷାକରୁ ଭାସି ଆସୁଥିଲା
ଦାମୀ ଅତରର ବାସ୍ନା
ପାଟି କରି କହୁଥିଲା ହେ ବାବୁ ... !
ଗହଳି କାହିଁକି କରୁଛ ... ?

Download Magazine from www.aahwaan.com

ରାସ୍ତା ଛାଡ଼ ମୁଁ ଦୁଇ ଟଙ୍କିଆ
ଚାଉଳ ନେବାକୁ ଆସିଛି ।
ମୁଁ ଚାହିଁ ରହିଥାଏ ସେହି
ଚିହ୍ନ ଜଣା ଲୋକଟିକୁ
ଏବଂ ଶାଳିନୀର ଶୁଖିଲା ମୁହଁକୁ ।
ଦିନ ଯାଇ ସଞ୍ଜ ହେଲା ...
ବିପିଏଲ୍ କାର୍ଡ ପାଇଁ
ଧାଡିରେ ଠିଆ ହୋଇ ରହିଥିଲା ଶାଳିନୀ
କିନ୍ତୁ ବାବୁ ଶେଷରେ କହିଲେ –
ଯାଆଞ୍ଚ କରି ଦେଖିଲି ତୁମେ
ବିପିଏଲ୍ ନୁହଁ ଏପିଏଲ୍ ଭୁକ୍ତ
ତେଣୁ ତୁମକୁ ଚାଉଳ ମିଳିବ ନାହିଁ ।
ମୁଁ ମଧ୍ୟ କିଛି ବି ସାହାଯ୍ୟ କରିପାରିନଥିଲି
ଶାଳିନୀ କୁ
ସେଠାକାର ... ପରିବେଶ ଓ ପରିସ୍ଥିତିକୁ ଦେଖି ।

ଶିକ୍ଷକ, କେନ୍ଦୁପଦର, ଫୁଲାବଣୀ-୭୬୨୦୦୧
କନ୍ଧମାଳ ଜିଲ୍ଲା (ଓଡ଼ିଶା), ଭ୍ରାମ୍ୟଭାଷ : ୯୪୩୭୭୬୫୨୭୫
ଇମେଲ୍ : arunpatra21171@gmail.com

Download Magazine from www.aahwaan.com

ଆହ୍ୱାନ ଶତକ ସଂସ୍କରଣ

# ଯେଉଁଠି ଥାଅ ଭଲରେ ଥାଅ

ଦେଖ କେତେ ଯୁଗ ବିତିଲେଣି
ତୁମ ବିଦାୟ ପରଠୁ
ମୁଁ ପୁଣି ନିଜକୁ
ବଞ୍ଚିଥିବାର
ଅନୁଭବିଲିଣି ।
ତମ ବିନା
ଏ ଭିତରେ କଣ
ଖୁବ୍ ଜଲଦି ଦିନ ଆସି
ରାତି ହୋଇଯାଉଥିଲା
ମୋର ତ କାହିଁ ମନେ ନାହିଁ
ତମ ଯିବା ଦିନଠୁ
ଆଜିଯାଏ
କିଛି ଘଟିଥିବା ପରି
ଆଜି ଯେ ମୁଁ ପୁଣି
କବିତା ଲେଖୁଛି
ଏତେ ବର୍ଷ ପରେ



ଡା ନୀଳମାଧବ କର

ତମ ମହମରେ

ଦିହୁଡ଼ି ଜାଳୁଛି

ଏ ବୋଧେ ପ୍ରଥମ ଘଟଣା

ତମେ ଯିବାପରେ

ଯଉଠି ଥାଅ ଭଲରେ ଥାଅ

ହସୁଥାଅ, ନାଚୁଥାଅ

ଗାଉଥାଅ,

ଜୀବନର ମତୁଆଲା ଗୀତ

ଯଉଠି ଥିଲେ ବି - ମୁଁ ଶୁଣିବି

ଗୁଣୁଗୁଣେଇବି

ଆଉ ତୁମ ପାଇଁ

କବିତା

ଲେଖି ଚାଲୁଥିବି ।

ଓଲ୍‌ଭର୍‌ହାମ୍ପଟନ୍, ବ୍ରିଟେନ୍

ଇମେଲ୍ : nmadhab@yahoo.com

Download Magazine from www.aahwaan.com

# ଅବୁଝା ଏ ମନ

ନୀରବ ଆକାଶ ଏଠି ନୀରବ ପୃଥିବୀ
ଆଖିରେ ମୋ ଆଖିଏ ସପନ
ମୋ ଭାବନା ଯେତେ ସବୁ ଉଆଁସର ରାତି
ତୁମେ ପ୍ରିୟା ପରଦେଶୀ ଜହ୍ନ ।

ଯେତେ ମୁଁ ଖୋଜିବି ପାଗଳ ସାଜିବି
ନିଜେ ନିଜଠାରୁ ଧିରେ ମୁଁ ହଜିବି
ହଜିଯିବ ଦିନେ ଏଇ ଜୀବନ
ନୀରବ ଆକାଶ ଏଠି ନୀରବ ପୃଥିବୀ
ଆଖିରେ ମୋ ଆଖିଏ ସପନ...



ସିଦ୍ଧେଶ୍ୱର ତ୍ରିପାଠୀ

ମୋ ଚଲାବାଟରେ ମୁଁ ଏକା ବାଟୋଇ
କାହା ପାଦଚିହ୍ନ ନାହିଁ
ଏମିତି ଅନ୍ଧାର ଏଇ ପଥ ମୋର
କିଏ ବା ଆସିବ କାହିଁ ।

Download Magazine from www.aahwaan.com

ବାଟସାରା ମୋର ପ୍ରତାରଣା ନିଆଁ

ମିଳିବନି ପ୍ରୀତିର ପବନ

ନୀରବ ଆକାଶ ଏଠି ନୀରବ ପୃଥିବୀ

ଆଖିରେ ମୋ ଆଖିଏ ସପନ...

କହିଥିଲା ଯିଏ ମୋର ମଥା ଛୁଇଁ

ଭୁଲିଗଲା ସିଏ ମିଛେ ଭଲ ପାଇ

ଦେଇଗଲା ଖାଲି ସେ ଦହନ

ନୀରବ ଆକାଶ ଏଠି ନୀରବ ପୃଥିବୀ

ଆଖିରେ ମୋ ଆଖିଏ ସପନ...

କବିର ଘର, କୁଣ୍ଡିଲୋ, କେରଙ୍ଗ, ଖୋର୍ଦ୍ଧା

ଭ୍ରାମ୍ୟଭାଷ : ୮୦୧୮୬୪୬୭୦୪

Download Magazine from www.aahwaan.com

# ସକାଳର ଅନୁଭୂତି

ପାହାନ୍ତା କାକର କୁହୁଡ଼ି ଭରା
ଟିପି ଟିପି ମାରେ ଶିଶିର ପରା ।
ମହୁଲ ଗଛର ଫୁଲକୁ ଦେଖ
ତଳେ ପଡ଼ିଯାଇ ବାସୁଛି ପାଖ ।
ନିଦରୁ ଉଠିଣ ଚଷା ଭାଇଟା
ବିଲକୁ ନେଉଛି ଶଗଡ଼ ପଟା ।
ଗାଁ ବ୍ରାହ୍ମଣଟା ସ୍ନାନ ଯେ ସାରି
ଯାଉଛି ହରଙ୍କୁ ସେ ପୂଜା କରି ।
ବାଡ଼ି ଆମ୍ବଗଛ ଡାଳରେ ବସି
କୋଇଲି ହେଉଛି ତା ଗୀତେ ଖୁସି ।
ନଟିଆର ଦେଖ ମଉନା ଗୀତ
ବୁଲି ବୁଲି କରେ ମୁଢ଼ି ବିକ୍ରୀ ତ ।
ଏ ଘର ଭାଉଜ ସେ ଘର ଭାଇ
ଡେଇଁ ଡେଇଁ ଯାଏ ଖବର ଦେଇ ।
ପରିବାବାଲାର ଏଡ଼ିକି ନାଟ
ଆଳୁ, ବାଇଗଣ, ପୋଟଳ ହାଟ ।



ସୁଦାମ ଲେଙ୍କା

Download Magazine from www.aahwaan.com

ଗୁହାଳ ଘରେ ଯେ ବାଛୁରୀ ଡିଏଁ
କ୍ଷୀର ପିଇଦେଇ ଧରା ନ ଦିଏ ।
ଗଉଡ଼ ବାଲାର କ୍ଷୀରକୁ ଦେଖି
ପ୍ରୀତି ଅପା ଦେଲା ମୁରୁକି ହସି ।
କାଉ ରାବି ଯାଏ ଆକାଶ ତୀରେ
ସକାଳର ଏହି ଊର୍ଦ୍ଧ୍ୱ ବୁକୁରେ ।
ଉଠ ହେ ମଉସା ମାଉସୀ ମୋର
ଶୁଭେଚ୍ଛା ସଭିଙ୍କୁ ଶୁଭ ସକାଳର ।

# ଦୁନିଆର ଖେଳ

ଆହେ ଜଗତର ନାଥ, ହେ ଜଗନ୍ନାଥ ।।।
ଜାଣି ମୁଁ ପାରେନା ପ୍ରଭୁ, କିଏ ମିଛ କିଏ ସତ ।।।୧
କାମ ଭଲ କଲେ ଏଠି ମିଳେ ତିରସ୍କାର ।।।
କହି ମିଠା କଥା ପଛେ ସାଜନ୍ତି ଜହର ।।।୨
କରିବି ମୁଁ ଆଜି, କାହା ପାଖେ ଗୁହାରି ।।।
ପ୍ରଭୁଙ୍କ ମନ୍ଦିରରୁ ଏଠି, ହୁଏ ପୁଣି ଚୋରି ।।।୩
ଏଠି ସାଜେ ଚୋର, ସମସ୍ତଙ୍କ ଲିଡ଼ର ।।।
ଖାଇ ଖୋଳ କରିଦିଏ, ସାରା ଏ ସଂସାର ।।।୪
ଖେଳ କରେ ଟଙ୍କା, ମଣିଷଙ୍କୁ କରେ କୁକୁର ।।।
ପାପୀ ସହ ମିଶିଯାଇ, କହେ କଥା ମଧୁର ।।।୫
ଯୋଗ୍ୟ ଥାଇ ମିଳେ ନାହିଁ, ହକ ଏଠି ନିଜର ।।।
ତେଲିଆ ମୁଣ୍ଡରେ ଢଳାଯାଏ ତେଲ, ଅଦ୍ଭୁତ ଏ ସଂସାର ।।।୬



ଶୁଭମ କୁମାର ଧଳ
ଯାଜପୁର (ପଛିକୋଟ), ଓଡ଼ିଶା

Download Magazine from www.aahwaan.com

# ଏଇ ତ ନାରୀ ଜୀବନ

ମାଆର ଗର୍ଭରୁ କେବେ ସେ ହୋଇଯାଏ ଧ୍ୱଂସ,
ଦୁନିଆ ଆଲୋକ ଦେଖିବା ଆଗରୁ ହୁଅଇ ନିଃଶେଷ ।
ନାରୀ ଜୀବନରେ ଦୁଃଖ ଏକା ହିଁ ତା ସାଙ୍ଗ,
ପରାଧୀନତାରେ ବନ୍ଧା (ସେ) ନୁହେଁ ମୁକ୍ତ ବିହଙ୍ଗ ।
ଫୁଲ ପରି ଫୁଟେ ଘର ଅଗଣାରେ,
ବାସ ବିତରିବା ପାଇଁ ଜନ ମାନସରେ ।
ପୁଣି କେବେ ଦୀପଶିଖା ସାଜି ଆଲୋକ ଭିତରେ,
ନିଜେ ଜଳି ଜଳି ରହି ଅନ୍ଧାରରେ ।
ମାଆ ହୋଇ ବୁଝେ ସଂସାର ବେଦନା,
କର୍ତ୍ତବ୍ୟ ପଥରୁ ତିଳେ ସେ ହଟେନା ।
ଭଗିନୀର ସମ ମମତା ଦିଅଇ,
ସଭିଙ୍କୁ ହସାଏ ଲହୁ ଲୁହ ପିଇ ।
କନ୍ୟା ରୂପେ ଭାସେ ମଧୁର,
ଉଜ୍ଜ୍ୱଳ କରଇ ଘର, ପରିବାର ।
ସର୍ବଂସହା ସେହି ନାରୀର ଜୀବନ,
ଧନ୍ୟ ସେହି ନାରୀ ଧନ୍ୟ ଧନ୍ୟ ତାର ମନ ।



ପ୍ରିୟଙ୍କା ପ୍ରିୟଦର୍ଶିନୀ ପାଢ଼ୀ

Download Magazine from www.aahwaan.com

ବିଷ ତୁଲ୍ୟ ସମାଜର ନିନ୍ଦା, ଅପମାନ,

ହସି ହସି କରେ ଅମୃତ ଭଳି ପାନ ।

ସହେ ପୁଣି କଳଙ୍କର ଟୀକା ବୋହି ମଥେ,

ଡରିଯାଏ ନାହିଁ, ହାରିଯାଏ ନାହିଁ ନିଜ ଜୀବନର ଚଲାପଥେ ।

ଖଣ୍ଡିତର, ରସୁଲପୁର, ଯାଜପୁର

୭୫୫୦୫୧, ଓଡ଼ିଶା

Download Magazine from www.aahwaan.com



# ନାରୀ... ସ୍ନେହର ପ୍ରତୀକ



ପ୍ରମୋଦ କୁମାର ପ୍ରଧାନ

ସମାଜରେ ବଢ଼ିଚାଲେ
ନାରୀ ନିର୍ଯ୍ୟାତନା
ସେଥିପାଇଁ ଦାୟୀ କିଏ
ଜାଣ କି ଜାଣନା... [୧]

କାର୍ଯ୍ୟକ୍ଷେତ୍ରେ ଅବା ଦେଖ
ଦେଖ ଘରେ ଘରେ
ନାରୀ ନିର୍ଯ୍ୟାତନା ବଢ଼େ
ପ୍ରଖର ବେଗରେ... [୨]

ଶାଶୁ ଦିଏ ନିର୍ଯ୍ୟାତନା
କେଉଁଠି ବୋହୂକୁ
ବୋହୂ ଦିଏ ନିର୍ଯ୍ୟାତନା
କେଉଁଠି ଶାଶୁକୁ... [୩]

ଯଉତୁକ ନିର୍ଯ୍ୟାତନା
ଭୋଗେ କେଉଁ ନାରୀ
ନିରୀହ ଜୀବନ ତା'ର
ସାଜଇ ବଇରୀ... [୪]

Download Magazine from www.aahwaan.com

ରାସ୍ତାଘାଟେ ଦେଖ ଅବା

ଦେଖ ଦେବାଳୟେ

ଅସୁରକ୍ଷିତ ଜୀବନ

ସୁରକ୍ଷିତ ନୁହେଁ... [୫]

ନାରୀ ହୁଏ ଶତ୍ରୁ ପୁଣି

କେଉଁଠି ନାରୀର

ନିର୍ଯ୍ୟାତନା ଦେଇଥାଏ

ହୋଇ ଆପଣାର... [୬]

ଅଶିକ୍ଷା, କୁଶିକ୍ଷା ଆଉ

ନିଶାସକ୍ତ ହୋଇ

ଭୁଲି ଯାଉଅଛୁ ଆମେ

କର୍ତ୍ତବ୍ୟକୁ ଭାଇ... [୭]

ନାରୀ ବିନା ସୃଷ୍ଟି ନାହିଁ

ନାହିଁ କାହା ସ୍ଥିତି

କନ୍ୟା, ଭଗିନୀ ଓ ଜାୟା

ମାଆର ସେ ମୂର୍ତ୍ତି... [୮]

ମାଆର ସ୍ୱରୂପ ଯଦି

ଦେଖିବା ତା'ଠାରେ

କାମନାର ନିଆଁ ଆଉ

Download Magazine from www.aahwaan.com

ନଥିବ ମନରେ... [୯]

ବଂଶ ରକ୍ଷାକାରୀ ସିଏ

ପ୍ରତୀକ ସ୍ନେହର

ସସମ୍ମାନେ ଘରେ ରଖ

ଦେଇକି ଆଦର... [୧୦]

ବଇଣ୍ଡା, ଅନୁଗୋଳ, ଓଡ଼ିଶା

Download Magazine from www.aahwaan.com

# କବି, ନାୟକ ଓ ପ୍ରେମିକ

ଲେଖା ମୋ ଜୀବନ, ଲେଖା ମୋ ସପନ
ଲେଖିବା ମୋ'ର ନିଶା
ନୀଳ ଦରିଆର ନୀଳ ଢେଉପରି
ଅସୁମାରୀ ମୋର ଆଶା ॥[୧]

କାହାପାଇଁ ଲେଖେ ନିଜେ ତ ଜାଣେନା
ଲେଖିବାକୁ ଚାହେଁ ମନ
କିଏ ମୋ କବିତା ପଢୁ କି ନ ପଢୁ
ପଢୁଥାଏ ମୋ ଜୀବନ ॥[୨]

କେତେବେଳେ ଲେଖେ ଋତୁର ସୌନ୍ଦର୍ଯ୍ୟ
ଆଉ କେବେ ଚିତ୍ର ଜହ୍ନର
ତଥାପି ଏ ମନ କାହିଁ ପ୍ରକୃତି ସାଥିରେ
ରଖେ ଚିହ୍ନ ବନ୍ଧୁତାର ॥[୩]

ପ୍ରକୃତିର ପଥିକ ଖୁସିର ପ୍ରେମିକ
ନାୟକର ଏହା ପରିଚୟ
ଏହା ଖାଲି ସତ ନୁହେଁ ମୁଁ କାହାର
ନାହିଁ କିଛି ଅଭିନୟ ॥[୪]



ରାମ କଲତା

Download Magazine from www.aahwaan.com

ଯାହାକୁ ଭାବେ ମୁଁ ମୋ ମନର ମିତ
ଭୁଲନ୍ତି ମୋତେ ଭାବି ପ୍ରେମିକ
କେତେଦିନ ଏମିତି ଭୁଲ ବୁଝାମଣା
ମୁଁ ତ ଅତି ଆପଣାର ପଥିକ ।[୫]

ମୁଁ ପ୍ରକୃତିର ଜଣେ ଘନିଷ୍ଠ ବନ୍ଧୁ
ଜାଣେନା ମନ କିଏ ନେଇଛି
ପ୍ରକୃତିର ପଥେ ପଥେ ବୁଝେନାହିଁ ମନ
କାହାକୁ ଏ ଆଖି ଖୋଜୁଛି ।[୬]

କିଏ ମୋତେ ଭଲ ପାଉଛି ଜାଣେନା
କିଏ ତ ନେଇଛି ହୃଦୟ
କାହାକୁ ଏ ମନ ଦେଇଛି ଜାଣେନା
ନାହିଁ ମୋ ପ୍ରେମ ପରିଚୟ ।[୭]

ଡୁଙ୍ଗୁରିପାଲି, ଖାରୀ, ସୁବର୍ଣ୍ଣପୁର ଜିଲ୍ଲା, ଓଡ଼ିଶା
ଭ୍ରାମ୍ୟଭାଷ : ୭୭୫୨୦୮୯୧୬୫

# ପୁଣି ! କାହିଁକି ?

ପୁଣି ଏକ ଦୁର୍ଘଟଣା
ପୁଣି ଏକ ଶିଶୁ କନ୍ୟା
ବଳି ପଡିଛି ଗୋଟେ
ରକ୍ତ, ମାଂସର କୋମଳ
ଶରୀର, ତରୁଣୀଟିଏ ।

ପୁଣି ଏକ ବିରୋଧ,
ପୁଣି ମହମବତୀ ଯାତ୍ରା
ପୁଣି ରାସ୍ତାରୋକ ଭଙ୍ଗାରୁଜା
କାରଣ, ନାବାଳିକାଟିଏ ।

ପୁଣି ଆସିବେ ନେତା
ପୁଣି ହେବ ରାଜନୀତି
ଆରମ୍ଭ ହେବ ଲୋକ ଦେଖାଣିଆ
ରୀତି ନୀତି ରାଜନୀତି
କାରଣ, ବଳିପଡିଛି



ଚନ୍ଦ୍ରକାନ୍ତ ପହି

Download Magazine from www.aahwaan.com

ବାଳିକାଟିଏ ।

ପୁଣି ଏକ ବଳାତ୍କାର
ପୁଣି ଏକ ବଳାତ୍କାରୀ
ପୁଣି ଏକ ଆସିଫା, ନିର୍ଭୟା
କାରଣ, କୋମଳ ନିଷ୍ପାପ !
କଳିକା ଟିଏ ।

ପୁଣି କାନ୍ଦିବ ମା ଟିଏ
ପୁଣି ଛାତି ଫାଟିବ ବାପାର
କାନ୍ଦିବେ ପରିବାର
ଆଉ ହୋଇଯିବେ ଚୁପ୍
କାରଣ ! ଗରିବ ଟିଏ
ନିଃସହାୟ ଟିଏ ।

ପୁଣି ହେବ ଚର୍ଚ୍ଚା
ପୁଣି ତେଜିବ ଧର୍ମ
ଲଢ଼ିବେ ହିନ୍ଦୁ ମୁସଲମାନ
ପୁଣି ହେବ ଦଙ୍ଗା ମାଡ଼ପିଟ୍

Download Magazine from www.aahwaan.com

କାରଣ , ସେ ନିରୀହ
କନ୍ୟା ଟିଏ ।

ପୁଣି ! କାହିଁକି ଏ ପୁଣି ?
ହେ ମଣିଷ !
ନା ! ହେ ଦାନବ !
କାହିଁକି ତୋର ଏ ଅମାନବିକତା
କାହିଁକି ଏ ଦୁଷ୍କର୍ମ
ତୋର ମନେ ନାହିଁକି
ତୋ ମା ! ଝିଅ ! ଭଉଣୀ !

ପୁଣି ! କାହିଁକି ଏ ମନସୁର୍ ର ଝିଅ
କାହିଁକି ଏ କୋମଳ ଶରୀର
କାହିଁକି ଏ ନିଷ୍ପାପ ଚେହେରା !
ପୁଣି କାହିଁକି ଏ କାନ୍ଦ ?
କଣ ଏମିତି ବଦଳିଛି ଦୁନିଆ ?

ବିଶ୍ୱଭାରତୀ, ଶାନ୍ତିନିକେତନ
ଭ୍ରାମ୍ୟଭାଷ : ୭୩୭୭୭୨୪୨୫୨

Download Magazine from www.aahwaan.com

# ପ୍ରଥମ ପ୍ରେମ

ଜୀବନର ବହୁତ କିଛି
ବଦଳାଇ ଦିଏ ଏ ପ୍ରଥମ ପ୍ରେମ !
ସ୍ମୃତି ସିନ୍ଧୁକରୁ
ଆଞ୍ଜୁଳା ଆଞ୍ଜୁଳା ଉତ୍ସାହ ଢାଳିଦେଇ
ଅତୀତର ପଣତରେ ଯେବେ
ହଜିଯାଏ ସେ ପହିଲା ବସନ୍ତର ବର୍ଣ୍ଣବିଭା
ତେବେ କିଛି ବେଳ କଟିଯାଏ
ସ୍ୱପ୍ନ ଓ ଭାବନା ସମୂହକୁ ଫେଣ୍ଟି ଫେଣ୍ଟି...

ପ୍ରଥମେ ପ୍ରଥମେ ମନ ଚୁପ୍ ଚୁପ୍ ଥାଏ
ପରେ ତାର ଅସ୍ତିତ୍ୱକୁ ପାଇବାକୁ
ଚିର ଇପ୍ସିତ ଲକ୍ଷ୍ୟକୁ ସାକାର କରିବାକୁ
ବ୍ୟାକୁଳ ଓ ବ୍ୟଗ୍ର ହୋଇଯାଏ ।

କାହା ସାଙ୍ଗେ ସାଲିସ୍ ନ କରି
ମିଛ କହେ, ବିରୋଧ କରେ



ରାଜେଶ ପୂଜାରୀ

Download Magazine from www.aahwaan.com

ବିଦ୍ରୋହ ସକାଶେ ସଦା ତତ୍ପର ଥାଏ ।

କିନ୍ତୁ ଏକ ନାଟକୀୟ ମୁଖାର

ଆବରଣ ତଳେ

ସୁଖର ରଙ୍ଗ ମାଖେ

ଖିଲି ଖିଲି ହସରେ ଫୁଲିଉଠେ

ବେଲୁନ୍ ଟିଏ ପରି ।

ସତରେ

କେତେ କ'ଣ ନ କରାଏ

ଏ ପ୍ରଥମ ପ୍ରେମ ।

Download Magazine from www.aahwaan.com

# ପଥ

ଜନ୍ମରୁ ମୃତ୍ୟୁ
ପର୍ଯ୍ୟନ୍ତର ସିଢ଼ିଟିଏ ପରି
ବଢ଼ି ଯାଇଛି
ପଥ ଅସରା
ଆଗକୁ ଆଗକୁ
କେବଳ ଆଗକୁ...

ଅଥକରେ
ଚାଲିବାକୁ ପଡ଼େ
ଥକିବାର ବେଳ ନାହିଁ ଘଡ଼ିଏ
ପଡୁ ଯାହା ମୋଡ଼
ଜାରି ରହୁ ଦୌଡ଼...

କେବେ ହସ କେବେ କାନ୍ଦ
ସରଳ ସବୁବେଳ
ଆପେ ଥିଲେ ଭଲ



ରାଜେଶ ପୂଜାରୀ

ଦୃଢ଼ଥିଲେ ମନୋବଳ

ଯାତ୍ରା ହୁଅଇ କୁଶଳ

ନଚେତ୍ ନିଜ ଅଭାବ ପୂରଣ

କରି ନ ପାରିବା କ୍ଷୋଭରେ

ଭୂତ ପ୍ରେତ ହୋଇ

ଡାଳ ପତ୍ର ହେବା ସାର ।

Download Magazine from www.aahwaan.com

# ସପନ

କେବେ ଆସ ଅନ୍ଧାରେ ତ କେବେ ଦିବାଲୋକେ

କେବେ ଆସ ବିଳାସରେ ପୁଣି କେବେ ଭୋକେ ।

କେବେ ଆସ ଦୀପ ଜାଳି ମନର ମନ୍ଦିରେ

କେବେ ଆସ ପୁଣି କୋଉ ମନର ଫନ୍ଦିରେ ।

କେବେ ଆସ ଦୁଇ ନୟନେ ପଲକ ପକେଇ

କେବେ ଆସ ପୁଣି ଲୋତକ ଆସିଲେ ଜକେଇ ।

କେବେ ଆସ ମନେ ଶାନ୍ତିର ବାରତା ବାହି

କେବେ ଆସ କବି କଲମର ବନି ସ୍ୟାହି ।

କେବେ ଆସ ଆସ ଘେନି ସାଥେ ଆଶ୍ୱାସର ନଦୀ

କେବେ ଆସ ପୁଣି କାହା ହୃଦୟକୁ ଭେଦି ।

କେବେ ଆସ ନେଇ ସାଥେ ଅଗ୍ନିପିଣ୍ଡର ଝାସ

କେବେ ଆସ ପୁଣି ନେଇ ମଲ୍ଲୀର ବାସ ।



ସୌମ୍ୟରଞ୍ଜନ ପାଲ

ବଡସୋଲ, ଝାରପୋଖରିଆ, ମୟୁରଭଞ୍ଜ

୭୫୭୦୮୬, ଓଡ଼ିଶା

ଭ୍ରାମ୍ୟଭାଷ : ୯୯୩୭୮୮୯୮୩୩

Download Magazine from www.aahwaan.com

# ଧୂମ୍ରାଭ ଦିଗନ୍ତ

ରଜନୀ ଗର୍ଭୁ ପ୍ରଶବିତ ପ୍ରଭାତେ
ହୀମାଦ୍ରୀରୁ ଅର୍ଦ୍ଧ ପ୍ରଶବିତ ସୂର୍ଯ୍ୟ
ତୁଷାରାବୃତ ଶୁଭ୍ର ଶାନ୍ତ ପୃଷ୍ଠଦେଶେ
ନଭଗାମୀ ଧୂମ୍ରାଭ ଦିଗନ୍ତ ।

କୋହଲା ପବନ ସ୍ପର୍ଶ ଭରିଦିଏ ଲୋମଗାତ୍ରେ
ଅଭୁଲା ଶୀହରଣ
ଦେହ ଥରେ କାକର ସ୍ପର୍ଶେ
ପ୍ରବାହିତ ଲୁହ ଉତ୍ତପ୍ତ ଓ ବାଷ୍ପିଭୂତ ।

ଠିକ୍ ସେଇ ସ୍ନିଗ୍ଧ ଶିଥିଳ ତୁଷାର ପୃଷ୍ଠେ
ନଭଗାମୀ ଉତ୍ତପ୍ତ ଧୂମ୍ର ପରି
ପ୍ରକୃତିର ଅଦ୍ଭୁତ ତାଡ଼ନା
ଶୀତ ଦେହୁ ଉଷ୍ମର ବାସନା ।



ଇଂ ଶେଷନାଗ ପ୍ରଧାନ

ପ୍ରବାହିତ ଉଷ୍ମ ଲହୁପାନେ

Download Magazine from www.aahwaan.com

ହୃଦୟ ଯେ ନିଶାସକ୍ତ

କାକର ଦେହକୁ ଲୋଡ଼ା

ଉଷ୍ମତାର ଏକ ସ୍ପର୍ଶ ।

ଭୁବନେଶ୍ୱର, ଓଡ଼ିଶା

ଭ୍ରାମ୍ୟଭାଷ : ୯୦୪୦୦୩୭୬୯୮

Download Magazine from www.aahwaan.com

# ଅବଲୁପ୍ତ ବ୍ୟକ୍ତିତ୍ୱ

ପ୍ରବାସୀ ମନ ମୋ ଅନ୍ତହୀନ ଯୌବନ
ଦୁର୍ବାର ଆକାଂକ୍ଷା ଅକଥନୀୟ ଯନ୍ତ୍ରଣା
ମୃତ ମୁଲ୍ୟ ବୋଧ ଖାଲି ନିର୍ଯ୍ୟାତନା
ଛାତି ଭିତରେ ମୋ ଲବଣାକ୍ତ କୋହ
ଅନ୍ତହୀନ ସମୁଦ୍ରର ବାଲି କେଇ ବୁନ୍ଦା
ପାପ ପୁଣ୍ୟ ଭାବନାର ଶେଷ ବିପର୍ଯ୍ୟୟ
କର୍ମ ଶୃଙ୍ଖଳାର ବିଶ୍ୱାସହୀନ ତାଡନା
ଜୀବନ ଯୁଦ୍ଧର ଅସହାୟ ଶୋଭାଯାତ୍ରା
ସ୍ୱପ୍ନରେ ଜେବ୍ରା ଭଳି ପଟା ପଟା ଦାଗ
ରେଳ ଇଞ୍ଜିନ ପରି ଛୁଟେ ଅସୁମାରି କୋହ
ମୁଖାପିନ୍ଧା ଲୋକଙ୍କର ତେଲମରା କଥା
ଅପସଂସ୍କୃତିର ଅସହାୟ ଯନ୍ତ୍ରଣା
ବ୍ୟସ୍ତ ମଣିଷର ବିକଳ ଆଦର୍ଶ
ନାଟକୀୟ କ୍ରୀଡାର ଯାବତୀୟ ଅଳିଆ
ଆଦର୍ଶର ମଞ୍ଜିରୁ ସୃଷ୍ଟଦ୍ୱୈତ ଭୂମିକା
ଅଭିନୟ କରୁଥିବା ପ୍ରେମ ବ୍ୟାଧି ବିକଳାଙ୍ଗ



ଆର୍ଯ୍ୟ କୁମାରୀ ପ୍ରଜ୍ଞା ପାରମିତା

Download Magazine from www.aahwaan.com

ସକ୍ଷମ ଅକ୍ଷମ ଉଦ୍‌ଭାସିତ ପ୍ରେକ୍ଷାପଟ

ସେଠି ଆସି ଅଟକିଛି ମୋ ମନ ଉତ୍କଣ୍ଠା

ଯୁଦ୍ଧ କରେ ଖାଲି ଅନ୍ତରାତ୍ମା ସାଥେ

ମୁହାଁ ମୁହିଁ ହୁଏ ମାନସିକ ବ୍ୟକ୍ତି ସତ୍ତା

ମୃତ୍ୟୁ ସାଙ୍ଗେ ଲଢେ ଯୌବନ ଫୁଲ ବଗିଚା

ସମୟ ଚକ୍ରେ ଅତିକ୍ରମ ମୃତ୍ୟୁର ଅଭିପ୍‌ସା

ଅନିଶ୍ଚିତ ପରିବର୍ତ୍ତନର ବୈପ୍ଲବିକ ଚେତନା

ଅବଲୁପ୍ତ ବ୍ୟକ୍ତିତ୍ୱର ଅତି କଳ୍ପନା

ମାନସିକ ଯନ୍ତ୍ରଣାର ଅଶାନ୍ତ ଭାବନା

ବିକ୍ରମ ପୁର, ଗଞ୍ଜାମ, ଓଡ଼ିଶା,

ଭ୍ରାମ୍ୟଭାଷ : ୯୭୭୮୧୮୧୮୪

Download Magazine from www.aahwaan.com

# ମନେପଡ଼ ତୁମେ

ତୁମରି ପରଶ ପଡ଼ଇ ମନେ ଗୋ
ସପନେ ମୁଁ ଶୋଇଗଲେ,
ନୟନେ ନାଚଇ ତୁମରି ହସଗୋ
ଭାବୁକ ହୋଇ ଭାବିଲେ ।[୧]
ଗୋରା ଗୋରା ମୁହେଁ ଭାରି ଭଲ ଲାଗେ
ତୁମ ନାଲି ନାଲି ଓଠ,
ଚାହାଣୀ ତୁମର କରେ ଆନମନା
ଦେଖିଲେ ପୁରଇ ପେଟ ।[୨]
ଚାଲିଗଲେ ତୁମେ ରୁଣୁଝୁଣୁ ବାଜେ
ତୁମ ପୟର ପାଉଁଜି,
ତୁମେ ଶାନ୍ତ, ସ୍ନିଗ୍ଧ ହୃଦୟର ରାଣୀ
ଆସ ଗୋ ମୋତେ ଆଉଜି ।[୩]
ତୁମେ ତ ମୋହର ମାନସର ଛାଇ
ସୌନ୍ଦର୍ଯ୍ୟେ ଅତି ସୁରମ୍ୟ,
ବିବର୍ଣ୍ଣକୁ ତୁମେ ବର୍ଣ୍ଣ ଦେଇଅଛ
ବୈଷମ୍ୟକୁ କରି ସୌମ୍ୟ ।[୪]



ସୌମ୍ୟଶ୍ରୀ ସୌମ୍ୟରଞ୍ଜନ ରଥ

ମୁର୍ଷୁଣ୍ଡି, ବୀରମହାରାଜପୁର, ସୁବର୍ଣ୍ଣପୁର
ଭ୍ରାମ୍ୟଭାଷ : ୯୬୬୮୮୪୬୪୯

Download Magazine from www.aahwaan.com

# ଆଜି

ଏମିତି ହୁଅନ୍ତାନି ଆଜି
ସାରା ପୃଥିବୀଟା ଭରିଯାଆନ୍ତା
ଅପୂର୍ବ ଶୋଭାରାଜିରେ
ଅନନ୍ୟ ସବୁଜିମାରେ ।
ସୂର୍ଯ୍ୟ ଟିକେ କମ ତେଜରେ
ବାଟ ଛାଡ଼ିଦିଅନ୍ତେ ବାଦଲକୁ ।
ମୃଦୁ ସମୀରଣରେ
ଶିହରିତ ହୋଇଯାଆନ୍ତା ମନ । [୧]
ଦୁନିଆର ଯେତେ ସବୁ
ଦୁଃଖୀ, ନିଆଶ୍ରୀଙ୍କ
ଦୁଃଖ ସବୁ ଉଭେଇଯାଆନ୍ତା
ଆଜି ପାଇଁ
ହସଟିକେ ଉକୁଟି ଉଠନ୍ତା । [୨]
ଆଜି ମୋ ଶତ୍ରୁମାନେ ଆସି
ମୋତେ ସମ୍ଭାଷଣ କରନ୍ତେ,
ଆଲିଙ୍ଗନ କରି



ଦେବଦତ୍ତ ମିଶ୍ର

Download Magazine from www.aahwaan.com

ଏକ ନିଶ୍ଚିତ ବନ୍ଧୁତାର
ଚୁକ୍ତିନାମା ଲେଖି ଦେଇଯାଆନ୍ତେ ।[୩]
ମୋର ଯେତେସବୁ
ନୈରାଶ୍ୟ, ହତାଶା;
ଜଡ଼ ପାଲଟି ଯାଅନ୍ତା
ଆଜି ଗୋଟିଏ ଦିନପାଇଁ । [୪]
ଆଜି କବିତାର ପଂକ୍ତିମାନେ ସବୁ
ଚାଲି ଆସନ୍ତେ କି
ଡାଏରୀର ପୃଷ୍ଠା ଉପରକୁ
ସୁନାପିଲା ପରି । [୫]
ଆଜି ଭକ୍ତମାନଙ୍କ ଡାକରେ
ସଶରୀରେ ଆବିର୍ଭାବ ହୁଅନ୍ତେ କି
ଈଶ୍ୱର, ଆଲ୍ଲା, ଯୀଶୁମାନେ
ମନ୍ଦିର, ମସଜିଦ ଗୀର୍ଜା ଛାଡ଼ି ।[୬]
ବନ୍ଦ ହୋଇଯାଆନ୍ତା କି
ମଧ୍ୟପ୍ରାଚ୍ୟରେ ଯୁଦ୍ଧର ଘନଘଟା
ଆଇଏସ୍'ର ମୁଣ୍ଡକଟା ।
ମିଶିଯାଆନ୍ତେ କି ସାରା ବିଶ୍ୱର ଶତ୍ରୁମାନେ
ଗଢ଼ି ଦିଅନ୍ତେ ରାମରାଜ୍ୟଟେ । [୭]

ମୋ ପ୍ରେମିକା

ଆଜି ମୋ ଠୁଁ ମାଗିନିଅନ୍ତା

ଏକାଥରେ ସବୁତକ ପ୍ରେମ

ଆଉ କିଛି ସ୍ପର୍ଶ ।

ଜାହିର କରନ୍ତା ତା' ପ୍ରେମିକାପଣ

ଘେରା ବାହୁ ବନ୍ଧନୀରେ । [୮]

ଏମିତି ସବୁକିଛି

ଘଟିଯାଆନ୍ତା କି ଆଜି ।

କାଲି ପାଇଁ କିଛି ନ ଥାଉ ।

କାହିଁକି ନା

ଏତେ ସବୁ ଭିତରେ

ମୃତ୍ୟୁ ବି ଆସିଯାଇପାରେ ଆଜି । [୯]

ବବକରପୁର, କେନ୍ଦ୍ରାପଡ଼ା

ଭ୍ରାମ୍ୟଭାଷ : ୯୦୪୦୯୭୦୦୩୦୩

Download Magazine from www.aahwaan.com

# ପ୍ରତିବିମ୍ବ

ଆଜି ମୋର ମନେ ପଡ଼ିଯାଏ
ସବୁ ଗୋଟି ଗୋଟି ହୋଇ
ଅତୀତର ସେ ପୁରୁଣା ଅନୁଭୂତି ।
ତମେ ବସିଥାଅ ମୋ ସାମନାରେ
ଏକ ଦମ୍ ମୂର୍ତ୍ତିଟିଏ ହୋଇ
ସୁନ୍ଦର ଦେବୀ ପ୍ରତିମାଟି ପରି ।[୧]
ତୁମ ବିପରୀତରେ ମୁଁ ଥାଏ !
ଗୋଟାପଣେ ନିଜ ପ୍ରତିବିମ୍ବକୁ
ଦେଖୁଥିବା ଅନୁଢ଼ା ନାରୀଟେ
ନଦୀରୁ ସ୍ନାନକରି ଫେରିବାପରେ
ଯେମିତି ସଜାଏ ପ୍ରତିଦିନ, ନିଜ ଚେହେରାକୁ ।[୨]
ନିଜକୁ ମୁଁ ଯେତେଥର ଯୋଡୁଥାଏ
ଅନ୍ୟ କେଉଁ ଖିଆଲରେ; ତଥାପି ତୁମେ
ମୋତେ ଲୋଡୁଥାଅ ଚାହିଁବାକୁ
ସେ ଦର୍ପିତ ଚେହେରାକୁ  ମନଭରି-
ଉପଭୋଗ ପାଇଁ ବିନା ଆମନ୍ତ୍ରଣରେ ।[୩]



ପବିତ୍ର ଦାସ

Download Magazine from www.aahwaan.com

ସେଦିନର ଆମନ୍ତ୍ରଣରେ ସିନା ଢଳିଯାଇଥିଲି

କିନ୍ତୁ ପରବର୍ତ୍ତୀ ସମୟରେ ମୋତେ

କରିବାକୁ ପଡ଼ିଥିଲା ଅନେକ ପଶ୍ଚାତାପ ।

ନଦୀପରି ତୁମେ ବହିଯାଇଥିଲ

ଅନ୍ୟ ଏକ ରାସ୍ତାରେ; ଆଉ ପଡ଼ିଥିଲି ମୁହିଁ

ଏକମାତ୍ର ପ୍ରସ୍ତର ପରାଏ ।[୪]

କନିଷ୍ଠ ଗବେଷକ,

ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ

ଓଡ଼ିଶା

Download Magazine from www.aahwaan.com

# ସାଥି

[୧]

ସମୟର ପଥ ପରେ
ଦେଖା ହୋଇଥିଲା
ତୁମ ସାଥେ,
ସାଥି ହୋଇ ରହିଗଲ
କିଛି ଦିନପାଇଁ
ଏଇ ହୃଦୟେ ।

ହେଲେ ଆଜି...
ନା ଅଛି ସେ ସମୟ
ନା ଅଛି ସେ ସାଥି
ସାଇତି ରଖିଛି ଯାହା
ଆଣ୍ଡୁଳାଏ ମିଠା ସ୍ମୃତି ।



ଅନିଲ୍ ସାହୁ

[୨]

ସତରେ...

ଫେରିଲନି ତୁମେ

ଅଫେରା ପଥର

ପଥିକ ସାଜି

ଚାଲିଗଲ ବହୁଦୂର,

କି ଦୋଷ

କରିଥିଲି ମୁଁ...

ଅଭିମାନ କରି ଟାଣିଦେଲ

ତୁମେ ମୋ ଭିତରେ ଲକ୍ଷ୍ମଣଗାର ! !

Download Magazine from www.aahwaan.com

# ଦୁଇଟା ପରାନ୍ ଗୁଟେ

ଗାଁର ବନ୍ଧଘାଟେ ଦେଖଁ ଥିଲି ତତେ
ମାଜୁଥିଲୁଁ ପାଦ୍ ରେଢି
ଚହଲା ପାନି ଥଁ ଛାଏ ହଲୁଥିଲା
ଡେଗି ଥିଲା ଛାତି ନାଡି ।
ସେ ଦିନୁଁ ମତେ ଧରଲା ଜର୍ ଗା
ଲୋକେ ହେଲେ କୁହିକୁହି
ମନେ ଭରିଗଲା ପେରେମ ଭାବନା
ଲେଖିଥିଲା କାଏଁ ବିହି ।
ଆମର୍ ଘର ଲୁକେ କଥା ପକାଲେ
ଦୁହିଁକେ ଛନ୍ଦାଁବା ଲାଗି
ତୋର୍ ବୁଆମାଆଁ ପଚାର୍ଲେ ବେଲେ ଗା
ଗାର୍ କାଟିଥିଲୁ ବସି ।
ସାତ୍ ଜନମଟା ବନ୍ଧା ଥୀସନ୍ ପରେ
ଦୁଇଟା ପରାନ୍ ଗୁଟେ
ହାତ୍ ଧରା ଧରି ଚାଲମାଁ ମିଶି ଯେ
ଦୁନିଆଁର ଚଲା ବାଟେ ।

*ଇନେ ସରଲା*



ଆଶୁତୋଷ ମେହେର
୫୪ ଆର୍ଯ୍ୟପଲ୍ଲୀ
କିଟଛକ, ପଟିଆ, ଭୁବନେଶ୍ୱର
୭୫୧୦୨୪, ଓଡ଼ିଶା
ଦୂରଭାଷ ୯୪୩୭୦୮୫୩୯୬

Download Magazine from www.aahwaan.com

# ମନୁଷ୍ ଜୀବନ

ନାଇ ମିଲେ ଇ ମନୁଷ୍ ଜୀବନ
ଆର୍ କେନ୍‌ସି ଜନମେ
ହସିଖୁସି ବାଟୁଁଥିମା ହୋ...
ଦୁନିଆଁ ଥି ଜୀଇଁ ଥିବା ଯାକେ [୧]

ଦୁଇ ଦିନିଆ ଇ ମନୁଷ୍ ଜୀବନ
ଆଏଜ୍ ଅଛେ କାଲ୍‌କେ ନାଇନ
ପାଏନ୍ ଫଟ୍‌କା ଲେଖେ କେତେବେଲେ
ଫସ୍‌କି ଯିବା କାହାକେ ଜନା ନାଇନ [୨]

ଅଛୁଁ ଯେତ୍‌କି ଦିନ୍ ଇ ଧର୍ତି ଥି
ମିଲିମିଶି ସବ୍‌କର୍ ସଗେଁ ରହେମା
ରାଗ୍‌ରିଷ୍ ଛାଡ଼ି ଭଲ୍ ପାଇକରି
ଦୁଃଖ୍‌ସୁଖ୍ ବାଟିଁ ସବ୍‌କୁ ନିଜର୍ କର୍‌ମା [୩]

ଆଇଛୁଁ ଏକେଲା ଜିମା ହୋ ଏକେଲା
କିହେ ନାଇଯାଏ ଆମର୍ ସଗେଁ
ଲାଡ୍‌ଗେଲ୍ ଯେତ୍‌କି ହେଇଥିମା ଇଥି
ସୋର୍ ରଖିଥିବେ ମଲା ଉତାରେ [୪]



କାହ୍ନୁ ଚରଣ ସାହୁ

ଧନ୍ ଜନ୍ ପନ୍ ନାଇ ରହେ

ସଦାବେଲେ ସଭ୍‌କର୍ ପାଶେ

ଥିଲାବେଲେ କାଏଁଜେ ମୁହ୍‌କେ ଫୁଲାସ

ମୋର୍ ମୋର୍ ବଲି କହେସ କେତେ [୫]

କାଏଁ ଭରସା ଇ ମୁନୁଷ୍ ଜୀବନ୍ କେ

ଏଛନ୍ ଅଛେ ନାଇନ ଆର୍ ଛନ୍‌କେ

ଯେତ୍‌କି ସମିୟା ଅଛେ ତୁମର୍ ପାଖେ

ଭଲ୍ କାମ୍ କରି ନିଜର୍ କର୍‌ମା ସଭଁକେ [୬]

+୩ ଶେଷ ବର୍ଷ [ବିଜ୍ଞାନ] ଛାତ୍ର

ମ.ରାମପୁର ବିଜ୍ଞାନ ମହାବିଦ୍ୟାଳୟ, ମ.ରାମପୁର

କଳାହାଣ୍ଡି - ୭୬୬୧୦୨, ଓଡ଼ିଶା

ଭ୍ରାମ୍ୟଭାଷ : ୯୫୫୬୮୨୨୪୭

ଇମେଲ୍ : kahnuchsahus@gmail.com

Download Magazine from www.aahwaan.com

# ଉଣ୍ଡା ଗୁଟେ ପରିଚୟ

ମୁଇଁ ମାତିଛେ
ରଙ୍ଗ ମାଖବାରଥି...
ଫିରୋଜ
ଉଣ୍ଡା ଗୁଟେ ଫିରୋଜ ହେବାର ଥି ।
ରଙ୍ଗ ରଙ୍ଗ ମିଶେଇ
ରଙ୍ଗୀନ ହେଉଛେଁ ମୁଇଁ
ମୁଖା ଉପରେ ମୁଖା ପିନ୍ଧି
ବହୁରୂପୀ ହେଉଛେଁ ମୁଇଁ ।
ବାଘ ଛେଲର ନରଦାନ ଥି
ଫଟ୍ କରି ଛକେଇ ଦେଇ
ଗୁମ୍ଫା ଭିତରୁ ଫାଘ୍ ବନୁଛେଁ
ନୂଆଁ ଜମାନାକେ ଠକିକେ...
ଖଣ ଖଣ ଶିକାରର୍ ଭୁଖା
ଶୀକାରୀ ଜଂଗଲେ
ବଦଲଉଛେ ମୋର ପରିଚୟ
ମୁନୁଷ ହଇ ବଞ୍ଚିକେ ।



ଫିରୋଜ କୁମାର ପଟେଲ୍

ମୁଇଁ କୁର୍‌ମାର୍ ଛୋଟ୍ ଲୋକ
ସୁଟ୍‌ବୁଟ୍ ପିନ୍ଧି କରୁଛେଁ
ବଡ଼ଲୁକ ହେବାର୍ ଅଭିନୟ
ଧର୍ମ ଅଧର୍ମ ମାନ ଅପମାନ
ସବୁ ଛାଡ଼ିଦେଇ ମନର୍ ମୁନୁଷ୍ ଲାଗି
ଚୁପ୍‌ଚାପ୍ ଗୁପତେ ଧରୁଛେଁ... ଧରୁଥିବି...
ଉଚ୍ଛା ଗୁଟେ ପରିଚୟ ।

ଅବନକେଲା, ରେମଣ୍ଡା, ସୁନ୍ଦରଗଡ଼
୭୭୦୦୧୯, ଓଡ଼ିଶା
ଭ୍ରାମ୍ୟଭାଷ : ୯୭୭୭୬୩୨୩୩୦
ଇମେଲ୍ : firojpatel93@gmail.com

Download Magazine from www.aahwaan.com

# ଲାଗେ ଆପଣାର ଆପଣାର

ଜୀବନ ତ ଏକ
ଅନ୍ତହୀନ ଅଙ୍କାବଙ୍କା ରାସ୍ତାଟିଏ,
ଚାଲିବାକୁ ହୁଏ ଏଠି ଅନେକ ବାଟ
କେବେ ଏକାକୀ ତ କେବେ
ସହ ପଥିକ ର ସାଥେ ।

ସହ ପଥିକ ତ ଏଠି ଅନେକ
ତଥାପି କାହିଁକି କେଜାଣି ଏକୁଟିଆରୁ
ମୁକ୍ତି ମିଳିପାରେନି
କାରଣ ମନ ଖୋଜେ ବୋଧେ
ସବୁବେଳେ ଆପଣାର ମନଟିଏ
ଯେ ଲାଗୁଥିବ ନିଜରଠୁ ବି ନିଜରଟିଏ ।



ଜିତେନ୍ଦ୍ର କୁମାର କହଁର

ଅନେକ ମୁହଁ ଏଠି ଦେଖାହୁଏ
କିଛି ଚିହ୍ନା କିଛି ଅଚିହ୍ନା
କିଛି ମୁହଁ ଅଚିହ୍ନା ହେଲେ ବି
ଭାରି ଚିହ୍ନା ଚିହ୍ନା ଲାଗେ

Download Magazine from www.aahwaan.com

ଲାଗେ ସତେ ସମ୍ପର୍କ କେଉଁ ଏକ ଜନ୍ମର
ନ ପଢି ବି ଜାଣିଦିଏ ବୋଧେ
ତାଙ୍କ ଛାତି ତଳେ ଥିବା ସୁନ୍ଦର ହୃଦୟକୁ
ଯୋଉଠି ହୃଦୟ ସିନା ଛୋଟ ହେଲେ ଜାଗା ବହୁତ ବଡ଼ ।

ପ୍ରତିଟି କଥାରେ ତାଙ୍କ ଯେମିତି
ଝଲସି ଉଠେ ସ୍ନେହ ଆଉ ପ୍ରେମ,
ଜାଣିପାରେନି କିନ୍ତୁ ବାନ୍ଧି ହୋଇଯାଏ
ଯେମିତି ଅତଳ ସାଗରୁ ମୁକ୍ତା ଟିଏ ପାଇଯାଏ
ଅଟକି ଯିବାକୁ ଇଛାହୁଏ ସେଇ ମୁହୂର୍ତ୍ତରେ
ଆଉ ଟିକିଏ ମନ ଭରି ଜିଇଁବାକୁ ଭାରି ଇଛା ହୁଏ ।

ସେଥିପାଇଁ ବୋଧହୁଏ କିଛି ଅଚିହ୍ନା ମୁହଁ ବି
ଆପଣାର ଆପଣାର ଲାଗେ ପ୍ରଥମ ଦେଖାରେ,
ଯେମିତି ମନ କିଣି ନେଇ ଯାଏ
ହୃଦୟକୁ ଛୁଇଁ ଯାଏ
ଆଉ କହୁଥାଏ ସତେ ବାରମ୍ବାର
ଅଚିହ୍ନା ମୁ କେବେ ତୁମ ପାଇଁ ନୁହେଁ ।
ଅଚିହ୍ନା ମୁ କେବେ ତୁମ ପାଇଁ ନୁହେଁ ।।।

Download Magazine from www.aahwaan.com

# ହ୍ୱାଟ୍ସାପ୍, ଫେସବୁକ୍

ଫେସବୁକ ଜ୍ଞାନ ଫେସବୁକ ଧ୍ୟାନ
ହ୍ୱାଟସାପ୍ କର ଯୋଗ
ଏହା ହିଁ ଅଟଇ ମୁକତିର ପଥ
ଅନ୍ୟ ସବୁ କର ତ୍ୟାଗ ।[୧]

ଫେସବୁକ ଗୋଟି ଆଶାର କିରଣ
ଜପ ତା'ର ନାମ ଧ୍ୱନୀ
ହ୍ୱାଟସାପ୍ ଅଟେ ନିଘଞ୍ଚ ବିପିନ
ହୃଦୟରେ ଥାଅ ଘେନି ।[୨]

ଫେସବୁକ ଅଟେ କଳିଯୁଗ ପ୍ରଭୁ
ଦିବାନିଶି ଦିଅ ମନ,
ହ୍ୱାଟ୍ସାପ୍ କରେ ଅସାଧ୍ୟ ସାଧନ
ଦିଏ କେବେ ସବୁ ଜ୍ଞାନ ।[୩]

ଫେସବୁକ୍ ନାମ କରିଦେଲେ ଧ୍ୟାନ
ବ୍ରହ୍ମରେ ମିଳଇ ସ୍ଥାନ
ହ୍ୱାଟ୍ସାପ୍ ନାମ ଜପିଲେ ଆରାମ
ଧନ୍ୟ ଏହି ଉଦ୍ଭାବନ ।[୪]



ଆର୍ତ୍ତତ୍ରାଣ ଖୁର୍ଦ୍ଦିଆ

Download Magazine from www.aahwaan.com

ଜପ ଫେସବୁକ ଭଜ ହ୍ୱାଟସାପ୍

ଛାଡ଼ିଯିବ ସବୁ ବ୍ୟାଧି

ବେଳହୁଁ ସଜାଗ ନହେଲେ ଭୋଗିବ

ମନେ ହେଉଥିବ ଶୋଧି ।

ବୀରମହାରାଜପୁର, ସୁବର୍ଣ୍ଣପୁର୍

୭୬୨୦୧୮, ଓଡ଼ିଶା

ଭ୍ରାମ୍ୟଭାଷ : ୯୪୩୯୧୪୦୮୧୪

ଇମେଲ୍ : akhurdia999@gmail.com

Download Magazine from www.aahwaan.com

# ମୁଁ ନାରୀଟିଏ କହୁଛି

ମୋର ରୂପଗୁଣ ସୌନ୍ଦର୍ଯ୍ୟ ବା ଖୁଣ
ବର୍ଣ୍ଣିପାରେ ନାହିଁ କବି,
ସୌରଭ ବିଭୋର ପୀରତି ସାଗର
ସ୍ରଷ୍ଟା ବି ନପାରେ ଭାବି ।[୧]

ମୋ ଅଙ୍ଗ କୋମଳେ ସୁରଭି ସଲିଳେ
ଭରିଅଛି ଆକର୍ଷଣ
ନୀଳ ଆଖି ପତା ରୂପ ଚମକତା
ଭାଙ୍ଗିଦିଏ ଯୋଗୀ ଧ୍ୟାନ ।[୨]

ହେଉ ଅବା ରଜା ହେଉ କି ପରଜା
ଲୋଡ଼ା ପଡ଼େ ନିତି ମୁହିଁ
ଉତ୍ସବ ପାର୍ବଣେ ନିଦାଘ ଯୌବନେ
ରଙ୍ଗ ଭରେ ସାଥେ ରହି ।[୩]

ପରିବାର ଭରେ ପ୍ରେମ ପରଶରେ
ଗୃହ ପାଲଟେ ବୈକୁଣ୍ଠ
ସବୁ ଶୀରିହୀନ କରିପାରେ ପୂର୍ଣ୍ଣ
ପିଇ ଅନଳ ଆକଣ୍ଠ ।[୪]



ସୁଶ୍ରୀ ମିନତିରାଣୀ ମେଣ୍ଡିଲି

Download Magazine from www.aahwaan.com

ସମଗ୍ର ବିଶ୍ୱରେ ଜନନୀ ରୂପରେ

ସର୍ବତ୍ର ହୁଏ ପୂଜିତା,

ଇର୍ଷାରେ ଡାହାଣୀ ସଂଗୀତେ ରାଗିଣୀ

ହୋଇ ଗାଏ ପ୍ରେମ ଗୀତା ।[୫]

ନୁହେଁ ମୁଁ ଅବଳା ନଭାବ ଦୁର୍ବଳା

ଅଧର୍ମର ସଂହାରିଣୀ

ସୃଷ୍ଟିର ରକ୍ଷଣେ ରୂପ ଭିନ୍ନେ ଭିନ୍ନେ

ଅସାଧ୍ୟକୁ ପାରେ ଜିଣି ।[୬]

ଶଯ୍ୟାରେ ସଙ୍ଗିନୀ ଉନ୍ମତ୍ତେ କାମିନୀ

ଧ୍ୱଂସ କରିପାରେ ସୃଷ୍ଟି

ବିହୁନେ ମୋହର ସବୁ ନିର୍ବିକାର

ପାରେନାହିଁ କିଛି ତିଷ୍ଠି ।[୭]

ସୁବର୍ଣ୍ଣପୁର, ଓଡ଼ିଶା

Download Magazine from www.aahwaan.com

# କହେ ନିଧିସାହୁ - ୨

ମହାପ୍ରଭୁଙ୍କର ଚାବି ହଜିଗଲା,
ଉଭେଇ ଗଲାଣି ଧନ,
ଲୀଳାମୟଙ୍କର ଲୀଳାକୁ ଭେଦିଣ
ଖାଇଗଲେ ସବୁ ପଣ୍ଡିତ ମହାଜନ ।
ଜିଲାପାଳକୁ ତୁମେ ଜେଲ ପଠାଇବାକୁ
ହେଉଛ ତର ତର,
ପଣ୍ଡା ପଢ଼ିଆରୀଙ୍କର ନାଁ ନେଉ ନାହଁ
ସେ କି ସାବତ ପୁଅ ?
ଭଣ୍ଡାର ଖୋଲିଲେ ଦେହ ଦାହ ଦେବ
ବୋଲି ଯିଏ ଦେଇଥିଲା ଧମକ..
ଚାବି ହଜିଗଲା ପରେ କୁଆଡ଼େ ଗଲେ
ସେ ମହାନ ମହାନ ସେବକ ?
ଶ୍ରୀମନ୍ଦିରର ଫୋଟୋ ଭାଇରଲ ହୁଏ
କ୍ୟାମେରା ମୋବାଇଲ ମନା,
ନିଧି ବାପୁରା ତ ବୁଝିପାରେ ନାହିଁ
ହଉ ଥାଏ ତନ୍ନା ବନା ।



ଶଙ୍ଖସିନ୍ଧୁ ପୁରୋହିତ

Download Magazine from www.aahwaan.com

କହେ ନିଧି ସାହୁ

ଏକି କିସ ହେଲା....

ଭାବୁଛଟି ଦିନ ରାତି,

ପ୍ରତି ମୁହୂର୍ତ୍ତରେ ଘଟୁଛି ମୋ ଦେଇ

ମୋର ତ କାହିଁ କଣା ହଉ ନାହିଁ ଛାତି ?

ଧାନ ବୁଣିଥିଲି ବରଷା ହେଲାନି

ଯାହା ବି ଅମଳ ହେଲା

କାଳ ବୈଶାଖୀ ବର୍ଷାରେ ଭିଜିଲା ।

ଧାନ ନେଲି ବିକି...

ବିକିରି ନାହିଁ ।

ଲୋନ କରିଥିଲି ଛାଡ଼ ବି ନାହିଁ,

ବୀମା କରିଥିଲି ପଇସା ନାହିଁ ।

ବ୍ୟାଙ୍କ ଜମା ଖାତା...

ଜମା ନ କରିବାରୁ ପଇସା କଟିଲା ଧଇଁ ଧଇଁ

ପାଠ ପଢ଼ାଇଲି ପୁଅକୁ..

ଭାବିଥିଲି ପଢ଼ା ସରିଲେ...

ସାହେବ ହେବ...

ଚୌକିରେ ବସି ଅର୍ଡର ଦେବ..

ଦୁଃଖସୁଖରେ ମୋ ଭରସା ହେବ

Download Magazine from www.aahwaan.com

ହେଲେ କାହିଁ ।

କୁଜି ପଛେ ଦୌଡ଼ି ଦୌଡ଼ି ଯୁବ ନେତା ପରେ ଦିଏ..

ଧାନ ବସ୍ତେ ବିକି ପେଟ୍ରୋଲ ଭରେ..

ମିଟିଂ ସରିଲେ ଢକଲମ ମାରି ଘରକି ଫିରେ ।

ଆଉ ତୁମେ କହୁଛ ଚାବି ହଜିଗଲା..

ଅମୁକ ହେଲା ଢ଼ମୁକ ହେଲା..

ମୋର ତ ଚାବିକୁ ଛଡାଇ ଯିଏ ବରବାଦ କଲା....

ତା ପାଇଁ କି ଦଣ୍ଡ ଅଛି ହୋ..

ମହାବାହୁ..

ଅତି ଜଲଦି ତାକୁ ମିଳୁ ଆହେ ମହା ବହୁ ।

Download Magazine from www.aahwaan.com

# ବର୍ଷାରାଣୀ

ଆସିଲେ ଆସିଲେ ବର୍ଷାରାଣୀ,
ତପନଙ୍କ ତାପ କମେଇଲେ ପୁଣି,
ଘଡ ଘଡି ଜଣାଏ ମେଘର ବାଣୀ,
ସୁନ୍ଦର ଦିଶେ ପତ୍ର ଉପରେ ପାଣି ।[୧]

ଆସିଲେ ମହାରାଣୀ ବର୍ଷା ସହସା,
ମେଣ୍ଟ କରିଲେ ଯେ ସମସ୍ତଙ୍କ ପିପାସା,
ତାଙ୍କ ଉପରେ ଅଛି ଚାଷୀଭାଇଙ୍କର ଭରସା,
ତାଙ୍କ ଖୁସିରେ ବିଦ୍ୟମାନ ରହିବ ସମସ୍ତଙ୍କ ବସା ।[୨]


ଶ୍ରୀରାଜ ଶେଖର 'ଚିମା'

ଆସିଲେ ଆସିଲେ ମୌସୁମୀ ଆସିଲେ,
ମୃତ୍ତିକାରେ ଅଦ୍ଭୁତ ମହକ ଆଣିଲେ,
ରବି କିରଣଙ୍କ ଉତ୍ପାତ କମେଇଲେ,
ଅନନ୍ତ ଆକାଶରେ ମେଘନାଦ ଶୁଭେଇଲେ ।[୩]

ଜଳଧରରୁ ଝରିଲେ ଟୁପ ଟୁପ ମଧୁଲିକା ସମ ଜଳମଣି,

Download Magazine from www.aahwaan.com

ସଂସ୍ପର୍ଶରୁ ଲାଗିଲା ଯେମିତି ଶୀତଳ ମଣି,
ଝୁମଝୁମ କରି ନୃତ୍ୟକା ହେଲେ ମେଘାଗମ ଶିରୋମଣି,
ଜଳାଶୟ ତଟିନୀରେ ଝରି ଝରି ଭରିଲେ ପାନୀୟର କାଞ୍ଚନ ଖଣି ।[୪]

ବର୍ଷାରାଣୀ ଆସି ନେଇଗଲେ ଯେ ଆମ୍ବ,
ଭାଙ୍ଗିଗଲା ପୁଣି ଫଳରାଜାଙ୍କ ଦମ୍ଭ,
ଆସନ୍ତା ବର୍ଷା ପାଇଁ ପ୍ରତୀକ୍ଷା ହେଲା ପ୍ରାରମ୍ଭ,
ଆମ୍ବର ଖ୍ୟାତି ସବୁ ଫଳଙ୍କ ମଧ୍ୟରେ ଅଚଳସ୍ତମ୍ଭ ।[୫]

ବର୍ଷାରାଣୀଙ୍କ ଦ୍ୱାରା ହର୍ଷିତ ହୁଅନ୍ତି ହଳଧର,
ତାଙ୍କ ଆରାଧ୍ୟ ଦେବତା ହେଲେ ଶ୍ରୀ ହଳଧର,
ଜଳଧର ଓ ଖାଦ୍ୟ ବିନା ଜୀବନ ନିରାଧାର,
କୃଷି କ୍ରାନ୍ତି କଳିଙ୍ଗ ଦେଶ ସମୃଦ୍ଧିର ଆଧାର ।[୬]

ରାଜରାଣୀ ବର୍ଷା ହେଲେ ଉତ୍କଳବାସୀଙ୍କ ଅନୁରାଗ ରାଗିଣୀ,
ଜଳମୟ ହୋଇ ତରୁଣ ତରଙ୍ଗ ସହ ତରିଲେ ତରଙ୍ଗିଣୀ,
ହୀରାକୁଦରେ ଜୀବ ନଦୀ ମହାନଦୀ ହେଲେ ରମ୍ୟରୂପିଣୀ,
ଲୟତାଳରେ ଆନନ୍ଦ ତାଣ୍ଡବ ଲାସ୍ୟ କରିଲେ ବ୍ରାହ୍ମଣୀ ବୈତରଣୀ ।[୭]

# ତୋ ଚରଣେ ସମର୍ପିତ

ଜୀବନ ଝରରୁ ଝରୁଅଛି ମାଆ
ତୋ ଶୋଣିତ ଝର ଝର,
ସେ ଶୋଣିତ ମୋର ଅଙ୍ଗେ ବହୁଅଛି
ସନ୍ତାନ ମୁଁ ମୋ ମାଆର ।[୧]
ଯାଉ ପଛେ ଗଲେ ଏ ଜୀବନ ମୋର
ମୋ ମାଆର ସେବାପାଇଁ
ଏ ଶରୀର ମାଆ ତୋ ନାଆଁ ଲେଖା
ମୋ ଜୀବ ସତେ ତୋ ପାଇଁ ।[୨]
ତୋ ସ୍ନେହ ଶରଧା ଥାଉ ମୋ ଉପରେ
ମୋ ଭଲ ପାଇବା ଥାଉ
ଜୀବନଧାରାରେ ପ୍ରତି ମୁହୂର୍ତ୍ତରେ
ସୁଖର ସମ୍ପର୍କ ଥାଉ ।[୩]
ମୋହରି ଜୀବନ ମୋହରି ଶରୀର
ତୋ ଚରଣେ ସମର୍ପିତ
ମାଆ ଲୋ !
କରିବୁନି କେବେ ପର ମୋତେ ତୁହି
ଏ ଜୀବନ ମୋ ସୀମିତ ।[୪]



ପୂର୍ଣ୍ଣଚନ୍ଦ୍ର ରଣା

Download Magazine from www.aahwaan.com

# ଭାଇର ଶାଳୀ

ରଜରେ ରଙ୍ଗୀନ ଶାଢ଼ୀ
ପିନ୍ଧିଛି ଆମ ଭାଇର ଶାଳୀ
ଘରର ସେ ଅଲିଅଳି
ମନ ମୋ ଦେଉଛି ଜାଳି ।[୧]

କେଶ ପଖାଳିଛି ସିଏ
ମନ ମୋର ମୋହିନିଏ
ଚାଲିଗଲେ ସିଏ ଫୁଟୁଛି ପଦୁଅଁ
ନୀଳପରୀ ସତେ ସିଏ ।[୨]

ରଜରେ ଖେଳୁଛି ଦୋଳି
ସାଙ୍ଗ ସାଥିରେ କାକଳି,
ଦେଖୁଛି ସେ ମତେ କଣେଇ କଣେଇ
ସ୍ଥିତି ଦେଉଛି ବଦଳି ।[୩]



ପୂର୍ଣ୍ଣଚନ୍ଦ୍ର ରଣା

ଅନାବନା ଗୀତ ଗାଏ

କୋକିଳ କଣ୍ଠୀଟେ ସିଏ
ଭରୁଅଛି ମନେ ସାତସୂର ସିଏ
ଗୁଣୁଗୁଣୁ ମନ ହୁଏ ।[୪]

ଦେଖି ଅଣ୍ଟାଭଙ୍ଗା ଚାଲି
ମନ ମୋ ଯାଏ ଦୋହଲି
ଛୋଟ ଜଙ୍ଗଲରେ ସୁବାଷିତ ସିଏ
ସତେ ଗୋଟେ ବଣମଲ୍ଲୀ ।[୫]

Download Magazine from www.aahwaan.com

# ପ୍ରେମ

ପ୍ରେମ ଏକ ଅସରନ୍ତି ନଈ
ଦୁଇକୂଳ ଛୁଇଁଯାଏ ବହି ବହି ।[୧]
ପ୍ରେମ ଏକ ରୁପେଲି ଜହ୍ନ
ମନରେ ଭରିଦିଏ ଅଜସ୍ର ସପନ ।[୨]
ପ୍ରେମ ଏକ କୋଣାର୍କ ମନ୍ଦିର
ଦୁଇମନ ମିଶି ହୁଏ ସୁନ୍ଦର ।[୩]
ପ୍ରେମ ଏକ ଚିକମିକ୍ ଇନ୍ଦ୍ରଧନୁ ରଙ୍ଗ
ହୃଦୟରେ ଖେଳିଯାଏ ପ୍ରେମର ତରଙ୍ଗ ।[୪]
ପ୍ରେମ ଏକ କବିର ଭାବନା
କେତେବେଳେ ହୁଏ ଜାଣି ତ ହୁଏନା ।[୫]
ପ୍ରେମ ଏକ ସାଗରର ଶାମୁକା
ଦୁନିଆର ସବୁଠୁ ଅଟେ ଦାମିକା ।[୬]
ପ୍ରେମ ଏକ ଆଖିର ଆଇନା
ଦୁନିଆରେ ପ୍ରେମ କେବେ ସରେନା ।[୭]



ସତ୍ୟବ୍ରତ ବାରିକ

Download Magazine from www.aahwaan.com

# ମେଘସବାରୀରେ ବର୍ଷା ଆସୁଛି

ମେଘ ସବାରୀରେ ବରଷା ଆସୁଛି
ମଖମଲି ପାଟ ପିନ୍ଧି,
ମଥାରେ ସିନ୍ଦୂର ନୟନେ କଜ୍ଜ୍ୱଳ
ପାଦରେ ନୁପୂର ବାନ୍ଧି ।।

ଗଳାରେ ଲମ୍ବିଛି ସ୍ୱଚ୍ଛ ମୁକ୍ତା ହାର
ଗଭାରେ ରଜନୀଗଂଧା ,
କରରେ ଶୋଭିତ ସୁବର୍ଣ୍ଣ ର ଚୁଡି
ହୃଦୟ ଅଳକାନନ୍ଦା ।।

ବିଜୁଳି ଚମକ ଘଡଘଡି ଡାକ
ପୂର୍ଣ୍ଣଗର୍ଭା ନଦୀ ବିଲ ,
ନୀଳାଭ ଆକାଶେ ଜଳୁଛି ଦୀପାଳି
ରୋଷଣୀ ରେ ଝଲମଲ ।।



ଶରତ କୁମାର ଦାସ

ମୌସୁମୀ ପରଶେ ପ୍ରୀତି ଗୁଂଜରିତ

Download Magazine from www.aahwaan.com

ପ୍ରେମସିକ୍ତା ତନୁ ମନ ,
କଦମ୍ବ ପତ୍ର ରେ ରୂପର ଲାବନ୍ୟ
ଢଳଢଳ ଚିତ୍ତ ପ୍ରାଣ ।।

ବରଷା ରାଣୀର ବାଙ୍କ ଚାହାଣୀରେ
କୃଷ୍ଣଚୂଡ଼ାର ରଂଗ ,
ଇନ୍ଦ୍ରଧନୁ ର ସାତ ରଂଗନେଇ
ସଜାଇଛି ନିଜ ଅଙ୍ଗ ।।

ତପତ ତପନ ତାପିତ ଏ ଧରା
ଲଭିବ ସରଗ ଶୀରି ,
ପଲ୍ଲବିତ ହେବ ପାଦପ ପତର
ସବୁଜ ସୁଷମା ଧରି ।।

ହସିବ ଧରଣୀ ଖୋସାରେ ନଳିନୀ
ଚନ୍ଦନ ପଡିବ ଝରି ,
ମେଘମାଳ କେତେ ଓହ୍ଲାଇ ଆସିବେ
ଝରିବ ପ୍ରେମ ନିର୍ଝରୀ ।।

Download Magazine from www.aahwaan.com

ଚନ୍ଦନ ଚର୍ଚ୍ଚିତା ପୁଷ୍ପ ବିମଣ୍ଡିତା
ସରଗ ରାଇଜ ପରୀ ,
ଧୀରେ ପାଦ ଥାପି ମରତ ମଣ୍ଡଳେ
ବାଣ୍ଟିଦେବ ସୁଖଶୀରି ।।

ଅମୃତ ସିଂଚିବ ଜୀବନ ବଂଚିବ
ନାଚିବ ମନ ମୟୂର ,
ମଧୁମୟ ହେବ ଏ ସାରା ସଂସାର
ଜଗତ ହେବ ବିଭୋର ।।

ମାଟିରୁ ଆକାଶ,ଆକାଶ ରୁ ମାଟି
ଚହଟିବ କେତେ ବାସ ,
ମେଘ ସବାରୀରେ ବରଷା ଆସୁଛି
ସାଜି ନବବଧୂ ବେଶ ।।

ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ବଡବିଲ ମହାବିଦ୍ୟାଳୟ, ବଡବିଲ, କେନ୍ଦୁଝର ।
ଦୁରଭାଷ-9438243149

Download Magazine from www.aahwaan.com

ଆହ୍ୱାନ ଶତକ ସଂସ୍କରଣ

# ତୁମେ

ତୁମେ ମୋର ଏକାନ୍ତ କାମ୍ୟ
ମୋର ଉନ୍ମିଳିତ ନୟନରେ ତୁମର ଶୋଭା
ଆଉ ମୁଦ୍ରିତ ଚକ୍ଷୁରେ ତୁମର ପ୍ରତିବିମ୍ବ
ଉଭୟ ଏକ ଓ ଅଭିନ୍ନ

ତୁମ ସାନ୍ନିଧ୍ୟରେ ମୋର ତନୁ ହୁଏ ରୋମାଞ୍ଚିତ
ତୁମେ ହିଁ ମୋର ଏକମାତ୍ର ଇପ୍‌ସିତ
ମୋର ପ୍ରତ୍ୟେକ ପ୍ରଶ୍ୱାସ ତୁମକୁ ସମର୍ପିତ
ଆଉ ମୋର ଆହାର ତୁମର ହିଁ ପ୍ରସାଦ



ଦେବଦତ୍ତ କର

ପକ୍ଷୀର କୋମଳତାରେ ତୁମେ
ପଶୁର ହିଂସ୍ରତାରେ ତୁମେ
ନଦୀର ଚପଳତାରେ ତୁମେ
ପର୍ବତର ଜଡ଼ତାରେ ତୁମେ
ଚନ୍ଦନର ଶୀତଳତାରେ ତୁମେ
ଅଗ୍ନିର ଉତ୍ତାପରେ ତୁମେ

Download Magazine from www.aahwaan.com

ସୂର୍ଯ୍ୟଙ୍କ କିରଣରେ ତୁମେ

ଚନ୍ଦ୍ରଙ୍କ ଜ୍ୟୋତ୍ସ୍ନାରେ ତୁମେ

ଦିବସର କର୍ମଠତାରେ ତୁମେ

ରାତ୍ରୀର ବ୍ୟଗ୍ରତାରେ ତୁମେ

ପୁଷ୍ପର ସୁରଭିରେ ତୁମେ

କଣ୍ଟକର ରୁକ୍ଷତାରେ ତୁମେ

ମା’ର ମମତାରେ ତୁମେ

ପିତାର କ୍ଷମତାରେ ତୁମେ

ଶିଶୁର ଦରୋଟି ଓଠରେ ତୁମେ

ବୃଦ୍ଧର ଆଶା ବି ତୁମେ

ମୋର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ବି ତୁମେ

ତୁମେ ପାଖରେ ଥିଲେ, କି ଥାଅ ବହୁ ଦୂରରେ

ଅଜାଣତରେ କେଉଁ ଅଭେଦ୍ୟ ସ୍ଥାନରେ

ଅଗୋଚରରେ

ବେଳେ ବେଳେ ତୁମେ ଆସିଯାଅ ବହୁ ନିକଟରେ

ସତେକି ତୋଳି ଧରିବି ମୁଁ ତୁମକୁ ମୋ ବାହୁ ବନ୍ଧନୀରେ

Download Magazine from www.aahwaan.com

ତୁମକୁ ପାଇବାର ଆଶାରେ ମୁଁ ବାତୁଳ ହୋଇଯାଏ
ପ୍ରଗଲ୍‌ଭ ହୋଇ ତୁମର ବର୍ଣ୍ଣନା କରିଥାଏ

ମାତ୍ର ତୁମେ ଲୁଚିଯାଅ ସେଇ ଜହ୍ନ ରାଇଜରେ
ଆଉ ମୁଁ ଶୂନ୍ୟତାକୁ ପାଇ ବିଳାପ କରିଥାଏ

କବିର କବିତାରେ ତୁମେ
ଲେଖକର ଲେଖନୀରେ ତୁମେ
କଳାକାରର ଭାସ୍କର୍ଯ୍ୟରେ ତୁମେ
ସଂଗୀତର ମୂର୍ଚ୍ଛନାରେ ତୁମେ
ଗ୍ରୀଷ୍ମର ନିଦାଘରେ ତୁମେ
ବର୍ଷାର ଜଳାଧାରରେ ତୁମେ
ଶୀତର ଶୀତଳତାରେ ତୁମେ
ବସନ୍ତର ମଳୟରେ ତୁମେ

ମୁଁ ଜାଣେ ତୁମେ କ'ଣ ଚାହଁ
ଅନାବିଳ ସ୍ନେହ ଆଉ ନିଃସ୍ୱାର୍ଥପର ଭଲ ପାଇବା
ସବୁ ତୁମକୁ ଦେବାକୁ ଚେଷ୍ଟା କରିଛି
ମାତ୍ର ଜାଣେନି କେଉଁଠି ମୁଁ ଭୁଲ କରି ସବୁ ହରାଇ ଦେଇଛି

ନିଜର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିବା ଚେଷ୍ଟାରେ
ମୁଁ ବୋଧେ ଆତ୍ମିୟତାରୁ ଦୂରେଇ ଯାଇଛି

ସବୁକିଛି ପୁଣି ନୂତନ ଭାବରେ ଆରମ୍ଭ କରିବି
ଆଉ ଆଶା କରେ ଏଥର
ନିଜକୁ ତୁମ ଭିତରେ ହିଁ ପାଇବି ।

ଗଜ ମାନଙ୍କ ଭିତରେ ତୁମେ ଐରାବତ
ପୁଷ୍ପ ମାନଙ୍କ ଭିତରେ ତୁମେ ପାରିଜାତ
ଅଶ୍ୱମାନଙ୍କ ଭିତରେ ତୁମେ ଉଚ୍ଚୈରବା
ନଦୀମାନଙ୍କ ଭିତରେ ତୁମେ ତ ଗଙ୍ଗା ।

ଶ୍ରେଷ୍ଠାତି ଶ୍ରେଷ୍ଠ ତୁମେ
ରାଧାର ପ୍ରେମ ତୁମେ
ମୀରାର ଭାବ ତୁମେ
ଯଶୋଦାଙ୍କ ମାତୃତ୍ୱ ତୁମେ
ଦେବଦାସୀର ନୃତ୍ୟଟି ତୁମେ

Download Magazine from www.aahwaan.com

ଯନ୍ତ୍ରଣାରେ ତୁମେ, ଆଶ୍ୱସ୍ତିରେ ତୁମେ
କରୁଣାରେ ତୁମେ, ନିଷ୍ଠୁରତାରେ ତୁମେ
ଐଶ୍ୱର୍ଯ୍ୟରେ ତୁମେ, ଦାରିଦ୍ର୍ୟରେ ତୁମେ
ବ୍ୟାଧିରେ ତୁମେ, ପୁଣି ମହୋଷଧିରେ ତୁମେ

ଆଦି ତୁମେ, ଅନ୍ତ ତୁମେ, ସୃଷ୍ଟି ତୁମେ
ସ୍ଥିତି ଆଉ ଲୟ ବି ତୁମେ

ତୁମେ ହିଁ ପ୍ରଳୟ ପରେ କରିଥାଅ ନୂତନ ଅଙ୍କୁରୋଦଗମ
ପଞ୍ଚଭୂତଙ୍କର ସନ୍ତୁଳନ
ଆଉ ନୂତନ ସୃଷ୍ଟିର ଅବତାରଣ

ହେ ପରମପ୍ରିୟ ମୋହନ
ତୁମେ ହିଁ ପରମ କାରୁଣ୍ୟ
ନିଜକୁ ମୁଁ କଲି ସମର୍ପଣ
କର ଏ ପାତକୀର ଉଦ୍ଧାରଣ ।
ଜନ୍ମ ଜନ୍ମାନ୍ତରର ମୋର କାମ୍ୟ ତୁମ ଶ୍ରୀ ଚରଣ
ଶେଷ ଇଚ୍ଛା ପୂର୍ଣ୍ଣ କରିବା ହେଉ ଜନାର୍ଦ୍ଦନ
ମୋ ଆତ୍ମାପ୍ରଦୀପ ହେଉ ତୁମ ଚରଣେ ବିଲୀନ ।

Download Magazine from www.aahwaan.com

# ପ୍ରେମିକାର ପ୍ରେମଜାଲ

ହେଲି  ହଟହଟା ମୋ ପ୍ରେମରେ ପଡିଲା ଭଙ୍ଗା
ମୋ ପ୍ରେମିକକୁ ବାହା ହେଇ ନେଇ ଚାଲିଗଲା
ଗୋଟେ ମାଲଦାରିଆ ଟୋକା ।
ନଥିଲା ବୋଲି ମୋର ପାଖେ ଚାକିରି କି ଟଙ୍କା
ତାଇଁ ରହି ଥାଏ ହେଇ ଗୋଟେ ବୋକା
ମୋ ପ୍ରେମିକକୁ ବାହା ହେଇ ନେଇ ଚାଲିଗଲା
ଗୋଟେ ମାଲଦାରିଆ ଟୋକା ।

ଦେଖା ହେଲେ କହୁଥିଲା ରହି ପାରୁନି ମୁଁ ଏକା
ଏ ଜୀବନେ କେବେ ଦେବନାହିଁ ମୋତେ ଧୋକା
ଧୋକା ଦେଇ ଚାଲିଗଲା ଏବେ ରହିଅଛି ମୁଁ ଏକା
ମୋ ପ୍ରେମିକକୁ ବାହା ହେଇ ନେଇ ଚାଲିଗଲା
ଗୋଟେ ମାଲଦାରିଆ ଟୋକା ।



ବିରେନ୍ଦ୍ର  କୁମାର ପ୍ରଧାନ

ମୋ ପକେଟ ଖର୍ଚ୍ଚରୁ କାଟି ରଖୁଥିଲି ଟଙ୍କା
ତା ପାଇଁ କିଣିବି ବୋଲି ଉପହାର ଭଳି ଭଳିକା

ହେଲେ ମୋଠାରୁ ଦଉଥିଲା ବୋଲି ସେ ଦାମିକା

(ସେଥି ପାଇଁ )ମୋ ପ୍ରେମିକାକୁ ବାହା ହେଇ ନେଇ ଚାଲିଗଲା

ସେଇ ମାଲଦାରିଆ ଟୋକା ।

ବିଉଟି ପାର୍ଲର ଯିବ ବୋଲି ସେ ଖୋଜୁଥିଲା ଖାଲି ମଉକା

ଯେତେ ବେଳେ ଯାଉଥିଆ ଖସୁଥିଲା ମୋ ପକେଟରୁ ଟଙ୍କା

ଯେତେ ବେଳେ ଦିଶିଲା ସତେ ସୁନ୍ଦରୀ ମେନକା

(ସେତବେଳେ ନେଇ) ମୋ ପ୍ରେମିକାକୁ ବାହା ହେଇ ନେଇ ଚାଲିଗଲା

ଗୋଟେ ମାଲଦାରିଆ ଟୋକା ।

ନଥିଲି ଖାଲି ମୁଁ ଏକା ମୋ ଭଳି ଥିଲେ ଆଉ ଚାରୋଟି ଟୋକା

ଯାହାଙ୍କର ଥିଲା ସେଇ ଗୋଟିଏ ବୋଲି ପ୍ରେମିକା

ଯାହାକୁ ବାହା ହେଇ ନେଇ ଚାଲିଗଲା

ଗୋଟେ ମାଲଦାରିଆ ଟୋକା ।

କଦମପାଳ, ଧର୍ମଶାଳା, ଯାଜପୁର - ୭୫୫୦୦୮

Download Magazine from www.aahwaan.com

# ଆସ ପ୍ରିୟତମା

ଆସ ପ୍ରିୟତମା ମେଘରାଜ ଜେମା
ମୋ ହୃଦୟ କନ୍ଦରେ ବସ
ପ୍ରେମ ସୁଧା ବାରି ଦିଅଗୋ ସୁନ୍ଦରୀ
ତୃଷ୍ଣା କର ମୋର ତୋଷ ।

ତୋ ବିହୁନେ ଜାଣ ନରହେ ଜୀବନ
ଆକୁଳେ ମରନ୍ତି ପ୍ରାଣୀ
ନିଜ ଗୋଡେ ନିଜେ ହାଣୁଛି କୁରାଢି
ମୂର୍ଖ ମଣିଷ ଟା ଜାଣି ଜାଣି ।

ଶ୍ରାବଣୀ ଗୋ ତୁମ ଶୀତଳ ପରଶେ
ପୁଲକିତ ହୁଏ ମନ
ଶସ୍ୟ ଶ୍ୟାମଳା କର ଏ ପୃଥିବୀ
କରି ତୁମେ ଅବତୀର୍ଣ୍ଣ ।

କୀଟ, ପତଙ୍ଗାଦି, ତରୁଲତା ଯେତେ



ସୁଧାକର ଚିନ୍ଦା

ନଇଁ ନାଳ ପରବତ

ଚାହିଁ ବସିଛନ୍ତି ତୋ ଆସିବା ପଥ

ମର୍ତ୍ତ୍ୟର ଜୀବ ଜଗତ ।

ରୌଦ୍ର ତାପ ଯୋଗୁଁ ଆରତ ହେଲୁଣି

କରୁଛୁଁ ତୋତେ ସ୍ୱାଗତ

ମଧୁଝର ଦେଇ ପଲ୍ଲବୀତ କର

ହସୁଁ ଏ ସାରା ଜଗତ ।

କର୍ଲାବାହାଲି, କଂଟାବାଞ୍ଜି, ବଲାଙ୍ଗିର

ଭ୍ରାମ୍ୟଭାଷ : ୮୪୫୫୮୭୯୩୯୩

Download Magazine from www.aahwaan.com

# ଜାଗ ଯୁବବନ୍ଧୁ ଜାଗରେ ଜାଗ

ଜାଗ... ଯୁବବନ୍ଧୁ ଜାଗରେ ଜାଗ
ଜାଗିବା ଆଗରୁ ନିଜକୁ ଜଗ ।
ଶୁଦ୍ଧ ଚିନ୍ତା ମନେ ପୋଷଣ କର
ଅଜ୍ଞାନଗାରିମା ହୋଇବ ଦୂର ।
ନିଜ ସ୍ୱାର୍ଥ କଥା ନ ଭାବି ତିଳେ
ନିଃସ୍ୱାର୍ଥପରକୁ ନିଅରେ କୋଳେ ।
ରାଗ, ଭୟ, ହିଂସା ଦୁରେଇ ଦେଇ
ପରକୁ ଆପଣା କରରେ ଭାଇ ।
ପିତାମାତା ସେବା କରିଲେ ସର୍ବେ
ଦୁଃଖ ଛୁଏଁନାହିଁ କେବେରେ ଭବେ ।
ଦେବାନାହିଁ ମନେ କାହା କଷଣ
ସତ୍ୟ ଶାନ୍ତି ହେଉ ଆମ ଭୂଷଣ ।
ତୁମ ହୃଦୟକୁ ନଛୁଉଁ କେହି
ଅନ୍ୟର ହୃଦୟ କିଣରେ ଭାଇ ।
ଘୃଣା ମନୋଭାବ ନ ରଖି ତୁହି
ଭଲପାଅ ଏଠି ସଭିଙ୍କୁ ଭାଇ ।
ପ୍ରେମକର ତୁହି ଦୁଃଖୀ ଜନଙ୍କୁ



ଚନ୍ଦ୍ରକାନ୍ତ ଜେନା

Download Magazine from www.aahwaan.com

ଭକ୍ତିକର ତୁମ ବାପା ମା'ଙ୍କୁ ।
ବନ୍ଧୁତ୍ୱ ରଜ୍ଜୁରେ ସଭିଙ୍କୁ ବାନ୍ଧ
ଜାଗ 'ଯୁବବନ୍ଧୁ' ଜାଗରେ ଜାଗ ।
ଜାଗ 'ଯୁବବନ୍ଧୁ' ଜାଗରେ ଜାଗ
ସମାଜକୁ ତୁମେ ସଜାଡ଼ ଆଗ ।
ଅନ୍ୟାୟ, ଅନୀତି ଛାଇ ଗଲାଣି
ଦେଖ ଲୋଭ ହିଂସା ଗ୍ରାସିଗଲାଣି ।
ଦୂର୍ନୀତିର ଚେର କେତେ ଲମ୍ବିଛି
ଦେଖିଲ, ତୁମର ଆଖି ପାଉଛି ?
ଅରାଜକତା ବଢ଼ି ବଢ଼ି ଚାଲିଛି
ଅତ୍ୟାଚାର ଆଜି କୂଳ ଲଂଘିଛି ।
ସଂକୀର୍ଣ୍ଣତା ଆଜି ମନେ ପଶିଛି
ମହାନତା କାହିଁ ଦେଖ ଲୁଚିଛି ?
ଖୋଜିଲ ଖୋଜିଲ ମାନବିକତା
ଖୋଜି ପାଉଛ କି ତାହାର ସତ୍ତା ।
ଖୋଜିଲେ ପାଇବ ଧର୍ମାନ୍ଧତା
ଜାତିପ୍ରଥା ଆଉ ସାଂପ୍ରଦାୟିକତା ।
ବିଲୀନ ହୋଇଛି ସମ୍ବେଦନଶୀଳତା
ହଜିଗଲାଣି ଏଠି ମାନବିକତା ।
କର୍ତ୍ତବ୍ୟ କର୍ମକୁ ପଛରେ ଥୋଇ

Download Magazine from www.aahwaan.com

କ୍ଷମତା ପଛରେ ସଭିଏଁ ବାଇ ।
ନିଷ୍ଠୁରତା ଏଠି ଘର କରିଛି
କଠୋର ହୃଦୟେ ବସା ବାନ୍ଧିଛି ।
ପାପଭାର ଓଜନିଆ ହେଲାଣି
ଧରିତ୍ରୀ ମା ମୋ ଥକି ଗଲାଣି ।
ଓଢ଼ନୀର ତଳେ ମୁଣ୍ଡ ଗୁଞ୍ଜିଛି
କଇଁ କଇଁ ହୋଇ କେତେ କାନ୍ଦୁଛି ।
କାନପାତି ଟିକେ ଶୁଣରେ ତୁହି
ଜାଗିଉଠ ଆଉ ନ ଶୁଅ କେହି ।
ଆଉ କି କହିବି ଶୁଣିବୁ ତୁହି
ଜାଗ ଯୁବବନ୍ଧୁ ଜାଗରେ ଭାଇ ।
ତୁହି ଅଟୁ ବୀର, ତୁହିରେ ସାହସୀ
କାପୁରୁଷ ପଣ କଲା ତୋତେ ଦୋଷୀ
ସବୁକିଛି ଆଜି ପଛକୁ ପକା ତୁ
ନିର୍ଭୟ ହୋଇ, ଆଗକୁ ଚାହାଁ ତୁ ।
ସମତ, ଏକତା ସ୍ୱାଧୀନତାକୁ ତୋ
ବିକି ନ ଦେଇ ତୁ ହୁଅ ଆଜି 'ସ୍ୱ' ।
ସମୟ ଆସିଛି, ସମୟ ଆସିଛି
ଚିନ୍ତା ଚେତନାର ବେଳ ଆସିଛି ।
ଲଢ଼େଇ କର ତୁ, ଲଢ଼େଇ ଚାଲ

ପାପ ପାପୀ ଆଜି ହେବେ ବେହାଲ ।
ସତ୍ୟ ପଥେ ତୁହି ପଥିକ ସାଜ
ରାମରାଜ୍ୟ ହେଇ ତୋହର ଖୋଜ ।
ପରିବର୍ତ୍ତନର ସ୍ୱର ଶୁଭିଲାଣି
ରାମ, ରହୀମ, ଜନ୍ ଏକାଠି ହେଲେଣି ।
ଫେରେଇ ଆଣ ତୁ ଫେରେଇ ଆଣ
ତୋ ଗର୍ବ ଗୌରବ ଫେରେଇ ଆଣ ।
ବାଜି ରାଉତ ତୁ, ତୁ ପରା ଧରମା
ତୋ ବୀର ଗାଥାକୁ କରିବୁକି ଉଣା ?
ନା ଆଉ ନୁହେଁ, ଆଉ ଶୁଭିବନି ଅଧର୍ମର ସେହି ସ୍ୱର
କରି ନେ ତୋ ପଣ... କରି ନେ ତୋ ପଣ ।
ଜାଗ... ଯୁବବନ୍ଧୁ... ଜାଗରେ ତୁହି...
ଜାଗିଉଠ ହେଳା ନ କରି କେହି
ଧରଣୀ ମା'ର ବୁକୁ ଫଟା କ୍ରନ୍ଦନ
କଲମମୂନେ ମୋ ଏତିକି କରେ ଆହ୍ୱାନ ।
ପରିବର୍ତ୍ତନର ସ୍ୱର ଶୁଣାଇବା... ସଭିଙ୍କୁ ମୋ ନିବେଦନ ।

ପୁରୁଷୋତ୍ତମପୁର, ଫୁଲନଖରା, କଟକ
୭୫୪୦୦୧, ଓଡ଼ିଶା

# ପ୍ରବନ୍ଧ ବିଭାଗ

Download Magazine from www.aahwaan.com

# ପୁଣ୍ୟତୋୟା ପ୍ରାଚୀ

ଭାରତ ଏକ ନଦୀ ମାତୃକାର ଦେଶ । ଏହି ଦେଶରେ ନଦୀ ଗୁଡ଼ିକୁ ଦେବୀ ଭାବରେ ପୂଜା କରାଯାଏ । ନଦୀମାନଙ୍କ ସ୍ଥାନ ସ୍ୱତନ୍ତ୍ର । ଆମ ରାଜ୍ୟ ଓଡ଼ିଶା ଭାରତର ପୂର୍ବ ଭାଗରେ ବଙ୍ଗୋପସାଗର କୂଳରେ ଅବସ୍ଥିତ । ଏହି ରାଜ୍ୟରେ ଅନେକ ଗୁଡ଼ିଏ ନଦୀ ପ୍ରବାହିତ ହୋଇ ରାଜ୍ୟକୁ ଶସ୍ୟଶ୍ୟାମଳା କରିବା ସହ ସମୃଦ୍ଧଶାଳୀ କରିଛନ୍ତି । ଗିରିକନ୍ୟା ଗୁଡ଼ିକ ପୂର୍ବାଭିମୁଖୀ ହୋଇ ଏହି ମାଟିରେ ନାଚି ଖେଳି ସର୍ବଶେଷରେ ନିଜର ପ୍ରିୟ ସାଗର ବକ୍ଷରେ ନିଜକୁ ଲୀନ କରି ପରମତୃପ୍ତି ଲାଭ କରି ଅଛନ୍ତି । ସେହି ନଦୀ ମାନଙ୍କ ମଧ୍ୟରେ ପ୍ରାଚୀ ନଦୀ ଅନ୍ୟତମ ।

## ନଦୀର ଉତ୍ପତ୍ତି:-

ଐତିହାସିକ ମାନଙ୍କ ମତରେ ଏହି ନଦୀ ମହାନଦୀରୁ ବାହାରି ଖୋର୍ଦ୍ଧାଜିଲ୍ଲାର ବାଲିପାଟଣା ବ୍ଲକ୍, କଟକର ନିଆଳି ବ୍ଲକ୍ ଏବଂ ପୁରୀ ଜିଲ୍ଲାର ଗୋପ, କାକଟପୁର ଓ ଅସ୍ତରଙ୍ଗ ବ୍ଲକ୍ ମଧ୍ୟଦେଇ ପ୍ରବାହିତ ହୋଇ ଶେଷରେ ବଙ୍ଗୋପସାଗରରେ ବିଲୀନ ହୋଇ ଅଛନ୍ତି । ଶୁଣାଯାଏ ଏହି ନଦୀ ସର୍ବଦା ଜଳରେ ପରିପୂର୍ଣ୍ଣ ରହୁଥିଲା କିନ୍ତୁ ପରିବର୍ତ୍ତିତ ପରିସ୍ଥିତିରେ ଏହା ପ୍ରାୟ ଶୁଷ୍କ ଏବଂ ଏହାର ବିସ୍ତାର ଦିନକୁ ଦିନ କ୍ଷୀଣ ହେବାରେ ଲାଗିଛି ।



ଅନାମ ଚରଣ ସାହୁ

Download Magazine from www.aahwaan.com

## ପୁରାଣରେ ପ୍ରାଚୀ:-

ପଦ୍ମ ପୁରାଣ ଅନୁଯାୟୀ ଏହି ନଦୀ ଅତ୍ୟନ୍ତ ପ୍ରାଚୀନ ଓ ପବିତ୍ର ନଦୀ ମଧ୍ୟରୁ ଅନ୍ୟତମ । ଗଙ୍ଗାମାତାଙ୍କ ଠାରୁ ଏହି ନଦୀ ଏକ ଶତବର୍ଷ ବଡ଼ ଅଟନ୍ତି ଏବଂ ତାଙ୍କଠାରୁ ଅଧିକ ପୂଣ୍ୟଫଳ ପ୍ରଦାନ କରନ୍ତି ତେଣୁ ଏହି ନଦୀକୁ ପୂଣ୍ୟତୋୟା ପ୍ରାଚୀ ବୋଲି ଶ୍ରଦ୍ଧାଳୁମାନେ ବିଶ୍ୱାସ କରନ୍ତି ଏବଂ ପୂଜା କରନ୍ତି ।

ପ୍ରାଚୀନ କାଳରେ ଏହି ନଦୀର ଉଭୟ ତଟଦେଶରେ ବଣଜଙ୍ଗଲରେ ପରିପୂର୍ଣ୍ଣ ଥିଲା । ଏହା ଅତ୍ୟନ୍ତ ସୌନ୍ଦର୍ଯ୍ୟମୟୀ ଓ ଆକର୍ଷଣୀୟ ଥିଲା । ତେଣୁ ଏହି ଜଙ୍ଗଲରେ ଅନେକ ମୁନୀଋଷି ତପସ୍ୟା କରି ସିଦ୍ଧିପ୍ରାପ୍ତ ହେବା ସହ ଜଗତ କଲ୍ୟାଣ କାର୍ଯ୍ୟରେ ନିଜକୁ ନିୟୋଜିତ କରି ପୁରାଣ ପୁରୁଷର ମର୍ଯ୍ୟାଦା ହାସଲ କରିଛନ୍ତି । ସେମାନଙ୍କ ମଧ୍ୟରେ ବ୍ରହ୍ମର୍ଷି ବିଶ୍ୱାମିତ୍ର ଏବଂ ପରମ ଶିବଭକ୍ତ ଦଧିଚି ଅନ୍ୟତମ । ପୁରାଣ ପୃଷ୍ଠାରୁ ଜଣାଯାଏ ଏକଦା ମହାପ୍ରଭୁ ଶ୍ରୀ ଭୋଳାନାଥଙ୍କର ବାଡ଼ବାନଳକୁ କେହି ଶାନ୍ତି କରି ପାରିଲେ ନାହିଁ ସେତେବେଳେ ଏହି ପରମ ପବିତ୍ର ପ୍ରାଚୀ ନଦୀ ଗୁପ୍ତ ଭାବରେ କପିଳ ମୁନୀଙ୍କ କମଣ୍ଡଳୁରୁ ଆବିର୍ଭାବ ହୋଇ ତାହାକୁ ଶାନ୍ତ କରିଥିଲେ । ତେଣୁ ପ୍ରାଚୀ ନଦୀକୁ ଗୁପ୍ତ ସରସ୍ୱତୀ ମଧ୍ୟ କୁହାଯାଏ ।

## ଓଡ଼ିଶାର ନୌବାଣିଜ୍ୟ ଓ ପ୍ରାଚୀ :-

ଇତିହାସରୁ ଜଣାଯାଏ ଏକଦା କଳିଙ୍ଗ ନୌବାଣିଜ୍ୟର କ୍ଷେତ୍ରରେ

Download Magazine from www.aahwaan.com

ଶୀର୍ଷସ୍ଥାନରେ ପହଞ୍ଚିଥିଲା । ଏହା କେବଳ ରାଜ୍ୟରେ ପ୍ରବାହିତ ନଦୀ ଏବଂ ବିସ୍ତୀର୍ଣ୍ଣ ସମୁଦ୍ରତଟ ଯୋଗୁଁ ସମ୍ଭବପର ହୋଇଥିଲା । ସେହି ସମୟରେ ପ୍ରାଚୀ ନଦୀ ଏକ ମୁଖ୍ୟ ସ୍ଥାନ ଗ୍ରହଣ କରିଥିଲା । ଏହି ନଦୀତଟବର୍ତ୍ତୀ ଅଞ୍ଚଳରେ ସାଧବମାନେ ବସବାସ କରୁଥିଲେ । ସେହି ସାଧବପୁଅମାନେ ନିକଟବର୍ତ୍ତୀ ହାଟ ମାନଙ୍କରୁ ବିଭିନ୍ନ ଦ୍ରବ୍ୟ ସଂଗ୍ରହ କରି ବୋଇତରେ ଭରି ସୁଦୂର ଜାଭା, ସୁମାତ୍ରା, ବାଲି, ବୋର୍ଣ୍ଣିଓ ଓ ସିଂହଳ ଆଦି ଦେଶକୁ ଯାଇ ବାଣିଜ୍ୟ କରି ଅନେକ ଧନରତ୍ନ ଆମ ରାଜ୍ୟକୁ ବୋହି ଆଣୁଥିଲେ । ସେହି ଦ୍ରବ୍ୟ ମାନଙ୍କ ମଧ୍ୟରେ ଓଡ଼ିଆ ପୁଅର ହସ୍ତ କାରିଗରୀ ଯଥା ସମ୍ବଲପୁରୀ ଶାଢ଼ୀ, ପିପିଲି ଚାନ୍ଦୁଆ, କଟକର ରୂପା ତାରକସୀ କାମ, ନୀଳଗିରିର ପଥର ବାସନ, ପାରଳାଖେମୁଣ୍ଡିର ଶିଂଘକାମ ଆଦି ମୁଖ୍ୟ ଥିଲା । ପ୍ରମାଣ ସ୍ୱରୂପ ପ୍ରାଚୀ ତଟରେ ଏବେ ବି ସ୍ମୃତି ବହନ କରି ବୋଇତିକୁଦ ଦଣ୍ଡାୟମାନ । ଯେଉଁଠାରେ ବୋଇତ ଗୁଡ଼ିକୁ ବିଶ୍ରାମ ଦିଆଯାଉଥିଲା ବୋଲି ବିଶ୍ୱାସ କରାଯାଏ । ସେହିପରି ବାଣିଜ୍ୟପୁର ଅପଭ୍ରଂଶ ହୋଇ ବାଜପୁର ହୋଇଥିବାର ବିଶ୍ୱାସ କରାଯାଏ ।

### ପ୍ରାଚୀ ନଦୀତଟ ଓ ମଠ ମନ୍ଦିର : -

ଏହି ନଦୀକୂଳରେ ଅଷ୍ଟଶମ୍ଭୁ, ଦ୍ୱାଦଶଶମ୍ଭୁ, ଦ୍ୱାଦଶ ମାଧବ, ଶ୍ରୀଗଣେଶ, ଦ୍ୱାଦଶ ଦୁର୍ଗା, ଗାଦିବ୍ରହ୍ମ ଆଦି ମନ୍ଦିର ଏବ ବି ବିଦ୍ୟମାନ । ବିଶେଷ କରି କାକଟପୁରର ପରମାବୈଷ୍ଣବୀ ମା ମଙ୍ଗଳାଙ୍କ ମନ୍ଦିର

Download Magazine from www.aahwaan.com

ସ୍ଥାପିତ ହୋଇ ଏହାର ମହିମାକୁ ବହୁଗୁଣିତ କରିଅଛି । ଏହି ଦେବାଦେବୀମାନଙ୍କର ସ୍ନାନଜଳ ଉକ୍ତ ନଦୀ ଜଳରେ ମିଶି ସେହି ନଦୀକୁ ଅତ୍ୟନ୍ତ ପବିତ୍ର କରିଅଛନ୍ତି ।

ଏହି ନଦୀ କୂଳରେ ପ୍ରବଳପ୍ରତାପୀ ମହାରାଜା ଐରଖାରବେଳଙ୍କ ଅମଳରୁ ବହୁ କରଦ ରାଜାଙ୍କ ଗଡ଼ମାନ ରହିଛି । ସେହି ଗଡ଼ଗୁଡ଼ିକ ମଧ୍ୟରେ ଆମଣାକୁଦ ଗଡ଼, ଭଉଁରାଗଡ଼, ନିପାଣିଆଗଡ଼, ଟଭାଗୋରଡ଼ାଗଡ଼, ଚକରାପଡ଼ା ଗଡ଼, ଗୋଲରାଗଡ଼ ଓ ମୂଳାଗଡ଼ ଆଦି ପ୍ରଧାନ ।

ପୁରାଣ ଯୁଗରୁ ଏହି ନଦୀ କୂଳରେ ଅନେକ ମଠ ଓ ଆଶ୍ରମ ରହି ଧର୍ମ ଓ ସାଂସ୍କୃତିକ ପ୍ରାଣକେନ୍ଦ୍ର ଭାବେ ପରିଚିତ ହୋଇ ଅଛନ୍ତି । ସେହି ମଠ ଗୁଡ଼ିକ ମଧ୍ୟରେ ରୋହିଣୀକୁଣ୍ଡ ମଠ, ବିଶ୍ୱାମିତ୍ର ମଠ, ଦେଉଳି ମଠ, ଚକିଆ ମଠ, ବନ୍ତି ମଠ, ଅପଖରା ମଠ ଆଦି ପ୍ରଧାନ ।

## ପ୍ରାଚୀ ନଦୀ ଓ ମହାପୁରୁଷଙ୍କ ଜନ୍ମସ୍ଥଳୀ:-

ଏହି ନଦୀ କୂଳରେ ଅନେକ ମହାପୁରୁଷ ଜନ୍ମଗ୍ରହଣ କରି ଇତିହାସରେ ଚୀର ଅମର ହୋଇ ରହିଛନ୍ତି । ସେହିମାନଙ୍କ ମଧ୍ୟରେ ଭକ୍ତକବି ଶ୍ରୀ ଜୟଦେବ ଅନ୍ୟତମ । ସେ ଅଡ଼ଶପୁର ନିକଟସ୍ଥ କେନ୍ଦୁଲୀ ଗ୍ରାମରେ ଜନ୍ମଗ୍ରହଣ କରି ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପରମଭକ୍ତ ହେବା ସହ ଶ୍ରୀ ଗୀତଗୋବିନ୍ଦ ନାମରେ ସଂସ୍କୃତ କାବ୍ୟ ରଚନା କରି ସାରା ବିଶ୍ୱରେ ଓଡ଼ିଆ ସଂସ୍କୃତିକୁ ନୂତନ ପରିଚୟ ପ୍ରଦାନ କରିବା ସହ ନିଜକୁ ଏକ

Download Magazine from www.aahwaan.com

ଆହ୍ୱାନ ଶତକ ସଂସ୍କରଣ

ସଂସ୍କୃତ ପଣ୍ଡିତ ଭାବରେ ପ୍ରତିଷ୍ଠିତ କରି ପାରିଛନ୍ତି । ଓଡ଼ିଶୀ ନୃତ୍ୟର ଆଦିଗୁରୁ ଭାବରେ ତାହାଙ୍କୁ ଗ୍ରହଣ କରାଯାଏ । ସେହିପରି ଭକ୍ତ ବଳରାମ ଦାସ ଯିଏ କି 'ଦାଣ୍ଡି ରାମାୟଣ' ଓ 'ଲକ୍ଷ୍ମୀ ପୁରାଣ' ଆଦି ଗ୍ରନ୍ଥ ଲେଖି ଓଡ଼ିଶାର ଜନମାନସରେ ଅମର ହୋଇଛନ୍ତି । ସେ ମଧ୍ୟ ଏହି ନଦୀର ତଟଦେଶରେ ଅବସ୍ଥିତ ପଲ୍ଲୀରେ ଜନ୍ମ ଗ୍ରହଣ କରିଥିଲେ ।

### ପ୍ରାଚୀ ନଦୀ ଓ ବାରୁଣୀ ସ୍ନାନ:-

ଚୈତ୍ର ମାସରେ ମା' ମଙ୍ଗଳାଙ୍କର ପ୍ରସିଦ୍ଧ ପାଳିଯାତ୍ରା ଅନୁଷ୍ଠିତ ହୋଇଥାଏ । ଦୋଳପୂର୍ଣ୍ଣିମା ପରେ ପଡୁଥିବା ପ୍ରଥମ ମଙ୍ଗଳବାରକୁ ପ୍ରଥମପାଳି ଓ ତତ୍ ପରବର୍ତ୍ତୀ ମଙ୍ଗଳବାର ଗୁଡ଼ିକୁ ଯଥାକ୍ରମେ ଦ୍ୱିତୀୟ, ତୃତୀୟ, ଚତୁର୍ଥ ଓ ପଞ୍ଚମ ପାଳି ବା ଝାମୁଯାତ୍ରା କୁହାଯାଏ । ଏହି ପଞ୍ଚମ ପାଳିଟି ଚୈତ୍ର ମାସରେ ପଡ଼େ ତେବେ ତାହାକୁ ବାରୁଣୀ ବୁଡ଼ କୁହାଯାଏ । ଶ୍ରଦ୍ଧାଳୁ ଓ ଭକ୍ତମାନେ ବିଶ୍ୱାସ କରନ୍ତି ଯେ ଏହିଦିନ ଉଷାରେ ପ୍ରାଚୀ ନଦୀରେ ସ୍ନାନ କଲେ ଜନ୍ମଜନ୍ମାନ୍ତରର ପାପକ୍ଷୟ ଯାଇ ପୂଣ୍ୟଫଳ ମିଳିଥାଏ ।

### ପ୍ରାଚୀର ଅନ୍ୟନାମ:-

ବିଭିନ୍ନ କିମ୍ବଦନ୍ତୀକୁ ଭିତ୍ତିକରି ପ୍ରାଚୀର ଅନେକ ନାମ ଥିବାର ଜଣାପଡ଼େ । ସେଗୁଡ଼ିକ ହେଲା ପ୍ରାଚୀ, ଚିତ୍ରୋତ୍ପଳା, ପଥରବୁହା ନଦୀ, ପୂଣ୍ୟତୋୟା, ତୀର୍ଥେଶ୍ୱରୀ, ଗୁପ୍ତ ସରସ୍ୱତୀ ଇତ୍ୟାଦି ପ୍ରଣିଧାନ ଯୋଗ୍ୟ ।

ପ୍ରାଚୀ ନଦୀ ବିଷୟରେ ଅନେକ ପୁରାଣରେ ବର୍ଣ୍ଣିତ ହୋଇଅଛି ।

Download Magazine from www.aahwaan.com

ସେହି ପୁରାଣମାନଙ୍କ ମଧ୍ୟରେ କାଳିକାପୁରାଣ, ସ୍କନ୍ଦ ପୁରାଣ, ଶିବପୁରାଣ, ବାମନ ପୁରାଣ, ଶୂନ୍ୟ ସଂହିତା ପ୍ରଧାନ । ଖାଲି ଏତିକି ନୁହେଁ ଏହାର ମହିମା ସାରଳା ଦାସଙ୍କ ମହାଭାରତରେ ମଧ୍ୟ ବର୍ଣ୍ଣିତ ହୋଇଅଛି । ଅତିବଡ଼ି ଜଗନ୍ନାଥ ଦାସ ମଧ୍ୟ ଭାଗବତରେ ଏହାର ମହିମା ବର୍ଣ୍ଣନା କରିଛନ୍ତି । ଏହାର ତଟଦେଶରେ ଥିବା ବିଭିନ୍ନ ମନ୍ଦିର ମାନଙ୍କରୁ ଜଣାଯାଏ ଏହାର ସଭ୍ୟତା ଅତ୍ୟନ୍ତ ପ୍ରାଚୀନ ଏବଂ ସର୍ବଧର୍ମ ସମନ୍ୱୟର ପ୍ରତୀକ । ଏହାର ତଟଦେଶରେ ଶୈବ, ଶାକ୍ତ, ବୈଷ୍ଣବ, ବୌଦ୍ଧ, ଗାଣପତ୍ୟ ଓ ପୀର ଆଦି ବିଭିନ୍ନ ଧର୍ମର ଲୋକମାନେ ବାସ କରନ୍ତି । ଏହି ପ୍ରାଚୀ ନଦୀ ସମସ୍ତ ଶ୍ରଦ୍ଧାଳୁ ଓ ଭକ୍ତମାନଙ୍କର ବିଶ୍ୱାସ ଭାଜନ ହେବା ସହ ପାପନାଶିନୀ ଏବଂ ପୂଣ୍ୟ ଫଳଦାୟୀ ହୋଇଥିବାରୁ ଯଥାର୍ଥରେ ପୂଣ୍ୟତୋୟା ନାମକୁ ସାର୍ଥକ କରିଛି ।

ସହାୟକ ଗ୍ରନ୍ଥ :-

ପ୍ରାଚୀର ପ୍ରାଚୀନତା : ସୋମନାଥ ପାତ୍ର

ମା' ମଙ୍ଗଳା : ରଘୁନନ୍ଦନ ପଣ୍ଡା

ବିଭୁତିପୁର, କାକଟପୁର, ପୁରୀ

Download Magazine from www.aahwaan.com

# ଚିତ୍ରତୀର୍ଥଯାତ୍ରାର ପଥିକ

ନିକଟ ଅତୀତରେ  କଳା ଓ ଅଧ୍ୟାତ୍ମ୍ୟର ଏକ ବିରଳ ମିଳନ ଦେଖିବାକୁ ମିଳିଥିଲା ମିଳିତ ଚିତ୍ରକଳା ପ୍ରଦର୍ଶନୀରେ ଯାହା ଭୁବନେଶ୍ୱର ଟଙ୍କପାଣି ରୋଡ଼ସ୍ଥିତ ସୁଭଦ୍ରା ଆର୍ଟ ଗ୍ୟାଲେରୀଠାରେ ଆୟୋଜିତ ହୋଇଥିଲା । ଏଥିରେ ପ୍ରଦର୍ଶିତ ହୋଇଥିବା ପ୍ରାୟତଃ ୮୦ଟି କଳାକୃତି ଗୁଡିକ ମଧ୍ୟରେ ଅଧିକାଂଶ ଛବି ବନାରସରୁ ଚିତ୍ରତୀର୍ଥ ଯାତ୍ରାରେ ଆସିଥିବା  ଆନନ୍ଦବନ ଶିଳ୍ପୀ ଗୋଷ୍ଠୀଭୁକ୍ତ ୨୦ଜଣ ଶିଳ୍ପୀଙ୍କର ସୃଜନ ଦସ୍ତାବିଜ ଅଟେ ।

"ଦି ପିଲ୍‌ଗ୍ରିମ୍" ଶୀର୍ଷକ ଏହି କଳା ପ୍ରଦର୍ଶନୀଟିର ମୁଖ୍ୟ ଆକର୍ଷଣ ଥିଲା ଇନ୍ଦିରା କଳା ସଂଗୀତ ବିଶ୍ୱବିଦ୍ୟାଳୟ ଖଇରାଗଡର ପ୍ରଫେସର ପି. ପ୍ରଣାମ ସିଂଙ୍କର ଛବିରେ ବେଗବାନ୍ ତୁଳୀକା ଚାଳନାର ଛଟା ।



ମୀନକେତନ ପଟ୍ଟନାୟକ



ବୁନ୍ଦେଲଖଣ୍ଡି ଆଦିବାସୀ ସଂଗୀତର ତାଳେ ତାଳେ ଦୋଳାୟିତ ନୃତ୍ୟରତା ଆଦିବାସୀ ଲଳନାର ଚିତ୍ରରେ ଶିଳ୍ପୀ ଗତି ଓ ତାଳକୁ ଅତି ଚମତ୍କାର ଢଙ୍ଗରେ ରୂପାୟିତ କରିପାରିଛନ୍ତି । ଅମୂର୍ତ୍ତବାଦ ଶୈଳୀର ଶିଳ୍ପୀ ହୋଇଥିଲେ ହେଁ ଅଜୟ ଉପାସନୀଙ୍କ ପ୍ରତ୍ୟେକଟି ଛବି ମେଘ

ଆହ୍ୱାନ
ଶତକ
ସଂସ୍କରଣ



Download Magazine from www.aahwaan.com

ମହ୍ଲାର ରାଗର ଏକ ଏକ ଛବିକ ପରୀକ୍ଷାଗାର ସଦୃଶ୍ୟ ମନେ ହୋଇଥିଲା । ସେ, ହାତ ତିଆରି କାଗଜ ଉପରେ ଶ୍ୱେତ ମଶୃଣର ପରସ୍ତ ପରସ୍ତ ମଣ୍ଡକୁ ନେଇ ଭିନ୍ନ ଭିନ୍ନ ମେଘାକୃତିର ଆକାର ସୃଷ୍ଟି କରି ତା ଉପରେ କାଳି ସାହାଯ୍ୟରେ ଚିତ୍ର ସର୍ଜନା କରିଛନ୍ତି । ଯୁବ ଶିଳ୍ପୀ ଜ୍ୟୋସ୍ନା ମିଶ୍ରଙ୍କର ଆଭାସବାଦ "ଘାଟ" ପର୍ଯ୍ୟାୟର ସେମି-ଟ୍ରାନ୍ସପରେଣ୍ଟ ଛବି ଗୁଡିକ ବିଶେଷ କରି ଚିତ୍ର କଳାର ବିଦ୍ୟାର୍ଥୀମାନଙ୍କୁ ବେଶି ଆକର୍ଷିତ କରୁଥିବା ବେଳେ ସ୍ନେହଲତାଙ୍କର ଲୋକକଳା ମଧୁବନୀ ଶୈଳୀ ଦ୍ୱାରା ପ୍ରଭାବିତ



କ୍ଷୁଦ୍ରାକୃତିର ଚିତ୍ରପଟ୍ଟ ଗୁଡିକରେ ପ୍ରକୃତିର ରୈଖିକ ଚିତ୍ରଣର ଆଳଙ୍କାରିକ ଦିଗଟି ଅନେକଙ୍କ ମନକୁ ମୋହିଥିଲା । ଶାନ୍ତିନିକେତନର ପୂର୍ବତନ ଛାତ୍ର ସତ୍ୟେନ୍ଦ୍ର ବାଉନିଙ୍କ ଚିତ୍ରରେ ଚରିତ୍ର ପରିଚାଳନା ଅତି ନିଆରା ଅଟେ । ସେ ସ୍ୱଚ୍ଛ ସାହାଯ୍ୟରେ ପ୍ରାରମ୍ଭିକ ରଙ୍ଗଚର୍ଯ୍ୟା କରିସାରିଲା ପରେ ପରବର୍ତ୍ତୀ ପର୍ଯ୍ୟାୟରେ ତୂଳୀକା ସାହାଯ୍ୟରେ ନିଜ କାନଭାସରେ ଆଙ୍କି ଚାଲନ୍ତି ଥିମ୍ୟାଟିକ୍ ମାୟା ମରିଚିକା । ସବୁ ମନମୁଗ୍ଧକର ଛବି ଗୁଡିକ ଭିତରୁ ବେଶି ନଜରକୁ ଆସୁଥିବା ଛବି ଗୁଡିକ ହେଲା; ପ୍ରଫେସର ସୁନିଲ ବିଶ୍ୱକର୍ମାଙ୍କର ଡ୍ରାମାଟିକ୍ ସଜ୍ଜିକରଣ । ସତେ

Download Magazine from www.aahwaan.com

ଯେପରି ଶିଳ୍ପୀ ଜଣଙ୍କ ଜଣେ ମଞ୍ଚ ପରିଚାଳକ, ଯିଏକି ପରଦା ଆଢୁଆଳରେ ରହି ତାଙ୍କର ଛବିର ଅଭିନେତାମାନଙ୍କୁ ମଞ୍ଚ ଉପରେ ନାଟକ ପରିବେଷଣ ପାଇଁ ପ୍ରସ୍ତୁତ କରିଛନ୍ତି । ଛବି ଗୁଡିକରେ ଏକାଧିକ ଚରିତ୍ର ଚିତ୍ରଣ ହୋଇଥିବା ବେଳେ ସେଗୁଡିକ ନିଜ ମୁହଁ ଦେହରେ ରଙ୍ଗମାଖି କ୍ୟାମେରା ଆଗରେ ଭିନ୍ନ ଭିନ୍ନ ଠାଣିରେ ଠିଆ ହେଲା ସଦୃଶ୍ୟ ଜଣାଯାଉଛି । ଗୋଟିଏ ଛବିରେ ପିଲାମାନେ ଶ୍ରୀରାମ, ହନୁମାନ ଓ ରାବଣ ଆଦିଙ୍କ ମୁଖାରେ ନିଜ ମୁଖ ମଣ୍ଡଳକୁ ଢାଙ୍କି ରାମାୟଣ ନାଟକ ପରିବେଷଣ ପାଇଁ ଆଦେଶ ଅପେକ୍ଷାରେ ଅଛନ୍ତି । ଅନ୍ୟଟିରେ କିଛି ସାଧୁ ରାସ୍ତା କଡ ଘର



ବାରଣ୍ଡାରେ ବିଶ୍ରାମ କରୁଛନ୍ତି ଓ ଆହୁରି କେତେ କଣ । ଏହି ସମସ୍ତ ଛବି ଗୁଡିକ ମଧ୍ୟରେ ଗୋଟିଏ ଦିଗଟି ସମାନ ଅଟେ; ତାହା ହେଲା ସମସ୍ତ ଚରିତ୍ର ଗୁଡିକର ମୁଖ ମଣ୍ଡଳକୁ ଅତି ଯତ୍ନର ସହ ଆଙ୍କିଛନ୍ତି ଶିଳ୍ପୀ, ଯାହା



ପ୍ରମାଣ କରୁଛି ଯେ ଶିଳ୍ପୀ ଜଣଙ୍କ ଜଣେ ଧୁରନ୍ଧର ପ୍ରତିକୃତି ଚିତ୍ରକର ଅଟନ୍ତି । ଆଶା ପ୍ରକାଶ ନିଜ ଗୋଧନ ପର୍ଯ୍ୟାୟର ଛବି ଗୁଡିକରେ

Download Magazine from www.aahwaan.com

ବନାରସୀୟ ଶୈବ ଆରାଧନାର ସଂସ୍କୃତିକୁ ପ୍ରତିଫଳିତ କରି ଶିବାଳୟ, ବାସୁଆବଳଦ, ବୁଲାଷଣ୍ଢ, ଗୋ ପରିବାର ଆଦି ଛବିମାନ ପ୍ରଦର୍ଶିତ କରିଛନ୍ତି । ସେ ନିଶ୍ଚିତ ଭାବେ ମନ୍ଦିର ମାଳିନୀ ପୁରୁଣା ଭୁବନେଶ୍ୱର ଦ୍ୱାରା ବହୁତ ପ୍ରଭାବିତ ହୋଇଥିବେ ଓ ତାଙ୍କର ଆଗାମୀ ଚିତ୍ର ରଚନା ବେଳେ ନିଶ୍ଚିତ ଭାବେ ଭୁବନେଶ୍ୱର ସ୍ମୃତିର ଜୁଆର ତାଙ୍କ ସୃଜନ ପରିସୀମାର କୂଳ ଲଙ୍ଘିବ । ଚିତ୍ରକର ସଂଜୟ କୁମାରଙ୍କ ଅମୂର୍ତ୍ତବାଦ ଓ ମୂର୍ତ୍ତବାଦର ସମ୍ମିଶ୍ରଣ ଶ୍ରେଣୀୟ କଳାକୃତି ଗୁଡିକରେ ରଙ୍ଗର ପ୍ରାବଲ୍ୟତା ଏକାଧିକସ୍ତରୀୟ ଅଟେ । ରାହୁଲ ସିଂ ଜଣେ ମୁକ୍ତବୃତ୍ତି ଫଟୋଗ୍ରାଫର ହୋଇଥିଲେ ହେଁ ତାଙ୍କର ଅଧିକାଂଶ ଆଲୋକଚିତ୍ର ଏକ ଏକ ଚମତ୍କାର କଳାକୃତି ସମ ଅଟେ । ବନାରସର ଗଙ୍ଗାନଦୀକୂଳର ବିଷୟବସ୍ତୁ ଉପରେ ରାହୁଲଙ୍କ ବିଶେଷ ରୁଚିଥିବା ବାରି ହୋଇଯାଏ, ଯେପରି



ଗଙ୍ଗା ଆଳତୀ ସମୟରେ ପୂଜକଙ୍କ ଉଜ୍ଜ୍ୱଳ ମୁଖ ମଣ୍ଡଳ, ଧୂମାଚ୍ଛନ୍ନ ଆକାଶ, ମଧ୍ୟରାତ୍ରରେ ଘାଟର ମିଜାଜ୍, ସାଧୁଙ୍କ ଜୀବନ ଯମୁନାରେ ଜୁଆର, ମନ୍ଦିର ଆଗରେ ପୂଜା ଫୁଲର ପସରା, ଛାଇ ଆଲୁଅର ଖେଳ ଇତ୍ୟାଦି । ବନାରସର ବାସିନ୍ଦା ଓଡିଆ ଶିଳ୍ପୀ ରାଜୀବ ଲୋଚନ ସାହୁଙ୍କ ଛବିରେ ଓଡ଼ିଶୀ ଚିତ୍ରର ପ୍ରବଳ ପ୍ରଭାବ ପରିଲକ୍ଷିତ ହୁଏ । ଶିଳ୍ପୀଙ୍କର ଦୁଇଟି ଛବି ଏହି ପ୍ରଦର୍ଶନୀରେ ପ୍ରଦର୍ଶିତ ହୋଇଛି । ତାଙ୍କ ଛବି ଦୁଇଟି

Download Magazine from www.aahwaan.com

ପୁରୁଷ ଓ ପ୍ରକୃତି ଉପରେ ପର୍ଯ୍ୟବେକ୍ଷିତ ହୋଇଥିଲେ ହେଁ ପ୍ରକୃତିଙ୍କୁ (ପାର୍ବତୀ) ନିଃସଙ୍ଗ ରୂପେ ଚିତ୍ରଣ କରିଛନ୍ତି । ଏହି ମିଳିତ କଳା ପ୍ରଦର୍ଶନୀ ଆୟୋଜନର ମୁଖ୍ୟ ନାୟକ ରାଜୀବ ଲୋଚନ ସାହୁଙ୍କ କଥାରେ ରାଜି ହୋଇ ବନାରସର ଆନନ୍ଦବନ ଶିଳ୍ପୀଗୋଷ୍ଠୀର ବଛାବଛା ୨୦ ଜଣ ଚିତ୍ରକର



ଭୁବନେଶ୍ୱର ଆସି ସୁଭଦ୍ରା ଆର୍ଟ ଗ୍ୟାଲେରୀରେ ନିଜ ନିଜର କଳାର ପସରାରୁ ଅସରାଏ ପ୍ରଦର୍ଶିତ କରିଛନ୍ତି । ଆର୍ଟ ଗ୍ୟାଲେରୀ ନିର୍ଦ୍ଦେଶକ ଅଶୋକ ନାୟକ ବନାରସ ଓ ଭୁବନେଶ୍ୱରର ସମୁଦାୟ ୮୦ଜଣ କଳାକରାଙ୍କୁ ଏଥିରେ ଏକାଠି କରି ଏହି କାର୍ଯ୍ୟକ୍ରମକୁ ସଫଳ କରିପାରିଛନ୍ତି । କାଶିଧୀଶ ବିଶ୍ୱନାଥଙ୍କଧାମ ଠାରୁ ଆରମ୍ଭ ଏହି ଚିତ୍ରତୀର୍ଥ ଯାତ୍ରା ରାଜେରାଜ ଲିଙ୍ଗରାଜଙ୍କ ଗୁପ୍ତ କାଶୀ ଭୁବନେଶ୍ୱରରେ ସମ୍ପନ୍ନ ହୋଇ ଯାଇଛି ସତ ହେଲେ ଲାଗୁଛି ଯେପରି ଚିତ୍ରକର ରୂପି ଏହି କାଉଡିଆମାନେ ବନାରସରୁ ଗଙ୍ଗାଜଳ ଧରି ଆସି ଏଠି ଲିଙ୍ଗରାଜଙ୍କ ଜଳାଭିଷେକ କରି



Download Magazine from www.aahwaan.com



ନିଜର ମାନସିକ ପୂରଣ କରିଛନ୍ତି ।

ସନ୍ଧ୍ୟା ଆଳତିର ସମୟ । ପାଖ ଶିବାଳୟରୁ ହର ହର ବମ୍ ଓଁକାର ଧ୍ୱନୀ ଭାସି ଆସୁଛି ଓ ବିନା ମେଘ ମହ୍ଲାର ରାଗରେ ବର୍ଷାରାଣି ଓଁକାର ଧ୍ୱନୀର ତାଳେ ତାଳେ ନାଚି ନାଚି ତୁହାକୁ ତୁହା ବର୍ଷା ଢାଳି ଚାଲିଛନ୍ତି । ଏକାମ୍ର କ୍ଷେତ୍ରରେ ଅବସ୍ଥିତ ପାପନାସିନୀ ପୁଷ୍କରିଣୀର ଜଳସ୍ତର ବଢି ଚାଲିଛି । ଲାଗୁଛି ସତେ ଯେପରି ଲିଙ୍ଗରାଜଙ୍କର ଯୋରଦାରିଆ ଜଳାଭିଷେକର ଚିତ୍ରର ଆଙ୍କିବାର ଶପଥ ନେଇଛି ବର୍ଷାରାଣୀ ।

ବରିଷ୍ଠ ଅଧ୍ୟାପକ

ବି.କେ. ଚାରୁ ଓ କାରୁକଳା ମହାବିଦ୍ୟାଳୟ

ଭୁବନେଶ୍ୱର

Download Magazine from www.aahwaan.com

# ଜିଭରେ ହାଡ଼

କଥା ପ୍ରସଙ୍ଗରେ ଲୋକେ କହନ୍ତି, "କାହା ଜିଭରେ ହାଡ଼ ଅଛି, ମୋତେ କଥାଟେ କହିବ !" କିନ୍ତୁ ଥରେ ଚିନ୍ତା କଲେ ଦେଖି, ଭଗବାନ ଯଦି ଜିଭରେ ହାଡ଼ ଦେଇଥା'ନ୍ତେ, ଜିଭ କଣ କଥା କହିପାରନ୍ତା ? କଥା କହିବା ଦୂରେ ଥାଉ ଖାଦ୍ୟ ବି ଖାଇ ପାରନ୍ତା ନାହିଁ । ହାଡ଼ ନାହିଁ ବୋଲି ଜିଭ ଏତେ ପ୍ରକାର ସଞ୍ଚାଳିତ ହୋଇପାରୁଛି । ଆଗପଛ, ତଳଉପର, ବାମଡାହାଣ ସବୁଆଡ଼େ । କେତେବେଳେ ତାଳୁ ପାଖକୁ ତ କେତେବେଳେ ଓଠ ପାଖକୁ, କେତେବେଳେ ଦାନ୍ତ ପାଖକୁ ତ କେତେବେଳେ ମାଢ଼ି ପାଖକୁ । କାହା କାହାର ଜିଭ ତ ନାକ ପର୍ଯ୍ୟନ୍ତ ଲମ୍ବିଯାଏ । ଯାହାର ଜିଭ ନାକକୁ ଛୁଇଁଦିଏ, ଲୋକେ ତାକୁ ସର୍ବଣା କହନ୍ତି । ସେଇ କାଳେ ସବୁ ଖାଇ ସଫା କରିଦେବ; ଯେତେ ଖାଇଲେ ପେଟ ପୂରିବ ନାହିଁ । ମିଛ କହୁଥିବା ଲୋକଟିଏ ନିଜ ସତ୍ୟବାଦିତାର ପ୍ରମାଣ ଦେବାପାଇଁ ରାଣ ଖାଏ, "ମୁଁ ଯଦି ମିଛ କହୁଥିବି, ମୋ ଜିଭ ଚେପଟା ହେଇଯାଉ ।" ହଇଓ ! ଜିଭ ତ ସମସ୍ତଙ୍କର ଚେପଟା, ପୁଣି ଚେପଟା କଣ ହୋଇଯିବ ? ବରଂ 'ଜିଭ ଛିଡ଼ିପଡୁ' ବା 'ଜିଭ ଖଣ୍ଡିଆ ହେଇଯାଉ' କହିଲେ ସେ ରାଣର ଟିକିଏ ମୂଲ୍ୟ ଅଛି । ସେଥିରେ ବି, ମିଛ କହିଲେ ଲୋକର ବିଶ୍ୱସନୀୟତା ସିନା ଚାଲିଯାଏ, ଜିଭ ଛିଡ଼ି ପଡ଼ିବା ଆଜି ଯାଏଁ କିଏ କେଉଁଠି ଦେଖିଛି ନା



କୁଳମଣୀ ସାହୁ

Download Magazine from www.aahwaan.com

ଶୁଣିଛି ?

ରାଗଲୁଣି, ପିତାକଷା, ଖଟାମିଠା ପ୍ରଭୃତି ସ୍ୱାଦ ବାରି ମସ୍ତିଷ୍କକୁ ଜଣାଇବା ଜିଭର ପ୍ରଧାନ କର୍ମ । ଏତଦ୍‌ବ୍ୟତୀତ କଥା କହିବା, ଗୀତ ଗାଇବା, ଖାଦ୍ୟକୁ ଚଟୁପରି ଓଲଟ ପାଲଟ କରାଇବା ସହିତ ସିଏ ଆମର ଆହୁରି ଅନେକ କାମ କରେ । ଦାନ୍ତସନ୍ଧିରେ ଲାଖି ରହିଥିବା ଖାଦ୍ୟ କଣିକା କିମ୍ବା ସଜନା ଛୁଇଁ, ଖଡ଼ା, ଗୁଆଁର ପ୍ରଭୃତିର ପାରୁକୁ ଠେସି ବାହାର ନ କଲା ଯାଏଁ ସେଥିରେ ଜୋକ ପରି ଲାଗିଥାଏ । ପ୍ରାଣାୟାମ କଲାବେଳେ ଓଠକୁ ମୋଡ଼ି ସେଇ ରନ୍ଧ୍ରରେ ବାୟୁକୁ ଶୋଷି ନିଆଯାଏ । କେହି କେହି (ଛୋଟପିଲା) ନିଗିଡ଼ି ଆସୁଥିବା ଗଙ୍ଗାଯମୁନାକୁ ଜିଭ ବୁଲାଇ ସେବନ / ସଫା କରୁଥିବାର ଦୃଶ୍ୟ ଊଣା ଅଧିକେ ସମସ୍ତେ ଦେଖିଥିବେ । ଦାମ୍ପତ୍ୟ ସୁଖରେ ଜିଭର ଭୂମିକା ସମ୍ପର୍କରେ ବୟସ୍କମାନେ ନ୍ୟୁନାଧିକ ଅବଗତ ଥିବେ; ତେଣୁ ଅଧିକ ବର୍ଣ୍ଣନା ଅନାବଶ୍ୟକ ।

ଏଥର ଅନ୍ୟ ଜୀବଯନ୍ତୁଙ୍କ ଜିଭ ବିଷୟରେ ଟିକିଏ ଆଲୋଚନା କରିବା । ଉଡ଼ି ଯାଉଥିବା କୀଟପତଙ୍ଗଙ୍କୁ ବେଙ୍ଗ ଜିଭ ବଢ଼ାଇ ଧରିନିଏ । ସାପ ତା'ର ଦି ଫାଳିଆ ଜିଭକୁ ବାରମ୍ବାର ପଦାକୁ ବାହାର କରି ପରିବେଶର ପରିସ୍ଥିତିର ଆକଳନ କରେ । କୁକୁର ତା'ର ଜିଭକୁ ଲହଲହ (କୁକୁର କ୍ଷେତ୍ରରେ ହଲହଲଟା ଲହଲହ) କରି ଅହରହ ଲାଳ ଗଡ଼ାଉଥାଏ । ଏପରି କରିବା ଦ୍ୱାରା ଅତ୍ୟଧିକ ଉତ୍ତାପ ଦାଉରୁ ଶରୀରକୁ ରକ୍ଷା କରେ, ଶୀତଳତା ପାଏ । ବିଲେଇ ଜିଭରେ ଚାକୁଲୁବାକୁଲୁ କରି

Download Magazine from www.aahwaan.com



କ୍ଷୀର ପିଏ । ଗାଇଗୋରୁ, ଛେଳି, ମଇଁଷି ପ୍ରଭୃତି ତୃଣଭୋଜୀ ପ୍ରାଣୀ ଜିଭରେ ମୋଡ଼ି ଘାସପତ୍ର ଛିଣ୍ଡାଇ ଖାଆନ୍ତି । ଛୁଆକୁ ଜନ୍ମଦେବାପରେ ଜିଭରେ ଚାଟି ସଫା କରିଦିଅନ୍ତି । ଏହା ଛଡ଼ା ନିଜର କିମ୍ବା ଅନ୍ୟର ଦେହରୁ ଜିଭ ସାହାଯ୍ୟରେ ପୋକଜୋକ ବାହାର କରିବା ସହିତ କୁଣ୍ଡାଇ ପକାନ୍ତି । ଅନୁଧ୍ୟାନ କଲେ ଜିଭର ଏତାଦୃଶ ଉପଯୋଗିତା ବିଷୟରେ ଅଧିକ ଜାଣିହେବ । କିନ୍ତୁ ବର୍ତ୍ତମାନ ସେ ଆଡ଼କୁ ଯିବାନାହିଁ । ଆମ୍ଭର ମୂଳ ପ୍ରସଙ୍ଗ 'ଜିଭରେ ହାଡ଼'କୁ ଫେରିବା ।

ଈଶ୍ୱରଙ୍କ ସୃଷ୍ଟିରେ ଯିଏ ଯେଉଁଥି ପାଇଁ ତିଆରି ହୋଇଛି ତାକୁ ସେହିଭଳି ଗଢ଼ିବାରେ ବିଶ୍ୱବିନ୍ଧାଣୀ ତିଳେ ହେଁ ତ୍ରୁଟି କରିନାହାନ୍ତି । ଜିଭରେ ହାଡ଼ ଥିଲେ ସିଏ ହୁଏତ ଦାନ୍ତ ମାନଙ୍କୁ ବାଡ଼େଇ ଝଡ଼େଇ ଦିଅନ୍ତା । ହାଡୁଆ ଜିଭ ସ୍ୱୟଂ ଚାଳିତ ନ ହୋଇ ଗୋଟ କିମ୍ବା ହାତର ସାହାଯ୍ୟ ନିଅନ୍ତା । ଉପଯୁକ୍ତ ବହୁବିଧ କାର୍ଯ୍ୟ କରିବା ତା' ଦ୍ୱାରା ସମ୍ଭବ ହୁଅନ୍ତା ନାହିଁ । ଶରୀରର ଅନ୍ୟ ଚାରୋଟି ଇନ୍ଦ୍ରିୟଙ୍କ ପରି ଏକାଧିକ କାର୍ଯ୍ୟ କରି ପାରନ୍ତା ନାହିଁ । ଯେପରିକି ଦର୍ଶନେନ୍ଦ୍ରିୟ ଦେଖିପାରେ, ଠାରିପାରେ, ଡରାଇପାରେ, ଲୁହ ଝରାଇପାରେ; ଶ୍ରବଣେନ୍ଦ୍ରିୟ ଶୁଣିପାରେ, ଦାମ୍ପତ୍ୟ ସୁଖ ଦେଇପାରେ, କାନମୋଡ଼ା ଦୁଃଖ ବି ଖୁଆଇପାରେ, ଘ୍ରାଣେନ୍ଦ୍ରିୟ ଶୁଙ୍ଘିପାରେ, ଛିଙ୍କିପାରେ, ସିଂଘାଣି ନିଷ୍କାସନ କରିପାରେ; ସ୍ପର୍ଶେନ୍ଦ୍ରିୟ ଛୁଇଁ ଅନୁଭବ କରିପାରେ, ରକ୍ତମାଂସ ହାଡ଼କୁ ଘୋଡ଼ାଇ ଶରୀରକୁ ସୁରକ୍ଷା ଓ ସୁନ୍ଦରତା ପ୍ରଦାନ କରେ, ଶୀତତାପ ନିୟନ୍ତ୍ରଣ କରେ

Download Magazine from www.aahwaan.com

ଇତ୍ୟାଦି । ଜିଭର ମାଂସପେଶୀୟ ସଂରଚନା ଏଭଳି ହୋଇଛି ଯେ, ସିଏ ଅନବରତ ସଙ୍କୁଚିତ ପ୍ରସାରିତ ହେଉଥାଏ । ତା'ର ଗତି ସ୍ୱଚ୍ଛନ୍ଦ । କିନ୍ତୁ ବେଳେ ବେଳେ ସ୍ୱାଦିଷ୍ଟ ଖାଦ୍ୟ ଲୋଭରେ ତାଳଲୟ ଭୁଲି ଦାନ୍ତ ମଝିକୁ ଚାଲିଆସିଲେ ବାପୁଡ଼ାଟି ଚୋବା ଖାଏ । ସିଏ ତ ଗୋଟିଏ; ହେଲେ ତାକୁ ଜଗିବା ପାଇଁ ବତ୍ରିଶ ପ୍ରହରୀ ମୃତୟନ କରାଯାଇଛି । ଲଙ୍କାରେ ରାମଭକ୍ତ ସତ୍ୟପ୍ରିୟ ବିଭୀଷଣଙ୍କୁ ଦୈତ୍ୟମାନେ ଘେରି ରହିଲା ପରି ଦାନ୍ତମାନେ ଜିଭକୁ ଜଗି ରହିଥାନ୍ତି । କିଏ ଜାଣେ, କାଳେ କିଛି ଖସେଇ ପକେଇବ । ଧନୁରୁ ତୀର, ମୁଖରୁ ଗୀର; ଏମାନେ ପରା ଅଫେରା ! ଦେଖୁନାହାନ୍ତି, ଅର୍ଜୁନ ଲାଖବିନ୍ଧି ଦ୍ରୌପଦୀଙ୍କୁ ଜିଣିଲେ । ପଞ୍ଚୁପାଣ୍ଡବ ପାଞ୍ଚାଳୀ ସହିତ କୁଟୀର ନିକଟରେ ପହଞ୍ଚିବା କ୍ଷଣି କୁନ୍ତୀ ନ ଦେଖି ନ ଜାଣି କହିପକେଇଲେ, "ଯାହା ଆଣିଛ ପାଞ୍ଚଜଣ ଯାକ ବାଣ୍ଟିନିଅ ।" ତା'ପରେ ଯାହା ଘଟିଲା ସମସ୍ତେ ଜାଣନ୍ତି । ଇନ୍ଦ୍ରପ୍ରସ୍ଥରେ ଚାଲୁ ଚାଲୁ ଚଟାଣ ଭାବି ପାଣିରେ ପଶିଯାଇଥିବା ଦିଅର ଦୁର୍ଯ୍ୟୋଧନକୁ ଭାଉଜ ଦ୍ରୌପଦୀ 'ଅନ୍ଧର ପୁଅ ଅନ୍ଧ' କହି ଥଟ୍ଟା କରି ପକାଇଲେ । ପରିଣାମ ହେଲେ କେଡ଼େ ଭୟଙ୍କର । ଆଜିର ଗଣତନ୍ତ୍ର ଯୁଗରେ କିଛି ନେତାମନ୍ତ୍ରୀଙ୍କ ମୁହଁରେ ବାଡ଼ବତା ରହେନି । ଆରମ୍ଭ ହୋଇଯାଏ ବାକ୍‌ବିତଣ୍ଡା, ତୁମୁଳ କାଣ୍ଡ । ଆଉ ସେଥିପାଇଁ କିଛି ଚତୁର ନେତା ସ୍ୱର୍ଣକାତର ମାମଲା ବେଳେ ମୌନବ୍ରତ ଧାରଣ କରିପକାନ୍ତି ।

କିନ୍ତୁ ପ୍ରକାରାନ୍ତରେ ବିଚାର କଲେ ଜଣାପଡ଼େ ଯେ, ଦାନ୍ତମାନେ

Download Magazine from www.aahwaan.com

ଯେତେ ଶକ୍ତିଶାଳୀ ହେଲେ ହେଁ, ଦାନ୍ତ ଦାନ୍ତ ଆଉ ଜିଭ... ଜିଭ । ଦାନ୍ତ ଖାଦ୍ୟକୁ ରଗଡ଼େ, ଚୋବାଇ ଚୋବାଇ ସରେ; ଜିଭ ସ୍ୱାଦ ପାଏ । ଜିଭ ସ୍ୱଭାବତଃ କୋମଳ ହୋଇଥିବାରୁ ମନୁଷ୍ୟର ଜନ୍ମ ପୂର୍ବରୁ ଓ ମୃତ୍ୟୁ ପରେ ମଧ୍ୟ ସାଥିରେ ଥାଏ । ଦାନ୍ତମାନେ କଠୋର ହୋଇଥିବାରୁ ଜନ୍ମର ବହୁତ ପରେ ଉଠନ୍ତି ଆଉ ମୃତ୍ୟୁ ପୂର୍ବରୁ ଅଧିକାଂଶ ଝଡ଼ିଯାଆନ୍ତି । ଦାନ୍ତରେ ପୋକ ଲାଗେ, ଜିଭରେ ନୁହେଁ ।

ଉପସଂହାରରେ ଏତିକି କହିବା ଉଚିତ ହେବ, ଜିଭ ବା ଜିହ୍ୱା ବା ରସନେନ୍ଦ୍ରିୟ ଆମ୍ଭର ଏବଂବିଧ ଅନେକ ଉପକାର କରୁଥିବା ସତ୍ତ୍ୱେ କିଛି ଲୋକ ତାକୁ ମୁନିଆ ଲୁହାରେ ଫୋଡ଼ି, ଧାରୁଆ ଅସ୍ତ୍ରରେ ଦୁଇଫାଳ କରି, ତା'ଉପରେ ଚିତା କୁଟାଇ ବିକୃତ ମାନସିକତାର ପରିଚୟ ଦିଅନ୍ତି । କିଛି ଲୋକ ଦାନ୍ତଘଷନ୍ତି; ହେଲେ ଜିଭ କୋରିବାକୁ ଭୁଲିଯାଆନ୍ତି । ଆଉ କିଛି ଲୋକ ରାଗ କଞ୍ଚାଲଙ୍କା ଖାଇ ନିଜେ ତ ମଜା ଉଠାନ୍ତି, ଜିଭକୁ କିନ୍ତୁ ଜଳାଇ ପକାନ୍ତି । ସେଥିରେ ପୁଣି ରାଗ ଶାନ୍ତ କରିବାକୁ ପାଣି ପିଅନ୍ତି, ମିଠା ଖାଆନ୍ତି; ଲୁଣ ଚିମୁଟେ ପାଟିରେ ପକାନ୍ତି; କିନ୍ତୁ ରାଗର ଅସଲ ଭାଙ୍ଗୁଣୀ କ୍ଷୀର ବୋଲି ଜାଣିନଥାନ୍ତି । ଅନେକ ଲୋକ ପାନଗୁଟଖା ଖାଇ ମୁଖଗହ୍ୱର କର୍କଟ କିଣି ଆଣନ୍ତି । ଅତଏବ ବିନମ୍ର ନିବେଦନ ଏହି କି, ଆଖି, କାନ, ନାକ, ଚର୍ମର ଯତ୍ନ ନେବାଭଳି ଜିଭର ସୁରକ୍ଷା ପ୍ରତି ଟିକିଏ ଯତ୍ନବାନ ହେଲେ ଭଲ ହୁଅନ୍ତାନି ?

ପୋଲସରା, ଗଞ୍ଜାମ ଜିଲ୍ଲା, ୭୬୧୧୦୫, ଓଡ଼ିଶା

Download Magazine from www.aahwaan.com

ଆହ୍ୱାନ ଶତକ ସଂସ୍କରଣ

# ମୋ ଦୃଷ୍ଟିରେ ଆମ ନନା

<u>ଆମ ନନା</u>

ନାମ: ଶ୍ରୀ ନାରାୟଣ ମିଶ୍ର

ଜନ୍ମ ସ୍ଥାନ: ଶ୍ରୀରାମଚନ୍ଦ୍ର ପୁର, ସାକ୍ଷୀଗୋପାଳ , ପୁରୀ

ଆବିର୍ଭାବ - ଜଣା ନାହିଁ

ତିରୋଧାନ - ୧୩.୧୦.୧୯୮୫

ନନାଙ୍କ ଜନ୍ମ ଠିକ୍ କେଉଁ ମସିହାରେ ମୁଁ ଜାଣେ ନାହିଁ । ସେ ନିଜେ ବି ଜାଣୁଥିଲେ କି ନାହିଁ ସନ୍ଦେହ । ତେବେ ହେତୁ ହେଲା ଦିନୁଁ ମୁଁ ତାଙ୍କୁ ଟାଟା କମ୍ପାନୀର ଜଣେ କର୍ମଠ ଅଫିସ୍ ବଡ଼ବାବୁ (କିରାଣୀ) ହିସାବରେ ଦେଖି ଆସିଛି । ତାଙ୍କର ବିଶେଷ କେହି ବନ୍ଧୁବାନ୍ଧବ ନଥିଲେ । ନିଜର କହିବାକୁ ବି କେହି ଲୋକ ଥିଲା ଭଳି ମୋର ମନେ ନାହିଁ । ତାଙ୍କର କୌଣସି ବିଳାସବ୍ୟସନ ମଧ୍ୟ ନଥିଲା । କେବଳ ନିଜେ ଯେଉଁ ଏତେ ବଡ଼ ପରିବାର ସୃଷ୍ଟି କରିଥିଲେ ତାକୁ ଚଳାଇବାରେ ତାଙ୍କର ସବୁ ସମୟ ଚାଲି ଯାଉଥିଲା । ଅତି ସାଧାରଣ ଭାବରେ ଆମେ ସବୁ ଚଳୁଥିଲୁ ପିଲାଦିନରୁ । ବେଳେ ବେଳେ ମୁଁ ଭାବେ, ନନା କ'ଣ ଭାବି ଏତେ ବଡ଼ ପରିବାର କଲେ ? ଚାରି ପୁଅ ଆଉ ପାଞ୍ଚ ଝିଅ । ଦୁଇଟି ଯାଉଁଳା ପୁଅ ମରିଗଲେ ନ ହେଲେ ଛ ପୁଅ ଥା'ନ୍ତେ । ଟାଟା ଭଳି ସହରରେ ସାଧାରଣ ଆୟରେ ନନା କେମିତି ଯେ ଆମ ସମସ୍ତଙ୍କୁ ମଣିଷ କଲେ ସେ ବି ଗୋଟିଏ



ଶ୍ରୀ ରମାକାନ୍ତ ମିଶ୍ର

Download Magazine from www.aahwaan.com


ଆଶ୍ଚର୍ଯ୍ୟ ବିଷୟ । ପିଲାଦିନରେ ଆମେ ଖୁବ ଭଲ ଜାମା ଖଣ୍ଡିଏ ପିନ୍ଧି ନାହୁଁ । ନନାଙ୍କୁ ମଧ୍ୟ ଅତି ସାଧାରଣ ଧୋତି ଆଉ ଧଳା ଜାମା ଛଡା ଅନ୍ୟ କିଛି ପିନ୍ଧିଥିବାର ମୁଁ ଦେଖିନାହିଁ । ତେବେ ଆଜି ସ୍ୱଷ୍ଟ ଭାବରେ ଗୋଟିଏ କଥା କହି ରଖିବାକୁ ହେବ ଯେ ନନା ଆମମାନଙ୍କୁ ଖାଇବାରେ କେବେ ହେଲେ କମ କରି ନଥିଲେ । ଆଜି ଆମେ ସବୁ ଭାଇ ଭଉଣୀ ତାଙ୍କ ଠାରୁ ଅଧିକ ଉପାର୍ଜନ କରି ମଧ୍ୟ ସେପରି ଖାଉନାହୁଁ ବୋଲି ମୋର ମନେହୁଏ । ନନାଙ୍କ ସ୍ୱଷ୍ଟ ଧାରଣା ଥିଲା ଯେ ଖାଇବା ଠିକ ଥିଲେ ସ୍ୱାସ୍ଥ୍ୟ ଭଲ ରହିବ ଆଉ ଡାକ୍ତରମାନଙ୍କ ପାଖକୁ ଯିବାକୁ ପଡିବ ନାହିଁ । ଏଥିପାଇଁ ପ୍ରାୟତଃ ନନା କି ଆମେମାନେ କେହି ହଠାତ କରି ବେମାର ପଡ଼ି ଥିବାର ମଧ୍ୟ ମୋର ମନେ ନାହିଁ । ଆମେ ସମସ୍ତେ ଅତ୍ୟନ୍ତ ସୁସ୍ଥସବଳ ରହୁଥିଲୁ କେବଳ ଖାଇବାରେ ଠିକ ଥିବାରୁ ।

ମୋର ହେତୁ ହେବା ପରେ ନନାଙ୍କ ସମ୍ବନ୍ଧରେ ଯେତିକି ଟିକିଏ ମୁଁ ବୋଉ ମୁହଁରୁ ଶୁଣିଥିଲି ତାହା ହେଲା, ନନାଙ୍କୁ ଯେତେବେଳେ ୯ ବା ୧୦ ବର୍ଷ ସେତେବେଳେ ତାଙ୍କର ନନା ମରିଗଲେ । ନନାଙ୍କ ନନା ଅର୍ଥାତ ଆମ ବାପା (ବଡ଼ ବାପା) ଶ୍ରୀ କୃଷ୍ଣ ଚନ୍ଦ୍ର ମିଶ୍ର କୁଆଡେ ଥିଲେ ନାମଜାଦା କବିରାଜ । ତାଙ୍କର ସେ ଅଂଚଳରେ ବିଶେଷ ଖ୍ୟାତି ଥିଲା । ଯାହା ଶୁଣିଛି, କେଉଁ ଗୋଟିଏ ରୋଗୀଙ୍କୁ ଭଲ କରିବାକୁ ଯାଇ ସେ କୁଆଡେ ମରିଥିଲେ । ନନାଙ୍କ ବୋଉ ଆମ ମା (ବଡ଼ ମା) ଆଗରୁ ମରି ଯାଇଥିଲେ । ନନା ମାନେ ଦୁଇ ଭାଇ ଆଉ ଦୁଇ ଭଉଣୀ ଥିଲେ । ନନା ସବା ସାନପୁଅ ଥିଲେ ଓ ତାଙ୍କ ଭାଇନାଙ୍କ ତୁଳନାରେ ଅତି ସାନ ଥିଲେ ।

Download Magazine from www.aahwaan.com


ନନାଙ୍କ ବଡ଼ ଭାଇନା ମାନେ ଆମର ଦଦେଇଙ୍କ ନାମ ଥିଲା ଶ୍ରୀ ବାଉରୀବନ୍ଧୁ ମିଶ୍ର । ସେ ଖଜୁରିଆକୁ ପୁଅ ହୋଇ ଯାଇଥିଲେ । ନନାଙ୍କର ଆଉ ଜଣେ କକେଇ ପୁଅ ଭାଇ ଥିଲେ, ଯାହାଙ୍କୁ ଆମେ କାଶିଆ ଦଦେଇ ବୋଲି ଡାକୁଥିଲୁ; ସେ ମଧ୍ୟ ପରେ ମୋର ବ୍ରତ କରିଥିଲେ ଏବଂ ସେ ଶ୍ରୀ ରାମଚନ୍ଦ୍ରପୁରରେ ରହୁଥିଲେ । ଆମର ମୂଳ ଗ୍ରାମ ହେଲା ଶ୍ରୀ ରାମଚନ୍ଦ୍ରପୁର, ପୁରୀ । ଭାଇଭଉଣୀ ମାନଙ୍କ ଭିତରେ ସବା ସାନ ହେଲେ ଆମ ନନା ଶ୍ରୀ ନାରାୟଣ ମିଶ୍ର । ସେ ସାରାଜୀବନ କଟାଇଲେ ବାହାରେ ବାହାରେ ଆଉ ମଲେ ମଧ୍ୟ ବାହାରେ । ସାରା ଜୀବନ ଚେଷ୍ଟା କରି, ଘର ଖଣ୍ଡିଏ ମଧ୍ୟ କରି ଆଉ ଗାଁ ଭୂଇଁ ମାଡ଼ି ପାରିଲେ ନାହିଁ ।

ନନାଙ୍କ ଜୀବନ ଚରିତ ଅଦ୍ଭୁତ । ଯାହା ମୁଁ ଶୁଣିଛି ଆଉ ଯାହା ମୁଁ ଦେଖିଛି ସେ ସବୁ କଥାକୁ ନେଇ ଆଜି ଭାବି ବସି ଲେଖିଲା ବେଳକୁ ଥଳ କୂଳ ପାଉ ନାହିଁ ।

ହଁ, ନନାଙ୍କ ନନା ତାଙ୍କର ୯ ବର୍ଷ ବୟସରେ ମରିଗଲା ପରେ ସେ ବାପାମା ଛେଉଣ୍ଡ ଅନାଥ ପିଲାଟିଏ ହୋଇଗଲେ । ନନାଙ୍କ ବଡ଼ ଭାଇନା ତ ପୁଅ ହୋଇ ଯାଇଥାନ୍ତି, ନନା ରହିବେ କେଉଁଠି ? ଦିନ କେତେ ଭାଇନାଙ୍କ ପାଖରେ ରହିଲେ । କିନ୍ତୁ ଆଜିକାଲି କେଉଁ ଭାଇ କାହାକୁ ରଖୁଛି ? ନନା ସେଠି ଭାଇ ଭାଉଜଙ୍କ ଦୌରାତ୍ମ୍ୟରେ ବେଶୀ ଦିନ ରହିପାରିଲେ ନାହିଁ । ଦିନେ କୌଣସି କାରଣରୁ ଘର ଛାଡ଼ି ପଳାଇଲେ ପୁରୀ, କଣ ନା ନରେନ୍ଦ୍ର ପୋଖରୀରେ ବୁଡ଼ି ଜୀବନ ଦେଇଦେବେ । ସେଇଠି କୁଆଡେ ବୁଢୀଟିଏ ତାଙ୍କୁ ଅଟକାଇଲା, କହିଲା - "ଛି, ଛି, ପୁରୁଷ

Download Magazine from www.aahwaan.com

ପିଲା ହୋଇ ଏଇ ସାମାନ୍ୟ କାରଣରୁ ଜୀବନ ଦେବୁ ? ନିଜ ଗୋଡ଼ରେ ଛିଡା ହ ।" କଥାଟି ଠିକ କି ଭୁଲ ମୁଁ ଜାଣେ ନାହିଁ । ତେବେ ନନା ସେଇ ଯେ ୧୦ ବର୍ଷ ବୟସରୁ ନିଜ ଗୋଡ଼ରେ ଠିଆ ହେଲେ, ତା'ର ଉଦାହରଣ ପରବର୍ତ୍ତୀ କାଳରେ ମୁଁ ଜାଣିଛି । ନ ହେଲେ ଦରିଦ୍ର ବାପାମା ଛେଉଣ୍ଡ ପିଲାଟିଏ ନିଜକୁ ଚଳାଇ, ପାଠପଢି ଟାଟା କମ୍ପାନୀରେ ଚାକିରୀ କରିବା ସହଜ କଥା ନ ଥିଲା । ଦରିଦ୍ର ବ୍ରାହ୍ମଣ ପିଲାଟିଏ, ଯାହାର କେହି ସାହା ଭରସା ନାହିଁର ପିଲାଟି ଦିନରୁ ଟାଟା କମ୍ପାନୀରେ ଚାକିରୀ ପର୍ଯ୍ୟନ୍ତ ଇତିହାସ ମତେ ଜଣାନାହିଁ ତେବେ ଆଜି ଯେତିକି ଜାଣିଛି ସେତିକି ଭାବି ବସିଲେ ମୋର ଲୋମ ଟାଙ୍କୁରି ଉଠୁଛି । କେତେ କଠୋର ଜୀବନ ସଂଗ୍ରାମ ହୋଇ ନ ଥିବ ସତେ !

ବୁଢ଼ୀ ଠାରୁ ଭର୍ତ୍ସନା ଶୁଣି ନନାଙ୍କର ସୁପ୍ତ ପୌରୁଷ ଜାଗିଥିଲା । ସେ ତେଣୁ ଆତ୍ମହତ୍ୟା କରିବାର ଭାବନା ତ୍ୟାଗ କରିଥିଲେ । ତା'ପରେ ଚାଲିଥିଲା ଜୀବନ ସଂଗ୍ରାମ । ପୁରୀ ବଡ଼ ଦେଉଳରେ ମୁକ୍ତି ମଣ୍ଡପରେ ବସିବା ଠାରୁ ଖବର କାଗଜ ବିକିବା, କିରାସିନ ତେଲ ବିକିବା, କାହା କାହା ଘରେ ମୁଣ୍ଡ ଗୁଂଜି ନିଜର ଜୀବନ ବଞ୍ଚିବାର ଅଦମ୍ୟ ଆଗ୍ରହ । ନ ହେଲେ ସେତେବେଳର ସେ ବାପାମା ଛେଉଣ୍ଡ ଗରିବ ପିଲାଟି ପାଟଣା ବିଶ୍ୱବିଦ୍ୟାଳୟରୁ ସାର୍ଟିଫିକେଟ ଖଣ୍ଡିଏ କେଉଁଠୁ ପାଇଥାନ୍ତା ? ଭାବିଲେ ଆଶ୍ଚର୍ଯ୍ୟ ହେବାକୁ ହୁଏ । ନନାଙ୍କର ପୈତୃକ ଯେଉଁ ୫ ମାଣ ଜମି, ନଡ଼ିଆ ଓ ପଣସ ବଗିଚା ଏବଂ ଘରଡ଼ିହ ଥିଲା, ସେଇ ଯେ ନନା ଗାଁରୁ ବାହାରିଲେ ସେଇ ଦିନ ଠାରୁ ଭୁତ ଖାଇଲେ, ଆଜି ବି ଖାଉଛନ୍ତି । ଆମେ

Download Magazine from www.aahwaan.com

ସବୁ ନିଜକୁ ଶ୍ରୀ ରାମଚନ୍ଦ୍ରପୁର ନିବାସୀ ବୋଲି କହୁ କିନ୍ତୁ ଗାଁ ବିଷୟରେ ଆମକୁ କିଛି ବି ଜଣାନାହିଁ ।

ଭାବିଲେ ଆଶ୍ଚର୍ଯ୍ୟ ଲାଗେ ୧୦ ବର୍ଷର ଗରିବ ବ୍ରାହ୍ମଣ ପିଲାଟିଏ, ଆଗ ପଛକୁ କେହି ନାହିଁ, କିଛି ନାହିଁ, ପୁରୀ ଭଳି ସହରରେ ସେତେବେଳେ କେମିତି କରି ମଣିଷ ହୋଇଥିବ ? କଥାରେ ଅଛି ଯାହାର କେହି ନାହିଁ ତା'ର ଭଗବାନ ଅଛନ୍ତି । ନନାଙ୍କ ପରି କର୍ମଠ ପିଲାଟିଏ ଦେଖି ତାକୁ ନିମାପଡାର ଶ୍ରୀ ବାସୁଦେବ ମହାପାତ୍ର ନିଜ ଘରେ ନେଇ ରଖିଥିଲେ । ସେଠି ସେ ତାଙ୍କର ରୋଷେଇ ବାସ କରି ଦେଉଥିଲେ । ତାଙ୍କର ଝିଅ ପୁଅଙ୍କୁ ପଢାଉଥିଲେ ଓ ନିଜେ ବଳକା ସମୟରେ ପଢ଼ି ଏଣ୍ଟ୍ରାନ୍‌ସ ଦେବା ପାଇଁ ଚେଷ୍ଟା କରୁଥିଲେ । କେତେ କର୍ମଠ ଜୀବନ ତାଙ୍କର ହୋଇ ନଥିବ ସତେ ! ଜୀବନ ସଂଗ୍ରାମ ହିଁ ମଣିଷକୁ ଶକ୍ତି ଦିଏ । ଏ ସଂଗ୍ରାମରେ ଯେ ବିଜୟୀ ହୁଏ ସେ କେବଳ ଦୁନିଆରେ ମୁଣ୍ଡ ଟେକେ । ଦୁନିଆରେ ମଣିଷ ପରି ବଂଚି ରହିବାକୁ ହେଲେ ନିଜ ଗୋଡ଼ରେ ଶକ୍ତି ସୃଷ୍ଟି କରିବାକୁ ହୁଏ । ବାପା ଭାଇ ଗୋଡ଼ରେ ମଣିଷ ହୋଇ ଉଠିବା ଆଉ ନିଜ ଗୋଡ଼ରେ ମଣିଷ ହେବାର ବହୁତ ପାର୍ଥକ୍ୟ ରହିଛି । ଯେ ଭୁକ୍ତଭୋଗୀ ସେ କେବଳ ଅନୁମାନ କରି ପାରିବ ।

ନନା ଟାଟା କମ୍ପାନୀରେ କେମିତି ଚାକିରୀ ଧରିଲେ ସେ ମଧ୍ୟ ଏକ ମଜାର କଥା । ମତେ ସେ ସବୁ କଥା ଠିକରେ ଜଣାନାହିଁ ବା କେହି କେବେ ହେଲେ କହିନାହାନ୍ତି । ସବୁ ଏଠୁ ସେଠୁ ଶୁଣା କଥା । ନନାଙ୍କୁ ତ ଆମେ ପ୍ରାଣ ପଣେ ଡରୁଥିଲୁ ତେଣୁ କେବେ ଜୀବଦ୍ଦଶାରେ ତାଙ୍କୁ ତାଙ୍କ

Download Magazine from www.aahwaan.com

ବିଷୟରେ ପଚାରି ପାରିବା ସମ୍ଭବପର ହୋଇ ନଥିଲା । ନନା ଯଦିଓ ରାଗି ନଥିଲେ କିନ୍ତୁ ଖୁବ କମ କଥାବାର୍ତ୍ତା କରୁଥିଲେ । ସେ ନିଜେ ନିଜ ବିଷୟରେ କାହାରିକୁ କେବେ କିଛି କହୁ ନଥିଲେ କି କାହାରି ବିଷୟରେ ଜାଣିବା ପାଇଁ ମଧ୍ୟ ସେ ଆଗ୍ରହାନ୍ୱିତ ନଥିଲେ । ସେ ଭଲ ତ ଦୁନିଆ ଭଲ । ପୁରା ସଦାଶିବଙ୍କ ଭଳି । ସେ ଏତେ ଶାନ୍ତ ଆଉ ଭଦ୍ର ଥିଲେ ଯେ କେହି କିଛି ବି କହିଲେ ଅଳ୍ପ ହସି ଚୁପ ରହୁଥିଲେ । ମୋ ଭାଇନା ଶ୍ରୀକାନ୍ତ ବହୁତ ଭଲ ପଢୁଥିଲା । ପ୍ରତି ଶ୍ରେଣୀରେ ପ୍ରଥମ ଆଉ ବକ୍ତୃତା ଆଦିରେ ମଧ୍ୟ ପ୍ରଥମ ହେଉଥିଲା । ଅନେକ ଲୋକ ଘରକୁ ଆସି ଭାଇନାଙ୍କ ବିଷୟରେ ପ୍ରଶଂସାରେ ପୋତି ପକାନ୍ତି କିନ୍ତୁ ନନା ସେ ସବୁକଥା କାନକୁ ନିଅନ୍ତି ନାହିଁ । ଏବେକାର ଲୋକମାନଙ୍କ ପରି ନିଜେ ନିଜ ପିଲାମାନଙ୍କ ବିଷୟରେ କହିବାର ପ୍ରବୃତ୍ତି ତାଙ୍କ ଠାରେ ନ ଥିଲା । ମୁଁ ଭାବେ ନନାଙ୍କ ପରି ଶାନ୍ତ, ସରଳ, ନିଷ୍କପଟ, ସଚ୍ଚୋଟ ଲୋକ ଆଜିକା ଯୁଗରେ ମିଳିବା କଷ୍ଟକର । ଆହୁରି ବି ଭାବେ ପିଲାଟି ଦିନରୁ ସଂଘର୍ଷ କରି ମଣିଷ ହୋଇଥିବାରୁ ସେ ଜୀବନକୁ ଭଲ ଭାବରେ ବୁଝିଥିଲେ ତେଣୁ ସାମାନ୍ୟ କଥାରେ ସେ କେବେ ବିଚଳିତ ମଧ୍ୟ ହେଉ ନ ଥିଲେ ।

ନନା କୌଣସି ମତେ ମାଟ୍ରିକଟା ପାସ କରି କଲିକତା ଗଲେ, ଚେଷ୍ଟା କଲେ ଚାକିରୀ ଖଣ୍ଡେ ପାଇବା ପାଇଁ । ସେଠାରେ ସେ ବିଭିନ୍ନ ମେସରେ ରହି ରନ୍ଧାରାନ୍ଧି କରି ନିଜର ଗୁଜୁରାଣ ମେଣ୍ଟାଉ ଥିଲେ । କଲିକତାରେ ଚାକିରୀ ନ ପାଇ ସେ ପୁଣିଥରେ ଫେରିଲେ ନିମାପଡ଼ାକୁ । ତା’ପରେ ନିମାପଡାର କୌଣସି ଏକ ଧନୀକ ବୃଦ୍ଧା ତାଙ୍କୁ ଘରେ ରଖିଥିଲେ ତାଙ୍କର

Download Magazine from www.aahwaan.com

ସମ୍ପତ୍ତି ବାଡ଼ି ସବୁକୁ ବୁଝା ବୁଝି କରିବା ପାଇଁ । ନନା ଅତି ସଚ୍ଚୋଟ ଭାବରେ ସେ କାମ କରୁଥିଲେ । କିନ୍ତୁ ଯେଉଁ ଦିନ ଜାଣିପାରିଲେ ଯେ ତାଙ୍କର ଅନ୍ନଦାତ୍ରୀ ବୃଦ୍ଧାଙ୍କର ତାଙ୍କ ପ୍ରତି ଏ ଅଯାଚିତ ସ୍ନେହ ମୂଳରେ ଗୋଟିଏ ସ୍ୱାର୍ଥ ରହିଛି, ତାହା ହେଲା ନନାଙ୍କ ପରି ସୁନ୍ଦର ଓ ଗୁଣର ପିଲାଟିକୁ ସେ ନିଜର ନାତୁଣୀଙ୍କୁ ବିବାହ ଦେଇ ଘର ଜୋଇଁ କରି ରଖିବାକୁ ଭାବୁଥିଲେ । ଆଉ ଯେଉଁଦିନ ନନାଙ୍କୁ ଏ କଥା ଜଣାପଡିଗଲା, ସେ ଦିନ ସେ ଆଉ କାଳ ବିଳମ୍ବ ନ କରି ସେ ଘର ଛାଡ଼ି ଟିକଟ କାଟିଲେ କାଳିମାଟିକୁ ଅର୍ଥାତ ଜାମସେଦପୁରକୁ । ଅଗତିର ଗତି ଭଗବାନ । ଶୁଣିଛି ସେତେବେଳେ ସେ ଶ୍ରୀଯୁକ୍ତ ଗୋବିନ୍ଦ ତ୍ରିପାଠୀ ଯେ କି ଡେପୁଟି କଲେକ୍ଟର ଥିଲେଙ୍କ ଦୟାରୁ ଟାଟା କମ୍ପାନୀରେ ଚାକିରୀ ଖଣ୍ଡିଏ ପାଇଲେ । ସେ କ୍ଲର୍କ ଖଣ୍ଡିଏ ହୋଇ ଚାକିରୀ ଆରମ୍ଭ କଲେ । ମୁଁ ହେତୁ ହେଲା ଦିନୁ ନନାଙ୍କୁ ଅତି କର୍ମଠ କ୍ଲର୍କ ଟିଏ ଭାବରେ ଦେଖି ଆସିଛି ।

ଗରିବ ବ୍ରାହ୍ମଣ ପିଲାଟିଏ ଯାହାର କେହି ସାହା ଭରସା ନାହିଁ ସେ ଯେ ପ୍ରତିଷ୍ଠିତ ଟାଟା ଭଳି କମ୍ପାନୀରେ ଅଫିସ ବଡ଼ବାବୁଟିଏ ହୋଇ ପାରିଲେ ଏଇଟା କିଛି କମ କଥା ନୁହେଁ । ଏ କଥାର ସତ୍ୟତା ଆଜି ହୁଏତଃ ଠିକ ଭାବରେ ହୃଦୟଙ୍ଗମ କରାଯାଇ ନପାରେ, ତେବେ ଏହା କିଛି ଛୋଟ କଥା ମଧ୍ୟ ନୁହେଁ । ବେଳେ ବେଳେ ମୁଁ ଭାବେ ତାଙ୍କ ପରିସ୍ଥିତିରେ କେତୋଟି ପିଲା ଏମିତି ହୋଇ ପାରିଥିବେ ? ନନା ଯେଉଁ ପରିସ୍ଥିତିରେ ଜୀବନ ଆରମ୍ଭ କଲେ ସେ ପରିସ୍ଥିତିରେ ପିଲାମାନେ ବିଗିଡି ଯିବା, ମଦୁଆ ଗଞ୍ଜୋଡ଼ ହୋଇ ଯିବା ହିଁ ବେଶୀ ସ୍ୱାଭାବିକ । ଏବେ ବାପା

Download Magazine from www.aahwaan.com

ମା ମାନେ ପିଲା ମାନଙ୍କ ପଛରେ ଦିନ ରାତି ଲାଗି ରହିଲେ ମଧ୍ୟ ସେମାନେ ବିଗିଡି ଯାଉଛନ୍ତି ।

ନନା ଯେ ସମାଜରେ ତାଙ୍କ ସ୍ଥାନ ସୃଷ୍ଟି କରି ପାରିଥିଲେ, ଏ କଥାର ଜ୍ୱଳନ୍ତ ପ୍ରମାଣ ହେଲା ଯେ ସେ ସମୟର ପ୍ରତିଷ୍ଠିତ ଭିଙ୍ଗାରପୁର ଚୌଧରୀଙ୍କ ଘରେ ଜୋଇଁ ହୋଇଥିଲେ । ମୋ ଅଜାଙ୍କ ନାମ ହେଉଛି ଶ୍ରୀଯୁକ୍ତ ଗୋପୀନାଥ ଦାଶ ଚୌଧୁରୀ ତାଙ୍କର ତୃତୀୟ କନ୍ୟା ଶ୍ରୀମତୀ ଚାରୁଲତା ହେଉଛନ୍ତି ମୋ ବୋଉ । ସେପରି ପ୍ରତିଷ୍ଠିତ ଘରେ ଜୋଇଁ ହେବାଟା ହିଁ ଯେ ବଡ଼ ଧରଣର ସ୍ୱୀକୃତି ଏଥିରେ ସନ୍ଦେହ ନାହିଁ ।

ମୋ ବୋଉଥିଲେ ମହିୟସୀ ମହିଳା । ସେ ଯେ ବଡ଼ ଘରର ଝିଅ ଥିଲେ ଏଇଟା ତାଙ୍କର ଚାଲି ଚଳନ, କଥା ଭାଷା ସବୁଥିରୁ ସ୍ପଷ୍ଟ ବାରି ହୋଇ ପଡୁଥିଲା । ନନାଙ୍କ ତୁଳନାରେ ବୋଉ ଥିଲେ ଅତି ତେଜସ୍ୱିନୀ । ନନା ଅତ୍ୟନ୍ତ ଧୀର, ଶାନ୍ତ ଆଉ ସରଳ ବ୍ୟକ୍ତି କିନ୍ତୁ ତେଜରେ ବୋଉଠାରୁ କମ । ମୁଁ ବେଳେ ବେଳେ ଭାବେ ପିଲାଟି ଦିନରୁ ଜୀବନରେ ସଂଗ୍ରାମ କରି କରି ଉତ୍ତର ଜୀବନରେ ନନା ନିହାତି ଶାନ୍ତ, ସରଳ ହୋଇ ପଡ଼ିଥିଲେ । ନନା ପିଲାଟି ଦିନରୁ କାହାରି ଠାରୁ ବିଶେଷ ସ୍ନେହ ପାଇଁ ନଥିବାରୁ, ସେ ବିଶେଷ ସ୍ନେହ ମଧ୍ୟ କାହାରିକୁ ଦେଇ ପାରୁ ନଥିଲେ । ବନ୍ଧୁ ବତ୍ସଳତା ତାଙ୍କୁ ଜଣା ନଥିଲା କହିଲେ ଚଳେ । କାରଣ ସେ ବୁଝି ସାରିଥିଲେ ଏ ସଂସାରରେ ତାଙ୍କର ଜ୍ଞାତି ପରିଜନ ଥାଇ ମଧ୍ୟ ନିଜର ବୋଲି କେହି ନଥିଲେ । ଏହି କାରଣରୁ ପରବର୍ତ୍ତୀ ଜୀବନରେ ସେ କେବଳ ନିଜର ପରିବାର ଛଡ଼ା ଆଉ କେବେ କାହାରି ବିଷୟରେ ଭାବି

ନାହାନ୍ତି ।

ନନା ଜୀବନ ସାରା ତାଙ୍କ ସଖ୍ୟକୁ ଚାହିଁ କେବଳ ଦେଇ ଆସିଛନ୍ତି । କେବେ ହେଲେ କାହାରି ଠାରୁ ପଇସାଟିଏ ନେଇ ନାହାନ୍ତି । ତାଙ୍କର ଧନ ଲୋଭ ବା ବିଷୟ ଲୋଭ କିଛି ନ ଥିଲା । ନ ହେଲେ ନିଜର ପୈତୃକ ଭିଟା ମାଟିକୁ ସେ ନିର୍ଲୋଭ ଭାବରେ ତ୍ୟାଗ କରି ପାରି ନଥାନ୍ତେ । ବହୁ ବାର ତାଙ୍କ ମୁହଁରୁ ମୁଁ ଶୁଣିଛ, ସେ କହୁଥିଲେ "କେଉଁ ଲୋକ ଦୁନିଆରେ କହି ପାରିବ ନାହିଁ ଯେ ନାରାୟଣ ମିଶ୍ର ତା' ଠାରୁ ପଇସାଟିଏ ଖାଇଛି ।"

ଚାକିରୀ ଜୀବନରେ ବିବାହ ପୂର୍ବରୁ ନନା ଅନେକ ଟଙ୍କା ପାଉଥିଲେ, କିନ୍ତୁ କେବେ ହେଲେ ଧନ ସଂଚୟ କରିବା ତାଙ୍କର ଉଦ୍ଦେଶ୍ୟ ନ ଥିଲା । ନ ହେଲେ ଜୀବନର ଶେଷ ବୟସରେ ତାଙ୍କର ନିଜର ଘର ଖଣ୍ଡିଏ ନିଶ୍ଚୟ ଥାଆନ୍ତା । ସେ କହୁଥିବାର ମୁଁ ଶୁଣିଛି ଯେ ବିବାହ ପୂର୍ବରୁ ତାଙ୍କର ଏତେ ଟଙ୍କା ବଳି ଯାଉଥିଲା ଯେ ଟଙ୍କା ସବୁକୁ ସେ ଚାଳରେ ଖୋସି ରଖୁଥିଲେ । ସେ ସମୟରେ ଅନେକ ଗରିବ ପିଲାଙ୍କୁ ନନା ପଢ଼େଇବାରେ ସାହାଯ୍ୟ କରିଛନ୍ତି । ତାଙ୍କ ଭଣଜା ମାନଙ୍କୁ ମଧ୍ୟ ପୁରା ପଢାଇଛନ୍ତି । ନନାଙ୍କ ଜଣେ ଭଣଜା ଶ୍ରୀ ଅଗାଧୁ ତ୍ରିପାଠୀ (ଅଗାଧୁ ଭାଇନା)ଙ୍କୁ ନନା ଡାକ୍ତରୀ ପଢାଇଥିଲେ । କହିବାର ଉଦ୍ଦେଶ୍ୟ ହେଲା ସେତେବେଳେ ସେ ଚାହିଁଥିଲେ ଟଙ୍କା ସଞ୍ଚି ପାରିଥାନ୍ତେ । ଟଙ୍କାକୁ ସୁନା ଆକାରରେ ମଧ୍ୟ ରଖି ପାରିଥାନ୍ତେ । କିନ୍ତୁ ଭବିଷ୍ୟତରେ ସଂଚିବା କଥାକୁ ସେ କେବେ ଗୁରୁତ୍ୱ ଦେଇ ନଥିଲେ । ପରବର୍ତ୍ତୀ କାଳରେ ବିବାହ ପରେ

Download Magazine from www.aahwaan.com


ତାଙ୍କର ନିଜର ପରିବାର ଏତେ ବଡ଼ ହୋଇଗଲା ଯେ ଘର ଚଳିବାକୁ ଟଙ୍କା ନିଅଣ୍ଟ ପଡୁଥିଲା ଆଉ ପରେ ସଂଚିବାର ପ୍ରଶ୍ନ ଉଠିଲା ନାହିଁ । ସେ ବୋଧହୁଏ ଭାବୁଥିଲେ, "ପୁଅ ଯୋଗ୍ୟ ହେଲେ ସଞ୍ଚୁ କାହା ପାଇଁ, ଆଉ ଅଯୋଗ୍ୟ ହେଲେ ସଞ୍ଚୁ କାହା ପାଇଁ ?" ତେଣୁ ଆଜି ମଲାପରେ ତାଙ୍କର କୌଣସି କାମରେ କିଛି ବ୍ୟତିକ୍ରମ ହୋଇ ନାହିଁ । ସେ ଆମମାନଙ୍କୁ ଯୋଗ୍ୟ କରିଛନ୍ତି । ଆମର ପୈତୃକ ସମ୍ପତ୍ତି କିଛି ନାହିଁ କିନ୍ତୁ ଆମେ ନିଃସ୍ୱ ନୋହୁଁ । ଚାରି ପୁଅ ପାଞ୍ଚ ଝିଅ ସଗର୍ବରେ ନିଜ ଗୋଡ଼ରେ ଛିଡା ହୋଇଛନ୍ତି । ଏ ସବୁ ନାନଙ୍କର ପୁଣ୍ୟର ଫଳ ।

ବିବାହ ପରେ ପରେ ନନାଙ୍କ ପରିବାର ଦୃତ ଗତିରେ ବଢିଥିଲା । ବିବାହର ଠିକ ବର୍ଷକ ପରେ ଭାଇନା, ତା'ପରେ ଦୁଇ ତିନି ବର୍ଷ ଛାଡ଼ରେ ଛ ପୁଅ ଆଉ ପାଞ୍ଚ ଝିଅ । ବେଳେ ବେଳେ ମୁଁ ଭାବେ ନନା କିପରି କିଛି ନ ବୁଝି ବିଚାରି ଏତେ ବଡ଼ ପରିବାର କଲେ ? ସେତେବେଳେ ମଧ୍ୟ ପରିବାର କଲ୍ୟାଣ କଥା ଥିଲା । ଆଜି ଆମେ ଏତେ ଟଙ୍କା ପାଇ ଦୁଇରୁ ତିନି ପିଲାକୁ ଯିବାକୁ ନିରାପଦ ମଣୁ ନାହୁଁ, ଅଥଚ ସେ ସମୟରେ ଟାଟା ଭଳି ସହରରେ ୯ ଟି ପିଲାଙ୍କୁ ଖୁଆଇ ପିଆଇ, ପଢାଇ ଲେଖାଇ ନନା ମଣିଷ କରି ପାରିଥିଲେ । ଏଥିରୁ ଗୋଟାଏ କଥା ପ୍ରମାଣିତ ହେଉଛି ଯେ ପ୍ରତ୍ୟେକଟି ପିଲା ଜନ୍ମରୁ ନିଜର ଭାଗ୍ୟ ଧରି ଜନ୍ମ ଗ୍ରହଣ କରିଥାଏ । ତେବେ ସେ ଯାହା ହେଉ ନନା ଦିନେ କେବେ ଏତେ ଗୁଡିଏ ପିଲା ହୋଇଛନ୍ତି ବୋଲି କୌଣସି ଅନୁଶୋଚନା କରିଥିବାର କଥା ଆମକୁ ଜଣାନାହିଁ ।

Download Magazine from www.aahwaan.com


ମୋର ହେତୁ ହେବା ଦିନଠାରୁ ମୁଁ ଦେଖିଛି ନନା ପ୍ରତି ଦିନ ଠିକ ସମୟରେ ଅଫିସକୁ ଯାଉଥିଲେ । ଦିନକୁ ଆଠ ଘଣ୍ଟା ପରିଶ୍ରମ କରି ସାରି ଅଫିସରୁ ଫେରିବା ବେଳେ ବଜାରରୁ ବଡ଼ ବଡ଼ ଦୁଇ ବ୍ୟାଗ ପରିବା କିଣି ଘରକୁ ଫେରୁଥିଲେ । ଆଉ ସନ୍ଧ୍ୟା ବେଳେ ଆମ ମାନଙ୍କୁ ଧରି ତିନି ଘଣ୍ଟା ପଢାଉଥିଲେ । ଏଇଟା ଥିଲା ତାଙ୍କର ନିତ୍ୟ ନୈମିତ୍ତିକ  କାର୍ଯ୍ୟ । ଏଥିରେ ହେଳା ହେବାର ମୁଁ କେବେ ଦେଖିନାହିଁ ।

ନନାଙ୍କର ସଉକ କିଛି ନ ଥିଲା । ସେ କେବଳ ଭୋଜନ ପ୍ରିୟ ଥିଲେ । ନିଜେ ମଧ୍ୟ ଭଲ ରାନ୍ଧି ପାରୁଥିଲେ । ଯେତେପ୍ରକାର ପରିବା ସେ ଖାଉଥିଲେ ଆଉ ଆମକୁ ଖୁଆଉ ଥିଲେ । ତାଙ୍କର କହିବା କଥା ଥିଲା ଯେ ଭଲ ଖାଇଲେ ଦେହ ସୁସ୍ଥ ରହିବ ଆଉ ଡାକ୍ତର ଖାନାକୁ ଯିବାକୁ ପଡିବ ନାହିଁ । ସତରେ ବି ମୋ ଜାଣତରେ ଆମେ କେହି ରୋଗୀ ହେଉ ନ ଥିଲୁ କି ଡାକ୍ତରଖାନାକୁ ଯାଉ ନ ଥିଲୁ । ଆମେ ସବୁ ଭାଇ ଭଉଣୀ ବେଶ ସୁସ୍ଥ ସବଳ ଥିଲୁ ।

ନନାଙ୍କର କୌଣସି ବିଳାସ ବ୍ୟସନ ନଥିଲା କିନ୍ତୁ ଦୁଇଟି ଅଭ୍ୟାସ ଥିଲା ଯାହାକୁ ବିଳାସ ପର୍ଯ୍ୟାୟରେ ଗଣା ଯାଇପାରିବ । ନନା ପ୍ରଚୁର ପାନ ଖାଉଥିଲେ ଆଉ ସବୁଦିନ ଗୁଡ଼ାଖୁ ଘଷୁଥିଲେ । ନନାଙ୍କର ପାନ ଖିଆ କଥା ଟିକିଏ ଲେଖିବାକୁ ହେବ । ପ୍ରତି ମାସରେ ଥରେ ନନା ନିଜେ ଗୁଣ୍ଡି ତିଆରି କରୁଥିଲେ । ଧୁଆଁ ପତ୍ର, ପାନ ମହୁରୀ, ଧନିଆ ଆଉ କେତେ କଣ ସବୁ ମାସକ ପାଇଁ  କିଣା ହୋଇଆସିବ । ଦିନେ ନନା ନିଜେ ବସି ସେ ଗୁଡିକୁ ଅଲଗା ଅଲଗା ଭାଜିବେ ଆଉ ତା ପରେ ସେ ସବୁକୁ ଏକତ୍ର

Download Magazine from www.aahwaan.com

ମିଶାଇବେ ହାତରେ ଦଳି ଦଳି । ସେ ଗୁଣ୍ଡିର ବାସ୍ନା ଅଲଗା । ନାନା ନିଜେ ଖାଉଥିଲେ ପରେ ବୋଉକୁ ବି ପାନଖିଆ ଶିଖାଇ ଦେଇଥିଲେ । ଦିହେଁ ଦିନରାତି ଚବିଶ ଘଣ୍ଟା କଳରେ ଗୁଣ୍ଡି ପାନ ଜାକିଥାନ୍ତି । ନନା ଗୁଣ୍ଡି ତିଆରି କରି ସାରିବା ପରେ କିଲିକିଆ ଡବାରେ ତାକୁ ସବୁ ଭରିକି ରଖୁଥିଲେ । ତା ଛଡ଼ା ପାନ, ଚୂନ, ଗୁଆ, ଖଇର ଆଦି ମଧ୍ୟ ଅଣାଯାଇ ଅତି ବ୍ୟବସ୍ଥିତ ଭାବରେ ରଖା ଯାଉଥିଲା । ସବୁଦିନ ସକାଳେ ଗାଧୋଇ ସାରି, ପୂଜା କରି ସାରି ନନା ବସିଯିବେ ପାନ ଭାଙ୍ଗି । ମୋର ଯେତେ ଦୂର ମନେ ଅଛି ପ୍ରାୟ ଦିନକୁ ଶହେ ଖଣ୍ଡେ ପାନ ଭଙ୍ଗା ଯାଉଥିଲା । ନନା ତାକୁ ସବୁ ଡବାରେ ଭରି ଅଫିସକୁ ନେଇ ଯାଉଥିଲେ, ନିଜେ ତ ଯାହା ଖାଉଥିଲେ ଅଧାରୁ ଅଧିକ ବାଣ୍ଟୁଥିଲେ । ତାଙ୍କ ଷ୍ଟାଫମାନେ ନନାଙ୍କୁ ବଡ଼ବାବୁ ବଡ଼ବାବୁ ବୋଲି କହି ଦିନକୁ ଦୁଇ ତିନୋଟି ପାନ ମାଗି ଖାଉଥିଲେ । ନନା ମଧ୍ୟ ଅତି ଆନନ୍ଦରେ ବାଣ୍ଟୁଥିଲେ । ସେ କଥା ମନେ ପକାଇଲେ ମତେ ଲାଗେ ନନା କେତେ ଅମାପ ହୃଦୟର ଥିଲେ ସତେ ! ସେ ଯେଉଁ ଗୁଣ୍ଡି ପାନ ଶ୍ରଦ୍ଧାର ସହିତ ବସି ବସି ଭାଙ୍ଗୁଥିଲେ ତାହା ଏବର ବଜାରରେ ଖଣ୍ଡିକୁ ୫ ଟଙ୍କାରୁ କମ ହେବନାହିଁ । କିନ୍ତୁ ନନା ସେତେବେଳେ ଚିହ୍ନା ଅଚିହ୍ନା ଯିଏ ବି ଖଣ୍ଡେ ପାନ ମାଗିଲା ତାକୁ ସେ ଅତି ଆଗ୍ରହର ସହିତ ବଢ଼ାଇ ଦେଉଥିଲେ । ଆମେ ଭାଇଭଉଣୀ ମାନେ ଅବଶ୍ୟ କେହି ବି ନନାଙ୍କର ପାନଖିଆ ଆଉ ଗୁଡ଼ାଖୁ ଘଷା ଗୁଣକୁ ରଖିନାହୁଁ । ନନା ଗୁଡ଼ାଖୁ ମଧ୍ୟ ଯାଇ ତାଇ ନୁହେଁ, ସେତେବେଳର ପ୍ରସିଦ୍ଧ ଆକବରୀ ଖାଁଙ୍କର ଗୁଡ଼ାଖୁ ଘଷୁଥିଲେ ଓ ବୋଉକୁ ମଧ୍ୟ ଅଭ୍ୟସ୍ତ

Download Magazine from www.aahwaan.com



କରାଇଥିଲେ ।

ଆଜିକାଲି ଆମମାନଙ୍କ ପରି ସନ୍ଧ୍ୟାରେ ଗପିବା, ସଭା ସମିତିକୁ ଯିବା, ଟି.ଭି. ଦେଖିବା, ରେଡ଼ିଓ ଶୁଣିବା ଆଦି କଥା ନନାଙ୍କ ପାଖରେ ନ ଥିଲା । ନନା ଅଫିସରୁ ଆସିବା ପରେ ଟିକିଏ ଚା ଜଳଖିଆ ଖାଇବା ପରେ ବସି ଯାଉଥିଲେ ଆମ ସବୁ ଭାଇ ଭଉଣୀଙ୍କୁ ପଢାଇବାରେ । ଆମେ ମାନେ ସନ୍ଧ୍ୟା ୬ଟା ରୁ ରାତି ୯ଟା ପର୍ଯ୍ୟନ୍ତ ନିଶ୍ଚୟ ବସି ପଢ଼ିବୁ । ଟିକିଏ ଏପଟରୁ ସେପଟ ହେଲେ ବା ପଢ଼ାରେ ମନ ନ ଦେଲେ ନନାଙ୍କ ଦାନ୍ତ କାଠିରେ ସଟ୍ କିନା ମାଡ଼ ବସି ଯାଉଥିଲା । ସେତେବେଳେ ୫ ଫୁଟ ଲମ୍ବା ପତଳା ଶାଳ କାଠିର ଦାନ୍ତ କାଠି ମିଳୁଥିଲା । ସେଇଥିରୁ ଗୋଟାଏ ଧରି ନନା ଆମକୁ ପଢାଇ ବସୁଥିଲେ । ମାଡ଼ ହେଲେ ସେତେବେଳେ କାନ୍ଦିବାର ବି ଯୁ ନ ଥିଲା । ଆଉ ପାଠପଢା ସମୟରେ ସେ ଘରକୁ କାହାରିକୁ ଯିବାର ଯୁ ମଧ୍ୟ ନଥିଲା, ଏପରିକି ବୋଉକୁ ମଧ୍ୟ ସେ ସମୟରେ ଯିବାକୁ ମନା ଥିଲା । ସେତେବେଳେ ମତେ ବହୁତ ଖରାପ ଲାଗୁଥିଲା କିନ୍ତୁ ଆଜି ବୁଝୁଛି ନନା ନିଜ ସ୍ୱାର୍ଥ ତ୍ୟାଗକରି ଆମ ପଛରେ ସମୟ ଦେଉଥିଲେ ବୋଲି ଆମେ ସବୁ ମଣିଷ ହୋଇଛୁ । ଆଜିର ଆମ ଭଳି ବାପା ମାନେ କେତେଜଣ ନନାଙ୍କ ପରି ସବୁ ଆତ୍ମ ସ୍ୱାର୍ଥତ୍ୟାଗ କରି ପିଲାମାନଙ୍କ ପଛରେ ସାରା ସନ୍ଧ୍ୟା କଟାଉଛନ୍ତି ? ଏଥିରୁ ଅନୁମେୟ ନନାଙ୍କ ଅବଦାନ ଆମ ଜୀବନରେ କେତେ !

ନନାଙ୍କର ବଡ଼ ପରିବାର ହୋଇଯିବା ପରେ ସେ ଜାଣିଥିଲେ ପିଲାମାନେ ଯଦି ନିଜେ ଭଲ ନ ପଢିବେ ତେବେ ତାଙ୍କୁ ଉଚ୍ଚ ଶିକ୍ଷା ଦେବା

Download Magazine from www.aahwaan.com

କଠିନ । ଏଣୁକରି ସେ ଚାହୁଁ ଥିଲେ ତାଙ୍କର ପିଲାମାନେ ମାଟ୍ରିକ ପାସ କରିବା ପରେ ନିଜେ ନିଜେ ଉଚ୍ଚ ଶିକ୍ଷା ପାଇବା ପାଇଁ ଯୋଗ୍ୟ ହୁଅନ୍ତୁ । ତାଙ୍କର ଆଶା ଫଳବତୀ ହୋଇଥିଲା । ନନାଙ୍କର ବଡ଼ପୁଅ, ମୋ ଭାଇନା ଶ୍ରୀକାନ୍ତ ମିଶ୍ର ଥିଲେ ଜଣେ ଅତ୍ୟନ୍ତ ମେଧାବୀ ଛାତ୍ର । ସେ ମାଟ୍ରିକ ପରୀକ୍ଷାରେ ସେ ସମୟରେ ଜାମଶେଦପୁରରୁ ପ୍ରଥମ ହୋଇ ଟାଟା କମ୍ପାନୀ ପ୍ରଦତ୍ତ 'ଜୁବିଲି ସ୍କଲାରସିପ' ପାଇ ପଢିଥିଲେ । ୧୯୬୦ରେ ସେ ସ୍କଲାରସିପ ଟଙ୍କା ପାଉଥିଲେ ମାସକୁ ୧୨୫ଟଙ୍କା ଯାହା ସେ ସମୟକୁ ଚାହିଁ ଅତ୍ୟନ୍ତ ଅଧିକ ଥିଲା । ଭାଇନା ସେ ସମୟରେ ଆର.ଆଇ.ଟି ଜାମଶେଦପୁରରୁ ଜଣେ ଭଲ ସିଭିଲ ଇଂଜିନିୟର ହୋଇ ପାସ କରିଥିଲେ । ପରେ ଭାଇନା ସବୁ ଭାଇମାନଙ୍କୁ ପଢ଼ିବାରେ ଏବଂ ଭଉଣୀମାନଙ୍କୁ ବିବାହରେ ନନାଙ୍କୁ ଅନେକ ସାହାଯ୍ୟ କରିଥିଲେ । ଭାଇନାଙ୍କୁ ନନା 'କୁନା' ବୋଲି ଡାକୁଥିଲେ । ନନା ମଲା ପର୍ଯ୍ୟନ୍ତ କୁନା ଛଡା ଆଉ କାହାରି ନାଁ ନନାଙ୍କ ମୁହଁରେ ନ ଥିଲା ।

ନନା ୩୮ ବର୍ଷ ଟାଟା କମ୍ପାନୀରେ ଚାକିରୀ କରି ୧୯୭୮ରେ କମ୍ପାନିରୁ ଅବସର ଗ୍ରହଣ କରିଥିଲେ । ଅବସର ପରେ ନନା ପୁଅମାନଙ୍କ ପାଖରେ କାଟିଥିଲେ । ଶେଷରେ ବାଲେଶ୍ୱରରେ ସାନମଝିଆ ପୁଅ ଉମାକାନ୍ତ ଘରେ ୧୩ ତାରିଖ ଅକ୍ଟୋବର ମହାଳୟା ଦିନ ତାଙ୍କର ଦେହାବସାନ ହୋଇଥିଲା । ତାଙ୍କର ପାର୍ଥିବ ଶରୀରକୁ ବାଲେଶ୍ୱରରୁ ପୁରୀ ସ୍ୱର୍ଗଦ୍ୱାରକୁ ନିଆଯାଇ ଶେଷ କୃତ୍ୟ ସମ୍ପର୍ଣ୍ଣ ହୋଇଥିଲା । ନନାଙ୍କର ବଡ଼ ପୁଅ 'କୁନା' ମୁଖାଗ୍ନି କରିଥିଲେ । ଯାହାହେଉ ନନାଙ୍କର

Download Magazine from www.aahwaan.com

ଅନ୍ତିମ ଇଛା ପୁରୀରେ ମରିବା କଥାଟି ମଧ୍ୟ ହେଲା ।

ନନା ସାରା ଜୀବନ କାହାରି କିଛି ଅମଙ୍ଗଳ କରି ନଥିଲେ । କାହାରି ବିଷୟରେ କେବେ କିଛି କୁଚିନ୍ତା ମଧ୍ୟ କରି ନଥିଲେ । ନିଜେ ଭଲ ତ ଦୁନିଆ ଭଲ ସିଦ୍ଧାନ୍ତରେ ସେ ଚାଲି ଆସିଥିଲେ । ସେ ମଲାପରେ ମଧ୍ୟ ଭଲରେ ଗଲେ । ଦିନେ ହେଲେ ଭୋଗୀ ନାହାନ୍ତି କି କାହାରିକୁ ଭୋଗାଇ ନାହାନ୍ତି । ତାଙ୍କର ଆତ୍ମାର ସଦ୍ଗତି ହେଉ ।

ଓଁ ତତ୍ ସତ୍

ଭି.ଆଇ.ଏମ - .୨୬୮

ଶୈଳଶ୍ରୀ ବିହାର

ଭୁବନେଶ୍ୱର -୭୫୧୦୨୧

ଭ୍ରାମ୍ୟଭାଷ -୯୯୩୭୨୬୮୦୧୨

Download Magazine from www.aahwaan.com

# ଚନ୍ଦ୍ରଭାଗା : ବ୍ଲୁ ଫ୍ଲାଗ୍ ସି ବିଚ୍

ଜୁନ ୫ ତାରିଖ ବିଶ୍ୱ ପରିବେଶ ଦିବସ । ଏହି ଦିନଟି କେବଳ ଆମ ଓଡିଶା ପାଇଁ ନୁହେଁ, ଆମ ଦେଶ ପାଇଁ ମଧ୍ୟ ଆଣିଦେଇଛି ଗର୍ବ ଓ ଗୌରବ । ଓଡ଼ିଶାର ଚନ୍ଦ୍ରଭାଗା ବେଳାଭୂମି ଏସିଆ ମହାଦେଶର ସର୍ବ ପ୍ରଥମ ନୀଳ ପତାକା ବେଳାଭୂମି (ବ୍ଲୁ ଫ୍ଲାଗ ସି ବିଚ୍) ପାଇଁ ମନୋନୀତ ହୋଇଛି । ଏହା ଆମ ରାଜ୍ୟ ପାଇଁ କମ ଗୌରବର କଥା ନୁହେଁ .. ! ଆମ ରାଜ୍ୟ ନୁହେଁ ବରଂ ଦେଶ ପାଇଁ ଗର୍ବର କଥା ଏସିଆ ମହାଦେଶରେ ଏତେ ସବୁ ବିକାଶଶୀଳ ଦେଶ ସବୁକୁ ପଛରେ ପକେଇ ଭାରତ ଯେଉଁ ସ୍ୱତନ୍ତ୍ର ସମ୍ମାନର ଅଧିକାରୀ, ନିଶ୍ଚିତ ଭାବେ ଅନ୍ୟ ଦେଶ ଈର୍ଷାତୁର ହେବା ସ୍ୱାଭାବିକ କଥା । ଏହା ନୁହେଁ ଅନ୍ୟ ଦେଶମାନେ ନିଜ ନିଜ ଦେଶ ପାଇଁ "ବ୍ଲୁ ଫ୍ଲାଗ ସି ବିଚ୍" ମାନ୍ୟତା ପାଇଁ କସରତ କରିନଥିବେ .. !



ଅଶୋକ କୁମାର ସେଠୀ

ଏସିଆ ମହାଦେଶରେ ବହୁତ ସମୁଦ୍ର ଉପକୂଳ ଦେଶ ଥିବା ସତ୍ତ୍ୱେ ଚନ୍ଦ୍ରଭାଗା ସମୁଦ୍ର ଉପକୂଳ ସବୁ ସବୁ ମାନଦଣ୍ଡ ଅନୁସାରେ ଉପଯୁକ୍ତ ହୋଇପାରିଛି । ପର୍ଯ୍ୟଟନ କ୍ଷେତ୍ରରେ ହେଉ ଅବା ଅର୍ଥନୈତିକ କ୍ଷେତ୍ରରେ ହେଉ ଆଗ ଧାଡିରେ ଥିବା ଦେଶ ସମୂହ ଯେମିତି ସିଙ୍ଗାପୁର, ମାଲେସିଆ, ଚାଇନା, କୋରିଆ, ଜାପାନ ସମସ୍ତଙ୍କୁ ପଛରେ ପକେଇ ନିଜକୁ ଉତ୍କୃଷ୍ଟତାର ପରିଚୟ ଦେଇଛି । ଏହା ଏକ ବଡ଼ ସମ୍ମାନର କଥା ନିଶ୍ଚିତ

ଭାବେ ।

ହେଲେ ଏ "ବ୍ଲୁ ଫ୍ଲାଗ ସି ବିଚ୍" କଣ .. ? ଏଥି ପାଇଁ କିପରି ଚୟନ କରା ଯାଉଛି ? ତେବେ ଚାଲନ୍ତୁ ଜାଣିବା :

ଧରି ନିଅନ୍ତୁ ଏକ ସମୁଦ୍ରକୂଳ ବେଳାଭୂମି ଯେଉଁଠି ପରିମଳ ବ୍ୟବସ୍ଥା ସହ ପରିପାର୍ଶ୍ୱିକ ଅବସ୍ଥାକୁ ବି ଲକ୍ଷ୍ୟ କରାଯାଇଥାଏ ।

Foundation For Environmental Education ( FEE ) ଏହା ଏକ ସରକାରୀ ସଂସ୍ଥା ନୁହେଁ । ଏହା ଏକ ବେସରକାରୀ ସଂସ୍ଥା ଓ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର । ଏହି FEE ର ଏହାର ମୁଖ୍ୟ କାର୍ଯ୍ୟାଳୟ (HQ) - ଡେନମାର୍କର କୋପନହାଗନ୍ ରେ ଅବସ୍ଥିତ । ଏହାର ମୁଖ୍ୟ ଲକ୍ଷ୍ୟ ହେଲା ସାରା ବିଶ୍ୱରେ ଥିବା ସମସ୍ତ ବେଳାଭୂମିର ମାନ ନିରୂପଣ କରି ପର୍ଯ୍ୟଟକ ମାନଙ୍କୁ ଏହା ବିଷୟରେ ଅବଗତ କରାଇବା । ସେଥିପାଇଁ ଏହି FEE ଏକ ମାନଦଣ୍ଡ ପ୍ରଣୟନ କରିଥାଏ ।

ବିଶ୍ୱର ଯେ କୌଣସି ଦେଶର ବେଳାଭୂମିକୁ ଏ ସଂସ୍ଥା ସାର୍ଟିଫିକେଟ ଦେଇଥାଏ । ଯଦି ସେ ଏହି ସବୁ ମାନଦଣ୍ଡରେ ଉତ୍ତୀର୍ଣ୍ଣ ହୁଏ । ନିର୍ଦ୍ଧିଷ୍ଟ ବେଳାଭୂମିଟି ପ୍ରାକୃତିକ ପରିବେଶ ସହିତ ଖାପ ଖୁଆଇ ପାରୁଥିଲେ ସେ ସଂସ୍ଥା ଏକ ପତାକା ସେଠାରେ ପୋତି ଦିଅନ୍ତି । ଯେଉଁ ପତାକାରେ "ବ୍ଲୁ ଫ୍ଲାଗ ସି ବିଚ୍" ଲୋଗୋ ଲାଗିଥାଏ ଏବଂ ପତାକାର ରଙ୍ଗ ନୀଳ ଥାଏ । ଯାହା ସୂଚିତ କରେ କି ଏହା ଏକ 'ବ୍ଲୁ ଫ୍ଲାଗ ସି ବିଚ୍' । ଏ ବେଳାଭୂମି ପର୍ଯ୍ୟଟକ ମାନଙ୍କ ପାଇଁ ଉପକୂଳ ଅଟେ, ସେ ବେଳାଭୂମିଟିକୁ ନିଜ ଢ଼େବ

Download Magazine from www.aahwaan.com

ସାଇଟରେ ସୂଚାଇଥାନ୍ତି । କିମ୍ବା ସୋସିଆଲ ମେଡିଆରେ ପ୍ରଚାରିତ କରିଥାନ୍ତି । ଏହି ବେଳାଭୂମିଟି 'ବ୍ଲୁ ଫ୍ଲାଗ ସି ବିଚ୍' ବୋଲି । ଆପଣମାନେ ଏଠାକୁ ଭ୍ରମଣରେ ଯାଇ ପାରିବେ । ଅବସର ବିନୋଦନ ପାଇଁ ଏଠାରେ ସମୟ କଟାଇ ପାରିବେ ।

'ବ୍ଲୁ ଫ୍ଲାଗ ସି ବିଚ୍' ପାଇଁ ଉଦ୍ଧିଷ୍ଟ ମାନଦଣ୍ଡ ଗୁଡିକ ଏହିପରି :

୧. ନିର୍ଦ୍ଧିଷ୍ଟ ଉପକୂଳଟି ପ୍ରାକୃତିକ ପରିବେଶ ସହ ସହ ସନ୍ତୁଳନ ରକ୍ଷା କରୁଥିବ । ନିର୍ଦ୍ଧିଷ୍ଟ ଜୋନର ସମସ୍ତ ସମ୍ବେଦନଶୀଳ ଅଞ୍ଚଳ ବିଷୟରେ ସେଠାରେ ସୂଚିତ ହୋଇଥିବା ବିଧେୟ ।

ଯେମିତିକି କେଉଁ ଜାଗାରେ ଗାଧେଇବା ଅନୁଚିତ, କେଉଁଠାରେ ସମୁଦ୍ର ଗଭୀର, କେଉଁଠାରେ ଜଳଚର ପ୍ରାଣୀମାନଙ୍କ ପ୍ରତି ବିପଦ ଏମିତ କିଛି ।

୨. ସ୍ନାନ କରିବା ପାଇଁ ଏ ପାଣି କେତେ ଉପଯୁକ୍ତ ଏହାର ଗୁଣବତା ମଧ୍ୟ ଉଲ୍ଲେଖ କରିବା ଅନିବାର୍ଯ୍ୟ ।

୩. ଏହା ଏକ 'ବ୍ଲୁ ଫ୍ଲାଗ ସି ବିଚ୍' ବୋଲି ସୂଚନା ଫଳକ ରହିବା ଅନିବାର୍ଯ୍ୟ ।

୪. ସେଇ ନିର୍ଦ୍ଧିଷ୍ଟ ଅଂଚଳର କଣ କଣ ସବୁ ନୀତି ନିୟମ ଆଇନ କାନୁନ ସେ ବିଷୟରେ ବିଷଦ ଭାବେ ଉଲ୍ଲେଖ କରିବା ଉଚିତ । ଯାହା ଫଳରେ ଜଣେ ପର୍ଯ୍ୟଟକ ସହଜରେ ଏ ବିଷୟରେ ଅବଗତ ହୋଇ ପାରିବ । ଏବଂ ସେଠିକା ଜନସାଧାରଣଙ୍କ ସହ ସେ ମିଶି ପାରିବେ ।

୫. ଅନ୍ୟୁନ ପାଞ୍ଚୋଟି ପରିବେଶ ସମ୍ବନ୍ଧିତ ଶିକ୍ଷା ନିହାତି ଯୋଗାଉଥିବେ ।

୬. କୌଣସି କଳ କାରଖାନାରୁ ନିର୍ଗତ ହେଉଥିବା ଦୂଷିତ ଜଳ ସମୁଦ୍ରରେ ପଶୁନଥିବ ।

୭. ଆଖ ପାଖରେ ଥିବା ପ୍ରବାଳ ବା ଶୈବାଳ ସମସ୍ୟା ପ୍ରତି ଯତ୍ନ ଓ ଯାଞ୍ଚ କରାଯାଉଥିବ ।

'ବ୍ଲୁ ଫ୍ଲାଗ ସି ବିଚ୍' ମନୋନୀତ ହେବ ପାଇଁ ଯେଉଁ ସବୁ ମାନଦଣ୍ଡ ରହିଛି ସେହି ସବୁ ନିର୍ଦ୍ଧିଷ୍ଟ ବେଳାଭୂମିରେ ପରିଲକ୍ଷିତ ହେବ ଅନିବାର୍ଯ୍ୟ । ମୁଖ୍ୟତଃ ସୁରକ୍ଷା ଓ ପରିବେଶ ଜନିତ ଶିକ୍ଷାକୁ ପ୍ରାଧାନ୍ୟ ଦିଆଯାଏ ।

ଏମିତ କିଛି...

ଯଦି ସମସ୍ତ ଅନୁକୂଳ ପରିସ୍ଥିତି ସନ୍ତୋଷଜନକ ହୋଇଥାଏ ତେବେ ସେ ବେଳାଭୂମିକୁ 'ବ୍ଲୁ ଫ୍ଲାଗ ସି ବିଚ୍' ମାନ୍ୟତା ଦିଆଯାଇଥାଏ । ଆଞ୍ଚଳିକ ଓ ଦେଶର ପର୍ଯ୍ୟଟନ ବିଭାଗ ପାଇଁ ଏହା ଏକ ଉପହାର ସ୍ୱରୂପ । ଏହା ଏକ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ପାଇଲେ ଦେଶ ବିଦେଶରୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ଆମ ଦେଶକୁ ଆସିବେ ଯାହା ଫଳରେ ଆମର ରାଜସ୍ୱ ବୃଦ୍ଧି ପାଇବା ସହ ଅନ୍ୟ ଦେଶ ପରି ଆମର ଦେଶର ସୁନାମ ବଢ଼ିବ । ଆମ ଦେଶ ଅନ୍ୟ ଦେଶ ତୁଳନାରେ ବିକଶିତ ହୋଇ ପାରିବ । ଏବଂ ଯେଉଁ ସମୁଦ୍ର ଉପକୂଳରେ ଏହି 'ବ୍ଲୁ ଫ୍ଲାଗ ସି ବିଚ୍' ହେବ ତା ନିକଟରେ ଆଉ ସବୁ କଣ ପର୍ଯ୍ୟଟନସ୍ଥଳୀ ଅଛି ତାକୁ ବି ନଜର

ଆହ୍ୱାନ
ଶତକ
ସଂସ୍କରଣ


Download Magazine from www.aahwaan.com

କରାଯାଏ । ଯେମିତିକି ଚନ୍ଦ୍ରଭାଗାର ଅନତି ଦୂରରେ କୋଣାର୍କ ସୂର୍ଯ୍ୟ ମନ୍ଦିର ଅବସ୍ଥିତ ଯାହାକୁ ଆମେ ବ୍ଲାକ ପାଗୋଡା ବୋଲି କହୁ । ୧୩୦୦ ଖ୍ରୀ.ଅ ରେ ଲାଙ୍ଗୁଳା ନରସିଂହ ଦେବ ଏହାକୁ ଗଢ଼ିଥିଲେ । ଏହା ଏକ ବିଶ୍ୱ ଐତିହ୍ୟରେ ପରିଗଣିତ । ଶ୍ରୀ ଜଗନ୍ନାଥ ମନ୍ଦିର ଆଉ କିଛି କିଛି ଦୂର ଗଲା ପରେ ଅବସ୍ଥିତ ।

ଆଞ୍ଚଳିକ ପର୍ଯ୍ୟଟନ ବିଭାଗ ପ୍ରତି ଏହା ଏକ ଗୁରୁତ୍ୱପୂର୍ଣ୍ଣ କଥା ଯେ ସମଗ୍ର ଏସିଆ ମହାଦେଶର ଏହା ହେଉଛି ପ୍ରଥମ 'ବ୍ଲୁ ଫ୍ଲାଗ ସି ବିଚ୍' ଏହା ନୁହେଁ ଯେ ଅନ୍ୟ ଦେଶମାନେ ଏଥି ପାଇଁ ପ୍ରୟାସ କରିନଥିବେ ! ଜାପାନ, ଚୀନ, ମାଲେସିଆ, ଏ ସବୁ ଦେଶକୁ  ପଛରେ ପକେଇ ଯେଉଁ ସମ୍ମାନ ମିଳିଛି ତାକୁ କିପରି ବଳବତ୍ତର ରଖାଯାଇ ପାରିବ ସେଥି ପ୍ରତି ଯତ୍ନଶୀଳ ହେବା ନିହାତି ଜରୁରୀ । ଯାହା ଫଳରେ ବହୁଳ ପରିମାଣରେ ପର୍ଯ୍ୟଟକ ମାନଙ୍କ ସୁଅ ଛୁଟିବ ଏବଂ ଦେଶର ଆର୍ଥିକ ବିକାଶ ହେବା  ସହିତ ଅନ୍ୟ ଦେଶ ତୁଳନାରେ ଏକ ବିକାଶଶୀଳ ଦେଶ ଭାବେ ପରିଗଣିତ ହେବ । ଦେଶ ବିଦେଶର ବିତ୍ତଶାଳୀ ଲୋକମାନଙ୍କ ପାଖରେ ନିଜର ବ୍ୟକ୍ତିଗତ ଜାହାଜ ଥାଏ ସେ ଜାହାଜ ସବୁକୁ ଯେଉଁଠାରେ ସେ ପାର୍କିଙ୍ଗ କରିବେ ତାହାକୁ ମାରିନା ବୋଲି  କୁହାଯାଏ । ସେହି ଠାରେ ସେହି ଜାହାଜ ସବୁକୁ ପାର୍କିଙ୍ଗ କରିବା ପାଇଁ ସୁବିଧା ଥିବା ନିହାତି ଜରୁରୀ ଅଟେ । ସେମାନଙ୍କ ପାଇଁ ସୁରକ୍ଷା ଅନୁରୂପ ଭାବେ ଜରୁରୀ ଅଟେ ।

ଭାରତ ସରକାରଙ୍କ ଜଙ୍ଗଲ ଓ ପରିବେଶ ପରିବର୍ତ୍ତନ ମନ୍ତ୍ରାଳୟ

Download Magazine from www.aahwaan.com

The Ministry of Environment, Forest and Climate Change (MoEFCC) ଏକ ଯୋଜନା ପ୍ରଣୟନ କରିଛନ୍ତି । ଭାରତର ସମସ୍ତ ସମୁଦ୍ର ଉପକୂଳ ମାନଙ୍କର ମାନ ଓ ପରିମଳ ବ୍ୟବସ୍ଥାକୁ ଉନ୍ନତି କରିବା ପାଇଁ ଏହି ଯୋଜନା କଲେ । ଭାରତ ମଧ୍ୟ ଏକ 'ବ୍ଲୁ ଫ୍ଲାଗ ସି ବିଚ୍' ଆବଶ୍ୟକ କରୁଥିଲା ତେଣୁ FEE କୁ ନଜରରେ ରଖି ଏକ pilot project launch କଲେ ଏବଂ ଏହାର ନାଁ ବ୍ଲୁ ଫ୍ଲାଗ ବୋଲି ରଖିଲେ । ଏହି ଯୋଜନା ଅନ୍ତର୍ଗତ ଭାରତର ଯେତେ ସବୁ ଉପକୂଳବର୍ତ୍ତୀ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ ସେ ସବୁକୁ ଏହି ବ୍ଲୁ ଫ୍ଲାଗ ସୁପାରିଶ କରାଯାଏ । ସେଥି ମଧ୍ୟରୁ ଚୟନ କରାଯାଇ 'ବ୍ଲୁ ଫ୍ଲାଗ ସି ବିଚ୍' ମାନ୍ୟତା ପାଇଁ ସୁପାରିଶ କରାଯାଏ । ଏହା ଯାଇ ପହଁଚି ଥାଏ ICMP ( INTEGRATED COASTAL MANAGEMENT PROGRAMME ) ନିକଟକୁ । ତା'ପରେ ଏହି ଯୋଜନା ମୁତାବକ ସେ ବିଚ୍ କୁ ଆର୍ଥିକ ସହାୟତା ଯୋଗାଇଥାନ୍ତି । ଏହା ଦ୍ୱାର ସେଠିକାର ପରିମଳ ବ୍ୟବସ୍ଥାକୁ ସୁଧାର ଅଣାଯାଏ ଓ ତାହାକୁ 'ବ୍ଲୁ ଫ୍ଲାଗ ସି ବିଚ୍' ଲାଗି ଉପଯୁକ୍ତ ହେଲା ଭଳି ପ୍ରସ୍ତୁତ କରାଗଲା ।

ଏହାର ଫଳ ସ୍ୱରୂପ ଚନ୍ଦ୍ରଭାଗା ସମୁଦ୍ର କୂଳକୁ 'ବ୍ଲୁ ଫ୍ଲାଗ ସି ବିଚ୍'ର ମାନ୍ୟତା ମିଳିଲା ।

ଆଗକୁ ମହାରାଷ୍ଟ୍ର ଚିଭଲା ଓ ଭୋଗବେ ସମୁଦ୍ର ଉପକୂଳ ଏବଂ ପୁଡୁଚେରୀ, ଗୋଆ, ଦାମନ ଓ ଡ଼ିଉ, ଲାକ୍ଷାଦ୍ୱୀପ, ଅଣ୍ଡାମାନ ଓ

Download Magazine from www.aahwaan.com

ନିକୋବର ଦ୍ୱୀପର ଗୋଟିଏ ଲେଖାଏଁ ବେଳାଭୂମିକୁ ସୁପାରିଶ କରାଯିବାର ଯୋଜନା ରହିଛି ।

(SICCOM) society for integrated coastal management ଅଧୀନରେ ଆହୁରି ୧୨ଟି ବେଳାଭୂମିର କାମ ଚାଲୁଅଛି । ହୁଏତ ଆଗାମୀ ଦିନରେ ଏମାନଙ୍କୁ ମଧ୍ୟ 'ବ୍ଲୁ ଫ୍ଲାଗ ସି ବିଚ୍'ର ମାନ୍ୟତା ମିଳିପାରେ । ପ୍ରଚେଷ୍ଟା କରାଯାଉଛି ସେଗୁଡିକୁ କିପରି ଭାବରେ ଉନ୍ନତି କରାଯାଇ ପାରିବ । ଆକଳନ କରାଯାଉଛି ଭାରତରେ ଅନେକ ଏହି ପରି ବେଳାଭୂମି ଆମେ ପାଇ ପାରିବୁ ।

କଲ୍ୟାଣପୁର, ନୟାଗଡ

Download Magazine from www.aahwaan.com

# ବ୍ରହ୍ମଚର୍ଯ୍ୟ

ଇତିହାସ ସାକ୍ଷୀ, ଯଦି ସଂସାରର ଯେକୌଣସି ଜାତି ଭିତରେ କାମୁକତା ଏବଂ ଅଶ୍ଳୀଳ ପ୍ରବୃତ୍ତି ମର୍ଯ୍ୟାଦାହୀନ ଭାବରେ ବୃଦ୍ଧି ପାଏ ସେ ଜାତି ଶେଷରେ ନଷ୍ଟ ହୋଇଯାଏ । କାରଣ ସମାଜର ଜୀବନ ସଦାଚାର, ସତ୍ୟ, ନିଷ୍ଠା, ସଚ୍ଚରିତ୍ରତା, ଉଦାରତା ଉପରେ ନିର୍ଭର କରେ । ଆମେ ସମସ୍ତେ ଜାଣିଛେ ବର୍ତ୍ତମାନ ସମାଜରେ ହିଂସା, ଦ୍ୱେଷ, କାମୁକତା ଆଦି ଅନାୟତଭାବେ ବଢିଚାଲିଛି ଏବଂ ଯଦି ଏଇ ପ୍ରକ୍ରିୟା ଉପରେ ପ୍ରତିରୋଧକ ନ ଲଗାଯାଏ ତେବେ ଏଇ ମନୁଷ୍ୟ ସମାଜ ଅତିଶୀଘ୍ର କାଳଗର୍ଭରେ ଲୀନ ହୋଇଯିବ । ତେବେ, ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ଏ ପ୍ରକ୍ରିୟାରେ ବାଧା ଲଗେଇବ କିଏ ?



ପ୍ରବୀଣ କୁମାର କବି

ଯଦି ବି କିଏ ଏ ପ୍ରକ୍ରିୟା ଉପରେ ପ୍ରତିବନ୍ଧକ ଲଗାଇପାରିବ, ଏ ସମାଜରେ ଏକ ବୈପ୍ଲବିକ ପରିବର୍ତ୍ତନ ଆଣିପାରିବ ସିଏ ହେଉଛି ଆଜିର ଯୁବସମାଜ । କାରଣ ଯୁବସମାଜ ମଧ୍ୟରେ ସେ ସାହସ, ଶକ୍ତି, ଦୃଢ଼ତା, ଉଦ୍ଦାମତା ରହିଛି । କିନ୍ତୁ ବର୍ତ୍ତମାନ ଅଧିକାଂଶ କ୍ଷେତ୍ରରେ ଦେଖାଯାଉଛି ଯୁବକ ଯୁବତୀମାନେ ସେମାନଙ୍କ ମଧ୍ୟରେ ଥିବା ସେ ଅନ୍ତର୍ନିହିତ ଶକ୍ତିର ଦୁରୁପଯୋଗ କରୁଛନ୍ତି ଯାହାକି ଚିନ୍ତାର ବିଷୟ ଅଟେ । ଅନେକ ସମୟରେ ଦେଖାଯାଉଛି ଯୁବକ ଯୁବତୀମାନେ ଭୟାଳୁ, ନିରୁତ୍ସାହୀ ହୋଇ

Download Magazine from www.aahwaan.com

ପଡୁଛନ୍ତି । ଅନେକ ସମୟରେ କ୍ରୁର, ଶୁଷ୍କ, କ୍ଷଣକୋପି ଏବଂ ଉଦାସ ହୋଇପଡୁଛନ୍ତି, ଦୁଶ୍ଚିନ୍ତାମଗ୍ନ ରହୁଛନ୍ତି । ବିଭିନ୍ନ ଶାରୀରିକ ଏବଂ ମାନସିକ ରୋଗର ଶିକାର ମଧ୍ୟ ହେଉଛନ୍ତି । ତେବେ ଏହାର ବାସ୍ତବ କାରଣ କଣ ହେଇପାରେ ତାହା ମନରେ ପ୍ରଶ୍ନବାଚୀ ସୃଷ୍ଟି କରେ । ଏହାର ଅନେକ କାରଣ ହେଇପାରେ କିନ୍ତୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କାରଣଟି ହେଉଛି ସେମାନଙ୍କ ମଧ୍ୟରେ ସଂଯମର ଅଭାବ, ବ୍ରହ୍ମଚର୍ଯ୍ୟର ଅଭାବ ।

ବର୍ତ୍ତମାନ ଅଧିକାଂଶ ଯୁବସମାଜ ତଥା ଛାତ୍ରଛାତ୍ରୀ ସଂସ୍କାରର ଅଭାବରୁ ହେଉ କିମ୍ବା କଳୁଷିତ ପରିବେଶର ବିଷଜ୍ୱାଳାର ଶିକାର ହୋଇ ଅନେକ ସମୟରେ କାମୋତ୍ତେଜକ ଚେଷ୍ଟା, ହସ୍ତମୈଥୁନ, ଯୌନଭାବନା ତଥା ଯାବତୀୟ କାମଲାଳସାରେ ବୁଡିରହୁଛନ୍ତି ଯଦ୍ୱାରା ସେମାନଙ୍କର ଇନ୍ଦ୍ରିୟଗୁଡ଼ିକ ଶିଥିଳ ହୋଇପଡିବା ସହ ସ୍ମରଣଶକ୍ତି ମଧ୍ୟ କ୍ଷୀଣ ହୋଇପଡୁଛି । ଯାହାଫଳରେ ସେମାନେ ସାମାଜିକ କାର୍ଯ୍ୟ ତ ଦୂରର କଥା ନିଜ କାର୍ଯ୍ୟ ମଧ୍ୟ ସୁଚାରରୁପେ କରିବାକୁ ସମର୍ଥ ହେଉନାହାନ୍ତି ।

ତେଣୁ ବ୍ରହ୍ମଚର୍ଯ୍ୟ ପାଳନ ଜରୁରୀ ହୋଇ ପଡିଛି ।

ବ୍ରହ୍ମଚର୍ଯ୍ୟ ସମ୍ବନ୍ଧରେ ଅନେକ ଲୋକ ଅନେକ ମତ ଦେଇଥାନ୍ତି ଯଦ୍ୱାରା ଅନେକ ସମୟରେ ଆମେ ଭ୍ରମିତ ମଧ୍ୟ ହେଇଥାଉ । ସଦଗୁରୁ ଶ୍ରୀ ଶିବାନନ୍ଦଙ୍କ ମତରେ "କାୟ, ମନ ଓ ବାକ୍ୟରେ ବିଶୁଦ୍ଧତା ଏବଂ ପବିତ୍ରତା ହିଁ ବାସ୍ତବ ବ୍ରହ୍ମଚର୍ଯ୍ୟ ।"ବ୍ରହ୍ମଚର୍ଯ୍ୟ କେବଳ ଏକ ଦିବ୍ୟ ଶବ୍ଦ ନୁହେଁ, ଏହା ଏକ ବ୍ରତ । ଏଥିରେ ସଂସାରର ସମସ୍ତ ଯୋଗର ସାରତତ୍ତ୍ୱ

Download Magazine from www.aahwaan.com

ନିହିତ ଅଛି । ମନୁଷ୍ୟର ଶାରୀରିକ, ମାନସିକ ଏବଂ ବୌଦ୍ଧିକ ବିକାଶ ପାଇଁ ଏହା ନିତ୍ୟାନ୍ତ ଉପଯୋଗୀ ଓ ଲାଭପ୍ରଦ ସାଧନ ଅଟେ । ବ୍ରହ୍ମଚର୍ଯ୍ୟ କହିଲେ କେବଳ ଅବିବାହିତ ଅବସ୍ଥାକୁ ବୁଝାଏ ନାହିଁ ଏବଂ ସଂଯମ କହିଲେ କେବଳ ମୈଥୁନତ୍ୟାଗକୁ ବୁଝାଏ ନାହିଁ । ବ୍ରହ୍ମଚର୍ଯ୍ୟ କହିଲେ ସୀମିତ ଅର୍ଥରେ ଯୌନସମ୍ପର୍କକୁ ତ୍ୟାଗ ବା ବୀର୍ଯ୍ୟରକ୍ଷାକୁ ବୁଝାଇଥାଏ କିନ୍ତୁ ବ୍ୟାପକ ଅର୍ଥରେ ବୁଝିଲେ ସମ୍ପୂର୍ଣ୍ଣ ଇନ୍ଦ୍ରିୟସଂଯମକୁ ବୁଝାଇଥାଏ ।

ବିଶୁଦ୍ଧ ବାୟୁ, ବିଶୁଦ୍ଧ ଜଳ, ସତ୍ ଚିନ୍ତନ୍, ଯୋଗ, ପ୍ରାଣାୟମ ଏ ପ୍ରତ୍ୟେକଟି ସୁନ୍ଦର ଦୈହିକ ସ୍ୱାସ୍ଥ୍ୟ ଓ ଶକ୍ତିଲାଭ ପାଇଁ ଜରୁରୀ ଅଟେ । ତେଣୁ ଶାରୀରିକ ଏବଂ ମାନସିକ ଶକ୍ତି ନିମନ୍ତେ ବିଭିନ୍ନ ପ୍ରଣାଳୀ ରହିଛି ମାତ୍ର ସେମାନଙ୍କ ମଧ୍ୟରେ ବ୍ରହ୍ମଚର୍ଯ୍ୟ ପାଳନ ହେଉଛି ସର୍ବଶ୍ରେଷ୍ଠ ପ୍ରଣାଳୀ କାରଣ ବ୍ରହ୍ମଚର୍ଯ୍ୟ ମନୁଷ୍ୟ ଜୀବନରେ ରୋଗ ପ୍ରତିରୋଧକ ଶକ୍ତି ପରି କାର୍ଯ୍ୟ କରିଥାଏ । ଏହା ଅନ୍ତର୍ବଳ ବଢ଼ାଇବା ସହିତ ମାନସିକ ଶକ୍ତି ପ୍ରଦାନ କରେ । ଏହା ସ୍ମୃତିଶକ୍ତି, ଇଚ୍ଛାଶକ୍ତି ତଥା ମସ୍ତିଷ୍କର ଶକ୍ତି ବର୍ଦ୍ଧନ କରେ ଏବଂ ଶରୀରକୁ ବଳ, ଉତ୍ସାହ ଏବଂ ଜୀବନୀଶକ୍ତି ପ୍ରଦାନ କରେ ।

ବ୍ରହ୍ମଚର୍ଯ୍ୟରେ ଶାରୀରିକ ସଂଯମ ଠାରୁ ମାନସିକ ସଂଯମ ବେଶି ଜରୁରୀ କାରଣ ଜଣେ ଶାରୀରିକ ଭାବରେ ଯୌନ ଲାଳସାରେ ନବୁଡି ଯଦି ମାନସିକ ଭାବରେ ଏହାକୁ ଚିନ୍ତା କରେ ତେବେ ତାର ବେଶି କ୍ଷତି ହୋଇଥାଏ ।

ତେଣୁ, ବ୍ରହ୍ମଚର୍ଯ୍ୟ ପାଳନର ପ୍ରଥମ ସୂତ୍ର ହେଉଛି ଶାରୀରିକ ଓ

Download Magazine from www.aahwaan.com

ମାନସିକ ସ୍ଥିରତା ବଜାୟ ରଖିବା ଯାହାକୁ ପାଳନ କରିବା ପ୍ରାରମ୍ଭିକ ଭାବରେ ନିତ୍ୟାନ୍ତ ଆବଶ୍ୟକ ହୋଇପଡିଛି । ଏହାର ପାଳନ କରିବା ଦ୍ୱାରା ଯୁବସମାଜ ମଧ୍ୟରେ ନୂତନ ଶକ୍ତିର ସଞ୍ଚାର ହୋଇପାରିବ ଏବଂ ଏକ ସ୍ୱଚ୍ଛ ଏବଂ ସୁସ୍ଥ  ସମାଜ ଗଠନ ହୋଇପାରିବ ।

ଅଧ୍ୟାପକ, ଉଦ୍ଭିଦବିଜ୍ଞାନ ବିଭାଗ

ପତିତପାବନ ମହାବିଦ୍ୟାଳୟ

ଆନନ୍ଦପୁର, କେନ୍ଦୁଝର

ଭ୍ରାମ୍ୟଭାଷ : ୭୬୦୯୦୭୭୦୨୩

ଇମେଲ-prabinkabi94@gmail.com

Download Magazine from www.aahwaan.com



# ଉଦଗମକ

## 'ଭାଷା' ଓ 'ବୋଲି'ର ଅନୁଚିନ୍ତା

'ଭାଷା' ଏବଂ ଆଞ୍ଚଳିକ 'ବୋଲି ଚାଲି' କଥାରେ କଥାରେ ଶୁଣି ପାର୍ଥକ୍ୟ ଭାବିଲି ମିଶ୍ରିତ କଲି ଶବ୍ଦ, ସ୍ୱର ଓ ଉଚ୍ଚାରଣର ଶବଦ ଏକାଧାରେ ପରସ୍ପର ଯୁକ୍ତ କରି ବୁଝି ହେଲା ଭଳି ଅନ୍ତର ପାଇଲିଁ ନାହିଁ କିଛି, ଯେ ପର୍ଯ୍ୟନ୍ତ ବ୍ୟାକରଣରେ ବର୍ଣ୍ଣିତ ବର୍ଣ୍ଣାକ୍ଷର ଓ ଭିନ୍ନ ଭିନ୍ନ ଲିପି ନ ଦେଖିଲି !

ବିକଶିତ ଭାଷାଟିଏ ହୋଇଥାଏ ସାହିତ୍ୟରୁ ଜାତ, ଅନୁମେୟ ବୈଦିକ ସୂତ୍ରକାରଠାରୁ ହୋଇଥିବ ସାହିତ୍ୟ ସମ୍ଭୁତ । 'ବୋଲି' ଯଦି ବୋଲା ଯାଏ ନିର୍ଦ୍ଦିଷ୍ଟ ଭାଷାରେ, ଭାଷା ଜ୍ଞାନେ 'ବୋଲି' ମଧ୍ୟ ଅନୁରୂପ ବୁଝିବାରେ, 'ବୋଲି'ର ଅର୍ଥ ଯଦି ହୁଏ ବୋଧଗମ୍ୟ ଏକ ନିଦ୍ଧିଷ୍ଟ ଭାଷାରେ, ଲିପିର ସମ୍ୟକ୍ ସମତା ଯଦି ଥାଏ, ନିର୍ଦ୍ଦିଷ୍ଟ ଭାଷା ଓ 'ବୋଲି'ର ଲିପିରେ, 'ବର୍ଣ୍ଣାକ୍ଷର'ରେ ଯଦି ଥାଏ ସମାନତା ମାତ୍ର ଅନୁସ୍ୱାର, ଚନ୍ଦ୍ରବିନ୍ଦୁ ଓ ମାତ୍ରା ଆଦି ଆକାରରେ, ସାଥେ ସାଥେ ବର୍ଣ୍ଣର ଉଚ୍ଚାରଣରେ ଯଦି ହୁଏ କିଞ୍ଚିତ୍ ସମସ୍ୱର ଶ୍ରବ୍ୟ, 'ଭାଷା'ରେ ବ୍ୟବହୃତ ମୌଳିକ ବର୍ଣ୍ଣର ଲିପିର ଯଦି 'ବୋଲି'ରେ କୌଣସି ଅନ୍ୟ ବିକଳ୍ପ ନ ରହି ତଦ୍ ସାହାଯ୍ୟରେ 'ବୋଲି'ର ଉଚ୍ଚାରଣ କରାଯାଏ ଓ ଭାଷାର ଉଚ୍ଚାରଣରେ ତଥା 'ବୋଲି'ରେ ଯଦି



ପ୍ରଭାତ କାନ୍ତ ଦାଶ

ବିଶେଷ ପାର୍ଥକ୍ୟ ଅବା ତହିଁର କୌଣସି ଅନ୍ୟ ବିକଳ୍ପ ନ ଥାଏ, ସେହି କ୍ଷେତ୍ରରେ 'ଭାଷା' ଓ 'ବୋଲି'ର ସାମ୍ୟତା ନିର୍ଦ୍ଧାରଣରେ ସାମ୍ୟତା ଥିବା 'ଭାଷା'କୁ ଏକ ନିର୍ଦ୍ଧିଷ୍ଟ 'ବୋଲି'ର ଉଦଗମକ ବୋଲି କୁହା ଯାଇପାରେ !

'ବୋଲି' ହୁଏ ପ୍ରସାରିତ ନିର୍ଦ୍ଧିଷ୍ଟ ଭୌଗୋଳିକ ପରିମିତ କ୍ଷେତ୍ରରେ, ନିର୍ଦ୍ଧିଷ୍ଟ ପରିଧିସ୍ଥ ଏକ ପ୍ରାନ୍ତ ଅବା ଉପପ୍ରାନ୍ତରେ, 'ବୋଲି' ଯଦି ନୁହେଁ ହୃଦି ଗମ୍ୟ, ଲାଗେ ଭାଷା ଠାରୁ ତାହା ଅବିକଳ ଭିନ୍ନ, ଧରି ନିଆଯାଏ ପ୍ରଚଳିତ 'ବୋଲି'କୁ, ନିଶ୍ଚିତ ରୂପେ ତାହା ନିର୍ଦ୍ଧିଷ୍ଟ ଏକ ପ୍ରଚଳିତ ଭାଷା ଠାରୁ ଉଚ୍ଚାରଣ ଓ ଲିପିର ସ୍ୱାତନ୍ତ୍ର୍ୟ ଦୃଷ୍ଟେ ସର୍ବାଦୌ ଭିନ୍ନ !

ପ୍ରଚଳିତ ସମନ୍ୱିତ ଅନେକ ଭାଷାର ମଧ୍ୟରେ 'ବୋଲି' ମଧ୍ୟ ବିକଶିତ ହୁଏ ସମ୍ୟକ୍ ଭିନ୍ନ ରୂପରେ, ଭାଷାର ବର୍ଣ୍ଣାକ୍ଷର ଓ ଲିପି ମଧ୍ୟ ଅନୁରୂପେ ହୁଏ ବିକଶିତ, ସମ୍ୟକ୍ ଭିନ୍ନ ଆକାରରେ, ବଜାୟ ରହି ଥାଏ କିନ୍ତୁ, ମୌଳିକତା ଭାଷାର ମୂଳ ବର୍ଣ୍ଣାକ୍ଷର ଓ ଲିପିରେ ! ।

'ବୋଲି'ଟିଏ ଏକ ନିର୍ଦ୍ଧିଷ୍ଟ ଭାଷାର ଅନ୍ତର୍ଗତ ଅବା' ନୁହେଁ ଜାଣିବାକୁ ବର୍ଣ୍ଣାକ୍ଷରର ଉଚ୍ଚାରଣ ଶୁଣି ଓ 'ଲିପି' କୁ ଦେଖି କହିହୁଏ, ବୁଝି ହୁଏ, ବହୁ ଭାଷାର ସମ୍ମିଶ୍ରଣରେ ଓ ସାଂସ୍କୃତିକ ଆଦାନ ପ୍ରଦାନରେ ମଧ୍ୟ ଭିନ୍ନ 'ବୋଲି'ଟିଏ ବିକଶିତ ହୋଇପାରେ, ସାଂସ୍କୃତିକ ବୈଷମ୍ୟତାରେ, ଏକ ନିର୍ଦ୍ଧିଷ୍ଟ ସ୍ଥାନ ବିଶେଷରେ, ପ୍ରଥମେ 'ବୋଲି' ରୂପେ କାୟା ବିସ୍ତାର କରି ପରେ, ଭାଷାର ରୂପ ନେଇ ପାରେ, ଖଡିବୋଲି, ଗୁରୁମୁଖୀ, ହିନ୍ଦୀ, ୟୁନାନି, ପାର୍ସିର ମିଶ୍ରିତ ବ୍ୟବହାର ଓ ସେନା ଛାଉଣିର ତମ୍ବୁରୁ ଯେଉଁ ପରି

Download Magazine from www.aahwaan.com

ଉର୍ଦ୍ଦୁର ସ୍ୱତନ୍ତ୍ର ଭାଷା ରୂପରେ କ୍ରମ ବିକାଶ ଓ ସ୍ୱତନ୍ତ୍ର ଲିପିର ଅସ୍ତିତ୍ୱ ।

ତୁଳସୀ କୃତ ରାମ ଚରିତ ମାନସରେ ବ୍ୟବହୃତ ଗ୍ରାମ୍ୟ 'ବୋଲି'ର ରଚନା ଓ ରଚିତ ପ୍ରାନ୍ତିୟ ସ୍ଥାନରେ ମୁଖ୍ୟ ଭାବେ ପ୍ରଚଳିତ ଅବଧୀ ଭାଷା ଯେଉଁ ଭାବେ ଏକାଧାରରେ ସ୍ୱତନ୍ତ୍ର ଓ ସମନ୍ୱିତ ହିନ୍ଦୀ ଓ ବ୍ରଜଭାଷା ତଦନୁରୂପ ।

ଆଜକୁ ପ୍ରାୟ ଏକ ସହସ୍ର ବର୍ଷ ତଳେ ରାଜ କବି 'ଚନ୍ଦ ବରଦାଇ' ରଚିତ ଭାରତର ପ୍ରଥମ ଐତିହାସିକ କାବ୍ୟ ସାହିତ୍ୟ 'ପୃଥ୍ୱୀରାଜ ରାସୋ' ହିନ୍ଦୀ ଲିପି କିନ୍ତୁ, ଭାଷାରୁ ଭିନ୍ନ ତଥା ବ୍ରଜ ଭାଷାର ସାମଞ୍ଜସ୍ୟ ଥିବା ଏକ 'ବୋଲି'ରେ ଲିଖିତ ହୋଇ ଥିବାର ଦୃଷ୍ଟାନ୍ତ ରହିଛି ।

ତେଣୁ 'ବୋଲି' ଭାଷାର ଅବା ଭାଷା 'ବୋଲି'ର ଉଦଗମକ କହିବା ନିଶ୍ଚିତ ରୂପେ କଷ୍ଟସାଧ୍ୟ । ଯେ କୌଣସି ଭାଷାର ଏକ ମୌଳିକ ଶବ୍ଦ ଯଦି ନିଜର ମୌଳିକତାକୁ ଅକ୍ଷୁର୍ଣ୍ଣ ରଖି ପାରୁଥିବ ଓ କୌଣସି ଶବ୍ଦ ନତୁବା ବାକ୍ୟ ପ୍ରକାଶ ଅଥବା ଉଚ୍ଚାରଣ କରିବାରେ ସେହି ମୌଳିକତାକୁ ବଜାୟ ରଖି, ତହିଁରେ ନାନାଦି ମାତ୍ରା ବ୍ୟବହାର କରି ବା ନ କରି ନିର୍ଦ୍ଧିଷ୍ଟ ଏକ 'ବୋଲି' ନିଜ 'ବୋଲି'ର ଅଭିବ୍ୟକ୍ତି ପ୍ରକାଶ କରି ପାରୁଥିବ ତେବେ ତାହାକୁ ଉକ୍ତ 'ଭାଷା'ର 'ବୋଲି' ବୋଲି ନିରୂପିତ କରାଯାଇ ପାରୁଥିବାର ହୃଦବୋଧ ହୁଏ । ସେହି କ୍ଷେତ୍ରରେ ଭାଷା ଠାରୁ ଭିନ୍ନ ଏକ 'ବୋଲି' ନିଜର କୌଣସି ମୌଳିକତା ବା ସ୍ୱତନ୍ତ୍ର ଅସ୍ତିତ୍ୱ ହରେଇ ଦେବା ସ୍ୱାଭାବିକ । କୌଣସି ଏକ ଭାଷା ନିଜର ସ୍ୱତନ୍ତ୍ର ବ୍ୟାକରଣ ଓ

Download Magazine from www.aahwaan.com


ବର୍ଣ୍ଣମାଳାର ଦୃଷ୍ଟେ, ସଦା ମୌଳିକ ରୂପରେ ଓ 'ବୋଲି' ଟିଏ ଯୌଗିକତା ମଧ୍ୟରେ ଗତି କରି ନିଜର ଚିରନ୍ତନ ଅସ୍ତିତ୍ୱ ବଜାୟ ରଖିପାରେ । ଏହା କହିବା ବାହୁଲ୍ୟ ହୋଇ ନ ପାରେ ଯେ, ବହୁ ଭାଷୀ ରାଷ୍ଟ୍ରରେ ସାଂସ୍କୃତିକ ଆଦାନ ପ୍ରଦାନ, ଚାଲି ଚଳନ ଓ ମିଶ୍ରଣରୁ ଅନେକ 'ଭାଷା' ଓ 'ବୋଲି'ର ବିଭିନ୍ନ ଶବ୍ଦ ଗୁଡିକ ସ୍ଥାନ ବିଶେଷରେ, ପ୍ରତିବଦଳ ହୋଇ ଗୋଟିଏ ଅନ୍ୟକୁ ଆବୋରି ନେଇ ଥାଏ । ସଂଗୀତ ଶାସ୍ତ୍ର ଯେପରି ଗାନ୍ଧର୍ବ ଶାସ୍ତ୍ରକୁ ପାଥେୟ କରି ଭିନ୍ନ ଭିନ୍ନ ରାଗ ଓ ତାଳକୁ ଆବୋରି ନେଇ ମିଶ୍ରିତ କରି ନିଜକୁ ଅଧିକ ମାଧୁର୍ଯ୍ୟମୟ କରେ, ଠିକ୍ ସେହି ପରି, ପ୍ରଚଳିତ ଭାଷାର ବ୍ୟାପକତାରେ ଓ ବହୁଳ ଚାଳିଚଳଣି ଦୃଷ୍ଟେ, ଶାସ୍ତ୍ରସମ୍ମତ ବ୍ୟାକରଣକୁ ପାଥେୟ କରି ଓ ବର୍ଣ୍ଣମାଳାରେ ଉଦ୍ଧିଷ୍ଟ ଥିବା ବର୍ଣ୍ଣାକ୍ଷରରେ ସ୍ଥାନେ ସ୍ଥାନେ କିଛି କିଛି ଚନ୍ଦ୍ରବିନ୍ଦୁ, ହଲନ୍ତ, ଅନୁସ୍ୱାର ଓ ବିଭିନ୍ନ ମାତ୍ରା ଆଦିର ଯୋଗ ତଥା ଉହ୍ୟ କରି ନତୁବା ଯୁକ୍ତାକ୍ଷର ବ୍ୟବହାର କରି କାଳକ୍ରମେ ଏକ 'ବୋଲି'ର ସ୍ୱତନ୍ତ୍ର ଲିପି ବିକଶିତ ହୋଇ ପାରେ ଓ ଅଞ୍ଚଳଭେଦରେ ତାହା ଧିରେ ଧିରେ ଏକ ସ୍ୱତନ୍ତ୍ର ଭାଷାର ଅବୟବ ଗ୍ରହଣ କରି ସର୍ବଗ୍ରାହ୍ୟ ହୋଇପାରେ ! । ସେଥି ପାଇଁ, ବର୍ଣ୍ଣାକ୍ଷରର ମୂଳ ମୌଳିକତା ଓ ସ୍ୱର, ବ୍ୟଞ୍ଜନର ଉଚ୍ଚାରଣ ତଥା ଏକ ନିର୍ଦ୍ଧିଷ୍ଟ ଭାଷାର ଲିପିରେ ଥିବା ସାମ୍ୟତା ଅବା ବିଷମତାକୁ ଦୃଷ୍ଟିରେ ରଖି କୌଣସି ଏକ 'ଭାଷା' ଓ 'ବୋଲି ଚାଲି'ର ବିବେଚନା କରିବା ବୋଧହୁଏ ଯୁକ୍ତିଯୁକ୍ତ ଓ ବାଞ୍ଛନୀୟ ! । ॥

ବରିଷ୍ଠ ଆଇନଜୀବି, ବରଗଡ଼, ଓଡ଼ିଶା, ଭ୍ରାମ୍ୟଭାଷ : ୯୪୩୭୨୧୨୭୩୪୯

Download Magazine from www.aahwaan.com

# ବିଶେଷ ସୂଚନା

ଆହ୍ୱାନ ଇ-ପତ୍ରିକାର ଆଗାମୀ ସଂସ୍କରଣ : ଅଗଷ୍ଟ ୨୦୧୮

ଲେଖା ପଠାଇବାର ଶେଷ ତାରିଖ : ୩ ଅଗଷ୍ଟ ୨୦୧୮

ଲେଖା ପଠାଇବା ସମୟରେ ଇମେଲ୍‌ରେ ସବ୍‌ଜେକ୍ଟ ଲେଖିବେ :

Your name (**ଆପଣଙ୍କ ନାମ**) : August 2018

ଲେଖା ଗୁଡ଼ିକ ଯଦି ଓଡ଼ିଆରେ ଟାଇପ୍ କରି ୱାର୍ଡ଼ ଫାଇଲରେ ପଠାଇବେ ତା ହେଲେ ଆମକୁ ପୁଣିଥରେ ସେହି ସବୁ ଲେଖା ଟାଇପ୍ କରିବାକୁ ପଡ଼ିବ ନାହିଁ । ହାତ ଲେଖାକୁ ଫଟୋ ଉଠାଇ କିମ୍ବା ସ୍କାନ୍ କରି ଇମେଲ୍ ଆଟାଚ୍‌ମେଣ୍ଟ ଭାବରେ ପଠାଇବେ । ହସ୍ତଲେଖା ସୁନ୍ଦର ଓ ପଠନଯୋଗ୍ୟ ହେବା ଅନିବାର୍ଯ୍ୟ, ନଚେତ ଯଦି ପ୍ରକାଶନରେ କୌଣସି ତ୍ରୁଟି ରହେ ସେଥିପାଇଁ ସମ୍ପାଦକ ଦାୟୀ ରହିବେ ନାହିଁ ।

ଯଦି ଗଳ୍ପ ବା କାହାଣୀ କିମ୍ବା ପ୍ରବନ୍ଧ ପଠାଉଛନ୍ତି ତେବେ ଧ୍ୟାନ ଦିଅନ୍ତୁ, ପ୍ରତ୍ୟେକ ଶବ୍ଦ ମଧ୍ୟରେ କେବଳ ଗୋଟିଏ ଖାଲି ସ୍ଥାନ ଛାଡ଼ିବେ, କମା, ପୂର୍ଣ୍ଣଚ୍ଛେଦ, ଯୁକ୍ତାକ୍ଷର ଆଦି ବ୍ୟାକରଣ ତ୍ରୁଟି ପ୍ରତି ସାବଧାନ ରହି ଟାଇପ୍ କରିବେ । ବ୍ୟାକରଣଗତ ତ୍ରୁଟି ପାଇଁ ପ୍ରକାଶନରେ ଅହେତୁକ ବିଳମ୍ବ ହୁଏ । ତେଣୁ ଯଦି ସମ୍ଭବ ହେଉଛି ଆପଣଙ୍କ ନିକଟରେ ଥିବା କେହି ଓଡ଼ିଆ ବନ୍ଧୁଙ୍କ ଦ୍ୱାରା ନିଜ ଲେଖାକୁ ସଠିକ ଭାବରେ ପରୀକ୍ଷା କରି ନିଅନ୍ତୁ ।

ଲେଖା ସହିତ ନିଜର ଗୋଟିଏ ପାସପୋର୍ଟ୍ ଫଟୋ (ଯଦି ନାହିଁ, ତେବେ ଭଲ ଦେଖାଯାଉଥିବା ସୁନ୍ଦର ଫଟୋଟିଏ) ସହିତ ନିଜର ଠିକଣା ଲେଖି ପଠାଇବେ ।

ଆମର ଲେଖା ସଂଗ୍ରହ ଇମେଲ୍ : aahwaan@gmail.com

Download Magazine from www.aahwaan.com

ଆହ୍ୱାନ ଶତକ ସଂସ୍କରଣ

# ବିଶେଷ ସୂଚନା

ଦୟାକରି ପ୍ରତ୍ୟେକ ମାସର ସଂସ୍କରଣ ନିମନ୍ତେ କେବଳ ଗୋଟିଏ ବା ଦୁଇଟି ଲେଖା ହିଁ ପଠାନ୍ତୁ । କିଛି ବନ୍ଧୁ ଏକାଧିକ ଲେଖା ପଠାଇ ଆମକୁ ଚିନ୍ତାରେ ପକାଇ ଦେଉଛନ୍ତି । ଆମେ ସେ ମଧ୍ୟରୁ ଚୟନ କରିବାକୁ ଅସୁବିଧାର ସମ୍ମୁଖୀନ ହେଉଛୁ । ସୂଚନାଯୋଗ୍ୟ ଯେ କିଛି ବନ୍ଧୁ ବିଗତ ମାସରେ ଅନ୍ୟୁନ ଦଶରୁ ଅଧିକ କବିତା ପଠାଇଛନ୍ତି । ଏହାଦ୍ୱାରା ଆମ ଇମେଲ୍ ବକ୍ସ ଭର୍ତ୍ତି ହେଉଛି ଏବଂ ସମ୍ପାଦନା କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି ।


ବାରମ୍ବାର ଅନୁରୋଧ ସତ୍ତ୍ୱେ ଅନେକ ବନ୍ଧୁ ଟାଇପ୍ ନ କରି ଲେଖା ପଠାଉଛନ୍ତି । ଏହା ଫଳରେ ଆମକୁ ସମ୍ପାଦନା ପୂର୍ବରୁ ଅନ୍ୟୁନ ଅର୍ଦ୍ଧାଧିକ ପୃଷ୍ଠା ନିଜେ ଟାଇପ୍ କରିବାକୁ ପଡୁଛି ଏବଂ ଏଥିପାଇଁ ପତ୍ରିକା ପ୍ରକାଶନରେ ବିଳମ୍ବ ଦେଖା ଦେଉଛି । ଦୟାକରି ନିଜସ୍ୱ ଲେଖା ଟାଇପ୍ କରି ମାଇକ୍ରୋସଫ୍ଟ ୱାର୍ଡ୍ ଫାଇଲରେ ପଠାନ୍ତୁ । ଯଦି ଟାଇପ୍ କରି ପାରୁନାହାନ୍ତି ତା ହେଲେ ଅନ୍ୟ ଉପାୟ କରନ୍ତୁ । ପିଡ଼ିଏଫ୍ ଫାଇଲରେ ପଠାଉଥିବା ଲେଖାକୁ ୱାର୍ଡ୍ ଫାଇଲରେ ପଠାନ୍ତୁ ।

ହ୍ୱାଟ୍ସଆପ୍‌ରେ ଲେଖା ପଠାନ୍ତୁ ନାହିଁ । ଏହା ସ୍ୱୀକାର୍ଯ୍ୟ ହେବନାହିଁ । କେବଳ ଇମେଲ୍ ଦ୍ୱାରା ହିଁ ଲେଖା ପଠାନ୍ତୁ ।

**ପତ୍ରିକାରେ ଥିବା ବ୍ୟାକରଣଗତ ତ୍ରୁଟି ପାଇଁ ସମ୍ପାଦକ କ୍ଷମାପ୍ରାର୍ଥୀ ।**

ଆମ ଇମେଲ୍ ଠିକଣା :

**aahwaan@gmail.com**




ଯେଉଁ ବନ୍ଧୁମାନଙ୍କର ଲେଖା ଚଳିତ ସଂସ୍କରଣରେ ସ୍ଥାନ ପାଇପାରିନାହିଁ, ସେମାନେ ହତୋତ୍ସାହିତ ହୁଅନ୍ତୁ ନାହିଁ । ପୁଣିଥରେ ନିଜ ଲେଖାକୁ ଇମେଲ୍ ଦ୍ୱାରା ଆମ ନିକଟକୁ ପଠାନ୍ତୁ । ଆହ୍ୱାନ ପ୍ରତିମାସରେ ପ୍ରକାଶିତ ହୁଏ । ଯଦି ଆପଣଙ୍କ ଲେଖାକୁ ବିନା ଅପେକ୍ଷାରେ ପ୍ରକାଶିତ କରିବାକୁ ଚାହୁଁଛନ୍ତି ତେବେ ଗୁଗୁଲ୍ ପ୍ଲେ ଷ୍ଟୋରରୁ 'Odia Sahitya' ଆପ୍ ଡାଉନଲୋଡ୍ କରି ମୋବାଇଲ୍‌ରେ ଇନ୍‌ଷ୍ଟାଲ୍ କରନ୍ତୁ ଏବଂ ଯେ କୌଣସି ସମୟରେ ଲେଖା ପ୍ରକାଶିତ କରନ୍ତୁ ।

